

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-119 ◆SUNDAY ◆26 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୯ ◆ରବିବାର ◆୨୬ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# କାକିନାଡ଼ାରେ ମାଡ଼ହେବ ମୋନ୍ଥା!

## ୨୮ରେ ଲ୍ୟାଣ୍ଡଫଲ୍; ୯୦ରୁ ୧୦୦ କିମି ବେଗରେ ବହିବ ପବନ

■ ଭୁବନେଶ୍ୱର, ୨୫।୧୦ (ସମିସ): ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଶୁକ୍ରବାର ସୃଷ୍ଟ ଲଘୁଚାପ ଅବପାତର ରୂପ ନେଇ ଆନ୍ଧ୍ର ଉପକୂଳ ଆଡ଼କୁ ମାଡ଼ି ଆସୁଛି। ଆସନ୍ତା ୨୭ ତାରିଖ ସୋମବାର ସକାଳେ ଏହା ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ରୂପ ନେବ ଏବଂ ୨୮ ତାରିଖ ସନ୍ଧ୍ୟା ସୁଦ୍ଧା ଆନ୍ଧ୍ର ପ୍ରଦେଶର ମଛଲିପଟ୍ଟନମ୍-କଳିଙ୍ଗପଟ୍ଟନମ୍ ମଧ୍ୟରେ କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବ। (ଲ୍ୟାଣ୍ଡଫଲ୍) ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣିପାଗ ବିଭାଗର ଏହି ପ୍ରାଥମିକ ଆକଳନ ପରେ ସମ୍ଭାବ୍ୟ ବାତ୍ୟାର ଗତିପଥକୁ ନେଇ ଆପାତତଃ ଦ୍ୱନ୍ଦ୍ୱ ଦୂର ହୋଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଅବପାତଟି ଶନିବାର ସକାଳ ୧୧ଟା ୩୦ ମିନିଟ ସୁଦ୍ଧା ପୋର୍ଟ ବ୍ଲେୟରଠାରୁ ୪୬୦ କିମି ପଶ୍ଚିମ-ଦକ୍ଷିଣ ଦିଗରେ, କାକିନାଡ଼ାଠାରୁ ୯୭୦ କିମି ଦକ୍ଷିଣ-ପୂର୍ବ ଦିଗରେ ଏବଂ ଗୋପାଳପୁରଠାରୁ ୧୦୩୦ କିମି ଦକ୍ଷିଣ-ପୂର୍ବ ଦିଗରେ ରହିଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ କ୍ରମଶଃ ପଶ୍ଚିମକୁ ଘଣ୍ଟାପ୍ରତି ୭ କିଲୋମିଟର ଦିଗରେ ଗତି କରୁଛି। ଆସନ୍ତାକାଲି ୨୬ ତାରିଖ ସୁଦ୍ଧା ଏହା ଗଭୀର ଅବପାତ ଓ ୨୭ ତାରିଖ ସକାଳ ସୁଦ୍ଧା ଦକ୍ଷିଣ-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୮ ତାରିଖ ସକାଳ ସୁଦ୍ଧା ଏକ ଭୀଷଣ ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ରାତି ସୁଦ୍ଧା କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁପାରେ ବୋଲି ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୯୦ରୁ ୧୦୦ କିଲୋମିଟର ମଧ୍ୟରେ ରହିବ। ସ୍ଥଳବିଶେଷରେ ଝଟ୍‌କା ପବନର ବେଗ ୧୧୦ କିମି ବେଗରେ ପବନ ବହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।



### ୨୭ରୁ ୩୦ ତାରିଖ ଯାଏଁ ଓଡ଼ିଶାରେ ପ୍ରବଳ ବର୍ଷା

ବାତ୍ୟା ପ୍ରଭାବରେ ଆନ୍ଧ୍ର-ଓଡ଼ିଶା ଉପକୂଳ ଓ ଏହା ସଂଲଗ୍ନ କେତେକ ଜିଲ୍ଲା ସହ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ପ୍ରବଳ ବର୍ଷା ହେବ। ଏପରିକି କେତେକ ଜିଲ୍ଲାରେ ପବନ ସହ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ତେବେ ୨୮ ଓ ୨୯ ▶ପୃଷ୍ଠା-୭

## ପ୍ରଭାବିତ ହେବ ଓଡ଼ିଶାର ୧୫ ଜିଲ୍ଲା

■ ଭୁବନେଶ୍ୱର, ୨୫।୧୦ (ସମିସ): ସମ୍ଭାବ୍ୟ ବାତ୍ୟା ମୋନ୍ଥା ଦ୍ୱାରା ରାଜ୍ୟର ୧୫ଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ଅତୀତର ଅନୁଭବ ଓ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

### ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ

### ୯ ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍

ଶନିବାର ସ୍ଥାନୀୟ ରାଜୀବ ଭବନଠାରେ ସମ୍ଭାବ୍ୟ ବାତ୍ୟାର ପୂର୍ବ ପ୍ରସ୍ତୁତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ତ୍ରୀ ଶ୍ରୀ ପୂଜାରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂ ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ସହ ବାତ୍ୟା ପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ବୈଠକ ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ୨୭, ୨୮ ଓ ୨୯ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ଏଥିରେ ରାଜ୍ୟର ୧୫ଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ମୁକାବିଲା ସ୍ୱରୂପ, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି। ସରକାର କୃଷି, ଜଳସମ୍ପଦ, ଶକ୍ତି, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ସମବାୟ, ▶ପୃଷ୍ଠା-୭



# ଇନ୍ଦୋରରେ ଲଜ୍ଜା

## ଅଷ୍ଟ୍ରେଲିଆ ମହିଳା କ୍ରିକେଟର୍‌ଙ୍କୁ ଅସଦାଚରଣ

■ ଇନ୍ଦୋର, ୨୫।୧୦ (ଏଜେନ୍ସି): ଭାରତରେ ବିଶ୍ୱକପ୍ କ୍ରିକେଟ ଖେଳିବାକୁ ଆସିଥିବା ଅଷ୍ଟ୍ରେଲିଆ ଦଳର ଦୁଇ ଜଣ ମହିଳା ଖେଳାଳି ଅସାଦଚରଣର ଶିକାର ହୋଇଛନ୍ତି। ଇନ୍ଦୋରରେ ଗତ ଗୁରୁବାର ହୋଇଥିବା ଏହି ଘଟଣାରେ ସଂପୃକ୍ତ ଯୁବକକୁ ଗିରଫ କରାଯାଇଛି। ତେବେ ଏହାକୁ ନେଇ ଲଜ୍ଜାଜନକ ପରିସ୍ଥିତି ପରିସ୍ଥିତି ସୃଷ୍ଟି ହୋଇଛି। ବିସିସିଆଇ ଏହାର ଘୋର ନିନ୍ଦା କରିଥିଲା ବେଳେ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟପ୍ରଦେଶ ସରକାରଙ୍କ ନିକଟରେ ଦାବି କରିଛି।

ମିଳିଥିବା ରିପୋର୍ଟ ଅନୁଯାୟୀ ଅଷ୍ଟ୍ରେଲୀୟ ଖେଳାଳି ହୋଟେଲ ବାହାରକୁ ଗୁରୁବାର ବୁଲିବାକୁ ଯାଇଥିଲେ। ଦିନ ୧୧ଟା ବେଳେ ଖେଳାଳିମାନେ ହୋଟେଲ ନିକଟରୁ ୩ କିଲୋମିଟର ଦୂର ଖଜରାନା ରୋଡ୍‌ରେ ଥିବା ଏକ କାଫେକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ମୋଟର ସାଇକଲରେ ଜଣେ ଯୁବକ ଦୁଇ ଜଣ ଖେଳାଳିଙ୍କ ନିକଟକୁ ଆସି ସେମାନଙ୍କୁ ସ୍ପର୍ଶ କରିବାକୁ ଉଦ୍ୟମ କରିଥିଲା। ଅନ୍ୟ ଖେଳାଳି ଓ ସୁରକ୍ଷା କର୍ମୀ ଏହାର ପ୍ରତିବାଦ କରିବାରୁ ଯୁବକ ଜଣକ ସେଠାରୁ ପଳାଇଥିଲା।

ଏହି ଘଟଣା ପରେ ଖେଳାଳିମାନେ ଅଷ୍ଟ୍ରେଲିଆ ଟିମ୍‌ର ସିକ୍ୟୁରିଟି ମ୍ୟାନେଜର ଡାନି ସିମନ୍ସଙ୍କୁ ଜଣାଇଥିଲେ। ସିମନ୍ସ ସ୍ଥାନୀୟ ଏମ୍‌ଆଇଜି ପୁଲିସ ଥାନାରେ ଏଫଆଇଆର୍ ଦେଇଥିଲେ। ଏଫଆଇଆର ପାଇବା ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ଆକ୍ୱିଲ ଖାନ୍‌କୁ ଗିରଫ କରିଛି। ତା ବିରୋଧରେ ଭାରତୀୟ ▶ପୃଷ୍ଠା-୭

ଟ୍ରମ୍ପଙ୍କୁ ସଟ୍‌ଡାଉନ୍ ଅଡୁଆ

# ବନ୍ଧୁଙ୍କ ଅର୍ଥରେ ସେନାକୁ ଦେଲେ ଦରମା

■ ୱାସିଂଟନ, ୨୫।୧୦ (ଏଜେନ୍ସି): ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜଣେ ବନ୍ଧୁଙ୍କ ସହାୟତାରେ ଆମେରିକା ସେନାବାହିନୀକୁ ଦରମା ଦିଆଯାଇଛି। ଆମେରିକାର ଚାଲିଥିବା ସଟ୍‌ଡାଉନ୍ କାରଣରୁ ଏବେ ସରକାରଙ୍କ ପାଖରେ ଅର୍ଥ ନାହିଁ। ସେନାବାହିନୀକୁ ଦରମା ଦେବା ପାଇଁ ଟ୍ରମ୍ପଙ୍କ ବନ୍ଧୁଙ୍କ ସହାୟତାରେ 'ଗୁପ୍ତଦାନ' କରାଯାଇଛି ବୋଲି ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ୍ ତରଫରୁ ଶୁକ୍ରବାର କୁହାଯାଇଛି। ୧୩୦ ନିୟୁତ ଆମେରିକୀୟ ଡଲାର (ପାଖାପାଖି ୧୧୧୦ କୋଟି ଟଙ୍କା) ଗୁପ୍ତଦାନ ମାଧ୍ୟମରେ ମିଳିଛି ବୋଲି ପେଣ୍ଟାଗନ ସ୍ପଷ୍ଟ କରିଛି। ଟ୍ରମ୍ପଙ୍କ ଜଣେ ଅଜଣା ବନ୍ଧୁ ଏହି ଦାନ ଦେଇଛନ୍ତି। ସଟ୍‌ଡାଉନ କାରଣରୁ ସରକାର ସେନାକୁ ଦରମା ଦେଇପାରୁ ନଥିବାରୁ ଏହି ଗୁପ୍ତ ଦାନ ଗ୍ରହଣ କରାଯାଇଛି। ଗୁରୁବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏ ନେଇ ସମସ୍ତଙ୍କୁ ଅବଗତ କରାଇଥିଲେ ଓ ଦାନ ଦେଇଥିବା ବ୍ୟକ୍ତିଙ୍କୁ ଦେଶଭକ୍ତ ବୋଲି କହିଥିଲେ। ତେବେ ସେ ତାଙ୍କର ଏହି ବନ୍ଧୁଙ୍କ ପରିଚୟ ଦେଇ ନଥିଲେ। କାରଣ ▶ପୃଷ୍ଠା-୭



## କାମ କରୁନି ଆର୍‌ବିଆଇର ନୂଆ ନିୟମ

# ଦିନକରେ ହୋଇପାରୁନି ଚେକ୍ କ୍ଲିୟରିଂ

■ ଭୁବନେଶ୍ୱର, ୨୫।୧୦ (ସମିସ): ଅକ୍ଟୋବର ୪ ତାରିଖରୁ ସାରା ଦେଶରେ ଆରମ୍ଭ ହୋଇଛି ଗୋଟିଏ ଦିନରେ 'ବ୍ୟାଙ୍କ ଚେକ୍ କ୍ଲିଅରିଂ' ବ୍ୟବସ୍ଥା। ଅର୍ଥାତ ଗୋଟିଏ ଦିନରେ ସକାଳ ୧୦ଟାରୁ ୪ଟା ମଧ୍ୟରେ ବ୍ୟାଙ୍କରେ ଜମା ହୋଇଥିବା ଚେକ୍ ସେହିଦିନ ସନ୍ଧ୍ୟା ୭ଟା ମଧ୍ୟରେ କ୍ଲିଅର ହୋଇପାରିବ। ପ୍ରଥମ ପର୍ଯ୍ୟାୟରେ ୨୦୨୫ ଅକ୍ଟୋବର ୪ରୁ ୨୦୨୬ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଉଛି ଓ ପରବର୍ତ୍ତୀ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୩ରୁ କାର୍ଯ୍ୟକାରୀ ହେବ ବୋଲି ରିଜର୍ଭ ବ୍ୟାଙ୍କ ଘୋଷଣା କରିଛି। ମାତ୍ର ବ୍ୟାଙ୍କ୍‌ଗୁଡ଼ିକରେ ବ୍ୟବସ୍ଥାର ସୁଦୃଢ଼ୀକରଣ କରାନଯାଇ ତରବରିଆ ଭାବେ ଏହାକୁ କାର୍ଯ୍ୟକାରୀ କରାଯାଇଥିବାରୁ ଗୋଟିଏ ଦିନରେ ଚେକ୍ କ୍ଲିୟର ସମ୍ଭବ ହୋଇପାରୁ ନାହିଁ। ଏହାକୁ ନେଇ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାରମ୍ପରିକ ଚେକ୍ କ୍ଲିୟରିଂ ବ୍ୟବସ୍ଥାରେ ସୃଷ୍ଟି ହେଉଥିବା ସମସ୍ୟା ଦୂର ପାଇଁ କାର୍ଯ୍ୟକାରୀ ଏହି ବ୍ୟବସ୍ଥା କେବଳ ଶ୍ରୁତିମଧୁର ଘୋଷଣା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଅଭିଯୋଗ ହେଉଛି।



### ବ୍ୟାଙ୍କରେ ନାହାନ୍ତି ଉଚ୍ଚ ଦକ୍ଷତା ସମ୍ପନ୍ନ କର୍ମଚାରୀ

### ହଇରାଣ ହେଉଛନ୍ତି ଗ୍ରାହକ

ଅଧିକାଂଶ ବ୍ୟାଙ୍କରେ ଏବେ ବି ପୂର୍ବ ଧାରା ଅବ୍ୟାହତ ରହିଛି ଓ ଚେକ୍ କ୍ଲିୟର ହେବା ପାଇଁ ପୂର୍ବପରି ତିନି ଚାରିଦିନ ଓ ସ୍ଥଳ ବିଶେଷରେ ସପ୍ତାହଟିଏ ବି ଲାଗୁଥିବା ଦେଖାଯାଉଛି। ଫଳରେ ପୁରୁଣା ଧରାବନ୍ଧା ବିଳମ୍ବକୁ ହ୍ରାସ କରିବା ଓ ଦେୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ସାଧନ ହୋଇ ପାରୁନାହିଁ। ନୂତନ ବ୍ୟବସ୍ଥାରେ ଜମା ହୋଇଥିବା ଚେକ୍‌କୁ ସ୍କାନ କରି ମୂଳ ବ୍ୟାଙ୍କକୁ ପଠାଯିବା ପରେ ସେହିଦିନ ଦେୟ କ୍ଲିୟର କରାଯିବାର ▶ପୃଷ୍ଠା-୭

## ୫ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ

# ଆରମ୍ଭ ହେବ 'ବି-ମାନ' ଏକୀକୃତ ଯୋଜନା

■ ଭୁବନେଶ୍ୱର, ୨୫।୧୦ (ସମିସ): ରାଜ୍ୟରେ ବିମାନ ଚଳାଚଳର ସମସ୍ତ ଦିଗକୁ ଏକ ବ୍ୟାପକ ଢାଞ୍ଚା ଅଧୀନରେ ଆଣିବା ପାଇଁ ରାଜ୍ୟ ସରକାର 'ବି-ମାନ' ଏକୀକୃତ ଯୋଜନା ଆଣିବାକୁ ଯାଉଛନ୍ତି। ଏହି ଯୋଜନାକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଯୋଜନା ପାଇଁ ୨୦୨୫ରୁ ୨୦୩୦ ଯାଏଁ ମୋଟ ୪୧୮୨ କୋଟି ଟଙ୍କା ଖର୍ଚ୍ଚ ହେବ। ଶନିବାର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୪ଟି ବିଭାଗର ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ, 'ବି-ମାନ' ଏକୀକୃତ ଯୋଜନା ଅଧୀନରେ ପୂର୍ବ ଭାରତରେ ଓଡ଼ିଶାକୁ ଏକ ଅଗ୍ରଣୀ ବିମାନ ଚଳାଚଳ କେନ୍ଦ୍ର ଭାବେ ସ୍ଥାନ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସରକାର ମୋଟ ୪୧୮୨ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ଅଧୀନରେ ଆଞ୍ଚଳିକ ପ୍ରବେଶ ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରିବା ପାଇଁ ଅନୁନ୍ନତ ଅଞ୍ଚଳରେ ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ବିମାନବନ୍ଦର ସମେତ ରାଜ୍ୟବ୍ୟାପୀ ବିମାନବନ୍ଦର ଏବଂ ହେଲିପୋର୍ଟଗୁଡ଼ିକର ବିକାଶ ଓ ରକ୍ଷଣାବେକ୍ଷଣ କରାଯିବ। 'ଉଡାନ' ଏବଂ ଅନ୍ୟାନ୍ୟ ଯୋଜନା ଅଧୀନରେ ପ୍ରମୁଖ ସହରଗୁଡ଼ିକ ସହିତ ଟାୟାର-୨ ଏବଂ ଟାୟାର-୩ ସହରଗୁଡ଼ିକୁ ସଂଯୋଗ କରି ଆଞ୍ଚଳିକ ବିମାନ ସଂଯୋଗକୁ ବୃଦ୍ଧି କରିବା ସକାଶେ ବିମାନ କମ୍ପାନୀଗୁଡ଼ିକୁ 'ଭାଇବିଲିଟି ଗ୍ୟାପ୍ ଫଣ୍ଡିଂ' ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବ। ସେହିପରି ବିଜୁ ପଟ୍ଟନାୟକ ବିମାନବନ୍ଦର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଶ୍ୱସ୍ତରୀୟ ଏମଆରଓ ସୁବିଧା ପ୍ରତିଷ୍ଠା ଏବଂ କାର୍ଯ୍ୟକ୍ଷମ କରାଯିବ। ଏତଦ୍ ବ୍ୟତୀତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନ, କାର୍ଗୋ ଏବଂ ଲଜିଷ୍ଟିକ ବିକାଶ, ସାମର୍ଥ୍ୟ ବୃଦ୍ଧି ଓ ଦକ୍ଷତା ବିକାଶ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

### ୫ ବର୍ଷରେ ଖର୍ଚ୍ଚହେବ ୪୧୨୮ କୋଟି

ସେହିପରି ଅନ୍ୟ ଏକ ପ୍ରସ୍ତାବକ୍ରମେ କ୍ୟାବିନେଟ ୫୧୨ କୋଟି ଟଙ୍କା ବ୍ୟୟରେ ନୂତନ ଯୋଜନା ଆହାରକୁ ଅନୁମୋଦନ ଦେଇଛନ୍ତି। ▶ପୃଷ୍ଠା-୭

# ମୟୂରଭଞ୍ଜରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ



### ୫ଜଣଙ୍କ ନାଁରେ ଏତଲା; ୩ ଗିରଫ

■ ମୋରଡ଼ା/ରାସଗୋବିନ୍ଦପୁର, ୨୫।୧୦ (ସମିସ): ମୟୂରଭଞ୍ଜରେ ପୁଣି ଲଜ୍ଜା। ଯାତ୍ରା ଦେଖି ଫେରୁଥିବା ଦୁଇ ନାବାଳିକାଙ୍କୁ ୫ଜଣ ଯୁବକ ବାଟ ଅଧରୁ ଟେକିନେଇ ଏକ କେନାଲ ନିକଟରେ ଗଣଦୁଷ୍କର୍ମ କରିଛନ୍ତି। ଅଭିଯୋଗ ମିଳିବା ପରେ ପୁଲିସ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ଗଣଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ଦ୍ୱୟଙ୍କ ଘର ରାସଗୋବିନ୍ଦପୁର ଥାନା ଅଞ୍ଚଳରେ। ଗତ ୨୨ତାରିଖ ବୁଧବାର ରାତିରେ ନଳଗଜା ଗ୍ରାମରେ ପଡ଼ିଥିବା ଯାତ୍ରା ଦେଖିବାକୁ ଦୁହେଁ ନିଜର ଦୁଇ ପୁରୁଷ ▶ପୃଷ୍ଠା-୭

## ଲଭ୍-ସେକ୍ସ-ଧୋକା

# ଗିରଫ ହେଲେ ଏୟାରପୋର୍ଟ ଡିଜିଏମ୍

■ ଭୁବନେଶ୍ୱର, ୨୫।୧୦ (ସମିସ): ପୁଣି ଲଭ୍-ସେକ୍ସ ଧୋକା ମାମଲାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରର ଡିଜିଏମ୍(ଅପରେସନ) ଉମାକାନ୍ତ ପଟେଲ ଗିରଫ ହୋଇଛନ୍ତି। ବିମାନବନ୍ଦରରେ କାର୍ଯ୍ୟରତ ଜଣେ ଯୁବତୀଙ୍କ ଅଭିଯୋଗ ଆଧାରରେ ଏୟାରପୋର୍ଟ ଥାନା ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୀଡ଼ିତା ଯୁବତୀ ଜଣଙ୍କ ଡିଜିଏମ୍‌ଙ୍କ ବିରୁଦ୍ଧରେ ଅଭିଯୋଗ ନେଇ ଏକାଧିକ ଥର ଏୟାରପୋର୍ଟ ଥାନାକୁ ଯାଇଥିଲେ ମଧ୍ୟ ପୁଲିସ ▶ପୃଷ୍ଠା-୭



### ବିବାହିତ ହୋଇ ବି ଏୟାରଲାଇନ୍ସର ଯୁବତୀଙ୍କ ସହ ରଖିଥିଲେ ସମ୍ପର୍କ




# କମ୍ୟୁନିଷ୍ଟ ଇସ୍ତାହାରକୁ ଓଡ଼ିଆରେ ଅନୁବାଦ କରିଥିଲେ ଭଗବତୀ ପାଣିଗ୍ରାହୀ



ରାଉରକେଲା,୨୫।୧୦(ସମିସ): ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧ ଦିବସରେ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଶକ୍ତିନଗରସ୍ଥିତ ଏକେଜି ଭବନଠାରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରାଜକିଶୋର ପ୍ରଧାନ ଭଗବତୀଙ୍କ ବଳିଦାନ ଓ ଜୀବନ ସଂଘର୍ଷ ସମ୍ପର୍କରେ ଆଲୋଚନା କରିବା ସହିତ ସେ ସାମ୍ୟବାଦୀ ଚିନ୍ତା ଚେତନାର ଭଗୀରଥ ଥିଲେ ବୋଲି କହିଥିଲେ। ମାର୍କ୍ସବାଦୀ ଦର୍ଶନ, ଗରିବ ଖଟିଖିଆ ଶୋଷିତ ଜନଗଣଙ୍କ ସେ ସ୍ୱର ଥିଲେ ବୋଲି କହିଥିଲେ। ଏହି ସ୍ମୃତି ସଭାରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା କମ୍ୟୁନିଷ୍ଟ ଇସ୍ତାହାର ସମ୍ପର୍କରେ ଆଲୋଚନା କରି କହିଥିଲେ, ଭଗବତୀ ଓଡ଼ିଆରେ କମ୍ୟୁନିଷ୍ଟ ଇସ୍ତାହାରକୁ ଅନୁବାଦ କରିଥିଲେ। ତାଙ୍କର ଜୀବନ ସମ୍ପୂର୍ଣ୍ଣ ସଂଘର୍ଷପୂର୍ଣ୍ଣ ଥିଲା। ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ସୁରେନ୍ଦ୍ର ଦାଶ ପ୍ରମୁଖ ଭଗବତୀଙ୍କ ସ୍ମୃତି ଚାରଣ କରିଥିଲେ। ସମ୍ପାଦକ ମଣ୍ଡଳୀ ସଦସ୍ୟ ବି ପି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା କମିଟି ସଦସ୍ୟା ତାଜମୁନ ନେହାର, ଅଜୟ ଶର୍ମା, ଭାଗୀରଥି ଟୁଡୁ, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ସୁରେନ୍ଦ୍ର ମହାନ୍ତି, ଅରୁଣ ମହାରଣା, ସୁଧାଂଶୁ ଜେନା, ଅନାଦି ସାହୁ, ଏନ୍ କେ ରାଉତରାୟ, ପ୍ରମୋଦ ପରିଡ଼ା ପ୍ରମୁଖ ଭଗବତୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# 'ଶିଶୁମାନେ ଦେଶର ମୂଳଦୁଆ'

ରାଉରକେଲା,୨୫।୧୦(ସମିସ)

'ସୁରଭି' ଶିଶୁ ମହୋତ୍ସବ କେବଳ ଏକ ସାଂସ୍କୃତିକ ମହୋତ୍ସବ ନୁହେଁ ବରଂ ଏହା ହେଉଛି କୋମଳମତି ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ସାମଗ୍ରିକ ଅଲୌକିକ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ଏହା ହେଉଛି ଏକ ସୁନ୍ଦର ପ୍ରୟାସ ବୋଲି ସୋନାପର୍ବତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି।

ଦେଓଗାଁ ଉତ୍କଳମଣି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସୁନ୍ଦରଗଡ ଜିଲ୍ଲା ବିଶ୍ରା ବ୍ଲକ ଅନ୍ତର୍ଗତ ସୋନାପର୍ବତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟରେ ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ ଉକ୍ତ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ରା ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶିଷ୍ଟ ଶିକ୍ଷାବିତ୍ ସୁପ୍ରଭାତ ବେହେରା ଯୋଗଦେଇ



କହିଲେ ଯେ ପାଠପଢ଼ା ସହ ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ରହିଥିବା ବିବିଧ ପ୍ରତିଭାକୁ ଆବିଷ୍କାର କରିବା ପାଇଁ ଏହି ମହୋତ୍ସବ ମାଧ୍ୟମରେ ଏହି ପ୍ରତିଯୋଗିତାରେ ଆୟୋଜିତ ହୋଇଆସୁଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ରୁକ୍ମଣୀ ସାହୁ ଯୋଗଦେଇ ଶିଶୁମାନଙ୍କୁ ଦେଶର ଭବିଷ୍ୟତ ବୋଲି କହିବା ସହ ସେମାନେ ହେଉଛନ୍ତି ବାସ୍ତବରେ ଦେଶର ଭବିଷ୍ୟତ ପୁଂଜି ବା ବ୍ୟାଙ୍କ୍ ଜମା। ଏହି ଅବସରରେ ସମ୍ମାନିତ ବକ୍ତା ଭାବେ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଯୋଗ ଦେଇ କହିଲେ ଶିଶୁମାନେ ହେଉଛନ୍ତି ଅକ୍ଷୟ ଶକ୍ତିର ଭଣ୍ଡାର। ସେମାନଙ୍କ ମଧ୍ୟରେ ଭରି ରହିଥିବା ନବ ସୃଜନର ଆବିଷ୍କାରକ ହେଉଛନ୍ତି ଶିକ୍ଷକମାନେ। ଏହି ଅବସରରେ ଅବସର ପ୍ରାପ୍ତ ଏବିଇଓ ପଣ୍ଡିତ କୃପାସିନ୍ଧୁ ପତି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିବିଧ ଶ୍ଳୋକ ଆବୃତ୍ତି ମାଧ୍ୟମରେ ଶିଶୁମାନଙ୍କୁ ଦେଶର ଭବିଷ୍ୟତ ବିନ୍ଧାଣୀ ବୋଲି କହିଥିଲେ। ଏହି ଅବସରରେ ବିର୍ସାମୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପିତା ନାୟକ, ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ପଟେଲ ମଞ୍ଚାସୀନ ଥିଲା ବେଳେ ସିଆରସିସି ସତ୍ୟାନନ୍ଦ ପରିଡା ମଞ୍ଚ ପରିଚାଳନା କରିଥିଲେ। ସେହିପରି ପୂର୍ବାହ୍ନରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସାମ୍ବାଦିକ ମନୋରଞ୍ଜନ ଦାଶ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସମାଜସେବୀ ଅଶୋକ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ସୋନାପର୍ବତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁନମ ହରୋ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଭୁତି ଭୂଷଣ ମିଶ୍ର, ସତ୍ୟଜିତ ପାତ୍ରଙ୍କ ସମେତ ଅନ୍ୟମାନେ ସେଗ କରିଥିଲେ।

# ଗୋପବନ୍ଧୁପାଲିରେ କାଳୀ ପୂଜା ସମ୍ପନ୍ନ

ରାଉରକେଲା,୨୫।୧୦(ସମିସ): ଗୋପବନ୍ଧୁପାଲିରେ ୬୦ବର୍ଷଧରି ପୁରୁଣା ମନ୍ଦିରରେ ମା' କାଳୀଙ୍କ ପୂଜାର୍ଚ୍ଚନା କରାଯାଇଆସୁଛି। ଚଳିତବର୍ଷ ମଧ୍ୟ ମା'ଙ୍କ ପୂଜା କରାଯାଇଥିଲା। ଗତ ୨୦ ତାରିଖ ରାତିରୁ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଥିବାବେଳେ ୨୨ ତାରିଖରେ ପ୍ରସାଦ ବଣ୍ଟନ, ୨୩ ତାରିଖ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯୁବ ନେତା ଅମିତ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଭଜନ ସନ୍ଧ୍ୟାରେ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବିଭସ୍ୱ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିହାରୀ ଯୁବ ମଞ୍ଚର ସଭାପତି ତଥା ପୂର୍ବତନ କାଉନସିଲର ବ୍ରିଜେଶ ମହାତୋ, ପୂର୍ବତନ କାଉନସିଲର ଇନ୍ଦ୍ରାବତୀ ମଣ୍ଡଳ, ବିଜେଡି ନେତା ବୀରେନ ସେନାପତି, କଂଗ୍ରେସ ନେତା ଏବଂ ବିହାର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସଭାପତି ରବି ରାୟ, ମା ବୈଷ୍ଣୋଦେବୀ ପରିବାରର ପ୍ରତିଷ୍ଠାତା ସୁରେଶ ସିଂହ, ମା ବୈଷ୍ଣୋଦେବୀ ପରିବାରର ଉପାଧ୍ୟକ୍ଷ କୁନୁ ଯାଦବ, ଶନି ମନ୍ଦିର କମିଟିର ସଂଯୋଜକ ବିନୟ ସିଂହ, ମାନସ ମହାନ୍ତି, ସାଇ ଚାରିଟେବଲ୍ ଟ୍ରଷ୍ଟର ଅଧ୍ୟକ୍ଷ ରାହୁଲ ମହାନ୍ତି, ବିକାଶ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ର ଯୁବ କମିଟିରୁ ସଭାପତି ଶେଖ କମଲ ଏବଂ ସମ୍ପାଦକ ପଙ୍କଜ ସାହାଙ୍କ ନେତୃତ୍ୱରେ କମିଟି ସଦସ୍ୟ, ଉତ୍ପଳ ଦାସ, ସଞ୍ଜୟ ସାହ, କୃଷ୍ଣ ମଣ୍ଡଳ, ସୁଧାଂଶୁ ପତି, ବସନ୍ତ ଯାଦବ, ଶ୍ରୀନିବାସ ସାହ, ବିକାଶ ପାଶୱାନ୍, ବିକ୍ରମ ପାଶୱାନ୍, ଶୁଭମ୍ ପାଶୱାନ୍, ସୁମିତ ମଣ୍ଡଳ, ସୌରଭ ପାଶୱାନ, ଶୁଭମ୍ ପାଶୱାନ୍, ବଶାଳ ମଣ୍ଡଳ, ସାହିଲ ଶାହ, ରିତେଶ ଝା, ଯସ ସିଂହ, ପ୍ରୀତ ଯାଦବ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସାହାଯ୍ୟ କରିଥିଲେ।

# ବ୍ଲକ୍‌ସ୍ତରୀୟ କବାଡ଼ି ଚୟନ ପ୍ରତିଯୋଗିତା

କୁତ୍ରା,୨୫।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କବାଡ଼ି ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୁତ୍ରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ ଯୋଗଦେଇ ଥିଲେ। ସମ୍ମାନୀତ ଅତିଥି ଭାବରେ କୁତ୍ରା କ୍ରୀଡା ସଂସଦର ନଳିନୀକାନ୍ତ ଶାସିନୀ, ଲୋକନାଥ ପ୍ରଧାନ, ସୁନିତା ସରୋନିଆ, ବ୍ରିଧିଚନ୍ଦ୍ର ବିଲୁଙ୍ଗ, ଓଏଭି ବୁଡାକଟାର ଅଧ୍ୟକ୍ଷ ରୋଡେସ୍କ ଏକ୍କା ପ୍ରମୁଖ ଯୋଗଦେଇ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ନିଜର ଦକ୍ଷତା ଅନୁଯାୟୀ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ନିଜର ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାକାର୍ଯ୍ୟକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ପରିଚାଳନା କରିଥିବା ବେଳେ ମହେନ୍ଦ୍ର କଲସେର, ଉମାଶଙ୍କର ମଲ୍ଲିକ, ଜୁଦିତ ଆଇନ୍ଦ, ବ୍ରହ୍ମାନନ୍ଦ ମହନ୍ତ, କିରନ ବାର୍ଲା, ସରସ୍ୱତୀ ମିଞ୍ଜ, ଅନୁପମା ଟପ୍ପୋ, ପୁଲକ ପ୍ରଧାନ, ଲବଣୀଧର ଗର୍ଡିଆ, ଅମରଦୀପ କୁଜୁର ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ ଆରମ୍ଭ

ରାଉରକେଲା,୨୫ ।୧୦(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରନଗରୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୨୫ ତାରିଖରୁ ୩୧ ତାରିଖ ଯାଏ ହେବାକୁ ଥିବା ଭାଗବତ ପାରାୟଣ ଓ ଜ୍ଞାନ ଯଜ୍ଞ ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ସମାଜସେବୀ ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଏସ୍‌ପି ରାଜକୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହାପରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଭାଗବତ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସତ୍ୟାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି ଶ୍ରୀ ମିଶ୍ରଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଉପସ୍ଥିତ ଥିବା ବେଳେ ପଣ୍ଡିତ ହରିହର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସାରନଗରୀ



ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୌମେନ୍ଦ୍ର ବେହୁରିଆ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଭୋଳ, ରାମଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ମଲ୍ଲିକ, ଶଶାଙ୍କ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଉତ୍ତମ କୁମାର ଜେନା, ବରିଷ୍ଠ ସଦସ୍ୟ ସୁଭାଷ ଚନ୍ଦ୍ର ପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ବିପିନ କୁମାର ଲେଙ୍କା, ଗୋପିନାଥ ଦାସ, ଜ୍ୟୋତିରଞ୍ଜନ ମହାନ୍ତି, ଶ୍ରୀଚରଣେ ମହାନ୍ତିଙ୍କ ସମେତ ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ରହି ରଥଯାତ୍ରା କାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ସଭାପତି ତ୍ରିନାଥ ଦାସ ମୋହିନୀ ପଶ୍ଚିମାଞ୍ଚଳ ଶାଖା ସଭାପତି ଦିଲ୍ଲୀପ କର, ସାଧାରଣ ସମ୍ପାଦକ ଯଜ୍ଞ ନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଗାୟିକା ଗୀତାଞ୍ଜଳି ସାମନ୍ତରାୟଙ୍କ ଦ୍ୱାରା ପାଲା ପରିବେଷଣ ହେବ ବୋଲି ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସାରନଗରୀର ଏହି ଭାଗବତ ପାଠ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

# ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫ ଉଦ୍‌ଘାଟିତ




ରାଉରକେଲା,୨୫।୧୦(ସମିସ) : ରାଉରକେଲା ପୁଲିସ୍ ପକ୍ଷରୁ ଆଜି ସିଭିକ୍ ସେଣ୍ଟର୍‌ଠାରେ ଆୟୋଜିତ ଏକ ଉତ୍ସବରେ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବ ଆରମ୍ଭରେ ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ପୁଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ, ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଇବର ଅପରାଧ ପ୍ରତି ସଚେତନ ହୋଇ ସତର୍କ ରହିବା ସହ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ସଂପ୍ରତି ଷ୍ଟକ ମାର୍କେଟରେ ସବୁଠାରୁ ବେଶୀ ସାଇବର ଠକେଇ ହେଉଥିବାରୁ ଏଥି ପ୍ରତି ସଚେତନ ହେବାକୁ ଜିଲ୍ଲାପାଳ ଡକ୍ଟର ମହାପାତ୍ର କହିଥିଲା ବେଳେ ବ୍ୟକ୍ତିଗତ ତଥ୍ୟକୁ କାହାକୁ ନ ଦେବା ସହ ମୋବାଇଲ ଫୋନ ବ୍ୟବହାର ବେଳେ ସାଇବର ଠକଙ୍କ ପ୍ରତି ସତର୍କ ରହିବାକୁ ଡିଆଇଜି ବ୍ରିଜେଶ ରାଏ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏସପି ଶ୍ରୀ ୱାଧୱାନୀ ଡିଜିଟାଲ ଆରେଷ୍ଟ ଠକେଇ ଉପରେ ଗୁରୁତ୍ୱାରୋପ କରି କହିଲେ ଏଆଇ ବା କୃତ୍ରିମ ବୁଦ୍ଧିମତା ଆସିବା ପରେ ସାଇବର ଠକମାନେ ସଂପ୍ରତି ସକ୍ରିୟ ହୋଇଯାଇଛନ୍ତି। ସେ କହିଥିଲେ ଯେତେ ଅନଲାଇନ ସ୍କାମ ହେଉଛି ସେଥି ମଧ୍ୟରୁ ୮୦ ପ୍ରତିଶତ ଅପରାଧ ସଚେତନ ମାଧ୍ୟମରେ ରୋକା ଯାଇପାରିବ। ଭାରତରେ ସାଇବର ଅପରାଧ ସବୁଠାରୁ ବେଶୀ। ୨୦୨୧ ମସିହାରେ ୪୫୦୦ ସାଇବର ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ୨୨.୮ ଲକ୍ଷ ସାଇବର ଅପରାଧ ରୁଜୁ ହୋଇଛି। ଏଆଇ ଆସିବା ପରେ ଦେଶରେ ୮୦୦୦ ସାଇବର ଅପରାଧ ନେଇ ଅଭିଯୋଗ ହୋଇଛି।

ଗତ ଷ୍ଟକ ମାର୍କେଟିଂରେ ୬ ମାସରେ ଦେଢ଼ ହଜାର ସାଇବର ଅପରାଧ ରୁଜୁ ହୋଇଥିବା ସେ ସୂଚନା ଦେଇଥିଲେ। ସୁତରାଂ ସାଇବର ଠକ ପ୍ରତି ସାବଧାନ ରହି ସଚେତନ ହେବାକୁ ଏସ୍‌ପି ଶ୍ରୀ ୱାଧୱାନୀ ପରାମର୍ଶ ଦେଇଥିଲେ। ଅତିରିକ୍ତ ଏସ୍‌ପି ରାଜକୁମାର ମିଶ୍ର ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ପାନପୋଷ ଏସ୍‌ଡିପିଓ ରଶ୍ମୀରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଲଙ୍ଗଳକଟାରେ ଖୋଲିଲା ସିଆର୍‌ପିଏଫ୍ କ୍ୟାମ୍ପ୍

କୋଇଡ଼ା,୨୫।୧୦(ସମିସ): ଓଡ଼ିଶା ଏବଂ ଝାଡ଼ଖଣ୍ଡ ସୀମା ସଂଲଗ୍ନ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ୍ ରେଲହାତୁ ପଞ୍ଚାୟତ ଲଙ୍ଗଳକଟାଠାରେ ମାଓଦମନ ପାଇଁ ଆଜି ଠାରେ ସିଆରପିଏଫ୍ ବାଟାଲିୟନ ଏକ ସ୍ଥାୟୀ କ୍ୟାମ୍ପ ପୁଲିସ୍ ହାଉସିଂ ବୋର୍ଡ ପକ୍ଷରୁ ନିର୍ମାଣ କରାଯାଉଛି। ଏହି ଅବସରରେ ପଶ୍ଚିମାଞ୍ଚଳ ଡିଆଜି ବ୍ରିଜେଶ ରାୟଙ୍କ ସମେତ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ମହେଶ ବିଶ୍ୱକର୍ମା, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଥିଲେ ଶହ ଶହ ଆଦିବାସୀ ମହିଳା ପୁରୁଷମାନେ ନୃତ୍ୟ, ଗାନ, ବାଦ୍ୟ ସହ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ପରେ ଲଙ୍ଗଳକଟା କ୍ୟାମ୍ପ ମଧ୍ୟରେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ। ପରେ ଜନ ସମ୍ପର୍କ ଶିବିରରେ ମହିଳା, ପୁରୁଷ ମାନଙ୍କୁ ବସ୍ତ୍ର, ଶାଢୀ, ଗାମୁଛା, ଖେଳ ସାମଗ୍ରୀ ଓ ଛାତ୍ର ଛାତ୍ରୀ ମାନଙ୍କୁ ଖାତା କଲମ ମିଠା ବଣ୍ଟନ କରିଥିଲେ। ଡିଜିପି ଙ୍କ ନିର୍ଦ୍ଦେଶ ଅନୁଯାୟୀ କ୍ୟାମ୍ପ ଖୋଲିବା ଦ୍ୱାରା ନିଶ୍ଚିତ ଭାବରେ ପୁଲିସ୍ ଗତିବିଧି ଓ ଅପରେସନ ଜୋର୍ ହେବା ସହ ମାଓବାଦୀ ଦମନ ଓ ଅଞ୍ଚଳରେ ଶାନ୍ତି ଫେରିବ ଓ ବିକାଶର ନୂଆ ଫର୍ଦ୍ଦ ଜୋଡିହବ ବୋଲି ପଶ୍ଚିମାଞ୍ଚଳ ଡିଆଜି ବ୍ରିଜେଶ ରାୟ ପ୍ରକାଶ କରିଥିଲେ।

# ଡାକ୍ତରଖାନାରୁ ଅଭିଯୁକ୍ତ ଚମ୍ପଟ

ରାଉରକେଲା,୨୫।୧୦(ସମିସ): ରାଉରକେଲା ସରକାରୀ ଡାକ୍ତରଖାନାରୁ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଆର୍‌ପିଏଫ୍ ପକ୍ଷରୁ ତାକୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ସୂଚନା ମୁତାବକ, ପାନପୋଷ ରେଲୱେ ଷ୍ଟେସନ ନିକଟରେ ମାଲଗାଡ଼ିରୁ ଚାଉଳ ଚୋରି ଅଭିଯୋଗରେ ଟିସିଆଇ ବସ୍ତିର ସାଗର ପ୍ରଧାନ (୨୯)କୁ ଆର୍‌ପିଏଫ୍ ଗିରଫ କରିଥିଲା। ଆଜି ତାକୁ ଡାକ୍ତରୀ ମାଇନା ପାଇଁ ନିଆଯାଇଥିଲା। ତେବେ ସୁଯୋଗ ଦେଖି ଅଭିଯୁକ୍ତ ସାଗର ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ ଯୁବକ ଗୁରୁତର

ବଣାଇଁ,୨୫।୧୦(ସମିସ): ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅନ୍ତର୍ଗତ ବଡ଼ ତୁମକଳା ଗ୍ରାମ ନିକଟରେ ଥିବା ଭାସ୍କର ସ୍ପଞ୍ଜ ଆଇରନ୍ କାରଖାନାର ଫାଟକ ସମ୍ମୁଖରେ ଗାଡି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଆଜି ସନ୍ଧ୍ୟାରେ କାରଖାନା ଭିତରୁ ଏକ ହାଇୱା ଗାଡ଼ି ପାଉଁଶ ବୋଝେଇ କରି ବାହାରକୁ ଆସୁଥିବା ବେଳେ ଗମଲେଇ ସାପ୍ତାହିକ ହାଟରୁ ଦୁଇ ଜଣ ଯୁବକ ହାଟ ସାରି ଘରକୁ ଫେରିବା ବେଳେ କାରଖାନା ଫାଟକ ସମ୍ମୁଖରେ ଗାଡ଼ିର ହେଲପର ସାଇଡ଼ରେ ଜଣେ ଯୁବକ ଚଢ଼ିବାକୁ ଚେଷ୍ଟା କରିଥିଲେ। ଚଢ଼ିବା ବେଳେ ଅସାବଧାନତାବଶତଃ ହେଉ କିମ୍ବା ନିଶାସକ୍ତ ଅବସ୍ଥାରେ ହେଉ ଭାରସାମ୍ୟ ହରାଇ ଗୋଡ ଖସି ଯିବାରୁ ହାଇୱା ଚକ ତଳେ ପଡ଼ିଯାଇଥିଲେ। ଗାଡ଼ି ଚକ ଯୁବକଙ୍କ ଗୋଡ଼ ଉପରେ ମାଡ଼ି ଯିବାରୁ ଗୋଡ଼ ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଥିବା ବେଳେ ଯୁବକ ଜଣକ ଗୁରୁତର ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ଯୁବକ ଜଣକ ରୁଗୁଡି ଅଞ୍ଚଳର ସଦା ଦେହୁରୀ ବୋଲି ଜଣାପଡ଼ିଛି।

GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NABARANGPUR IRRIGATION DIVISION
NABARANGPUR,DIST-NABARANGPUR(ODISHA)
Email ID- seniddivision@gmail.com
A-748

E-PROCUREMENT NOTICE

BID IDENTIFICATION NO-SE-NID- 04 /2025-26 (01-06)

1. Nature of the work – Construction of Trough wall & Renovation of canal syphon.
2. Total Nos. of works – 06 (Six) Nos.
3. Tender cost of the works–From Rs.7.53 lakhs to Rs.6.71 lakhs (excluding GST)
4. Class of Contractor – 'D'& 'C' Class
5. Period of completion-01(One) Month
6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-04 /2025-26(01-06) | 27.10.2025 (10.00AM) | 10.11.2025 (up to 05.00 PM) | 30.10.2025 up to 5.00 PM | 11.11.2025 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government web site www.tendersodisha.gov.in
Addendum/Corrigendum/Cancellation if any required will be published in Govt.website only.

Superintending Engineer
Nabarangpur Irrigation Division
Nabarangpur

OIPR-32361/11/0018/2526

No.4070, Dated 23.10.2025
O-1128
Government of Odisha "e" procurement Notice
Bid Identification No. TENDER ONLINE SNPR- 07 OF 2025-26

1. Name of the work : Building Works as per DTCN available in the website. www.tendersodisha.gov.in
2. Total No. of Work : 64(Sixty four)Nos.
3. Approximate Estimated Cost : Vary from Rs. 1.68 lakh to Rs. 8.40 lakh
4. Period of Completion : 2 (Two Calendar months)
5. Period and time of availability of bid document in the portal for bidding : 29.10.2025 at 11.00AM to 11.11.2025 up to 5.00 PM
6. Date and time of opening of Tender : 12.11.2025 at 11.00AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W.Division. Sonepur

(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0041/2526

# ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ




ରାଉରକେଲା,୨୫।୧୦(ସମିସ)

ରାଉରକେଲାର ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ ପକ୍ଷରୁ ଗତ ୨୩ ତାରିଖରୁ ରାଉରକେଲାର ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ତ୍ରିଦିବସୀୟ ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାଶ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପରିଷଦର ଉପସଚିବ ଡକ୍ଟର ଯଶୋବନ୍ତ ସାମଲ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଦେଇଥିଲେ। ସମସ୍ତ ପ୍ରତିଯୋଗିତା ସୁସ୍ମିତା ଦତ୍ତଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା। ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲର କ୍ରୀଡ଼ା ଶିକ୍ଷକ କ୍ୟାପଟେନ ସତ୍ୟ ନାରାୟଣ ରାଉତଙ୍କ ତତ୍ତ୍ୱାବଧାନରେ ପରିଷଦର ବାର୍ଷିକ ଆଥଲେଟିକ ମିଟ ଅନୁଷ୍ଠିତ ହୋଇଥିଲା। ଦ୍ରୁତତମ ଧାବକ ବାଳକ ବିଭାଗରେ ଅଂଶୁମାନ ମହାପାତ୍ର, ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ, ରାଉରକେଲା ଏବଂ ସୁଶ୍ରୀ ସ୍ୱାଗତିକା, ଜଟଣୀ ଉଚ୍ଚ ମାଧ୍ୟମିକ ସ୍କୁଲ ବାଳିକା ବିଭାଗରେ ମୁଖ୍ୟ ଅତିଥିଙ୍କ ଠାରୁ ଟ୍ରଫି ଏବଂ ମାନପତ୍ର ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଚାମ୍ପିଅନରେ ବାଳକ ବିଭାଗରେ କ୍ରିଷ୍ଣା ଅବିନାଶ, ଆଚାର୍ଯ୍ୟ ହରିହର ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର ଏବଂ ବାଳିକା ବିଭାଗରେ ଆଲୋକୀକା ସ୍ୱାଇଁ ବାଲିକୁଦା ଉଚ୍ଚ ମାଧ୍ୟମିକ ସ୍କୁଲର ଅତିଥିମାନଙ୍କ ଠାରୁ ଟ୍ରଫି ଏବଂ ମାନପତ୍ର ଗ୍ରହଣ କରିଥିଲେ। ଗ୍ରୁପ ଚାମ୍ପିଅନ ବାଳକ ବିଭାଗରେ କିସ୍ସ, ଭୁବନେଶ୍ୱର ଏବଂ ଉପବିଜେତା ଭାବେ ଏସଡିଆରଏମଏନ ସ୍କୁଲ, ସର୍ଗିପାଲ୍ଲୀଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ। ସେହିପରି ବାଳିକା ବିଭାଗରେ ଚାମ୍ପିଅନ ହୋଇଥିଲେ ନୟାପଲ୍ଲୀ, ଭୁବନେଶ୍ୱର ଏବଂ ବାଲିକୁଦା ଉଚ୍ଚ ମାଧ୍ୟମିକ ସ୍କୁଲ ଉପବିଜେତା ଦଳକୁ ଅତିଥି ଟ୍ରଫି ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆଥଲେଟ୍ ନିଖିଲ କଳାକାର ପ୍ରଧାନ ମୁଖ୍ୟ ବୈଷୟିକ କ୍ରୀଡ଼ା ପରିଚାଳକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧକ୍ଷ ହରିହର ଦାଶ ଯୋଗ ଦେଇଥିଲେ। ଲୋକାଲ ଆଡମିନିଷ୍ଟ୍ରେସନ, ଷ୍ଟାଡିୟମ ଅଧିକାରୀ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ମଧ୍ୟ ସାଧୁବାଦ ଜଣାଇଥିଲେ। ତତ୍‌ସହିତ ସମସ୍ତ ଅଫିସିଆଲ, ଏନ୍‌ସିସି ସ୍ୱେଚ୍ଛାସେବୀ ସୁରଜ ତନ୍ତୀ ଏବଂ କିରଣ ଏରିକା ଖାଲଖୋ ପରିଚାଳନାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଦୀପ୍ତି ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, MALKANGIRI
O-1174
Letter No. 3917/RWD-II/Dated- 24.10.2025
1st CORRIGENDUM
TO E-TENDER CALL NOTICE
BID-IDENTIFICATION NO.09/2025-26/LTR NO.3577/Dt. 24.09.2025

The Tender for the works invited under Bid Identification 09/2025-26 is here by modified and read as below:-

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability to Tender online for bidding | Dt. 17.10.2025 at 11.00 A.M. to Dt.31.10.2025 Up to 5.30 P.M. | Dt.05.11.2025 at 11.00 to Dt 15.11.2025 Up to 5.30 P.M. |
| 2 | Date & time of seeking tender clarification if any | Dt.30.10.2025 Up to 3.00 P.M. | Dt.14.11.2025 Up to 3.00 P.M |
| 3. | Date & time of Opening of tender (Price Bid) | Dt.01.11.2025 Up to 11.00 A.M. | Dt.17.11.2025 Up to 11.00 A.M |

1. All other terms and conditions of the bids will remain unchanged.

Supertintending Engineer
Rural Works Division-II,
Malakngiri

OIPR-25079/11/0036/2526

# ବାଘ ଗଣନାରେ ସାମିଲ ହେଲେ ଛାତ୍ରଛାତ୍ରୀ



**ବରଗଡ଼, ୨୫।୧୦(ସମିସ):** ୧୯୮୫ ମସିହାରୁ ବରପାହାଡ଼ ଜଙ୍ଗଲ, ଡେବ୍ରିଗଡ଼ ଅଞ୍ଚଳକୁ ଅଭୟାରଣ୍ୟ ଭାବେ ସରକାର ଘୋଷଣା କରିଛନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟରେ ପ୍ରତିବର୍ଷ ବନ୍ୟଜନ୍ତୁ ଗଣନା ହୋଇଥାଏ। ଚଳିତ ବର୍ଷ ସରକାରଙ୍କ ତରଫରୁ ସାରା ଭାରତରେ ବ୍ୟାଘ୍ର ଜନଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ କମଗାଁ ମହାବିଦ୍ୟାଳୟର ୧୨ ଜଣ ଛାତ୍ର ଓ ୪ ଜଣ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ଆଜି ହୀରାକୁଦ ବନ୍ୟ ପ୍ରାଣୀ ବିଭାଗର ବନ ଅଧିକାରୀ ଅଂଶୁ ପ୍ରଜ୍ଞା ଦାସଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ୧୬ ଜଣ ଛାତ୍ରଛାତ୍ରୀ ଆମ୍ବାସାଡର ଭାବେ ମନୋନୀତ ହୋଇଛନ୍ତି। ସେମାନେ ବନ ଅଧିକାରୀଙ୍କ ସହିତ ମିଶି ବ୍ୟାଘ୍ର ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହେବେ। ଆଜି କମଗାଁ ଫରେଷ୍ଟ ରେଞ୍ଜର ରାଜେଶ ମହାକୁଡ, ଫରେଷ୍ଟର ଏ.ଜେନା ଓ ଅନ୍ୟାନ୍ୟ ଜଙ୍ଗଲ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାଧ୍ୟାପକ ରବି ନାରାୟଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ତ୍ରୁଟିପୂର୍ଣ୍ଣ ଡ୍ରେନ୍ ପ୍ଲାନିଂ

# ସ୍କୁଲ ଆଗରେ ଡ୍ରେନ୍ ପାଣି; ଶୁଣୁନି ପୌରପରିଷଦ

**ଝାରସୁଗୁଡ଼ା, ୨୫।୧୦(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅଧୀନ ୱାର୍ଡ ନମ୍ବର ୧୩ ସାନଯୋବ ଗାଁରେ ଅନେକ ସମସ୍ୟା ରହିଛି। ବାରମ୍ବାର ଅଭିଯୋଗ ପରେ ମଧ ସମାଧାନ ହେଉନାହିଁ। ଗାଁଟି କୋଇଲା ଖଣି ପ୍ରଭାବିତ ଅଞ୍ଚଳ ଓ ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଭୁକ୍ତ। ହେଲେ ଗାଁକୁ ପୌର ପରିଷଦ ଅଣଦେଖା କରିଆସୁଛି। ଗାଁ ମଝିରେ ରହିଥିବା ଏକ ମୁକୁଳା ଡ୍ରେନରେ ପାଣି ଜମି ରହୁଛି। ପୁଣି ଡ୍ରେନ୍‌ଟି ସାନଯୋବ ପ୍ରାଥମିକ ବିଦ୍ୟାଳୟର ସମ୍ମୁଖରେ ରହିଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏହି ମୁକୁଳା ଡ୍ରେନ ଅସ୍ୱାସ୍ଥ୍ୟକର ଓ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିବା ସହ ସମ୍ଭାବ୍ୟ ବିପଦର ଭୟ ସୃଷ୍ଟି କରୁଛି। ଏନେଇ ବାରମ୍ବାର



ପୌରପରିଷଦ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି ବୋଲ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏପରିକି ଗାଁର ବିଭିନ୍ନ ଅଞ୍ଚଳରେ ନିର୍ମାଣ ହୋଇଥିବା ଡ୍ରେନରେ ଗୋରୁ ଗାଈ ପଡ଼ି ସେମାନଙ୍କର ମୃତ୍ୟୁ ହେଉଥିବା ଅନେକ ଦୃଷ୍ଟାନ୍ତ ରହିଛି। ପୌର ଯନ୍ତ୍ରୀଙ୍କ ତ୍ରୁଟିପୂର୍ଣ୍ଣ ପ୍ଲାନିଂ ଓ ଖାମଖିଆଲ ମନୋଭାବ ଯୋଗୁଁ ଏ ଭଳି ପରିସ୍ଥିତି ସୃଷ୍ଟି ହୋଇ ଥିବା କୁହାଯାଉଛି। ଏହାର ବିରୋଧରେ ଗାଁବାସୀ ଓ ଗାଁର ସାରଙ୍ଗ ଅଡ଼ା ବ୍ରଜରାଜନଗର ପୌରପରିଷଦ ଅଧିକାରୀଙ୍କୁ ଏକ ବର୍ଷ ହେବ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ କାଉନସିଲର ମଧ ପୌର ଅଧିକାରୀଙ୍କୁ ଅବଗତ କରାଇ ଥିଲେ। କିନ୍ତୁ ଏହାପରେ ମାସ ମାସ ବିତିଗଲେ ମଧ ପୌରପରିଷଦ ପକ୍ଷରୁ କୌଣସି କାର୍ଯ୍ୟ କରାଯାଉ ନାହିଁ। ଏପରିକି ପ୍ରତି ମାସରେ ପରିମଳ ବାବଦକୁ ପୌର ପରିଷଦ ପକ୍ଷରୁ ୩୦ ଟଙ୍କା ଘର ପିଛା ଆଦାୟ କରାଯାଉଛି। କିନ୍ତୁ ଏହି ଡ୍ରେନ୍‌ଟିର ସଫେଇ କରାଯାଉ ନାହିଁ ବୋଲି ଗାଁବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ସମାଧାନ ନ ହେଲେ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ବାଧ ହେବା ସହ ଆବଶ୍ୟ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ବିକାଶ ଡିଗ୍ରୀ କଲେଜରେ ଦାସରୀ ବୀର୍‌ରାଜୁ ସ୍ମାରକୀ ବକ୍ତୃତା

**ବରଗଡ଼, ୨୫।୧୦(ସମିସ):** ସ୍ଥାନୀୟ ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଡିଗ୍ରୀ କଲେଜ ଇଂରାଜୀ ବିଭାଗ ଦ୍ୱାରା ସ୍ୱର୍ଗତ ଦାସରୀ ବୀରରାଜୁ ସ୍ମାରକୀ



ବକ୍ତୃତା ମାଳାର ପ୍ରଥମ ଅଧ୍ୟାୟ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ.କାଳିଦାସ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ 'ଆଇଟିଟି' ଶୀର୍ଷକ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ପ୍ର. ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରକଲ୍ୟାଣ ଡିନ୍ ଆର୍‌ଏସ୍‌ଭି କ୍ରିଷ୍ଣା ତାଙ୍କ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ଡ.କାଳିଦାସଙ୍କୁ 'ଭାବ ବେଳାଭୂମି' କବିତା ସଂକଳନ ଉପହାର ସରୂପ ପ୍ରଦାନ କରିଥିଲେ। ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓଙ୍କ ଦ୍ୱାରା ମୁଖ୍ୟବକ୍ତା ଡ.କାଳିଦାସ ମିଶ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୋଅର୍ଡିନେଟର ସୁରଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରତୀକ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ପ୍ରଜ୍ଞା ପରିମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିଲେ।

# ପକ୍ସୋ ଆକ୍ଟ ଏବଂ ନିଶା ଅଭ୍ୟାସ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୨୫।୧୦(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଶନିବାର ପକ୍ସୋ ଅଧିନିୟମ ଏବଂ ନିଶା ଅଭ୍ୟାସ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଜିଲ୍ଲା ଏବଂ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ କୋଲାବିରା ବ୍ଲକ ଅଧୀନ ସରକାରୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ମାନଙ୍କ ସହ




କିଶୋର ନ୍ୟାୟ ବୋର୍ଡର ସଦସ୍ୟା ମମତା ତ୍ରିପାଠୀ ଯୋଗ ଦେଇଥିଲେ। ପକ୍ସୋ ଅଧିନିୟମରେ ଥିବା ବିଭିନ୍ନ ନିୟମ ଏବଂ ଦଣ୍ଡବିଧାନ, ନିଶା ଗ୍ରହଣ କରିବାର ଅଭ୍ୟାସ ଓ ନିରାକରଣ ତଥା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ବିଷୟରେ ବିଷଦ ଆଲୋଚନା ହୋଇଥିଲା। ଅତିଥି ମାନେ ଏସମସ୍ତ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।

# ଯୁବତୀ ଦୁଷ୍କର୍ମର ଶିକାର, ଜଣେ କୋର୍ଟ ଚାଲାଣ

**ରିଆମାଳ, ୨୫।୧୦(ସମିସ):** ରିଆମାଳ ଥାନାଞ୍ଚଳରେ ଜଣେ ୨୦ ବର୍ଷିୟା ଯୁବତୀ ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ମାମଲାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଯୁବକ ଜଣକ ଦର୍ଜିମୁଣ୍ଡା ଗାଁର ବୋଲି ଜଣାପଡ଼ିଛି। ୧ ମାସ ପୂର୍ବରୁ ପୀଡ଼ିତା ଯୁବତୀଙ୍କୁ ଜଙ୍ଗଲରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। କିଛି ଦିନ ପୂର୍ବରୁ ସେହି ଯୁବତୀଙ୍କୁ ଅସଦାଚରଣ କରିଥିଲା। ଶେଷରେ ପୀଡ଼ିତା ସେରିଆମାଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରି ସମସ୍ତ ତଥ୍ୟ ପ୍ରମାଣ ପାଇବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ବରପାଲି ମହାବିଦ୍ୟାଳୟ ଇତିହାସ ବିଭାଗ ସମ୍ପାନ

**ବରପାଲି, ୨୫।୧୦(ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ ଇତିହାସ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ଆଲୋଚନା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଶୋକ ପଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପାଠଚକ୍ରର ଆଲୋଚ୍ୟ ବିଷୟ 'କଳିଙ୍ଗର ଭୌଗଳିକ ଇତିହାସ' ସମ୍ପର୍କରେ ଆଲୋଚନା ହୋଇଥିଲା। ଜଗବନ୍ଧୁ ଦାସ ସ୍ନାତକ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଇତିହାସ ବିଭାଗ ଅଧ୍ୟାପକ ଡ.ଭଗବାନ ମହାନନ୍ଦ, ଡ.କାହ୍ନୁ ମେହେର, ଡ.ବାଳକୃଷ୍ଣ ପଟେଲ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପାଠଚକ୍ରରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଛାନ୍ଦଲିସା ତାଣ୍ଡି, ମୁନା ମେହେର, ରାଜେଶ କର୍ମୀ, ତାରାକାନ୍ତ ପାତ୍ର, ରାଜା ବାରିକ, ଶ୍ରାବଣୀ ନଇ ପ୍ରମୁଖ ନିଜ ପ୍ରସ୍ତୁତ ପ୍ରବନ୍ଧ ମାନ ଉପସ୍ଥାପନ ସହ ଆଲୋଚନା କରିଥିଲେ। ଶେଷରେ ଛାତ୍ର ତାରାକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଣା ପ୍ରତାପ ସ୍କୁଲରେ ଚାରାରୋପଣ

**ବରଗଡ଼, ୨୫।୧୦(ସମିସ):** ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ 'ଏକ ପେଡ୍ ମାଁକେ ନାମ୍' କାର୍ଯ୍ୟକ୍ରମ ଉପଲକ୍ଷେ ଚାରାରୋପଣ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଘାସିରାମ ଭୋଇ, ଦିଲ୍ଲୀପ ମେହେର ପ୍ରମୁଖ ମୁଖ୍ୟ ଅତିଥି ଭାବେ ସ୍କୁଲ ପରିସରରେ ବଉଳ ଗଛରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ ଆଲୁମ୍‌ନି କମିଟି ଅଧ୍ୟକ୍ଷ ନନ୍ଦ କିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଇକୋ କ୍ଲବ୍ ଭାରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ବୃନ୍ଦାବନ ବିହାରୀ ଦାଶଙ୍କ ଜୟନ୍ତୀ ପ୍ରସ୍ତୁତି

**ବରପାଲି, ୨୫।୧୦(ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶଙ୍କ ଜୟନ୍ତୀ ନିମନ୍ତେ ସ୍ମୃତି କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଗୁରୁବାର କାଳଜୟୀ ପ୍ରତିଭା ସାହିତ୍ୟ ବନ୍ଧୁଙ୍କ ୮୪ ତମ ଜନ୍ମ ଜୟନ୍ତୀ ଆୟୋଜନ ସମ୍ପର୍କିତ ବିସ୍ତୃତ ଆଲୋଚନା କରାଯାଇଥିଲା। କମିଟି ସମ୍ପାଦକ ଯତୀନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଉତ୍ସବରେ ପ୍ରସନ୍ନ ମିଶ୍ର ଭାଷା ସାହିତ୍ୟ ପ୍ରଚାରକ ଓ ସମାଜସେବୀ ଅନ୍ତର୍ଯ୍ୟାମୀ ପଣ୍ଡା ଦ୍ୱୟଙ୍କୁ 'ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶ ସ୍ମୃତି ସମ୍ମାନ ୨୦୨୫' ପ୍ରଦାନ ନିମନ୍ତେ ସିଦ୍ଧାନ୍ତ ନିଆଯାଇଛି। ସେହିପରି ବ୍ଲକ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ରାଜଶ୍ରୀ ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ଆଦ୍ୟାସା ଅଲିଭା ରାୟ, ସ୍ନାତକ ଶ୍ରେଣୀ ଛାତ୍ରୀ ଅର୍ଚ୍ଚନା ସାହୁଙ୍କୁ ପୁରସ୍କୃତ କରାବାକୁ ଧାର୍ଯ୍ୟ କରାଯାଇଥିଲା। ଏହି ପରିପ୍ରେକ୍ଷିରେ କମିଟି ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ସହ ରକ୍ତଦାନ ଶିବିର ଆୟୋଜନ କରିବାକୁ ସ୍ଥିରୀକୃତ ହୋଇଛି।

# ଅନୁଗୁଳରେ ଗାଁ ଦିବସ

**ଝାରବନ୍ଧ, ୨୫।୧୦(ସମିସ):** କଳାକ୍ଷେତ୍ର ଓଡ଼ିଶା ଅନୁଷ୍ଠାନର ଆହ୍ୱାନରେ ଝାରବନ୍ଧ ବ୍ଲକ ଅନଗୁଳ ଗାଁରେ 'ଗାଁ ଦିବସ' ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଗାଁ'ର ସଂସ୍କୃତି ପରମ୍ପରା, ଚାଲିଚଳଣି, କଳା ସଂସ୍କୃତି ତଥା ଭାଇଚାରା ସମ୍ପର୍କରେ ଆଲୋଚନା ହୋଇଥିଲା। କାଳରତ୍ନ ଘନଶ୍ୟାମ ନାଗ ସଂଯୋଜନା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଗାଁର ଗୌନ୍ତିଆ ପ୍ରଶାନ୍ତ ପ୍ରଧାନଙ୍କ ସହିତ ଦୟାନିଧି ଚାନ୍ଦ, ରୁଷବା ଭୋଇ, ସଞ୍ଜୟ ବରିହା, ସଞ୍ଜୟ ବରିହାଙ୍କ ସମେତ ଅନେକ ଜନସାଧାରଣ ସାମିଲ ଥିଲେ।

# ଇନ୍ଦ୍ର ଦରବାରରେ ସଂଘମିତ୍ରା ଗ୍ରୁପ୍ ସମ୍ମାନିତ

**ବରଗଡ଼, ୨୫।୧୦(ସମିସ):** ପଞ୍ଚାୟତ କଲେଜ ପରିସରରେ ଅନୁଷ୍ଠିତ ଗୋବର୍ଦ୍ଧନ ପୂଜା ଏବଂ ଇନ୍ଦ୍ର ଦରବାର କାର୍ଯ୍ୟକ୍ରମରେ ପ୍ରମୁଖ ସମାଜସେବୀ ସଂଗଠନ ସଂଘମିତ୍ରା ଗ୍ରୁପକୁ ସମ୍ମାନିତ କରାଯାଇଛି। ଗ୍ରୁପର ସଦସ୍ୟ ତରଣୀ ସାହୁ, ସନ୍ୟାସୀ ପ୍ରଧାନ, ସଞ୍ଜୀବ ମେହେର, ଅନୁପମା ଭୋଇ ଏବଂ ସଂଘମିତ୍ରା ଗ୍ରୁପର ପ୍ରଚାରକ ସାହୁ ମାଉସୀ ମଧ ଉପସ୍ଥିତ ଥିଲେ। ସଂଘମିତ୍ରା ଗ୍ରୁପର ସଦସ୍ୟମାନେ ବରଗଡ଼ର ଲୋକଙ୍କ ସେବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଥିଲେ।



# ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ ନିଃଶୁଳ୍କ ଏକ୍ସରେ ପରୀକ୍ଷା

**ଅମ୍ବାଭୋନା, ୨୫।୧୦ (ସମିସ):** କେନ୍ଦ୍ର ସରକାରଙ୍କ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ତରଫରୁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଲେଥେର ଆୟୁଷ୍ମାନ ଆରୋଗ୍ୟ ଶିବିର ଠାରେ ଯକ୍ଷ୍ମା ରୋଗ ଚିହ୍ନଟ ପାଇଁ ମାଗଣାରେ ଏକ୍ସରେ ପରୀକ୍ଷା କରାଯାଇଛି। ରୋଗୀ ଚିହ୍ନଟ ପ୍ରକ୍ରିୟାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡ.ଆଞ୍ଚଳ ପ୍ରଧାନ ଯୋଗ ଦେଇଥିଲେ। ଭୁବନେଶ୍ୱର ସ୍ଥିତ ଜେନେକ୍ସ ଡିସଟ୍ରିବ୍ୟୁସନ ଲିମିଟେଡର କର୍ମଚାରୀ ଶୁଭମ ଜେନା ଏକ୍ସରେ ଫଟୋ ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ୧୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଏକ୍ସରେ କରାଯାଇଥିଲା। ଅମ୍ବାଭୋନା ବ୍ଲକର ସମସ୍ତ ପଞ୍ଚାୟତରେ



ଏହି ସୁବିଧା ଉପଲବ୍ଧ ଅଛି ଏବଂ ଯକ୍ଷ୍ମା ଆକ୍ରାନ୍ତ ହେବ ସନ୍ଦେହ ହେଲେ ରୋଗୀ ନିଜ ନିଜ ଅଞ୍ଚଳର ଆଶାକର୍ମୀ ବା ସ୍ୱାସ୍ଥ୍ୟକର୍ମୀଙ୍କୁ ଯୋଗାଯୋଗ କରିପାରିବେ। କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ପଲ୍ଲବୀ ସାହୁ, ସିଏଚଓ ଇନ୍ଦିରା ପ୍ରିୟଦର୍ଶିନୀ ସାମନ୍ତରାୟ, ଟିବି ଚାମ୍ପିଅନ ଶ୍ୟାମ ସୁନ୍ଦର ସେଠ, ଦୟାରାମ ଦାସ ଓ ଆଶାକର୍ମୀ ଗଣ ଉପସ୍ଥିତ ଥିଲେ। ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯକ୍ଷ୍ମା ସୁପରଭାଇଜର ଶଙ୍କର ପ୍ରସାଦ ମେହେର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

**ଝାରସୁଗୁଡ଼ା, ୨୫।୧୦(ସମିସ):** ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଆରୋମା ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃଜ୍ୟୋତି ପରିସରରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଭାରତ ସରକାରଙ୍କର ସ୍ୱଳ୍ପ ସଞ୍ଚୟ ଜମା ତଥା ସାଇବର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଆର୍ଥିକ ସାକ୍ଷରତା ପରାମର୍ଶଦାତା ମୁକୁନ୍ଦ ମାଝୀ ଚିଟଫଣ୍ଡ କମ୍ପାନୀରେ ପରିଶ୍ରମ ଅର୍ଜିତ ଧନକୁ ବିନିଯୋଗ ନକରିବା ପରାମର୍ଶ ଦେବା ସହ ଭାରତ ସରକାରଙ୍କ ବୀମା ଓ ପେନସନ ଯୋଜନା ବିଷୟରେ ଆଲୋଚନା କରିଥିଲେ।





କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ହେମକାନ୍ତ ବାଗ, ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

**ଝାରସୁଗୁଡ଼ା:** ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏଥିରେ ଭାଗ ନେଇଥିବା ଛାତ୍ରଛାତ୍ରୀ 'ନିୟମିତ ସଞ୍ଚୟର ଆବଶ୍ୟକତା ଓ ଅନଲାଇନ ଆର୍ଥିକ ଠକେଇ ସମ୍ପର୍କିତ ସଚେତନତା' ବିଷୟରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଚାରକ ରୂପେ ଜିଲ୍ଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସୁରକ୍ଷା ଅଧିକାରୀ ଚୂଡାମଣି ପଣ୍ଡା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ରାଉତ ଯୋଗ ଦେଇଥିଲେ।

## ରାଷ୍ଟ୍ରୀୟ ପୋଷଣ ମାସ

# ତେଲ, ଲୁଣ ଓ କୃତ୍ରିମ ରଙ୍ଗର ବ୍ୟବହାର କମ୍ କରିବାକୁ ଆହ୍ୱାନ

**ଝାରସୁଗୁଡ଼ା, ୨୫।୧୦(ସମିସ)**

ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ୮ମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁନ୍ୟବତୀ ହେଲେନ୍ ଖେସ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମଧୁଲିତା ସାହୁ ଓ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ସେବାଷ୍ଟିନ ହୋରୋ, ଯୋଗ ଦେଇଥିଲେ। ମେଦ ବହୁଳତାର ହ୍ରାସ ପାଇଁ ଖାଦ୍ୟରେ ଲୁଣ, ଚିନି ଓ ତେଲର ବ୍ୟବହାରକୁ କମ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଶୈଶବ ଅବସ୍ଥାରେ ଶିଶୁର ଯତ୍ନ ଓ ଶିକ୍ଷା ଜରିଆରେ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ବୌଦ୍ଧିକ ବିକାଶ ଉପରେ ପ୍ରାଧାନ୍ୟ, ଉତ୍ତମ ପୋଷଣ ଉପରେ ଗୁରୁତ୍ୱ



ଦେଇ ଶିକ୍ଷା ପ୍ରଦାନ, ନବଜାତ ଓ ଶିଶୁଙ୍କ ଉତ୍ତମ ପୋଷଣ ପାଇଁ ସ୍ତନ୍ୟପାନ, ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ପାଇଁ ମହିଳା ମାନଙ୍କ ସହ ପୁରୁଷ ମାନଙ୍କ ସହଭାଗିତା ବିଷୟରେ ଆଲେଚନା କରାଯାଇଥିଲା। ଜିଲ୍ଲାପାଳ କାର୍ଯ୍ୟାଳୟରୁ କିଷାନ ଛକ ପର୍ଯ୍ୟନ୍ତ ଜିଲ୍ଲାର ଶତାଧିକ ଅଙ୍ଗନବାଡି କର୍ମୀ, ବିଭାଗର ସମସ୍ତ କର୍ମଚାରୀ ଓ ପଞ୍ଚାୟତିରାଜ ସଦସ୍ୟ ମାନଙ୍କୁ ନେଇ ସଚେତନତା ରାଲି ଅନୁଷ୍ଠିତ କରାଯାଇଥିଲା। ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗର ସହଭାଗିତାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ ଆୟୋଜିତ ହୋଇଥିଲା। ଶିବିରରେ ରକ୍ତଚାପ, ରକ୍ତ ଶର୍କରା ଓ ରକ୍ତହୀନତାର ଯାଞ୍ଚ କରାଯାଇଥିଲା। ଜିଲ୍ଲାର ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ହାତ ତିଆରି ପୁଷ୍ଟିକର ରନ୍ଧାଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ପୁଷ୍ଟିକର ଖାଦ୍ୟକୁ ପ୍ରାଧାନ୍ୟ ଦେବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷଣ ବିଷୟରେ ସଚେତନତା ପାଇଁ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ଓ କୁଇଜ୍ ପ୍ରତିଯୋଗିତା କରି ୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେସ୍ ଓ ଜିଲ୍ଲା ସଂଯୋଜକ ରମାକାନ୍ତ ନାଏକ ମଞ୍ଚ ପରିଚାଳିନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ମହିଳା ସଶକ୍ତିକରଣ ହବର ସମସ୍ତ କର୍ମଚାରୀଙ୍କ ସହଯୋଗିତାକୁ ପ୍ରଶଂସା କରି ଶେଷରେ ସବ୍ ଡିଭିଜନାଲ ସୁରକ୍ଷା ଅଧିକାରୀ ମିନାକ୍ଷୀ ରାଜ୍ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

# ମଦମୁକ୍ତ ଅଞ୍ଚଳ ପାଇଁ ସାଗରପାଲିରେ ବୈଠକ

**ଝାରସୁଗୁଡ଼ା, ୨୫।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଭଇଁରଖୋଲ ପଞ୍ଚାୟତ ଅଧୀନ ସାଗରପାଲି ଗାଁରେ ମଦ ବନ୍ଦ ପାଇଁ ବୈଠକ ଅନୁଷ୍ଠିତ ହୋଇଛି। ସାଗରପାଲି ଗାଁର ୧୦ ଏବଂ ଓ ୧୧ ନମ୍ବର ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଗାଁର ବିଶିଷ୍ଟ ବ୍ୟକ୍ତି ମାନଙ୍କ ଉପସ୍ଥିତିରେ ମଦ ବିରୋଧୀ ସଚେତନତା ପାଇଁ ଆଜି ଏକ ସଭା କରିଛନ୍ତି। ଗତ ୧ ବର୍ଷ ଧରି ଏହି ମହିଳା ମାନେ ଅଞ୍ଚଳରେ ମଦ ବିରୋଧୀ ଅଭିଯାନ ଚଳାଇ ଆସୁଛନ୍ତି। ମଦ ମୁକ୍ତ ଅଞ୍ଚଳ ଗଠନ କରିବାରେ ଅନେକ ମାତ୍ରାରେ ସଫଳ ମଧ ହୋଇଛନ୍ତି। ତେବେ ଗାଁକୁ ସମ୍ପୂର୍ଣ୍ଣ ମଦ ମୁକ୍ତ କରିବା ସହ ଆଖପାଖ ଅଞ୍ଚଳରେ



କିପରି ମଦ ବିକ୍ରି ବନ୍ଦ ହେବ ସେନେଇ ସଭାରେ ଆଲୋଚନା କରାଯାଇଛି। ଏହାସହ ଲୋକଙ୍କ ମଧ୍ୟରେ ସଚେତନତା ଆଣି ସେମାନଙ୍କୁ ନିଶା ଦ୍ରବ୍ୟ ବର୍ଜନ ପାଇଁ ପ୍ରୋତ୍ସାହିତ କରିବାକୁ ମଧ ଆଲୋଚନା ହୋଇଥିଲା।

## ସିକେରକୁପାରେ ସାଇବର ସୁରକ୍ଷା ସଚେତନତା



ଲାଞ୍ଜିଗଡ଼,୨୫ ।୧୦(ସମିସ): ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ସାଇବର ସୁରକ୍ଷା ଅଭିଯାନ । ଏହି ପରିପ୍ରେକ୍ଷୀରେ ନର୍ଲା ଥାନା ଅଧୀନ ତଥା ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତସ୍ଥିତ ସିକେରକୁପା ଫାଣ୍ଡି ପରିସରରେ ଯୁବକ, ଯୁବତୀ ଓ ଜନସାଧାରଣଙ୍କ ମଧ୍ୟରେ ସାଇବର ସୁରକ୍ଷା ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀ ମୋହନ ପିଡିକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାଇବର ଉପ ନୀରିକ୍ଷକ ଜାହ୍ନବୀ ତାଣ୍ଡି, ମେଜର ସୁରେନ୍ଦ୍ର ଗମାଙ୍ଗ, ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ, ପ୍ରମୁଖ ଯୋଗଦେଇ ସାଇବର ଠକେଇର ବିଭିନ୍ନ ପ୍ରାରୂପ ତଥା ସ୍ମାର୍ଟ ଫୋନ ଓ ଇଣ୍ଟରନେଟ୍ ଉପଭୋକ୍ତାମାନେ ବିଭିନ୍ନ ଆଳରେ କିପରି ଠକାମିର ଶିକାର ହୋଇଛନ୍ତି ସେନେଇ ଯୁବକ, ଯୁବତୀ ଓ ଜନସାଧାରଣଙ୍କୁ ଉଦାହରଣ ସହ ବୁଝାଇଥିଲେ । ଏହାସହ ସ୍ମାର୍ଟ ଫୋନରେ ଥିବା ବିଭିନ୍ନ ସାଇବର ସୁରକ୍ଷା ବ୍ୟବସ୍ଥାକୁ ବ୍ୟବହାର କରି କିପରି ଠକାମୀରୁ ରକ୍ଷା ପାଇ ପାଇବେ ସେନେଇ ମତବ୍ୟକ୍ତ କରିଥିଲେ । ଏଥିରେ ଫାଣ୍ଡି ଅଞ୍ଚଳ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ । ସେହିପରି ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର, ବିଜେପୁର, ଲାଞ୍ଜିଗଡ଼ ଥାନା ଅଞ୍ଚଳରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କଲା ଅବକାରୀ ମୋବାଇଲ୍ ସ୍କ୍ୱାଡ୍

ବୌଦ୍ଧ,୨୫ ।୧୦(ସମିସ): ବୌଦ୍ଧ ଜିଲ୍ଲା ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ପକ୍ଷରୁ ସରସରା ଗ୍ରାମ ନିକଟରୁ ପିକଅପ୍ ଗାଡି ସହ ଜବତ ୫୦ କେଜି ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯାଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଜାତୀୟ ରାଜପଥ ନଂ ୫୭ରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ଚଢଉ କରିଥିଲା ।



ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଖାଲି ଡାଲା ପିକଅପକୁ ସନ୍ଦେହ କରି ତନଖୀ କରା ଯାଇଥିଲା । ପିକଅପ୍ ଡାଲା ତଳେ ଗୁପ୍ତଚାମ୍ବରରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୫୦ କେଜି ହୋଇଥିଲା । ଗାଡ଼ି ଓ ଗଞ୍ଜେଇକୁ ଜବତ କରି ଜିଲ୍ଲା ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ଏକ ମାମଲା ରୁଜୁକରି କୋର୍ଟରେ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ଗଦାଧର ମହାରଣାଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ସତ୍ୟନାରାୟଣ ପ୍ରଧାନ, ଏଏସଆଇ ପ୍ରିୟଜନ କନ୍ହର, କନେଷ୍ଟବଲ ସତ୍ୟରଞ୍ଜନ ମୁଖୀ ଓ ଅନ୍ୟମାନେ ଚଢ଼ଉରେ ସାମିଲ ଥିଲେ ।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ ପଦଯାତ୍ରା ଲାଗି ବୈଠକ




ବୌଦ୍ଧ,୨୫ ।୧୦(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ହଲ୍ ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ହେବାକୁ ଥିବା ପଦ ଯାତ୍ରା ପାଇଁ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ଓସୱାନ ହଲ୍ଠାରେ ଜିଲ୍ଲାପାଳ ବିଭୁତିଭୁଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳକିଶୋର ସାମଲ, ବୌଦ୍ଧ ତହସିଲଦାର ଅନୀତା କୁମାରୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ଶକ୍ତି ସରଂକ୍ଷଣ ଆଲୋଚନାଚକ୍ର

ବୀରମହାରାଜପୁର,୨୫ ।୧୦(ସମିସ): ବୀରମହାରାଜପୁର ବ୍ଲକ୍ ଅଧୀନ ପି.ଏମ. ରଘୁନାଥ ଉଚ୍ଚ ବିଦ୍ୟାଳୟ ମୁର୍ଷୁଣୀ ଠାରେ ଟାଟା ପାୱାର ତରଫରୁ ଶକ୍ତି ସଂରକ୍ଷଣ ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀତା ପଣ୍ଡାଙ୍କ ତତ୍ୱାବଧାନରେ ଟାଟା ପାୱାର ପ୍ରତିନିଧି ଶକ୍ତି ଅପଚୟ ରୋକିବା ପାଇଁ ନିଜର ବକ୍ତବ୍ୟ ରଖିଥିଲେ । ଶକ୍ତି ସଂରକ୍ଷଣ ଉପରେ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରାୟ ୪୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ ସ୍ମୃତିରାଣୀ ପଧାନ, ଦ୍ୱିତୀୟ ସ୍ମାଇଲରାଣୀ ନାଏକ ଓ ତୃତୀୟ ନମ୍ରତା କ୍ଷେତିଙ୍କୁ ପୁରସ୍କୃତ କରାଯାଇଥିଲା ।

### ଆଞ୍ଚଳିକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

# ୬ ଜିଲ୍ଲାର କଳାକାର ସାମିଲ

ବୌଦ୍ଧ,୨୫ ।୧୦(ସମିସ): ସ୍ଥାନୀୟ ଟାଉନହଲଠାରେ ଆଞ୍ଚଳିକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । 'ମାନବ ଜାତିର କଲ୍ୟାଣ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା' ବିଷୟକୁ ନେଇ ଆଞ୍ଚଳିକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଉଦ୍‌ଘାଟନ କରଥିଲେ । ଜିଲ୍ଲାପାଳ ନିଜ ବକ୍ତବ୍ୟରେ ପରିବେଶ ପାଇଁ, ନିଜ ତଥା ଦେଶର ସୁରକ୍ଷା, ଦେଶକୁ ସମୃଦ୍ଧ କରିବାପାଇଁ, ଉଦ୍ଭିଦ, ପ୍ରାଣୀଠାରୁ ମଣିଷ ଚିକିତ୍ସା ପର୍ଯ୍ୟନ୍ତ ସବୁଠି ବିଜ୍ଞାନର ଆବଶ୍ୟକତା ରହିଛି ବୋଲି କହିବା ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ବିଜ୍ଞାନକୁ ଆଗକୁ ନେବା ଓ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ସଭାପତିତ୍ୱ କରିବା ସହିତ କଳା ଓ ବିଜ୍ଞାନର ସମନ୍ୱୟକୁ ନେଇ ନାଟକ ପ୍ରଦର୍ଶନ କରି ଆସିଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତକରିବା ସହିତ



ଶୁଭେଚ୍ଛା ଜଣାଇଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡ଼ିବନ୍ଧୁ ବେହେରା, କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଲି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀ ବାରିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ, ବୌଦ୍ଧ ଓ ବଲାଙ୍ଗିର ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳଗୁଡିକ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସରସରା ଉଚ୍ଚ ବିଦ୍ୟାଳୟ ଛାତ୍ର ମାନଙ୍କର ଘୋଷ ଦଳ ଏବଂ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ଏନ୍‌ସିସି ଛାତ୍ରମାନଙ୍କ ଦ୍ୱାରା ଅତିଥି ସ୍ୱାଗତ କରାଯାଇଥିଲା । ନାଟକ ପ୍ରତଯୋଗିତାର ବିଚାରକ ଭାବରେ ଯୋଗ ଦେଇଥିବା ଅଭିନେତା, ଲେଖକ, ନାଟ୍ୟକାର ପ୍ରଦ୍ୟୁମ୍ନ ସାହୁ, ସୋନପୁର ଓ ଅଧିବକ୍ତା, ଅଭିନେତା, ନାଟ୍ୟକାର ଅବକାଶ ମିଶ୍ର ସୋନପୁରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମାଲି ଧନ୍ୟବାଦ ଦେଇଥିଲେ । କମଳକାନ୍ତ ଦଳବେହେରା ଓ ଶିକ୍ଷକ ସନ୍ତୋଷ କୁମାର କର୍ଣ୍ଣଙ୍କ ସଂଯୋଜନାରେ ନାଟକ ଆରମ୍ଭ କରାଯାଇଥିଲା ।

## ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ

ବୌଦ୍ଧ,୨୫ ।୧୦(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନ ଜହ୍ନାପଙ୍କ- କମିରା ରାସ୍ତାର ପୁରୁଣାମଦଭାଟି ନିକଟରେ ଏକ ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦକୁ ଆମନ୍ତ୍ରଣ କରୁଛି ବୋଲି ଖବର ପ୍ରକାଶିତ ପରେ ବିଭାଗୀୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଫଳରେ ଏହାର ଚାରିପଟେ ସୁରକ୍ଷା କାନ୍ଥ ନିର୍ମାଣ ହୋଇଛି । ଗତବର୍ଷ ଅଗଷ୍ଟ ମାସରେ ବିଦ୍ୟୁତ ସଟ ଯୋଗୁଁ ନିକଟରେ ଯାଇଥିବା ଜଳ ଯୋଗାଣ ପାଇପ ସଂସ୍ପର୍ଶରେ ଆସି ଏକ ଗାଈର ମୃତ୍ୟୁ ଘଟିଥିବା ବେଳେ ଗତ ଅଗଷ୍ଟ ମାସରେ ଏକ ଯୁବକ ଆଲୋକ ପ୍ରଧାନ ଅସାବଧାନତା ବଶତଃ ଆସିଯିବାରୁ ଲଟକି ଯାଇଥିଲେ । ଜଣେ ବ୍ୟକ୍ତି ଠେଙ୍ଗାରେ ପିଟି ଦେବାରୁ ସେ ଏକ ବଡ଼ ବିପଦରୁ ବର୍ତ୍ତି ଯାଇଥିଲେ । ମୁଖ୍ୟ ରାସ୍ତାକଡ଼ରେ ଏଭଳି ଏକ ବିପଦପୂର୍ଣ୍ଣ ମୁକୁଳା ଟ୍ରାନ୍ସଫର୍ମର ଥିବାରୁ ବିଦ୍ୟୁତ ବିଭାଗର ମୃତ୍ୟୁର ଫାଶ ବସାଇଥିବା ଆଲୋଚନା ହେଉଥିଲା । ଏହାର ଚାରିପଟେ ସୁରକ୍ଷା ବାଡ଼ ଦେଇଥିବାରୁ ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି ।



## ଅନଶନ ପରେ ପୁଞ୍ଜିଲାଲ ଅସୁସ୍ଥ; ଡାକ୍ତରଖାନାରେ ଭର୍ତ୍ତି

### କଲେଜ୍ କାଗଜପତ୍ର ନ ମିଳିବାରୁ ୨୧ ତାରିଖରୁ ଖାଦ୍ୟ ଗ୍ରହଣ କରୁନାହାନ୍ତି

ବଲାଙ୍ଗିର,୨୫ ।୧୦(ସମିସ): ବହୁ ଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ପୁଣି ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ୨୧ ତାରିଖରୁ ସେ ଅନଶନରେ ରହିଥିବା ସୂଚନା ମିଳିଛି । ସେ ଅଧ୍ୟାପନା କରୁଥିବା କଲେଜର କିଛି କାଗଜପତ୍ର ମାଗିଥିଲେ ।



ସେଥିରୁ ତାଙ୍କୁ ଅଧା କାଗଜପତ୍ର ମିଳିଥିବା ବେଳେ ଆଉ ଅଧା ମିଳି ନ ଥିଲା । ଏହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ସବୁତକ କାଗଜପତ୍ର ପାଇଁ କହିଥିଲେ । ଏହାକୁ ନେଇ ସେ ଗତ ୨୧ ତାରିଖରୁ ଜେଲ ଭିତରେ ଅନଶନରେ ରହିଥିଲେ । ଖାଇବା ବନ୍ଦ କରିଦେଇଥିବାରୁ ସେ ଅସୁସ୍ଥ ହୋଇଥିଲେ । ଏହାକୁ ନେଇ ଚିନ୍ତିତ ଥିବା ଜେଲ୍ କର୍ତ୍ତୃପକ୍ଷ ଭୀମ ଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ । ସୁଗର ଲେବଲ କମି ଯାଇଥିବାରୁ ସେ ଅସୁସ୍ଥ ହୋଇଥିବା ଜଣାପଡିଛି । ତେବେ ଆବଶ୍ୟକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ହେଉଥିବା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି । ତେବେ ସେ ଡାକ୍ତରଖାନାରେ ମଧ୍ୟ କୌଣସି ପ୍ରକାର ଖାଦ୍ୟ ଗ୍ରହଣ କରୁ ନ ଥିବା ଜଣାପଡିଛି । ଅନେକ ସମୟରେ ପୁଞ୍ଜିଲାଲ୍ ବିଭିନ୍ନ ଦାବି ନେଇ ଅନଶନ କରିଥାନ୍ତି । ସେ ପୂର୍ବରୁ ମଧ୍ୟ ଏହି କାରଣରୁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବାର ନଜିର ରହିଛି ।

## କେସିଙ୍ଗା ବ୍ଲକ୍‌ରେ ୪୮୮୬ ଓ ଏନ୍‌ଏସିରେ ୬୫୫ଜଣ କରିନାହାନ୍ତି ଇ-କେୱାଇସି

କେସିଙ୍ଗା,୨୫ ।୧୦(ସମିସ): ନୂତନ ସରକାର ଗଠନ ପରେ ରାସନ ପାଇବା ପାଇଁ ସାରା ଓଡ଼ିଶାରେ ଇ-କେୱାଇସି ନାମରେ ଲୋକଙ୍କୁ ଭୟଭୀତ କରିଥିବା ସରକାର ବର୍ତ୍ତମାନ ଇ-କେୱାଇସି ପାଇଁ ଆଉ ସମୟ ଦିଆଯିବ ନାହିଁ ବୋଲି ରୋକଠୋକ ମନାକରି ଦେଇଛନ୍ତି । ସମୟ ତ ବହୁତ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଲୋକ ଇ-କେ ୱାଇସି କରି ନ ଥିବା ଶୁଣିବାକୁ ମିଳୁଛି । ରାସନକାର୍ଡରେ ନାମ ଥିବା ପରିବାରର ଯେଉଁ ଲୋକର ଇ-କେୱାଇସି ହୋଇ ନାହିଁ ସେମାନେ ଆସନ୍ତା ମାସ ଠାରୁ ଆଉ ରାସନ ପାଇବେ ନାହିଁ ବୋଲି ସରକାର ଆଗରୁ ସ୍ପଷ୍ଟ କରିସାରିଲେଣି । ତଥାପି ଅନେକ ଲୋକ ବର୍ତ୍ତମାନ ପର୍ଯ୍ୟନ୍ତ ଇ-କେୱାଇସି କରିନାହାନ୍ତି । ସେହିକ୍ରମରେ କେସିଙ୍ଗା ବ୍ଲକର ସମୁଦାୟ ୨୬ ଟି ପଞ୍ଚାୟତରେ ଥିବା ୧ ଲକ୍ଷ ୮ ଶହ ୫୫ଜଣ ରାସନ ପାଉଥିବା ବେଳେ ସେଥିମଧ୍ୟରୁ ୪୮୮୬ ଜଣ ଆଜି ପର୍ଯ୍ୟନ୍ତ ଇ-କେୱାଇସି କରି ନଥିବା କେସିଙ୍ଗା ଯୋଗାଣ ଅଧିକାରୀଙ୍କ ରେକର୍ଡରୁ ଜଣାପଡ଼ିଛି । ସେହିପରି କେସିଙ୍ଗା ଏନ୍‌ଏସିର ୧୨ ଗୋଟି ୱାର୍ଡରେ ସମୁଦାୟ ୧୦ ହଜାର ୯ ଶହ ୯୨ ଜଣ ଲୋକ ରାସନ ନେଉଥିବା ବେଳେ ସେଥି ମଧ୍ୟରୁ ୬୫୫ ଜଣ ଆଜି ପର୍ଯ୍ୟନ୍ତ ଇ-କେୱାଇସି କରିନଥିବା ଜଣା ପଡ଼ିଛି । ଏହି ବାକି ରହିଥିବା ଲୋକଙ୍କ ମଧ୍ୟରୁ କିଛି ଛୋଟ ଛୁଆ ଥିବା ବେଳେ କିଛି ଅତ୍ୟାଧିକ ବାର୍ଦ୍ଧକ୍ୟ ମହିଳା ପୁରୁଷ ଥିବା ଜଣାପଡ଼ିଛି । ସେହିପରି କିଛି ରାସନ କାର୍ଡଧାରୀଙ୍କ ଆଧାର କାର୍ଡ ଅପଡେଟ ହୋଇ ନ ଥିବାରୁ ସେମାନେ ଆସନ୍ତା ମାସ ଠାରୁ ଆଉ ରାସନ ପାଇବେ ନାହିଁ ବୋଲି ଜଣା ପଡିଛି ।

## ଭବାନୀପାଟଣାରେ ଏବିଭିପିର ପ୍ରଶିକ୍ଷଣ ଶିବିର




ଭବାନୀପାଟଣା,୨୫ ।୧୦(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଷ୍ଟ୍ର ପ୍ରଥମ ଭାବନା ନେଇ , ଛାତ୍ର ଶକ୍ତି - ରାଷ୍ଟ୍ର ଶକ୍ତି ଓ ଶିକ୍ଷା ଜୀବନ ପାଇଁ ଜୀବନ ରାଷ୍ଟ୍ର ପାଇଁ ନାରାରେ ବିଶ୍ୱାସ ରଖି କାର୍ଯ୍ୟ କରୁଥିବା ବିଶ୍ୱର ସର୍ବବୃହତ ଛାତ୍ର ସଂଗଠନ । ଏବିଭିପି କଳାହାଣ୍ଡି ବିଭାଗ (କଳାହାଣ୍ଡି ଓ ନୂଆପଡା) ପକ୍ଷରୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବ୍ରଜ ବିହାର ଠାରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ ହୋଇଯାଇଛି । ଛାତ୍ରଙ୍କ ଭିତରେ ଦେଶ ପ୍ରେମ ଭାବନା ଜାଗ୍ରତ କରିବା, ନେତୃତ୍ୱ ବିକାଶ କରିବା, ରାଷ୍ଟ୍ରୀୟ ଶିକ୍ଷା ନୀତି, ଜୀବନରେ ଅନୁଶାସନ ସିଖେଇବା ଭଳି ଅନେକ ବିଷୟ ନେଇ ଦୁଇ ଦିନ ଧରି ଆଲୋଚନା ଚାଲିବ । ଏଥିରେ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଛନ୍ତି ।

ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ଡ଼. ବାବା ମିଶ୍ର, ମୁଖ୍ୟ ବକ୍ତା ଭାବରେ ନିରଞ୍ଜନ କୁମାର, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଭାପତି ବାସନ୍ତୀ ସାହୁ, ଏବିଭିପିର ପଶ୍ଚିମ ପ୍ରାନ୍ତ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଓ ଜିଲ୍ଲା ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ମହାରଣା ମଞ୍ଚାସୀନ ହେଇଥିଲେ । ପରିଷଦ ର କାର୍ଯ୍ୟକର୍ତ୍ତା ସାଇ ଦର୍ଶନ ଠାକୁର ମଞ୍ଚ ପରିଚାଳନା କରିଥିଲେ ।

## କୋଣାର୍କ ବାଲୁକା କଳା ମହୋତ୍ସବରେ ଭାଗ ନେବାକୁ ପ୍ରସ୍ତୁତି



କର୍ଲାମୁଣ୍ଡା,୨୫ ।୧୦(ସମିସ):କୋଣାର୍କର ଚନ୍ଦ୍ରଭାଗା ବେଳାଭୂମିରେ୧ଡିସେମ୍ବରରୁ ୫ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ ଭାଗନେବା ପାଇଁ ପଶ୍ଚିମ ଓଡିଶାର ପ୍ରଖ୍ୟାତ ବାଲୁକା ଶିଳ୍ପୀ କର୍ଲାମୁଣ୍ଡା ବ୍ଲକ୍ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗ୍ରାମର ଓମପ୍ରକାଶ ସାହୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏବର୍ଷ ନିୟମ ଅନୁଯାଇ ଏହି ଉତ୍ସବ ଭାଗନେବାକୁ ଥିବା ପ୍ରତ୍ୟେକ ଶିଳ୍ପୀ ତନୋଟି ଲେଖାଁଏ ନୂତନ ମଡେଲ ଫଟୋ ଆବେଦନ ଫର୍ମ ସହ ପଠାଇବେ ଯାହାକି ୨୭ ସେପ୍ଟେମ୍ବରରୁ ୨୪ ଅକ୍ଟୋବର ଭିତରେ ନିର୍ମିତ ହୋଇଥିବା ଦରକାର ଓ ଗୋଟିକର ଉଚ୍ଚତା ଅତିକମରେ ପାଞ୍ଚଫୁଟ ହୋଇଥିବା ଦରକାର । ଏହି ପେରିପେକ୍ଷୀରେ ସେ ତାଙ୍କର ସହଯୋଗୀ ଦଶରଥ ରଣା (ଜଣେ କୁମ୍ଭାର କାରିଗର)ଙ୍କ ମଡେଲ ନିର୍ମାଣ କରି ଓଡିଶା ପର୍ଯ୍ୟଟନ ବିଭାଗ କୁ ପଠାଇଛନ୍ତି ଓ ତାହା ଚୟନ କମିଟି ଦ୍ୱାରା ମନୋନୀତ ହେବ ବୋଲି ଆଶା ରଖିଛନ୍ତି ।

### ବୈଷ୍ଣୋଦେବୀ ଦର୍ଶନରେ ଯାଇଥିବା ୪ ଭକ୍ତଙ୍କ ମୃତ୍ୟୁ ଘଟଣା

# ପଞ୍ଚଭୂତରେ ଲୀନ ହେଲେ ସ୍ନେହଲତା

ତରଭା,୨୫ ।୧୦(ସମିସ): ମାତା ବୈଷ୍ଣୋଦେବୀଙ୍କ ଦର୍ଶନରେ ଯାଇ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଚତୁର୍ଥ ତୀର୍ଥ ଯାତ୍ରୀ ସ୍ନେହଲତା ମଟାରୀ ଶନିବାର ପଞ୍ଚଭୁତରେ ଲୀନ ହୋଇଛନ୍ତି । ଜାମ୍ମୁ ଡାକ୍ତରଖାନାରେ ଗତ ୧୪ ତାରିଖରୁ ଚିକିତ୍ସାଧୀନ ଥିବା ସ୍ନେହଲତାଙ୍କ ଗୁରୁବାର ମଧ୍ୟ ରାତ୍ରିରେ ପରଲୋକ ହୋଇଯାଇଥିଲା । ସରକାରଙ୍କ ସହଯୋଗରେ ତାଙ୍କର ପାର୍ଥିବ ଶରୀରକୁ ଏୟାରଲିଫ୍ଟ କରି ଜାମ୍ମୁରୁ ଦିଲ୍ଲୀ ପରେ ଭୁବନେଶ୍ୱରକୁ ଆଣିବା ପରେ ସଡକ ପଥରେ ତରଭାକୁ ଅଣାଯାଇଥିଲା । ଶନିବାର ଅପରାହ୍ନ ୩.୩୦ ରେ ପାର୍ଥିବ ଶରୀରକୁ ନେଇ ତାଙ୍କର ପୁଅ ଆଶୁତୋଷ, ଝିଅ ଚିନ୍ମୟୀ ପୁତ୍ରବଧୂ ଅଲିଭା ଏଠାରେ ପହଞ୍ଚିବା ପରେ ସୋନପୁର ଏଡିଏମ ଅଞ୍ଜଳିନା ପ୍ରଧାନ, ତରଭା ତହସିଲଦାର ଶ୍ୱେତାଲିନା ମାହାଣା, ଆଇଆଇସି ଅନିତା କିଡୋ



ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁଅ ଆଶୁତୋଷ ମୁଖାଗ୍ନି ଦେଇଥିଲେ ।

ସୂଚନାଯୋଗ୍ୟ ଯେ ଗତ ୧୧ ତାରିଖ ଯୁଜିବିର ଅବସରପ୍ରାପ୍ତ କର୍ମଚାରୀ ବିଚିତ୍ର ସାହୁ ତାଙ୍କର ପତ୍ନୀ କବିତା ସାହୁ, ବନ୍ଧୁ ଯୋଗୀନ୍ଦ୍ର ମଟାରୀ ତାଙ୍କର ପତ୍ନୀ ସ୍ନେହଲତା ମଟାରୀ, ପୁଅ ଆଶୁତୋଷ, ଝିଅ ଚିନ୍ମୟୀ ଓ ପୁତ୍ରବଧୂ ଅଲିଭା ମାତା ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଯାଇଥିଲେ । ୧୪ ତାରିଖ ମାତାଙ୍କ ଦର୍ଶନ ପରେ ଦୁଇବନ୍ଧୁ ସପତ୍ନୀଙ୍କ ହେଲିକପ୍ଟର ଯୋଗେ ଆସି କଟରା ହେଲିପ୍ୟାଡରେ ଓହ୍ଲାଇ ଥିବାବେଳେ ଆଶୁତୋଷ, ଚିନ୍ମୟୀ ଓ ଅଲିଭା ଚାଲିଚାଲି ଆସିଥିଲେ । ସକାଳ ୯ଟାରେ ବିଚିତ୍ର, କବିତା, ଯୋଗୀନ୍ଦ୍ର ଓ ସ୍ନେହଲତା ଗୋଟିଏ ଅଟୋରିକ୍ସାରେ ହୋଟେଲକୁ ଆସୁଥିବାବେଳେ କଟରା ଏକ୍ସପ୍ରେସୱେରେ ଏକ ଦ୍ରୁତଗାମୀ ବସ ଅଟୋରିକ୍ସାକୁ ଧକ୍କା ଦେବାରୁ ବିଚିତ୍ର, ଯୋଗୀନ୍ଦ୍ର ଓ ଅଟୋ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଗୁରୁତର ଆହତ କବିତା ଓ ସ୍ନେହଲତାଙ୍କୁ ଜାମ୍ମୁ ଡାକ୍ତରଖାନାକୁ ନେବାବେଳେ କବିତାଙ୍କ ମୃତ୍ୟୁ ଘଟିଥିଲା । ସ୍ନେହଲତା ଜାମ୍ମୁ ଡାକ୍ତରଖାନାରେ ୧୨ ଦିନଧରି ଜୀବନ ସହିତ ସଂଘର୍ଷ କରିବା ପରେ ହାରି ଯାଇଥିଲେ । ଶନିବାର ଥିଲା ବିଚିତ୍ର ଓ କବିତାଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ଥାନୀୟ ଏନ୍‌ଏମ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚିତ୍ର ଓ କବିତାଙ୍କୁ ଭଲପାଉଥିବା ବନ୍ଧୁ,ବାନ୍ଧବ, ସହକର୍ମୀ ଯୋଗଦେଇ ଉଭୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।

## ବ୍ଲକସ୍ତରୀୟ କିଶୋରୀ ବାଳିକା ଦକ୍ଷତା ପ୍ରତିଯୋଗିତା



ଗୋଲାମୁଣ୍ଡା,୨୫ ।୧୦(ସମିସ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସଭାଗୃହରେ କିଶୋରୀ ବାଳିକା ପ୍ରତିଭା ଦକ୍ଷତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ସିଡିପିଓ ପଦ୍ମାବତୀ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା କିଶୋରୀ ବାଳିକା"ଦକ୍ଷତା" କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ବିଡିଓ ତ୍ରିପୁରା ମହାନନ୍ଦ,ସମ୍ମାନିତ ଅତିଥି ଭାବେ ଜିଲ୍ଲା ପୋଷଣ ସଂଯୋଜକ ଅଜୟ ବିହାରି, ମିଶନ ଶକ୍ତି ବିପିସି ରାଜେନ୍ଦ୍ର ମଝିଆସେଠ, ମହିଳା ପରିଦର୍ଶିକା ମଞ୍ଜୁଲତା ପଟ୍ଟନାୟକ,ଶାନ୍ତି ମଙ୍ଗରାଜ,ଗୀତାଞ୍ଜଳି ବେହେରା, ଶିଶୁ ବିକାଶ ପ୍ରକଳ୍ପ ଆକାଉଣ୍ଟାଣ୍ଟ ସରୋଜ କୁମାର ଦାସ,ପୋଷଣ ବିଶି ହିମାଂଶୁ ବଗର୍ତ୍ତି, ବିନୀତା ରାଉତ ପ୍ରମୁଖ ମଞ୍ଚାସିନ ହୋଇଥିଲେ । କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ପ୍ରକଳ୍ପର ୧୮୪ଟି ଅଙ୍ଗନୱାଡ଼ି କେନ୍ଦ୍ରରୁ ବହୁ ସଂଖ୍ୟାରେ ୧୦ ରୁ ୧୯ ବର୍ଷ ର କିଶୋରୀ ବାଳିକା ସଙ୍ଗୀତ , ନୃତ୍ୟ,ଚିତ୍ରାଙ୍କନ, ରଚନା ଇତ୍ୟାଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ନିଜ, ନିଜର ଅନ୍ତର୍ନିହିତ କୌଶଳ ପ୍ରତିଭା ଦେଖାଇ ଉପସ୍ଥିତ ଲୋକଙ୍କ ମନମୁଗ୍ଧ କରିଥିଲେ । ପ୍ରଥମ,ଦ୍ୱିତୀୟ,ତୃତୀୟ ସ୍ଥାନ କୃତିତ୍ୱ ହାସଲ କରିଥିବା କିଶୋରୀ ବାଳିକାଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ମମତା ବିଭାଗର ଦେବକାନ୍ତ ମେହେର ଏବଂ ମିଶନ ଶକ୍ତି ଡାଟା ଅପ୍ରେଟର କୁମାରୀ ଲବଣୀ ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିଥିଲେ । ପ୍ରଥମ ସ୍ଥାନ ହାସଲ କରିଥିବା କିଶୋରୀ ବାଳିକାଙ୍କୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ପୋଷଣ ସଂଯୋଜକ ଅଜୟ ବିହାରି ପ୍ରକାଶ କରିଥିଲେ ।

## ଅମୃତଧାରା ପ୍ରକଳ୍ପରେ ମିଳୁଛି କୂଅ ପାଣି

**ତରଭା,୨୫ ।୧୦(ସମିସ):** ଜନସାଧାରଣଙ୍କୁ ସ୍ୱଚ୍ଛ,ବିଶୁଦ୍ଧ ଓ ଶୀତଳ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଅମୃତଧାରା ପ୍ରକଳ୍ପ ନିର୍ମାଣ କରାଉଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଖମାଖିଆଲି ମନୋଭାବ ଯୋଗୁଁ ଏହାର ସୁଫଳ ପାଇବାରୁ ଜନସାଧାରଣ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ଏକ ଅମୃତଧାରା ପ୍ରକଳ୍ପ ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତ ଅଧୀନସ୍ଥ ବାରିକପାଲି ଶିବମନ୍ଦିର ପ୍ରାଙ୍ଗଣରେ



ଦେଖିବାକୁ ମିଳିଛି। ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅନୁଦାନରୁ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଅମୃତଧାରା ପ୍ରକଳ୍ପକୁ ଖୋଲା କୂଅର ପାଣି ଯୋଗାଣ ହେଉଛି। କୂଅର ଅବସ୍ଥା ଅତ୍ୟନ୍ତ ଶୋଚନୀୟ, କୂଅଭିତର କାନ୍ଥ ଶିଉଳିରେ ପରିପୂର୍ଣ୍ଣ। କୂଅଟି ଖୋଲା ହୋଇ ପଡ଼ିଥିବାରୁ ବାହାର ମଇଳା, ପକ୍ଷୀଙ୍କ ମଳ କୂଅ ଭିତରେ ପଡୁଛି। ଏହି ପାଣି ପିଇଲେ ବିଭିନ୍ନ ପ୍ରକାର ପେଟରୋଗ ହେବାର ସମ୍ଭାବନାକୁ ଏଡେଇ ହେବନାହିଁ। ଏନେଇ ଆରଡବ୍ଲୁଏସ୍ଏସ୍ର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେପ୍ଟେମ୍ବର ମାସରେ ଏହି ପ୍ରକଳ୍ପ ସରିଛି, ବର୍ତ୍ତମାନ ସୁଦ୍ଧା ମୁଁ ସେଠାକୁ ଯାଇନାହିଁ। ଦିନେ ଦୁଇଦିନ ମଧ୍ୟରେ ମୁଁ ସେଠାକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବି ବୋଲି କହିଥିଲେ।

## ଜଳୁନି ଷ୍ଟ୍ରିଟ ଲାଇଟ୍, ଅନ୍ଧାରରେ ରେଲୱେ ବାଇପାସ୍



**ଶଗଡ଼ା,୨୫ ।୧୦(ସମିସ):** କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ଶଗଡ଼ା ରାସ୍ତାର ବିଛଣାପାଟି ନିକଟରେ ଥିବା ରେଲୱେ ବାଇପାସରେ ଲାଗିଥିବା ସୋଲାର ଷ୍ଟ୍ରିଟ ଲାଇଟ୍ ଗୁଡ଼ିକରୁ ଦୀର୍ଘ ଦିନ ହେବ ଅଚଳ ହୋଇପଡ଼ିଛି। ଯାହା ଫଳରେ ଉକ୍ତ ରାସ୍ତାଟି ନିଛାଟିଆ ହୋଇଥିବା ବେଳେ ଯାତାୟାତ କରୁଥିବା ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ଗାଡିମୋଟର ସହ ଲୋକ ଯାତାୟତ କରିଥାନ୍ତି। ହେଲେ ଷ୍ଟ୍ରିଟ୍ଲାଇଟ୍ ଜଳୁ ନ ଥିବାରୁ ଲୋକେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଷ୍ଟ୍ରିଟ ଲାଇଟ୍ ମରାମତି କରିବାକୁ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ଲୋକଙ୍କ କଥାକୁ ଅଣଦେଖା କରି ଏହାର କୌଣସି ସମାଧାନ ହେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରେଲୱେ ବାଇପାସ୍ ରାସ୍ତାଟି ବୁଲାଣି ଥିବା ଯୋଗୁଁ ଲୋକେ ଅନ୍ଧାରରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଷ୍ଟ୍ରିଟ ଲାଇଟ୍ ଗୁଡ଼ିକ ଅଚଳ ହୋଇ ପଡ଼ି ଥିବାରୁ ଏହାର ସୁଯୋଗ ନେଇ ରାତିରେ ଅନେକ ଚୋରି, ଡକାୟତି ଭଳି ଅନେକ ଅସାମାଜିକ କାର୍ଯ୍ୟକଳାପ ଦୈନିନ୍ଦିନ ବୃଦ୍ଧି ପାଇବାରେ ଲାଗିଛି। ଲୋକେ ଉକ୍ତ ରାସ୍ତାଦେଇ ରାତିରେ ଗଲାବେଳେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି। ସମ୍ପୃକ୍ତ ସଂସ୍ଥା ମଧ୍ୟ ଏହାର ରକ୍ଷଣାବେକ୍ଷଣ କରୁ ନ ଥିବାରୁ ଏଭଳି ସମସ୍ୟା ଦେଖା ଦେଇଛି। ଉକ୍ତ ଅଚଳ ଷ୍ଟ୍ରିଟ୍ଲାଇଟ୍ ଗୁଡ଼ିକୁ ତୁରନ୍ତ ମରାମତି କରିବା ସହ ରାସ୍ତା କାମ ସମ୍ପୂର୍ଣ କରିବାକୁ ସାଧାରଣରେ ଦାବି ହେଉଛି।

## ସୂଚନାକେନ୍ଦ୍ର ବନ୍ଦ ନେଇ ପାଠକ ମହଲରେ ଅସନ୍ତୋଷ

**ବୀରମହାରାଜପୁର,୨୫ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡରେ ନାମକୁ ମାତ୍ର ରହିଛି ପାଠାଗାର ଓ ସୂଚନାକେନ୍ଦ୍ର। ପାଠାଗାରରେ ଛାତ୍ରଛାତ୍ରୀଙ୍କ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରିପାଠାଗାର ମାନ ଖୋଲିଥିବାବେଳେ ବୀରମହାରାଜପୁରରେ ଏହାର ନିଜସ୍ୱ ଗୃହ ନ ଥିବା ବେଳେ ପୁରୁଣା ଲେପ୍ରା ସୋସାଇଟି ଡାକ୍ତରଖାନାରେ ଚାଲିଛି। ମାତ୍ର ଏଠାକୁ ସରକାରଙ୍କ ତରଫରୁ କୌଣସି ଖବର କାଗଜ ଓ ମେଗାଜିନ ଆସୁନାହିଁ। ଫଳରେ ଅନେକ ମେଧାବୀ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଅଧ୍ୟୟନ କରିବାରୁ ବଞ୍ଚିତ ହେଉଛନ୍ତି।



ବିଭିନ୍ନ ତଥ୍ୟ ଭିତ୍ତିକ ପାଠ୍ୟ ପୁସ୍ତକ ଓ ପ୍ରତିଯୋଗିତା ମୂଳକ ମେଗାଜିନର ଅଭାବ ପରିଲକ୍ଷିତ ହେଉଛି। ଦୀର୍ଘ ଦିନର ପରିତ୍ୟକ୍ତ କୋଠା ଯାହା ପୂର୍ବରୁ ଡାକ୍ତରଖାନା ଥିଲା, ପରବର୍ତ୍ତୀ ସମୟରେ ଲେପ୍ରା ସୋସାଇଟିର କବ୍ଜାରେ ରହିଥିଲା ତାହା ଏବେ ପାଠାଗାର କାର୍ଯ୍ୟାଳୟ ହୋଇଛି। ଯଦିଓ ପାଠାଗାର ପାଇଁ କୋଠା ନିର୍ମାଣ ପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ତଥାପି ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ କେହି ହେଲେବି ଦୃଷ୍ଟି ଦେଉ ନ ଥିବାର ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏହି ପାଠାଗାରର ରାସ୍ତା ଆଗରେ ଆବର୍ଜନା ସାଙ୍ଗକୁ କାଦୁଅରେ ଭର୍ତ୍ତି ହୋଇଛି। ତେଣୁ ଏହି ପାଠାଗାରକୁ ଯିବା ଆସିବା ପାଇଁ କଂକ୍ରିଟ ପକ୍କା ରାସ୍ତା ନିର୍ମାଣ ର ଆବଶ୍ୟକତା ରହିଛି। ଦୀର୍ଘ ଦିନ ହେଲା ବୀରମହାରାଜପୁର ପାଠାଗାର ରେ ଏକ ଉପଖଣ୍ଡୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନିଯୁକ୍ତିର ଦାବି କରି ଆସୁଥିଲେ ହେଁ ଏ ପର୍ଯ୍ୟନ୍ତ ଜଣେ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଏ ବିଷୟରେ ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳି ପାରିନଥିଲେ ମଧ୍ୟ ବୁଦ୍ଧିଜୀବୀ ମହାଲରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହାର ମରାମତି କରିବା ସହିତ ଉପଖଣ୍ଡ ପାଠାଗାର ନୂତନ କୋଠା ନିର୍ମାଣ କାର୍ଯ୍ୟ ଶେଷ କରିବା ସହ ଜଣେ ଏସ୍ଡିଆଇପିଆର ଓ. ନିଯୁକ୍ତି ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବାଇକ୍‌ରେ ମୃତଦେହ ନେବା ଘଟଣା

# ଅପହଞ୍ଚ କାଚପାଜୁରେ ପହଞ୍ଚିଲେ ଜିଲ୍ଲାପାଳ

**ବୌଦ୍ଧ/ହରଭଙ୍ଗା,୨୫ ।୧୦(ସମିସ)**

ଲୋକଙ୍କ ସମସ୍ୟାକୁ ସବୁବେଳେ ଗୁରୁତ୍ୱ ଦେଇଆସୁଥିବା ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ସେବା ମନୋଭାବର ଆଉ ଏକ ନିଚ୍ଛକ ଚିତ୍ର ଦେଖିବାକୁ ମିଳିଛି ଆଜିର ଅନ୍ଧାରୀମୂଳକ ଗାଁ କାଚପାଜୁ ଗସ୍ତ ସମୟରେ। ରାସ୍ତା ଖରାପ ସତ୍ତ୍ୱେ ବାଇକ୍‌ରେ ବସି ସାତ /ପାହାଡ଼ ମଥାନରେ ଥିବା ହରଭଙ୍ଗା ବ୍ଲକ୍ ଆଡେଣିଗଡ଼ ପଞ୍ଚାୟତର କାଚପାଜୁରେ ପହଞ୍ଚିଥିଲେ। କାଚପାଜୁ ଗ୍ରାମର ଦୂତିଆ ବେହେରାଙ୍କ ପତ୍ନୀ ସୁନାମତିଙ୍କ ଗତ ବୁଧବାର ଆଡେଣିଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ଗାଁକୁ ମହାପ୍ରଣାୟ ଗାଡି ଯାଇ ନ ପାରିବାରୁ ପରିବାର ଲୋକେ ସୁନାମତିଙ୍କ ମୃତଦେହ ଏକ ବାଇକରେ ଧରି ଗାଁରେ ପହଞ୍ଚିଥିଲେ। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ଜିଲ୍ଲାପାଳ ଶନିବାର ସକାଳେ କାଚପାଜୁ ଗସ୍ତ କରିଥିଲେ। କାଚପାଜୁ ଗ୍ରାମର ଦୂତିଆ ବେହେରାଙ୍କୁ ଭେଟି ସମବେଦନା ଜଣାଇବା ସହିତ ତାଙ୍କର ସମସ୍ୟା ପଚାରି ବୁଝିଥିଲେ। ହରିଶ୍ଚନ୍ଦ୍ର ସହାୟତା ରାଶି ୩ହଜାର ଟଙ୍କା ଦୂତିଆଙ୍କୁ ପ୍ରଦାନ କରିଥିଲେ। ଏହା ସହିତ ଗ୍ରାମର ସମସ୍ୟା ବୁଝିବା ପାଇଁ ଲୋକଙ୍କ



ସହିତ ଆଲୋଚନା କରିଥିଲେ। ଗ୍ରାମବାସୀ ରାସ୍ତା ଯୋଗୁଁ ରୋଗୀଙ୍କୁ ମେଡିକାଲ ନେବା କଷ୍ଟକର ହୋଇପଡୁଛି ଘଟଣା ଜିଲ୍ଲାପାଳଙ୍କ ଆଗରେ କହିଥିଲେ। ବିଶେଷକରି ଗ୍ରାମରେ

### ସମସ୍ୟା ଶୁଣିଲେ, ରାସ୍ତା ଲାଗି ଦେଲେ ନିର୍ଦ୍ଦେଶ

ଶ୍ୱାସରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଘାଟି / ପାହାଡ଼ିଆ ରାସ୍ତାରେ ରାତିଅଧିଆ ମେଡିକାଲ ନେବା କାଠିକର ହୋଇପଡୁଥିବା ଲୋକେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫୭ନମ୍ବର ଜାତୀୟ ରାଜପଥ ଠାରୁ କଣ୍ଡରା, କାଚପାଜୁ ରାସ୍ତା ନିର୍ମାଣ ପାଇଁ ୧୨କୋଟି ୧୬ ଲକ୍ଷ ଟଙ୍କା ମଞ୍ଜୁର ହେବା ସହିତ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଜାରିରହିଛି। ବର୍ଷା ଯୋଗୁଁ ରାସ୍ତା ଖରାପ ଯୋଗୁଁ ଗାଡିମଟରରେ ଯିବା ଆସିବା ସମ୍ଭବପର ହୋଇପାରୁନାହିଁ। ଜିଲ୍ଲାପାଳ ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟନିର୍ବାହୀଯନ୍ତ୍ରୀ ମଧୁସ୍ମିତା ଦଳେଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ମାର୍ଚ୍ଚ ମାସ ସୁଦ୍ଧା ଯେମିତି ଗାଡି ମଟର ଯାଇପାରିବ ସେ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଗସ୍ତସମୟରେ ଜିଲ୍ଲାପାଳଙ୍କ ସହିତ ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନ, ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ଦଳେଇ, କନିଷ୍ଠ ଯନ୍ତ୍ରୀ ପ୍ରଣବ କୁମାର ବେହେରା, ପିଇଓ ଦିଲୀପ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଲେଇ ସରକାରୀ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି'

**ଡୁଙ୍ଗୁରିପାଲି,୨୫ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଗଜବନ୍ଧ କ୍ଲଷ୍ଟର ଅଧୀନ ସୁଲେଇ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଜବନ୍ଧ କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ରଣା ସଭାପତିତ୍ୱ ଓ ସୁଲେଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ବାଗଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ମୃତିରେଖା ଭୋଇ, ସୋନପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ଭୋଇ, ନୃତ୍ୟଗୁରୁ ସୁଜିତ କୁମାର ସାହୁ ସମ୍ମାନିତ ଅତିଥି ଓ ରେଖାରାମ ବାଗ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସିଆରସିସି ନରେନ୍ଦ୍ର ପୁରୋହିତ



ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ଡୁଙ୍ଗୁରିପାଲି ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗଦାନ କରିଥିଲେ। କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ଗୀତ, ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, କୁଇଜ୍ ପରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଅନ୍ଧାରିବାଞ୍ଜି ସରପଞ୍ଚ ତେଯୋମୟୀ ସାହୁ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ପଣ୍ଡା ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ନିତାଇ ମଟାରି, ବିକାଶ ଭରାସାଗର ଓ ଛାତ୍ରୀ ରିନୁ ପ୍ରଧାନ ସଂଯୋଜନା କରିଥିଲେ। ସୁଲେଇର ଉଭୟ ବିଦ୍ୟାଳୟର ସମସ୍ତ କର୍ମଚାରୀ, ବିଦ୍ୟାଳୟ ଦ୍ୱୟର ଏସ୍ଏମ୍ସି ସଦସ୍ୟ, ସୁଲେଇର ଗ୍ରାମବାସୀ ଓ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ଆସିଥିବା ବିଚାରକ ମଣ୍ଡଳୀ ତଥା ଗଜବନ୍ଧ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସିଆରସିସି ନରେନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକଙ୍କ ଜୀବନ ସହ ଖେଳ

## ମଦରେ ମିଶୁଛି ସଲ୍ୟୁସନ ଓ ନିଶା ବଟିକା

**ବିରମହାରାଜପୁର,୨୫ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ସୁବଳୟା ଥାନା ଅଞ୍ଚଳରେ ଖୁଲମଖୁଲା ଭାବେ ଚାଲିଛି ବେଆଇନ ଦେଶୀ ମଦ କରାବାର। ଉକ୍ତ ଥାନା ଅଧୀନ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମଦ ମାଫିଆମାନେ ମଦ ପ୍ରସ୍ତୁତି କରିବା ସହ ମଦକୁ ଅଧିକ ନିଶାଯୁକ୍ତ କରିବା ପାଇ ପୋଚରେ ମହୁଲ ସହ ନିର୍ଗୁଣ୍ଡି ଗଛର ଛାଲି, ସାହାଜ ପତ୍ର, ୟୁରିଆ ସାର ଓ ସବୁଠାରୁ ବିପଜ୍ଜନକ ସଲ୍ୟୁସନ ଓ ଭଲିଓନ ଟେନ୍ ଆଦି ବିଷାକ୍ତ ଜିନିଷ ପକାଇ ମଦ ପ୍ରସ୍ତୁତି କରୁଥିବା ଜଣେବ୍ୟକ୍ତି ନାମ ଗୁପ୍ତ ରଖି ପ୍ରକାଶ କରିଛନ୍ତି। ଉକ୍ତ ମଦବେପାରୀ ବିଭିନ୍ନ ଗାଁ' ର ଥିବା କୁଚିଆ ବିକ୍ରେତା ମଦ ବେପାରୀମାନଙ୍କୁ ଘରକୁ ଘର ବୁଲି କମ୍‌ମୂଲ୍ୟରେ ଯୋଗାଇ ଦେଉଥିବା ଉକ୍ତ ବ୍ୟକ୍ତି ଜଣକ ପ୍ରକାଶ କରିଛନ୍ତି। ଅପମିଶ୍ରିତ ମଦପିଇ ସୁବଳୟା ଅଞ୍ଚଳର ବିଭିନ୍ନ ଗ୍ରାମର ଅନେକ ଲୋକ ରୋଗଗ୍ରସ୍ତ ହେଲେଣି। ମଦ ବେପାରୀ ମାନେ ଲୋକଙ୍କ ସହ ଏହି ବିପଜ୍ଜନକ ଖେଳ ଖେଳୁଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ନିଦାବିଷ୍ଟ ସାଜିଛନ୍ତି। ସେହିପରି ପିତାମହୁଲ, ଟେଭାପଦର, ଖଣ୍ଡହତା, ସଂଗ୍ରାମପୁର, ଟିକରାପଡ଼ା, ମେଟାକାନୀ ଛକ, କୁଶାଦାଦର, ତେନ୍ତୁଲିମହଦା, ଡୁଲେଶ୍ୱର, ଚୁପକାଦାଦାର, ସାହଜଲଥା ଓ ଅନ୍ୟାନ୍ୟ ସ୍ଥାନରେ ବିକ୍ରି ହେଉଥିବା ଜଣାଯାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାସହ ଅପମିଶ୍ରିତ ମଦ ବନ୍ଦ କରିବାକୁ ଜନସାଧାରଣରେ ଦାବି ହେଉଛି।

## ଚାଲିଛି କାଠ ମାଫିଆଙ୍କ ରାଜୁତି, ନିଦାବିଷ୍ଟ ବିଭାଗ

**ବୀରମହାରାଜପୁର,୨୫ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବନାଞ୍ଚଳର ବିଭିନ୍ନ ଜଙ୍ଗଲରୁ ବେଧଡ଼କ ଭାବରେ କାଠ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଥିବାବେଳେ ଜଙ୍ଗଲ ବିଭାଗ କିଛି ନଜାଣିବା ପରି ରହୁଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପଟେ ରାଜ୍ୟ ସରକାର ତଥା କେନ୍ଦ୍ରସରକାର ଗୋଟିଏ ପଟେ ଜଙ୍ଗଲ ସୁରକ୍ଷା ତଥା ଜଙ୍ଗଲ ସୃଷ୍ଟି ପାଇଁ ବିଭିନ୍ନ ଯୋଜନା ତଥା ମା' ପାଇଁ ଗଛ ଟିଏ ଉପରେ ଯୋଜନା ପ୍ରସ୍ତୁତ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ କର୍ମଚାରୀଙ୍କ ଅବହେଳାପାଇଁ ହେଉ ଅବା ଲୋକେଙ୍କ ସଚେତନତା ଅଭାବରୁ ହେଉ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଏହି କ୍ରମରେ ବୀରମହାରାଜପୁର ବନାଞ୍ଚଳର ସୁବଳୟା ରେଞ୍ଜର ସ୍ଥିତ ଦୁରଦୁରା, ହାତୀଲିମୁଣ୍ଡା ବିଟ୍ ଅଞ୍ଚଳରୁ ଦୈନିକ ଶାଳ, ପିଆଶାଳ, ଶାଗୁଆନ, ଶିଶୁ ଆଦି ମୂଲ୍ୟବାନ ଗୁଡ଼ିକ କାଠ କାଟି ପଟା, ଚୈଉକାଠ ମାଧ୍ୟମରେ ମାଫିଆମାନେ ଅନ୍ୟ ଜିଲ୍ଲାକୁ ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି। ଏବିଷୟରେ ବିଭାଗୀୟ ଅଧିକାରୀମାନଙ୍କୁ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ସୁଫଳ ମିଳୁନାହିଁ। ବରଂ ବନବିଭାଗ ଅଧିକାରୀ କେଉଁଠାରୁ ଚୋରାଚାଲାଣ ହେଉଛି ଏବଂ କିଏ ଚାଲାଣ କରୁଛି ପ୍ରମାଣ ଦିଅ କହିଛନ୍ତି, ମାତ୍ର ଫୋନ୍ କଲେ ଫୋନ୍ ଉଠାନାହାଁନ୍ତି। ଜଙ୍ଗଲ ସୁରକ୍ଷା ପାଇଁ ଜିଲ୍ଲା ବନବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବାଳିକା ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ ସମ୍ପର୍କିତ ସଚେତନତା କର୍ମଶାଳା




**ହରଭଙ୍ଗା,୨୫ ।୧୦(ସମିସ):** ହରଭଙ୍ଗା ବ୍ଲକ୍ ବୀରନରସିଂହପୁରସ୍ଥିତ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅଧ୍ୟକ୍ଷ ଓମ୍ ପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବାଳିକା ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ରାଜୀବ କୁମାର ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଅଣ ଆନୁଷ୍ଠାନିକ ଯତ୍ନ ବିଭାଗର ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ, ବାଳିକା ଶିକ୍ଷା ବିଭାଗର ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା ଓ ବହୁମୁଖି ମହିଳା ସ୍ୱାସ୍ଥ୍ୟକର୍ମୀ ଗୀତାଞ୍ଜଳି କହଁର ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।

ଛାତ୍ରୀଛାତ୍ରଙ୍କୁ ଲିଙ୍ଗଗତ ସମାନତା ସଚେତନତା, ବାଳିକାଙ୍କ ପ୍ରତି ମନୋଭାବର ପରିବର୍ତ୍ତନ, ଉଭୟ ଛାତ୍ର ଓ ଛାତ୍ରୀଙ୍କ ପାଇଁ ସମାନ ଅବସର ସୃଷ୍ଟି, ଲିଙ୍ଗ ଭିତ୍ତିକ ହିଂସା ଓ ବିଭେଦର ନିରାକରଣ, ଲିଙ୍ଗ ଭିତ୍ତିକ ସମ୍ବେଦନଶୀଳ ଆଚରଣ ଗଠନ, ନାରୀ ଓ ପୁରୁଷ ସମାନତା ସମ୍ପର୍କିତ ସାମ୍ବିଧାନିକ ଅଧିକାର ଓ ଆଇନ ଏବଂ ନୀତିଗୁଡିକ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ନବକିଶୋର ଦୀପ ସଂଯୋଜନା କରିଥିବାବେଳେ ରାଜଲକ୍ଷ୍ମୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉକ୍ତ କର୍ମଶାଳାରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## କୁମ୍ଭାର ମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ତରଭା,୨୫ ।୧୦(ସମିସ):** ତରଭା ବ୍ଲକ୍ କୁମ୍ଭାରମୁଣ୍ଡା ଉଚ୍ଚ ବିଦ୍ୟାଳୟଠାରେ କୁମ୍ଭାର ମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସାରଙ୍ଗଧର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟନାରାୟଣ ମହାପାତ୍ର ସମ୍ମାନିତ ଅତିଥି, ଅବସରପ୍ରାପ୍ତ ଏବିଇଓ ମୁନୁ କୁମାର ମିଶ୍ର, ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ, ପରିଚାଳନା କମିଟି ସଭାପତି ଦେବାଶିଷ ମହାକୁର, ପ୍ରଧାନଶିକ୍ଷକ ଜୟ କୁମାର ସା, ମଧ୍ୟାହ୍ନଭୋଜନ ସଂଯୋଜକ ସୁଧୀର କୁମାର ମିଶ୍ର, ପୂର୍ବତନ ଚାରଭଟା ସିଆରସିସି ରୋହିତ କୁଅଁର, ସିଆରସିସି ସୁରେଶ ଚନ୍ଦ୍ର ଘିବେଲା, ଜଗମୋହନ ଛାତ୍ରିଆ, ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ଆଇଇଭି କମସରା ଆଦିତ୍ୟ ମିଶ୍ର, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ହରିଶ୍ଚନ୍ଦ୍ର




ସାହୁ ପ୍ରମୁଖ ଯୋଗଦାନ କରିଥିଲେ। କୁମ୍ଭାରମୁଣ୍ଡା କ୍ଲଷ୍ଟରର ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିତର୍କ, ପ୍ରବନ୍ଧଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁମ୍ଭାର ମୁଣ୍ଡା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ତଥା କମିଟି ସଦସ୍ୟ ସହଯୋଗ କରିଥଲେ। ନିବେଦିତା ଭୋଇ, ମଞ୍ଚ ପରିଚାଳନା କରିଥିବାବେଳେ ରୋହିତ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ତିନିଦିନ ହେଲା ଜଳଯୋଗାଣ ବନ୍ଦ

# ପାଣି ପାଇଁ ଲୋକେ ଡହକବିକଳ



**ବୌଦ୍ଧ,୨୫ ।୧୦(ସମିସ)**

ବୌଦ୍ଧ ବ୍ଲକ୍‌ରେ "ହର୍ ଘର୍ ଜଲ୍ ଯୋଜନା' ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବା ଯୋଗୁଁ ତିନି ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ଯୋଗୁଁ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ ବୌଦ୍ଧ ବ୍ଲକ୍ ତେଲିବନ୍ଧ ପଞ୍ଚାୟତ ଅଧୀନ ସୁବର୍ଣ୍ଣପୁର ନିକଟରେ ଏକ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏବଂ ଜଗତି ମହାନଦୀ କୂଳରେ ଇଣ୍ଟେକ ୱେଲ ନିର୍ମାଣ କରାଯାଇଛି। ୪୨୦ କୋଟି ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ଉକ୍ତ ପ୍ରକଳ୍ପ ଦ୍ୱାରା ବ୍ଲକ୍‌ର ୨୩ଟି ପଞ୍ଚାୟତର ପ୍ରତ୍ୟେକ ପରିବାରକୁ ଦୈନିକ ମୁଣ୍ଡ ପିଛା ୭୦ ଲିଟର ପାଣି ଯୋଗାଇବା ବ୍ୟବସ୍ଥା ରହିଛି। ଏଲଆଣ୍ଡଟି ସଂସ୍ଥା ନିର୍ମାଣ କାର୍ଯ୍ୟ କରୁଛି। ତେବେ ୨୦୧୯ରେ ନିର୍ମାଣ ଆରମ୍ଭ ହୋଇ ୨୦୨୩ରେ ସରିବା ଧାର୍ଯ୍ୟ ଥିବା ବେଳେ ଅବଧିରୁ ଅତିରିକ୍ତ ୨ ବର୍ଷ ବିତି ଯାଇଥିଲେ ହେଁ ଏଯାଏ ଅନେକ ଗାଁକୁ ପାଇପ ପଡ଼ିନାହିଁ କି ଓଭରହେଡ୍ ଟାଙ୍କି ନିର୍ମାଣ ହୋଇନାହିଁ। ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସହିତ ଜଗତି ନିକଟସ୍ଥ ମହାନଦୀ କୂଳରେ ଇଣ୍ଟେକ ୱେଲ ନିର୍ମାଣ କରାଯାଇ ୩ଟି ମୋଟର ଯୋଗେ ଜଳ ଯୋଗାଣ ହେଉଛି। ମାତ୍ର ତ୍ରୁଟିପୂର୍ଣ୍ଣ ଭାବେ ପାଇପ ବିଛାଇ ଓ ବିଭିନ୍ନ ସ୍ଥାନରେ ପାଇପ ଫାଟିବା ଯୋଗୁଁ ଉକ୍ତ ସ୍ଥାନରେ ଲିକ୍ କରି ପାଣି ବାହାରେ ଭାସୁଛି ସିନା ଷ୍ଟାଣ୍ଡ ପୋଷ୍ଟ ପର୍ଯ୍ୟନ୍ତ ପହଞ୍ଚିପାରୁ ନାହିଁ। ଯଦ୍ୱାରା ବର୍ତ୍ତମାନ ଶୀତ ଋତୁର ଆଗମନରୁ ହିଁ ବ୍ଲକର ବିଭିନ୍ନ ଗ୍ରାମରେ ଲୋକେ ଜଳ କଷ୍ଟ ଭୋଗିବା ଆରମ୍ଭ ହେଲାଣି। ଆଗକୁ ପରିସ୍ଥିତି ଭୟଙ୍କର ହେବା ଆଶଙ୍କା ରହିଛି। ତେଣୁ ଏହାର ସମାଧାନ ପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ବିଭିନ୍ନ ଆଳ ଦେଖାଉଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀ ଇଲାରୀଶ ତୁର୍କୀଙ୍କୁ ଯୋଗାଯୋଗ କରିବାରୁ ମୁଁ ବୁଝି କହିବି ବୋଲି କହିଥିଲେ। ତୁରନ୍ତ ପାନୀୟ ଜଳ ଯୋଗାଣ ନହେଲେ ଅଞ୍ଚଳବାସୀ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବାଳିକା ଲିଙ୍ଗଗତ ବୈସମ୍ୟ ଦୂରୀକରଣ ସଚେତନତା କର୍ମଶାଳା

**ପୁରୁଣାକଟକ,୨୫ ।୧୦(ସମିସ):** ବାଳିକା ଲିଙ୍ଗଗତ ବୈସମ୍ୟତା ଦୂରୀକରଣ ସମ୍ପର୍କିତ ସଚେତନତା କର୍ମଶାଳା ସାଧୁ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବିଦ୍ୟାଳୟର ଅଧ୍ୟକ୍ଷ ଓମ୍ ପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁମଙ୍ଗଳ ସମିତିର ସଦସ୍ୟ ରାଜୀବ କୁମାର ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଅଣ ଆନୁଷ୍ଠାନିକ ଯତ୍ନ ବିଭାଗର ସୁରକ୍ଷା ଅଧିକାରୀ



ସୁଶାନ୍ତ ଭୋଇ, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ,ବାଳିକା ଶିକ୍ଷା ବିଭାଗର ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା ଓ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ଗୀତାଞ୍ଜଳି କଂହର ପ୍ରଶିକ୍ଷକ ଭାବେ ଯୋଗଦେଇ ଥିଲେ। ବରିଷ୍ଠ ଶିକ୍ଷକ ନବକିଶୋର ଦୀପ ସଂଯୋଜନା କରିଥିବାବେଳେ ରାଜଲକ୍ଷ୍ମୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କର୍ମଶାଳାରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ଅସ୍ଥାୟୀ ଅଧ୍ୟାପକଙ୍କୁ ବର୍ଦ୍ଧିତ ଦରମା ପ୍ରଦାନ ଦାବି

# ଲିଖିତ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ଆନ୍ଦୋଳନକାରୀ

ଜୟପୁର, ୨୫ ।୧୦(ସମିସ)

କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଅସ୍ଥାୟୀ ତଥା ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ମାନେ ସେମାନଙ୍କ ବର୍ଦ୍ଧିତ ଦରମା ପ୍ରଦାନ ଦାବି ନେଇ ଗତକାଲି ପୂର୍ବାହ୍ନ ଠାରେ ମୁଖ୍ୟଫାଟକରେ ତାଲା ଦେଇ ସମ୍ମୁଖରେ ଧାରଣା ଦେଇଥିଲେ। ବିଶ୍ୱବିଦ୍ୟାଳୟର ଶ୍ରେଣୀ ବର୍ଜନ କରିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିଲେ। ଗତକାଲି ବିଶ୍ୱବିଦ୍ୟାଳୟ କୁଳପତି, କୁଳସଚିବ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଅଧ୍ୟାପକ ମାନେ ବୁଝାସୁଝା କରିଥିଲେ। କିନ୍ତୁ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ସେମାନେ



ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସ୍ପଷ୍ଟ କରିଥିଲେ। ଗତ ଦୁଇଦିନ ପୂର୍ବରୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ସମସ୍ତ କାଗଜପତ୍ର ଏବଂ ଚୁକ୍ତିନାମା ନେଇ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆସନ୍ତା ସୋମବାର କୁଳସଚିବ ମହେଶ୍ୱର ନାୟକ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗତକାଲି ଆନ୍ଦୋଳନ ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପକ୍ଷରୁ ପୁଣି ଚିଠି ମାଧ୍ୟମରେ ଆସନ୍ତା ୨୭ ତାରିଖରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ନାମା ଆସିଛି। ଗତକାଲି ଆନ୍ଦୋଳନକାରୀ ଅସ୍ଥାୟୀ ଅଧ୍ୟାପକ ମାନେ ଆନ୍ଦୋଳନରୁ ବିରତ ହେବାକୁ ଅମଙ୍ଗ ହୋଇଥିଲେ। କିନ୍ତୁ ଆଜି ପୁଣି ପୂର୍ବାହ୍ନରେ ଆନ୍ଦୋଳନକାରୀ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସହିତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଲୋଚନା କରିଥିଲେ। ଶେଷରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଉଚ୍ଚ ଶିକ୍ଷା ବିଭାଗର ଚିଠି ସଂଲଗ୍ନ କରିବା ସହିତ ଦରମା ନେଇ ଆଲୋଚନା ହେବ ବୋଲି ଲିଖିତ ଭାବେ ଜଣାଇବା ପରେ ଅସ୍ଥାୟୀ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଆନ୍ଦୋଳନରୁ ବିରତ ରହିଥିଲେ। ଏହିପରି ଅସ୍ଥାୟୀ ଅଧ୍ୟାପକ ମାନଙ୍କ ୩ ଜଣିଆ ପ୍ରତିନିଧି ଉଚ୍ଚଶିକ୍ଷା ବିଭାଗ ସହିତ ଆଲୋଚନାରେ ଉପସ୍ଥିତ ରହିବେ ବୋଲି ସହମତି ପ୍ରକାଶ ପାଇଛି। ଏହାପରେ ମଧ୍ୟାହ୍ନରେ ଆନ୍ଦୋଳନର ସମ୍ପୂର୍ଣ୍ଣ ଭାବେ ସ୍ଥଗିତ ରଖାଯାଇଥିଲା। ଆଜି ପୂର୍ବାହ୍ନରେ ମଧ୍ୟ ଆନ୍ଦୋଳନକାରୀ ଅଧ୍ୟାପକ ଅଧ୍ୟାପିକା ମାନେ ଧାରଣା ଦେଇଥିଲେ ସୁଦ୍ଧା ପାର୍ଶ୍ୱ ଫାଟକ ଦେଇ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଅନ୍ୟମାନଙ୍କୁ ଯାତାୟାତ ପାଇଁ ସୁବିଧା ପ୍ରଦାନ କରିଥିଲେ।

## ସାଇବର ଠକେଇର ଶିକାର ହେଲେ ଓଏମ୍‌ସି ଡେପୁଟି ମ୍ୟାନେଜର

● ୬ ଲକ୍ଷ ୧୦ ହଜାର ୭ଶହ ୯୬ ଟଙ୍କା ଠକେଇ

ଲକ୍ଷ୍ମୀପୁର, ୨୫।୧୦(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅଞ୍ଚଳର ଡେପୁଟି ମ୍ୟାନେଜର, ମାଇନିଙ୍ଗ (ଓଏମସି) ସୁରେଶ ଚନ୍ଦ୍ର ସେଠୀ ୬ ଲକ୍ଷ ୧୦ ହଜାର ୭ ଶହ ୭୬ ଟଙ୍କା ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କୁ ଗୁରୁବାର ଦିନ ୧୧ଟା ସମୟରେ ଏକ ଫୋନ କଲ୍ ଆସିଥିଲା। ସେଥିରେ ସାଇବର ଠକ ଜଣକ ଗାଡ଼ି ବିଷୟରେ ପଚାରି ବୁଝିଥିଲା ଓ ଆଧାର କାର୍ଡ ପଠାଇବାକୁ କହିଥିଲା। ଶ୍ରୀ ସେଠୀ ସଙ୍ଗେ ସଙ୍ଗେ ଆଧାର କାର୍ଡ ପଠାଇଥିଲେ। ଏହା ପରେ ବିଏସଏନ୍ଏଲ୍ ନେଟ୍‌ୱାର୍କ କିପରି ଚାଲିଛି ବୋଲି ପୁଣି ଥରେ କଲ୍ କରି ପଚାରି ଥିଲେ। ବିଏସଏନଏଲ୍ ଏଠି ଠିକ୍ ନାହିଁ କହି ଫୋନ୍ କାଟି ଦେଇଥିଲେ। ଏହାର ଦୁଇ ଦିନ ପରେ ଶନିବାର ଦିନ ଆରମ୍ଭ ହୋଇଥିଲା ତାଙ୍କ ଖାତାରୁ ଟଙ୍କା କଟିବା। ଶ୍ରୀ ସେଠୀଙ୍କର କୋରାପୁଟ ସ୍ଥିତ ୟୁନିୟନ ବ୍ୟାଙ୍କ ରେ ଖାତା ରହିଛି। ଏହି ଖାତାରୁ ୧୦ଟି ବିଭିନ୍ନ ଆକାଉଣ୍ଟକୁ ଟଙ୍କା ଯାଇ ଥିଲା। ୯ ୯ ହଜାର ଟଙ୍କା ରୁ ଆରମ୍ଭ ହୋଇ ୮୦ ହଜାର, ୭୨ ହଜାର ଏଭଳି ଭିନ୍ନ ଭିନ୍ନ ଆକାଉଣ୍ଟକୁ ଟଙ୍କା ଯାଇଥିବା ଜଣାପଡ଼ିଛି। ଶନିବାର ଦିନ ୩ ସମୟରେ ସେ ଏପରି ଠକେଇର ଶିକାର ହୋଇ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିଥିଲେ। ଅଧିକା ଟଙ୍କା ସାଇବର ଠକେଇ ହୋଇଥିବାରୁ କୋରାପୁଟ ସାଇବର ଥାନାରେ କେସ ଦେବାକୁ ଲକ୍ଷ୍ମୀପୁର ଥାନା ଆଇଆଇସି ସୁଜ୍ଞାନୀ ସାହୁ ତାଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ଶ୍ରୀ ସେଠୀ ସଙ୍ଗେ ସଙ୍ଗେ କୋରାପୁଟ ଯାଇ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ପୁଲିସ ଅଭିଯୋଗ ଗ୍ରହଣ କରି ନିଜର କାର୍ଯ୍ୟପନ୍ଥା ଆରମ୍ଭ କରି ଥିବା ଜଣାପଡ଼ିଛି। ଠକେଇ ହୋଇଥିବା ମ୍ୟାନେଜରଙ୍କ ନିଜ ଘର କେନ୍ଦ୍ରାପଡ଼ା ଜିଲ୍ଲାର କାଳୁପଡ଼ାରେ ବୋଲି ଜଣାପଡ଼ିଛି।

## ମଦ ସହ ୨ ଅଟୋ ଜବତ, ୨ ଗିରଫ



ବୈପାରିଗୁଡ଼ା, ୨୫।୧୦(ସମିସ): ବୈପାରିଗୁଡା ଅବକାରୀ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ପରିମାଣର ମଦ ଜବତ କରିବା ସହ ଦୁଇଟି ଅଟୋ ଏବଂ ଦୁଇ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ ଦଣ୍ଡାବାଡିର ଅଭି ନାୟକ (୪୩) ଓ ଡୁମୁରିଗୁଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବିଷୋୟୀ (୨୩)। ସୂଚନା ଅନୁଯାୟୀ, ଦଣ୍ଡାବାଡି ରାସ୍ତା ଦେଇ ଅଭି ଏକ ଅଟୋ ଯୋଗେ ଯାଉଥିବା ବେଳେ ସନ୍ଦେହରେ ଗାଡି ଯାଞ୍ଚ କରାଯାଇଥିଲା। ଅଟୋରୁ ୨୫ ଲିଟର ବିଦେଶୀ ମଦ, ୨୦ ଲିଟର ସଲପ ତାଡ଼ି ଏବଂ ୧୦୦ ଲିଟର ପୋଚ ବାହାରିଥିଲା। ସେହିପରି ରାମଗିରି ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଅଟୋ ଯୋଗେ ୩.୪୨୦ ଲିଟର ବିଦେଶୀ ମଦ, ୨୩.୭୫୦ ଲିଟର ବିୟର, ୧୦୦ ଲିଟର ଦେଶୀ ରନ୍ଧା ମଦ ଏବଂ ୩୦ ଲିଟର ସଲପ ତାଡ଼ି ବିକ୍ରି ଉଦ୍ଦେଶ୍ୟରେ ନେଉଥିବା ବେଳେ ଜବତ କରାଯାଇଛି। ଦୁଇଟି ଅଟୋ ସହ ମଦ ଜବତ କରିବା ସହ ଦୁଇ ମଦ ବେପାରୀଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭଗ ପକ୍ଷରୁ ସୂଚନା ଦେଇଛନ୍ତି।

● ଶୁଣିଲାନି ପ୍ରଶାସନ

## ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

କୁନ୍ଦୁରା, ୨୫।୧୦(ସମିସ): ଶୁଣିଲାନି ପ୍ରଶାସନ। ଶେଷରେ ଘର ପିଛା ଚାନ୍ଦା ଆଦାୟ କରି ଗ୍ରାମବାସୀ କଲେ ରାସ୍ତା ନିର୍ମାଣ। ଆଜି ଏଭଳି ଘଟଣା ଦେଖିବାକୁ ମିଳିଛି କୁନ୍ଦୁରା ବ୍ଲକ ଅନ୍ତର୍ଗତ କେରମେଟି ପଞ୍ଚାୟତ ଡୁମ୍ବାପଦର ଗୌଡ଼ ସାହି ଠାରେ। ଜବାପଦର- ଡୁମ୍ବାପଦର ମୁଖ୍ୟ ରାସ୍ତା ଠାରୁ ଗୌଡ଼ ସାହିକୁ ପ୍ରାୟ ଏକ କିମି ଦୂରତା ରହିଛି। ଏହି ରାସ୍ତା ମଧ୍ୟରୁ ମୁଖ୍ୟତଃ ମାଉଳୀ ଯୋଡ଼ି ଓ ବାଉନି ନାଳ ନିକଟରେ ପ୍ରାୟ ତିନି ଶହ ମିଟର ରାସ୍ତା ଶୋଚନୀୟ ହୋଇ



ପଡ଼ିଥିଲା। ପାହାଡ଼ ରାସ୍ତା ବର୍ଷା ଦିନେ ଜଙ୍ଗଲର ପାଣି ବୋହି ରାସ୍ତା ମଝିରେ ନାଳ ଓ ୩, ୪ ଫୁଟ ଗଭୀରର ଗାତ ସୃଷ୍ଟି ହୋଇଥିଲା। ଜରୁରୀ ସ୍ୱାସ୍ଥ୍ୟସେବା କିମ୍ବା ଗର୍ଭବତୀ, ପ୍ରସୂତୀ ମହିଳାଙ୍କୁ ମେଡିକାଲ୍ ନେବାକୁ ହେଲେ ଗାଁ ଠାରୁ ୧ କିମି ଦୂର ମୁଖ୍ୟ ରାସ୍ତାକୁ ରୋଗୀଙ୍କୁ ଆଣିଲେ ସେଠାରୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ୍‌କୁ ନିଅନ୍ତି ଓ ଆଜି ସୁଦ୍ଧା ଗାଁରେ ପହଞ୍ଚି ପାରିନି ସରକାରୀ ଆମ୍ବୁଲାନ୍ସ ସେବା। ଏ ସବୁ ପାଇଁ ରାସ୍ତା ନ ହେଲେ ନ ଚଳେ। ତେଣୁ ରାସ୍ତା ନିର୍ମାଣ କରିଛନ୍ତି ଗାଁ ଲୋକେ। ସୂଚନା ଥାଉକି ଏ ଭିତରେ ବହୁବାର ଲିଖିତ ଓ ମୌଖିକ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ୱାର୍ଡ଼ ମେମ୍ବର, ନାଏବ ସରପଞ୍ଚ, ସରପଞ୍ଚ ଠାରୁ ଗ୍ରାମସଭା, ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ସବୁଠି ଲିଖିତ ଅଭିଯୋଗ ହୋଇଛି। କିନ୍ତୁ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେଲା ନାହିଁ ପ୍ରଶାସନ। ତେଣୁ ଘର ପିଛା ଚାନ୍ଦା ଆଦାୟ କରି ଏହି ଦୁଇଟି ନାଳ ନିକଟରେ ଜେସିବି ଦ୍ୱାରା ରାସ୍ତା ନିର୍ମାଣ କରିଛନ୍ତି ଗ୍ରାମବାସୀ। ଏଥିଲାଗି ଗାଁର ସନସାଇ ସାନ୍ତା, ଦାସ ସାନ୍ତା, ରବୀନ୍ଦ୍ର ସାନ୍ତା, ଧବଲୁ ସାନ୍ତା, ସୁରେନ୍ଦ୍ର ସାନ୍ତା, ଦୁର୍ଯ୍ୟ ସାନ୍ତା ଏବଂ ଭାଲୁ ସାନ୍ତା ପ୍ରମୁଖ ରାସ୍ତା ମରାମତି ଓ ଦୁଇଟି ନାଳରେ କଲଭର୍ଟ ନିର୍ମାଣ ପାଇଁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଶିଖପାଲି, ୨୫ ।୧୦(ସମିସ): ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ସଭାପତି ମାନସ ମାଡକାମିଙ୍କ ଆହ୍ୱାନ କ୍ରମେ ମାଲକାନଗିରି ବ୍ଲକରେ ଜନସମ୍ପର୍କ ପଦଯାତ୍ରା ଶିଖପାଲିରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ସଦସ୍ୟ ମୁକା ପଡ଼ିଆମୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଜେଡି ସରକାରରେ ଥିବା ବେଳେ ଲୋକଙ୍କ ପାଇଁ କରିଥିବା ଯୋଜନା ଓ କାର୍ଯ୍ୟ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସେହିପରି ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ଉପରେ ଆଲୋକପାତ କରାଯାଇଥିଲା।



ରାଜ୍ୟରେ ନାରୀ ଅସୁରକ୍ଷିତ, ଦରଦାମ, ବେକାରୀ ସମସ୍ୟା ବଢ଼ି ଚାଲିଥିବାରୁ ରାଜ୍ୟର ମୋହନ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ରଙ୍ଗମାରି ରାଜ୍ୟ ସରକାର ଲୋକଙ୍କୁ ଠକିବାକୁ ଚେଷ୍ଟା କରୁଥିବା କୁହାଯାଇଥିଲା। ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ପ୍ରଭାକର ହନ୍ତାଳ, ଘନଶ୍ୟାମ ମାଡକାମି, ଲକ୍ଷ୍ମୀପ୍ରିୟା ନାୟକ, କଣ୍ଟେଶ୍ୱର ପଙ୍ଗୀ, ଗୋପାଳ ପଣ୍ଡା, ସର୍ବେଶ୍ୱର ବିଶୋଇଙ୍କ ସହ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଏବଂ ଦୁଇ ହଜାରରୁ ଅଧିକ ଲୋକ ପଦଯାତ୍ରା ଓ ସଭାରେ ଯୋଗ ଦେଇଥିଲେ।

## ମଦ ଜବତ; ଦୁଇ ମହିଳା ଗିରଫ

କୋଷାଗୁମୁଡା, ୨୫।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ଦିଲୀପ ଦାସ ଓ ଅବକାରୀ ଇନ୍ସପେକ୍ଟର ଦିଲୀପ କୁମାର ରଥଙ୍କ ନିର୍ଦ୍ଦେଶ କ୍ରମେ କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଅବକାରୀ ବିଭାଗର ତତ୍ପରତାରେ ଆଜି କୋଡ଼ିଙ୍ଗାର ଜାହାଜ ଭଟ୍ଟାର ମୋତି ଭତ୍ରା ପାଖରୁ ୧୦ଲିଟର ଓ ଦେବକୀ ପାତ୍ର ପାଖରୁ ୧୨ ଲିଟର ଦେଶୀ ବିହାରୀ ମଦ ଜବତ ହୋଇଛି। ଦୁଇ ଜଣ ମହିଳା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ



କୋଡ଼ିଙ୍ଗା ଅବକାରୀ ଅଧିକାରୀ ଦେଶୀରାଜ ସୁନା ଏଏସଆଇ ହଳଧର ଯାନୀ, କନେଷ୍ଟବଳ ପ୍ରମଦ କୁମାର ବାଘ, କାଳୀମଣି ମୁଦୁଲି, ରମେଶ ଚନ୍ଦ୍ର ପ୍ରଧାନ ଏବଂ ତାଙ୍କ ଟିମ ସାମିଲ ଥିଲେ। ଅଭିଯୁକ୍ତ ମହିଳା ଦୁଇ ଜଣ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ସ୍ଥାନୀୟ ଜାହାଜ ଭଟ୍ଟା ସାହିର ବୋଲି କୋଡ଼ିଙ୍ଗା ଅବକାରୀ ଅଧିକାରୀ ଦେଶୀରାଜ ସୁନା ସୂଚନା ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ତମାଖୁ ମୁକ୍ତ ଅଭିଯାନର ବୈଠକ

ବୈପାରୀଗୁଡ଼ା, ୨୫।୧୦(ସମିସ): ଶନିବାର ବୈପାରୀଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ମେଡିକାଲ ଇନ୍‌ଚାର୍ଜ ଡାକ୍ତର ବାଶୁଭଦତ୍ତା ନାୟକଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ତମାଖୁ ମୁକ୍ତ ଅଭିଯାନ ୩.୦ର



ବୈଠକ ଅନୁଷ୍ଠିତ ହୋଇଯାଇଛି। ତମାଖୁ ସେବନ ଓ ଏହାଜନିତ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଉପରେ ଏଥିରେ ବିସ୍ତୃତ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଆରମ୍ଭ ହୋଇଥିବା ତମାଖୁ ମୁକ୍ତ ଅଭିଯାନ ୩.୦ ଅକ୍ଟୋବର ୧୦ ତାରିଖରୁ ଆରମ୍ଭ ହୋଇ ୯ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମ ମାଧ୍ୟମରେ ତମାଖୁ ବର୍ଜନ ବିଷୟରେ ଜନସଚେତନତା ସୃଷ୍ଟି କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଆଶିଷ କୁମାର ଭଳ, ବିପିଏମ ହେମରାଜ ପାଣିଗ୍ରାହୀ, ପିଏଚଇଓ ସୁନିତା ପଟ୍ଟନାୟକ, ବିଏଏମ ପ୍ରମୋଦ ନାୟକ, ଏଲଟି ସୂର୍ଯ୍ୟନାରାୟଣ ହତା, ଏଚସିଡି ଆଶୁତୋଷ ସାହୁ, ଏସଟିଏସ ସମୀର ଗନ୍ତାୟତ, ଏମ୍‌ଆରଏ ସୌରଭ ମାହାଙ୍କୁଡ ତଥା ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ନାଲ୍‌କୋ ଟାଉନ୍‌ସିପ୍‌ରେ ମା'କାଳୀଙ୍କ ବିସର୍ଜନ ଶୋଭାଯାତ୍ରା

ଦାମନଯୋଡ଼ି, ୨୫।୧୦(ସମିସ): ନାଲ୍‌କୋ ଟାଉନ୍‌ସିପ ସେକ୍ଟର ୧ ପୂଜା ମଣ୍ଡପରେ ମା'କାଳୀଙ୍କ ବିସର୍ଜନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ମା'ଙ୍କୁ ମହିଳାମାନଙ୍କ ଦ୍ୱାରା ସ୍ୱତନ୍ତ୍ର ବନ୍ଦାପନା କରାଯାଇଥିଲା। ଶୋଭାଯାତ୍ରାରେ ମା'ଙ୍କୁ ନଗର ପରିକ୍ରମା କରାଯାଇଥିଲା। ସେକ୍ଟର ୨ ସୁପର ମାର୍କେଟ ନିକଟ ପଡ଼ିଆରେ ସ୍ୱତନ୍ତ୍ର ଆତସବାଜି ପ୍ରଦର୍ଶନ ସହିତ ସଂକୀର୍ତ୍ତନ, ଶଙ୍ଖ ହୁଳହୁଳି, ଘଣ୍ଟଘଣ୍ଟା ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭି. ଏସ. ଏସ ଆନନ୍ଦ(ପ୍ରୋଜେକ୍ଟ), ମୁଖ୍ୟ ମହାପ୍ରବନ୍ଧକ ପୁରୁଷୋତ୍ତମ ମହନ୍ତ, ସଞ୍ଜୟ ଗୁପ୍ତା ଓ ସୁଗାତୋ ଆନନ୍ଦ ବାସୁ ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ। ପରେ ମା'ଙ୍କୁ ନଗର ପରିକ୍ରମା କରାଯାଇ ଏକ ସ୍ୱତନ୍ତ୍ର ପୋଖରୀରେ ବିସର୍ଜନ କରାଯାଇଥିଲା। ସେକ୍ଟର ୧ ଓ ୨ ସାର୍ବଜନୀନ ମା'ଦୁର୍ଗା ଓ କାଳୀ ପୂଜା କମିଟି ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଧୀରେନ୍ଦ୍ର କୁମାର ବେହେରା, ସମ୍ପାଦକ ଅନାମ ଚରଣ ନାୟକ, କୋଷାଧ୍ୟକ୍ଷ ରଞ୍ଜନ କୁମାର ବେହେରାଙ୍କ ସହିତ ସୁଜିତ ଜେନା, ସଦାଶିବ ବେହେରା, ରଞ୍ଜୟ କୁମାର କାନୁନଗୋ, ଡ଼ ଅଶୋକ ମହାନ୍ତି, ଆନନ୍ଦ ମୋହନ ପ୍ରସାଦ, ମୁରଲୀଧର ମହାପାତ୍ର, କିରଣ ମହାନ୍ତି, ଦିନେଶ ଶୁକ୍ଲା, ରାଜୀବ ଜେରାଇ, ଲମ୍ବୋଦର ସ୍ୱାଇଁ ଓ ଅନୁଜ ଶୁକ୍ଲା ପ୍ରମୁଖ ପରିଚାଳନା କରିଥିଲେ। ଦାମନଯୋଡ଼ି ଆଦର୍ଶ ଥାନା ଅଧିକାରୀଣୀ ପ୍ରମିଳା ବିଡ଼ିକାଙ୍କ ନେତୃତ୍ୱରେ ପୋଲିସ, ସିଆଇଏସଏଫ ଯବାନ ଓ ଟାଉନ୍‌ସିପ ଘରୋଇ ସୁରକ୍ଷା କର୍ମୀ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା କରିଥିଲେ।

## ନାଗ ଚତୁର୍ଥୀ ପାଳିତ

ସେମିଳିଗୁଡ଼ା, ୨୫।୧୦ (ସମିସ): ସେମିଳିଗୁଡା ସହରରେ ତେଲୁଗୁ ସମ୍ପ୍ରଦାୟ ଲୋକଙ୍କ ଦ୍ୱାରା ନାଗ ଚତୁର୍ଥୀ ପାଳିତ ହୋଇଯାଇଛି। କାର୍ତ୍ତିକ ମାସରେ ଦିଆଲି ପାଞ୍ଚ ଦିନ ପରେ ଚତୁର୍ଥ ଦିନ ପିଲା ମାନଙ୍କ ଭଲ ସ୍ୱାସ୍ଥ୍ୟ ନିମନ୍ତେ ନାଗ ଚତୁର୍ଥୀ ପାଳନ କରାଯାଏ। ଉକ୍ତ ଦିନ ସହରରେ ଥିବା ବିଭିନ୍ନ ସ୍ଥାପନକୁ ଯାଇ କ୍ଷୀର, ଅଣ୍ଡା,



ପଞ୍ଚାମୃତ ଓ ଅନ୍ୟ ଭୋଗ ସହିତ ପୂଜାର୍ଚ୍ଚନା କରାଯାଏ। କାର୍ତ୍ତିକ ମାସ ହୋଇଥିବାରୁ ଶିବ ମନ୍ଦିର ଓ ଅନ୍ୟ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି।



## ନାଗ ଚତୁର୍ଥୀ ପାଳିତ

ଦାମନଯୋଡ଼ି, ୨୫।୧୦(ସମିସ): କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଥୀ ଅର୍ଥାତ ଦୀପାବଳୀ ଅମାବାସ୍ୟା ଚତୁର୍ଥ ଦିନରେ ଶନିବାର ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ନାଗ ଚତୁର୍ଥୀ ପାଳିତ ହୋଇଯାଇଛି। ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ଉପବାସ ତଥା ବ୍ରତ ପାଳନ କରି ପ୍ରାତଃରୁ ବିଭିନ୍ନ ଉଇହୁଙ୍କାକୁ ଯାଇ ନାଗ ଦେବତାଙ୍କୁ ପରିବାରର ମଙ୍ଗଳ କାମନା ପାଇଁ ପୂଜାର୍ଚ୍ଚନା କରିଥିଲେ। କ୍ଷୀର, କଞ୍ଚା ରାଶି ଓ ଗୁଡ଼ରେ ତିଆରି ଭୋଗ, ଚାଉଳ ଚୂନା, ଘିଅ, ଚିନି, କଞ୍ଚା କ୍ଷୀରରେ ତିଆରି ଅନ୍ୟ ଏକ ଭୋଗ 'ଚାଲିମୁଡ଼ି', କଦଳୀ, ଅଣ୍ଡା ଆଦି ଭୋଗ ଲଗାଇ ଏବଂ ଫୁଲ, ଧୂପ, ଦୀପ, ଚନ୍ଦନ ଇତ୍ୟାଦି ସହିତ ଉଇ ହୁଙ୍କାର ନାଗ ଦେବତାଙ୍କୁ ପୂଜା କରିଥିଲେ। ଏଥି ସହିତ ମାନସିକ ପୂରଣ କରିଥିବା ପରିବାର ପକ୍ଷରୁ ନିଜ ସମ୍ବଳ ଅନୁଯାୟୀ ତମ୍ବା, ରୂପା କିମ୍ବା ସୁନା ତିଆରି ନାଗ ମଧ ସମର୍ପଣ କରାଯାଇଥାଏ ବୋଲି ଶ୍ରଦ୍ଧାଳୁ କେ.ଚଣ୍ଡିପ୍ରସାଦ ରାଓ ଓ ତାଙ୍କ ଧର୍ମପତ୍ନୀ କେ.ଭବାନୀ ପ୍ରକାଶ କରିଛନ୍ତି।

## ଆଦିବାସୀ ମହାସଂଘର କୋର କମିଟି ବୈଠକ

### ଜିଲ୍ଲା କର୍ମକର୍ତ୍ତା ଚୟନ ନେଇ ଆଲୋଚନା



କୋରାପୁଟ, ୨୫।୧୦(ସମିସ): ସ୍ଥାନୀୟ ନିଶାଣିମୁଣ୍ଡା ଠାରେ ଆଦିବାସୀ ମହାସଂଘର କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପୀତବାସ ତପୁଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା କର୍ମକର୍ତ୍ତା ଚୟନ ନେଇ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ଆସନ୍ତା ରବିବାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବା ନେଇ ସୂଚନା ଦିଆଯାଇଛି। ଏହା ସହିତ ଆଦିବାସୀ ମାନଙ୍କର ବିଭିନ୍ନ ଦାବି ଗୁଡିକ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଅନେକ ଅଣ ଆଦିବାସୀ ମାନେ ଆଦିବାସୀ ପ୍ରମାଣପତ୍ର ପାଇ ଆଦିବାସୀଙ୍କ ସୁବିଧା ସୁଯୋଗ ଛଡାଇ ନେଉଥିବା ଅଭିଯୋଗ ହୋଇଛି। ଆଦିବାସୀଙ୍କ ଲୁକାୟିତ ପ୍ରତିଭା କିପରି ଲୋକଲୋଚନକୁ ଆସିବ ସେ ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ଆଦିବାସୀଙ୍କ ଭାଷା, ପରମ୍ପରା ଓ ସଂସ୍କୃତିର ସୁରକ୍ଷା, ଆଦିବାସୀ ସମାଜକୁ ସାମାଜିକ କ୍ଷେତ୍ରରେ ସଶକ୍ତିକରଣ କରିବା ଓ ଆଦିବାସୀଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ସରକାରଙ୍କୁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଏହ ବୈଠକରେ ପୂର୍ବତନ ଏସ୍‌ଡିସି ସଦସ୍ୟ ପଦ୍ମନାଭ ଜାନି, ପୂର୍ବତନ ସଭାପତି ଶିବ ମୁଦୁଲି, ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ଜଗବନ୍ଧୁ ଜାନି ସହ କୋରାପୁଟ ଜିଲ୍ଲାର ୧୪ ବ୍ଲକରୁ କନ୍ଧ, ପରଜା, ଗାଦବା, ସୌରା, ଅମାନତାୟ, ଦୁରୁଆ, ଭତରା, କୋଟିଆ, ପେଣ୍ଟିୟା, ହାଲବା, ନୁକାଦରା ଓ ମୁକାଦରାର ମୁଖିଆ ମାନେ ଉପସ୍ଥିତ ଥିଲେ।

● ସମ୍ଭାବ୍ୟ ବାତ୍ୟା ପାଇଁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ

## ମୁଖ୍ୟାଳୟ ନ ଛାଡ଼ିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କୋରାପୁଟ, ୨୫।୧୦(ସମିସ): ସମ୍ଭାବ୍ୟ ବାତ୍ୟା ପାଇଁ କାରାପୁଟ ଜିଲ୍ଲାକୁ ୱାର୍ଣ୍ଣିଂ ସହ ପ୍ରବଳ ବର୍ଷା ନେଇ ସତର୍କତା ପାଇ ନିର୍ଦ୍ଦେଶ ଜାରି କରାଯାଇଛି। ରାଜସ୍ୱ ମନ୍ତ୍ରୀ ମଧ ବିଭାଗୀୟ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଆଲର୍ଟ ଅନୁଯାୟୀ ୨୭ରୁ ୩୦ ତାରିଖ ମଧ୍ୟରେ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲ୍ଲାର ଅଧିକାରୀ ମାନେ ମୁଖ୍ୟାଳୟ ନ ଛାଡିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ଜାରି ରହିଛି। ୨୭ରୁ ୩୦ ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଅନ୍ୟପଟେ ସମ୍ଭାବ୍ୟ ବର୍ଷାରେ କିପରି ପ୍ରଶାସନ ମୁକାବିଲା କରିବ ତାକୁ ନେଇ କୋରାପୁଟ ଜିଲାପାଳ ପ୍ରସ୍ତୁତ ଥିବା କହିଛନ୍ତି। ପାଣିପାଗ କେନ୍ଦ୍ରର ଜାରି କରାଯାଇଥିବା ସତର୍କତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରିବା ସହ ବ୍ଲକ ଓ ଜିଲ୍ଲାପାଳ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲା ଯାଇଛି। ସତର୍କ ରହିବା ପାଇଁ ଜିଲ୍ଲାର ସମସ୍ତ ବ୍ଲକ ବିଡ଼ିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରେ ଲୋକଙ୍କୁ ସଚେତନ କରିବା ସହ ସମସ୍ତ ଆଶ୍ରୟସ୍ଥଳୀ ତଦାରଖ କରି ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଭୂସ୍ଖଳନ ଅଞ୍ଚଳ ଉପରେ ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଓଡ୍ରାଫ ଓ ଅଗ୍ନିଶମ ବିଭାଗକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲାପାଳ କହିଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, MALKANGIRI
Letter No. 3917/RWD-II/Dated- 24.10.2025
1st CORRIGENDUM
TO E-TENDER CALL NOTICE
BID-IDENTIFICATION NO.09/2025-26/LTR NO.3577/Dt. 24.09.2025

O-1174

The Tender for the works invited under Bid Identification 09/2025-26 is here by modified and read as below:-

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability to Tender online for bidding | Dt. 17.10.2025 at 11.00 A.M. to Dt.31.10.2025 Up to 5.30 P.M. | Dt.05.11.2025 at 11.00 to Dt 15.11.2025 Up to 5.30 P.M. |
| 2. | Date & time of seeking tender clarification if any | Dt.30.10.2025 Up to 3.00 P.M. | Dt.14.11.2025 Up to 3.00 P.M |
| 3. | Date & time of Opening of tender (Price Bid) | Dt.01.11.2025 Up to 11.00 A.M. | Dt.17.11.2025 Up to 11.00 A.M |

1. All other terms and conditions of the bids will remain unchanged.

Superintending Engineer
Rural Works Division-II,
Malakngiri

OIPR-25079/11/0036/2526

GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NABARANGPUR IRRIGATION DIVISION
NABARANGPUR,DIST-NABARANGPUR(ODISHA)
Email ID- senidivision@gmail.com

A-748

E-PROCUREMENT NOTICE
BID IDENTIFICATION NO-SE-NID- 04 /2025-26 (01-06)

1. Nature of the work – Construction of Trough wall & Renovation of canal syphon.
2. Total Nos. of works – 06 (Six) Nos.
3. Tender cost of the works–From Rs.7.53 lakhs to Rs.6.71 lakhs (excluding GST)
4. Class of Contractor – 'D'& 'C' Class
5. Period of completion-01(One) Month
6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-04 /2025-26(01-06) | 27.10.2025 (10.00AM) | 10.11.2025 (up to 05.00 PM) | 30.10.2025 up to 5.00 PM | 11.11.2025 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government web site www.tendersodisha.gov.in
Addendum/Corrigendum/Cancellation if any required will be published in Govt.website only.

Superintending Engineer
Nabarangpur Irrigation Division
Nabarangpur

OIPR-32361/11/0018/2526

O-1128

No.4070, Dated 23.10.2025
Government of Odisha "e" procurement Notice
Bid Identification No. TENDER ONLINE SNPR- 07 OF 2025-26

1. Name of the work : Building Works as per DTCN available in the website. www.tendersodisha.gov.in
2. Total No. of Work : 64(Sixty four)Nos.
3. Approximate Estimated Cost : Vary from Rs. 1.68 lakh to Rs. 8.40 lakh
4. Period of Completion : 2 (Two Calendar months)
5. Period and time of availability of bid document in the portal for bidding : 29.10.2025 at 11.00AM to 11.11.2025 up to 5.00 PM
6. Date and time of opening of Tender : 12.11.2025 at 11.00AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W.Division. Sonepur
(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0041/2526

# ୨୪୯୪ କେଜି ମହୁଲ ଜବତ



ନବରଙ୍ଗପୁର, ୨୫।୧୦(ସମିସ): ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ଏବଂ ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଭ୍ରାମ୍ୟମାଣ ଗୋଷ୍ଠୀ ଅବକାରୀ ବିଭାଗ ନିରୀକ୍ଷକ ବୃନ୍ଦାବନ ମଣ୍ଡଳଙ୍କ ତତ୍ତ୍ୱାବଧାନ ରେ ବିଭାଗୀୟ କର୍ମଚାରୀ ମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ନବରଙ୍ଗପୁର ଥାନା ଅନ୍ତର୍ଗତ ଟିରଲାମ ଗୁଡା ଗ୍ରାମନିକଟ ମୁଖ୍ୟ ରାସ୍ତାରେ ଗୋଟିଏ ଟାଟା ୟୋଧା ୧୫୦୦, ସିଜି ୦୮ ଏ ଏମ ୯୨୦୩ ନମ୍ବର୍ ଥିବା ଗାଡିରୁ ୨୪୯୬ କେଜି ମହୁଲ ଜବତ କରାଯାଇଛି। ଏହାପରେ ନବରଙ୍ଗପୁର ଜିଲ୍ଲା ଭ୍ରାମ୍ୟମାଣ ଗୋଷ୍ଠୀ ଅବକାରୀ ବିଭାଗ ପକ୍ଷରୁ ପିଆର୍ ନଂ ୧୯୪/୨୦୨୫-୨୬ରେ ଏକ ମାମଲା ରୁଜୁ କରି ଏହି ଘଟଣାରେ ସମ୍ପୃକ୍ତ ଗଣେଶ ପାନିକାକୁ ଗିରଫ କରି ନବରଙ୍ଗପୁର ଏସ୍‌ଡିଜେଏମ ଅଦାଲତରେ ହାଜର କରାଯାଇଛି। ସେହିପରି କୋଡ଼ିଙ୍ଗା ଥାନା ଅନ୍ତର୍ଗତ ମଦେଇଗାଁ ନିକଟରେ ପର୍ଶୁରାମ ଭତରାଙ୍କ ନିକଟରୁ ୧୮ ଲିଟର ଚୋରା ଦେଶୀ ହାତରନ୍ଧା ମଦ ଜବତ କରାଯାଇ ଜିଲ୍ଲା ଭ୍ରାମ୍ୟମାଣ ଗୋଷ୍ଠୀ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲ୍ ରୁଜୁ କରି ଅଭିଯୁକ୍ତକୁ ନବରଙ୍ଗପୁର ଏସ ଡି ଜେ ଏମ ଅଦାଲତରେ ହାଜର କରାଯାଇଛି ବୋଲି ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥ ସୂଚନା ଦେଇଛନ୍ତି। ଏହି ଚଢ଼ଉ ସମୟରେ ଅବକାରୀ କର୍ମଚାରୀ ରୀନା ବଡ଼ନାୟକ, ରଞ୍ଜିତ ସିଂ, ଦେବେନ୍ଦ୍ର ଭତରା ଓ ଆକାଶ ଶବର ପ୍ରମୁଖ ଉପସ୍ଥିତ ଥିଲେ।

● ମାଡ଼ ମାରିବା ଅଭିଯୋଗ

# ଅଭିଯୁକ୍ତକୁ ୧ବର୍ଷ ଜେଲ୍‌ଦଣ୍ଡ

ରାୟଗଡ଼ା, ୨୫।୧୦(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅର୍ନ୍ତଗତ ପ୍ରାର୍ଥିବେଡ଼ା ଗ୍ରାମର ଏକ ମାମଲାର ଶୁଣାଣି କରି ଶନିବାର ଏସ୍‌ଡିଜେଏମ ଜର୍ଜ ବର୍ଷା ଦାସ ଅଭିଯୁକ୍ତଙ୍କୁ ୧ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ପ୍ରାର୍ଥିବେଡା ଗାଁର ଜାମା ପ୍ରାସ୍କା। ଘଟଣାରୁ ପ୍ରକାଶ ଯେ, ଜୁଲାଇ ୨୭ ତାରିଖରେ ପ୍ରାର୍ଥିବେଡା ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତି କରି କଲ୍ୟାଣସିଂହପୁର ଥାନା କେସ ନଂ ୬୪/୨୫ରେ ମାମଲା ରୁଜୁ କରିଥିଲେ। ଉକ୍ତ ଅଭିଯୋଗରେ ଜାମା ଗାଁ ଲୋକଙ୍କୁ ମାଡ଼ ମାରିବା, ଗାଳିଗୁଲଜ କରିବା ସହିତ ସମସ୍ତଙ୍କୁ ଜୀବନରେ ମାରିଦେବା ନେଇ ଧମକ ଦେଉଥିବା ଉଲ୍ଲେଖ କରିଥିଲେ ଗ୍ରାମବାସୀ। ଏହି ଘଟଣାର ତଦନ୍ତ କରି କଲ୍ୟାଣସିଂହପୁର ଥାନା ପୁଲିସ ଜାମାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାର ବିଚାରଣା କରି ଜର୍ଜ ବର୍ଷା ଦାସ ମୋଟ ୧୪ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ। ଯେଉଁଥିରେ ଜାମାଙ୍କ ପୁଅ ମନୋଜ ପ୍ରାସ୍କା ନିଜେ ବାପାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗକୁ ସତ୍ୟ ବୋଲି କହିଥିଲେ। ବାପା ଜାମା ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ସହିତ ଗାଳି ଗୁଲଜ କରୁଥିଲେ ଏବଂ ମାଡ଼ ମାରିଥିଲେ ବୋଲି ପୁଅ କୋର୍ଟରେ ବୟାନ ଦେଇଥିଲେ। ଏହି ମାମଲାରୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ପରିଚାଳନା କରୁଥିଲେ।

# ୭୭୫ ଗଞ୍ଜେଇ ଗଛ ନଷ୍ଟ, ଜଣେ ଗିରଫ



ନବରଙ୍ଗପୁର/ଉମରକୋଟ, ୨୫।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଅବକାରୀ ବିଭାଗ ପକ୍ଷରୁ କୁନ୍ଦେଇ ଥାନା ଅନ୍ତର୍ଗତ ତାରଂପୁରି ଗ୍ରାମରେ ଚଢ଼ଉ କରି ମୋଟ ୭୭୫ ଟି ଗଞ୍ଜେଇ ଗଛ ନଷ୍ଟ କରିଛି। ଏଥିସହ ଗଞ୍ଜେଇ ଚାଷ କରିଥିବା ଜଣେ ଅଭିଯୁକ୍ତକୁ ଗିରଫ କରି ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ତାରଙ୍ଗପୁରି ଗ୍ରାମର ରାମନାଥ ଗଣ୍ଡ। ରାମନାଥ ନିଜ ବାଡିରେ ଥିବା ବଗିଚାରେ ଗଞ୍ଜେଇ ଗଛରେ ପାଣି ଦେଉଥିବା ସମୟରେ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଗଞ୍ଜେଇ ଗଛକୁ ନଷ୍ଟ କରିବା ସହିତ ରାମନାଥଙ୍କୁ ଗିରଫ କରିଛି। ନଷ୍ଟ କରାଯାଇଥିବା ଗଞ୍ଜେଇର ମୂଲ୍ୟ ୭ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି କହିଛନ୍ତି ଉମରକୋଟ ଅବକାରୀ ନିରୀକ୍ଷକ ରଞ୍ଜୁଲତା ବାରିକ। କୁନ୍ଦେଇ ଥାନା ଅନ୍ତର୍ଗତ ଜଙ୍ଗଲ ନିକଟବର୍ତ୍ତୀ ଗାଁ ମାନଙ୍କରେ ଏଭଳି ଗଞ୍ଜେଇ ଚାଷ କରାଯାଉଛି। ଆଗାମୀ ଦିନରେ ସେ ସ୍ଥାନରେ ଚଢ଼ଉ କରାଯିବ ବୋଲି ପ୍ରକାଶ କରିଛନ୍ତି ଅବକାରୀ ବିଭାଗ ଅଧିକାରୀ।

ଡିଏମ୍‌ଏଫ୍ ବୈଠକ

# ୨୫ କିଲୋମିଟର ଭିତରେ ଖର୍ଚ୍ଚ ହେବ ଖଣିଜ ପାଣ୍ଠି

କୋରାପୁଟ, ୨୫।୧୦(ସମିସ)

ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା ଖଣିଜ ପାଣ୍ଠି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କ ସମେତ ଅନ୍ୟ ମାନେ ଯୋଗ ଦେଇ ଖଣିଜ ପାଣ୍ଠି ବିନିଯୋଗ ପାଇଁ ଥିବା ବିଭିନ୍ନ ନିର୍ଦ୍ଦେଶନାମା ସମ୍ପର୍କରେ ଆଲୋଚନା କରିଥିଲେ। ଖଣିଜ ପାଣ୍ଠି ପ୍ରଭାବିତ ଅଞ୍ଚଳ ବ୍ୟତୀତ ବାହାର ଜିଲ୍ଲାରେ



ଅଧିକ ଖର୍ଚ୍ଚ କରା ଯାଉଥିବା ବିଷୟକୁ ନେଇ ପୂର୍ବରୁ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ସମାଲୋଚନାର ଶିକାର ହେଉଥିବାରୁ ସେହି ନିୟମ ବଦଳାଇ ଖଣିଜ ପାଣ୍ଠି କେବଳ ୨୫ କିଲୋମିଟର ପରିସୀମା ଭିତରେ ଖର୍ଚ୍ଚ କରିବାକୁ ନିୟମ କରା ଯିବା ସ୍ୱାଗତ ଯୋଗ୍ୟ ବୋଲି ସାଂସଦ ଓ ବିଧାୟକମାନେ ବ୍ୟକ୍ତ କରିଥିଲେ। ଅନ୍ୟ ପକ୍ଷରେ ଗତ ତିନି ବର୍ଷର ଅନୁଦାନ ଅର୍ଥରୁ ପ୍ରାୟ ୧୭୫ କୋଟି ଟଙ୍କା ବଳକା ଥିବା ବିଷୟକୁ ନେଇ ସାଂସଦ ଓ ବିଧାୟକ ମାନେ କ୍ଷୋଭ ପ୍ରକାଶ କରିବା ସହ ଚାଲୁଥିବା ପ୍ରକଳ୍ପ ଗୁଡ଼ିକ ତୁରନ୍ତ ଶେଷ କରିବା ଓ ଆରମ୍ଭ ହୋଇନଥିବା ପ୍ରକଳ୍ପ ସବୁ ବାତିଲ କରିବାକୁ ବୈଠକରେ ନିଷ୍ପତ୍ତି ନିଆ ଯାଇଛି। ସେହିପରି ଚଳିତ ବର୍ଷର ଅନୁଦାନରେ କେବଳ ୨୫ କିଲୋମିଟର ପରିସୀମା ଭିତରେ ଥିବା ପ୍ରଭାବିତ ଗ୍ରାମ ଗୁଡ଼ିକରେ ଖର୍ଚ୍ଚ କରିବାକୁ ନିଷ୍ପତି ନେଇ ରାସ୍ତା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ କରା ଯିବାକୁ ଆଲୋଚନା ହୋଇଥିଲା। ପ୍ରୋଗ୍ରାମ ମେନେଜର ହିମାଂଶୁ କୁମାର ଶତପଥୀ ବୈଠକ ପରିଚାଳନା କରିଥିଲେ।

# ଜଙ୍ଗଲଜାତ ଦ୍ରବ୍ୟ ଦେଉଛି ରୋଜଗାର

ଉମରକୋଟ, ୨୫।୧୦ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଗ୍ରାମାଞ୍ଚଳ ଠାରେ ବସବାସ କରୁଥିବା ଆଦିବାସୀ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବେଶ୍ ଦିପଇସା ରୋଜଗାର କରି ଜୀବିକା ନିର୍ବାହ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଜଙ୍ଗଲର ସିଆଳିପତ୍ର, ଶାଳପତ୍ର ସଂଗ୍ରହ କରି ବିଡ଼ା ବାନ୍ଧି ବଜାରରେ ବିକ୍ରି କରିଥାନ୍ତି। ବାଉଁଶ ସରୁ ସରୁ କାଠିରେ ସିଆଡି ପତ୍ରକୁ ସିଲେଇ କରି ଖଲି ପତ୍ର ତିଆରି କରି ବିକ୍ରି କରି ରୋଜଗାର କରିଥାନ୍ତି। ଏହାସହ ଶାଳ ଓ କରଞ୍ଜ ଗଛର କାଠିକୁ ଦାନ୍ତ କାଠି ଭାବେ ବିକ୍ରି କରିଥାନ୍ତି। ଏହାଦ୍ୱାରା ସେମାନେ ଦିନକୁ ୪୦୦ରୁ ୬୦୦ ଟଙ୍କା ରୋଜଗାର କରିଥାନ୍ତି। ପର୍ବ ପର୍ବାଣୀରେ ବିକ୍ରି ଅଧିକା ହେଉଥିବା ଯୋଗୁଁ ଅଧିକ ରୋଜଗାର କରିଥାନ୍ତି। ପର୍ବପର୍ବାଣୀରୁ ଆରମ୍ଭ କରି ଗ୍ରାମରେ ଘରୋଇ ଭୋଜି ଭାତ ଓ ହୋଟେଲ ମାନଙ୍କରେ ଖଲିପତ୍ର ଆଦର ଓ ଚାହିଦା ଅଧିକ ରହୁଛି। ଯାହା ଦ୍ୱାରା ଲୋକେ ଏହି ଖଲିପତ୍ରରେ ଭୋଜନ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ଏତଦ୍‌ବ୍ୟତୀତ



ଠାକୁରଙ୍କ ପାଖରେ ଶାଳପତ୍ରରେ ଭୋଗ ଲାଗି ହୋଇଥାଏ। ଏପରିକି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦର ବିଭିନ୍ନ ହୋଟେଲରେ ଏହି ସିଆଳି ପତ୍ରରେ ଖାଦ୍ୟ ପରସିଥାନ୍ତି। ଏହି ପତ୍ର ବ୍ୟବହାରରେ ପରିବେଶ ନଷ୍ଟ ହେଉ ନଥିବା ବେଳେ ପତ୍ରରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଉପକାରୀ

ଜଙ୍ଗଲ ବୃଦ୍ଧି ପାଇଁ ଦାବି

ହୋଇଥାଏ। ନବରଙ୍ଗପୁର ଜିଲ୍ଲାରେ ଜଙ୍ଗଲରେ ଥିବା ସିଆଳି ଗଛ, ଶାଳଗଛ ଆଦିବାସୀ ଲୋକଙ୍କୁ ରୋଜଗାରକ୍ଷମ କରାଇଥାଏ। କୋରାପୁଟର କଫି ଚାଷ ଭଳି ନବରଙ୍ଗପୁର ଜିଲ୍ଲା ଉମରକୋଟର ସିଆଡିପତ୍ର ଓ ଶାଳପତ୍ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ବୋଲି କୁହନ୍ତି ଉମରକୋଟବାସୀ। ଜଙ୍ଗଲ ଲୋକମାନଙ୍କୁ ରୋଜଗାର ଦେଇଥିବାରୁ ଜଙ୍ଗଲ ବୃଦ୍ଧି ପାଇଁ ସରକାର ଦୃଷ୍ଟି ଦେଲେ ଜିଲ୍ଲାର ବନବାସୀ ମାନଙ୍କ ରୋଜଗାର ବୃଦ୍ଧି ପାଇପାରିବ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି।

# ବକେୟା ଟଙ୍କା ମାଗିବାରୁ ବ୍ୟବସାୟୀଙ୍କୁ ପ୍ରାଣାନ୍ତକ ଆକ୍ରମଣ

ନବରଙ୍ଗପୁର/ଉମରକୋଟ, ୨୫।୧୦(ସମିସ): ବକେୟା ଟଙ୍କା ମାଗିବାରୁ ବ୍ୟବସାୟୀଙ୍କୁ ଘରୁ ଟାଣି ଆଣି ପ୍ରାଣାନ୍ତକ ଆକ୍ରମଣ ହୋଇଛି। ଏହାର ଏକ ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି। ଗୁରୁତର ହୋଇଛନ୍ତି ଜଣେ ମାଂସ ବ୍ୟବସାୟୀ। ସେ ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର (ଡିଏନକେ)ର ସପନ ମଲାଙ୍ଗି। ଏହି ଘଟଣାକୁ ନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଗତ ୬

ଭିଡିଓ ଭାଇରାଲ



ମାସ ପୂର୍ବେ ଭାରଶୁଣ୍ଡି (ଡିଏନକେ) ଗ୍ରାମର ଦିନେଶ ହାଲଦାରଙ୍କୁ ଦେଶୀ କୁକୁଡ଼ା ନିମନ୍ତେ ମାଂସ ବ୍ୟବସାୟୀ ସପନ ମଲାଙ୍ଗି ୨୦ ହଜାର ଟଙ୍କା ଅଗ୍ରୀମ ଦେଇଥିଲେ। କିନ୍ତୁ ଦିନେଶ ଦେଶୀ କୁକୁଡ଼ା ଦେଇ ନଥିଲେ କି ଟଙ୍କା ବି ଫେରାଇ ନଥିଲେ। ଏନେଇ ବାରମ୍ବାର ଫୋନ୍ କଲେ ମଧ ଦିନେଶ ଫୋନ୍ ଉଠାଉ ନଥିବା ସପନ ପ୍ରକାଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଦିନେଶ ଆଉ ସପନ ମୁହାଁମୁହିଁ ଭେଟ ହେବା ପରେ ବକେୟା ଟଙ୍କାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏହାପରେ ଶୁକ୍ରବାର ସକାଳ ୭ଟା ସମୟରେ ଦିନେଶ ସହିତ ୫ଜଣ ଯୁବକ ସପନ ମଲାଙ୍ଗିଙ୍କ ଘରକୁ ଆସି ସପନ ଘରେ ଶୋଇଥିବା ଅବସ୍ଥାରେ ତାଙ୍କୁ ରାସ୍ତାକୁ ଟାଣି ଆଣି ନିର୍ଘୁମ ମାଡ଼ ମାରିଥିଲେ। ଲାତ ଗୋଇଠା ସହିତ ଠେଙ୍ଗାରେ ନିର୍ଘୂମ ମାଡ଼ ମାରିବା ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି। ରାଇଘର ଥାନା ଅଞ୍ଚଳରେ ହତ୍ୟା, ଚୋରି ଓ ଡକାୟତି ନିତିଦିନିଆ ଘଟଣା ହୋଇଥିବାରୁ ସ୍ଥାନୀୟ ପୁଲିସ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ ପୁନଃ ସକ୍ରିୟ ସଚେତନତା କାର୍ଯ୍ୟକ୍ରମ

ସେମିଳିଗୁଡ଼ା, ୨୫।୧୦(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ହୃତ୍‌ପିଣ୍ଡ ଓ ଫୁସଫୁସ ପୁନଃ ସକ୍ରିୟ(କାର୍ଡିଓ-ପୁଲ୍ମୋନାରୀ ରେସସିଟେସନ୍) ସଚେତନ ସପ୍ତାହ ଓ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସୀ ସିଂହ ଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ସୁନାବେଢ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡକ୍ଟର ରୋଷନି ଖେସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜୀବନ ରକ୍ଷାକାରୀ ହୃତପିଣ୍ଡ-ଫୁସଫୁସ ପୁନଃ ଉଦ୍ଧାରର ଗୁରୁତ୍? ସମ୍ପର୍କରେ ବୁଝାଇବା ସହିତ ଦୃଷ୍ଟାନ୍ତ ମୂଳକ ଶିକ୍ଷା ମାଧ୍ୟମରେ ଦର୍ଶାଇଥିଲେ। ଅନ୍ୟତମ ଅତିଥି ଏନସିପି କାଉନସେଲର ସୁଚିତ୍ରା ତ୍ରିପାଠୀ ବିଶ୍ୱ ହାତଧୁଆ ଦିବସ ସମ୍ପର୍କରେ ବୁଝାଇବା ସହିତ ହାତ ଧୋଇବାର ବିଭିନ୍ନ ପକ୍ରିୟାଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଦେଖାଇଥିଲେ। ଏହି ସଚେତନ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସ୍ନିଗଧା ପଟ୍ଟନାୟକ ଓ ଡ. ରମେଶ କୁମାର ମଲ୍ଲିକଙ୍କ ସହିତ ଶହେରୁ ଅଧିକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ଶୁଭ୍ରାଂଶୁ ସୁନ୍ଦର ଦାସ, ଅଧ୍ୟାପକ ଦେବରାଜ ନାୟକ, ଡ. ଗୀତା ପଟ୍ଟନାୟକ, ବବିତା ମିଶ୍ର, ଦିଗେଶ୍ୱରୀ ଶିଖା, ରୋନାଲି ନାୟକ, ନିରଞ୍ଜନ ପୋଡ୍, ଅମିତା ହୋତା, ସଙ୍ଗୀତ ପଣ୍ଡା ଓ ବିଶାଲ୍ ନାୟକ ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟକୁ ସଫଳ କରିଥିଲେ।




# ସିକ୍ୟୁରିଟି ଗାର୍ଡଙ୍କ ଆକସ୍ମିକ ବିୟୋଗ

ପୋଡ଼ାଗଡ଼, ୨୫।୧୦(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ସଦର ପଞ୍ଚାୟତର ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କ ଅଚାନକ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସକାଳେ ଗାଁରେ ଭଲିବଲ୍ ଖେଳିବା ପରେ ସେ ଘରକୁ ଯାଇଥିଲେ। ଡ୍ୟୁଟି ଯିବା ପାଇଁ ପ୍ରସ୍ତୁତ ହୋଇ ଯିବା ସମୟରେ ସେ ଘରେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଦଶମନ୍ତପୁର ମେଡିକାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଉଛନ୍ତି ଇସ୍ ମାଇଲ୍ ଖୋସ୍ଲା (୩୦)। ଶୁକ୍ରବାର ଅପରାହ୍ନରେ ତାଙ୍କ ମରଶରୀର ର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଭୁ ଜାନି, ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମୂହ ଡାକ୍ତର, ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟ୍ ସୋର୍ସିଂ କର୍ମଚାରୀ, ଜିଲ୍ଲା ଆଉଟ୍ ସୋର୍ସିଂ କର୍ମଚାରୀଙ୍କ ସଭାପତି ସଦାଶିବ ନାୟକ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ଇସ୍ ମାଇଲ୍ ଖୋସ୍ଲା ଜଣେ କର୍ମଠ ବ୍ୟକ୍ତି ଥିଲେ। ଜିଲ୍ଲା ଆଉଟ୍ ସୋର୍ସିଂ ସଭାପତି ସଦାଶିବ ନାୟକ ଓ କର୍ମଚାରୀ ସମୂହ ଓ ଅଞ୍ଚଳବାସୀ ମୃତ ଶ୍ରୀ ଖୋସ୍ଲାଙ୍କ କର୍ଯ୍ୟକ୍ଷେତ୍ରରେ ତାଙ୍କ ପତ୍ନୀକୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି।

# ଏକତା ପାଇଁ ଦୌଡ଼ ନେଇ ପ୍ରଶାସନର ପ୍ରସ୍ତୁତି

ରାୟଗଡ଼ା, ୨୫।୧୦(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ନିର୍ଦ୍ଦେଶ କ୍ରମେ ଏକତା ପାଇଁ ଦୌଡ଼ କାର୍ଯ୍ୟକ୍ରମ ରାୟଗଡ଼ାରେ ମଧ ଆୟୋଜନ କରାଯିବ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜି ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ରାୟଗଡ଼ା ଓ ଗୁଣୁପୁର ଦୁଇଟି ସ୍ଥାନରେ ଏହି ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବହୁତ ସଂଖ୍ୟକ ସାଧାରଣ ଜନତା, ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲାପାଳ କହିଥିଲେ। ଏଥିରେ ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର ଏହି ଦୌଡ଼ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଉପସ୍ଥାପନା କରିଥିଲେ। ରାୟଗଡ଼ା ଠାରେ ଆସନ୍ତା ନଭେମ୍ବର ୮ ତାରିଖରେ ହେବାକୁ ଥିବା ଏହି ଦୌଡ଼ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରାଯାଇ ସହରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ। ଶେଷରେ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଜିଲ୍ଲା ଉଚ୍ଚ ବିଦ୍ୟାଳୟ ଠାରେ ସମାପିତ ହେବ। ଗୁଣୁପୁର ଉପଖଣ୍ଡ ସଦର ମହକୁମାରେ ଆସନ୍ତା ନଭେମ୍ବର ୧୫ ତାରିଖରେ ଏହା ଆୟୋଜନ କରାଯିବ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ଗୁଣୁପୁର ଅଭିଷେକ ଦିଲ୍ଲୀପ ଦୁଧାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ୱସ୍ତିକ ପଣ୍ଡା ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି ୨୦୨୫

ସେମିଳିଗୁଡା, ୨୫।୧୦ (ସମିସ): ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ହାଟଗୁଡ଼ା ଠାରେ ଶିଶୁଙ୍କ ବହୁ ପ୍ରତିକ୍ଷିତ ସୁରଭି ୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସ୍ୱାଇଁ।

ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ସେମିଳିଗୁଡ଼ା ଏବିଓ ପ୍ରିୟମ୍ବଦା ପାତ୍ର। ସମ୍ମାନିତ ଅତିଥି ଭାବେ ସରପଞ୍ଚ ନାରାୟଣ ନନ୍ଦିବାଲୀ, ସମିତି ସଭ୍ୟା ପଦ୍ମାଳୟା ଝାଲି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉଦ୍ଧବ ଖିଲୋ, ସମାଜସେବୀ ସୋମନାଥ ସାଗ୍ରୀ ଉପସ୍ଥିତ ଥିଲେ। ହାଟଗୁଡ଼ାର ସିଆରସିସି ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଜ୍ୟୋତିରଞ୍ଜନ ନନ୍ଦ ବେଦପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଅଧ୍ୟକ୍ଷ ଧନ୍ୟବାଦ ଜ୍ଞାପନ କରିଥିଲେ।



# ପର୍ଯ୍ୟଟନସ୍ଥଳ ଅବହେଳିତ, ପର୍ଯ୍ୟଟକ ନିରାଶ

ପୋଡ଼ାଗଡ଼, ୨୫।୧୦(ସମିସ)

ଆସିଲା ପର୍ଯ୍ୟଟନ ଋତୁ। କିନ୍ତୁ ଅବ୍ୟବସ୍ଥାରେ ରହିଛି ଅନେକ ପର୍ଯ୍ୟଟନ ସ୍ଥଳୀ। ଏଭଳି ଅବ୍ୟବସ୍ଥା ଘେରରେ ରହିଛି ପୁଞ୍ଜିସିଲ୍ ଜଳପ୍ରପାତ। ପୁଞ୍ଜିସିଲ ଜଳପ୍ରପାତଟି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ମୁଜାଙ୍ଗ ପଞ୍ଚାୟତରେ ଅବସ୍ଥିତ। ପର୍ଯ୍ୟଟନ ସ୍ଥଳୀରେ ବର୍ଷରେ ବାର ମାସ ମଧ୍ୟରେ ୮ମାସ ପର୍ଯ୍ୟନ୍ତ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟଙ୍କର ଆଗମନ ହେଇଥାଏ। କିନ୍ତୁ ଏହି ପର୍ଯ୍ୟଟନ ସ୍ଥଳୀରେ ଅନେକ ଅବ୍ୟବସ୍ଥା ରହିଥିବାରୁ ପର୍ଯ୍ୟଟକ ମୁହଁ ଫେରାଉଥିବା ଦେଖିବାକୁ ମିଳିଛି। ଯେହେତୁ ଏହି ଜଳପ୍ରପାତରେ ଅନ୍ୟ ଜଳପ୍ରପାତ ପରି ବିପଦ ନାହିଁ, ତେଣୁ ପ୍ରତି ବର୍ଷ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଏଠାରେ ଶୌଚାଳୟ ରହିଛି। କିନ୍ତୁ ତାର କବାଟ ଚୋରି ହୋଇଯାଇଛି। ଗଡ଼ି ରଖି ପ୍ରାୟ ୧୦୦ ମିଟର




ତଳକୁ ଗଲେ ଜଳପ୍ରପାତ ପାଖରେ ଯାଇ ଜଳ କ୍ରୀଡା କରିହୁଏ। ଯେହେତୁ ଗତ ଦିନ ମାନଙ୍କରେ ଏହି ପୁଞ୍ଜିସିଲ ଜଳପ୍ରପାତରେ ଚୋରି ହେଇଥିବା ନଜରକୁ ଆସିଥିଲା। କିନ୍ତୁ କୋରାପୁଟ ସଦର ପୁଲିସ ପ୍ରୟାସରେ ଚୋରମାନେ ଧରାପଡ଼ିଥିଲେ। କିନ୍ତୁ ଏହି ବର୍ଷରେ ମଧ ଚୋରି ହେବା ଆଶଙ୍କା କରି ପର୍ଯ୍ୟଟକ ଆସୁ ନଥିବା କୁହାଯାଉଛି। ଗାଡ଼ି ରଖି ପ୍ରାୟ ୧୦୦ମିଟର ତଳକୁ ଯିବାକୁ ପଡୁ ଥିବାରୁ ଲୋକଙ୍କ ମନରେ ଆଶଙ୍କା ଦେଖାଦେଇଛି। ସେଥି ପାଇଁ ଏହି ପର୍ଯ୍ୟଟନ ଋତୁରେ ସୁରକ୍ଷାକୁ ଆଖି ଆଗରେ ରଖି କିଛି ସୁରକ୍ଷା କର୍ମୀ ଙ୍କୁ ନିଯୁକ୍ତି କଲେ ପର୍ଯ୍ୟଟକ ମାନେ ନିର୍ଭୟରେ ଆସି ଏଠାରେ ଜଳକ୍ରୀଡା କରିବେ ବୋଲି ଅଞ୍ଚଳବାସୀ କହିଛନ୍ତି। ଅନ୍ୟ ପକ୍ଷରେ ପାନୀୟଜଳ ସୁବିଧା ନଥିବାରୁ ପର୍ଯ୍ୟଟକ ମାନେ ବଣଭୋଜି ପାଇ ଆସିଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଅସାମାଜିକ ବ୍ୟକ୍ତିମାନେ ମାଦକ ଦ୍ରବ୍ୟ ଖାଇ ନଦୀ ପାଣିରେ କାଚ ଫୋପାଡିବା ସହ ରାସ୍ତାଘାଟର ଅନେକ ଜାଗାରେ ମଦ ବୋତଲ ପଡ଼ିଥିବା ନଜରକୁ ଆସିଛି। ଶୌଚାଳୟ ଭଳି ରେଷ୍ଟ ହାଉସ୍‌ରେ ମଧ କବାଟ ନାହିଁ। ନୂତନ କବାଟ ଲଗାଇବା ସହ ପୁନରୁଦ୍ଧାର ଏବଂ ପ୍ରବେଶ ପ୍ରତି ଧ୍ୟାନ ରଖିବା ପାଇଁ ପର୍ଯ୍ୟଟକ ମାନଙ୍କ ସଚେତନତା ନିମନ୍ତେ ସୂଚନା ଫଳକ ଲଗାଇବା ପାଇଁ ଦାବି ହେଉଛି।

# ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ



ନବରଙ୍ଗପୁର, ୨୫।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ, ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ସମ୍ମିଳନୀ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଉପ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ, ଜିଲ୍ଲା ଛାତ୍ରବୃତ୍ତି ସଂଯୋଜକ, ପ୍ରୋଗ୍ରାମ ମ୍ୟାନେଜର, ପିରାମଲ୍ ଫାଉଣ୍ଡେସନ, ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାରେ ସୁପର -୧୦୦ ଆରମ୍ଭ କରିବା ପାଇଁ ହୋଇଥିବା ସ୍କ୍ରିନିର ଫଳାଫଳ ଉପରେ ସମୀକ୍ଷା କରାଯାଇଥିଲା। କିପରି ଭାବେ ଜିଲ୍ଲାରେ ଛାତ୍ରଛାତ୍ରୀ ମାନଙ୍କର ପରୀକ୍ଷା ଫଳ ମାର୍କରେ ବୃଦ୍ଧି ହେବ ତାହା ଉପରେ କାର୍ଯ୍ୟକାରୀ ଯୋଜନା ତିଆରି କରାଯାଇଥିଲା। ଆଗାମୀ ଦଶମ ବୋର୍ଡ଼ ପରୀକ୍ଷାରେ ଜିଲ୍ଲାରେ କିପରି ଅଧିକ ଏ -୧, ଏ-୨ ଫଳାଫଳ ଅଧିକ ହେବ ତାହା ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଜିଲ୍ଲାରେ କିପରି ଶତ ପ୍ରତିଶତ ଛାତ୍ରଛାତ୍ରୀ ଆଗାମୀ ମାଟ୍ରିକ ପରୀକ୍ଷାରେ ସଫଳ ହେବେ, ତାହା ଆଲୋଚନା କରାଯାଇଥିଲା। ଜିଲ୍ଲା ଦ୍ୱାରା ପ୍ରସ୍ତୁତ 'ସ୍ୱାର୍କ' ମାଧ୍ୟମରେ ପ୍ରସ୍ତୁତ ୧ ଲକ୍ଷ ପ୍ରଶ୍ନପତ୍ରକୁ ଛାତ୍ରମାନଙ୍କୁ ପଢ଼ାଇବା ପାଇଁ କୁହାଯାଇଥିଲା। ପ୍ରଧାନ ଶିକ୍ଷକ ମାନଙ୍କୁ ୧୦୦ ଦିନିଆ କାର୍ଯ୍ୟ ଯୋଜନା କରିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ କିପରି ନବମ ଏବଂ ଏକାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ଅନୁସୂଚିତ ଜନଜାତି ପିଲାମାନଙ୍କୁ ୫୦୦୦ ଟଙ୍କା ମିଳିବ ତା' ଉପରେ ଆଲୋଚନା ହୋଇଥିଲା। ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ୩୫୦୦ ଟଙ୍କାରୁ ଆରମ୍ଭ କରି ୭୦୦୦ ଟଙ୍କା ସର୍ତ୍ତ ଅନୁସାରେ ମିଳିଥାଏ। ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ, ଯାହାର ପରିବାରର ମାସିକ ଆୟ ଦୁଇ ଲକ୍ଷ ପଚାଶ ହଜାରରୁ କମ୍ ହେବା ଆବଶ୍ୟକ। ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ରାଜ୍ୟ ଛାତ୍ର ବୃତ୍ତି ପୋର୍ଟାଲରେ ଏବଂ ଓଟିଆର୍ ଜାତୀୟ ଛାତ୍ର ବୃତ୍ତି ପୋର୍ଟାଲରେ ଆବେଦନ କରାଯାଇପାରିବ। ଛାତ୍ର ବୃତ୍ତି ଆବେଦନ କରିବାର ଶେଷ ତାରିଖ ୧୬ ଡିସେମ୍ବର ୨୦୨୫ ବୋଲି ସୂଚନା ଦିଆଯାଇଥିଲା।

● ସମ୍ଭାବ୍ୟ ବାତ୍ୟା

## ମୁଖ୍ୟାଳୟ ନ ଛାଡ଼ିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୨୫।୧୦(ସମିସ): ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ ଜିଲ୍ଲା ପ୍ରଶାସନ ସଜାଗ ରହିଛି। ତେଣୁ ଆସନ୍ତାକାଲି ଅର୍ଥାତ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ମୁଖ୍ୟାଳୟ ନ ଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ସମସ୍ତ ଲାଇନ ବିଭାଗ ସମେତ ବିଡିଓ, ତହସିଲଦାରଙ୍କ ସହିତ ଅନଲାଇନ ବୈଠକ କରି ପ୍ରସ୍ତୁତି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ। ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଜଳଖିଆ ଦୋକାନୀଙ୍କ ଆତ୍ମହତ୍ୟା

ଡେରାବିଶ, ୨୫।୧୦(ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଟରାଚକଡ଼ା ବଜାରରେ ଥିବା ତହସିଲ ନିକଟରେ ଏକ ଛୋଟ ଜଳଖିଆ ଦୋକାନ କରିଥିବା ଶିବପ୍ରସାଦ ସାହୁ (୪୮) ଗତକାଲି ରାତିରେ ନିଜ ଦୋକାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶିବପ୍ରସାଦଙ୍କ ଘର ଚାଟରା ଶାସନ ଗ୍ରାମରେ। ସେ ପରିବାର ପ୍ରତିପୋଷଣ କରିବାକୁ ତହସିଲ ନିକଟରେ ଜଳଖିଆ ଦୋକାନ କରିଥିଲେ। ସେ ଦୋକାନରେ ଶୋଇଥିବାବେଳେ ଆଜି ସକାଳୁ ଦୋକାନ ନ ଖୋଲିବାରୁ ସ୍ଥାନୀୟ ବ୍ୟବସାୟୀ ତାଙ୍କ ଦୋକାନ କବାଟ ବାଡ଼େଇବାରୁ କିଛି ଜବାବ ପାଇ ନ ଥିଲେ। ପରେ କବାଟ ଫାଙ୍କରେ ଶିବପ୍ରସାଦ ଦଉଡ଼ିରେ ଝୁଲୁଥିବା ଦେଖି ଡେରାବିଶ ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଦୋକାନ କବାଟ ଭାଙ୍ଗି ମୃତଦେହକୁ ଉଦ୍ଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତ ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କର ଦୁଇପୁଅ ଓ ସ୍ତ୍ରୀ ଥିବାବେଳେ ସାନପୁଅ ଦିବ୍ୟାଙ୍ଗ। ଆର୍ଥିକ ସମସ୍ୟା କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ପଦକ୍ଷେପ ନେଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ଡେରାବିଶ ବ୍ଲକ୍‌ର ବିଭିନ୍ନ ମଣ୍ଡପରେ ଗିରିଗୋବର୍ଦ୍ଧନ ପୂଜା

ଡେରାବିଶ,୨୫।୧୦(ସମିସ): ଡେରାବିଶ ବ୍ଲକ୍ ବିଭିନ୍ନ ପଞ୍ଚାୟତରେ ଗିରିଗୋବର୍ଦ୍ଧନଙ୍କ ପୂଜା ଚାଲିଛି। ପ୍ରତ୍ୟେହ ବିଗ୍ରହଙ୍କ ନିକଟରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ହେବା ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆସନ୍ତାକାଲି ରବିବାର ପୂଜାର ପୂର୍ଣ୍ଣାହୁତି ପରେ ବିସର୍ଜନ କରାଯିବ। ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ବିଶି ଗ୍ରାମରେ ବୁଣାକାର ସଂଘ ପକ୍ଷରୁ ପ୍ରଭୁ ଗୋବର୍ଦ୍ଧନଙ୍କ ପୂଜା ହେଉଥିବା କମିଟି କର୍ମକର୍ତ୍ତା ପ୍ରକାଶ ଚନ୍ଦ୍ର ବେହେରା ଓ ମଧୁସୂଦନ ଘଡ଼େଇ ସୂଚନା ଦେଇଛନ୍ତି। ପଥରପଡ଼ା ଗ୍ରାମର ବୁଣାକାର ସଂଘ ପକ୍ଷରୁ ପାଞ୍ଚଦିନ ଧରି ଗିରିଗୋବର୍ଦ୍ଧନଙ୍କ ପୂଜା ଅନୁଷ୍ଠିତ ହେଉଛି। ଏଥିସହିତ ଦାନପୁର ପଞ୍ଚାୟତର ରଜାଙ୍ଗ ଗ୍ରାମ ବୁଣାକାର ସଂଘ ପକ୍ଷରୁ ଅନୁରୂପ ଭାବେ ପୂଜା ହେଉଛି। ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି ଗ୍ରାମରେ ବୁଣାକାର ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ଦୀର୍ଘ ୨୫ ବର୍ଷ ଧରି ମହାଆଡମ୍ବରରେ ପ୍ରଭୁ ଗିରିଗୋବର୍ଦ୍ଧନଙ୍କ ପୂଜା ଅନୁଷ୍ଠିତ ହେଉଥିବା ଅନୁଷ୍ଠାନର କର୍ମକର୍ତ୍ତା ଗଣେଶ୍ୱର ବେହେରା, ମଦନମୋହନ ବେହେରା, ବାବାଜୀ ଦଣ୍ଡପାଟ, ସୁରେନ୍ଦ୍ର ବେହେରା, ଚନ୍ଦ୍ରଶେଖର ବେହେରା, ରସାନନ୍ଦ ବେହେରା ପ୍ରକାଶ କରିଛନ୍ତି।



## କୁରୁଜଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ



ପଞ୍ଚୁପାଣ୍ଡବ,୨୫।୧୦(ସମିସ): କୁରୁଜଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କଳା ଉତ୍ସବ ଲୋକନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଡେରାବିଶକୁ ଗୌରବାନ୍ୱିତ କରିଛନ୍ତି। ରାଜ୍ୟସ୍ତରୀୟ ଉତ୍ସବରେ ରାଜ୍ୟର ୬ଟି ଜୋନ୍ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ କୁରୁଜଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିଜ ସଂସ୍କୃତି, ପାରମ୍ପରିକ ସଂଗୀତ ଓ ନୃତ୍ୟ ଭଙ୍ଗୀମାଧ୍ୟମରେ ଦର୍ଶକ ଓ ବିଚାରକଙ୍କ ମନକୁ ଜିତି ନେଇଥିଲେ। ଦଳଗତ ପ୍ରଦର୍ଶନରେ ଓଡ଼ିଆ ଲୋକ ସଂସ୍କୃତିର ଗାହନ ଓ ଶିକ୍ଷା ସମସ୍ତଙ୍କ ଅଧିକାର ବୋଲି ଅନୁଭବ ପ୍ରକାଶ ପାଇଥିଲା। ହିନ୍ଦୀ ଶିକ୍ଷକ ସେକ ନିଆଜୁଦ୍ଦିନ ଓ ଶିକ୍ଷୟିତ୍ରୀ ମୋନାଲିସା ମଲ୍ଲଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ଏହି କୃତିତ୍ୱ ହାସଲ କରିଛନ୍ତି। ଶିକ୍ଷକ ମଣ୍ଡଳୀ ଓ ଅଭିଭାବକ ଏହି କୃତିତ୍ୱ ପାଇଁ ଖୁସିବ୍ୟକ୍ତ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏ ସମ୍ପର୍କରେ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପ୍ରିୟବ୍ରତ ସ୍ୱାଇଁ ଏହା ଆମ ବିଦ୍ୟାଳୟ ପାଇଁ ଗର୍ବର କଥା। ଏହା ଛାତ୍ରଛାତ୍ରୀଙ୍କ ନିଷ୍ଠା, ଶିକ୍ଷକଙ୍କ ପରିଶ୍ରମ ଓ ଅଭିଭାବକଙ୍କ ଆଶୀର୍ବାଦର ଫଳ ବୋଲି କହିଛନ୍ତି।

ମହାବାତ୍ୟାକୁ ପୂରିବ ୨୬ ବର୍ଷ

# ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକେ ଆତଙ୍କିତ

ପଟ୍ଟାମୁଣ୍ଡାଇ, ୨୫।୧୦(ସମିସ)

ଆସନ୍ତା ୨୯ ତାରିଖରେ ମହାବାତ୍ୟାକୁ ୨୬ ବର୍ଷ ପୂରିବାକୁ ଯାଉଥିବାବେଳେ ଆଉଏକ ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ୨୬ ତାରିଖ ସକାଳୁ ଗଭୀର ଅବପାତର ରୂପ ନେଇ ୨୭ ତାରିଖରେ ବାତ୍ୟାର ରୂପ ନେବ। ଏହାର ପ୍ରଭାବରେ ୨୬ ତାରିଖଠାରୁ ବର୍ଷା ଆରମ୍ଭ ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ଲଘୁଚାପଟି ଏକ ସାମୁଦ୍ରିକ ବାତ୍ୟାରେ ପରିଣତ ହୋଇପାରେ।

ଅନ୍ୟପକ୍ଷରେ ଅକ୍ଟୋବର ମାସଟି ବଙ୍ଗୋପସାଗର ଓ ଓଡ଼ିଶା ପାଇଁ ବାତ୍ୟାପ୍ରବଣ ମାସ। ୧୯୯୯ ଅକ୍ଟୋବର ୨୯ ତାରିଖରେ ମହାବାତ୍ୟା ହୋଇଥିଲା। ଆସନ୍ତା ୨୯ ତାରିଖ ବୁଧବାରକୁ ୨୬ ବର୍ଷ ପୂରିବ। ଏହି ମହାବାତ୍ୟାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ପ୍ରାୟ ୩୮୭ ଜଣଙ୍କ ଜୀବନ ଯାଇଥିଲା। ମାତ୍ର ଏହାର କରାଳ ରୂପ ଲୋକଙ୍କ ମନରୁ ଲିଭି ନ ଥିବାବେଳେ ଏହି ଅକ୍ଟୋବର ମାସରେ ଆଉଏକ ବାତ୍ୟା ମାଡ଼ିଆସୁଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବାତ୍ୟା କଥା ଉଠିଲେ ମନେ ପଡ଼ିଯାଇଥାଏ ୧୯୯୯ ଅକ୍ଟୋବର ୨୯ ତାରିଖର ଲୋମଟାଙ୍କୁରା ଅନୁଭୂତି। ଏହା ପୂର୍ବରୁ କେନ୍ଦ୍ରାପଡ଼ାବାସୀ ଏଭଳି ପ୍ରାକୃତିକ ଦୁର୍ବିପାକ କେବେ ଦେଖି ନ ଥିଲେ। ଉପକୂଳ ଅଞ୍ଚଳକୁ ଓଡିଶା ମାନଚିତ୍ରରୁ ପୂରା ନିଶ୍ଚିହ୍ନ କରିଦେବାକୁ ସମୁଦ୍ରରୁ ମାଡିଆସୁଥିଲା ମହାବାତ୍ୟା। ୧୯୯୯ ଅକ୍ଟୋବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧୪ଟି ଜିଲ୍ଲାରେ ସମୁଦ୍ରକୂଳଠାରୁ ପ୍ରାୟ ୧୫୦ କିଲୋମିଟର ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳ ବର୍ଷା ସହ ତୋଫାନ ସୃଷ୍ଟି ହୋଇ ମହାବାତ୍ୟାର ରୂପ ନେଇଥିଲା। ପ୍ରାୟ ୨୬୦ରୁ ୨୭୦ କିଲୋମିଟର ବେଗରେ ପବନ ବହିବାକୁ ଲାଗିଲା। କୋଟି କୋଟି ଟଙ୍କାର ସମ୍ପତ୍ତି, ଧନ ଜୀବନ ଭସାଇ ନେଇଥିଲା। ଏହି ମହାବାତ୍ୟାରେ ରାଜ୍ୟର ୧୦,୦୦୦ରୁ ଅଧିକ ଲୋକ ଓ ଲକ୍ଷାଧିକ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଥିଲା। ଏହି ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ୩୮୭ ଜଣଙ୍କ ମୃତ୍ୟୁ ଘଟିଥିଲା ବୋଲି ସରକାରୀ ତଥ୍ୟରୁ ଜଣାପଡିଛି। ମାତ୍ର ଏହି ସଂଖ୍ୟା ୪୬୯ରୁ ଅଧିକ ହେବ ବୋଲି ମହାବାତ୍ୟା ପରେ କ୍ଷୟକ୍ଷତି ପୂରଣ ପାଇଁ ହୋଇଥିବା ଆବେଦନରୁ ଜଣାପଡ଼ିଥିଲା।୨୬ ବର୍ଷ ତଳ ଅକ୍ଟୋବର ମାସର ସେ ଆତଙ୍କିତ କାହାଣୀ ଏବେବି ଭୁଲି ହେଉନି। ପୁଣି ଏହି ଅକ୍ଟୋବର ମାସରେ ଆଉଏକ ବାତ୍ୟା ଆସୁଛି ବୋଲି ଶୁଣିବାକୁ ମିଳୁଛି। ଯଦି ଏଭଳି ହୁଏ, ତେବେ ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଉଡିକଣ ଭେଡାର ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ସନ୍ଦେହ ପ୍ରକଟ ହୋଇଛି। ମହାବାତ୍ୟା ପରେ ବଦଳିଗଲା ସରକାର। ନୂଆ ସରକାରର ମଙ୍ଗ ଧରିଥିଲେ ନବୀନ ପଟ୍ଟନାୟକ। ମହାବାତ୍ୟାର କାଳ ଫାସରେ ଚାଲିଯାଇଥିବା ହଜାର ହଜାର ଜୀବନ ନବୀନଙ୍କୁ ବ୍ୟଥିତ କରିଥିଲା। ରାଜ୍ୟରେ ଏହାର ପୁନରାବୃତ୍ତି କରାଇ ନ ଦେବାକୁ ସଙ୍କଳ୍ପ କରିଥିଲେ ସରକାର। ଫାଇଲିନ, ହୁଦ୍‌ହୁଦ, ତିତଲି, ଅମ୍ଫାନ, ଫନି, ବୁଲବୁଲ, ଜୱାଦ ଭଳି ବାତ୍ୟାରୁ ମଧ୍ୟ ହଜାର ହଜାର ଜୀବନ ବଞ୍ଚାଇବାକୁ ସରକାର ଉଦ୍ୟମ କରିଥିଲେ। ତେବେ ରାଜ୍ୟରେ ନୂଆ ସରକାର ବିଜେପି ଗଢ଼ିବା ପରେ ସେହି ଅକ୍ଟୋବର ମାସରେ ବାତ୍ୟା ଦାନା ଓଡ଼ିଶାରେ ପ୍ରଭୂତ କ୍ଷତି ଘଟାଇଥିଲା। ୧୯୯୯ ମହାବାତ୍ୟା ପରେ ତତ୍କାଳୀନ ରାଜ୍ୟ ସରକାର ଗଠନ କରିଥିଲେ ଓସଡମା। ବିପର୍ଯ୍ୟୟ ପରିଚାଳନା ପାଇଁ ସରକାର ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ନିର୍ମାଣ କଲେ ବାତ୍ୟା ଆଶ୍ରୟସ୍ଥଳୀ। କେବଳ ସେତିକି ନୁହେଁ ପାଣିରେ ପଶି ଯାଇଥିବା ଜୀବନ, ବାତ୍ୟା ବଳରେ ଫସି ରହିଥିବା ମଣିଷଙ୍କୁ ଉଦ୍ଧାର ପାଇଁ ଗଠନ ହେଲା ଓଡ୍ରାଫ ଟିମ। ଉପକୂଳବର୍ତ୍ତୀ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ପ୍ରଶାସନ ପକ୍ଷରୁ ହେନ୍ତାଳ ବଣ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଥିଲା। ଆଜି ପର୍ଯ୍ୟନ୍ତ ଏହା ଉପରେ କୌଣସି ଆଖିଦୃଶିଆ ଉଦ୍ୟମ ହେଉନାହିଁ। ବାଲିବନ୍ଧ ଓ ହେନ୍ତାଳବଣ ଅଭାବରୁ ସାତଭାୟାର କାହ୍ନୁପୁର ମୌଜା ୨୦୧୧ରୁ ଜିଲ୍ଲା ନକ୍ସାରୁ ଉଭାନ ହୋଇଯାଇଛି। ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଶାସନ ପାଇଁ ଏବେ ଆହ୍ୱାନ ସୃଷ୍ଟି କରିଛି। ମହାବାତ୍ୟା ପରେ ସମୁଦ୍ର ତଟାଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି କରାଯାଇଥିଲେ ୨୦୧୧ରେ କାହ୍ନୁପୁର ମୌଜା ନିଶ୍ଚିହ୍ନ ହୋଇ ନ ଥା'ନ୍ତା । ହେନ୍ତାଳ ବଣ ସୃଷ୍ଟି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। କେନ୍ଦ୍ରାପଡ଼ା ଜିଲ୍ଲାର ସମୁଦ୍ର ତଟାଞ୍ଚଳରେ ଥିବା ୬୪ଟି ଗ୍ରାମକୁ ସୁନାମୀପ୍ରବଣ ଭାବେ ଚିହ୍ନଟ କରାଯାଇ ସେଠାରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ, ଗମନାଗମନ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏଥିସହ ଉକ୍ତ ଅଂଚଳରେ ବର୍ଷକୁ ୨ରୁ ଅଧିକ ଥର ସମୀକ୍ଷା କରାଯାଉଛି। ମକଡ୍ରିଲ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ଅପରପକ୍ଷେ ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ୧୪ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଅଛି। ମାତ୍ର ଏହି ବାତ୍ୟା ଆଶ୍ରୟସ୍ଥଳ ଏବେ ମରଣଯନ୍ତା ପାଲଟିଯାଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଜେନେରେଟର, କୁରାଡ଼ି, ରଶି, ପାଣି ପମ୍ପ ପରି ଅତ୍ୟାବଶ୍ୟକ ସାମଗ୍ରୀର କୌଣସି ତଦାରଖ ହେଉନାହିଁ। ଯଦି ବଡବାତ୍ୟା ହୁଏ ତେବେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେବେ ବୋଲି ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ କହିଛନ୍ତି, ବାତ୍ୟାର ବହୁ ପୂର୍ବରୁ ପାଣିପାଗ ବିଶେଷଜ୍ଞଙ୍କ ସତର୍କ ସୂଚନା ପ୍ରଦାନ ଏବେ ଆଶ୍ୱସ୍ତି ଆଣିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରଶାସକଙ୍କୁ ସୁଯୋଗ ଦେଉଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସରକାରୀ ଅଧିକାରୀଙ୍କୁ ହେଡକ୍ୱାଟର ଛାଡିବା ମନା କରାଯାଇଛି ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ନାୟକ କହିଥିଲେ।

● ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ

## ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



କେନ୍ଦ୍ରାପଡ଼ା,୨୫।୧୦(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦୀନବନ୍ଧୁ ସାହୁ ଲ' କଲେଜ ପରିସରରେ ଆୟୋଜିତ ଉତ୍ସବରେ ସଭାପତି ଭାବେ ଶାନ୍ତିସ୍ୱରୂପ ଭୂୟାଁ, ସମ୍ପାଦକ ବିଭୂତି ଭୂଷଣ କର, ଉପସଭାପତି ହାଡ଼ିବନ୍ଧୁ ସିଂହ, ସହସମ୍ପାଦକ ଅପୂର୍ବ ରଞ୍ଜନ ସେଠୀ, କୋଷାଧକ୍ଷ ଭାବେ ମମତାମୟୀ ସାମଲଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଯାଇଥିଲା। ଏହି ଉତ୍ସବରେ ଦୀନବନ୍ଧୁ ସାହୁ ଲ' କଲେଜ ସଭାପତି ସୁଜିତ ମହାନ୍ତି ଓ କଲେଜ ଅଧକ୍ଷ ରବୀନ୍ଦ୍ର ବଳ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ର ସଂସଦର ମାର୍ଗଦର୍ଶନ କରିଥିଲେ। ଏ ଅବସରରେ ବରିଷ୍ଠ ଆଇନଜୀବୀ ଧରଣୀଧର ସୁଆର ଓ ନୃସିଂହ ଚରଣ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭଗବତୀ ପ୍ରସାଦ ଦାସ, କଳିଙ୍ଗ କେଶରୀ ବେହେରା, ନେହେରୁ ସାହୁ, ମାତୃଦତ୍ତ ମହାନ୍ତି, ପ୍ରଦ୍ୟୁମ୍ନ ରାଉତ, ନିଶିଥ ଚକ୍ରବର୍ତ୍ତୀ, ଶକ୍ତିଶ୍ରୀ ଲେଙ୍କା, ନିହାରିକା ଦାସପଟ୍ଟନାୟକ, ଧନେଶ୍ୱର ସାହୁ, ଅମ୍ରିତା ମିଶ୍ର, ବିନୋଦ ବେହେରା, ଆଶିଷ ସାମଲ, ଦୟାଶଙ୍କର ଦ୍ୱିବେଦୀଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ, ଓକିଲ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଲ' କଲେଜର ସର୍ବାଙ୍ଗୀନ ଉନ୍ନତି ସହିତ ଆଇନ ବୃତ୍ତି ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସଂସଦ ଲକ୍ଷ୍ୟ ରଖିଛି।

## ଉତ୍କଳମଣି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ



ପଟ୍ଟାମୁଣ୍ଡାଇ,୨୫।୧୦(ସମିସ): ଖଦାଳସାହି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଉତ୍କଳମଣି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ଜିଲ୍ଲା ସଭାପତି କରୁଣାକର ଭଳଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଦିହୁଡିପୁର ସରପଞ୍ଚ ନରେଶ ମଲିକ ମୁଖ୍ୟଅତିଥି, ମାଟିଆପଡା ହାଇସ୍କୁଲ ପ୍ରଧାନଶିକ୍ଷକ କବି ମନୋଜ ଶତପଥୀ ମୁଖ୍ୟବକ୍ତା, ଶିକ୍ଷାବିତ ବ୍ରହ୍ମାନନ୍ଦ ସାମନ୍ତରାୟ ଓ ସଚିକାନ୍ତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ଶିଶୁ ମହୋତ୍ସବ ଏକ ବଳିଷ୍ଠ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ। କ୍ଲଷ୍ଟର ସିଆରସିସି ଏମଡି ମସିଉଲ୍ଲା ସ୍ୱାଗତ ଭାଷଣ ଓ ଖଦାଳସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଦୀପ୍ତ ସାମଲ ଧନ୍ୟବାଦ ଦେଇଥିଲେ। ସିଆରସିସି ଏମଡି ମସିଉଲ୍ଲାଙ୍କ ପୌରୋହିତ୍ୟରେ ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି, ବିଆରସିସି ପ୍ରେମବାଳା ମହାପାତ୍ର ମୁଖ୍ୟବକ୍ତା ଓ ପ୍ରାକ୍ତନ ସିଆରସିସି ବିଧୁଭୂଷଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରମୋଦ ସ୍ୱାଇଁ ସ୍ୱାଗତ ଭାଷଣ ଓ ସଂଜୀବ ତରାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଶୀର୍ଷାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ରବୀନ୍ଦ୍ର ଓଝା, ଅମରାବତୀ ପରିଡ଼ା, କଳ୍ପନା ରାଉତ, ମହେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଚ୍ୟୁତାନନ୍ଦ ପ୍ରଧାନ, ବିନୋଦ ଦାସ, ମାନସ ସାହୁ, ବିଜୟ ସାମଲ, ଅନୀଲ ଘଡାଇ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୧୮ ଟି ସ୍କୁଲର ୩ ଶହରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## କଳସପୁର ବିଦ୍ୟାଳୟରେ ଶିଶୁ ମହୋତ୍ସବ

ଆଳି, ୨୫।୧୦(ସମିସ):କଳସପୁର ଲକ୍ଷ୍ମୀବରାହ ସରକାରୀ ସଂଯୁକ୍ତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ଦାସଙ୍କ ନେତୃତ୍ୱରେ କ୍ଲଷ୍ଟର ପ୍ରାୟ ୧୪ଟି ସ୍କୁଲକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଚ, ଗୀତ, ବକ୍ତୃତା ଓ ଗ୍ରୁପ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏବିଓ ଅନ୍ତର୍ଯ୍ୟାମୀ ମଲିକ, ପୁରୁଷୋତ୍ତମ ବେହେରା, ବବିତା କୁମାରୀ ଧଳ, ଭାଗ୍ୟଲିପି ସାହୁ, ଅମୂଲ୍ୟ ବେହେରା, ସିଆରସିସି ବରାହ ସାମଲ, ଶିକ୍ଷକ ପ୍ରିୟବ୍ରତ, ଶିକ୍ଷକ ବିନୋଦ ଦେ, ଯୁବ ସାମ୍ବାଦିକ ପ୍ରଣୟ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ।

## ଗ୍ରାମାଞ୍ଚଳ ଥାନା ପକ୍ଷରୁ ସାଇବର ସଚେତନତା



ମାଳିପୁର,୨୫।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ସାଇବର ସଚେତନତା ଅଭିଯାନ ଜାରି ରହିଛି। ଆଜି ବିଭିନ୍ନ ଅଞ୍ଚଳ ଗସ୍ତ କରି ଗ୍ରାମାଞ୍ଚଳ ଥାନା ପୁଲିସ ଜନସଚେତନତା ସୃଷ୍ଟି କରିଛି। ପ୍ରଥମେ ଚନ୍ଦନନଗର ହାଇସ୍କୁଲରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ମଦନପୁର ହାଇସ୍କୁଲ, ମଦନପୁର କଲେଜ, ସଂସାରଫଳ ହାଇସ୍କୁଲ, ଡାମରପୁର ଛକ, ମାଳିପୁର ବଜାର, ଶାସନ ଛକରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଚେତନତା କାର୍ଯ୍ୟକ୍ରମରେ ଇଣ୍ଟରନେଟ୍ ମାଧ୍ୟମରେ କିପରି ବିଭିନ୍ନ ଉପାୟରେ ବ୍ୟାଙ୍କ ଠକେଇ କରି ଜନସାଧାରଣଙ୍କୁ ଲୁଟ୍ କରାଯାଇ ସର୍ବସ୍ୱାନ୍ତ କରାଯାଉଛି ଓ ଜନସାଧାରଣଙ୍କ ଅଜାଣତରେ ବିଭିନ୍ନ ଲିଙ୍କ ଓ ଆପ୍ ଦ୍ୱାରା କିଭଳି ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରି ବ୍ଲାକମେଲ କରାଯାଇ ହଇରାଣ କରାଯାଉଛି, ସେ ସମ୍ପର୍କରେ ସାବଧାନ ରହିବା ପାଇଁ ସଚେତନତା ସଭାରେ ଜାଗରଣ ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ, ଏସଆଇ ରଞ୍ଜନ ମହାରଣା, କନଷ୍ଟେବଳ ପ୍ରୀତିରଞ୍ଜନ ସାହୁ, ପ୍ରିୟଙ୍କା ସେନ, ହାବିଲଦାର କୁଏଲ କାଣ୍ଡଲାନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚିକିତ୍ସା ଅଭାବରୁ ମାନସିକ ଭିନ୍ନକ୍ଷମ ପ୍ରସୂତିଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର

ମାଳିପୁର,୨୫।୧୦(ସମିସ): ପଟ୍ଟାମୁଣ୍ଡାଇ ଉଡିକଣ ଅଞ୍ଚଳର ଜଣେ ଅବିବାହିତା ମାନସିକ ଭିନ୍ନକ୍ଷମ ଯୁବତୀ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଯୁବତୀଙ୍କ ଜନ୍ମିତ ସନ୍ତାନକୁ କେହି ଅଜଣା ବ୍ୟକ୍ତି ସରକାରୀ ଲୋକ ପରିଚୟ ଦେଇ ୨ ହଜାର ଟଙ୍କା ବିନିମୟରେ ନେଇଯିବା ପରେ ନିଜ ମାଆଙ୍କ ସହ ଗ୍ରାମକୁ ଫେରିଆସିଥିବା ପ୍ରସୂତିଙ୍କ ଏବେ ଚିକିତ୍ସା ଅଭାବରୁ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରେ ଲାଗିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୀଡ଼ିତାଙ୍କ ମାଆ ଦେଖାଇଥିବା ମେଡିକାଲ କାଗଜପତ୍ର ଅନୁଯାୟୀ ୧୮ ତାରିଖରେ ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚି ଏମର୍ଜେନ୍ସି କାର୍ଡ ଦ୍ୱାରା ମେଡିକାଲରେ ଭର୍ତ୍ତି ହୋଇଥିଲେ। ଭର୍ତ୍ତି ହେବାର କିଛି ସମୟ ପରେ ଭିନ୍ନକ୍ଷମ ଯୁବତୀ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା କଥା ଗ୍ରାମବାସୀଙ୍କ ଆଗରେ ପ୍ରକାଶ କରିଛନ୍ତି। ପୁତ୍ର ସନ୍ତାନ ଜନ୍ମ ଦେବାର ପରଦିନ ଯୁବତୀ ଓ ତାଙ୍କ ମାଆ ଘରକୁ ଫେରିଆସିଥିଲେ। ତାଙ୍କ ସାଥିରେ ସନ୍ତାନ ନ ଥିବାରୁ ଗ୍ରାମବାସୀ ଯୁବତୀଙ୍କ ମାଆକୁ ନାତି କୁଆଡ଼େ ଗଲା ବୋଲି ପଚାରିଥିଲେ। ମେଡିକାଲରେ କେହି ସରକାରୀ ଲୋକର ପରିଚୟ ଦେଇ ଯୁବତୀଙ୍କ ମାଆଙ୍କଠାରୁ ଦୁଇ ହଜାର ଟଙ୍କା ବିନିମୟରେ ପିଲାକୁ ନେଇଯାଇଥିଲେ। ଅନ୍ୟପକ୍ଷରେ ସନ୍ତାନ ଜନ୍ମ ଦେବାପରେ ମାଆ ଓ ଶିଶୁ ୪୮ ଘଣ୍ଟା ମେଡିକାଲରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିବା ନିୟମ ଥିଲେ ହେଁ ତାଙ୍କୁ କିପରି ଘରକୁ ପଠାଇ ଦିଆଗଲା, ତାହା ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ବର୍ତ୍ତମାନ ଚିକିତ୍ସା ଅଭାବରୁ ମେଡିକାଲରୁ ଘରକୁ ଫେରି ଆସିଥିବା ମାନସିକ ଭିନ୍ନକ୍ଷମ ଯୁବତୀ ଜଣଙ୍କ ଉପଯୁକ୍ତ ଚିକିତ୍ସା ଅଭାବରୁ ମୁମୂର୍ଷୁ ଅବସ୍ଥାରେ ଘରେ ପଡ଼ିରହିଥିବା ସ୍ଥାନୀୟ ଗ୍ରାମବାସୀ ଗୁରୁତର ଅଭିଯୋଗ କରିଛନ୍ତି।

## ଖୁରୁଷିଆ ବିଦ୍ୟାଳୟରେ ଶିଶୁ ମହୋତ୍ସବ

ମହାକାଳପଡ଼ା,୨୫।୧୦(ସମିସ): ଖୁରୁଷିଆ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପାଟକିପଙ୍କ ଉପ୍ରା ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରଣତୀ ବେହେରାଙ୍କ ସଭାପତିତ୍ୱ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉତ୍ତମ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଆରସିସି ଅକ୍ଷୟ ମହାପାତ୍ର, ଖୁରୁଷିଆ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତରାୟ, ଅବସରପ୍ରାପ୍ତ ଶିକ୍ଷକ ଅଧିର ମହାପାତ୍ର, ନିରଞ୍ଜନ ନାୟକ, ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଶିବବ୍ରତ ସାମଲ, ପୂର୍ବତନ ସିଆରସିସି କୃତିବାସ ମିଶ୍ର ଓ ଶିକ୍ଷକ ମାଧବ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ରଞ୍ଜିତ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ତ୍ରିଲୋଚନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କ୍ଲଷ୍ଟରର ୧୧ଟି ବିଦ୍ୟାଳୟରୁ ୧୬୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ପ୍ରତ୍ୟେକ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଉଷାରାଣୀ ରାଉତ, ସୁଜାତା ବେହେରା, ସବିତା ସ୍ୱାଇଁ, ଲିପିନା ଭୂୟାଁ, ଅମିତା ଭୋଇ ଓ କ୍ଲଷ୍ଟରର ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶାନ୍ତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜନଗର ବ୍ଲକ୍ ମନରେଗା କାମରେ ଅନିୟମିତତା

# ଗ୍ରାମସାଥୀ ତାଲିକା ବଦଳିଯାଉଥିବା ଅଭିଯୋଗ

ରାଜନଗର,୨୫।୧୦(ସମିସ)

ରାଜନଗର ବ୍ଲକ୍ ମନରେଗା କାମରେ ଅନିୟମିତତା ହେଉଥିବାବେଳେ ରାତାରାତି ଗ୍ରାମସାଥୀଙ୍କ ନାମ ବଦଳିଯାଉଛି। ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ରାଜନଗର ବ୍ଲକ୍‌ରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ଗ୍ରାମସାଥୀ ବଦଳ କରୁଥିବା ନେଇ ଅଭିଯୋଗ ହୋଇଛି। ୧୫ ବର୍ଷ ପୂର୍ବେ ବିବାହ କରି ଜିଲ୍ଲା ବାହାରେ ରହୁଥିବା ମହିଳାଙ୍କ ନାଁରେ ଆପ୍ ଆକ୍ଟିଭ କରି ଭାଇ ଗ୍ରାମସାଥୀ କାମ କରୁଥିବା ଅଭିଯୋଗ ହୋଇଛି। ଜଣେ ସରକାରୀ ଅଧିକାରୀ କିପରି ମନଇଚ୍ଛା ଗ୍ରାମସାଥୀଙ୍କୁ ବଦଳ କରୁଛନ୍ତି, ତାହାକୁ ନେଇ ପ୍ରଶ୍ନ ଉଠିଛି।

ରାଜନଗର ବ୍ଲକ୍ ରାଜନଗର ପଞ୍ଚାୟତର ମଲିଆବୁଦା ଗାଁ। ଏହି ଗ୍ରାମ ପାଇଁ ଗ୍ରାମସାଥୀ ଭାବେ ସ୍ନେହଲତା ରାଉତ କାର୍ଯ୍ୟ କରୁଥିଲେ। ୨୦୦୯ରେ ସେହ୍ନଲତା ମହିଷାଁସୁର ପଞ୍ଚାୟତର ତରପଦା ଗ୍ରାମରେ ବିବାହ କରିଥିଲେ। ବିବାହ ପରେ ସେହ୍ନଲତା ବେଙ୍ଗାଲୁରୁରେ ରହୁଥିଲେ। ଏବେ ଭୁବନେଶ୍ୱରରେ ରହୁଛନ୍ତି। ସେହ୍ନଲତା ବିବାହ କରିବା ପରେ ତାଙ୍କ ଆଇଡିରେ ତାଙ୍କ ଭାଇ କାମ କରୁଥିଲେ। ୨୦୨୨ରେ ରାଜନଗର ପଞ୍ଚାୟତ ବୈଠକରେ ସେହ୍ନଲତା ଗାଁରେ ରହୁ ନ ଥିବାରୁ ମନରେଗା କାମ ଠିକ୍ ଭାବେ ହୋଇପାରୁନାହିଁ। ତେଣୁ ନୂତନ ଗ୍ରାମସାଥୀ ଚୟନ କରିବାକୁ ନିଷ୍ପତ୍ତି ନିଆଯିବା ସହିତ ସେହି ଗ୍ରାମର କନକଲତା ବିଶ୍ୱାଳଙ୍କୁ ନୂତନ ଗ୍ରାମସାଥୀ ଭାବେ ନିଯୁକ୍ତି ପାଇଁ ରେଜୁଲେସନ କରାଯାଇଥିଲା। ଏହାପରେ କନକଲତାଙ୍କ ନାଁରେ ବ୍ଲକ୍‌ରେ ଆଇଡି ଖୋଲାଯିବା ପରେ ସେ ଗ୍ରାମସାଥୀ ଭାବେ କାମ କରିଆସୁଥିଲେ। ଏପରିକି ଗାଁରେ ହୋଇଥିବା ମାଟି କାମ ନିଜେ ଛିଡ଼ା ହୋଇ କରାଇଥିଲେ। ଏବେ ସରକାରଙ୍କ ପକ୍ଷରୁ ପୂର୍ବରୁ କାମ କରିଥିବା ଜବକାର୍ଡଧାରୀଙ୍କ ଜବକାର୍ଡର ଇକେୱାଇସି କରାଯାଉଛି। ଗ୍ରାମସାଥୀ ଜବକାର୍ଡଧାରୀଙ୍କୁ ଭେଟି ତାଙ୍କର ସମସ୍ତ କାଗଜପତ୍ର ଆଣିବା ସହିତ ଜବକାର୍ଡଧାରୀଙ୍କ ଫଟୋ ଗ୍ରାମସାଥୀ ଆକ୍ଟିଭ ହୋଇଥିବା ମୋବାଇଲରେ ଉଠାଉଛନ୍ତି। ମଲିଆବୁଦା ଗାଁରେ ଜିଲ୍ଲା ବାହାରେ ରହୁଥିବା ସେହ୍ନଲତାଙ୍କ ନାଁରେ ତାଙ୍କ ଭାଇ ନୀଳାମ୍ବର ରାଉତଙ୍କ ମୋବାଇଲ ନମ୍ବରକୁ ଆକ୍ଟିଭ କରି କାର୍ଡଧାରୀଙ୍କ ଜବକାର୍ଡର ଇକେୱାଇସି କରିବାକୁ ଦିଆଯାଇଛି ବୋଲି ଗ୍ରାମସାଥୀ କନକଲତା ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେହ୍ନଲତାଙ୍କ ଭାଇ ନୀଳାମ୍ବର ରାଉତଙ୍କୁ ପଚାରିବାରୁ ମୁଁ ଗ୍ରାମସାଥୀ କହୁଛି ବୋଲି କହିଛନ୍ତି। ଏ ସମ୍ପର୍କରେ ରାଜନଗର ବ୍ଲକ୍‌ର ମନରେଗା ବିଭାଗର ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର (ଏପିଓ)ଙ୍କୁ ପଚାରିବାରୁ ପ୍ରଥମେ ସରପଞ୍ଚ ଯେଉଁ ତାଲିକା ଦେଇଛନ୍ତି, ସେହି ଅନୁସାରେ ଗ୍ରାମସାଥୀଙ୍କୁ ଆମେ କାମରେ ଲଗାଇଛୁ ବୋଲି କହିଥିଲେ। ଅସ୍ଥାୟୀ ଭାବେ ଆମେ ସ୍ନେହଲତା ରାଉତଙ୍କୁ କାମରେ ଲଗାଇଛୁ। ପରେ ତାଙ୍କୁ କାଟିଦେବୁ ବୋଲି କହିଛନ୍ତି। ସ୍ନେହଲତାଙ୍କୁ ୨ ବର୍ଷ ତଳୁ ବାହାର କରି ନୂତନ ନିଯୁକ୍ତି ଦିଆଯାଇଥିବା ଓ ସ୍ନେହଲତା ଜିଲ୍ଲା ବାହାରେ ରହୁଥିବାବେଳେ କିପରି ତାଙ୍କ ଭାଇଙ୍କ ମୋବାଇଲ ନମ୍ବର ଆକ୍ଟିଭ କରି ମହିଳା ଗ୍ରାମସାଥୀ ଭାବେ କାମ କରାଉଛନ୍ତି, ତାହାକୁ ନେଇ ପ୍ରଶ୍ନ ଉଠିଛି।

## ଧର୍ମପ୍ରାଣାଙ୍କ ପରଲୋକ



ଗୋବିନ୍ଦପୁର,୨୫।୧୦(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ କୁଆଣିଆ ଗ୍ରାମର ସ୍ୱର୍ଗତ ବିଷ୍ଣୁଚରଣ ଓଝାଙ୍କ ପତ୍ନୀ କନକଲତା ଓଝାଙ୍କ ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ସ୍ନେହୀ, ପରୋପକାରୀ ମହିଳା ଥିଲେ। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ହୋଇଥିବାବେଳେ ପୁତ୍ର ମୁଖାଗ୍ନି ଦେଇଥିଲେ।

## ଓଭରହେଡ୍ ଟାଙ୍କିରୁ ଶେଷମୁଣ୍ଡକୁ ଯାଉନି ପାଣି

# ରାଜନଗର ଗ୍ରାମରେ ପିଇବା ପାଣି ସମସ୍ୟା



**ପଞ୍ଚୁପାଣ୍ଡବ, ୨୫।୧୦(ସମିସ)**

ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମର ମଙ୍ଗଳା ମନ୍ଦିର ନିକଟରେ ଥିବା ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କିରୁ ଧିମେଇ ଧିମେଇ ଚାଲିଛି ପାଣି। ଶେଷ ମୁଣ୍ଡକୁ ପାଣି ପହଞ୍ଚୁନାହିଁ। ଫଳରେ ରାଜନଗର ଗ୍ରାମରେ ପିଇବା ପାଣି ପାଇଁ ଲୋକେ ହୀନସ୍ତା ଭୋଗୁଥିବା ଅଭିଯୋଗ ହେଉଛି।

ଗତବର୍ଷ ଯାନ୍ତ୍ରିକ ତ୍ରୁଟି ଥିବା କହି ପ୍ରଶାସନିକ ଅଧିକାରୀ ଲୋକଙ୍କୁ ଭୂଆଁ ବୁଲାଇ ଥିବାବେଳେ ଏବେ ନୂଆ କାମ ହେବ ବୋଲି କହିଛନ୍ତି। ଅଧିକାରୀଙ୍କ ଅବହେଳା ଯୋଗୁଁ ବିଭିନ୍ନ ଓଭରହେଡ୍ ପାଣି ଟାଙ୍କିରୁ ପଙ୍କୁଆ ଓ ଆଇରନ ପାଣି ବାହାରୁ ଥିବାବେଳେ କେତେକ ପ୍ରକଳ୍ପରୁ ପାଣି ଅଭାବ ରହିଥିବା ଅଞ୍ଚଳବାସୀ କହିଛନ୍ତି। ରାଜନଗର ଗ୍ରାମର ସାମଲସାହି, ସାହୁସାହି ଓ ଦଳିତସାହିର ପ୍ରାୟ ୮୦ଟି ପରିବାର ଲୋକେ ପାଣି ସମସ୍ୟା ଭୋଗୁଛନ୍ତି। ଏହି ପ୍ରକଳ୍ପରୁ ଧିମେଇ ଧିମେଇ ପାଣି ବାହାରୁଥିବାବେଳେ ଶେଷ ମୁଣ୍ଡରେ ପାଣି ପହଞ୍ଚୁ ନ ଥିବା ଅଭିଯୋଗ ହେଉଛି। ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ନିରବତା ଲାଗି ଲୋକେ ସମସ୍ୟା ଭୋଗୁଛନ୍ତି। ଏବେ ରାଧାକାନ୍ତ ମନ୍ଦିର ନିକଟରେ ପଞ୍ଚୁକ ପାଞ୍ଚଦିନ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ। ପାଞ୍ଚଦିନ ଧରି ପ୍ରସାଦସେବନ ବ୍ୟବସ୍ଥା କରାଯିବ। ସେଥିପାଇଁ ପାଣିର ଆବଶ୍ୟକତା ରହିଛି। ମନ୍ଦିର ନିକଟରେ ଥିବା ନଳକୂପ ଅଚଳ ଥିବାବେଳେ ପାଣି ସମସ୍ୟା ଦେଖିବାକୁ ମିଳୁଛି। ଶୀଘ୍ର ପାଣିର ସମସ୍ୟା ସମାଧାନ କରିବା ପାଇଁ ଗ୍ରାମର ରାମଚନ୍ଦ୍ର ପ୍ରଧାନ, ସୁବାସ ପାତ୍ର, ବିଜୟ ମଲ୍ଲିକ, ହରେକୃଷ୍ଣ ମଲ୍ଲିକ, ସୁରେଶ ମଲ୍ଲିକ ଓ ଗୋକୁଳ ମଲିକ ପ୍ରମୁଖ ଦାବି କରିଛନ୍ତି।

## ବାଲିକୁଦା ବ୍ଲକ୍‌ରେ ଷଣ୍ଢଙ୍କ ଉପଦ୍ରବ

# ନଷ୍ଟ କରୁଛନ୍ତି ଧାନ ଫସଲ; ଜଗୁଛନ୍ତି ଚାଷୀ



**ବାଲିକୁଦା, ୨୫।୧୦(ସମିସ):** ବାଲିକୁଦା ବ୍ଲକର ବିଭିନ୍ନ ସ୍ଥାନରେ ଷଣ୍ଢଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଥୋଡ ବାହାରିଥିବା ଧାନ ଫସଲ ସହିତ ବାଡ଼ି ବଗିଚାରେ ହେଉଥିବା ପନିପରିବା ଖାଇ ନଷ୍ଟ କରିଦେଲେଣି। ଶହ ଶହ ବୁଲା ଷଣ୍ଢ କାହିଁ କେଉଁ ଆଡୁ ଆସି ଧାନ କିଆରୀଠାରୁ ଆରମ୍ଭ କରି ବାଡ଼ିରେ ପଶି ପନିପରିବା ଖାଇଦେବା ସହ ନଷ୍ଟ କରିଦେଉଛନ୍ତି। ଏତେ ସଂଖ୍ୟକ ଷଣ୍ଢଙ୍କୁ କେହି ଦୁର୍ବୃତ୍ତ ରାତିରେ ଗାଡ଼ିରେ ଆଣି ବାଲିକୁଦା ଅଞ୍ଚଳରେ ଛାଡ଼ି ଦେଇଯାଉଛନ୍ତି। ଫଳରେ ବ୍ଲକର ବାଲିକୁଦା, ବୋରିକିନା, ଦୁଆ, ଓଳାଷ, ବାରିଲୋ, ଖଣ୍ଡପଶା, ରାମତୋଳ, ଡୋଭାଳ, ବରଗୁଡ଼ିପଡ଼ା, ଦରଡ଼ା, ତିତିରା, ରମ୍ଭିଳା, ଛୋଟତିରା, କୁନ୍ଦୁପୁର, କଣ୍ଡିଆ, ମାଛଗାଁ, ଆପଣ୍ଡରା, ନହରଣା, ଓଷକଣା ଆଦି ଅଞ୍ଚଳ ଚାଷଜମିରେ ପଶି ଧାନ ଗଛ ଅଗେଇ ଖାଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଉଛନ୍ତି। ଅଞ୍ଚଳର ଚାଷୀ ଷଣ୍ଢଙ୍କ ଉପଦ୍ରବ୍ୟ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନରାତି ବିଲରେ ଜଗିବାକୁ ପଡୁଛି। ତୁରନ୍ତ ଏହି ଷଣ୍ଢଙ୍କୁ ଧରି ଅନ୍ୟତ୍ର ।ଡିବା ପାଇଁ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିକଟରେ ବାଲିକୁଦା, ମାଛଗାଁ, ଆମ୍ବଶାଳ, ଇଚ୍ଛାପୁର, ଅଢଙ୍ଗା, ବୋରିକିନା ଓ ତିତିରା ଅଞ୍ଚଳର ଚାଷୀ ଦାବି କରିଛନ୍ତି।

**ସରକାରୀ ସ୍ତରରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ଦାବି**

## ବଟି ଆଦାୟକୁ ନେଇ ଆଉଏକ ମାମଲା ରୁଜୁ

**ପାରାଦୀପ, ୨୫।୧୦(ସମିସ):** ପୁଲିସ ଟର୍ମିନାଲରୁ ଡିଜେଲ ଚୋରି ଘଟଣାର ଫର୍ଦ୍ଦାଫାସ ହେବା ପରେ ଏବେ ଥାନାରେ ଅଭିଯୋଗ ବଢ଼ିବାରେ ଲାଗିଛି। ଏତଲା ସଂଖ୍ୟା ବଢ଼ିବାରେ ଲାଗିଛି। ଭୟରେ ମୁହଁ ଖୋଲୁ ନ ଥିବା ଡ୍ରାଇଭର ଓ ହେଲ୍‌ପର ଏବେ ଏସ୍‌ପିଙ୍କ ଆକ୍ସନ ମୁଡ ଦେଖି ଅଭିଯୋଗ କରିବାକୁ ସାହସ କରିଛନ୍ତି। ଏହି ଡିଜେଲ ଚୋରି ଘଟଣାରେ ବଟି ଆଦାୟକୁ ନେଇ ଏବେ ଏତଲା ସଂଖ୍ୟା ୩ରେ ପହଞ୍ଚିଛି। ୩ ନମ୍ବର ଅଭିଯୋଗକାରୀ ହେଲେ କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ହାବଳେଶ୍ୱର ଗ୍ରାମର ରଶ୍ମିରଞ୍ଜନ ମହାନ୍ତି।

ଗତ ୧୧ ତାରିଖରେ ରଶ୍ମିରଞ୍ଜନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ସେ ପାରାଦୀପ ମଡେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେ ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଥିଲେ। ରଶ୍ମିରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ ସେ ପାରାଦୀପ ବିପିସିଏଲ ଟର୍ମିନାଲରେ ଚାଲିଥିବା ଟ୍ୟାଙ୍କରରେ ହେଲ୍ପର ଭାବେ କାର୍ଯ୍ୟ କରନ୍ତି। ଗତ ୧୧ ତାରିଖ ଅପରାହ୍ନରେ ଟର୍ମିନାଲର ରେଷ୍ଟ ରୁମ୍‌ରେ ଶୋଇଥିବାବେଳେ ୬ ଜଣ ଅସାମାଜିକ ଲୋକ ହଠାତ ଅତର୍କିତ ଭାବେ ତାଙ୍କ ନିକଟକୁ ଯାଇ ତାଙ୍କ ମୁଣ୍ଡରେ ବନ୍ଧୁକ ଓ ବେକରେ ଭୁଜାଲି ଲଗାଇ ଚାନ୍ଦା ମାଗିଥିଲେ। ସେ ଗରିବ ପିଲା। ଟଙ୍କା କେଉଁଠୁ ଆଣିବେ। ତାଙ୍କ ବାପା ଜଣେ ଭିନ୍ନକ୍ଷମ ବ୍ୟକ୍ତି ବୋଲି କହିଥିଲେ। ତେବେ ଉକ୍ତ ୬ ଜଣ ବ୍ୟକ୍ତି ତାଙ୍କର କୌଣସି କଥା ନ ଶୁଣି ପ୍ରକାଶ ତ୍ରିପାଠୀଙ୍କୁ ଜାଣିଛୁ, ବଟି ନ ଦେଲେ ଏଠାରେ ଗାଡ଼ିରେ ରହି ପାରିବୁନାହିଁ ବୋଲି ନାଲି ଆଖି ଦେଖାଇଥିଲେ। ପରେ ତାଙ୍କୁ ଲୁହା ରଡ୍‌ରେ ମାଡ଼ ମାରି ଅନ୍ୟତ୍ର ଉଠାଇ ନେଇଥିଲେ। ପୁଣି ଆଣି ସେହି ରେଷ୍ଟ ରୁମ୍‌ରେ ଛାଡ଼ି ଦେଇଥିଲେ। ତାଙ୍କର ଜଣେ ଷ୍ଟାଫ ପିପିଏଲ ଫାଣ୍ଡିକୁ ଜଣାଇବା ପରେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଅଠରବାଙ୍କୀ ମେଡିକାଲ ନେଇ ଚିକିତ୍ସିତ କରାଇ ଆଣି ଟର୍ମିନାଲ ପାଖରେ ଛାଡ଼ିଥିଲେ। ସେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତାଙ୍କ ନିର୍ଦ୍ଦେଶରେ ମଡେଲ ଥାନା ପୁଲିସ ଘଟଣାକୁ ଗୁରୁତର ଭାବେ ନେବାକୁ ବାଧ୍ୟ ହୋଇଛି। ଏଠାରେ ପ୍ରଶ୍ନ ଉଠେ ଅଭିଯୋଗକାରୀଙ୍କ ଅଭିଯୋଗକୁ ପୁଲିସ କାହିଁକି ଅଣଦେଖା କରିଥିଲା। କେଉଁ ରାଜନୈତିକ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ଥିବା ଲୋକଙ୍କ କଥାରେ ପୁଲିସ ଅଭିଯୋଗକୁ ଗ୍ରହଣ ନ କରି ଅଣଦେଖା କରିଥିଲା, ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଚେଲିତୋଳ ବାଲିଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ



**ତିର୍ତ୍ତୋଲ, ୨୫।୧୦(ସମିସ):** ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରୁଥିବା ତିର୍ତ୍ତୋଲର ଚେଲିତୋଳ ବାଲିଯାତ୍ରା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ତଥା ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଏଥିରେ ଅଧ୍ୟକ୍ଷତା କରି ଚେଲିତୋଳ ବାଲିଯାତ୍ରା ମହୋତ୍ସବ ଆଡ଼ମ୍ବର ସହକାରେ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ନେଇ ଏହା ଅନୁଷ୍ଠିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ବିମଳ ମହାପାତ୍ର ୨୦୨୪ ବାଲିଯାତ୍ରା ମହୋତ୍ସବ ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ, ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ସୁନନ୍ଦ ବିଶ୍ୱାଳ, ସମାଜସେବୀ ପ୍ରଭାତ ମହାନ୍ତି, ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ, ଜିଲ୍ଲା ବିଜେଡିର ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ, ବିବେକାନନ୍ଦ ହୋତା, ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ଭାଗବତ ଟୁଙ୍ଗି ପ୍ରଚାରକ ରାମାୟଣି ପଣ୍ଡିତ ଅଭୟ ଦାଶ, ସୁବ୍ରତ ଦାଶ, ଦେବୀପ୍ରସାଦ ମହାପାତ୍ର, ନିହାର ମହାନ୍ତି, ଚିତ୍ତରଞ୍ଜନ ରଥ, ପଣ୍ଡିତ ଶିଶିର କୁମାର ପଣ୍ଡାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ଅମରଜ୍ୟୋତି ସାହୁ ଧନ୍ୟବାଦ ଦେଇଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ

**ଡେରାବିଶ, ୨୫।୧୦(ସମିସ):** ଡେରାବିଶ ଶିକ୍ଷା ସର୍କଲ ଅଧୀନ ସୁଦର୍ଶନ ନୋଡାଲ ଉଚ୍ଚବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ଠାକୁରପାଟଣା ପ୍ରକଳ୍ପ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚକ୍ରଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଗୁଆଲସିଂ ସରପଞ୍ଚ ମଧୁସ୍ମିତା ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ଅକ୍ଷୟ ପୋଥାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିଶୁ ଉତ୍ସବରେ ସାଧନକେନ୍ଦ୍ର ଅଧୀନ ୧୧ଟି ବିଦ୍ୟାଳୟରୁ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗେଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଓ ସରପଞ୍ଚ ଶ୍ରୀମତୀ ଦାସ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

## ଆହତ ଷଣ୍ଢର ଚିକିତ୍ସା କରାଇଲେ ସ୍ୱେଚ୍ଛାସେବୀ

**ଜଗତସିଂହପୁର, ୨୫।୧୦(ସମିସ):** ଜଗତସିଂହପୁର ସହରର ଗାନ୍ଧୀ ଛକ ନିକଟରେ ଏକ ଷଣ୍ଢ ଛୁଆକୁ ବିଳମ୍ବିତ ରାତିରେ କୌଣସି ଅଜଣା ଗାଡ଼ି ଧକ୍କାଦେଇ ପଳାଇଥିଲା। ଷଣ୍ଢ ଛୁଆଟି ରକ୍ତାକ୍ତ ଅବସ୍ଥାରେ ଛଟପଟ ହେଉଥିବାବେଳେ ଏ ଖବର ପାଇ ସକାଳେ ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରା, ସିଦ୍ଧାର୍ଥ ଦାସ ଆନିମଲ ହେଲ୍‌ପଲାଇନ ଗାଡ଼ିକୁ ଡାକିଥିଲେ। ଆନିମଲ ହେଲ୍ପଲାଇନ ଗାଡ଼ି ପହଞ୍ଚି ଷଣ୍ଢ ଛୁଆକୁ ଚିକିତ୍ସା କରିଥିଲା। ପରେ ବିଶ୍ୱ ରଞ୍ଜନ ଦାଶଙ୍କ ସହଯୋଗରେ ସ୍ଥାନୀୟ ବ୍ୟବସାୟୀଙ୍କ ଦ୍ୱାରା ଏକ ଅଟୋ ଜରିଆରେ ଚାଟରସ୍ଥ ଅସ୍ଥାୟୀ ଗୋଶାଳାରେ ଅଧିକ ଚିକିତ୍ସା ପାଇଁ ଷଣ୍ଢ ଛୁଆକୁ ସ୍ଥାନାନ୍ତର କରାଯାଇଥିଲା।

## ମୋ’ ଫସଲ ବୀମା ପଲିସି ମୋ ହାତରେ କାର୍ଯ୍ୟକ୍ରମ ସମୀକ୍ଷା



**ଜଗତସିଂହପୁର, ୨୫।୧୦(ସମିସ):** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଋଣୀ ଚାଷୀଙ୍କ ବୀମା ରସିଦ ବିତରଣ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣାବସନ୍ତ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଯୋଜନା ଓ ସଂଯୋଜନା ବର୍ଗର ଉପନିର୍ଦ୍ଦେଶକ ସୁଶୀଲ ସେନାପତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସହକାରୀ ନୋଡାଲ ଅଧିକାରୀ ଅଞ୍ଜଳି ପଣ୍ଡା, ପିଏମ କିଷାନ ଯୋଜନାର ନୋଡାଲ ଅଧିକାରୀ ପିୟୁଷ ପରିଡ଼ା ପ୍ରମୁଖ ଯୋଗଦେଇ ଫସଲ ବୀମା ଯୋଜନାର ଉପାଦେୟତା, ସୁବିଧା, ସୁଯୋଗ ଓ ଅସୁବିଧା ସମ୍ପର୍କରେ ଉପସ୍ଥିତ କୃଷକଙ୍କ ସହ ଆଲୋଚନା କରିଥିଲେ। ଏ ଅବସରରେ ୧୫ ଜଣ ଋଣୀ ଚାଷୀଙ୍କୁ ସେମାନଙ୍କ ପସଲ ବୀମା ରସିଦ, ଫସଲ ବୀମା ସମ୍ପର୍କିତ ଉପାଦେୟ ଚିତ୍ରିତ ପୁସ୍ତିକା ଓ ସୂଚନା ଫର୍ଦ୍ଦ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱରଞ୍ଜନ ପଣ୍ଡା, ଫସଲ ବୀମା ଯୋଜନା ଅଧିକାରୀ ନିହାରିକା ଦାସ, ସମବାୟ ସମିତି ସମ୍ପାଦକ ବିଜୟ ସାହୁ, ସ୍ଥାନୀୟ ସରପଞ୍ଚ କାଳନ୍ଦୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରିଲିଆନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଫସଲ ବୀମା ପଞ୍ଜୀକରଣ କରିଥିବା ସମସ୍ତ ଋଣୀ ଚାଷୀ ଭାଇଙ୍କ ପାଇଁ ଏଭଳି ରସିଦ, ସଚେତନତା ଉପାଦେୟ ହେବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ସଂଯୋଜକ ପ୍ରମୋଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ସଂଯୋଜକ କବିପ୍ରସାଦ ନାୟକ, ଚନ୍ଦନ ମହାରଣା, ପ୍ରସନ୍ନ ବାରିକ, ସୌମ୍ୟରଞ୍ଜନ ନିହାଣ ପ୍ରମୁଖ ସହଯୋଗ କରିଥିଲେ।

## ନ୍ୟାସନାଲ ସ୍କୁଲରେ ବିଜ୍ଞାନ ମେଳା




**କୁଜଙ୍ଗ, ୨୫।୧୦(ସମିସ):** କୁଜଙ୍ଗସ୍ଥ ନ୍ୟାସନାଲ ସ୍କୁଲରେ ଦୁଇଦିନଆ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ନ୍ୟାସନାଲ ସ୍କୁଲ ଓ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ପ୍ଲେ ସ୍କୁଲର ୬୦୦ରୁ ଅଧିକ କୁନି ବୈଜ୍ଞାନିକ ଭାଗ ନେଇଥିଲେ। ନ୍ୟାସନାଲ ସ୍କୁଲ ଅଧକ୍ଷା ପ୍ରମିଳା ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଜ୍ଞାନ ମେଳାକୁ ବନବିହାରୀ ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ ସରୋଜ ବେହେରା ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଜୟ ଚାନ୍ଦ କଲେଜ ଅଧକ୍ଷ ଡକ୍ଟର ପ୍ରତାପ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ ଡକ୍ଟର ଗଙ୍ଗାଧର ସାମନ୍ତରାୟ, ସ୍କୁଲ ଚେୟାରମାନ ଡକ୍ଟର ରଘୁ ସାହୁ ଓ ଜାଭିୟର ସ୍କୁଲ ଅଧକ୍ଷ ସୁଧାକର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନି ବୈଜ୍ଞାନିକମାନେ ଆଜିଠୁ ବିଜ୍ଞାନ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ।

ବିଜ୍ଞାନ ମେଳାରେ ଅଧାପକ ମାନସ ମୁଦୁଲି, ଶୁଭ୍ରାଂସୁ ସାହୁ, ଶିକ୍ଷକ ବିଭୂତି ଭୂଷଣ ଦାସ, ବୈକୁଣ୍ଠ ବିହାରୀ ନାୟକ ଓ ନୃସିଂହ ନାରାୟଣ ବାହାଲିଆ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ୩୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ବିଚାରକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ଯେଉଁ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କୁ ଆସନ୍ତା ଶିଶୁ ଦିବସରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା। ଶିକ୍ଷକ ଶୁଭେନ୍ଦ୍ର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍କୁଲ ଭାଇସ ପ୍ରିନ୍ସପାଲ ସଞ୍ଜୟ ଓଝା, କାହ୍ନୁ ବେହେରା, ନିକାସ ଦଳେଇ, ରତିରଞ୍ଜନ ମହାନ୍ତି, ମୋନାଲିସା ନାୟକ, ସୁଶ୍ରୀ ସଙ୍ଗୀତା, ସୁଭଦ୍ରା ମହାପାତ୍ର, ଅମରଜ୍ୟୋତି ସ୍ୱାଇଁ, ମଧୁସ୍ମିତା ବାରିକ, ପ୍ରିୟଦର୍ଶିନୀ ନାୟକ ଓ ମାତୃକୃପା ମହାନ୍ତି ପ୍ରମୁଖ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନା କରିଥିଲେ।

## ପ୍ରଶାସନ ପକ୍ଷରୁ ହବିଷ୍ୟାଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ଜଗତସିଂହପୁର, ୨୫।୧୦(ସମିସ):** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତର ସିଦ୍ଧଳସ୍ଥ ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିରରେ ପବିତ୍ର କାର୍ତ୍ତିକ ମାସ ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବୃଦ୍ଧା ମାଆମାନେ ହବିଷ ବ୍ରତ ପାଳନ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା ନିମନ୍ତେ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ବଳଦେବଜୀଉ ମନ୍ଦିର ପରିଚାଳନା ଟ୍ରଷ୍ଟି ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ମନ୍ଦିର ପରିସରରେ ଗ୍ରାମର ମୁରବୀ, ସେବାୟତ, ପରିଚାଳନା ଟ୍ରଷ୍ଟ କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ବୈଠକ ଆୟୋଜନ କରି ବିଭିନ୍ନ ସମସ୍ୟାର ସମାଧାନ କରିଥିଲେ। ପରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବୃଦ୍ଧା ମାଆମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା। ପ୍ରଶାସନର ପ୍ରତିନିଧି ତଥା ମନ୍ଦିର ଟ୍ରଷ୍ଟି ଉପଜିଲ୍ଲାପାଳଙ୍କ ଏହି ମହତ୍ ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବା ମନା



**ପାରାଦୀପ, ୨୫।୧୦(ସମିସ):** ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇ ଗଭୀର ଅବପାତରେ ପରିଣତ ହେବା ସହିତ ବାତ୍ୟା ରୂପ ନେବା ଆଶଙ୍କା ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବା ସହିତ ଉଚ୍ଚ ଜୁଆର ଉଠିବା ସମ୍ଭାବନା ରହିଛି। ତେଣୁ ମତ୍ସ୍ୟଜୀବୀଙ୍କୁ ଆସନ୍ତା ୨୬ରୁ ୨୯ ତାରିଖ ମଧ୍ୟରେ ସମୁଦ୍ରକୁ ମାଛ ଧରିବା ପାଇଁ ନ ଯିବାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସଚେତନ କରାଯାଇଛି। ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ନେହେରୁ ବଙ୍ଗଳା ମାଛଧରା ବନ୍ଦର, ଷଣ୍ଢକୁଦ ମତ୍ସ୍ୟଜୀବୀ ବସ୍ତି, ନୂଆ ବଜାର କଲୋନୀ, ଅଠରବାଙ୍କି ମାଛଧରା ବନ୍ଦର, ଚଉମୁହାଣି ମାଛଧରା ବନ୍ଦର ନିକଟରେ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା ପ୍ରଦାନ କରାଯାଇଛି। ଯେଉଁ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ମାଛ ଧରିବାକୁ ଯାଇଛନ୍ତି, ସେମାନେ ୨୬ ତାରିଖ ସୁଦ୍ଧା କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି।

## ୭୫ ଗ୍ରାମ ହେରୋଇନ ଜବତ, ବ୍ୟବସାୟୀ ଗିରଫ

**ପାରାଦୀପ, ୨୫।୧୦(ସମିସ):** ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନୀତା ପ୍ରଧାନଙ୍କ ନେତୃତ୍ୱରେ ଆଜି ପାରାଦୀପଗଡ଼ରେ ଚଢ଼ଉ କରାଯାଇ ୭୫ ଗ୍ରାମ ହେରୋଇନ ଜବତ ହେବା ସହ ବ୍ୟବସାୟୀକୁ ଗିରଫ କରାଯାଇଛି। ଇନ୍ସପେକ୍ଟର ପ୍ରଶାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର ଜିଲ୍ଲା



ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦୀପଗଡ଼ସ୍ଥ ଶନି ମନ୍ଦିର ନିକଟରୁ ୭୫ ଗ୍ରାମ୍ ହେରୋଇନ୍ ଜବତ କରାଯାଇଥିବାବେଳେ ବ୍ୟବସାୟୀ ସରୋଜ ମଲ୍ଲିକକୁ ଗିରଫ କରାଯାଇଛି। ଜବତ ହେରୋଇନର ଆନୁମାନିକ ମୂଲ୍ୟ ୭୫୦, ୦୦୦ ଟଙ୍କା ହେବ। ଅଭିଯୁକ୍ତ ଜଣକ ଯାଜପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବାବେଳେ ଗତ କିଛିମାସ ଧରି ପାରାଦୀପଗଡ଼ରେ ରହି ହେରୋଇନ୍ ବ୍ୟବସାୟରେ ଲିପ୍ତ ଥିଲେ।

## ୧୩ ମାନସିକ ଭିନ୍ନକ୍ଷମ ଉଦ୍ଧାର

**ପାରାଦୀପ, ୨୫।୧୦(ସମିସ):** ବ୍ୟାସ ଫାଉଣ୍ଡେସନ ପକ୍ଷରୁ ପାରାଦୀପ ଅଞ୍ଚଳରୁ ୧୩ ଜଣ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ଏହି ମାନସିକ ଭିନ୍ନକ୍ଷମ ବନ୍ଦର ସହର ସମେତ ଖୋଲା ସ୍ଥାନରେ ବୁଲୁଥିବାବେଳେ ଫାଉଣ୍ଡେସନ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରାଯାଇଛି। ସଂଗଠନର ସଭାପତି ସ୍ନେହମୟୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ମହିଳା ଓ ପୁରୁଷ ସଦସ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ।




# ଏରସମା ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ଜଗତସିଂହପୁର/ଏରସମା, ୨୫।୧୦(ସମିସ)**



ଆଜି ଏରସମା ବ୍ଲକର ଆମ୍ବିକିଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଜଗତସିଂହପୁର ଜିଲ୍ଲାରେ ଧାନ, ପାନ ଓ ମୀନର ଉନ୍ନତି ହେଲେ ଅର୍ଥନୈତିକ ବିକାଶ ସମ୍ଭବ ବୋଲି କହିଥିଲେ। ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ଏହି କାର୍ଯ୍ୟକ୍ରମ ସରକାରଙ୍କ ବିଭିନ୍ନ ଯୋଜନାକୁ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ) ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବିନାରାୟଣ ଜେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ରାନୀ ଟୁଡୁ, ଜିଲ୍ଲା ପରିଷଦ ଜୋନ୍ ଏରସମା-୨ର ଦାଶରଥି ଜେନା, ଏରସମା ବିଡିଓ ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ତହସିଲଦାର ଡାକ୍ତର ଶଶାଙ୍କଶେଖର ନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଶଶାଙ୍କଶେଖର ଲେଙ୍କା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏଥିସହିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଶେଷଜ୍ଞଙ୍କ ଅଭିମତ ଓ କୃଷକଙ୍କ ସହିତ ମତ ବିନିମୟ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ୍ ଆୟୋଜିତ ହୋଇଥିଲା। ଏଥିମଧ୍ୟରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ-୪, ମତ୍ସ୍ୟ ବିଭାଗ-୩, ମହିଳା ଓ ଶିଶୁ ବିକାଶ ବିଭାଗ-୩ (ସମନ୍ୱିତ ଶିଶୁ ବିକାଶ ଯୋଜନା) ଓରମାସ-୧, ଓଡ଼ିଶା ଜୀବିକା ମିଶନ- ମିଶନ ଶକ୍ତି-୧ କଟକ କ୍ରେଡିଟକୋ ଅପରେଟିଭ ବ୍ୟାଙ୍କ-୧, କୃଷକ ରେଜିଷ୍ଟ୍ରେସନ୍-୨ ଓ କୃଷି ବିଭାଗ-୧ଟି ଷ୍ଟଲ୍ ଖୋଲାଯାଇଥିଲା। ଅତିଥିମାନେ ଷ୍ଟଲ୍ ପରିଦର୍ଶନ କରିଥିଲେ। ପ୍ରାଣୀ ସମ୍ପଦ ବିକାଶର ୪ ଜଣ ଓ ମତ୍ସ୍ୟ ବିଭାଗର-୪ ଜଣ ସଫଳ ଚାଷୀଙ୍କୁ ୧୦୦୦ ଟଙ୍କା ନଗଦ ରାଶି, ମେମେଣ୍ଟୋ ଓ ଉତ୍ତରୀୟ ସହ ପୁରସ୍କୃତ କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୨ ଜଣଙ୍କୁ ଗୋ ଆହେଡ଼ ଲେଟର, ୨ ଜଣଙ୍କୁ ସବସିଡ଼ି ଲେଟର, ୨ ଜଣକୁ ଇନସ୍ୟୁରାନ୍ସ କ୍ଲେମ ସେଟେଲମେଣ୍ଟ ଲେଟର ପ୍ରଦାନ କରାଯାଇଥିଲା। ସେହିପରି ମତ୍ସ୍ୟ ବିଭାଗ ପକ୍ଷରୁ ୨ ଜଣଙ୍କୁ ଗୋ ଆହେଡ୍ ଲେଟର ପ୍ରଦାନ କରାଯାଇଥିଲା। ପ୍ରାଣୀ ସମ୍ପଦ ବିକାଶ ବିଭାଗ ଷ୍ଟଲ୍‌ରେ ୮ ଜଣ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ୧ ଜଣ ଫୋଡର ଇଣ୍ଟରପ୍ରିନିଓରସିପ ଯୋଜନା ପାଇଁ ଆବେଦନ କରିଥିଲେ।

# ମୋବାଇଲ ଚୋରି, ଜେଲଗଲେ ତିନି ଅଭିଯୁକ୍ତ



ନୀଳଗିରି, ୨୫।୧୦ (ସମିସ): ଏବେ ନୀଳଗିରିର ବିଭିନ୍ନ ଅଞ୍ଚଳରେ ମୋବାଇଲ ଚୋର ଆତଙ୍କ ସୃଷ୍ଟି କରିଥିବା ବେଳେ ନୀଳଗିରି ପୁଲିସ ତିନି ମୋବାଇଲ୍ ଚୋରକୁ କାବୁ କରି ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗତ ଶୁକ୍ରବାର ରାତି ପ୍ରାୟ ଦଶଟା ସମୟରେ ମଳିଆଣି ଗ୍ରାମର ଦେବାଶିଷ ଖିଲାର୍ ପୋଡାସୁଳକୁ କାଳୀ ପୂଜା ଦେଖି ଫେରୁଥିବା ବେଳେ ବାଟରେ ମୋବାଇଲରେ କଥା ହେଉଥିବାବେଳେ ହଠାତ୍ ଏକ ମୋଟରସାଇକେଲରେ ତିନିଜଣ ଯୁବକ ଆସି ମୋବାଇଲ ଛଡାଇ ନେଇ ପଳାଇ ଯାଇଥିଲେ। ଏ ନେଇ ଦେବାଶିଷ ଖିଲାର ନୀଳଗିରି ଥାନାରେ ଅଭିଯୋଗ କଲା ପରେ ପୁଲିସ ପକ୍ଷରୁ ତନା ଘନା ଆରମ୍ଭ କରିଥିଲେ। ତିନି ଜଣ ଯୁବକ ପୋଡାସୁଳରେ ଯାତ୍ରା ପଡ଼ିଆରେ ଚୋରି ମୋବାଇଲ ଟିକୁ ଧରିଥିବାର ସ୍ଥାନୀୟ ଲୋକେ ଦେଖିଲା ପରେ ପୁଲିସକୁ ଖବର ଦେବା ପରେ ପୁଲିସ ତିନି ମୋବାଇଲ୍ ଚୋରକୁ କାବୁ କରିଥିଲେ। ତିନି ଅଭିଯୁକ୍ତ ହେଲେ ପୋଡାସୂଳ ଗ୍ରାମର ହରିହର ମଲ୍ଲିକ, ଡେଙ୍ଗା ପିଆଶାଳ ଗ୍ରାମର ଜଗା ସିଂ ଓ ବନମାଳୀ ସିଂକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ସରକାରଙ୍କ ଦୃଷ୍ଟି ଆଢୁଆଳରେ ଡଗରା ବେଳାଭୂମି ରାସ୍ତା

ବାଲିଆପାଳ, ୨୫।୧୦ (ସମିସ)





ବାଲିଆପାଳର ବିଶ୍ୱ ପ୍ରସିଦ୍ଧ ଡଗରା ବେଳାଭୂମି। ଏହି ପର୍ଯ୍ୟଟନ ସ୍ଥଳୀକୁ ଯିବା ପାଇଁ ବଡ଼ ଗୁମୁଟି ଛକ ଠାରୁ ସମୁଦ୍ର ବେଳାଭୂମି ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା ଦୀର୍ଘବର୍ଷ ଧରି ଶୋଚନୀୟ ହୋଇପଡିଛି। ରାସ୍ତା ସାରା ଖାଲ ଖମାରେ ଭର୍ତ୍ତି ହୋଇଥିବାରୁ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ୨୦୧୪ ମସିହାରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲା। ଏହି ବେଳାଭୂମିକୁ ଓଡ଼ିଶା ସମେତ ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସିଥାନ୍ତି। ସମୁଦ୍ର କୂଳକୁ ଯିବା ପାଇଁ ସରକାରୀ ସ୍ତରରେ ରାସ୍ତା ନିର୍ମାଣ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା ମାତ୍ର ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ନାଳି ଫିତା ତଳେ ଚାପି ହୋଇଯାଇଛି। ଅଞ୍ଚଳ ବାସୀଙ୍କ କହିବା କଥା ୨୮ ବର୍ଷ ପୂର୍ବେ ଏହି ରାସ୍ତା ନିର୍ମାଣ ହୋଇଥିଲା। ସେହି ଦିନଠାରୁ ଅଦ୍ୟାବଧି ମରାମତି ପାଇଁ ମାଟି ଝୁଡିଏ ମଧ ଏହି ରାସ୍ତାରେ ପଡ଼ିନାହିଁ। ଆଗକୁ ଆସୁଛି ବଣଭୋଜିର ଋତୁ। ଏହି ବେଳାଭୂମି ସୁଦୀର୍ଘ ବାଲୁକା ଶଯ୍ୟା ସାଙ୍ଗକୁ ହରିତକାୟ ଝାଉଁ ବନାନୀର ସୁଁ ସୁଁ ଶବ୍ଦ ମଧ୍ୟରେ ନାଲି କଙ୍କଡାଙ୍କ ଲୁଚକାଳି ଖେଳ ସମୁଦ୍ରରୁ ନୀଳ ଜଳରାଶି ମଧ୍ୟରୁ ଉତ୍ତାଳ ତରଙ୍ଗ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଅକ୍ଟୋବର ମାସ ଠାରୁ ଅପ୍ରେଲ ମାସ ପର୍ଯ୍ୟନ୍ତ ଓଡ଼ିଆ, ବିହାର, ପଶ୍ଚିମବଙ୍ଗରୁ ବିଭିନ୍ନ କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ଛୁଟି ଆସିଥାନ୍ତି ପର୍ଯ୍ୟଟକ। ବଣଭୋଜିର ମଜା, ଜଳକ୍ରୀଡା ସାଙ୍ଗକୁ ସେଲଫିର ପାଲଟି ଯାଏ ସ୍ମୃତି। କେବଳ ଏତିକି ନୁହେଁ ଏଠାରେ ଅନୁଷ୍ଠିତ ହେଉଥିବା ବାରୁଣୀ ସ୍ନାନ, ମକର ମେଳା, ବେଳାଭୂମି ମହୋତ୍ସବ ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥାଏ। ଏହି ପରି ଏକ ସୌନ୍ଦର୍ଯ୍ୟରେ ଭରପୂର ଏହି ବେଳାଭୂମିକୁ ଆସିବା ପାଇଁ ଗୋଟିଏ ମାତ୍ର ରାସ୍ତା ଯାହାକି ମରଣଯନ୍ତା ପାଲଟିଛି। ତେଣୁ ପର୍ଯ୍ୟଟକ ମୁହଁ ଫେରାଇ ଛନ୍ତି। ଏହି ରାସ୍ତାର ନବୀକରଣ ପାଇଁ ଡଗରା ବେଳାଭୂମି ଉନ୍ନୟନ କମିଟି ପକ୍ଷରୁ ଶୁକ୍ରବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ବ୍ଲକର ବିଡିଓ ରାଧାରଞ୍ଜନ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏହି ରାସ୍ତା ଉନ୍ନତିକରଣ କରା ନ ଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ତୀବ୍ରତର ହେବ ବୋଲି କମିଟିର ସଭାପତି ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ସମିତି ସଭ୍ୟ ମନୋଜ କୁମାର ଦାସ, ସମ୍ପାଦକ ସତ୍ୟରଞ୍ଜନ ଜେନା, ତୀର୍ଥ କୁମାର ନାଗ, ସୁଶାନ୍ତ ନାୟକ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଭଞ୍ଜନ ଦାସ, ହରିହର ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ତାଳସାରୀ ସାମୁଦ୍ରିକ ଥାନା ପକ୍ଷରୁ ଭଲିବଲ ପ୍ରତିଯୋଗିତା



ଚନ୍ଦନେଶ୍ୱର, ୨୫।୧୦ (ସମିସ) : ଭୋଗରାଇର କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ସେହି ଗ୍ରାମରେ ଥିବା କାଳୀପୂଜା କମିଟି ଓ ତାଳସାରୀ ସାମୁଦ୍ରିକ ଥାନା ଦ୍ୱାରା ଶନିବାର ସନ୍ଧ୍ୟାରେ ଆନ୍ତଃ ଜିଲ୍ଲା ଭଲିବଲ ପ୍ରତିଯୋଗିତାର ନିର୍ଣ୍ଣାୟକ ମ୍ୟାଚରେ ୟୁଥ କ୍ଲବ ଭୋଗରାଇ ଚାମ୍ପିଅନ ଏବଂ ୟଙ୍ଗଷ୍ଟାର ବାଲେଶ୍ୱର ଦଳ ରନର୍ସଅପ୍ ହୋଇଥିଲେ। ଏ ନେଇ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ବିଜୟୀ ଦଳ ୟୁଥକ୍ଲବ ଭୋଗରାଇର କ୍ୟାପଟେନ ସହିତ ଦଳର ଖେଳାଳୀମାନଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ଏସଆଇ ଆଶିଷ ବିଶ୍ୱାଳ ପରାଜିତ ଦଳ ୟଙ୍ଗଷ୍ଟାର ବାଲେଶ୍ୱରର କ୍ୟାପଟେନ ଓ ଖେଳାଳୀମାନଙ୍କୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ସେଟାଫର ଭାବେ ତପନଙ୍କୁ ମେରାଇନ ଥାନାର ବାସୁଦେବ ମହାନ୍ତି, ଶ୍ରେଷ୍ଠ ଏଟାକାର ଭାବେ ମନୋଜଙ୍କୁ ଏଏସଆଇ ପିଥହେମ୍ବ୍ରମ, ଶ୍ରେଷ୍ଠ ଡିଫେନସର ଭାବେ କାଲୁଙ୍କୁ ମେରାଇନ ଥାନାର ବଳରାମ ଗିରି, ପ୍ଲେୟାର ଅଫଦି ଟୁର୍ଣ୍ଣାମେଣ୍ଟ ଭାବେ ସନୁଙ୍କୁ ପୂଜା କମିଟିର ସଭାପତି ହେମନ୍ତ ସାମଲଙ୍କ ଦ୍ୱାରା କପ୍ ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶାଶ୍ୱତ ଜେନା, ସୁବାସ ଚାନ୍ଦ, ସଞ୍ଜିବ ଚାନ୍ଦ, ଶଶିକାନ୍ତ ଦେ, ହରିହର ଜେନା, ସୁଧୀର ଚନ୍ଦ୍ର ଗିରି, ପ୍ରଦୀପ୍ତ କଟୁଆଳ, ଡ. ରେହେମାନ, ଇଞ୍ଜିନିୟର ବେନୁ ଚରଣ ବେହେରା, ପ୍ରଫୁଲ୍ଲ ଜେନା, ଶମ୍ଭୁନାଥ ପାତ୍ର ପ୍ରମୁଖ ଓ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିବାରେ ସହଯୋଗ କରିଥିଲେ।

# କାଳୀପୂଜାର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ବାଲେଶ୍ୱର,୨୫।୧୦(ସମିସ): ସହରର ସୁନହଟ ପାତ୍ରପଡାର ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାର୍ବଜନୀନ ମା' କାଳୀଙ୍କ ପୂଜାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଗତ ସୋମବାର ଅମାବାସ୍ୟା ତିଥିରେ ରାତ୍ରୀକାଳୀନ ପୂଜା ଭାବେ ପ୍ରଥମେ ଘଟଉତ୍ତୋଳନ ବିଧିମତେ ମା' କାଳୀଙ୍କୁ ଅର୍ଚ୍ଚନ କରାଯାଇଥିଲା। ପୂଜା କମିଟିର ସଭାପତି ନଳିନୀ ରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କାଳୀ ପୂଜା କମିଟିର ସମ୍ପାଦକ ସୁବ୍ରତ ମାଝୀଙ୍କ ନେତୃତ୍ୱରେ ବିଜୁ ବାରିକ, ରଞ୍ଜିତ ମାଝୀ, ସୁଜିତ ଦାସ, ସୁମିତ ଦାସ, ଭରତ ତରେଇ, ଦୀପକ ପାତ୍ର, ରଞ୍ଜନ ଦାସ, ତପନ ଦାସ, ବେଣୁଧର ଦାସ, ରିଙ୍କୁ ଜେନା ପ୍ରମୁଖ ସଦସ୍ୟ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ମତ୍ସ୍ୟଜୀବୀଙ୍କୁ ସତର୍କ କରାଇଲା ମତ୍ସ୍ୟ ବିଭାଗ



ଚନ୍ଦନେଶ୍ୱର, ୨୫।୧୦(ସମିସ): ସାମୁଦ୍ରିକ ଝଡ଼ (ମୋନ୍ଥା) ମାଡ଼ି ଆସୁଛି। ପାଣିପାଗ ବିଭାଗର ଆକଳନ ଅନୁଯାଇ ଏହାର ପ୍ରଭାବ ସମୁଦ୍ର ଉପକୂଳବର୍ତ୍ତୀ ବାଲେଶ୍ୱର ଜିଲ୍ଲାରେ ମଧ ରହିବ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବା ସହିତ ପ୍ରତିକୂଳ ପାଗ ପାଇଁ ଆଜି ୨୫ ତାରିଖ ଠାରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯାଇ ମାଛ ଧରିବାକୁ ବାରଣ କରାଯାଇଛି। ଏହି ଝଡ଼ ପ୍ରଭାବରେ ସମୁଦ୍ରରେ ପ୍ରବଳ ବର୍ଷା ସହିତ ପବନ ଲାଗି ରହିବ। ଏ ନେଇ ଭୋଗରାଇର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ର ଉଦୟପୁର, ତାଳସାରୀ, ରଣସିଂହପୁର ଓ କୀର୍ତ୍ତନିଆରେ ମତ୍ସ୍ୟବିଭାଗ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା ଦିଆଯାଇଥିବା ଦେଖିବାକୁ ମିଳିଛି। ଚନ୍ଦନେଶ୍ୱର ସହକାରୀ ମତ୍ସ୍ୟ ଅଧିକାରୀ ( ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ କୁମାର ଜେନା ସୂଚନା ଦେଇଛନ୍ତି। ଓଡିଶା ସରକାରଙ୍କ ମତ୍ସ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ସମସ୍ତ ଭୁଟଭୁଟି, ଡ଼ଙ୍ଗା ମାଲିକ, ମତ୍ସ୍ୟଜୀବୀ କମିଟିର କର୍ମକର୍ତ୍ତାଙ୍କୁ ଏହି ସୂଚନା ଦିଆଯାଇଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରତିକୂଳ ପାଗ ପାଇଁ ସମୁଦ୍ରକୁ ନ ଯିବାକୁ ସତର୍କ ସୂଚନା ଦିଆଯାଇଛି ! ଯେଉଁମାନେ ସମୁଦ୍ରକୁ ମାଛ ଧରିବାକୁ ଯାଇଛନ୍ତି ସେମାନେ ଶୀଘ୍ର କୂଳକୁ ଫେରି ଆସି ନିଜ ନିଜ ଡ଼ଙ୍ଗା, ଜାଲକୁ ସୁରକ୍ଷିତ ରଖିବାକୁ କୁହାଯାଇଛି । ଡ଼ଙ୍ଗା ମାଲିକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ ଡଙ୍ଗାରେ ମାଛ ଧରିବାକୁ ଯାଇଥିବା ଲୋକର ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ ଓ ମୋବାଇଲ ନମ୍ବର ଇତ୍ୟାଦି ନିକଟସ୍ଥ ସହକାରୀ ମତ୍ସ୍ୟ ଅଧିକାରୀ( ସାମୁଦ୍ରିକ ସମ୍ପ୍ରସାରଣ) ଚନ୍ଦନେଶ୍ୱରଙ୍କ ଠାରେ ଦାଖଲ କରିବେ ଏବଂ ନିଶୁଳ୍କରେ ବୀମାଭୁକ୍ତ କରିବେ। ସାଗରମିତ୍ର ସଂଗ୍ରାମ କେଶରୀ ନନ୍ଦୀ, ଶିବାୟନ ସେନାପତି, ନବୀ ଦାସ, ସୁପ୍ରଭା ନାୟକ, ହରେନ୍ଦ୍ର ସାମଲ ପ୍ରମୁଖ ଡାକବାଜି ଯନ୍ତ ସହାୟତାରେ ସର୍ବସାଧାରଣଙ୍କୁ ସଚେତନ କରାଇ ଥିଲେ।

# ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ସଚେତନତା କାର୍ଯ୍ୟକ୍ରମ



ନୀଳଗିରି, ୨୫।୧୦ (ସମିସ): କୁଲଡିହା ଅଭୟାରଣ୍ୟରେ ବସବାସ କରୁଥିବା ଲୋକମାନଙ୍କ ତରଫରୁ ଅଭିଯୋଗ ଦେବା ପାଇଁ ନୀଳଗିରି ତହସିଲଦାର ଆସନ୍ତା ଅଣତିରିଶ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି। ପ୍ରଥମେ ଗତ ୧୮ ତାରିଖକୁ ସିଦ୍ଧାନ୍ତ କରିଥିଲେ। ପରବର୍ତ୍ତୀ ସମୟରେ ତାରିଖ ପରିବର୍ତ୍ତନ କରି ଅଣତିରିଶ ତାରିଖ କରିଛନ୍ତି। ଯେଉଁ ମାନେ ବହୁ ଦିନରୁ ଅଭୟାରଣ୍ୟରେ ରହି ଆସୁଛନ୍ତି, ସେମାନଙ୍କ ଘର, ଘର ବାଡ଼ି, ଚାଷ ଜମି ରହିଛି। ଅଭୟାରଣ୍ୟ ଭିତରେ ସରକାରୀ ରାସ୍ତା, ବିଦ୍ୟାଳୟ, ଡାକ୍ତରଖାନା, ମନ୍ଦିର, ଜଳସେଚନ ପ୍ରକଳ୍ପ, କମ୍ୟୁନିଟି ହଲ ମାନ ରହିଛି। ପୂର୍ବରୁ ଅଭୟାରଣ୍ୟରୁ ଲୋକଙ୍କୁ ବିସ୍ଥାପିତ କରାଯିବା ପାଇଁ ସରକାର ଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ୨୦୧୨ ମସିହାରେ ଲୋକ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ କେସ କରାଯାଇଛି। ବର୍ତ୍ତମାନ ଉକ୍ତ କେସ ବଳବତ୍ତର ରହିଛି। ଉକ୍ତ ଘଟଣାକୁ ସଚେତନ କରିବା ପାଇଁ ମଞ୍ଚ ପକ୍ଷରୁ ସଜନାଗଡ଼, ଗରଡିହି, କିଶୋର ଚନ୍ଦ୍ର ପୁର୍ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ମଞ୍ଚ ପକ୍ଷରୁ ବିଜୟ ପାତ୍ର, ସତ୍ୟଜିତ ଦାସ, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମଣ ସ, ସୁରେଶ ନାୟକ, ଅମରେନ୍ଦ୍ର ନାୟକ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଜଗନ୍ନାଥ ସିଂ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଛନ୍ତି।

# କବି ତୀର୍ଥେଶ ରାୟଙ୍କ ପରଲୋକ



ବାଲେଶ୍ୱର(ଉତ୍ତର),୨୫।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେହୁର୍ଦ୍ଦା ଗ୍ରାମର ବିଶିଷ୍ଟ କବି ତୀର୍ଥେଶ ରାୟଙ୍କ ଆଜି ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ବେଳେ ଆଜକୁ କିଛି ମାସ ଧରି ଅସୁସ୍ଥ ରହିଥିଲେ। ଆଜି ଅପରାହ୍ନରେ ହଠାତ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଜଳେଶ୍ୱରପୁର ହସ୍ପିଟାଲକୁ ନିଆଯାଇ ଥିଲା ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତୀର୍ଥେଶ ବାବୁ ତତ୍କାଳୀନ ଦେହୁର୍ଦ୍ଦା ମହାଶୟ ଗଡ଼ ତତ୍କାଳୀନ ଜମିଦାର ବଂଶର ଜଣେ ଦାୟାଦ ହୋଇଥିଲା ବେଳେ ସେ ପୁଲିସ ବିଭାଗ ଅଧିନରେ ପ୍ରଥମେ ହୋମଗାର୍ଡ ଚାକିରୀ କରିଥିଲେ। ମାତ୍ର ସେ ଥିଲେ ଅନନ୍ୟ ପ୍ରତିଭାର ଅଧିକାରୀ। ସାହିତ୍ୟ ପ୍ରତି ବିଶେଷ ରୁଚି ରଖିଥିବା ଶ୍ରୀ ରାୟ ସବୁବେଳେ ଲେଖା ଲେଖି କରୁଥିଲେ। ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା ବେଳେ ବିଭିନ୍ନ ସାରସ୍ୱତ ଆସରରେ ସ୍ୱ ରଚିତ କବିତା ଆବୃତ୍ତି କରି ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଦେହୁର୍ଦ୍ଦାର ପୂର୍ବତନ ସରପଞ୍ଚ ତଥା ଭୋଗରାଇ ବ୍ଲକ ବିଜୁ ଜନତା ଦଳର ସଭାପତି ରମାକାନ୍ତ କରଣ, ସରପଞ୍ଚ ସରସ୍ୱତୀ କରଣ, ପୂର୍ବତନ ୱାର୍ଡ ସଭ୍ୟ ପରେଶ ଦାସ, ଦେହୁର୍ଦ୍ଦା ପଞ୍ଚାୟତ ସଭାପତି ମାନସ ଗାଙ୍ଗୁଲି, ଦିଲ୍ଲୀପ ଦେବ, ସମିତିସଭ୍ୟଙ୍କ ପ୍ରତିନିଧି ସୁବଳ ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେହିପରି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଶୋକବ୍ୟକ୍ତ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ତାଙ୍କର ପୁତ୍ର ମାନେ ବାହାରେ ରହୁଥିବାରୁ ସେମାନେ ପହଂଚିଲେ ଆସନ୍ତା କାଲି ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି।

# ସାମ୍ବାଦିକ ଏକତା ଓ ସମ୍ବର୍ଦ୍ଧନା ସମାରୋହ




ରାଜଘାଟ, ୨୫।୧୦ (ସମିସ): ଆଜି ବସ୍ତା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ "ଅପରାହ୍ନ" ପତ୍ରିକା ପକ୍ଷରୁ ସାମ୍ବାଦିକ ଏକତା, କବିତା ପାଠୋତ୍ସ?,ସାରସ୍ୱତ ସମାରୋହ ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବିତା ପାଠୋତ୍ସବରେ କୁମୁଦ ରଞ୍ଜନ ଗିରି, ଜୟନ୍ତୀ ବେହେରା, କମଳ କାମିନୀ ଦେ, ବିଜୟ କୁମାର ପରିଡା, ପତ୍ରିକାର ପ୍ରକାଶିକା ଲକ୍ଷ୍ମୀ ପ୍ରିୟା ଦାସ କବି ମାନଙ୍କର କବିତା ସଂଯୋଜନା କରିଥିଲେ। ସାମ୍ବାଦିକ ଏକତା ସମାରୋହରେ ମୁଖ୍ୟଅତିଥି ବିଧାୟିକା ସୁବାସିନୀ ଜେନା ପରିବର୍ତ୍ତିତ ପରିସ୍ଥିତିରେ ସାମ୍ବାଦିକ ବନ୍ଧୁମାନେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ।ଏଥିରେ ମୁଖ୍ୟବକ୍ତା ଭାବେ ବସ୍ତା ପୁଲିସ ଏସ୍ଡିପିଓ ମାନସ କୁମାର ଦେଓ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା,ବିଜେପିର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ପରିବେଶବିତ ସୁମନ୍ତ କୁମାର ଜେନା,କଂଗ୍ରେସ ଜିଲା ମୁଖପାତ୍ର ସୁଧାଂଶୁ ଶେଖର ଜେନା,ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦେବ ଉଦବୋଧନ ଦେଇଥିଲେ।"ଅପରାହ୍ନ"ର ମୁଖ୍ୟ ସମ୍ପାଦକ ବଂଶୀଧର ଜେନା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଶିଶୁ ନୃତ୍ୟ ଶିଳ୍ପୀ ବିଦ୍ୟା ଶ୍ରୀ ବେହେରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, କବିତାରେ ଜୟନ୍ତୀ ବେହେରା ଓ ରଜନୀ କାନ୍ତ ବାରିକ, ସାମ୍ବାଦିକ ହରିଶଙ୍କର ପାଢ଼ୀ ଓ ଏସ.କେ.ଜଗୁ ରୁଦ୍ଦିନ,ପରିବେଶବିତ ଅନ୍ତର୍ଯ୍ୟାମୀ ରାଉଳ, ସମାଜସେବୀ ଶଙ୍କର କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆମ କୁନି ପିଲା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲିଆପାଳ, ୨୫।୧୦ (ସମିସ): ଏହି ବ୍ଲକର ସଭାଗୃହ ମଧ୍ୟରେ ଚାରି ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ସମନ୍ୱୟ ଶିଶୁ ବିକାଶ ବିଭାଗ ପକ୍ଷରୁ ଆମକୁନି ପିଲା ପ୍ରଶିକ୍ଷଣ ଶିବିର ଶନିବାର ପୂର୍ବାହ୍ନରେ ଉଦଯାପିତ ହୋଇଯାଇଛି। ଭାରପ୍ରାପ୍ତ ସିଡ଼ିପିଓ ଅରସ୍ମିତା ଜେନାଙ୍କ ତତ୍ୱାବଧାନରେ ଏହି ଶିବିର ଚାରି ଦିନ ଧରି ଚାଲି ଆସୁଥିଲା। ବାଲିଆପାଳ ବ୍ଲକରେ ୨୮ ପଞ୍ଚାୟତରେ ଥିବା ୧୫ଟି ସେକ୍ଟରରୁ ୩୮୭ ଜଣ ଅଙ୍ଗନବାଡି କର୍ମୀ ଯୋଗଦେଇଥଲେ। ସୁପରଭାଇଜର କନକଲତା ବାରିକ, ଜ୍ୟୋସ୍ନାରାଣୀ ଜେନା, ଅଞ୍ଜଳି ମୁର୍ମୁ, ଅର୍ଚ୍ଚନା ସିଂ, ସୁମିତ୍ରା ପାତ୍ର, ଉର୍ମିଳା ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଖରୀରେ ବୁଡ଼ି ଶ୍ରମିକ ମୃତ

ଖଇରା,୨୫ ।୧୦ (ସମିସ): ଖଇରା ଥାନା ମହତୀପୁର ପଞ୍ଚାୟତ ଅଧୀନ ଗନ୍ଧାଳୀ ଗ୍ରାମର ରତ୍ନାକର ନାୟକ(୫୫)ଙ୍କ ମୃତଶରୀର ପୋଖରୀ ପାଣିରୁ ଉଦ୍ଧାର କରାଯାଇଛି। ଜନଜାତି ସମ୍ପ୍ରଦାୟର ଶ୍ରମିକ ରତ୍ନାକର ଶୁକ୍ରବାର ଅପରାହ୍ନରେ କାମରୁ ଫେରି ଶୌଚ ହେବାକୁ ଗାଁ ପୋଖରୀକୁ ଯାଇ ଆଉ ଘରକୁ ଫେରିନଥିଲେ। ଶନିବାର ସକାଳେ ଖଇରା ଅଗ୍ନିଶମ ବାହିନୀ ସହଯୋଗରେ ମୃତଦେହକୁ ଉଦ୍ଧାର କରାଯାଇଥିଲା।

# ୩୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଯୁବକ ଅଟକ

ଜଳେଶ୍ୱର, ୨୫।୧୦ (ସମିସ): ଜଳେଶ୍ୱର ଥାନା ଅଧିକାରୀ ଜୟନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ରାତିରେ ରାଜପୁର ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ରାଜପୁର ଗାଁ ସାହିଲ ଖାଁ (୨୬) ଏକ ବାଇକ୍ ଡିକିରେ ୩ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଧରି ଜଣେ ଗ୍ରାମାଂଚଳର ବେପାରୀକୁ ଦେବା ଲାଗି ଅପେକ୍ଷା କରିଥିବା ବେଳେ ପୁଲିସ୍ ତାକୁ କାବୁ କରିଥିଲା। ତା ନିକଟରୁ ମୋବାଇଲ ସହ ୩୦ଗ୍ରାମ ବ୍ରାଉନ୍‌ସୁଗର ଜବତ୍ କରିଥିବା ବେଳେ ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ଗତ ୩ଦିନ ମଧ୍ୟରେ ୩ଟି ସ୍ଥାନରୁ ୩୫ ଗ୍ରାମ, ୯୫ ଗ୍ରାମ ଓ ଆଜି ୩୦ଗ୍ରାମ ବ୍ରାଉନ୍‌ସୁଗର ଜବତ୍ କରିବାରେ ଜଳେଶ୍ୱର ପୁଲିସ୍‌କୁ ସଫଳତା ମିଳିଛି। ବ୍ରାଉନ୍‌ସୁଗରର ହବ୍ ପାଲଟିଥିବା ଜଳେଶ୍ୱର ସହରରୁ ବ୍ରାଉନ୍‌ସୁଗାର ଚୋରା ଚାଲାଣକାରୀମାନେ ଗ୍ରାମାଞ୍ଚଳ ଆଡକୁ ମୁହାଁଉଥିବା ଦେଖିବାକୁ ମିଳୁଛି।

# ଅନନ୍ତକରଣୀ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

ବାଲିଆପାଳ, ୨୫।୧୦ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତ ଶଙ୍ଖୁଆ ଗ୍ରାମର ପାଟଣା ସାହିଠାରେ ଶନିବାର ପୂର୍ବାହ୍ନରେ ଅନନ୍ତ କରଣୀ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ଦମ୍ପତି ସୁଜୟସାମଲ ଓ ମମତା ସାମଲ ଏହି ପୂଜାରେ ସଙ୍କଳ୍ପ ହୋଇଥିଲେ। ଏହି ମନ୍ଦିର ନିର୍ମାଣ ପାଇଁ ପୂର୍ବ ସରକାର ଆମ ଓଡ଼ିଶା ନବୀନ ଓଡ଼ିଆ ଯୋଜନା ଦ୍ୱାରା ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କ ପ୍ରଚେଷ୍ଟାରେ ବିଧାୟିକା ସୁବାସିନୀ ଜେନାଙ୍କ ଅନୁମୋଦନ ପରେ ଚାରି ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ନିର୍ମିତ ହୋଇଥିଲା। ଗ୍ରାମର ମୁଖିଆ ନିତ୍ୟାନନ୍ଦ କର, ଅଜୟ ସାମଲ, ରବିନ୍ଦ୍ର ମଣ୍ଡଳ, ଅକ୍ଷୟ ଲେଙ୍କା, ବରେନ୍ଦ୍ର କର,ନାଲୁମୋହନ ସେନାପତି, ବନମାଳୀ ଜେନା, ସଞ୍ଜୟ ସାମଲ, ନିତ୍ୟାନନ୍ଦ ସାମଲ, ଦାଶରଥି କର, ଜାନକୀ ସେନାପତି, ପ୍ରଭୁ ରାମ ଜେନା, କାହ୍ନୁଚରଣ କର, ପରମାନନ୍ଦ ସେନାପତି, ଭଗବାନ ସେନାପତି, ମଧୁସୂଦନ କର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ତୁଡ଼ିଗଡ଼ିଆର ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କୁ ଦାବିପତ୍ର

ଖଇରା,୨୫ ।୧୦ (ସମିସ)



ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ତୁଡ଼ିଗଡ଼ିଆ କାଳୀପୂଜା ଧୁମଧାମରେ ଚାଲିଥିବା ବେଳେ ଶୁକ୍ରବାର ସଂଧ୍ୟାରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ତହସିଲଦାର ଅମିତ ରଞ୍ଜନ ହୋତରା ଓ ବିଡିଓ ନାରାୟଣ ସାହୁ ପ୍ରମୁଖ ଅନ୍ୟ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ମଣ୍ଡପରେ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଶହୀଦ ଭବନ ପରିସରରେ ଶହୀଦ ଜନକଲ୍ୟାଣ ପରିଷଦର କର୍ମକର୍ତ୍ତା, ଉପଦେଷ୍ଟା ଓ ସଭ୍ୟମାନଙ୍କ ସହ ସାଂସଦ ଓ ବିଧାୟକଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିସହ ପରିଷଦ ତରଫରୁ ଏକ ଦାବିପତ୍ର ମଧ ପ୍ରଦାନ କରାଯାଇଥିଲା। ଏଥିମଧ୍ୟରେ ତୁଡିଗଡିଆ ମେଡିକାଲରେ ୨୪ଘଣ୍ଟିଆ ସେବା ବ୍ୟବସ୍ଥା, ନୀଳାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନିତ, ଅସାମାଜିକ କାର୍ଯ୍ୟକଳାପକୁ ରୋକିବାକୁ ତୁଡିଗଡିଆରେ ଏକ ଥାନା ପ୍ରତିଷ୍ଠା, ପରିଷଦର ନିଜସ୍ୱ ଯାଗାରେ ଏକ ମାର୍କେଟ କଂପ୍ଲେକ୍ସ ନିର୍ମାଣ, ସୋର-କୁପାରୀ ରାସ୍ତାର ବେଲଦା ଛକରୁ ଗାନ୍ଧୀଛକ ପର୍ଯ୍ୟନ୍ତ ଓ ବସଷ୍ଟାଣ୍ଡଠାରୁ ଡାଲଙ୍ଗ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ, ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର, ପର୍ଯ୍ୟଟନସ୍ଥଳିର ବିକାଶ ସାଙ୍ଗକୁ ବଜାର ୨ପାଶ୍ୱର୍ରେ ତୋରଣ ନିର୍ମାଣ, ସୋର, ଖଇରା ଓ ଔପଦାର ମଧ୍ୟସ୍ଥଳ ତୁଡିଗଡିଆଠାରେ ଏକ ନୂତନ ବ୍ଲକ ପ୍ରତିଷ୍ଠା ଅନ୍ତର୍ଭୁକ୍ତ। ସାଂସଦ ଓ ବିଧାୟକ ଏସବୁ ଉପରେ ଧାନ ଦେବାକୁ ପ୍ରତିଶୃତି ଦେଇଥିଲେ। ଉକ୍ତ ଆଲୋଚନା ବେଳେ ସଭାପତି ବିଷ୍ଣୁମୋହନ ସାହୁ, ସମ୍ପାଦକ ବସନ୍ତ ସାହୁ, ଉପଦେଷ୍ଟା ଲୋକନାଥ ପଣ୍ଡା, ବିଷ୍ଣୁମୋହନ ଶତପଥି, ଉପେନ୍ଦ୍ର ପ୍ରସାଦ ପାଢୀ,ଉପେନ୍ଦ୍ର ପାଣିଗ୍ରାହୀ,ସୁଦାମ ସାହୁ ଓ ଅଭିମନ୍ୟୁ ପଣ୍ଡାଙ୍କ ସମେତ ୮ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

# ନଦୀକଡ଼ରୁ ବେଆଇନ ଗଛକଟା ଅଭିଯୋଗ

ବାଲେଶ୍ୱର,୨୫।୧୦(ସମିସ): ନଦୀ କଡରେ ଲଗାଯାଇଥିବା ବଡ଼ ଗଛ କାଟୁଥିବା ଖବର ପାଇବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ସରପଞ୍ଚ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ରେମୁଣା ତହସିଲ ଅନ୍ତର୍ଗତ ଦହପଡ଼ା ଗ୍ରାମପଞ୍ଚାୟତର ରୁଦ୍ର ଗୋପାଳପୁର ସାମିଲ ନହରପାଟଣା ମୌଜାର ରାମଶଙ୍କର ମନ୍ଦିର ନିକଟସ୍ଥ ବୁଢ଼ାବଳଙ୍ଗ ବାରୁଣୀ ଘାଟ ନିକଟରେ କିଛି ଅସାମାଜିକ ବ୍ୟକ୍ତିମାନେ ନିଜର ସ୍ୱାର୍ଥ ହାସଲ ନିମନ୍ତେ ନଦୀ ପାଖ ଗୋଚର ସରକାରୀ ଜମିରୁ ଗଛ କାଟି ଚୋରା ଚାଲାଣ ପାଇଁ ଯୋଜନା ରଚିଥିବା ଖବର ପାଇ ଦହପଡ଼ା ସରପଞ୍ଚ ପ୍ରଣତୀ ଜେନା ଖବର ପାଇବା ପରେ ପ୍ରଥମେ ବନଖଣ୍ଡ ବିଭାଗକୁ ଜଣାଇବା ପରେ ଏହା ଜଙ୍ଗଲ ଜମି ନୁହେଁ ବୋଲି କହିଥିଲେ। ଏହାପରେ ସରପଞ୍ଚ ରେମୁଣା ତହସିଲଦାର, ବେଗୁନିଆ ଆରଆଇଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ ତହସିଲଦାର ସରପଞ୍ଚଙ୍କୁ କହିଥିଲେ। ଏହାପରେ ସରପଞ୍ଚ ସହଦେବଖୁଣ୍ଟା ଥାନାକୁ ଫୋନ୍ କରିବା ସହ ଲିଖିତ ଅଭିଯୋଗ ମଧ କରିଛନ୍ତି। ଏହାପରେ ଥାନା କର୍ମଚାରୀ ପହଞ୍ଚିବା ପରେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବା ସରପଞ୍ଚ ସୂଚନା ଦେଇଛନ୍ତି। ମାତ୍ର ଏଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସରପଞ୍ଚ କହିଛନ୍ତି।

## ବାତ୍ୟା 'ମୋନ୍ଥା'କୁ ନେଇ ପ୍ରସ୍ତୁତି

# ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ, ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ବାଲେଶ୍ୱର,୨୫ ।୧୦(ସମିସ)



ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ଏବେ ବାତ୍ୟାର ରୂପ ନେବାକୁ ଯାଉଛି ।୨୬ ତାରିଖରେ ଗଭୀର ଅବପାତ ହେବା ପରେ ୨୭ ତାରିଖରୁ ବର୍ଷା ହେବା ସହ୨୮ ତାରିଖରେ ବର୍ଷା ବଢ଼ିବାର ସମ୍ଭାବନା ରହିଛି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ମନ୍ତ୍ରୀ ଏବଂ ଏସଆରସି ଆଜି ଜିଲ୍ଲାପାଳଙ୍କ ସହ ଏହାର ଆସନ୍ନ ମୁକାବିଲା କରିବା ପାଇଁ ଆଲୋଚନା କରିଛନ୍ତି । ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଠାରୁ କିଛି ଦିନ ପାଇଁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇ ମାଛ ନ ମାରିବାକୁ ଯିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା କୁହାଯାଇଥିବା ବେଳେ ଯେଉଁମାନେ ସମୁଦ୍ର ମଧ୍ୟରେ ରହିଛନ୍ତି ସେମାନଙ୍କୁ ତୁରନ୍ତ ଫେରିଆସିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏହାକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଥିବା ବେଳେ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସୂଚନା ଅନୁସାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ଏପରିକି ଆଜି ସନ୍ଧ୍ୟାରେ ସମସ୍ତ ତହସିଲଦାର, ବିଡିଓ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ବିଶେଷ କରି ଯେଉଁ ଅଧିକାରୀମାନେ ଛୁଟିରେ ଥିଲେ ତୁରନ୍ତ ସେମାନଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ କରାଯାଇଛି । ଯଦି ବାତ୍ୟା ଆଖାପାଖ ସ୍ଥାନରେ ଲ୍ୟାଣ୍ଡଫଲ ହୁଏ ତେବେ ଏହାକୁ ନେଇ ମଧ୍ୟ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଏପରିକି ବାତ୍ୟା ହେଲେ କେତେ ଲୋକଙ୍କୁ ସ୍ଥାନାନ୍ତର କରାଯିବ ତା ଉପରେ ମଧ୍ୟ ଆଲୋଚନା କରାଯାଉଛି । ଏହାଛଡା ପାଣିପାଗ ବିଭାଗ ପକ୍ଷରୁ ବାଲେଶ୍ୱର କିମ୍ବା ତାର ଆଖାପାଖ ସ୍ଥାନରେ ଲ୍ୟାଣ୍ଡଫଲର ଅନୁମାନ ନାହିଁ । ହେଲେ ବି ଜିଲ୍ଲାପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ଏବେଠାରୁ ତାର ପ୍ରସ୍ତୁତି ଆରମ୍ଭ କରିଛି । ଏହାଛଡା ଲ୍ୟାଣ୍ଡଫଲ ଯେଉଁଠାରେ ବି ହେଲେ ବାଲେଶ୍ୱର ନିଶ୍ଚିତ ଭାବେ କ୍ଷତିଗ୍ରସ୍ତ ହେବା ସହ ପବନର ବେଗ ୫୦ରୁ୭୦କିମି ପ୍ରତିଘଂଟା ରହିବ । ଏପରିକି ବର୍ଷା ମଧ୍ୟ ଅଧିକ ହେବ । ଏହି ସମୟରେ ଯଦି ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ କିମ୍ବା କେଉଁଠାରେ ପାଣିମାଡେ ତେବେ ତାକୁ ନେଇ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହାଛଡା ଜିଲ୍ଲାରେ ଥିବା ୧୪୪ଟି ବାତ୍ୟା ଆଶ୍ରୟସ୍ଥଳୀ ରହିଛି ତାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରଖାଯାଇଛି । ଶୁଖିଲା ଖାଦ୍ୟ ମଧ୍ୟ ମହଜୁଦ ରଖାଯାଇଛି । ଯଦି ଲୋକମାନଙ୍କୁ ସ୍ଥାନାନ୍ତର କରିବାର ଆବଶ୍ୟକତା ପଡେ ତେବେ ସେମାନଙ୍କୁ ରନ୍ଧା ଖାଦ୍ୟ କରାଯିବାର ପ୍ରସ୍ତୁତି କରାଯାଇଛି । ଏହାଛଡା ଆରଡବ୍ଲ୍ୟୁଏସଏସକୁ ସ୍ୱଚ୍ଛ ପାଣି ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଟ୍ୟାଙ୍କର କିମ୍ବା ବୋତଲ ପାଣି ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହାଛଡା ଡିଏସଡବ୍ଲ୍ୟୁଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ,ଯେଉଁ ମହିଳାମାନେ ଗର୍ଭବତୀ ଥିବେ କିମ୍ବା ଏହି ସମୟରେ ଯାହାଙ୍କର ପ୍ରସୂତି ହେବାର ଥିବ ସେମାନଙ୍କର ତଥ୍ୟ ସଂଗ୍ରହ କରାଯାଉଛି ଏବଂ ତଥ୍ୟ ଆସିବା ପରେ ଆବଶ୍ୟକ ପଡିଲେ ସେମାନଙ୍କୁ ମଧ୍ୟ ସ୍ଥାନାନ୍ତର କରାଯିବ । ଏହାଛଡା ମତ୍ସ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମତ୍ସ୍ୟ ଅଧିକାରୀ ଏବଂ ସାଗରମିତ୍ର ଆଦି ଯେଉଁମାନେ ସମୁଦ୍ରକୁ ମାଛ ମାରିବାକୁ ଯାଇଥିବେ କିମ୍ବା ଯେଉଁମାନେ ସମୁଦ୍ରକୁ ଯିବା ପାଇଁ ପ୍ରସ୍ତୁତି ଆରମ୍ଭ କରୁଥିବେ ସେମାନଙ୍କୁ ନ ଯିବା ପାଇଁ ବାରଣ କରାଯାଇଛି । ଯଦିଯେଉଁମାନେ ଜିଲ୍ଲାପ୍ରଶାସନର ନିର୍ଦ୍ଦେଶକୁ ନମାନିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ । ଏହାଛଡା ମୋଟାମୋଟି ଭାବେ ବାତ୍ୟା ସମୟରେ ଯେଉଁଭଳି ଭାବେ ପ୍ରସ୍ତୁତି କରାଯିବା କଥା ତାହାର ପ୍ରସ୍ତୁତି ଆରମ୍ଭ ହୋଇସାରିଛି ବୋଲି ଜିଲ୍ଲାପାଳ କହିଛନ୍ତି । ଏହାଛଡା ଦୀପାବଳି ଥିବାରୁ ବହୁ ଅଧିକାରୀମାନେ ଛୁଟିରେ ରହିଥିଲେ । ବାତ୍ୟା ପାଇଁ ସେମାନଙ୍କର ଛୁଟିକୁ ବାତିଲ କରାଯିବା ସହ ଆସନ୍ତାକାଲି ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଛୁଟିରୁ ଫେରିଆସିବା ପାଇଁ କୁହାଯାଇଛି ।

## ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ



ବାଲେଶ୍ୱର,୨୫।୧୦(ସମିସ): ବାତ୍ୟା (ମୋନ୍ଥା) ପାଇଁ ପ୍ରସ୍ତୁତି ସମୀକ୍ଷା ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠତ ହୋଇଯାଇଛି । ବୈଠକରେ ସମସ୍ତ ଜିଲ୍ଲା ସ୍ତରର ଅଧିକାରୀମାନେ ସଉପସ୍ଥିତ ହେଲେ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ଓ ହେଡ କ୍ୱାର୍ଟର ଲିଭ୍ ବାତିଲ କରାଯାଇଛି ଯେପର୍ଯ୍ୟନ୍ତ ସ୍ଥିତି ସାଧାରଣ ହେଉନାହିଁ । ବିଡିଓ ମାନଙ୍କୁ ବାତ୍ୟା କେନ୍ଦ୍ର ଓ ସାଧନ-ସଂସାଧନ ମାନଙ୍କୁ ଯାଞ୍ଚ କରିବାକୁ, ଡି ଜି ସେଟ୍‌ଗୁଡିକ ଚାଲୁ ଅବସ୍ଥାରେ ପରଖିବାକୁ ଓ ବରିଷ୍ଠ ଅଧିକାରୀମାନେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଗଲା । ପି ଆର୍ ଆଇ ସଦସ୍ୟମାନଙ୍କ ସହ ସମନ୍ୱୟ ରଖି ସମୀକ୍ଷା ବୈଠକ କରିବାକୁ ଓ ପୂର୍ବ ହିସାବ ସମ୍ପର୍କିତ ଜଟିଳତା ଦୂର କରିବାକୁ ଓ ନିର୍ଦ୍ଦେଶ ଦିଆଯାଇଛି । ଡେପୁଟି ଡିରେକ୍ଟର, ଫିସେରି ବିଭାଗକୁ ମାଛଧରାଳିମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଓ ସମସ୍ତ ବୋଟ୍ ମାଲିକ, ମାଛଧରାଳି ଓ ଚଜଓ ସଦସ୍ୟମାନଙ୍କ ସହ ଯଥୋଚିତ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଗଲା । ବିଦ୍ୟୁତ ବିଭାଗର କର୍ମଚାରୀମାନଙ୍କୁ ଛୁଟି ନେବାକୁ ମନା କରାଯାଇଛି ଏବଂ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସମସ୍ତ ଟିମ୍ ଲିଡର ଓ ତାଙ୍କ ନିୟୋଜନ ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି । ଓଡ୍ରାଫ ଓ ଅଗ୍ନିଶମ ବିଭାଗକୁ ସମସ୍ତ ବୋଟ୍ ଓ ସାଧନକୁ ପରଖି ସଜାଗ ରହିବାକୁ ନିର୍ଦ୍ଦେଶ ମିଳିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସମସ୍ତ ଚିକିତ୍ସା ଦଳ, ଔଷଧ, ଟୀକା, ଆଣ୍ଟିଭେନମ୍, ହାଲୋଜେନ ଟାବଲେଟ ଆଦିର ଷ୍ଟକ୍ ରଖିବାକୁ ଏବଂ ସିଏଚସି ଓ ପି ଏଚ ସି ସ୍ତରରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଗଲା । ଅଙ୍ଗନବାଡ଼ି କର୍ମୀମାନଙ୍କୁ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ଓ ଜଳ ଯୋଗାଣ ବିଭାଗକୁ ପାଣି ବୋତଲ, ବ୍ଲିଚିଂ ପାଉଡର ଓ ଆବଶ୍ୟକ ସାଧନ ରଖିବାକୁ ନିର୍ଦ୍ଦେଶ ମିଳିଛି । ପୂର୍ତ୍ତ ବିଭାଗକୁ ବାଲି ବସ୍ତା ଦ୍ୱାରା କଟ୍ ଅଫ୍ ବା ଦୁର୍ବଳ ସ୍ଥାନଗୁଡିକରେ ବ୍ୟାରିକେଡିଂ କରିବାକୁ ଓ ଟ୍ରାକ୍ଟର, ଅଥର୍ ମୁଭର୍ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ମ୍ୟୁନିସିପାଲଟି ଓ ଏନ୍ଏସିକୁ ମଧ୍ୟ ସତର୍କ ରହି ସାଇକ୍ଲୋନ୍ କେନ୍ଦ୍ର ଓ ନିମ୍ନ ଅଞ୍ଚଳ ଗୁଡିକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ମିଳିଛି । ସିଏସଓଙ୍କୁ ଚୁଡ଼ା, ଗୁଡ଼ ଓ ଶୁଖିଲା ଖାଦ୍ୟ ମହଜୁଦ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଗଲା । ଗୋ-ଔଷଧ ଓ ଟୀକା ମହଜୁଦ ରଖାଯାଇଛି ଏବଂ କ୍ଷତି ସମ୍ଭାବ୍ୟ ଗୁହାଳରେ ଥିବା ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଲାଇନ୍ ବିଭାଗମାନଙ୍କୁ ସତର୍କ ଓ ସକ୍ରିୟ ରହି ଯେକୌଣସି ସମୟରେ ବରିଷ୍ଠ ଅଧିକାରୀମାନଙ୍କ ସହ ସମ୍ପର୍କ ରଖିବାକୁ ଜୋର ଦିଆଯାଇଛ ।

## ସାହିତ୍ୟରେ ନୋବେଲ ବିଜେତା ଲାସ୍ଲୋ କ୍ରାସ୍ନାହୋର୍କାଇଙ୍କ ସମ୍ପର୍କରେ ଆଲୋଚନାଚକ୍ର



ବାଲେଶ୍ୱର,୨୫।୧୦ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ୨୦୨୫ ମସିହା ପାଇଁ ସାହିତ୍ୟରେ ନୋବେଲ ବିଜେତା ହଙ୍ଗେରୀ ସାହିତ୍ୟିକ ଲାସ୍ଲୋ କ୍ରାସ୍ନାହୋର୍କାଇଙ୍କ ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉପସଭାପତି ଗାଳ୍ପିକ ନିବାରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତା ଭାବରେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଯୋଗଦେଇ କହିଲେ ଯେ, ଲାସ୍ଲୋଙ୍କ ସାହିତ୍ୟରେ ତତ୍ତ୍ୱ ଓ କଳାକାରିଗରୀ ଅନନ୍ୟ। । ସାଂପ୍ରତିକ ଏକ ଆତଙ୍କମୟ ପୃଥିବୀରେ ତାଙ୍କ ସାହିତ୍ୟ କଳାର ଗୁରୁତ୍ୱ ପ୍ରତିଷ୍ଠା କରେ । ଅନ୍ୟତମ ବକ୍ତା ତଥା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଲାସ୍ଲୋଙ୍କ ସାହିତ୍ୟର ଆନନ୍ଦ ନେବାକୁ ହେଲେ ତାଙ୍କ ସାହିତ୍ୟକୁ ଭଲଭାବରେ ପଢ଼ିବାକୁ ପଡ଼ିବ । ଲାସ୍ଲୋ ତାଙ୍କ ସାହିତ୍ୟରେ କେବଳ ହଙ୍ଗେରୀର କଥା କହିନାହାନ୍ତି, ବରଂ ସାରା ବିଶ୍ୱର ଉଚାଙ୍ଗ ସଂସ୍କୃତି ସଂପର୍କରେ ସାହିତ୍ୟ ରଚନା କରିଛନ୍ତି । ଅନୁଷ୍ଠାନର ସଂପାଦନ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍‌କଥା ରଖିବା ଅବସରରେ ନୋବେଲ ବିଜେତା ଲାସ୍ଲୋଙ୍କ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ପ୍ରଖ୍ୟାତ ସାହିତ୍ୟିକ ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରଫେସର ସୁରେନ୍ଦ୍ର ଦାଶ ଓ ଭାସ୍କର ଦାସଙ୍କ ବିୟୋଗରେ ଅନୁଷ୍ଠାନ ତରଫରୁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଯୁଗ୍ମ ସଂପାଦକ ଜ୍ଞମରନାଥ ପାତ୍ର ମଞ୍ଚ ଆବାହନ କରିଥିବା ବେଳେ କବି ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତପନ ରାୟ, କଲ୍ୟାଣୀ ନନ୍ଦ, ଅରୁଣା ରାୟ, ନିରଞ୍ଜନ ରାଉତ, କୁମାର ଗୋପାଳ, ରାଜେନ୍ଦ୍ର ନାଥ ରାଉତ, ସୁଶାନ୍ତ ଦାସ, ଶାନ୍ତନୁ ଜେନା, ଦୀପକ ଦାସ, କରୁଣାକର ସ, ଭାସ୍କର ଚନ୍ଦ୍ର ମିଶ୍ର, ଲକ୍ଷ୍ମଣ ଚରଣ ବିଶ୍ୱାଳ, ବେଣୁଧର ସାହୁ, ରଜନୀକାନ୍ତ ବେହେରା, ରମାକାନ୍ତ ମହାନ୍ତି, ମୁକ୍ତେଶ୍ୱର ସେଠୀ, ପଦ୍ମଲୋଚନ ପ୍ରଧାନ, ସମର ବଲ୍ଲଭ ଭୋଇ, ପ୍ରଭାତ ଚନ୍ଦ୍ର ମଲ୍ଲିକ, କାହ୍ନା ମାଇତି ପୁଷ୍ପଲତା ଚକ୍ରବର୍ତ୍ତୀ, ମମତା ଦାସ, ଅର୍ଚ୍ଚନା କର, ଗୀତା ରାଉତ, କବିତା ସ୍ୱାଇଁ, ଲୋପାମୁଦ୍ରା ଦାସ, ଶୁଭଲକ୍ଷ୍ମୀ ପାତ୍ର, ସୁସ୍ମିତା ପଣ୍ଡା, ଅବନ୍ତୀ ପ୍ରଧାନ, ଦୀନବନ୍ଧୁ ଲେଙ୍କା, ଅନିଷା ନାୟକ, ବିଦ୍ୟୁତପ୍ରଭା ପତି ପ୍ରମୁଖ ଉପସ୍ଥିତ ଥିଲେ ।

## ଇସକଫର ବାଲେଶ୍ୱର ଜିଲ୍ଲା ସମ୍ମିଳନୀ

# 'ଭାରତୀୟ ସାଂସ୍କୃତିକ ଅବକ୍ଷୟ ରୋକିବାକୁ ସଙ୍କଳ୍ପ'




ବାଲେଶ୍ୱର,୨୫ ।୧୦(ସମିସ): ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଜିଲ୍ଲା ସମ୍ମିଳନୀ ପଢୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଭାଗବତ ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଭାରତବର୍ଷର ଅନ୍ୟତମ ପୁରାତନ ସଙ୍ଗଠନ ବିଶ୍ୱରେ ଶାନ୍ତି ମୈତ୍ରୀ ପ୍ରତିଷ୍ଠା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ତଥା ଜାପାନର ହିରୋସୀମା ଓ ନାଗାସାକି ଉପରେ ଆମେରିକାର ଅମାନୁଷିକ ପରମାଣୁ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜାତୀୟ ସମ୍ପାଦକ ବିଜୟ କୁମାର ପଢ଼ିହାରୀ ସମ୍ମିଳନୀକୁ ଉଦଘାଟନ କରି ନିଜର ମତ ରଖିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରଫେସର ଡକ୍ଟର ପ୍ରଭାକର ଦାସ ଯୋଗଦେଇ ବର୍ତ୍ତମାନ ସମାଜରେ ବ୍ୟାପୁଥିବା ଅପସଂସ୍କୃତିକୁ ରୋକାନଯିବାରୁ ଯୁବସମାଜ ବିପଥଗାମୀ ହେଉଛି । ଘୃଣ୍ୟ ଜାତିପ୍ରଥା,ଅବୈଜ୍ଞାନିକ ଚିନ୍ତାଧାରା ଓ ଅନ୍ଧବିଶ୍ୱାସ ସଭ୍ୟସମାଜ ପାଇଁ ଭୟଙ୍କର କ୍ଷତିକାରକ ବୋଲି ସେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଶିର ଢୁଇ, ମାୟାଧର ନାୟକ, ବଂଶୀଧର ଦଳେଇ, ରମେଶ ଚନ୍ଦ୍ର ଜେନା, ପଦ୍ମଲୋଚନ ଦତ୍ତ, ନିରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅରୁଣା ବାରିକ ଓ ଅନିରୁଦ୍ଧ ନାୟକ ସଂଗୀତ ପରିବେଷଣ କରିବା ସହ ବନ୍ଦନା ପାତ୍ର କବିତା ପାଠ କରିଥିଲେ । ଶେଷରେ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ । ପରେ ଆଗାମୀ ତିନିବର୍ଷ ପାଇଁ ନୂତନ ଜିଲ୍ଲା କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଉପଦେଷ୍ଟା ମଣ୍ଡଳୀରେ ଶମ୍ଭୁନାଥ ମହାନ୍ତି,ଗୌରାଙ୍ଗ ପାଣିଗ୍ରାହୀ, ଭାଗବତ ପ୍ରତିହାରୀ, ଡ. ପ୍ରଭାକର ଦାସ, ନିରଞ୍ଜନ ପରିଡ଼ା ଏବଂ ପଦ୍ମଲୋଚନ ଦତ୍ତ ନିର୍ବାଚିତ ହୋଇଥିବା ବେଳେ ସଭାପତି ଭାବେ ପ୍ରସନ୍ନ ପାତ୍ର, କାର୍ଯ୍ୟକାରୀ ସଭାପତି ମାୟାଧର ନାୟକ, ଉପସଭାପତି ସୁରେନ୍ଦ୍ର ବେହେରା ଓ ବନ୍ଦନା ପାତ୍ର,ସମ୍ପାଦକ ବଂଶୀଧର ଦଳେଇ,ଯୁଗ୍ମ ସମ୍ପାଦକ ଅରୁଣା ବାରିକ, ସହ ସମ୍ପାଦକ ବିପିନ ବିହାରୀ ବାରିକ ଏବଂ କୋଷାଧକ୍ଷ ଭାବେ ଶ୍ୟାମସୁନ୍ଦର ଜେନା ନିର୍ବାଚିତ ହୋଇଛନ୍ତି । ଆସନ୍ତା ନଭେମ୍ବର ପହିଲାରୁ ରାଉରକେଲା ଠାରେ ଆରମ୍ଭ ହେବାକୁ ଥିବା ରାଜ୍ୟ ସମ୍ମିଳନୀରେ ଯୋଗଦେବାକୁ ୧୦ଜଣ ପ୍ରତିନିଧିଙ୍କୁ ମନୋନୟନ କରାଯାଇଛି । ମନ୍ମଥ ପରିଡ଼ା, ଶରତ ଚନ୍ଦ୍ର ଦଳେଇ, ପୂର୍ଣ୍ଣଚନ୍ଦ୍ର ପାତ୍ର ଏବଂ ଶରତ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ




ବାଲେଶ୍ୱର,୨୫ ।୧୦(ସମିସ): ସ୍ଥାନୀୟ ପବ୍ଲିକ ସ୍କୁଲ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଦର ବିଇଓ ଯୋଗେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ସମେତ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ, ଏବିଇଓ ଶୁଭେନ୍ଦୁ କୁମାର ତ୍ରିପାଠୀ, ରେଣୁବାଳା ଦାଶ, ସନ୍ଧ୍ୟାରାଣୀ ପାତ୍ର, ସିଆରସିସି ଆସୀୟା ଖାତୁନ ପ୍ରମୁ ଉପସ୍ଥିତ ଥିଲେ । ସଦର ବ୍ଲକର ୨୧ଟି କ୍ଲଷ୍ଟରର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ସୁରଭୀ କାର୍ଯ୍ୟକ୍ରମରେ ଭାଗନେବେ ।

## ବିପୁଳ ଚୋରା ମଦ ଜବତ, ୪ ଗିରଫ



ବାଲେଶ୍ୱର,୨୫ ।୧୦(ସମିସ): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୫ଶହ ଲିଟର ମଦ ଜବତ କରାଯିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ୪ଜଣ ବେପାରୀକୁ ମଧ୍ୟ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବିଶ୍ୱଜିତ ଦାସ(୨୮), ଅଜୟ ଦେହୁରୀ(୨୨), ତପନ ମିର୍ଦ୍ଧା(୨୮) ଏବଂ ତପନ ଖଟୁଆ(୨୬) । ଏହାଛଡା ଅବକାରୀ ବିଭାଗ ୪ଟି ମୋଟରସାଇକେଲ ଜବତ କରିଛି । ନୀଳଗିରି ବ୍ଲକ ବରହମପୁର ଏବଂ ରେମୁଣା ଗୋଲେଇଠାରେ ଚଢ଼ଉ କରାଯାଇଥିଲା । ଏହି ଚଢ଼ଉ ବେଳେ ବରହମପୁର ଥାନା ଗୁହିରା ଛକ ଠାରେ ବିଶ୍ୱଜିତ ଏବଂ ଅଜୟ ଦୁଇଜଣ ବାଇକ ଯୋଗେ ୫ଶହ ଲିଟରରୁ ଅଧିକ ମଦନେଇ ଯାଉଥିବା ବେଳେ ଅବକାରୀ ବିଭାଗ ମାଡିବସିଥିଲା । ସେମାନଙ୍କଠାରୁ ମଦ ସହ ଗାଡିକୁ ଜବତ କରିଥିଲା । ସେହିପରି ରେମୁଣା ଗୋଲେଇ ଠାରେ ଦୁଇ ତପନ ଦୁଇଟି ବାଇକ ଯୋଗେ ମଦ ଚୋରା ଚଲାଣ କରୁଥିବା ବେଳେ ଅବକାରୀ ବିଭାଗ ସେମାନଙ୍କୁ କାବୁ କରିଥିଲା । ମୋଟ ଚାରିଜଣଙ୍କଠାରୁ ଜବତ ହୋଇଥିବା ମଦର ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି ।

## ରାଜଧାନୀରେ ଏକତ୍ର ବାଲେଶ୍ୱର ମହାସଭା




ଭୁବନେଶ୍ୱର,୨୫।୧୦(ସମିସ): ଭୁବନେଶ୍ୱର, କଟକ ଓ ପୁରୀରେ ବସବାସ କରୁଥିବା ଲୋକମାନଙ୍କର ସହଭାଗିତାରେ ବୁଦ୍ଧ ମନ୍ଦିର ପରିସରରେ ଏକତ୍ର ବାଲେଶ୍ୱର ମହାସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ତ୍ରିବେଣୀ ଯୋଜନାରେ ବାଲେଶ୍ୱରର ନଦୀଗୁଡିକୁ ସଂଯୋଗ କରାଯିବା ସହ ଆଗାମୀ ଦିନରେ ଜିଲ୍ଲାର ସର୍ବାଙ୍ଗୀଣ ଉନ୍ନତି ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ସେହିପରି ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ରାଜ୍ୟ ମହିଳା କମିସନ ଅଧକ୍ଷା ଶୋଭନା ମହାନ୍ତି, ସମ୍ମାନିତ ଅତିଥି ଭାବେ ଡ. ଅଦ୍ୱୈତ ପାତ୍ର, ଓଡିଶୀ ନୃତ୍ୟାଙ୍ଗନା ସୁଜାତା ମହାପାତ୍ର, ଫକୀର ମୋହନ ସେନାପତିଙ୍କ ଅଣ ନାତୁଣୀ ମୋନିକା ଦାସ, ପୂର୍ବତନ ପ୍ରଶାସକ ନିରଞ୍ଜନ ସାହୁ, ସ୍ତମ୍ଭକାର ସୁଦର୍ଶନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏକତ୍ର ବାଲେଶ୍ୱର ସଭାପତି ନିରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଂସ୍ଥାର ଉପ ସଭାପତି କେଶୁ ଦାସ ଅତିଥି ପରିଚୟ ପ୍ରଦାନ କରିବା ବେଳେ ରାମଜୀବନ ଗୋଛାୟତ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଉପସଭାପତି ଜୟନ୍ତ ଦାସ ଧନ୍ୟବାଦ ଦେଇଥିଲେ ।

## ପଦ୍ମଶ୍ରୀ କବି ଜୟନ୍ତ ମହାପାତ୍ରଙ୍କ ଜୟନ୍ତୀ



ବାଲେଶ୍ୱର,୨୫।୧୦(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ପଦ୍ମଶ୍ରୀ କବି ଜୟନ୍ତ ମହାପାତ୍ରଙ୍କ ୯୭ ତମ ଜୟନ୍ତୀ କବିତୀର୍ଥ ଶାନ୍ତିକାନନରେ ପାଳିତ ହୋଇଯାଇଛି । ପରିଷଦ ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ରୀମୟ ଦାସ ଅଧିକାରୀ ଯୋଗ ଦେଇଥିଲେ । ଆଇଆଇଟି ଚେନ୍ନାଇର ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଉମାଶଙ୍କର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରିଷଦର ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଞ୍ଚ ଆହ୍ୱାନ ତଥା ପ୍ରାକ୍ କଥନ ରଖିଥିଲେ । ଏହି ଅବସରରେ ଇଂରାଜୀ ଗବେଷଣା ପରିଷଦ, ବାଲେଶ୍ୱର ଦ୍ୱାରା ପ୍ରଦତ୍ତ ଓ ପ୍ରଖ୍ୟାତ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ଅଙ୍କିତ କବି ଜୟନ୍ତ ମହାପାତ୍ରଙ୍କ ଏକ ତୈଳଚିତ୍ର ଉନ୍ମୋଚିତ ହୋଇଥିଲା । ଶେଷରେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳଜୀବନ ମିଶନ ପ୍ରତିନିଧିଙ୍କ ବାଲେଶ୍ୱର ଗସ୍ତ

# ଜିଲ୍ଲାରେ ପାନୀୟ ଜଳ ଯୋଗାଣ ସ୍ଥିତି ଅନୁଧ୍ୟାନ

ବାଲେଶ୍ୱର, ୨୫।୧୦(ସମିସ)



କେନ୍ଦ୍ରୀୟ ଜଳ ଜୀବନ ମିଶନ ଜରିଆରେ ଜିଲ୍ଲାରେ ହୋଇଥିବା କାର୍ଯ୍ୟ ଓ ଘରେ ଘରେ ଟ୍ୟାପ ଜରିଆରେ ପାନୀୟ ଜଳ ଯୋଗାଣର ସ୍ଥିତି ଅନୁଧ୍ୟାନ ପାଇଁ କେନ୍ଦ୍ରୀୟ ପ୍ରତିନିଧି ଡ. ସଞ୍ଜୀବ ଅଗ୍ରୱାଲ ବାଲେଶ୍ୱର ଗସ୍ତ କରିଚନ୍ତି । ଶ୍ରୀ ଅଗ୍ରୱାଲ ଜିଲ୍ଲାର ବୃହତ୍ ପଞ୍ଚାୟତ ଓ ଲୁଣି ଜଳ ପ୍ରଭାବିତ ଅଞ୍ଚଳ ସର୍ଥ ଗସ୍ତ କରିଥିଲେ । ପଞ୍ଚାୟତରେ ନିର୍ମାଣ ହୋଇଥିବା ୧୨ ଟାଙ୍କି ମଧ୍ୟରୁ ୧୦ଟିରେ ସମ୍ପୂର୍ଣ୍ଣ ଭାବେ ପାଇପ ଜରିଆରେ ଲୋକେ ପାନୀୟ ଜଳ ପାଇବା ଉପରେ ବୁଲି ଦେଖିଥିଲେ । ପଞ୍ଚାୟତରେ ସମୁଦାୟ ୪୨୮୫ ଘର ମଧ୍ୟରୁ ୪୦୩୫ ଘରକୁ ଟ୍ୟାପ ସଂଯୋଗ ହେବା ଉପରେ ଭିନ୍ନ ଭିନ୍ନ ସ୍ଥାନ ବୁଲି ପ୍ରତିନିଧି ଶ୍ରୀ ଅଗ୍ରୱାଲ ଦେଖିଥିଲେ । ତେବେ ୨ଟି ଟାଙ୍କିରେ ବିଜୁଳି ସଂଯୋଗ ହୋଇନଥିବାରୁ ପଞ୍ଚାୟତରେ ବାକି ୧୦ ପ୍ରତିଶତ ଲୋକେ ପାଣି ପାଇବାକୁ ବାକି ରହିବା ଉପରେ ସମୀକ୍ଷା କରିଥିଲେ । କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନକୁ ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସଠିକ୍ କାର୍ଯ୍ୟ କରାଯିବ ନେଇ ପ୍ରତିନିଧି ଡ଼ ସଞ୍ଜୀବ ଅଗ୍ରୱାଲ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସମୀର ଦେ ଓ ଅନ୍ୟ ଅଧିକାରୀଙ୍କୁ ସାଧୁବାଦ୍ ଦେଇଥିଲେ । ପରେ କେନ୍ଦ୍ରୀୟ ପ୍ରତିନିଧି ଶ୍ରୀ ଅଗ୍ରୱାଲ ପଞ୍ଚାୟତର ଲୋକଙ୍କୁ ପାନୀୟ ଜଳ ପାଇବା ଉପରେ ପ୍ରଶ୍ନ ପଚାରିବା ସହ ଭାବ ବିନିମୟ ଜରିଆରେ ତଥ୍ୟ ସଂଗ୍ରହ କରିଥିଲେ । ଲୋକେ ପାଣି ପାଇପ ଜରିଆରେ ପାଉଛନ୍ତି ବୋଲି କହିଥିଲେ । ଏପରିକି ବାତ୍ୟା , ବନ୍ୟା ସମୟରେ ବିଭାଗ ପକ୍ଷରୁ ପାଣି ବୋତଲ ଓ ଟ୍ୟାଙ୍କର ଯୋଗେ ଜଳ ପାଉଛନ୍ତି ବୋଲି କହିଥିଲେ । ଗ୍ରାମର ଏକାଧିକ ମହିଳା ସମେତ ପଞ୍ଚାୟତ ପ୍ରତିନିଧି ଓ ଭିନ୍ନ ଭିନ୍ନ ସ୍ଥାନରେ ପାନୀୟ ଜଳ ଉପରେ ପ୍ରତିନିଧି ଡ. ଅଗ୍ରୱାଲ ମତ ସଂଗ୍ରହ କରିଥିଲେ । ଲୋକଙ୍କ ମତାମତ ଓ ପାନୀୟ ଜଳ ସୁରୁଖୁରୁରେ ପାଇବା ନେଇ ଲୋକଙ୍କଠାରୁ ମତାମତ ନେଇ କେନ୍ଦ୍ରୀୟ ପ୍ରତିନିଧି ବେଶ୍ ଖୁସି ପ୍ରକଟ କରିଥିଲେ । ପରେ ସେ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କ ସହ ଜଳ ଜୀବନ ମିଶନ ରରିଆରେ ଜିଲ୍ଲାରେ ହୋଇଥିବା ସମସ୍ତ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ ।



# ଭୁବନେଶ୍ୱର ସିଟି

**ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ ଓ ବସ୍ତ୍ର ପ୍ରଦର୍ଶନ**

## ଏକାମ୍ର କ୍ଷେତ୍ରରେ ଶ୍ରୀକ୍ଷେତ୍ରର ଭ୍ରମ

ଭୁବନେଶ୍ୱର, ୨୫।୧୦(ସମିସ): ଘଣ୍ଟ ଘଣ୍ଟା, ସଂକୀର୍ତ୍ତନ ଓ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହେଉଛି ପରିବେଶ। ଏହି ଆଧ୍ୟାତ୍ମିକ ପରିବେଶରେ ମହାପ୍ରଭୁଙ୍କ ବିରଳ ନାଗାର୍ଜୁନ ବେଶ ଓ ବିଭିନ୍ନ ସମୟରେ ଶ୍ରୀବିଗ୍ରହମାନଙ୍କୁ ଲାଗି ହେଉଥିବା ବିବିଧ ଲାଗି ବସ୍ତ୍ରର ଅପୂର୍ବ ପ୍ରଦର୍ଶନ ଉତ୍କଳ ମଣ୍ଡପଠାରେ ଆୟୋଜିତ ହେଉଛି। ଯେଉଁଠି ଭକ୍ତଙ୍କ ପାଇଁ ଶ୍ରୀକ୍ଷେତ୍ରର ଭ୍ରମ ସୃଷ୍ଟି କରୁଛି। ଏହି ପ୍ରଦର୍ଶନୀ ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ବେଶ ଓ ବସ୍ତ୍ର ପ୍ରଦର୍ଶିତ ହେଉଛି। ଏହା ସହିତ ଜଗନ୍ନାଥଙ୍କ ସମ୍ବନ୍ଧିତ ବିଭିନ୍ନ ପତ୍ରିକା ଏବଂ ପୁସ୍ତକ ଯଥା - ଆମ ପ୍ରଣାମ, ଉନ୍ମନା, ଶ୍ରୀଜଗନ୍ନାଥ କଥା, ସତ୍‌ସଙ୍ଗ ବାଣୀ, କୃପାବେଣୀ, ଜଗନ୍ନାଥ ଗୀତିକା ଆଦି ସେଠାରେ ଲୋକଙ୍କ ଜାଣିବାକୁ ପ୍ରଦର୍ଶିତ ହେଇଥିଲା।



### ପ୍ରଦର୍ଶିତ ହେଉଛି ଶ୍ରୀବିଗ୍ରହଙ୍କୁ ଲାଗି ହେଉଥିବା ବସ୍ତ୍ର

ଏହି ପ୍ରଦର୍ଶନୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହେଉଥିବା ବସ୍ତ୍ର ମଧ୍ୟପ୍ରଦର୍ଶିତ ହେଉଛି। ଯାହା ପୁରୀ ଶ୍ରୀମନ୍ଦିରରୁ ଅଣାଯାଇ ଏଠାରେ ଭକ୍ତଙ୍କୁ ନିଆରା ଅନୁଭୂତି ଦେବା ଲାଗି ପ୍ରଦର୍ଶିତ କରାଯାଇଛି। ବିଭିନ୍ନସମୟରେମହାପ୍ରଭୁ ପିନ୍ଧୁଥିବା ସେହିବସ୍ତ୍ରକୁ ଦେଖି ଶ୍ରଦ୍ଧାଳୁ ଭାବ ବିହ୍ୱଳ ହୋଇପଡୁଛନ୍ତି। ଏଥିରେ ଏଥିରେ ଶ୍ରୀବିଗ୍ରହଙ୍କ ପାଖାପାକି ୧୦ରୁ ଅଧିକ ବସ୍ତ୍ର ପ୍ରଦର୍ଶିତ ହେଉଛି।

### ଆକର୍ଷିତ କରୁଛି ମହାପ୍ରଭୁଙ୍କ ଫଟୋଚିତ୍ର

ଏହି ମେଳାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫୋଟ ଚିତ୍ର ମଧ୍ୟ ପ୍ରଦର୍ଶିତ ହେଉଛି। ଯେଉଁଥିରେ ଜଗନ୍ନାଥଙ୍କ ବିଭିନ୍ନ ଅବତାର ଏବଂ ବେଶର ଝଲକ୍ ଦେଖିବାକୁ ମିଳୁଛି। ପାଖାପାଖି ୨୫ରୁ ୩୦ଟି ଭିନ୍ନ ଭିନ୍ନ ଫଟୋଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେଉଛି। ଏହି ଫଟୋଚିତ୍ରକୁ ତୂଳୀରେ ସଜେଇଥିବା ଚିତ୍ରଶିଳ୍ପୀ ତେଜସ୍ମିତା ପଟ୍ଟନାୟକ କୁହନ୍ତି, ସେ ଅନେକ ସମୟରେ ଜଗନ୍ନାଥଙ୍କ ଚିତ୍ର କରିବାକୁ ପସନ୍ଦ କରନ୍ତି। ଯେତେବେଳେ ସେ ଏହି ପ୍ରଦର୍ଶନୀ ବିଷୟରେ ଜାଣିବାକୁ ପାଇଲେ, ଆୟୋଜକଙ୍କ ସହ ଯୋଗାଯୋଗ କରି ଏଠାରେ ଏକ ଷ୍ଟଲ ଲଗାଇଛନ୍ତି। ଯେଉଁଠାରେ ସେ ଜଗନ୍ନାଥଙ୍କ ବିଭିନ୍ନ ବେଶ ଓ ଅବତାର ଯେପରି ହସ୍ତୀ ବେଶ, ଶଙ୍ଖରେ ମତ୍ସ୍ୟ ଅବତାର ଏବଂ ତ୍ରିମୂର୍ତ୍ତି ଆଦି ପ୍ରଦର୍ଶିତ କରିଛନ୍ତି। ଏହିସବୁ ଚିତ୍ରର ମୂଲ୍ୟ ୫୦୦ରୁ ଆରମ୍ଭ ହୋଇ ୧୫ ହଜାର ପର୍ଯ୍ୟନ୍ତ ରହିଛି। ସେଥିମଧ୍ୟରୁ ନାଗାର୍ଜୁନ ବେଶ ଏବଂ ଓଡ଼ିଶା ମଧ୍ୟରେ ଜଗନ୍ନାଥ ଫଟୋଚିତ୍ରର ମୂଲ୍ୟ ଅଧିକ ରହିଛି।



## ଗାଁରେ ହିଁ ରହିଛି ଭାଇଚାରା



ଗାଁ କେବେ କ୍ଷେତ ବାଡିର ସବୁଜିମାରେ ଆକର୍ଷିତ କରୁଥାଏ ତ କେତେବେଳେ ସେହି ମାଟିର ମହକକୁ ମନ ଟାଣୁଥାଏ। ଗାଁ କେବଳ ଏକ ସ୍ଥାନ ନୁହଁ ବରଂ ଜୀବନ ଗଢି ତୋଳିବାରେ ତାର ମଧ୍ୟ ଭୂମିକା ରହିଛି। ମୋ ଗାଁ ହେଉଛି ମୋ ପରିଚୟ। ଜୀବନର ଅନେକଗୁଡିଏ ସ୍ମୃତିକୁ ସେ ସାଇତି ରଖିଛି। କେବେ କେବେ ଗାଁକୁ ଫେରିଲେ ସବୁକିଛି ଯେପରି ଆଖି ଆଗରେ ନାଚି ଉଠିଲାପରି ଲାଗେ।

ଗାଁ ପ୍ରେମରେ ପଡ଼ିଥିବା ଏପରି ଜଣେ ମଣିଷ ହେଉଛନ୍ତି ଚନ୍ଦନ ସାମଲ।

**ଆମେ ଗାଁରୁ ଆସିଛୁ**

ତାଙ୍କ ପ୍ରକୃତ ଘର ବାଲେଶ୍ୱର ଜିଲ୍ଲାର ଭୋଗରାଇସ୍ଥିତ ହାଟସୋରିଷ ଗ୍ରାମରେ। ହେଲେ ଦୀର୍ଘ ୩୪ ବର୍ଷ ହେବ ସେ ଆସି ରାଜଧାନୀ ଭୁବନେଶ୍ୱରରେ ରହୁଛନ୍ତି। ବର୍ତ୍ତମାନ ତାଙ୍କ ଠିକଣା ହେଉଛି ନୂଆଗାଁସ୍ଥିତ ହାଉସିଂ ବୋର୍ଡ କଲୋନୀ। ସେ ଧଉଳି ଆର୍ଟ କଲେଜରେ ଏବେ ପ୍ରଫେସର ରୂପେ କାର୍ଯ୍ୟରତ। ନିଜ ଗାଁ ବିଷୟରେ ସେ ଅଧିକ କୁହନ୍ତି, ଗାଁ ମନ୍ଦିରରେ ଚଡ଼କ ମେଳା ବେଶ ଧୁମଧାମ୍‌ରେ ପାଳନ କରାଯାଇଥାଏ। ଚୈତ୍ର ମାସରେ ସେଠାରେ ଶିବ ବିବାହ ଅନୁଷ୍ଠିତ ହୁଏ। ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳି ବେଶ ମଜା ଲାଗେ। ସେଠାରେ ହିନ୍ଦୁ ମୁସଲମାନ ସମସ୍ତେ ଏକାଠି ହୋଇ ପର୍ବପର୍ବାଣୀକୁ ପାଳନ କରୁ। ଯାହା ଭାଇଚାରା ସମ୍ପର୍କର ଉଦାହରଣ ପାଲିଟିଥାଏ। ଗାଁଠୁ ଅଳ୍ପ କିଛି ଦୂରରେ ସମୁଦ୍ର ରହିଛି। ସାଙ୍ଗସାଥୀଙ୍କ ସହ ମିଶି ସେଠାରେ ବେଶ୍ ମଜାକରୁ। ଗାଁରେ ମକର ସମୟରେ ଚୈତନ୍ୟ ମହାପ୍ରଭୁଙ୍କୁ ପୂଜା କରାଯାଏ। ଯେଉଁଠି ଦଶରୁ ପନ୍ଦ ହଜାର ଲୋକ ମହୋତ୍ସବରେ ସାମିଲ ହୋଇଥାନ୍ତି। ଗାଁରେ ସମସ୍ତେ ମିଳିମିଶି ଚଳନ୍ତି। ସେ ସମ୍ପର୍କ ସହରରେ ଦେଖିବାକୁ ମିଳେନି। ସେ ସମୟରେ ଗାଁରେ ପ୍ରତ୍ୟେକ ଲୋକ ଚାଷବାଷ କରି ଖୁସିରେ ଚଳୁଥିଲେ। ହେଲେ ଏବେ ସମୟସହ ଗାଁ ବଦଳୁଛି। ଚାଷ କାମରେ ଲୋକ ସେତେ ମନ ବଳାଉ ନାହାନ୍ତି। ଆଗରୁ ସନ୍ଧ୍ୟା ହେଲେ ଭାଗବତ ଘରେ ସମସ୍ତେ ଏକାଠି ହୋଇ ଭାଗବତ ପଢ଼ାଯାଏ। କ୍ଲବ ପିଲାଙ୍କୁ ଡାକି କବାଡି ଖେଳ ସହ ଗାଁର ବରିଷ୍ଠମାନେ ମେଳି କରି ତାସ ଖେଳନ୍ତି। ସେଠାରେ ଅନେକ ପ୍ରସଙ୍ଗ ଉପରେ ଆଲୋଚନା ଚାଲିଥାଏ। ହେଲେ ସେସବୁ ସହରରେ କାଁ ଭାଁ କେଉଁଠି ଦେଖିଲେ ବଡ କଥା। ଯେତେବେଳେ ସମୟ ମିଳେ ଗାଁ ଆଡେ ଚାଲିଯାଏ। ଆଜି ବି ସବୁକିଛି ସେଠାରେ ନିଜର ପରି ଲାଗେ। ହେଲେ ବର୍ତ୍ତମାନର ପିଲା ଗାଁ ବିଷୟରେ ସେତେଟା ଅନୁଭୂତି ସାଉଁଟି ନାହାନ୍ତି। ତେଣୁ ତାଙ୍କ ପାଇଁ ଏସବୁର ମୂଲ୍ୟ ହୁଏତ ଅଜଣା।

## ଆଧ୍ୟାତ୍ମିକ ପତ୍ରିକା 'ସାଇକୃପା' ଉନ୍ମୋଚିତ



ଭୁବନେଶ୍ୱର, ୨୫ ।୧୦(ସମିସ): ଶ୍ରୀ ଶିରିଡ଼ି ସାଇନାଥଙ୍କ ଆଧ୍ୟାତ୍ମିକ ପତ୍ରିକା 'ସାଇକୃପା' ର ଉନ୍‌ମୋଚନ ତଥା ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ କବି ଶାନ୍ତିଲତା ଦେବୀଙ୍କ କବିତା ସଙ୍କଳନ 'ନିଛାଟିଆ ମୁହୂର୍ତ୍ତ' ଓ କବିତା ପାଠ ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଜାଦଳ ବେହେରା, ବିଶିଷ୍ଟ ଅତିଥି ଭାବେ ସମାଜସେବୀ ବିଦେଶୀ ଭଞ୍ଜ, ମୁଖ୍ୟ ବକ୍ତା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଜୟନ୍ତୀ ରଥ, ସଭାପତି ପ୍ରମୋଦ ମହାନ୍ତି, ସମ୍ପାଦିକା ଶାନ୍ତିଲତା ଦେବୀ, ଶୈଳବାଳା ସାହିତ୍ୟ ସଂସଦ ଇଂ ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ସବିତାରାଣୀ ବେହେରା ସଂଯୋଜନା କରିଥିବା ବେଳେ ଶୁଭ୍ରାନନ୍ଦା ମଞ୍ଚ ପରିଚାଳନା କରିଥିଲେ।

**● ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକରେ ଉଦ୍‌ବେଗ**

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳୁନି ଗ୍ରାଚ୍ୟୁଇଟି ଅର୍ଥ

ଭୁବନେଶ୍ୱର, ୨୫।୧୦ (ସମିସ): ଭୁବନେଶ୍ୱର ମହାନଗର ନିଗମର ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱର ମହାନଗର ନିଗମ ପୁରୁଣା କାର୍ଯ୍ୟାଳୟ ରିକ୍ରେସନ୍ କ୍ଲବ୍ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପ-ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାରଙ୍କୁ ସଂଘର ସ୍ଥାୟୀ ସଭାପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ଦୀର୍ଘ ଦିନ ହେଲା ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବହି ମିଳି ନ ଥିଲା। ଖୁବ୍ ଶୀଘ୍ର ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କର ପେନସନ ବହି ମିଳିଯିବ ବୋଲି ସଭାପତି ଅବଗତ କରାଇଛନ୍ତି।

ଅନ୍ୟପକ୍ଷରେ ବର୍ଦ୍ଧିତ ଗ୍ରାଚ୍ୟୁଇଟ୍ ମିଳିବା ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ମହାନଗର ନିଗମ ଏବଂ ରାଜ୍ୟ ସରକାର ଏ ନେଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏ ସମ୍ପର୍କରେ ସଂଘ ମାନବାଧିକାର କମିସନରଙ୍କ ଦ୍ୱାରସ୍ଥ ହୋଇଛି। ୧ ଜାନୁଆରୀ ୨୦୧୬ ଅନୁଯାୟୀ ୮ ଲକ୍ଷରୁ ୧୫ ଲକ୍ଷ ଏବଂ ୧ ଜାନୁଆରୀ ୨୦୨୪ ଠାରୁ ୧୫ରୁ ୨୦ ଲକ୍ଷ ଟଙ୍କା ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ତଦନୁସାରେ ଭୁବନେଶ୍ୱର ମହାନଗର ନିଗମ ଗ୍ରାଚ୍ୟୁଇଟ୍ ଅର୍ଥ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଦେବା କଥା। ମାତ୍ର ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନାହିଁ। ତେବେ ଓଡ଼ିଶା ମାନବାଧିକାର କମିଶନରଙ୍କ ନିକଟରେ ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଛି। ତାର ବିଚାର ପରେ ଯାହା ପଦକ୍ଷେପ ନିଆଯିବ ବୋଲି ସଂଘର ସାଧାରଣ ସମ୍ପାଦକ ବ୍ରଜ ସୁନ୍ଦର ପଣ୍ଡା ଜଣାଇଛନ୍ତି।

## ସମ୍‌ରେ ୯ ମାସ ଶିଶୁର ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୨୫।୧୦(ସମିସ): ସମ୍ ହସ୍ପିଟାଲରେ ୯ ମାସର ଶିଶୁଟିର ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ରାୟଗଡ଼ା ଜିଲ୍ଲାର ଅନୀଲ ପଲେଇ ଓ ତାଙ୍କ ପତ୍ନୀ ବର୍ଷା ପଲେଇଙ୍କ ୯ ମାସର ଶିଶୁ ପୁତ୍ର ଜନ୍ମ ହେବା ପର ଠାରୁ ହିଁ ଅନବରତ ଥଣ୍ଡା, କାଶ ଓ ଜ୍ୱରରେ ପୀଡ଼ିତ ରହୁଥିଲା। ଶିଶୁଟିର ହସ୍ପିଟାଲ୍‌ର ଶିଶୁ ରୋଗ ବିଭାଗର ମୁଖ୍ୟ ପ୍ରଫେସର ଡ. ମମତାଦେବୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଆରମ୍ଭ କରାଯାଇଥିଲା। ହସ୍ପିଟାଲ୍‌ର ସିଟିଭିଏସ୍ (କାର୍ଡିଆକ୍ ସର୍ଜନ) ଡାକ୍ତର ସଂଗ୍ରାମ କେଶରୀ ବେହେରାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯିବା ସହ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସିଟି ସ୍କାନ ରିପୋର୍ଟରେ ଶିଶୁଟି ଡବଲ୍ ଆଓର୍ଟିକ୍ ଆର୍ଚ ସମସ୍ୟାରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଶିଶୁର ଛାତିରେ ଏକ ଭାସ୍କୁଲାର ରିଙ୍ଗ୍ ଦେଖାଯାଇଥିବା ଫଳରେ ଏହା ନିଶ୍ୱାସ ନଳୀ ଏବଂ ଖାଦ୍ୟ ନଳୀକୁ ଚାପି ରଖିଥିଲା। ଶିଶୁର ପିତାମାତାଙ୍କ ପରାମର୍ଶ କ୍ରମେ ଅସ୍ତ୍ରୋପଚାର କରାଯାଇଥିଲା। ସିଟିଭିଏସ୍ ସର୍ଜନ ଡାକ୍ତର ବେହେରା ଏବଂ କାର୍ଡିଆକ୍ ଆନେସ୍ଥେସିଆ ବିଭାଗର ଡାକ୍ତରଙ୍କ ଦ୍ୱାରା ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା।

## ସିନେମାରେ ମହିଳା ସଶକ୍ତୀକରଣ ସଚେତନତା

ଭୁବନେଶ୍ୱର, ୨୫।୧୦(ସମିସ): ମହିଳା ସଶକ୍ତୀକରଣ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶୁକ୍ରବାର ମହିଳା ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଓ ଓଡ଼ିଶା ସଚିବାଳୟ ସଂଘର ସହଯୋଗରେ ରାଜ୍ୟସ୍ତରୀୟ ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ସଶକ୍ତୀକରଣ ଉପରେ ଆଧାରିତ ହିନ୍ଦୀ ଚଳଚ୍ଚିତ୍ର 'ଲାପତା ଲେଡିଜ' ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସମେତ ବିଭାଗୀୟ ଅଧିକାରୀବୃନ୍ଦ ଓ ଓଡ଼ିଶା ସଚିବାଳୟ ସଂଘର ଅଧ୍ୟକ୍ଷ ବିବେକାନନ୍ଦ ସାମଲ ଯୋଗଦେଇଥିଲେ। ପ୍ରତି ମାସର ତୃତୀୟ ଶନିବାରରେ ଏହି ଭଳି ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତିକରଣ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଲୋକସେବା ଭବନର ୪୫୦ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ ପକ୍ଷରୁ ଆଲୋଚନାଚକ୍ର



ଭୁବନେଶ୍ୱର, ୨୫।୧୦(ସମିସ): ଜାତିସଙ୍ଘର ୮୦ତମ ବାର୍ଷିକ ପୂର୍ତ୍ତି ଅବସରରେ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ତରଫରୁ ଗୀତ ଗୋବିନ୍ଦ ସଦନଠାରେ 'ବିକଶିତ ଭାରତ ୨୦୪୭, ବିକଶିତ ଓଡ଼ିଶା ୨୦୩୬, ଜାତିସଙ୍ଘ ଓ ଭାରତ' ଶୀର୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ରାଜ୍ୟରୁ ଶିକ୍ଷାବିତ, ମାନବାଧିକାର କର୍ମୀ ଏବଂ ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏଥିରେ ଅଧ୍ୟକ୍ଷତା କରି ମାନବାଧିକାର ସୁରକ୍ଷା ସଙ୍ଗଠନର ଜାତୀୟ ସଭାପତି ଡ. ଅଭିନ୍ନ ହୋତା, ଜାତିସଙ୍ଘ ଆଉ ମାନବାଧିକାର ପରସ୍ପର ଅଙ୍ଗାଙ୍ଗି ଭାବେ ଜଡିତ ଏବଂ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ମାନବାଧିକାର ସଙ୍ଗଠନର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଜାତୀୟ ମାନବାଧିକାର କମିଶନର ସଦସ୍ୟ ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମାନବାଧିକାରକୁ କିଭଳି ଭାବରେ ଏ ସମାଜକୁ ଏକ ସୁସ୍ଥ ଦିଗଦର୍ଶନ ଦେଇହେବ ଆଲୋକପାତ କରିଥିଲେ। ରାଜ୍ୟ ମାନବାଧିକାର କମିସନ୍‌ର ବରିଷ୍ଠ ସଦସ୍ୟ ଅସିମ ଅମିତାଭ ଦାସ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ପ୍ରଫେସର ଡ. ଦେବପ୍ରକାଶ ମିଶ୍ର, ଏନ୍‌ଟିପିସି ର ପୂର୍ବତନ ବିତ୍ତ ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ରାଜକିଶୋର ଡୋରାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଙ୍ଗଠନର କାର୍ଯ୍ୟକର୍ତ୍ତା ଦେବବ୍ରତ ପାଣିଗ୍ରାହୀ, ସତ୍ୟବ୍ରତ ମିଶ୍ର, ପ୍ରଦିପ୍ତ ହୋତା ପ୍ରମୁଖ ପରିଚାଳନା କରିଥିଲେ।

**୧୯ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ ଉଦ୍‌ଯାପିତ**

## ଓଡ଼ିଶୀ ନୃତ୍ୟରେ ମାଲେସିଆ ନୃତ୍ୟଶିଳ୍ପୀ

ଭୁବନେଶ୍ୱର, ୨୫ ।୧୦(ସମିସ): ଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିକୁ ଶୁଭେଚ୍ଛା ଜଣାଇ ତ୍ରିଧାରା ଦ୍ୱାରା ଆୟୋଜିତ ୧୯ତମ



ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ୨୦୨୫ 'ଭାରତ-ଜାପାନ-ମାଲେସିଆ ବନ୍ଧୁତାର ଉତ୍ସବ' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଯାଜପୁରର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଏମ୍‌ଜିଏମ ମିନିରାଲ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ସୂତ୍ର ଫାଉଣ୍ଡେସନ୍ ର ପ୍ରତିଷ୍ଠାତ ଗୁରୁ ଦାତୁକ୍ ରାମଲୀ ଇବ୍ରାହୀମ୍, ତ୍ରିଧାରାର କାର୍ଯ୍ୟରତ ସମ୍ପାଦକ ସୀମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡ଼. ଗଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହିଥିଲେ। ଓଡ଼ିଶୀ ନୃତ୍ୟ ଗୁରୁ ନିରଞ୍ଜନ ରାଉତ, ଭିଜୁଆଲ୍ ଆର୍ଟ ଆଣ୍ଡ ଲାଇଟ୍ ଡିଜାଇନ୍ ସିଭାରାଜା ନଟରାଜନ, ଏବଂ ରାଧା ପ୍ରେମ ଲୀଳା ଗୁରୁ ଯୁଧିଷ୍ଠିର ନାହକଙ୍କୁ '୧୯ ତମ ଗୁରୁ ଦେବପ୍ରସାଦ ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା। ଓଡ଼ିଶୀ ନୃତ୍ୟରେ ଗୁରୁ ଜୟନ୍ତ ଆଚାର୍ଯ୍ୟ, ଡି ପ୍ରିୟଙ୍କା, ସୁଦୀପ୍ତା ପଣ୍ଡା ଏବଂ ଆର୍ଯ୍ୟ ନନ୍ଦେଙ୍କୁ '୧୯ ତମ ଗୁରୁ ଦେବପ୍ରସାଦ ପ୍ରତିଭା ସମ୍ମାନ' ଏବଂ ଓଡ଼ିଶୀ ନୃତ୍ୟରେ ୟୁଯୁରି ଆଇଜିମାଙ୍କୁ '୧୯ ତମ ଗୁରୁ ଦେବପ୍ରସାଦ ଶିଶୁ ପ୍ରତିଭା ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା। ପରେ ପରେ ମାଲେସିଆର ସୂତ୍ର ଫାଉଣ୍ଡେସନର ଶିଳ୍ପୀମାନଙ୍କୁ ନେଇ ଓଡ଼ିଶୀ ଦଳଗତ ନୃତ୍ୟ ରାଧେ ରାଧେ ଦା ସୁଇଟ୍ ସରେଣ୍ଡର ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ପୁଣ୍ୟ ଦର୍ଶନ ସାହୁ ସଞ୍ଚାଳନା କରିଥିଲେ।

No.4070, Dated 23.10.2025 O-1128

Government of Odisha "e" procurement Notice

Bid Identification No. TENDER ONLINE SNPR- 07 OF 2025-26

| | | |
|---|---|---|
| 1. | Name of the work | : Building Works as per DTCN available in the website. www.tendersodisha.gov.in |
| 2. | Total No. of Work | : 64(Sixty four)Nos. |
| 3. | Approximate Estimated Cost | : Vary from Rs. 1.68 lakh to Rs. 8.40 lakh |
| 4. | Period of Completion | : 2 (Two Calendar months) |
| 5. | Period and time of availability of bid document in the portal for bidding | : 29.10.2025 at 11.00AM to 11.11.2025 up to 5.00 PM |
| 6. | Date and time of opening of Tender | : 12.11.2025 at 11.00AM (Technical Bid) & (Financial Bid will be intimated later on) |
| 7. | Name and address of the officer inviting bid | : S.E.R.W.Division. Sonepur |

(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0041/2526

GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NABARANGPUR IRRIGATION DIVISION
NABARANGPUR,DIST-NABARANGPUR(ODISHA)
Email ID- seniidivision@gmail.com A-748

E-PROCUREMENT NOTICE

BID IDENTIFICATION NO-SE-NID- 04 /2025-26 (01-06)

1. Nature of the work – Construction of Trough wall & Renovation of canal syphon.
2. Total Nos. of works – 06 (Six) Nos.
3. Tender cost of the works–From Rs.7.53 lakhs to Rs.6.71 lakhs (excluding GST)
4. Class of Contractor – 'D'& 'C' Class
5. Period of completion-01(One) Month
6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-04 /2025-26(01-06) | 27.10.2025 (10.00AM) | 10.11.2025 (up to 05.00 PM) | 30.10.2025 up to 5.00 PM | 11.11.2025 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government web site www.tendersodisha.gov.in
Addendum/Corrigendum/Cancellation if any required will be published in Govt.website only.

Superintending Engineer
Nabarangpur Irrigation Division
Nabarangpur

OIPR-32361/11/0018/2526

## ଆମ ବସ୍ ଷ୍ଟପେଜ୍ | ବିପ୍ ସାଉଣ୍ଡ ନାହିଁ; ଦୁର୍ଦ୍ଦଶା ଭୋଗୁଛନ୍ତି ଦୃଷ୍ଟିବାଧିତ

ଭୁବନେଶ୍ୱର, ୨୫।୧୦(ସମିସ): ସାଧାରଣ ଲୋକଙ୍କ ଯାତାୟତ ସମସ୍ୟା ଦୂର କରିବା ଏବଂ ସ୍ୱଳ୍ପ ଖର୍ଚ୍ଚରେ ନିରାପଦ ଯାତ୍ରା ପାଇଁ ରାଜ୍ୟ ସରକାର ସ୍ମାର୍ଟସିଟିରେ ଆମ ବସ୍ ସେବା ଯୋଗାଇ ଦେଇଛନ୍ତି। ଯାହା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି କର୍ମଜୀବୀ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ପାଇଁ ବେଶ୍ ଉପାଦେୟ ହୋଇପାରିଛି। ବସ୍‌ର ରହଣୀ ଓ ଯାତ୍ରୀଙ୍କ ବିଶ୍ରାମ ଲାଗି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ସମେତ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ଆମ ବସ୍‌ଷ୍ଟପ୍ ବି ନିର୍ମାଣ ହୋଇଛି। କିନ୍ତୁ ଏହି ଏଠାରେ ବିପ୍ ସାଉଣ୍ଡ ବ୍ୟବସ୍ଥା ନ ଥିବାରୁ ଏଥିପାଇଁ ହଇରାଣ ହେଉଛନ୍ତି ଦୃଷ୍ଟିବାଧିତ ଯାତ୍ରୀ।

ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରାୟ ୨ଶହ ଆମ ବସ୍‌ଷ୍ଟପ ରହିଛି। ଏହି ଷ୍ଟାଣ୍ଡରୁ ହିଁ ଯାତ୍ରୀ ବସ୍‌କୁ ଚଢ଼ିବା ସହ ବସ୍‌ରୁ ଓହ୍ଲାଇଥାନ୍ତି। ଖରା, ବର୍ଷାରୁ ରକ୍ଷା ପାଇବା ପାଇଁ ଯାତ୍ରୀଙ୍କ ଏହା ବେଶ୍ ସୁରକ୍ଷିତ ସ୍ଥାନ ହୋଇଥିବାରୁ ଅନେକ ଯାତ୍ରୀ ଏଠାରେ ଅପେକ୍ଷା କରିଥାନ୍ତି। କିନ୍ତୁ ଏହି ସେବାକୁ ଉପଭୋଗ କରିପାରୁ ନାହାଁନ୍ତି ଦୃଷ୍ଟିବାଧିତ ବ୍ୟକ୍ତି। କାରଣ ଦୃଷ୍ଟିବାଧିତ

**ଦୁଇବର୍ଷ ତଳେ କହିଲେ; କଲେନି**



ମାନେ ସରକାରଙ୍କ ଏହି ଆମ ବସ୍ ସେବା ପାଇବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କ ନିମନ୍ତେ ସୁବିଧା ନାହିଁ। ବିପ୍ ସାଉଣ୍ଡ ନ ଥିବାରୁ ସାଧାରଣ ଲୋକଙ୍କ ଭଳି ତୁରନ୍ତ ରାସ୍ତା ପାରିହେବା ଏବଂ ବସ୍ ନିକଟରେ ପହଞ୍ଚିଯିବା ସେମାନଙ୍କ ପାଇଁ ସମ୍ଭବ ନୁହେଁ। ତେଣୁ ପ୍ରତ୍ୟେକ ମୋ ବସ୍‌ଷ୍ଟାଣ୍ଡରେ ବିପ୍ ସାଉଣ୍ଡ ବ୍ୟବସ୍ଥା କରାଗଲେ ଉକ୍ତ ଶବ୍ଦ ଶୁଣି ଦୃଷ୍ଟିବାଧିତମାନେ ଜାଣିପାରିବେ। ତେବେ ଏହି ବ୍ୟବସ୍ଥା ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ଦିଲ୍ଲୀ ଆଦି ବାହାର ରାଜ୍ୟରେ ରହିଥିବା ବେଳେ ଓଡ଼ିଶାରେ ଏହି ବ୍ୟବସ୍ଥା କରାଯିବାକୁ ବହୁବାର ଦାବି ହୋଇଆସୁଥିବା କ୍ରୁଟ୍ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଇ ଖୁବଶୀଘ୍ର ରାଜଧାନୀର ସମସ୍ତ ଆମ ବସ୍‌ଷ୍ଟପରେ ବିପ୍ ସାଉଣ୍ଡ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। କିନ୍ତୁ ଏହାରି ମଧ୍ୟ ୨ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ।

GOVERNMENT OF ODISHA O-1174
OFFICE OF THE SUPERINTENDING ENGINEER
RURAL WORKS DIVISION-II, MALKANGIRI
Letter No. 3917/RWD-II/Dated- 24.10.2025
1st CORRIGENDUM
TO E-TENDER CALL NOTICE
BID-IDENTIFICATION NO.09/2025-26/LTR NO.3577/Dt. 24.09.2025

The Tender for the works invited under Bid Identification 09/2025-26 is here by modified and read as below:-

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability to Tender online for bidding | Dt. 17.10.2025 at 11.00 A.M. to Dt.31.10.2025 Up to 5.30 P.M. | Dt.05.11.2025 at 11.00 to Dt 15.11.2025 Up to 5.30 P.M. |
| 2. | Date & time of seeking tender clarification if any | Dt.30.10.2025 Up to 3.00 P.M. | Dt.14.11.2025 Up to 3.00 P.M |
| 3. | Date & time of Opening of tender (Price Bid) | Dt.01.11.2025 Up to 11.00 A.M. | Dt.17.11.2025 Up to 11.00 A.M |

1. All other terms and conditions of the bids will remain unchanged.

Superintending Engineer
Rural Works Division-II,
Malakngiri

OIPR-25079/11/0036/2526



# ‘ଆମ ବସ୍’ ରୁଟ୍‌ରେ ଷ୍ଟପେଜ୍ ନାହିଁ

ଭୁବନେଶ୍ୱର, ୨୫ ।୧୦(ସମିସ): ଲୋକଙ୍କୁ ସୁଲଭର ମୂଲ୍ୟରେ ଯାତାୟତ ସେବା ଯୋଗାଇ ଆସୁଥିବା ଆମ ବସ୍ ଯେତିକି ଲୋକଙ୍କ ପାଖରେ ପହଞ୍ଚିବା କଥା ତାହା ହୋଇପାରି ନାହିଁ। ଫଳରେ ବସ୍ ସେବାରୁ ବଞ୍ଚିତ ହେଉଥିବା ଅନେକ ଯାତ୍ରୀ ଅଟୋରେ ଯିବା ଆସିବା କରିବା ଦ୍ୱାରା ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଆମ୍ ବସ୍ ଚାଲୁଥିବା ବିଭିନ୍ନ ରୁଟ୍‌ରେ କେତେକ ଛକରେ ନୂତନ ବସ୍ ଷ୍ଟପେଜ୍ କରିବାକୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି।

ରାଜଧାନୀରେ ୨୦୧୮ ମସିହାରେ ପୂର୍ବ ସରକାରଙ୍କ ସମୟରେ ଲୋକମାନଙ୍କ ଯିବା ଆସିବାର ସୁବିଧା ପାଇଁ ମୋ ବସ୍ ବର୍ତ୍ତମାନ ନାମରେ ଆମ ବସ୍ ସେବା ଆରମ୍ଭ ହୋଇଥିଲା। ଏଥିରେ ସମୁଦାୟ ୫୬୭ଟି ଆମ୍ ବସ୍ ପ୍ରତିଦିନ ହଜାର ହଜାର ଲୋକଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ନେବା ଆଣିବା କରୁଛି। ଏଥିରେ ୧୭୫ ଟି ବିନା ଏସି ବସ୍ ରହିଥିବା ବେଳେ ୩୯୨ ଟି ଏସ୍ ବସ୍ ରହିଅଛି। ଆମ ବସ୍‌ର ସମୁଦାୟ ୮୭ ଟି ରୁଟ୍ ରହିଅଛି। କିନ୍ତୁ ଏହି ରୁଟ୍ ମଧ୍ୟରୁ ଗୋଟିଏ ଗୋଟିଏ ରୁଟ୍‌ରେ ୩୦ ରୁ ଅଧିକ ଷ୍ଟପେଜ୍ ରହିଥିବା ବେଳେ ଆଉ କେଉଁ ରୁଟ୍‌ରେ କିଛି ବି ଷ୍ଟପେଜ୍ ନାହିଁ। ବିଶେଷ କରି ଲିଙ୍ଗାରଜ ମନ୍ଦିରଠାରୁ ସାମନ୍ତାରାୟପୁର ଭିତରେ ଯେ କୌଣସି ସ୍ଥାନରେ ଏକ ନୂତନ ଷ୍ଟପେଜ୍, ସାଇ ମନ୍ଦିରଠାରୁ ଯଦୁପୁର ପର୍ଯ୍ୟନ୍ତ କିଛି ନୂତନ ଷ୍ଟପେଜ୍, ୨୦ ୨୧ ନମ୍ବର ଖୋର୍ଦ୍ଧା ରୁଟ୍‌ରେ କିଛି ନୂତନ ଷ୍ଟପେଜ୍, ରୁଟ୍ ନମ୍ବର ୪୯ଷ୍ଟେସନ୍



ଠାରୁ ଡ଼େଲାଙ୍ଗ ହାଟ ପର୍ଯ୍ୟନ୍ତ କିଛି ନୂତନ ଷ୍ଟପେଜ୍, ରୁଟ୍ ନମ୍ବର ୩୧ ରେ କିଛି ନୂତନ ଷ୍ଟପେଜ୍, ରୁଟ୍ ନମ୍ବର ୬୨ କ୍ୟାଣ୍ଟିନ୍ ଠାରୁ ଗୋପବନ୍ଧୁଙ୍କ ଜନ୍ମପୀଠ ଯିବା ରାସ୍ତାରେ ବରାଳ ପ୍ରଧାନ ସାହି ନିକଟରେ ନୂତନ ଷ୍ଟପେଜ୍ ପରି ଆହୁରି କିଛି ସ୍ଥାନରେ ନୂତନ ଷ୍ଟପେଜ୍ କରିବାକୁ ଅଭିଯୋଗ ହୋଇଛି। ଯଦି ଦେଖିବା ତେବେ ଏହି ବସ୍ ସେବା ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୫୦ରୁ ଅଧିକ ନୂତନ ଷ୍ଟପେଜ୍ କରାଯାଇଛି। ହେଲେ ଏବେବି ଅନେକ ସ୍ଥାନରେ ଷ୍ଟପେଜ୍ ନ ଥିବାରୁ ଲୋକମାନେ ଅଧିକ ହଇରାଣ ହେଉଛନ୍ତି। ଯେଉଁଠି ସେମାନେ ଆମ୍ ବସ୍‌ରେ ୫ ଟଙ୍କା ଦବା କଥା ସେଠାରେ ୨୦ ରୁ ୩୦ ଟଙ୍କା ଦେଇ ଅଟୋରେ ଯିବାକୁ ପଡୁଛି ବୋଲି ମାଷ୍ଟର କ୍ୟାଣ୍ଟିନ୍ ଆମ ବସ୍‌ଷ୍ଟପ୍‌ରେ କିଛି ଲୋକ ଅଭିଯୋଗ କରିଛନ୍ତି।

ଯେଉଁ ବି ସ୍ଥାନରୁ ଲୋକଙ୍କର ଅଭିଯୋଗ ଆସୁଛି ଆମେ ସେସବୁକୁ ରେକର୍ଡ଼ କରି ରଖୁଛୁ। ଯଥା ସମ୍ଭବ ଚେଷ୍ଟା କରୁଛୁ କି ସେମାନଙ୍କର ଅସୁବିଧା ଦୂର କରିବା ପାଇଁ। ଯେଉଁ ଲୋକ ନୂତନ ଷ୍ଟପେଜ୍ କରିବାକୁ ଆସୁଛନ୍ତି ସେମାନେ ଆମକୁ ଏକ ଅଭିଯୋଗ ପତ୍ର ଦେଇ ଯାଉଛନ୍ତି। ଆମେ ଲୋକଙ୍କ ଅଭିଯୋଗକୁ ଅପରେସନ୍ ଟିମ୍‌କୁ ଲେଖିକି ଜଣାଇବା ସହିତ ନୂତନ ଷ୍ଟପେଜ୍ କରାଯାଉଛି ବୋଲି ମାଷ୍ଟରକ୍ୟାଣ୍ଟିନ୍ ଆମ ବସ୍‌ଷ୍ଟାଣ୍ଡର ଜଣେ କର୍ମଚାରୀ କହିଛନ୍ତି।

## ରାଜଧାନୀରେ ଏକତ୍ର ବାଲେଶ୍ୱର ମହାସଭା




ଭୁବନେଶ୍ୱର, ୨୫।୧୦(ସମିସ): ଭୁବନେଶ୍ୱର, କଟକ ଓ ପୁରୀରେ ବସବାସ କରୁଥିବା ଲୋକମାନଙ୍କର ସହଭାଗିତାରେ ବୁଦ୍ଧ ମନ୍ଦିର ପରିସରରେ ଏକତ୍ର ବାଲେଶ୍ୱର ମହାସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ତ୍ରିବେଣୀ ଯୋଜନାରେ ବାଲେଶ୍ୱରର ନଦୀଗୁଡିକୁ ସଂଯୋଗ କରାଯିବା ସହ ଆଗାମୀ ଦିନରେ ଜିଲ୍ଲାର ସର୍ବାଙ୍ଗୀଣ ଉନ୍ନତି ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସେହିପରି ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ରାଜ୍ୟ ମହିଳା କମିସନ ଅଧକ୍ଷା ଶୋଭନା ମହାନ୍ତି, ସମ୍ମାନିତ ଅତିଥି ଭାବେ ଡ. ଅଦ୍ୱୈତ ପାତ୍ର, ଓଡିଶୀ ନୃତ୍ୟଙ୍ଗନା ସୁଜାତା ମହାପାତ୍ର, ଫକୀର ମୋହନ ସେନାପତିଙ୍କ ଅଣ ନାତୁଣୀ ମୋନିକା ଦାସ, ପୂର୍ବତନ ପ୍ରଶାସକ ନିରଞ୍ଜନ ସାହୁ, ସ୍ତମ୍ଭକାର ସୁଦର୍ଶନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏକତ୍ର ବାଲେଶ୍ୱର ସଭାପତି ନିରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଂସ୍ଥାର ଉପ ସଭାପତି କେଶୁ ଦାସ ଅତିଥି ପରିଚୟ ପ୍ରଦାନ କରିବା ବେଳେ ରାମଜୀବନ ଗୋଛାୟତ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଉପସଭାପତି ଜୟନ୍ତ ଦାସ ଧନ୍ୟବାଦ ଦେଇଥିଲେ।

● ସୋଆ ବିଶ୍ୱବିଦ୍ୟାଳୟରେ ‘ସୋଆ ବକ୍ତୃତାମାଳା’

## ଆଇନ୍ ଓ ସାହିତ୍ୟ ମଧ୍ୟରେ ରହିଛି ଏକ ଅତୁଟ ସମ୍ପର୍କ

ଭୁବନେଶ୍ୱର, ୨୫।୧୦(ସମିସ):ଆଇନ୍ ଏବଂ ସାହିତ୍ୟ ଦୁଇଟିର ଅଲଗା ଅଲଗା ବୈଶିଷ୍ଟ୍ୟ ରହିଛି ଏବଂ ଏହାର ଦିଗ ମଧ ଭିନ୍ନ। କିନ୍ତୁ ଏ ଦୁଇଟି ବୈଶିଷ୍ଟ୍ୟ ମଧ୍ୟରେ ଏକ ଅତୁଟ ସମ୍ପର୍କ ରହିଛି ବୋଲି କହିଛନ୍ତି ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ ଶିବୋ ଶଙ୍କର ମିଶ୍ର। ଶନିବାର ସୋଆ ବିଶ୍ୱବିଦ୍ୟାଳୟରେ ସୋଆ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀ ଓ ଫ୍ୟାକଲ୍ଟିଙ୍କୁ ସମ୍ବୋଧିତ କରି ନ୍ୟାୟମୂର୍ତ୍ତୀ ଶ୍ରୀ ମିଶ୍ର କହିଛନ୍ତି, ଆଇନ୍ ହେଉଛି ଏଭଳି ଏକ ଅନୁଶାସନ ଯାହାକି ମଣିଷର ଆଚରଣ ଓ ବ୍ୟବହାରକୁ ନିୟନ୍ତ୍ରଣ କରିଥାଏ। ଅନ୍ୟ ଦିଗରେ ସାହିତ୍ୟ ମଣିଷର ବ୍ୟବହାରର ପ୍ରତିଫଳନ। ଲେଖା, ଗଳ୍ପ କଥନ, ଚିତ୍ରକଳା ଏବଂ ନାଟକ ମାଧ୍ୟମରେ ସାହିତ୍ୟର ପ୍ରତିଫଳନ ହୋଇଥାଏ। ସେହିପରି ସାହିତ୍ୟ ଭିତରେ ମଧ୍ୟ ଆଇନ୍‌ର ସନ୍ଧାନ ମିଳିଥାଏ ବୋଲି କହିବା ସହ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଉତ୍କୃଷ୍ଟ ରଚନା ଛ’ ମାଣ ଆଠଗୁଣ୍ଠ ସହ ବହୁ ବିଶିଷ୍ଟ ଲେଖକ ଓ ଔପନାସିକଙ୍କ ଲେଖାରୁ ଉଦ୍ଧୃତ କେତେକ ଫଙ୍କ୍ତିକୁ ଉଦାହରଣ ଦେଇଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧକ୍ଷତା କରିଥିବା ବେଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ର ସିନିୟର ପ୍ରଫେସର ପ୍ରବୀର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ



ଭୁବନେଶ୍ୱର, ୨୫ ।୧୦(ସମିସ): ଓଡ଼ିଶାର ଅଗ୍ରଣୀ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ଅନୁଷ୍ଠାନ ଉତ୍କଳିକା ପକ୍ଷରୁ ଶନିବାର ଓ ରବିବାର ଦୁଇ ଦିନବ୍ୟାପୀ ଭଞ୍ଜକଳା ମଣ୍ଡପଠାରେ ‘ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ-୨୦୨୫’ ପାଳିତ ହୋଇଯାଇଛି। ଏହି ଅବସରରେ ଉଦ୍‌ଘାଟନୀ ଦିବସରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ନୃତ୍ୟ ଏବଂ ସଙ୍ଗୀତ ଶିଳ୍ପୀମାନେ ଅଂଶ ଗ୍ରହଣ କରି ନିଜର ପ୍ରତିଭାକୁ ପ୍ରଦର୍ଶନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶୀ ବୀଣା ବାଦକ ରାମା ରାଓ ପାତ୍ର, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଓଡିଶୀ ନୃତ୍ୟ ଶିଳ୍ପୀ ପିଭି ଏସ ରାମା ରାଓ, ସ୍ନେହାପ୍ରଭା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଖ୍ୟାତ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ପଣ୍ଡିତ ରାମହରି ଦାସ ‘ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ୨୦୨୫’ ରେ ସମ୍ମାନିତ ହୋଇଥିଲେ। ପରେ ପରେ ପଣ୍ଡିତ ରାମାରାଓ ପାତ୍ର ଓଡ଼ିଶୀ ବୀଣା ବାଦନ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ମୂରଲୀଧର ସ୍ୱାଇଁ ମର୍ଦ୍ଦଳରେ ପ୍ରହଲ୍ଲାଦ ନାଟକର ବିଭିନ୍ନ ଅରସା ଓ ଉକୁଟବାଣୀକୁ ପରିବେଷଣ କରିଥିଲେ। ଯୁବଶିଳ୍ପୀ ଇଂ ନୁରରାଜାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ ଆଦିଦେବ ଓ ପଲ୍ଲବୀ ନୃତ୍ୟ ପରିବେଷଣ କରିଥିଲେ। ପରିଶେଷରେ ଉତ୍କଳିକା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃନ୍ଦ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ ଶେଖର ସୁମନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ



ଭୁବନେଶ୍ୱର, ୨୫।୧୦(ସମିସ): ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ସଂଗଠନ ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ‘ଶ୍ରୀଜଗନ୍ନାଥ ଉପାସନାରେ ଦାରୁ ଦେବତା ଓ ଶାବର ସଂସ୍କୃତି’ ଶୀର୍ଷକ ଦ୍ୱିତୀୟ ଜାତୀୟ ଆଲୋଚନାଚକ୍ରର ଉଦଘାଟନୀ ସମାରୋହ ବୁଦ୍ଧ ମନ୍ଦିରଠାରେ ଉଦ୍‌ଘାଟିତ ହୋଇଥିଲା। ଏହି ଆଲୋଚନାଚକ୍ରର ଉଦ୍‌ଘାଟକ ଭାବେ ଶିକ୍ଷାବିତ୍ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗ ଦେଇଥିଲେ। ଟ୍ରଷ୍ଟର ସଭାପତି ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସାଧାରଣ ସମ୍ପାଦକ ନନ୍ଦକିଶୋର ଜେନା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଜାତୀୟ ଆଲୋଚନାଚକ୍ରର ଆବାହକ ତଥା ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ଡ. ଭାସ୍କର ମିଶ୍ର ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଟ୍ରଷ୍ଟି ଆଡ୍‌ଭୋକେଟ୍ ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ବାଲିଅନ୍ତା ମଣ୍ଡଳସ୍ତରୀୟ ସୁରଭି ଉଦ୍‌ଯାପିତ



ବାଲିଅନ୍ତା, ୨୫ ।୧୦(ସମିସ): ବାଲିଅନ୍ତା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ମଣ୍ଡଳସ୍ତରୀୟ ସୁରଭି - ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣ ଅଧିବେଶନରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ଉପାଧକ୍ଷା ଇତିଶ୍ରୀ ଜେନା, ଜିଲ୍ଲା ପରିଷଦ ସଭ୍ୟ କୁନମୁନ ଲେଙ୍କା, ସହ ଶିକ୍ଷା ଗୋଷ୍ଠୀ ଅଧିକାରୀ ରମମଣୀ ଦେଇ, ସ୍ଥାନୀୟ ସରପଞ୍ଚ ରୀନା ବେହେରା, ସମିତି ସଭ୍ୟ ଗଙ୍ଗାଧର ମାହାରି, ପରିଚାଳନା ସମିତି ସଭାପତି ବିଜୟ କୁମାର ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ଣ ଅଧିବେଶନରେ ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ମିଶ୍ର, ଅତିରିକ୍ତ ବିଡ଼ିଓ ଅପରାଜିତା ସ୍ୱାଇଁ, ମୋ ସ୍କୁଲ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ ଏବଂ ମୋ ସ୍କୁଲ ସଭାପତି ପ୍ରଶାନ୍ତ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୀମାଞ୍ଚଳ ନାୟକ, ବିଷ୍ଣୁ ଚରଣ ବେହେରା ଓ ଭାଗିରଥି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ଯୋଗେନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ଆମ ଓଡ଼ିଶା ନୃତ୍ୟ ନାଟିକା ଚଢେଇବର ବିଦ୍ୟାଳୟ ପିଲାମାନେ ପରିବେଷଣ କରିଥିଲେ।

● ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ‘ସାହିତ୍ୟ ମାସିକୀ’

## ‘ପରିବେଶ ମୋତେ କଥାକାର ହେବାକୁ ପ୍ରେରଣା ଦେଇଛି’

ଭୁବନେଶ୍ୱର, ୨୫ ।୧୦(ସମିସ): ଥରେ ଲେଖାରୁ ଦୂରେଇ ଗଲେ ଆଉ ଫେରିବାର କଷ୍ଟକୁ ସାମ୍ନା କରିଛି ବୋଲି ବିଶିଷ୍ଟ କଥାକାର ସତ୍ୟ ମିଶ୍ର ମତ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ‘ସାହିତ୍ୟ ମାସିକୀ’ ରେ ଯୋଗ ଦେଇ ଶ୍ରୀ ମିଶ୍ର ପରିବେଶ ତାଙ୍କୁ ଲେଖିବାକୁ ପ୍ରେରିତ କରିବା ସହ ନିଜ କୃତିଗୁଡିକର ପୃଷ୍ଠଭୂମି ବର୍ଣ୍ଣନା କରିବା ସହିତ ସେ ତାଙ୍କ ଅଧ୍ୟାପନା ଜୀବନ, ବ୍ୟାଙ୍କ ଚାକିରୀ ଓ ଗଳ୍ପ ରଚନାରୁ ଚାରି ଦଶନ୍ଧିର ନିର୍ବାସନ ଉପରେ ଅବତାରଣା କରିଥିଲେ। ଶ୍ରୀ ମିଶ୍ର ନିଜ ସୃଜନ ଯାତ୍ରା ବାବଦରେ ଉଲ୍ଲେଖ କରିବା ସହିତ ସାମ୍ପ୍ରତିକ ପରିବର୍ତ୍ତିତ ସାହିତ୍ୟକ ବାତାବରଣ ଉପରେ ମତ ରଖିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ପରିଡ଼ା ଦିବଂଗତ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ନିରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ନିବେଦନ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ପରିଚାଳନାରେ ଆୟୋଜିତ ସଭାରେ ‘ଏ ମାସର କବି’ ଭାବରେ ଉପସ୍ଥିତ ରହି ଅଧ୍ୟାପିକା ଡ଼. ସାୟନ୍ତନୀ ବେହୁରା ନିଜର ଲେଖା ପାଠ କରିଥିଲେ।




ଉପସଭାପତି ମିନତି ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ତୃପ୍ତିମୟୀ ରାଉଳ, ଦେବରାଜ ବିଷୋୟୀ, ରବି ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅନ୍ୟତମ ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଲିଙ୍ଗଭିତ୍ତିକ ହିଂସା ମୁକାବିଲା ଓ ଆଇନଗତ ପ୍ରତିକାର ସଂକ୍ରାନ୍ତ ଆଲୋଚନାଚକ୍ର



କଟକ, ୨୫।୧୦(ସମିସ): ଓଡ଼ିଶା ଫେଡେରେସନ ଅଫ ଓମେନ ଲୟର୍ସ (ଓଏଫଡବ୍ଲୁଏଲ) ଆନୁକୂଲ୍ୟରେ ଲିଙ୍ଗଭିତ୍ତିକ ହିଂସାର ମୁକାବିଲା, ସୁରକ୍ଷା ଓ ସହାୟତା ସେବା ଏବଂ ଆଇନଗତ ପ୍ରତିକାର ଶୀର୍ଷକ ଏକ ଆଲୋଚନାଚକ୍ର ଆଜି ହାଇକୋର୍ଟ ବାର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଶିବଶଙ୍କର ମିଶ୍ର ଲିଙ୍ଗ ଆଧାରରେ ହେଉଥିବା ହିଂସାର ସଫଳ ମୁକାବିଲା ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରିକି କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନଉତ୍ପୀଡନ ପ୍ରତିରୋଧ ଆଇନର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବରିଷ୍ଠଆଇନଜୀବୀମିଳନକାନୁନଗୋଉଦବୋଧନଦେଇଲିଙ୍ଗଭିତ୍ତିକହିଂସାମୁକାବିଲାପାଇଁ ସଚେତନତା ସୃଷ୍ଟି ହେବା ଉଚିତ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ହାଇକୋର୍ଟ ବାର ଆସୋସିଏସନ ଉପସଭାପତି ସିଦ୍ଧାର୍ଥ ଦାସ ଓ ସମ୍ପାଦକ ଅଭିଜିତ ପଟ୍ଟନାୟକ ପ୍ରମୁଖ ଉଦବୋଧନ ଦେଇ ଲିଙ୍ଗଭିତ୍ତିକ ହିଂସାର ଆଇନଗତ ପ୍ରତିକାର ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ଓଏଫଡବ୍ଲୁଏଲର ସଭାପତି ସି.କସ୍ତୁରୀ ଓ ସମ୍ପାଦିକା ଚିତ୍ରା ପାଢ଼ୀ ଯୋଗଦେଇ ଆଲୋଚନାର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ।

## ଦିବ୍ୟାଙ୍ଗ କ୍ରିକେଟ୍ ଟିମ୍‌କୁ ସହଯୋଗର ହାତ ବଢ଼ାଇଲା ହାଇଟେକ୍




ଭୁବନେଶ୍ୱର, ୨୫ ।୧୦(ସମିସ): ଆସନ୍ତା ନଭେମ୍ବର ୩ ତାରିଖରେ ନୂଆଦିଲ୍ଲୀ ଠାରେ ହେବାକୁ ଥିବା ଆଇଡିସିଏ ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍ ପାଇଁ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ୍ ଦଳର ଖେଳାଳୀମାନେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଖେଳପଡ଼ିଆ ଠାରେ ପ୍ରଶିକ୍ଷଣ ନେଉଛନ୍ତି। ଦୀର୍ଘ ୮ ଦିନ ଧରି ହେବାକୁ ଥିବା ଏହି ଖେଳ ପ୍ରଶିକ୍ଷଣ ଶିବିରକୁ ମୁଖ୍ୟ ଅତିଥି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ ଉଦ୍‌ଘାଟନ କରିଥିବା ବେଳ ଆଗାମୀ ଟି-୨୦ କ୍ରିକେଟ ମ୍ୟାଚ୍ ପାଇଁ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ଏମାନେ ଅକ୍ଷମ ନୁହଁନ୍ତି ସମାଜର ସବୁଠାରୁ ସର୍ବୋତ୍ତମ ସକ୍ଷମ ହୋଇ ଦେଶ, ଜାତି ଓ ରାଷ୍ଟ୍ରକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଛନ୍ତି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡ. ରବୀନ୍ଦ୍ରନାଥ ବେହେରା, ଡିନ୍ ଓ ନିର୍ଦ୍ଦେଶକ ଏକାଡେମୀ ପ୍ରଫେସର ଡ. ରାଧାମାଧବ ତ୍ରିପାଠୀ, ଫିଜିଓଥେରାପି କଲେଜ ପ୍ରିନ୍ସିପାଲ୍ ପ୍ରଫେସର ଡ. ଦୀପକ ସାମନ୍ତରାୟ, ଫାର୍ମାସୀ କଲେଜ ପ୍ରିନ୍ସିପାଲ ପ୍ରଫେସର ଡ. ପ୍ରସନ୍ନ କୁମାର କର, +୨ ବିଜ୍ଞାନ ମହାବିଦ୍ୟାଳୟ ପ୍ରିନ୍ସିପାଲ୍ ପ୍ରଫେସର ଡ. ଚିତ୍ତରଞ୍ଜନ ସାହୁ, ହାଇଟେକ୍ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ରୀତା ତ୍ରିପାଠୀ, ଖେଳ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଲଳିତ କୁମାର ମହାନ୍ତି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦୀର୍ଘ ୮ବର୍ଷ ଧରି ହାଇଟେକ୍ ତରଫରୁ ଖେଳାଳିଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଆସୁଥିବାରୁ ଓଡ଼ିଶା ଡେଫ୍ କ୍ରିକେଟ୍ ଆସୋସିଏସନ୍‌ର ଭାଇସ୍ ଚେୟାରମେନ୍ କମାଣ୍ଡର ଡି.କେ ମିଶ୍ର, ସିଇଓ ଡ. ଶର୍ମିଳା ଶୁଦ୍ରମନ୍ୟମ୍ ପ୍ରତିଷ୍ଠାତା ଅଧକ୍ଷ ପାଣିଗ୍ରାହୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଉଦ୍‌ଘାଟନ ଉତ୍ସବକୁ ହାଇଟେକ୍ ଗ୍ରୁପ୍‌ର କ୍ରୀଡା ଅଧିକାରୀ ସୁରେଶ କୁମାର ନାୟକ, କ୍ରୀଡ଼ା ପ୍ରଶିକ୍ଷକ ମେଘବର୍ଣ୍ଣ ସ୍ୱାଇଁ, ପ୍ରଦୀପ ମିଶ୍ର ପରିଚାଳନା କରିଥିବାବେଳେ ଓଡିଆ ଅଧ୍ୟାପକ ତଥା ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଓଇଏସ୍ ପ୍ରତିଷ୍ଠା ଦିବସରେ ପରିବେଶ ପୁରସ୍କାର ପ୍ରଦାନ

## ଜୈବବିବିଧତା ହ୍ରାସ ଭବିଷ୍ୟତ ପାଇଁ ଘାତକ

ଭୁବନେଶ୍ୱର, ୨୫ ।୧୦(ସମିସ): ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ, ବହୁବିଧ ପ୍ରଦୂଷଣ ଓ ବର୍ଜ୍ୟବସ୍ତୁ ନିର୍ଗମନ ଏବଂ ମାନବୀୟ ହସ୍ତକ୍ଷେପରେ ପ୍ରାକୃତିକ ପରିସଂସ୍ଥାର ଅବକ୍ଷୟ ଓ ଜୈବବିବିଧତାର ହ୍ରାସ ଓ ଏବେ ଠାରୁ ପରିବେଶର ଗୁଣାବକ ମାନକୁ ସୁରକ୍ଷିତ ନ ରଖିଲେ ଆଗାମୀ ଦିନରେ କେବଳ ମାନବଜାତି ନୁହେଁ, ସମଗ୍ର ଜୀବଜଗତ ନିମନ୍ତେ ଘାତକ ସାବ୍ୟସ୍ତ ହେବ। ଓଡ଼ିଶା ପରିବେଶ ସମିତି (ଓଇଏସ୍)ର ୪୪ତମ ପ୍ରତିଷ୍ଠା ଦିବସ ଏବଂ ପୁରସ୍କାର ପ୍ରଦାନ ଉତ୍ସବ ପାଳନ ଅବସରରେ ଯୋଗଦାନ କରିଥିବା ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସମିତିର ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ିଶାର ପୂର୍ବତନ ପୁଲିସ୍ ଡିଜି ତଥା ଓପିଏସ୍‌ସିର ଅଧକ୍ଷ ଡ. ସତ୍ୟଜିତ ମହାନ୍ତି ଏବଂ ମୁଖ୍ୟବକ୍ତା ରୂପେ ୟୁଏନ୍‌ଡ଼ିପି ଓଡ଼ିଶା କାର୍ଯ୍ୟାଳୟ ମୁଖ୍ୟ ଆଭା ମିଶ୍ର ଯୋଗଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓୟୁଟିଆର୍‌ର ପୂର୍ବତନ ଅଧକ୍ଷ ପ୍ରଫେସର ବି ସୀତାରାମ ପାତ୍ରଙ୍କୁ ତାଙ୍କର ସାମଗ୍ରିକ ଅବଦାନ ନିମନ୍ତେ ‘ଆଜୀବନ କୃତି ପୁରସ୍କାର’, ପ୍ରମେୟ ଖବରକାଗଜର ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର ‘ପରିବେଶ ସମ୍ବାଦରେ ଉତ୍କର୍ଷ ପୁରସ୍କାର’ ଏବଂ ଭାରତ ସରକାରଙ୍କର ପାଣିପାଗ ବିଭାଗ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ ‘ପରିବେଶ ଉତ୍କର୍ଷ ପୁରସ୍କାର’ରେ ଭୂଷିତ ହୋଇଥିଲେ। ଏହିପରି ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରର ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ସାହୁଙ୍କୁ ‘ଜନପ୍ରିୟ ପରିବେଶ ଏବଂ ବିଜ୍ଞାନ ପୁରସ୍କାର’ ଏବଂ ଜଗତସିଂହପୁରସ୍ଥ ଇନସାଫ୍

**ପରିବେଶ ସମ୍ପ୍ରତି ଏକ ଗମ୍ଭୀର ବୈଶ୍ୱିକ ପ୍ରସଙ୍ଗ**

ଅନୁଷ୍ଠାନର ପରାମର୍ଶଦାତା ଉତ୍କଳ ରଞ୍ଜନ ମହାନ୍ତିଙ୍କୁ ‘ପ୍ରକୃତି ସଂରକ୍ଷଣ ପୁରସ୍କାର’ ପ୍ରଦାନ କରାଯାଇଥିଲା। ପ୍ରମେୟର ବାର୍ତ୍ତା ସମ୍ପାଦକ ଧିରେନ୍ଦ୍ର ନାରାୟଣ ମିଶ୍ରଙ୍କୁ ଅଭିନନ୍ଦନ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱର ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟକୁ ପରିବେଶ ସୁରକ୍ଷା ସହାୟତା ନିମନ୍ତେ ‘କୃତଜ୍ଞତା ପ୍ରକାଶ’ ପ୍ରଦାନ କରାଯାଇଥିଲା। ଏଥିସହ ଡ. ଆର୍ ଭୀମା ରାଓ ଏବଂ ପ୍ର. ଶଶିକଳା ବେଉରାଙ୍କୁ ‘ଓଇଏସ୍ ଫେଲୋ’ ଉପାଧି, ଇଂ ମନୋରଞ୍ଜନ ମିଶ୍ର, ଡ. ଆର୍ ଭୀମା ରାଓ, ପର୍ଶୁରାମ ପଣ୍ଡା, ଶ୍ୟାମ ସୁନ୍ଦର ସାହୁ ଏବଂ ଡ. ସୁଧାଂଶୁ ଶେଖର ବିଶ୍ୱାଳଙ୍କୁ ‘ଓଇଏସ୍ ପୃଷ୍ଠପୋଷକ’ର ମାନ୍ୟତା ପ୍ରଦାନ କରାଯାଇଛି। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ସାମ୍ପ୍ରତିକ ପରିସ୍ଥିତିରେ ଅଧିକ ସକ୍ରିୟ ଭୂମିକା ନିର୍ବାହ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ପୂର୍ବତନ ପିସିସିଏଫ୍ ଡ଼. ବିଜୟ କେତନ ପଟ୍ଟନାୟକ



ପୂର୍ବତନ ବାଚସ୍ପତି ପ୍ରସନ୍ନ କୁମାର ଦାଶଙ୍କର ଓଇଏସ୍ ପ୍ରତି ତଥା ପରିବେଶ କ୍ଷେତ୍ରକୁ ଥିବା ଅବଦାନ ବିଷୟରେ ବର୍ଣ୍ଣନା କରିଥିଲେ। ଉପ ସଭାପତି ଡ଼. ଲାଲ ଏକେ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦୁପାଟଣା ଛକ-ରାଇସୁଙ୍ଗୁଡ଼ା ରାସ୍ତା କାର୍ଯ୍ୟ ସରିବ କେବେ

# ବିଭାଗୀୟ ଅବହେଳାରୁ ମନ୍ଥର ଗତିରେ ଚାଲିଛି କାର୍ଯ୍ୟ



**ନିଶ୍ଚିନ୍ତକୋଇଲି,୨୫।୧୦(ସମିସ):** ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିବା କେନ୍ଦୁପାଟଣା ଛକଠାରୁ ରାଇସୁଙ୍ଗୁଡା ଭାୟା କାଜିହାଟ ଏମ୍ଆରଏଲ୍ ୧ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ଶେଷ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଗତ ୫ ବର୍ଷ ହେବ ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ ଅଦ୍ୟାବଧି ଶେଷ ହୋଇପାରୁନାହିଁ। ଠିକାଦାର ମନ୍ଥର ଗତିରେ କାର୍ଯ୍ୟ କରିବା ଓ ବିଭାଗୀୟ ଯନ୍ତ୍ରୀ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଏହି ରାସ୍ତା କାର୍ଯ୍ୟ ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଟେଣ୍ଡର ଏଗ୍ରିମେଣ୍ଟ ଅନୁଯାୟୀ ରାସ୍ତା କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଦୁଇ ଦୁଇ ଥର ସମୟ ଅବଧି ଠିକାଦାରଙ୍କୁ ଦିଆଯାଇ ଏହା ଶେଷ ହୋଇଥିବା ବେଳେ କାର୍ଯ୍ୟକ୍ରମ ଅଦ୍ୟାବଧି ସରୁ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ହୋଇଥିବା ଉକ୍ତ ରାସ୍ତାକୁ ଅଧିକ ଓସାରିଆ କରି ଉନ୍ନତିକରଣ କରିବା ନିମନ୍ତେ ୬.୭୨୫ କିମି ଦୈର୍ଘ୍ୟ ବିଶିଷ୍ଟ ରାସ୍ତା ପାଇଁ ୪ କୋଟି ୬୨ ଲକ୍ଷ ୭୬ ହଜାର ଅନୁଦାନ ଅଟକଳ କରାଯାଇଥିଲା। ଗତ ୧୮.୧୧.୨୦୨୨ରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇ ତା.୧୭.୦୮.୨୦୨୩ ରିଖରେ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ମଧ୍ୟ ରହିଥିଲା। ଇତିମଧ୍ୟରେ ତିନି ବର୍ଷ ବିତିଯାଇଥିଲା ବେଳେ ଅଦ୍ୟାବଧି ଏହି ରାସ୍ତାର ୫୦ ଭାଗ କାର୍ଯ୍ୟ ଶେଷ ହୋଇଥିବା ଦେଖାଯାଇଛି। ରାସ୍ତା କାର୍ଯ୍ୟ ଶେଷ ହେବା ପରେ ତା.୧୭.୦୮.୨୦୨୮ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ଅବଧି ରହିଥିବା ବେଳେ ସେଥିପାଇଁ ୩୩ ଲକ୍ଷ ୬୨ ହଜାର ଟଙ୍କା ମଧ ବ୍ୟୟ ଅଟକଳ କରାଯାଇଛି। ଏବେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା ବେଳେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ପାଇଁ ମଧ କାର୍ଯ୍ୟ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତାର ଦୁଇ ପାର୍ଶ୍ୱରେ ହୋଇଥିବା ଅନାବନା ଗଛଲତା ଓ ଘାସ ଗୁଡିକ ଏବେ ସଫେଇ କରାଯାଉଥିବା ଦେଖାଯାଇଛି। ରାସ୍ତା ନିର୍ମାଣ କାର୍ଯ୍ୟରେ ଅଧିକାଂଶ ସ୍ଥାନରେ ଢଳେଇ ଅଂଶଗୁଡିକୁ ଉନ୍ନତିକରଣ କରାଯାଇଥିବା ବେଳେ ବହୁ ସ୍ଥାନରେ ପିଚୁ ରାସ୍ତାଗୁଡିକୁ କରାଯାଇ ନାହିଁ। ଜିଗ୍ନିପୁର ପାଖରୁ ଝାରପଡା ପୋଲ ପର୍ଯ୍ୟନ୍ତ ପିଚୁ ରାସ୍ତା କାର୍ଯ୍ୟ ପଡି ରହିଥିଲା ବେଳେ କାଜିହାଟ ପୋଲ ପାଖରୁ ରାଇସୁଙ୍ଗୁଡା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଶେଷ ହୋଇନାହିଁ। କାଜିହାଟଠାରୁ ରାଇସୁଙ୍ଗୁଡା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିଲା ବେଳେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଯାନବାହାନ ଓ ଲୋକମାନେ ଯାତାୟାତ ପାଇଁ ହଇରାଣ ହରକତ ହେଉଛନ୍ତି। ଏପରିକି ସ୍କୁଲ, କଲେଜ, ଛାତ୍ରଛାତ୍ରୀମାନେ ସାଇକଲ ଓ ବାଇକରେ ଯାତାୟାତ ସମୟରେ ଖାଲଖମାରେ ପଡି ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖିବାକୁ ମିଳିଛି। ଠିକାଦାର ମନମୁଖୀ ଭାବେ ଅତ୍ୟନ୍ତ ମନ୍ଥର ଗତିରେ ରାସ୍ତା ଉନ୍ନତିକରଣ କାର୍ଯ୍ୟ କରୁଥିବା ଯୋଗୁ ଅବଧି ଶେଷ ହୋଇଥିବା ବେଳେ ରାସ୍ତ ନିର୍ମାଣ କାର୍ଯ୍ୟ ଶେଷ କ'ଣ ପାଇଁ କରିନାହାଁନ୍ତି ସେ ନେଇ ବିଭାଗୀୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାଯାଇଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ହୋଇ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଯେଉଁ ସମୟରେ ଠିକାଦାରଙ୍କୁ ଫାଙ୍କା ମିଳୁଛି ସେହି ସମୟରେ ରାସ୍ତାର କିଛି ଅଂଶ କାର୍ଯ୍ୟ କରିଦେଇ ଅଧପନ୍ତରିଆ ଭାବେ ପକାଇ ରଖୁଛି। ଫଳରେ ଲୋକମାନେ ଯାତାୟାତ ପାଇଁ ଅସୁବିଧା ଭୋଗ କରୁଛନ୍ତି।

## ଚୌଦ୍ୱାରରେ ମିଳିତ ଜାତିସଂଘ ଦିବସ

**ଚୌଦ୍ୱାର,୨୫।୧୦(ସମିସ):** ଚୌଦ୍ୱାର ରୋଟାରୀ କ୍ଲବ୍ ଓ ଚୌଦ୍ୱାର କଲେଜ ମିଳିତ ଆନୁକୂଲ୍ୟରେ ୮୦ତମ ମିଳିତ ଜାତିସଂଘ ଦିବସ ଓ 'ବିଶ୍ୱରେ ଶାନ୍ତି ପ୍ରତିଷ୍ଠା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ସଂଜିତ୍ ଜେନାଙ୍କ ପୌରହିତ୍ୟରେ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ସ୍ମିତା ସିହ୍ନା, ଚୌଦ୍ୱାର କଲେଜ ଅଧକ୍ଷା ରଶ୍ମି ରାଉତରାୟ, ଡ. ପ୍ରତୀପ କୁମାର ମିଶ୍ର, ଡ. ସ୍ୱରାଜ ମହାନ୍ତି, ଡ. ସୁରେନ୍ଦ୍ର ମୋହନ ମିଶ୍ର ପ୍ରମୁଖ ଅତିଥିଭାବେ ବିଶ୍ୱକୁ ଯୁଦ୍ଧ ମୁକ୍ତ କରିବା ସହିତ ଶାନ୍ତି ପ୍ରତିଷ୍ଠାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଶରତ ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ କ୍ଲବ୍ ସମ୍ପାଦକ ରବୀନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱ କଲ୍ୟାଣ ଦାସ ଧନ୍ୟବାଦ ଦେଇଥିଲେ। ପଞ୍ଚାନନ ନାୟକ, ପ୍ରତାପ ଶତପଥୀ, ପବିତ୍ର ମୋହନ ସାହୁ, ଶୁଭ୍ରାଂଶୁ ସାହୁ, ଭାରତୀ ମହାନ୍ତି, ଜୟଶ୍ରୀ ଦାସ, ରାଜକିଶୋର ସାମନ୍ତରାୟ, ବିମଳ ବେଉରା ପ୍ରମୁଖଙ୍କ ସମେତ କଲେଜର ଏନ୍‌ଏସି ଓ ଏନ୍‌ଏସ୍‌ଏସ୍‌ର କ୍ୟାଡେଟ, ଛାତ୍ରଛାତ୍ରୀ ଅଧାପକଅଧାପିକା ଓ ରୋଟାରୀ କ୍ଲବ୍‌ର ସଦସ୍ୟବୃନ୍ଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।






କଟକ: ହାଇକୋର୍ଟ ବାର ସମ୍ମିଳନୀ କକ୍ଷଠାରେ ଓଡ଼ିଶା ଫେଡେରେସନ ଅଫ ଓମେନ ଲୟର୍ସ (ଓଏଫଡବ୍ଲୁଏଲ) ଆନୁକୂଲ୍ୟରେ ଲିଙ୍ଗଭିତ୍ତିକ ହିଂସାର ମୁକାବିଲା, ସୁରକ୍ଷା ଓ ସହାୟତା ସେବା ଏବଂ ଆଇନଗତ ପ୍ରତିକାର ଶୀର୍ଷକ ଏକ ଆଲୋଚନାଚକ୍ର

## ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ପକ୍ଷରୁ କର୍ମଶାଳା



**କଟକ,୨୫।୧୦(ସମିସ):** ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ(ବିପିଏସଏସଆଇ) ପକ୍ଷରୁ ରାଜାଆଠଗଡର ବିକେ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡଠାରେ ଏକଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଆୟୋଜିତ ହୋଇଯାଇଛି। ବିକେ ଷ୍ଟିଲର ଡିଜିଏମ ଏଚଆର ମନୋରଞ୍ଜନ ମିଶ୍ର କର୍ମଶାଳାକୁ ଉଦଘାଟନ କରିଥିଲେ। ବିପିଏନଏସଆଇ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଆଇଆଇଟି, ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡକ୍ଟର ରାମକୃଷ୍ଣ ସାବତ ପ୍ରଯୁକ୍ତିବିଦ୍ୟା ଉପରେ ଉପସ୍ଥାପନ କରିବା ସହ ବିକେ ଷ୍ଟିଲର ଇଞ୍ଜିନିୟରଙ୍କୁ ଇଣ୍ଡକସନ ଫର୍ଣ୍ଣେସ୍, ଲାଡଲ୍ ରିଫାଇନିଂ ଫର୍ଣ୍ଣେସ୍, ନିରନ୍ତର କାଷ୍ଟିଂ ଏବଂ ରୋଲିଂ ଉପରେ ଏକ ବିସ୍ତୃତ ପାରସ୍ପରିକ ଆଲୋଚନା କରିଥିଲେ। ବିକେ ଷ୍ଟିଲର ପରିଚାଳକ ସରୋଜ କୁମାର ପଣ୍ଡା କର୍ମଶାଳାର ସଂଯୋଜନା କରିଥିଲେ।

## କ୍ୱାନକିଡୋ ପ୍ରତିଯୋଗିତାରେ ସଫଳତା

**ଆଠଗଡ଼, ୨୫।୧୦(ସମିସ):** ଅକ୍ଟୋବର ୧୮ ଓ ୧୯ ତାରିଖରେ କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ୬ତମ ରାଜ୍ୟସ୍ତରୀୟ କ୍ୱାନକିଡୋ ପ୍ରତିଯୋଗିତାରେ କଟକ ଜିଲ୍ଲା କ୍ୱାନକିଡୋ ଆସୋସିଏସନ, ଆଠଗଡ଼ର କ୍ରୀଡାବିତ ୨୦ କେଜି ଓଜନରେ ସାଇ ଜିଗ୍ନେଶ ନାଥ ରୌପ୍ୟ, ୩୬ କେଜି ଓଜନରେ ସ୍ମରଣିକା ସ୍ୱାଇଁ ରୌପ୍ୟ, ୩୨ କେଜି ଓଜନରେ ଆୟୁଷ ରଞ୍ଜନ ସାହୁ ସ୍ୱର୍ଣ୍ଣ, ୩୪ କେଜି ଓଜନରେ ରାମ ପ୍ରକାଶ ସାହୁ କାଂସ୍ୟ, ୩୦ କେଜି ଓଜନରେ ଆୟୁଷ ମହାପାତ୍ର ସ୍ୱର୍ଣ୍ଣ, ୪୭ କେଜି ଓଜନରେ ବିଶ୍ୱରଞ୍ଜନ ବେଉରା ରୌପ୍ୟ ପଦକ ହାସଲ କରି ଆଠଗଡ଼ ମାଟି ପାଇଁ ଗୌରବ ଆଣିଛନ୍ତି। କଟକ ଜିଲ୍ଲା କ୍ୱାନକିଡୋ ଆସୋସିଏସନ, ଆଠଗଡ଼ର ସମସ୍ତ ସଭ୍ୟ ଶୁଭେଚ୍ଛା ଜଣାଇଛନ୍ତି।

## ରାସ୍ତାକୁ ମାଡ଼ିଗଲାଣି ଅନାବନା ଗଛଲତା



**ନିଶ୍ଚିନ୍ତକୋଇଲି,୨୫।୧୦(ସମିସ):** ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି-କାଜିହାଟ ରାସ୍ତାର ଦୁଇ ପାର୍ଶ୍ୱକୁ ଅନାବନା ଗଛଲତା ମାଡିଯାଇଛି। ଫଳରେ ୧୦ ଫୁଟ ଓସାର ବିଶିଷ୍ଟ ଉକ୍ତ ରାସ୍ତାଟି ଏବେ ୫ ଫୁଟ ଓସାରର ଥିବା ଦେଖାଯାଇଛି। ଉକ୍ତ ରାସ୍ତାର ଦୈର୍ଘ୍ୟ ୬.୫ କିମି ହୋଇଥିବା ବେଳେ ବର୍ଷା ଦିନରେ ଉକ୍ତ ରାସ୍ତାର ଦୁଇ ପାର୍ଶ୍ୱକୁ ସଫେଇ କରାଯାଇ ନ ଥିଲା। ବିଶେଷକରି ନିଶ୍ଚିନ୍ତକୋଇଲି ପଣ୍ଡାସାହି ପୋଲ ନିକଟରୁ ଓଥକା ରାମକୃଷ୍ଣପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ପର୍ଯ୍ୟନ୍ତ କେନାଲ ବନ୍ଧରେ ବହୁମାତ୍ରାରେ ଏହି ଗଛଲତା ଗୁଡିକ ରାସ୍ତାକୁ ମାଡି ବସିଛି। ଯାହାଦ୍ୱାରା ଯାତାୟାତରେ ବାଟୋଇମାନେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଏହି ରାସ୍ତାରେ ଏକା ସଙ୍ଗରେ ଗୋଟିଏ ଚାରିଚକିଆ ଯାନ ଓ ଗୋଟିଏ ବାଇକ ପରସ୍ପରକୁ ଉଭୟ ଦିଗରୁ ଅତିକ୍ରମ କରିପାରୁନାହାଁନ୍ତି। ଏହି ରାସ୍ତାରେ ଚାରିଚକିଆ ଯାନ ଆସୁଥିବା ସମୟରେ ବାଇକ ଆରୋହୀମାନେ ସେମାନଙ୍କ ଗାଡିକୁ ବନ୍ଦ କରି ଠିଆ ହେବା ପରେ ଚାରିଚକିଆ ଯାନଟି ଅତିକ୍ରମ କରୁଥିବାର ଦେଖାଯାଇଛି। ରାସ୍ତାର ଉଭୟ ପାଶ୍ୱର୍ ୨ରୁ ୨.୫ ଫୁଟ୍ ଲେଖାଏଁ ଅନାବନା ଗଛଲତା ମାଡି ଯାଇଥିବାରୁ ଏକା ସଙ୍ଗରେ ଦୁଇଟି ବାଇକ୍ ପରସ୍ପରକୁ ଅତିକ୍ରମ କରିବା ସମୟରେ ବେଳେ ବେଳେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ବର୍ଷ ରାସ୍ତାର ଦୁଇ ପାଶ୍ୱର୍ ସଫେଇ କରାଯିବା ପାଇଁ ସରକାରୀ ନିୟମ ରହିଥିବା ବେଳେ ଉକ୍ତ ରାସ୍ତାର ଦୁଇ ପାଶ୍ୱର୍ ସଫେଇ କରା ନ ଯାଇ ମିଥ୍ୟା ବିଲ୍ କରି ଅର୍ଥ ଆତ୍ମସାତ୍ କରାଯାଇଥିବା ଲୋକମାନେ ଆଲୋଚନା କରୁଛନ୍ତି। ଅପରପକ୍ଷରେ ଏହି ରାସ୍ତାଟି ଦୀର୍ଘ ଦିନ ହେବ ୧୦ଫୁଟ ଓସାର ରହିଥିଲେ ମଧ ଏହାକୁ ଅଧିକ ଓସାରିଆ କରାଯିବା ପାଇଁ ବିଭାଗୀୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ଦୀର୍ଘ ବର୍ଷ ହେବ ଉକ୍ତ ରାସ୍ତାକୁ ଓସାରିଆ କରିବା ପାଇଁ ପାଖରେ ଥିବା କେନାଲ ମଧ୍ୟରେ ଢଳେଇ କାନ୍ଥ ଉଠାଯାଇ ମାଟି ଭର୍ତ୍ତି କରାଯାଇଥିବା ବେଳେ ରାସ୍ତା କାର୍ଯ୍ୟ କରା ନ ଯିବା ପଛରେ କି ରହସ୍ୟ ରହିଛି ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହାଛଡା ଏହି ରାସ୍ତାଟିର ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିଲେ ମଧ ମରାମତି ମଧ ଟିକେ କରା ଯାଉନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀମାନେ ଉକ୍ତ ରାସ୍ତା ସଂକ୍ରାନ୍ତରେ ଭଲ ଭାବେ ଅବଗତ ଥିଲେ ମଧ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ଉକ୍ତ ରାସ୍ତାକୁ ମରାମତି କରିବା ସହିତ ଏହାର ଦୁଇ ପାର୍ଶ୍ୱରେ ମାଡି ଯାଇଥିବା ଅନାବନା ଗଛଲତାକୁ ସଫେଇ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିୟୋଗରେ ଶୋକ

### ସିପିଆଇ-ଏମ୍

**କଟକ,୨୫।୧୦(ସମିସ):** ଓଡିଶାର ବରିଷ୍ଠ ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିୟୋଗରେ ସିପିଆଇ-ଏମ କଟକ ଜିଲ୍ଲା କମିଟି ଗଭୀର ଶୋକ ପ୍ରକାଶ କରିଛି। ଜଣେ ନିସ୍ୱାର୍ଥପର ଶ୍ରମିକ ନେତା ଭାବେ ଶ୍ରମିକ ଶ୍ରେଣୀ ତାଙ୍କୁ ନିଶ୍ଚିନ୍ତ ମନେରଖିବେ ବୋଲି ପ୍ରତି ସିପିଆଇ-ଏମ ଜିଲ୍ଲା କମିଟି ତରଫରୁ ସମ୍ପାଦକ ବଦ୍ରିନାରାୟଣ ଦାଶ, ମନମୋହନ ପତି, ଅଭୟ ସ୍ୱାଇଁ, ପିତାମ୍ବର ଲେଙ୍କା, ବିଷ୍ଣୁ ବେହେରା ପ୍ରମୁଖ ଶୋକ ବାର୍ତ୍ତା ଦେଇଛନ୍ତି।

### ଜିଲ୍ଲା ବିଜେଡି

ହିନ୍ଦ ମଜଦୁର ସଭାର ରାଜ୍ୟ ସଭାପତି ଜନତା ଦଳର ପ୍ରାକ୍ତନ ରାଜ୍ୟ ସାଧାରଣ ସମ୍ପାଦକ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଏକାନ୍ତ ସହଯୋଗୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ପରଲୋକରେ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂହ, ବରିଷ୍ଠ ନେତା ମଧୁସୂଦନ ସାହୁ, ପ୍ରେମଚାନ୍ଦ ନାୟକ, ମହମ୍ମଦ ସକିଲ, ପ୍ରକାଶ ସିଂହ, ପୂର୍ବତନ କଟକ ମହାନଗର ନିଗମ ମେୟର ଅନିତା ବେହେରା, ପ୍ରଫୁଲ୍ଲ ବେହେରା, ତାପସ ମହାନ୍ତି, ଦେବେନ୍ଦ୍ର କାହାଳି, ଦୁର୍ଗା ସାହୁ, ପୂର୍ଣ୍ଣିମା ସିଂହ, ଲାଲାପ୍ରତାପ ରାୟ, ପରେଶ ଦାସ, ରାଜେଶ ରଣା, ମହମ୍ମଦ ଆରିଫ ଫେମିଦ, ସଞ୍ଜୟ ଜେନା, ରମଜାନ ଖାନ, ବସ୍ତିବାସିନ୍ଦା ନେତା ବିଜୟ ଓଝା, କର୍ପୋରେଟର ସୁବ୍ରତ ଘଡେଇ, ବିକାଶ ବେହେରା, ଇତିଶ୍ରୀ ଦାସ, ଚନ୍ଦନ ଜେନା, ପୁଷ୍ପିତା ମହାନ୍ତି, ମୋନାଲିସା ଦାସ, ପ୍ରିୟମ୍ବଦା ମହାନ୍ତି, ରିତାଞ୍ଜଳି ବେହେରା, ପ୍ରଦୀପ ରାଉତ, ଆରତୀ ସାହୁ, କେ.ଜେଡ. ଆଫ୍ରିନ, ଅରୁନ୍ଧତୀ କର, ଦୀପାଞ୍ଜଳି ସିଂହ, ବନଲତା ପ୍ରଧାନ, ବସନ୍ତ ବେହେରା, ଇଂ ଇଫତେଖାର ଆଲମ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

### ଇପିଏଫ ପେନସନର୍ସ ସଂଘ

ବିଶିଷ୍ଟ ଶ୍ରମିକ ନେତା ତଥା ହିନ୍ଦ୍ ମଜଦୁର ସଭାର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିୟୋଗରେ ଅଲ୍ ଓଡିଶା ଇପିଏଫ୍ ପେନସନରସ୍ ଆସୋସିଏସନ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଆସୋସିଏସନର ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଅଗାଧୁ ଚରଣ ପ୍ରଧାନ, ଧୀରେନ୍ଦ୍ର ପ୍ରତାପ, ବିନୋଦ ବେହେରା, ଦେବେନ୍ଦ୍ରନାଥ ସାହୁ ଓ ବୁଲେଇ ବେହେରା ପ୍ରମୁଖ ସ୍ୱର୍ଗତ ପାତ୍ରଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ।

## ବିଭିନ୍ନ ସ୍ଥାନରେ ଗିରିଗୋବର୍ଦ୍ଧନ ପୂଜା

**ନିଶ୍ଚିନ୍ତକୋଇଲି,୨୫।୧୦(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କେନ୍ଦୁପାଟଣା ପଞ୍ଚାୟତ ଖଣ୍ଡଗାଁ ଚମ୍ପତିପାଟଣା ନାରାୟଣୀ କ୍ଲବ ଆନୁକୂଲ୍ୟରେ ଗିରିଗୋବର୍ଦ୍ଧନ ପୀଠରେ ଶ୍ରୀ ଶ୍ରୀ ବଜେନ୍ଦ୍ରନନ୍ଦନ ଗିରିଗୋବର୍ଦ୍ଧନଧାରୀ ଭଗବାନ ଶ୍ରୀ କୃଷ୍ଣଚନ୍ଦ୍ରଙ୍କର



ଷୋଡଶ ଉପଚାର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ପୂଜାମଣ୍ଡପରେ ଗିରିଗୋବର୍ଦ୍ଧନଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ଯଥାରୀତି ପୂଜା କାର୍ଯ୍ୟ କରାଯାଉଥିବା ବେଳେ ଶ୍ରୀମଦ୍ ଭାଗବତ୍ ସପ୍ତାହ ଓ ଜ୍ଞାନଯଜ୍ଞ ମଧ ଅନୁଷ୍ଠିତ ହେଉଛି। ପୂଜକ ଉତ୍ତମ ଚରଣ ଷଡଙ୍ଗୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଥିଲା ବେଳେ କର୍ତ୍ତା ଭାବେ ଦୋଳଗୋବିନ୍ଦ ପାତ୍ର କାର୍ଯ୍ୟ ତୁଲାଉଛନ୍ତି। ଏହି ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ କରାଯିବ। ପ୍ରତ୍ୟେକ ସଂଧାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସମାରୋହ ଅନୁଷ୍ଠିତ ହେଉଥିଲା ବେଳେ ବହୁ ଭକ୍ତ ଏଥିରେ ଯୋଗଦେଇ ବିଭୁକୃପା ଲାଭ କରୁଛନ୍ତି। ସେହିପରି ଖଣ୍ଡଗାଁ ଗିରିଗୋବର୍ଦ୍ଧନ ପୂଜା କମିଟି ପକ୍ଷରୁ ମଧ ପ୍ରଭୁ ଗିରିଗୋବର୍ଦ୍ଧନଙ୍କର ଯଥାରୀତି ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପୂଜକ ଅମୂଲ୍ୟ ଷଡଙ୍ଗୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଥିଲା ବେଳେ କର୍ତ୍ତା ଭାବେ ମନୋଜ ବେହେରା କାର୍ଯ୍ୟ ତୁଲାଉଛନ୍ତି। ଗ୍ରାମବାସୀମାନେ ଏହି ପୂଜାର୍ଚ୍ଚନା କାର୍ଯ୍ୟରେ ସହଯୋଗ କରୁଛନ୍ତି।

**ତିଗିରିଆ:** ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତର ଗଦାଧରପୁରରେ ତିନିଦିନ ଧରି ଚାଲିଥିବା ଗିରିଗୋବର୍ଦ୍ଧନ ପୂଜା ଗତକାଲି ଉଦଯାପିତ ହୋଇଥିବା ବେଳେ ଶୁକ୍ରବାର ଭସାଣି ଉତ୍ସବରେ ୮ଟି ପୂଜା କମିଟି ପକ୍ଷରୁ ନିର୍ମିତ ମେଢ଼



ଶୋଭାଯାତ୍ରାରେ ଯାଇ ଭକ୍ତମାନଙ୍କ ନିକଟରୁ ଚଳିତବର୍ଷ ପାଇଁ ବିଦାୟ ନେଇଛନ୍ତି। ଶୁକ୍ରବାର ସକାଳେ ବୃନ୍ଦାବନଚନ୍ଦ୍ରଜୀଉ, କପିଳେଶ୍ୱର ମହାଦେବ ଓ ରଘୁନାଥ ଜୀଉଙ୍କ ବିଗ୍ରହଙ୍କର ମା' କଳାପାଟଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସମସ୍ତ ବିଗ୍ରହ ନିଜ ନିଜ ବାସସ୍ଥଳକୁ ଫେରିଯାଇଥିଲେ। ଅପରାହ୍ନ ୧ଟା ସମୟରେ ଆଠଟି ପୂଜା କମିଟିର ଆଠଟି ମେଢ଼ ଗିରିଗୋବର୍ଦ୍ଧନ ପୀଠରେ ଏକତ୍ରିତ ହୋଇ କ୍ରମାନ୍ୱୟରେ ବିଭିନ୍ନ ପାରମ୍ପରିକ ବାଦ୍ୟ, ବାଣ ସାହାଯ୍ୟରେ ଗଦାଧରପୁର ଗ୍ରାମର ସମସ୍ତ ସାହି ପରିଭ୍ରମଣ କରିଥିଲେ। ସମସ୍ତ ମେଢ଼ଗୁଡିକୁ ଗଦାଧରପୁର ସ୍ଥିତ ଖଳିନଦୀ ଜଳରେ ବିସର୍ଜିତ ହୋଇଥିଲେ। ଏହି ଭସାଣି ଉତ୍ସବ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହିତ ସମ୍ପାଦିତ ହୋଇଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ତିଗିରିଆ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

## ମା'କାଳୀଙ୍କ ପୂଜା ଉତ୍ସବ ଉଦ୍‌ଯାପିତ



**ସାଲେପୁର,୨୫।୧୦(ସମିସ):** ସାଲେପୁର ବ୍ଲକ୍ ସଉରୀ ପଞ୍ଚାୟତ ଅଲିପୁର ଗ୍ରାମସ୍ଥିତ ମା'କାଳୀ ପୀଠରେ ଚଳିତ ବର୍ଷ ୩୫ତମ କାଳୀପୂଜା ମହୋତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ୨୦ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ପୂଜା, ହୋମ ଇତ୍ୟାଦି ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ପ୍ରତ୍ୟହ ସୂର୍ଯ୍ୟପୂଜା, ଆଳତୀ, ତ୍ରିପୁରାସୁନ୍ଦରୀଙ୍କ ଚଣ୍ଡୀହୋମ, ଶ୍ରୀମଦ୍ ଭାଗବତ ପାରାୟଣ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ତିମ ଦିବସରେ ମଧ୍ୟରାତ୍ରରେ ପୂର୍ଣ୍ଣାହୁତି ଏବଂ ଭକ୍ତଜନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ମା' ଲୋଭୀ ଠାକୁରାଣୀଙ୍କ ନୂତନ ମୁଖଶାଳା ପ୍ରତିଷ୍ଠା

**ତିଗିରିଆ,୨୫।୧୦(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଦେବୀ ମା ଲୋଭୀ ଠାକୁରାଣୀଙ୍କ ମନ୍ଦିରର ନୂତନ ମୁଖଶାଳା ପ୍ରତିଷ୍ଠା ହୋଇଯାଇଛି। ବିନ୍ଧାଣିମା ଗ୍ରାମର ହାଟ ସାହି ଓ ମା ଲୋଭୀ ଠାକୁରାଣୀ ପୂଜା କମିଟିର ସଦସ୍ୟଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମାନସିକଧାରୀ କଳସ ଶୋଭାଯାତ୍ରାରେ ଯାଇଥିଲେ। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପ୍ରକାର ପୂଜାର୍ଚ୍ଚନା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ସିଏମ୍‌ଜିଆଇ ଖୋର୍ଦ୍ଧା ଜିଲ୍ଲା ସଂଯୋଜକଙ୍କ ପରଲୋକ

**ତିଗିରିଆ,୨୫।୧୦(ସମିସ):** ରାଜ୍ୟ ସରକାରଙ୍କ ସିଏମଜିଆଇ ଅଧୀନରେ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଭାବେ କାର୍ଯ୍ୟରତ ତିଗିରିଆ ବ୍ଲକ ନିଜିଗଡ଼ ପଞ୍ଚାୟତ ଗୋପୀନାଥପୁର ଶାସନ



ଗ୍ରାମର ପ୍ରକାଶ ମହାପାତ୍ର(୫୪)ଙ୍କ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ମୃତ୍ୟୁ ହୋଇଯାଇଛି। ତିଗିରିଆ ଅଞ୍ଚଳରେ ଜଣେ ମିଷ୍ଟଭାଷୀ, ମେଳାପୀ ତଥା ତିଗିରିଆ ଅଞ୍ଚଳରେ କମ୍ପ୍ୟୁଟର ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଅବଦାନ ଥିବା ଶ୍ରୀ ମହାପାତ୍ରଙ୍କ ମୃତ୍ୟୁ ଖବରରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ସଂଖ୍ୟାରେ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଗୋପୀନାଥପୁର ଶାସନ ଗ୍ରାମସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ଶୁଭ୍ରାଂଶୁ ମୁଖାଗ୍ନି ଦେଇଥିଲେ।

## ଆଠଗଡ଼ ଜିଲ୍ଲା ଦାବି

# ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଆଠଗଡ଼, ୨୫।୧୦(ସମିସ):**

ଆଠଗଡ ଜିଲ୍ଲା ଦାବି ପୁନର୍ବାର ମୁଣ୍ଡ ଟେକିଛି। ଗତ ନିର୍ବାଚନକୁ ଦୃଷ୍ଟିରେ ରଖି ୧୨୦ଦିନ ମହୋତ୍ସବ ପଡିଆ ଆଗରେ ଆଠଗଡ଼

### ନଭେମ୍ବର ୧୦ରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା

ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଧାରଣା ଦେବା ପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ୨୦୨୬ଠାରୁ ସୀମା ନିର୍ଦ୍ଧାରଣ ସହିତ ପଞ୍ଚାୟତ, ଏନଏସି, ମ୍ୟୁନିସିପାଲିଟି, ବ୍ଲକ, ତହସିଲ, ଜିଲ୍ଲା, ବିଧାନସଭା ଓ ଲୋକସଭା ନିର୍ବାଚନ ମଣ୍ଡଳୀ ବଢିବାର ଥିବାରୁ ଏହାକୁ ଦୃଷ୍ଟିରେ ରଖି ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇଛି। ଶୁକ୍ରବାର ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ଆଠଗଡ ଉପଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଆସନ୍ତା ନଭେମ୍ବର ୧୦ ତାରିଖଠାରୁ ମହୋତ୍ସବ ପଡିଆ ଆଗରେ ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ପ୍ରତୀକାତ୍ମକ ଧାରଣା ଦେବା ପାଇଁ ଆଠଗଡ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ମଧ ପ୍ରଦାନ କରାଯାଇଛି। ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ଆଇନଜୀବୀ ଫଣୀ ଭୂଷଣ ରଥ, ଉପସଭାପତି ସୁରେଶଚନ୍ଦ୍ର ପରିଡା, ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଆବାହକ ଲଲାଟେନ୍ଦୁ ସେନାପତି, ସର୍ବେଶ୍ୱର ପଣ୍ଡା, ଗଣେଶ ପ୍ରସାଦ ରାଉତ, ଅଶୋକ ଦାଶ, ଆଇନଜୀବି ଶ୍ରୀନିବାସ ଦାଶ, ଜୟନ୍ତ ପଣ୍ଡା, ଶ୍ରୀନିବାସ ପତ୍ରି, ଦେବୀପ୍ରସାଦ ଦାସ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।







### କଟକ ୟୁପିଡିରେ ୧୧ଟି ଥାନାର ସ୍ଥିତି ସଂଗୀନ

# ଫାଙ୍କା ପଡ଼ିଛି ୨୭ ଅଫିସର, ୮୩ ଓଏପିଏଫ୍ ପଦ

**ପ୍ରତି ଥାନାରେ ଗାଦି ମାଡ଼ି ବସିଛନ୍ତି ଅତିରିକ୍ତ କର୍ମଚାରୀ**

**ଏପର୍ଯ୍ୟନ୍ତ ପୂରଣ ହୋଇପାରୁନି ୨୩୫ଟି କନେଷ୍ଟବଲ ପଦ**

**ଜରୁରିକାଳୀନ ପରିସ୍ଥିତିରେ ବାହାରୁ ମଗାଯାଉଛି କର୍ମଚାରୀ**

କଟକ,୨୫ ।୧୦(ସମିସ):

ପାର୍ବଣ ସମୟରେ ଓଏସଏପି, ଏସଓଜି ଓ କୁଇକ ଆକ୍ସନ ଫୋର୍ସ ମଗାଯାଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଉଛି। ଅନ୍ୟ କୌଣସି ଜରୁରିକାଳୀନ ପରିସ୍ଥିତିରେ ବାହାର ଅଫିସର ଏବଂ ପୁଲିସ ମଗାଇ ଏଠାରେ ଦାୟିତ୍ୱ ଦିଆଯାଉଛି। ମାତ୍ର କଟକ କମିଶନରେଟ୍‌ରେ ବହୁ ପୁଲିସ ଅଫିସର ଓ କର୍ମଚାରୀ ପଦ ଫାଙ୍କା ପଡ଼ିଥିବା ବେଳେ ଏଥିରେ ସୁଧାର ଆସି ପାରୁନାହିଁ। କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ସୁଧାର ଆଣିବାକୁ ରାଜ୍ୟ ସରକାର ଏକାଧିକ ଯୋଜନା କାର୍ଯ୍ୟ କାରି କରୁଛନ୍ତି। କଟକ ୟୁପିଡିର ୧୧ଟି ଥାନାରେ ଅବ୍ୟବସ୍ଥା ଲାଗି ରହିଛି। ଏହି ଥାନାଗୁଡ଼ିକରେ ଆବଶ୍ୟକ ନଥିବା ଅତିରିକ୍ତ ପୁଲିସ କର୍ମଚାରୀ ଗାଦି ମାଡି ବସିଥିବା ବେଳେ ଏକାଧିକ ଅଫିସର ଓ ଓଏପିଏଫ୍(ଓଡ଼ିଶା ଅକ୍‌ଜିଲାରି ପୁଲିସ ଫୋର୍ସ) ପଦ ଫାଙ୍କା ପଡିଛି। ନିୟମ ଅନୁସାରେ, ଯେତିକି ପଦ ପୂରଣ ହେବା କଥା, ତାହା ହୋଇ ପାରିନାହିଁ। ଯେଉଁ କାରଣରୁ ଥାନା ପରିଚାଳନାରେ ବିଭ୍ରାଟ ଦେଖାଦେଇଛି। ୨୭ଟି ଥାନାରେ ମୋଟ ୨୭ଟି ଅଫିସର ପଦ ଫାଙ୍କା ପଡ଼ିଥିବା ବେଳେ ୮୩ଟି ଓଏପିଏଫ୍ ପଦ ଫାଙ୍କା ପଡଛି। ସେହିପରି ଏପର୍ଯ୍ୟନ୍ତ କଟକ ୟୁପିଡିରେ ୨୩୫ଟି ମଞ୍ଜୁରୀପ୍ରାପ୍ତ କନେଷ୍ଟବଲ ପଦବୀ ଫାଙ୍କା ପଡ଼ିଛି। କନେଷ୍ଟବଲ ଅଭାବରୁ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପୁଲିସ ବିଫଳ ହେଉଥିବା ଅଭିଯୋଗ ଉଠିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଭଲଭାବେ ଅବଗତ ଥିବା ବେଳେ କୌଣସି ପଦକ୍ଷେପ ନନେବା ଏବେ ଚିନ୍ତାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ମହିଳା ଥାନାରେ ଆବଶ୍ୟକ ନଥିବା ୨ଜଣ ସବ୍‌ଇନ୍ସପେକ୍ଟର, ୫ଜଣ କନେଷ୍ଟବଲ ଓ ୪ଜଣ ଓପିଏଫ୍ ରହିଛନ୍ତି। ବିଡ଼ାନାସୀ ଥାନାରେ ୨ଟି ଓପିଏଫ୍ ପଦ ଫାଙ୍କା ପଡ଼ିଥିବା ବେଳେ ୩ଜଣ କନେଷ୍ଟବଲ ଓ ୨ଜଣ ସବ୍‌ଇନ୍ସପେକ୍ଟର କ୍ଷମତା ଠାରୁ ଅଧିକ ରହିଛନ୍ତି। ସେହିପରି ମର୍କତନଗର ଥାନାରେ ଜଣେ ସବ୍-ଇନ୍ସପେକ୍ଟର, ଜଣେ ଏଏସଆଇ ଓ ୭ଟି ଓଏପିଏଫ୍ ପଦ ଫାଙ୍କା ପଡ଼ିଛି। ଏଠାରେ ୨ଜଣ କନେଷ୍ଟବଲ କ୍ଷମତାଠାରୁ ଅଧିକ ରହିଛନ୍ତି। ସିଡିଏ ଫେଜ୍-୨ଥାନାରେ ୧୦ଟି ଓଏପିଏଫ୍ ପଦ ଓ ଗୋଟିଏ ସବ୍‌ଇନ୍ସପେକ୍ଟର ପଦ ଫାଙ୍କା ପଡ଼ିଛି। ଏଠାରେ ୩ଟି ଏଏସ୍ଆଇ ଆବଶ୍ୟକତାଠାରୁ ଅଧିକ ରହିଛନ୍ତି। ପୁରୀଘାଟ ଥାନାରେ ୧୩ଟି ଓଏପିଏଫ୍ ପଦବୀ, ଗୋଟିଏ ହାବିଲଦାର୍ ଓ ଗୋଟିଏ ଏଏସ୍ଆଇ ପଦ ଫାଙ୍କା ପଡ଼ିଛି। ଏଠାରେ ୨ଜଣ ଏଏସ୍ଆଇ ପଦବୀ, ୯ଜଣ କନେଷ୍ଟବଲ କ୍ଷମତାଠାରୁ ଅଧିକ ରହିଛନ୍ତି। ମଙ୍ଗଳାବାଗ ଥାନାରେ ୪ଟି ଏସ୍ଆଇ, ୬ଟି ଏଏସ୍ଆଇ, ୨ଟି ହାବିଲଦାର୍ ଏବଂ ୨୪ଟି ଓଏପିଏଫ୍ ପଦ ଫାଙ୍କା ପଡ଼ିଛି। ଏଠାରେ ଜଣେ କନେଷ୍ଟବଲ ଅଧିକ ରହିଛନ୍ତି। ଦରଘାବଜାର ଥାନାରେ ୪ଟି ଏଏସ୍ଆଇ, ୬ଟି ଓଏପିଏଫ୍ ପଦ ଫାଙ୍କା ପଡ଼ିଛି। ଏଠାରେ ଅତିରିକ୍ତ ବା ଅବଶ୍ୟକ ଠାରୁ ଅଧିକ ପୁଲିସ କର୍ମଚାରୀ ନାହାନ୍ତି। ଲାଲବାଗ ଥାନାରେ ୭ଟି ଏଏସଆଇ ପଦ ଓ ୮ଟି ଓଏପିଏଫ୍ ପଦ ଫାଙ୍କା ପଡ଼ିଛି। ଏଠାରେ ୩ଜଣ କନେଷ୍ଟବଲ ଓ ଜଣେ ହାବିଲଦାର୍ ଆବଶ୍ୟକତାଠାରୁ ଅଧିକ ରହିଛନ୍ତି। କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ୨ଟି ଏସଆଇ୍ ଓ ୭ଟି ଓଏପିଏଫ୍ ପଦ ଫାଙ୍କା ରହିଛି। ଏଠାରେ ଜଣେ କନେଷ୍ଟବଲ ଅତିରିକ୍ତ ଭାବେ ରହିଛନ୍ତି। ସେହିପରି ବାଦାମବାଡି ଥାନାରେ ଗୋଟିଏ ହାବିଲଦାର୍ ଓ ୬ଟି ଓଏପିଏଫ୍ ପଦ ଫାଙ୍କା ପଡ଼ିଛି। ସାଇବର ଥାନାରେ ଏସିପି ଦାୟିତ୍ୱରେ କେହି ନାହାନ୍ତି। ଜଣେ ଏସଆଇ, ଜଣେ ଏଏସଆଇ ଆବଶ୍ୟକତାଠାରୁ ଅଧିକ ରହିଛନ୍ତି। ଏଭଳି ଅବ୍ୟବସ୍ଥା ମଧ୍ୟରେ ୟୁପିଡିର ୧୧ଟି ଥାନା କାର୍ଯ୍ୟକ୍ଷମ ହେଉଛି। ତୁରନ୍ତ ଏହି ସମସ୍ୟାର ସମାଧାନ ଆବଶ୍ୟକ ରହିଥିବା ଅଭିଯୋଗ ହେଉଛି।

ଅନ୍ୟପଟେ ସହରରେ ଥିବା ୧୦ଟି ଆଉଟ୍ ପୋଷ୍ଟ ଓ ୧୪ଟି ଟାଉନ୍ ଆଉଟ୍-ପୋଷ୍ଟରେ ଏକାଧିକ କନେଷ୍ଟବଲ ପଦବୀ ଫାଙ୍କା ପଡ଼ିଛି। ଏହି ପଦଗୁଡ଼ିକୁ ଦୀର୍ଘଦିନ ହେବ ପୂରଣ କରାଯାଉନଥିବାରୁ ପୁଲିସ ପୋଷ୍ଟଗୁଡ଼ିକ ସ୍ଥାଣୁ ପାଲଟିଛି। ନାମକୁ ମାତ୍ର ଆଉଟ୍ ପୋଷ୍ଟ ଓ ଟାଉନ୍ ଆଉଟ୍-ପୋଷ୍ଟ ଖୋଲାଯାଇଛି ସତ କିନ୍ତୁ ଏଠାରେ ଲୋକମାନେ ଅଭିଯୋଗ ନେଇ ଗଲା ବେଳକୁ ତାହାର ସମାଧାନ ତ ଦୂରର କଥା, ସେମାନଙ୍କ ଅଭିଯୋଗ ଶୁଣିବାକୁ କର୍ମଚାରୀ ନାହାନ୍ତି। ଥାନା ଏବଂ ପୁଲିସ ପୋଷ୍ଟ ପରିଚାଳନାରେ ଅଫିସରଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ଠିକ୍ ସେତିକି କନେଷ୍ଟବଲଙ୍କ ଭୂମିକା ରହିଛି। ବିଭାଗୀୟ ତଥ୍ୟ ଅନୁସାରେ, କଟକ ୟୁପିଡିରେ ୨୩୫ଟି ମଞ୍ଜୁରୀପ୍ରାପ୍ତ କନେଷ୍ଟବଲ ପଦବୀ ଫାଙ୍କା ପଡ଼ିଛି। ଏହି ପଦଗୁଡ଼ିକ ତୁରନ୍ତ ପୂରଣ ହେବା ଜରୁରୀ ହୋଇପଡ଼ିଛି।

## ଭାଷା, ସାହିତ୍ୟ ଓ ଚିତ୍ରକଳା ପ୍ରଦର୍ଶନୀ ଉତ୍ସବ



**କଟକ,୨୫ ।୧୦(ସମିସ):** ଶନିବାର ନୂଆବଜାରସ୍ଥିତ ଜାଭିୟର୍ସ ସିନିୟର ସେକେଣ୍ଡାରୀ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ନିର୍ଦ୍ଦେଶକ ଡ ପ୍ରଭୁଚରଣ ମହାନ୍ତି ଓ ଅଧ୍ୟକ୍ଷ ଡ ପ୍ରଦୀପ କୁମାର ତ୍ରିପାଠୀଙ୍କ ମିଳିତ ଅଧ୍ୟକ୍ଷତାରେ ଭାଷା ଓ ସାହିତ୍ୟ (ଇଂରାଜୀ, ଓଡିଆ ଓ ହିନ୍ଦୀ) ତଥା ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଲେଖକ ଡ ତରୁଣ କୁମାର ସାହୁ ଏବଂ ଓଡିଆ ବିଭାଗର ରିଡର ଡ ରଞ୍ଜିତା ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ୨୬୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଓଡିଆ ସାହିତ୍ୟର ବିଭିନ୍ନ ଯୁଗର କବି ସମୂହଙ୍କ କଳାକୃତି, ଓଡିଆ କଳା ସଂସ୍କୃତି, ପର୍ବପର୍ବାଣି, ଆମ ପଲ୍ଲୀପ୍ରକୃତି ଓ ଆଦିବାସୀ ସଭ୍ୟତା ଆଦି ଛାତ୍ରଛାତ୍ରୀ ପ୍ରକଳ୍ପ ମାଧ୍ୟମରେ ଉପସ୍ଥାପନା କରିଥିଲେ। ଇଂରାଜୀ ସାହିତ୍ୟରେ ଉଇଲିୟମ ୱଡସ୍‌ୱର୍ଥ, ଆର୍‌କେ. ନାରାୟଣ, ରସକିନ୍ ବଣ୍ଡ ଆଦି ପ୍ରସିଦ୍ଧ ଲେଖକଙ୍କ କୃତି ପ୍ରଦର୍ଶନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବଟି ଉଚ୍ଚ ପ୍ରଶଂଶିତ ହୋଇଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ଡ ପ୍ରଦୀପ କୁମାର ତ୍ରିପାଠୀ ପୁନର୍ବାର ଏପରି ପ୍ରଦର୍ଶନୀର ଆୟୋଜନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ଏକାଡେମିକ ସୁପରଭାଇଜର ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଇଚାରା ଅକ୍ଷୁଣ୍ଣ ରଖିବାକୁ ପ୍ରୟାସ



**କଟକ,୨୫।୧୦(ସମିସ):** ମଣିସାହୁ ଛକ ପୂଜା କମିଟି ଓ ମସ୍ତାନ ମୋହଲ୍ଲା କମିଟିର ମିଳିତ ଆନୁକୂଲ୍ୟରେ ଏକ ସଦ୍‌ଭାବନା ମଞ୍ଚ ପୂଜା ମଣ୍ଡପଠାରେ ଗଠନ କରାଯାଇ ସେଇ ରାସ୍ତା ଦେଇ ଯାଉଥିବା ସମସ୍ତ ମା' କାଳୀ ଶୋଭାଯାତ୍ରାର ସଭାପତି, ସମ୍ପାଦକ ଓ ମୁରବୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଏହା କେବଳ କଟକ ଭାଇଚାରାକୁ କଳଙ୍କିତ କରିବାକୁ ଚେଷ୍ଟା କରୁଥିବା ଲୋକମାନଙ୍କୁ ସୂଚାଇ ଦେବାକୁ ଏକ ପ୍ରୟାସ ଥିଲା। ଏହି ମଞ୍ଚକୁ ମଦନମୋହନ ସାହୁ, ଅଲତାଫ ଅଲି, ରାକେଶ ସାହୁ, ଶଦାବ ସଲାମ, ମାନସରଞ୍ଜନ ଦାସ, ପ୍ରତାପ ସାହୁ, ଅବ୍ଦୁଲ ହକିମ, ସେକ ଅଜିମ, ସାଇୟାଦ ୱଜୀର ରିଜଭି, କାର୍ତ୍ତିକ ଦାସ, ରୁଦ୍ର ସାହୁ, ମହେଶ ରାୟ, ବ୍ରଜକିଶୋର ସାହୁ, ଶ୍ରୀକାନ୍ତ ସାହୁ, ଫ୍ୟାଜଉଦିନ ସରିଫ ପ୍ରମୁଖ ପରିଚାଳନା କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**କଟକ,୨୫ ।୧୦(ସମିସ):** ସମାଜସେବୀ ଆଦିକନ୍ଦ ମଲ୍ଲିକଙ୍କ ଧର୍ମପତ୍ନୀ ରମା ମଲ୍ଲିକ (୯୦)ଙ୍କ ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। କଟକ ମାଜେଷ୍ଟିକ ଟାୱାରସ୍ଥିତ ବାସଭବନରେ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ନିଦାନ ବିଶେଷଜ୍ଞ ଡା.ରବିନାରାୟଣ ମଲ୍ଲିକ, ସର୍ଜରୀ ବିଶେଷଜ୍ଞ ଡାକ୍ତର ବିରଞ୍ଚି ନାରାୟଣ ମଲ୍ଲିକ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଶଙ୍କର ନାରାୟଣ ମଲ୍ଲିକ, ବୋହୂ ଡାକ୍ତର ପୁଷ୍ପାଞ୍ଜଳି ଖୁଣ୍ଟିଆ, ଛନ୍ଦା ମଲ୍ଲିକ, ଜୟଶ୍ରୀ, କନ୍ୟା ଡାକ୍ତର ମୀନାକ୍ଷୀ ମଲ୍ଲିକ, ମନୀଷା ମଲ୍ଲିକ, ମମତା ମଲ୍ଲିକ, ଡାକ୍ତର ଅମୃତ ବରାଳ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ ଅନୁଷ୍ଠିତ ହୋଇଥିଲା।

## ଖ୍ରୀଷ୍ଟ କଲେଜରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର କର୍ମଶାଳା



**କଟକ,୨୫ ।୧୦(ସମିସ):** ଖ୍ରୀଷ୍ଟ କଲେଜରେ ମନସ୍ତତ୍ତ୍ୱ ବିଭାଗ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ର। କର୍ମଶାଳାର ବିଷୟ ସମ୍ପର୍କରେ ଉପାଧ୍ୟକ୍ଷା ଡ କ୍ଷଣପ୍ରଭା ନନ୍ଦ ଓ ଆଇକ୍ୟୁଏସିର ସଂଯୋଜକ ପ୍ରାଧ୍ୟାପକ ଶୋଭନ ପଣ୍ଡା ସୂଚନା ପ୍ରଦାନ କରିଥିଲେ। ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡ ସାଦିଆ ଆଲାମ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଚିନ୍ତନ ଓ ବ୍ୟାବହାରିକ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ପୁଷ୍ପିତା ଭାରତୀ ସାମନ୍ତରାୟ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ମନସ୍ତତ୍ତ୍ୱ ବିଭାଗରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପିକା ଆଦ୍ୟାଶା ମହାନ୍ତି। ଡ ଲକ୍ଷ୍ମୀକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆୟୁର୍ବେଦର ପ୍ରବର୍ତ୍ତକ ଧନ୍ୱନ୍ତରୀଙ୍କ ଜୟନ୍ତୀ

**କଟକ,୨୫ ।୧୦(ସମିସ):** ଆୟୁର୍ବେଦର ପ୍ରବର୍ତ୍ତକ ଧନ୍ୱନ୍ତରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଶ୍ରୀରାମଚନ୍ଦ୍ରଭଞ୍ଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଡାକ୍ତର ଦୀନବନ୍ଧୁ ମହାରଣା ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବକୁ ଡ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଆଧ୍ୟାତ୍ମିକ ଗୁରୁ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳଜିତ୍ ସିଂହ, ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ, ଆରକ୍ଷୀ ଅଧିକାରୀ ରାଜକିଶୋର ସ୍ୱାଇଁ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଆଡେଭୋକେଟ୍ ଅଜିତ କୁମାର ମହାପାତ୍ର, ଡାକ୍ତର ମିନତି ମହାରଣା, ଡାକ୍ତର ରାଜାରାମ ଷଡ଼ଙ୍ଗୀ, ଅଧ୍ୟାପକ ଅଶୋକ କୁମାର ପଣ୍ଡା ଏବଂ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡାକ୍ତର ଦିବ୍ୟଜ୍ୟୋତି ମହାରଣା, କବି ରଞ୍ଜନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ 'ସ୍ୱାସ୍ଥ୍ୟ ସନ୍ଦେଶ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହୋଇଥିଲା। ବିଶିଷ୍ଟ ବ୍ୟକ୍ତିଙ୍କୁ "ଧନ୍ୱନ୍ତରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବ ପାଳନ ପରିପ୍ରେକ୍ଷୀରେ କବିତା ପେଠୋତ୍ସବ, ଆୟୁର୍ବେଦୀୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା।

## ଲୁଟେରା ଗିରଫ

**କଟକ,୨୫ ।୧୦(ସମିସ):** ଦରଘାବଜାର ଥାନା ଏକ ଜୁଏଲେରୀ ବାରଣ୍ଡାରେ ଭସାଣି ଦେଖିବାକୁ ଆସି ବିଶ୍ରାମ କରୁଥିବା ଜଣେ ବ୍ୟକ୍ତିଙ୍କ ବେକରୁ ସୁନା ଲକେଟ୍ ଲୁଟ୍ କରି ଫେରାର ହୋଇଯାଇଥିବା ଲୁଟେରାକୁ ଆଜି ଗିରଫ କରାଯାଇଛି। ଲୁଟେରାର ଘର ପଟ୍ଟପୋଲ ଅଞ୍ଚଳରେ। ତା' ନାଁ ଏସ୍.କେ ଫକିର ଓରଫ ଲକୁ(୨୯)। ଅଭିଯୋଗକାରୀ ବିଜୟ କୁମାର ବେହେରା ଗତକାଲି ରାତିରେ କାଳୀ ମା'ଙ୍କ ଭସାଣୀ ଦେଖି ସାରିବା ପରେ ଏକ ଜୁଏଲେରୀ ବାରଣ୍ଡାରେ ବିଶ୍ରାମ କରୁଥିଲେ। ଅଭିଯୁକ୍ତ ଲକୁ ତାଙ୍କ ବେକରୁ ସୁନା ଲୁକେଟ୍ ଛିଣ୍ଡାଇ ଫେରାର୍ ହୋଇଯାଇଥିଲା। ପୁଲିସ ତା' ନିକଟରୁ ସୁନା ଲକେଟ୍, ୨ଟି ମୋବାଇଲ୍ ଫୋନ୍ ଓ ୨ହଜାର ଟଙ୍କା ଜବତ କରିଛି। ତା' ନାଁରେ କଟକର ବିଭିନ୍ନ ଥାନାରେ ୧୮ଟି ସଂଗୀନ ମାମଲା ରହିଥିବା ପୁଲିସ କହିଛି।

### ବାଲିଯାତ୍ରାରେ ପୁସ୍ତକ ସଂଗ୍ରହ କେନ୍ଦ୍ର

## ଏଥର ବଣ୍ଟାଯିବ ୧ ଲକ୍ଷ ପୁସ୍ତକ



**କଟକ,୨୫ ।୧୦(ସମିସ):** ଜ୍ଞାନର ପରିସୀମା ପରିବ୍ୟାପ୍ତ ହେଉ। ସମସ୍ତଙ୍କ ମଧ୍ୟରେ ପୁସ୍ତକ ପଠନର ଆଗ୍ରହ ବଢୁ ଓ ଏହା ଜାରି ରହୁ। ଓଡ଼ିଆ ଭାଷା, ସାହିତ୍ୟ ଓ କାଳଜୟୀ ପୁସ୍ତକଗୁଡିକ ବିଷୟରେ ସମସ୍ତେ, ବିଶେଷକରି ଯୁବପିଢି ଜାଣନ୍ତୁ ଏହି ଉଦ୍ଦେଶ୍ୟ ନେଇ ଐତିହାସିକ ବାଲିଯାତ୍ରା କଟକ ଉପଲକ୍ଷେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ଉଦ୍ୟମ ଆରମ୍ଭ କରାଯାଉଛି। ଯାହାର ନାଁ ରହିଛି 'ପୁସ୍ତକ ସଂଗ୍ରହ କେନ୍ଦ୍ର'। କଟକ ସହରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ନେତାଜୀ ସ୍ମାରକୀ, କଟକ ମହାନଗର ନିଗମ ନିକଟସ୍ଥ କଲ୍ୟାଣ ମଣ୍ଡପ ଓ ବାରବାଟୀ ପ୍ୟାଲେସଠାରେ ପୁସ୍ତକ ସଂଗ୍ରହ କେନ୍ଦ୍ର ଖୋଲାଯାଇଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ତହସିଲ ତଥା କିଛି ସ୍କୁଲରେ ମଧ୍ୟ ଏହି କେନ୍ଦ୍ର ଖୋଲାଯାଇଛି।

ପୁସ୍ତକ ସଂଗ୍ରହ କେନ୍ଦ୍ରଗୁଡିକରେ ପୁସ୍ତକ ଦାନ ନିମନ୍ତେ ଲୋକମାନଙ୍କର ବିଶେଷ ଆଗ୍ରହ ଦେଖିବାକୁ ମିଳୁଛି। ସେନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ମଧ୍ୟ ପ୍ରଦାନ କରାଯାଉଛି। ଶନିବାର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଖୋଲାଯାଇଥିବା ପୁସ୍ତକ ଗ୍ରହଣ ଶିବିରରେ ପୁସ୍ତକ ଦାନ ଓଡ଼ିଆ ପାଠକମାନଙ୍କୁ ସହାୟକ ହୋଇପାରିବ ବୋଲି କହିଛନ୍ତି। ଏହି କେନ୍ଦ୍ରରେ ଆଜି ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚ ନ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଡ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର କିଛି ପୁସ୍ତକ ପ୍ରକାଶନ ସଂସ୍ଥା ଏବଂ ସର୍ବୋପରି ଜଣେ ଅବସରପ୍ରାପ୍ତ ୭୫ ବର୍ଷ ବୟସ୍କ ଅସୁସ୍ଥ ମହିଳା ରେବତୀ ଦାସ ଆନନ୍ଦର ସହ ପୁସ୍ତକ ଦାନ କରି ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ଆଜି ସୁଦ୍ଧା ବିଭିନ୍ନ କେନ୍ଦ୍ରରୁ ୫ ହଜାରରୁ ଅଧିକ ପୁସ୍ତକ ସଂଗ୍ରହ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଆଗ୍ରହୀ ପାଠକମାନଙ୍କୁ ବାଲିଯାତ୍ରା ଅବସରରେ ୧ ଲକ୍ଷ ପୁସ୍ତକ ବଣ୍ଟନର ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ଏହି ପ୍ରଚେଷ୍ଟାରେ ପୁସ୍ତକ କ୍ରୟ କରି ମଧ୍ୟ ଉଦ୍ଦେଶ୍ୟ ସାଧନ କରାଯିବ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଟପୋ ଏବଂ ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ରୂପାୟନ କରାଯାଉଛି।

# ତାଳଦଣ୍ଡା କେନାଲ ସୌନ୍ଦର୍ଯ୍ୟକରଣ ଅଧାପନ୍ତରିଆ

**ଭାଙ୍ଗିରୁଜି ଗଲାଣି ଫୁଟ୍‌ପାଥ୍ ପେଭର୍‌ବ୍ଲକ୍**

**ସରୁନି ରାସ୍ତା ସମ୍ପ୍ରସାରଣ, ନିୟମିତ ଚାଲୁନି ବୋଟିଂ କ୍ଲବ୍**

**ମାତୃଭବନରୁ ମଉଗଜପୁର ରାସ୍ତା ଆଲୋକୀକରଣ କାର୍ଯ୍ୟ ବିଳମ୍ବ**

କଟକ,୨୫ ।୧୦(ସମିସ):

ଯୋବ୍ରାଠାରୁ ବିରିବାଟୀ ପର୍ଯ୍ୟନ୍ତ ପ୍ରାୟ ୧୧କିଲୋମିଟର ବ୍ୟାପୀ ଐତିହାସିକ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ତଥା ରାସ୍ତା ସମ୍ପ୍ରସାରଣ, ଆଲୋକୀକରଣ ଓ ଫୁଟପାଥ କାମ ସରିବାର ନାଁ ଧରୁନି। ବିଭିନ୍ନ ସମୟରେ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଅଗ୍ରଗତି ପ୍ରସଂଗରେ ହାଇକୋର୍ଟ ଶୁଣାଣି କରିଆସୁଛନ୍ତି। ଏପରିକି ପ୍ରକଳ୍ପ କାର୍ଯ୍ୟ ମନ୍ଥର ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି; ତଥାପି ଏକ ବର୍ଷରୁ ଅଧିକ ସମୟ ଧରି କଚ୍ଛପ ଗତିରେ ଚାଲିଛି ଏହି ସବୁ କାମ। ଏବେ ବି କେନାଲ ରାସ୍ତା ସମ୍ପ୍ରସାରଣ କାମ ସରୁ ନଥିବା ବେଳେ ଫୁଟପାଥରେ ପଡିଥିବା ପେଭରବ୍ଲକ ଭାଙ୍ଗିରୁଜି ଗଲାଣି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ପ୍ରକଳ୍ପର ପରିକଳ୍ପନା ହୋଇଥିଲା ତାହା ସାଧନ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତତ୍କାଳୀନ ବିଜେଡି ସରକାର ସମୟରେ ଅତି ଶୋଚନୀୟ ଅବସ୍ଥାରେ ଥିବା ଏହି କେନାଲ ଓ ସଂଲଗ୍ନ ରାସ୍ତାକୁ ନୂତନ ରୂପରେଖ ଦେବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲା। ଏପରିକି ସେହି ସମୟରେ ଯୁଦ୍ଧକାଳୀନ ଭିତ୍ତିରେ ଯୋବ୍ରାଠାରୁ ରାଣୀହାଟ ପର୍ଯ୍ୟନ୍ତ ହୋଇଥିବା ଏହି କେନାଲର ପ୍ରଥମ ପର୍ଯ୍ୟାୟ ନବୀକରଣ ବା ସୌନ୍ଦର୍ଯ୍ୟକରଣ କାମ ସାଧାରଣରେ ବେଶ୍ ପ୍ରଶଂସା ସାଉଁଟିଥିଲା। ଏବେ ବି ୧୬ନମ୍ବର ଜାତୀୟ ରାଜପଥ ନିକଟ ମାତୃଭବନଠାରୁ ତିନିଘରିଆ ପର୍ଯ୍ୟନ୍ତ ରାସ୍ତା ନବୀକରଣ କାର୍ଯ୍ୟ କାମ ସରିବାର ନାଁ ଧରୁନି। ମାତୃଭବନରୁ ନୂଆବଜାର ପର୍ଯ୍ୟନ୍ତ କେନାଲର ଉଭୟ ପାଶ୍ୱର୍ ରାସ୍ତା ନବୀକରଣ କାମ ଅଧାପନ୍ତରିଆ ହୋଇରହିଛି। ଏହି ରାସ୍ତାରେ ପ୍ରଥମ ଲେୟାର ପିଚୁ ଉଠି ଖାଲଖମାରେ ପରିଣତ ହୋଇଥିଲା ବେଳେ ଚୂଡାନ୍ତ ପିଚୁ କାମ ଆରମ୍ଭ ହୋଇନାହିଁ। ସେହିଭଳି କେନାଲରେ ଅତ୍ୟାଧୁନିକ ତଥା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସିମେଣ୍ଟ ମିଶ୍ରିତ 'ସିନ୍ଥେଟିକ୍ ମାଟ୍ରେସ୍' ବ୍ୟବହାର କରାଯାଇ ଲାଇନିଂ କାର୍ଯ୍ୟ କରାଯାଇଥିଲା। ହେଲେ ମାତୃଭବନ ନିକଟରୁ ନୂଆବଜାର ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ଏହି କାମ ମାତ୍ର ୧୦୦ମିଟର ହୋଇଥିବା ବେଳେ ଆଉ ୫୦୦ମିଟରରୁ ଅଧିକ ହୋଇପାରିନାହିଁ। କେନାଲ ମଧ୍ୟରୁ ସହରର ବର୍ଜ୍ୟଜଳ ନିଷ୍କାସନ ୮ଗୋଟି ଡ୍ରେନ ଦେଇ ହେଉଥିବାରୁ କେନାଲ ଲାଇନିଂ କାମ ହୋଇପାରିନଥିବା ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ସେହିଭଳି ଖରିଫ ଋତୁରେ ଜଳସେଚନ ପାଇଁ କେନାଲରେ ଜଳ ପ୍ରବାହିତ ବନ୍ଦ ହେବା ପରେ ଉକ୍ତ ଲାଇନିଂ କାମ ଆରମ୍ଭ ହେବ ବୋଲି କୁହାଯାଇଛି। କଟକ ମହାନଗର ନିଗମ ଅନ୍ତର୍ଗତ ମାତୃଭବନ ନିକଟରୁ ମଉଗଜପୁର ପର୍ଯ୍ୟନ୍ତ କେନାଲ ରାସ୍ତାର ଆଲୋକୀକରଣ କାର୍ଯ୍ୟ ଶେଷ କରାଯାଇପାରିନାହିଁ। ନିର୍ଦ୍ଧାରିତ ଡେଡଲାଇନରେ ସରି ନଥିଲେ ମଧ୍ୟ ଗତ ୨୦୨୫ ମାର୍ଚ୍ଚରେ ଏହି କାମ ସରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏବେ ୬ମାସ ଅତିକ୍ରାନ୍ତ କରିଥିଲେ ମଧ୍ୟ କାମ ଶେଷ ହୋଇପାରିନାହିଁ। ତାଳଦଣ୍ଡା କେନାଲରେ ଭରପୁର ପାଣି ରହିଥିବା ସମୟରେ ବି ବୋଟ କ୍ଲବ ନିୟମିତ ଚାଲୁନଥିବା ଜଣାପଡିଛି। ଏହି ପ୍ରସଂଗରେ ନିକଟରେ ହାଇକୋର୍ଟ ମଧ୍ୟ ଉଦବେଗ ପ୍ରକାଶ କରିଥିଲେ। ବୋଟିଂ ବ୍ୟବସ୍ଥା ଏଠାକୁ ଲୋକଙ୍କୁ ଆକର୍ଷିତ କରିଥାଏ। ଏହା କାର୍ଯ୍ୟକ୍ଷମ ହେଲେ ଆଗକୁ ଆସୁଥିବା ବାଲିଯାତ୍ରା ବେଳେ ଅଧିକ ଲୋକଙ୍କୁ ଆକର୍ଷିତ କରିବ ଏଥିରେ ସନ୍ଦେହ ନାହିଁ।


No.4070, Dated 23.10.2025 O-1128

Government of Odisha "e" procurement Notice

Bid Identification No. TENDER ONLINE SNPR- 07 OF 2025-26

1. Name of the work : Building Works as per DTCN available in the website. www.tendersodisha.gov.in
2. Total No. of Work : 64(Sixty four)Nos.
3. Approximate Estimated Cost : Vary from Rs. 1.68 lakh to Rs. 8.40 lakh
4. Period of Completion : 2 (Two Calendar months)
5. Period and time of availability of bid document in the portal for bidding : 29.10.2025 at 11.00AM to 11.11.2025 up to 5.00 PM
6. Date and time of opening of Tender : 12.11.2025 at 11.00AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W.Division. Sonepur

(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0041/2526



GOVERNMENT OF ODISHA A-748
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NABARANGPUR IRRIGATION DIVISION
NABARANGPUR,DIST-NABARANGPUR(ODISHA)
Email ID- senidivision@gmail.com

E-PROCUREMENT NOTICE

BID IDENTIFICATION NO-SE-NID- 04 /2025-26 (01-06)

1. Nature of the work – Construction of Trough wall & Renovation of canal syphon.
2. Total Nos. of works – 06 (Six) Nos.
3. Tender cost of the works–From Rs.7.53 lakhs to Rs.6.71 lakhs (excluding GST)
4. Class of Contractor – 'D'& 'C' Class
5. Period of completion-01(One) Month
6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-04 /2025-26(01-06) | 27.10.2025 (10.00AM) | 10.11.2025 (up to 05.00 PM) | 30.10.2025 up to 5.00 PM | 11.11.2025 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government web site www.tendersodisha.gov.in
Addendum/Corrigendum/Cancellation if any required will be published in Govt.website only.

Superintending Engineer
Nabarangpur Irrigation Division
Nabarangpur

OIPR-32361/11/0018/2526



GOVERNMENT OF ODISHA O-1174
OFFICE OF THE SUPERINTENDING ENGINEER
RURAL WORKS DIVISION-II, MALKANGIRI
Letter No. 3917/RWD-II/Dated- 24.10.2025
1st CORRIGENDUM
TO E-TENDER CALL NOTICE
BID-IDENTIFICATION NO.09/2025-26/LTR NO.3577/Dt. 24.09.2025

The Tender for the works invited under Bid Identification 09/2025-26 is here by modified and read as below:-

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability to Tender online for bidding | Dt. 17.10.2025 at 11.00 A.M. to Dt.31.10.2025 Up to 5.30 P.M. | Dt.05.11.2025 at 11.00 to Dt 15.11.2025 Up to 5.30 P.M. |
| 2. | Date & time of seeking tender clarification if any | Dt.30.10.2025 Up to 3.00 P.M. | Dt.14.11.2025 Up to 3.00 P.M |
| 3. | Date & time of Opening of tender (Price Bid) | Dt.01.11.2025 Up to 11.00 A.M. | Dt.17.11.2025 Up to 11.00 A.M |

1. All other terms and conditions of the bids will remain unchanged.

Supertintending Engineer
Rural Works Division-II,
Malakngiri

OIPR-25079/11/0036/2526

ସକାଳ THE SAKALA



www.sakalaepaper.com

### ଗାଁକୁ ଯାଇପାରୁନି ଆମ୍ବୁଲାନ୍ସ

# ବାଇକ୍ ଓ ଚେୟାର୍‌ରେ ବୁହା ହେଉଛନ୍ତି ରୋଗୀ

ଜି.ଉଦୟଗିରି,୨୫।୧୦(ସମିସ):



ଅନେକ ବିକାଶ ହୋଇଛି ବୋଲି କୁହାଯାଉଥିବା ବେଳେ ଆଜି ବି କନ୍ଧମାଳ ଜିଲ୍ଲାରେ ଏମିତି ଗାଁ ଅଛି ଯେଉଁଠି ଗାଁକୁ ରାସ୍ତା ନାହିଁ। ଜରୁରୀ ସେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନି। ଜରୁରିକାଳୀନ ପରିସ୍ଥିତିରେ ଲୋକଙ୍କୁ ଚେୟାର ହେଉ କିମ୍ବା ବାଇକରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡୁଛି। ବର୍ଷା ହେଲେ ବାଇକ ମଧ୍ୟ ଯାଇପାରୁନି। ସେହି ଅବହେଳିତ ଗାଁ ହେଉଛି ଜି.ଉଦୟଗିରି ବ୍ଲକର ପାଜୀମାହା। ମୁଖ୍ୟରାସ୍ତା ଠାରୁ ମାତ୍ର ତିନି କିମି ପକ୍କା ରାସ୍ତା ହେଇ ପାରୁନି। ପାଞ୍ଚ ଖଣ୍ଡ ଗାଁର ଲୋକେ ଗୁହାରି କରି କରି ଥକି ଗଲେଣି। ନିକଟରେ ଜଣେ ବୃଦ୍ଧାଙ୍କୁ ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଆମ୍ବୁଲାନ୍ସ ନ ଯିବାରୁ ଲୋକେ ଚେୟାରରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୋହି ନେଇଥିଲେ।। ଆଜି ସେମିତି ଜଣେ ମହିଳାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ବାଇକରେ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଜରୁରୀ ପରିସ୍ଥିତିରେ ରୋଗୀ ପାଇଁ ପ୍ରତିଟି ସେକେଣ୍ଡ ମୂଲ୍ୟବାନ ହୋଇଥିବା ବେଳେ ଗାଁ କୁ ରାସ୍ତା ନଥିବାରୁ ନାହିଁ ନଥିବା ହଇରାଣ ହେଉଛନ୍ତି ଗ୍ରାମବାସୀ। ଗାଁକୁ ସହଜରେ ବାଇକ୍ ଯିବା କଷ୍ଟକର ହୋଇଥିବା ବେଳେ ପାଞ୍ଚ ଖଣ୍ଡ ଗ୍ରାମର ଗ୍ରାମବାସୀ ପକ୍କା ରାସ୍ତା ପାଇଁ ଅଭିଯୋଗ କରିଥିଲେ ବି କିଛି ଫଳ ହେଉନି।

## ଫଳ ଚାରାରୋପଣ

ରାଇକିଆ,୨୫।୧୦(ସମିସ): ରାଇକିଆ ଓ ବେରେଢ଼ାକିଆରେ କଳିଙ୍ଗ କୁସୁମ ଫାଉଣ୍ଡେସନ ତରଫରୁ ଚାରାରୋପଣ କରାଯାଇଛି। ଇନ୍‌ଫୋସିସ ଓ ପାହାଡ଼ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩ ଜଣ ହିତାଧିକାରୀଙ୍କ ୧୨ ଏକର ଜମିରେ ନଡ଼ିଆ, ଆମ୍ବ, ଲିଚୁ, ଲେମ୍ବୁ ଭଳି ଅର୍ଥକାରୀ ଚାରା ରୋପଣ ସହ ଏହାର ଯତ୍ନ ପାଇଁ ବୈଷୟିକ ସହାୟତା ସମ୍ପର୍କିତ ପରାମର୍ଶ ଦିଆଯାଇଥିଲା। ଏଥି ସହ ବିଭିନ୍ନ ପ୍ରକାର ଚାଷକୁ ମାଧ୍ୟମ କରି ଚାଷୀଙ୍କୁ ଆର୍ଥିକ ଭାବେ ମଜବୁତ୍ କରିବା ସହ ଜୀବନ ଜୀବିକାକୁ ସୁଦୃଢ଼ କରିପାରିବ ସେ ନେଇ ପ୍ରକଳ୍ପ ନିର୍ଦ୍ଦେଶକ ପଞ୍ଚାନନ ମିଶ୍ର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ଦୁର୍ଗା ଶଙ୍କର ପ୍ରଧାନ, ସଂଜୟ ମହାପାତ୍ର, ସୁଧାରଞ୍ଜନ ଦିଗାଲ, ରାଜେଶ ମିଶ୍ର ଓ ସୁରତ ନାୟକ ପରିଚାଳନା କରିଥିଲେ।

■ ବାଲି ମାଫିଆ ସକ୍ରିୟ

# ବେଆଇନ ବାଲିଘାଟ ବନ୍ଦକଲା ଖଣି ବିଭାଗ



କାଶୀନଗର,୨୫।୧୦(ସମିସ): କାଶୀନଗର ବଂଶଧାରା ନଦୀ ଉପକୂଳରେ ବିଭିନ୍ନ ବେଆଇନ ବାଲିଘାଟ ଚାଲିଥିବା ସୂଚନା ପାଇ ଗୁରୁବାର ଖଣି ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀ ଦୀପେନ ପରିଡ଼ା ଯାଞ୍ଚ କରିଥିଲେ। କାଶୀନଗର ନିକଟସ୍ଥ ନଦୀ ଉପକୂଳରେ ବେଆଇନ ବାଲିଘାଟ ଚାଲିଥିବା ସୂଚନା ପାଇଁ ଉକ୍ତ ଅଞ୍ଚଳରେ ପହଞ୍ଚି ତଦାରଖ କରିଥିଲେ। ତଦାରଖ ବେଳେ କନିଷ୍ଠ ଖଣି ଅଧିକାରୀ ବିଶ୍ୱଜିତ୍ ମହତ୍, ସହକାରୀ ତହସିଲଦାର ତ୍ରିନାଥ ସାହୁ ଓ ପୁଲିସ ଏସ୍‌ଆଇ ଆଲୋକ ରଞ୍ଜନ ଜଗଦଲା ଉପସ୍ଥିତ ଥିଲେ।

ଉକ୍ତ ବାଲିଘାଟକୁ ଯାତାୟାତ ପାଇଁ ରାସ୍ତା ସଂପୂର୍ଣ୍ଣ ବନ୍ଦ ତଥା ରାସ୍ତାରେ ବଡ଼ ବଡ଼ ପଥର ପକାଇ ରାସ୍ତା ବନ୍ଦ କରାଯାଇଥିବା ନେଇ ଖଣି ଅଧିକାରୀ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି। ଅଞ୍ଚଳରେ ବେଆଇନ ବାଲିଘାଟ କେଉଁମାନେ ଚଳାଉଛନ୍ତି ସେନେଇ କୌଣସି ସୂଚନା ନଥିବା ଜଣାପଡ଼ିଛି। ବର୍ତ୍ତମାନ କାଶୀନଗର ଅଞ୍ଚଳରେ ଥିବା ଇଦୁଡ଼ି ବାଲିଘାଟ ମୌସୁମୀ ବର୍ଷା ଯୋଗୁ ବନ୍ଦ ରହିଥିବା ବେଳେ ବିଭିନ୍ନ ଅଞ୍ଚଳରେ ବେଆଇନ ବାଲିଘାଟ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଆଉ କିଛି ସ୍ଥାନ ତଥା ଆନ୍ଧ୍ର-ଓଡ଼ିଶା ସୀମା ଅଞ୍ଚଳରେ ଆନ୍ଧ୍ରରୁ ଚୋରା ବାଲି ଆଣି କିଛି ବାଲି ମାଫିଆ ଓଡ଼ିଶାର କେତକ ଅଞ୍ଚଳରେ ଷ୍ଟକ୍ ରଖି ବେଆଇନ ବାଲି ବେପାର ଚଳାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଖାଣ୍ଡବା ଅଞ୍ଚଳରେ ମଧ୍ୟ ଏହିପରି ବେଆଇନ ବାଲି ଚୋରାଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ଉକ୍ତ ବେଆଇନ ବାଲି ଚୋରା ଚାଲାଣ ପ୍ରତି ଖଣି ବିଭାଗ ଉଚିତ୍ ପଦକ୍ଷେପ ନେବାକୁ ଦାବି ହୋଇଛି।

## ପାଣିଗଣ୍ଡାରେ ଦୁର୍ଘଟଣା; ଯୁବକ ମୃତ

ବ୍ରାହ୍ମଣୀଗାଁ,୨୫।୧୦(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁର ମହାଜନ ସିଂ ନାମକ ଯୁବକଙ୍କ ବାଇକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ କୌଣସି କାମରେ ଗତକାଲି ରାତି ୮ଟା ବେଳେ ବାଇକରେ ଅଡ଼ବା ଯାଉଥିଲେ। ପାଣିଗଣ୍ଡା ନିକଟରେ ବାଇକ୍‌ରୁ କୌଣସି କାରଣରୁ ଖସିପଡ଼ି ଗୁରୁତର ହୋଇଥିବାବେଳେ ତାଙ୍କୁ ଉଦ୍ଧାର କରି ମୋହନା ଡାକ୍ତରଖାନା ପଠାଯାଇଥିଲା କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ନିଆଯାଉଥିବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଆଜି ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ବ୍ରାହ୍ମଣୀଗାଁରେ ଶେଷକୃତ୍ୟ କରାଯାଇଛି।

## ପରିତ୍ୟକ୍ତ କୂଅରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ମୋହନା,୨୫।୧୦(ସମିସ): ପରିତ୍ୟକ୍ତ କୁଅରୁ ଜଣେ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଗଜପତି ଜିଲ୍ଲା ମୋହନା ଥାନା ମାଣିକପୁର ଗ୍ରାମର ରାଜକିଶୋର ପାଇକ(୬୫)। ରାଜକିଶୋର ଦୁଇ ଦିନ ଧରି ନିଖୋଜ ଥିଲେ। ପରିବାର ଲୋକେ ବହୁତ ଖୋଜା ଖୋଜି କରି ଆଜି ନିଜ ବାରିପଟ ଥିବା ପରିତ୍ୟକ୍ତ କୁଅରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ମୋହନା ପୁଲିସକୁ ସୂଚନା ଦେଇଥିଲେ। ମୋହନା ଅଗ୍ନିଶମ ବାହିନୀ ପରିତ୍ୟକ୍ତ କୁଅରୁ ମୃତଦେହ ଉଦ୍ଧାର କରିଛି। ଘଟଣା ସ୍ଥଳରେ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ସୁନିଲ ସେଠୀ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇବା ସହ ଘଟଣାର ତଦନ୍ତ କରୁଛନ୍ତି।



## ଖୋଲା ଡ୍ରେନ୍‌କୁ ଖସିଲା ପିକ୍‌ଅପ୍




ବ୍ରାହ୍ମଣୀଗାଁ,୨୫।୧୦(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ବଜାରରେ ଥିବା ରାସ୍ତାକଡ଼ ମୁକୁଳା ଡ୍ରେନ୍‌କୁ ଖସି ପଡ଼ିଛି ପିକ୍‌ଅପ୍ ଭ୍ୟାନ୍। ରାସ୍ତା ଦୁଇ ପାଖରେ ଡ୍ରେନ୍ ରହିଛି। କିନ୍ତୁ ଗୋଟିଏ ପାଶ୍ୱର୍ ଡ୍ରେନରେ ଘୋଡଣୀ ନାହିଁ। ଏଥିଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବର୍ଷା ହେଲେ ନାଳରେ ପାଣି ଜମା ହେବା ସ୍ଥଳେ ମଇଳା ଆବର୍ଜନା ଦ୍ୱାରା ପୋତି ହେବାରେ ଲାଗିଛି। ମୁକୁଳା ଡ୍ରେନ୍ ବିପଦସଂକୁଳ ହୋଇଥିବାରୁ ଗୋରୁଗାଈ, ଛେଳି, ମେଣ୍ଢା ଏପରିକି ଛୋଟ ପିଲା ସେଥିରେ ପଡି ଖଣ୍ଡିଆଖାବରା ହେଉଛନ୍ତି। ଆଜି ସକାଳେ ଏଚ ପିକ୍‌ଅପ ଭ୍ୟାନ ଖୋଲା ଡ୍ରେନ୍ ମଧ୍ୟକୁ ଚାଲିଯାଇଥିଲା। ପ୍ରାୟ ୩ ଘଟିକା ସମୟ ଧରି ବହୁ କଷ୍ଟରେ ଖୋଲା ଡ୍ରେନ୍‌ରୁ ଗାଡ଼ିକୁ ବାହାର କରା ଯାଇଥିଲା। ମୁକୁଳା ଡ୍ରେନରେ ପ୍ଲେଟ ପକାଇବାକୁ ଦାବି ହେଉଛି।

# ସିୟୁଟିଏମ୍‌ରେ ଟେକ୍ ଉତ୍ସବ ଉଦ୍‌ଯାପିତ



ପାରଳାଖେମୁଣ୍ଡି,୨୫।୧୦(ସମିସ): ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିଆନ୍ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ସୃଜନଶୀଳତା, ନବସୃଜନ ଏବଂ ପ୍ରତିଯୋଗିତାର ଦୁଇଦିନିଆ ଟେକ୍ ଉତ୍ସବ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ "ଯେଉଁଠାରେ ଟେକ୍ନୋଲୋଜି ସୃଜନଶୀଳତାକୁ ଭେଟିଥାଏ' ବିଷୟବସ୍ତୁ ଉପରେ ଛାତ୍ରଛାତ୍ରୀମାନଙ୍କ ବୈଷୟିକ ବିଶେଷତା, ସୃଜନଶୀଳ ଚିନ୍ତାଧାରା ଏବଂ ସହଯୋଗୀ ମନୋଭାବ ପ୍ରଦର୍ଶନ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ଉଦ୍‌ଘାଟନ ଉତ୍ସବରେ ଏସ୍‌ଓଇଟିର ଡିନ୍ ପ୍ରଫେସର ଡ.ପ୍ରଫୁଲ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ତଥା ବିଶ୍ୱବିଦ୍ୟାଳୟର କୁଳସଚିବ, ପ୍ରଫେସର ଡ.ଅନିତା ପାତ୍ର ଇଞ୍ଜିନିୟରିଂ ଶିକ୍ଷାର ଭବିଷ୍ୟତ ଗଠନରେ ସୃଜନଶୀଳତା ଏବଂ ସମାଲୋଚନାମୂଳକ ଚିନ୍ତାଧାରାର ଗୁରୁତ୍ୱ ଉପରେ ତାଙ୍କ ଅଭିଭାଷଣ ରଖିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ପ୍ରଫେସର ଡ. ଦୁର୍ଗା ପ୍ରସାଦ ପାଢ଼ୀ ଶ୍ରେଣୀଗୃହ ଶିକ୍ଷା ବାହାରେ ଅନୁସନ୍ଧାନ କରିବାକୁ ପ୍ରେରଣା ଦେଇଥିଲେ। ଛାତ୍ର କଲ୍ୟାଣ ଡିନ୍ ଡକ୍ଟର ରିତେଶ କୁମାର ସମାବେଶକୁ ସମ୍ବୋଧିତ କରିଥିଲେ। ଦୁଇ ଦିନିଆ ଉତ୍ସବ ଅବସରରେ, ଛାତ୍ରଛାତ୍ରୀ ହାକାଥନ୍, ମାପାଥନ୍, କ୍ରସୱାର୍ଡ଼ ଚ୍ୟାଲେଞ୍ଜ, କୋଡିଂ ଚ୍ୟାଲେଞ୍ଜ, ୟୁଆଇ ଏବଂ ୟୁଏକ୍ସ ପ୍ରତିଯୋଗିତା, ପ୍ରୋଜେକ୍ଟ ଏକ୍ସପୋ, ଡିଜିଟାଲ୍ ପେଣ୍ଟିଂ, ଇ-ସ୍ପୋର୍ଟସ୍ ଏବଂ ଟ୍ରେଜର ହଣ୍ଟ ସମେତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ବିଜେତାମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରସ୍କାର ଏବଂ ପ୍ରମାଣପତ୍ର ସହିତ ସମ୍ମାନିତ କରାଯାଇଥିଲା।

# ସ୍ତ୍ରୀଙ୍କୁ ଏସିଡ୍ ଫିଙ୍ଗିବା ମାମଲାରେ ଶଶୁରକୁ ୧୦ ବର୍ଷ ଜେଲ୍

ପାରଳାଖେମୁଣ୍ଡି,୨୫।୧୦(ସମିସ): ସ୍ତ୍ରୀଙ୍କୁ ଏସିଡ୍ ଫିଙ୍ଗିବା ମାମଲାରେ ଶଶୁରକୁ ୧୦ ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି ବିଚାରପତି। ଅଡ଼ବା ଥାନା ଅନ୍ତର୍ଗତ ଅନ୍ତରବା ଗ୍ରାମରେ ଗତବର୍ଷ ଜାନୁଆରୀ ୨୯ ସନ୍ଧ୍ୟାରେ ଘଟିଥିଲା ଏହି ଘଟଣା। ରଞ୍ଜନ ଲିମା ଦ୍ୱିତୀୟ ବିବାହ ପରେ ଶଶୁର ପିଟର ପାଳଙ୍କ ଘରେ ରହି ଆସୁଥିଲେ। ଘଟଣା ଦିନ କୌଣସି କାମରେ ବାହାରକୁ ଯାଇ ଫେରିବା ପରେ ଶଶୁର ଘର ଦାଣ୍ଡ କବାଟ ବନ୍ଦ ଥିବା ଦେଖି ବାଡ଼ିପଟେ ଯିବାକୁ ଚେଷ୍ଟା କରିବା ସମୟରେ ଆଗରୁ ପ୍ରସ୍ତୁତ ଥିବା ଶାଶୁ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ରଞ୍ଜନଙ୍କ ମୁହଁକୁ ଟର୍ଚ୍ଚ ପକାଇଥିଲେ। ସେହି ସମୟରେ ଅଭିଯୁକ୍ତ ଶଶୁର ପିଟର ସ୍ତ୍ରୀଙ୍କ ଉପରକୁ ଏସିଡ଼ ପକାଇ ଦେଇଥିଲା। ରଞ୍ଜନ ଜୀବନ ବଞ୍ଚାଇବାକୁ ନିକଟସ୍ଥ ଜୋହାନ ପାଳଙ୍କ ଘରକୁ ପଶିଯାଇଥିଲେ। ତାଙ୍କୁ ଛଟପଟ ହେଉଥିବା ଦେଖି ବାବୁଲା ପାଳ ତୁରନ୍ତ ରଞ୍ଜନଙ୍କର ବାପାଙ୍କୁ ଖବର ଦେବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଚନ୍ଦ୍ରଗିରି ସରକାରୀ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ଏମକେସିଜି ସ୍ଥାନାନ୍ତର କରାଯାଇଥିଲା। ପରେ ରଞ୍ଜନଙ୍କ ବାପା ପୂର୍ଣ୍ଣ ଲିମା ଅଡ଼ବା ଥାନାରେ ଫେବୃଆରୀ ୧ରେ ଏତଲା ଦେଇଥିଲେ। ଇନ୍ସପେକ୍ଟର ଶୁଭ୍ରାନ୍ତ କୁମାର ପଣ୍ଡା ଉକ୍ତ ମାମଲାର ତଦନ୍ତ କରି ଅଭିଯୁକ୍ତ ଶଶୁରଙ୍କୁ କୋର୍ଟ ଚାଲାଣ କରିଥିଲେ। ୧୨ଜଣ ସାକ୍ଷୀଙ୍କ ବୟାନ ତଥା ପ୍ରମାଣକୁ ଭିତ୍ତି କରି ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲ୍ଲା ସେସନ୍ ଜଜ ବିଭୂ ପ୍ରସାଦ ପଣ୍ଡା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କାର ଜରିମାନା ସଜା ଶୁଣାଇଛନ୍ତି। ଜରିମାନା ରାଶି ଏସିଡ଼ ପୀଡ଼ିତଙ୍କ ଚିକିତ୍ସା ପାଇଁ ବ୍ୟବହାର କରାଯିବ ବୋଲି ଜଜ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟ ଆହୁରି ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ଘଟଣାର ଗମ୍ଭୀରତାକୁ ନଜରରେ ରଖି ପ୍ରସିକ୍ୟୁସନ ବିଭାଗର ଉପନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଓ ସହ ନିର୍ଦ୍ଦେଶକ ଡ଼ି.ଅନୁପରାଜ ଆଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ଏପିପି ପି. ପ୍ରସାଦ ରାଓ ଏହି ମାମଲା ପରିଚାଳନା କରିଥିବା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଓ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଏବିଭିପିର ନଗର ସମ୍ମିଳନୀ; ନୂତନ କାର୍ଯ୍ୟକାରିଣୀ ଗଠିତ



ଟିକାବାଲି,୨୫।୧୦(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କନ୍ଧମାଳ ଜିଲ୍ଲାର ଟିକାବାଲି ନଗର ସମ୍ମିଳନୀ ଆଜି ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ରତନ କୁମାର ଦିଗାଲ ଯୋଗ ଦେଇ ସମାଜ ଗଠନରେ ଛାତ୍ରଶକ୍ତିର ଭୂମିକା ଉପରେ ଆଲୋଚନା କରିଥିଲେ। ଗଞ୍ଜାମ ବିଭାଗ ସଂଯୋଜକ ରୁଦ୍ର ପ୍ରସାଦ ସେଠୀ, କନ୍ଧମାଳ ଜିଲ୍ଲା ପ୍ରମୁଖ ସନ୍ତୋଷ କୁମାର ଦଳବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁନେଖା ପ୍ରଧାନ ଏବଂ ଗଞ୍ଜାମ ବିଭାଗ (ଷ୍ଟୁଡେଣ୍ଟ ଫର୍ ପ୍ରୋ ଡେଭଲପମେଣ୍ଟ) ସଂଯୋଜକ ରଜତ ବେହେରା ମଞ୍ଚାସୀନ ଥିଲେ। ଆଗାମୀ ଶିକ୍ଷା ବର୍ଷ ପାଇଁ ଏହି ସମ୍ମିଳନୀରେ ଟିକାବାଲି ନଗରର ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି। ନଗର ସଭାପତି ଭାବେ ଅଧ୍ୟାପକ ଜଗନ୍ନାଥ ସାହୁ ମନୋନୀତ ହୋଇଥିବା ବେଳେ, ଛାତ୍ରନେତା ବାଜପେୟୀ ପ୍ରଧାନଙ୍କୁ ନଗର ସମ୍ପାଦକ ଦାୟିତ୍ୱ ମିଳିଛି। ସେହିପରି ସୁଲେଖା ଭୋଇ ସହସମ୍ପାଦିକା, ଶିବୁ ଦେହୁରୀ ସହ ସମ୍ପାଦକ ଏବଂ ପାୟଲ କହଁର ଅନ୍ୟତମ ସହ ସମ୍ପାଦିକା ଭାବେ ମନୋନିତ କରାଯାଇଥିଲା। ସମ୍ମିଳନୀରେ ଗଞ୍ଜାମ ବିଭାଗ ଖେଳ ଭାରତ ସଂଯୋଜକ ବିକାଶ ଦିଗାଲଙ୍କ ସମେତ ଆଲିଷା ମଲିକ, ଶୁଭଶ୍ରୀ ବେହେରା, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ, ମୌସୁମୀ ଆଚାର୍ଯ୍ୟ ଓ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନୂଆଗଡ଼ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ନୂଆଗଡ଼, ୨୫।୧୦ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଦୋଘରିଆ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ଗୁମ୍ମା ବ୍ଲକ ଶିକ୍ଷା ଅଧିକାରୀ ନୟନ ମଣ୍ଡଳ, ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜି, ଦୋଘରିଆ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାର୍କଣ୍ଡ ଶବର, ବଡ଼ପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟପ୍ରଧାନଶିକ୍ଷକ ବଳରାମ ଗମାଙ୍ଗ ଏବଂ ସମାଜସେବୀ ଯାକୁବ ରାଇକା ମଞ୍ଚାସୀନ ଥିଲେ। ପୂର୍ବରୁ ବ୍ଲକର ୯ଟି କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସେଥିରେ ୧୧ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବିଚାରକ ମଣ୍ଡଳୀ ଦ୍ୱାରା ମନୋନୀତ ହୋଇ ପ୍ରଥମ ସ୍ଥାନ ପାଇଥିବା ଛାତ୍ରଛାତ୍ରୀଙ୍କୁ ନେଇ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମନୋନୀତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ବସନ୍ତ ସିଂ ପରିଚାଳନା କରିଥିବା ବେଳେ ଶିକ୍ଷକ ଯଶୋବନ୍ତ ରଇତ ଧନ୍ୟବାଦ ଅର୍ପଣ କରିଥିଲେ।



■ କଳିଙ୍ଗ ମହାବିଦ୍ୟାଳୟ

## ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

ଜି.ଉଦୟଗିରି,୨୫।୧୦(ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟ, ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ "ଚିଲିକା ହ୍ରଦର ଜୈବ ପର୍ଯ୍ୟଟନରେ ମହିଳା ସଶକ୍ତିକରଣ ରାଜନୀତିକ ବିଚାର' ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ବିଷୟ ବିଷାରଦ ଭାବରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରୁରକିର ସହକାରୀ ପ୍ରଫେସର ଡ.ଲଲାଟେନ୍ଦୁ କେଶରୀ ଦାସ ଯୋଗଦେଇ ଆଲୋଚନା ଛଳରେ ମହିଳା ସଶକ୍ତିକରଣରେ ସମସ୍ୟା ଓ ତାର ସମାଧାନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରୁରକିର ଜୈବ ଗବେଷଣାର ସହଯୋଗୀ ଗବେଷକ ଡ.ଆଶିଷ ସାହୁ ମଧ୍ୟ ଯୋଗ ଦେଇଥିଲେ। ବିଭାଗ ମୁଖ୍ୟ ଅଧ୍ୟାପକ ମାନସ ରଞ୍ଜନ ରାଉତରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ, ଅଧ୍ୟାପକ ଡ. ରାଜେଶ୍ ବାଗ୍ ପାଠଚକ୍ର ବିଷୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ମଦନ ମୋହନ ବନଛୋର୍ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆ ଓ ଇଂରାଜୀ ବିଭାଗର ଅଧ୍ୟାପକ ସୌରଭ ସୁନ୍ଦର ପଧାନ ଯୋଗ ଦେଇଥିଲେ।

## ମହେନ୍ଦ୍ରତନୟା ନଦୀ ତଟ ସଫେଇ



ପାରଳାଖେମୁଣ୍ଡି,୨୫।୧୦(ସମିସ): କାର୍ତ୍ତିକ ପୂର୍ଣ୍ଣିମାର ପୂର୍ବରୁ ତଥା ନାଗ ଚତୁର୍ଥୀ ଅବସରରେ ପ୍ରଶାସନିକ ଅଧିକାରୀ ତଥା ଗଜପତି ଜିଲ୍ଲା ପୁଲିସ ଓ ସ୍ୱେଚ୍ଛାସେବୀ ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରତନୟା ନଦୀ ପଠା ସଫେଇ କରିଛନ୍ତି। ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ଡ଼ାକରାରେ, ପାରଳାଖେମୁଣ୍ଡି ଏସଡ଼ିପିଓ ମାଧବାନନ୍ଦ ନାୟକ, ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡ଼ା, ଓକିଲ ବି. ପ୍ରବୀଣ, ପାରଳାଖେମୁଣ୍ଡି ଥାନା ନବନିଯୁକ୍ତ ଏସ୍‌ଆଇ ଚକ୍ରଧର ହାଁସଦା, ହାବିଲଦାର ପ୍ରଦୀପ କୁମାର ପ୍ରଧାନ ତଥା ଗାୟତ୍ରୀ ଶକ୍ତିପୀଠର ସନ୍ତୋଷ କୁମାର ଗନ୍ତାୟତ, ପରିବେଶବିତ ମନୋଜ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ରୁ ଅଧିକ ବ୍ୟକ୍ତି ଆଜି ମହେନ୍ଦ୍ରତନୟା ନଦୀ ତୁଠକୁ ସଫେଇ କରିଥିଲେ। ଅଭିଯାନରେ ପାରଳାଖେମୁଣ୍ଡି ପୌର ପରିଷଦର ସଫେଇ କର୍ମଚାରୀଙ୍କ ସମେତ ଅଭିଷେକ ଗନ୍ତାୟତ, ଶଶୀଭୂଷଣ ପଟ୍ଟନାୟକ ଓ ସଞ୍ଜୟ ପାଢ଼ୀ ସହଯୋଗ କରିଥିଲେ। ଏହିଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ପାଇଁ ଆଜି ଗଜପତି ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି।

## ଆସୁଛି ପଞ୍ଚୁକ ବ୍ରତ ରାହାସ ଯାତ୍ରା

# ବଢୁଛି ନଦିଆ ଖୋଳର ଚାହିଦା

ଫିରିଙ୍ଗିଆ,୨୫।୧୦(ସମିସ):



ବର୍ତ୍ତମାନ ଚାଲିଛି ପବିତ୍ର କାର୍ତ୍ତିକ ମାସ। ଏହି ମାସରେ ଗାଁ ଗାଁ ରେ ଉପବାସ ରହି ବ୍ରତ ପାଳନ କରୁଛନ୍ତି ବ୍ରତଧାରୀ। ଗାଁ ଗାଁ ରେ ମନ୍ଦିର, ମଣ୍ଡପରେ ପଞ୍ଚୁକ ବ୍ରତ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପ୍ରତ୍ୟେକ ସୋମବାର ଦିନ ମନ୍ଦିର ଦର୍ଶନ କରି ଉପବାସ ରହି ଗାଁ ଗାଁରେ, ମନ୍ଦିରରେ ଖୋଳ କୀର୍ତ୍ତନ କରିବା ସହ ଗ୍ରାମ ପରିକ୍ରମା କରୁଛନ୍ତି। ତେବେ ପରିକ୍ରମାରେ ଖୋଳ କୀର୍ତ୍ତନ, ନଦିଆର ଆବଶ୍ୟକ ହେଉଥିବାରୁ ବର୍ତ୍ତମାନ ନଦିଆ ଖୋଳର ମରାମତି ହେଉ କି ନୂତନ ନଦିଆ ଖୋଳ ପ୍ରତ୍ୟେକ ଗାଁରେ ଆବଶ୍ୟକ ହେଉଥିବାରୁ ଏହାର ଚାହିଦା ବଢ଼ିବାରେ ଲାଗିଛି। ଏହି ପରିସ୍ଥିତିରେ ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ସ୍ଥାନରେ ନଦିଆ ଖୋଳ ନିର୍ମାଣ କାରିଗରଙ୍କର ମଧ୍ୟ ଗୁରୁତ୍ୱ ବଢିଥିବା ବେଳେ ସମସ୍ତେ ମରାମତି ଏବଂ ନୂତନ ଖୋଳ ନିର୍ମାଣରେ ନିମଗ୍ନ ରହୁଥିବା ଦେଖିବାକୁ ମିଳୁଛି। ଫିରିଙ୍ଗିଆ ବଜାର, ସୁନାକାଡୁର ଦୁମଦୁମା ଓ ମାଶ୍ରୀପଡ଼ା ଛକ ନିକଟରେ ମଧ୍ୟ ନଦିଆ ଖୋଳ ମରାମତି ଓ ନୂତନ ଖୋଳ ବିକ୍ରି ଓ ମରାମତି ହେଉଛି। ବିଶେଷ କରି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର କିଛି କାରିଗର ନଦିଆ ଖୋଳ ବିକ୍ରି ଓ ମରାମତି କରୁଥିବା ବେଳେ ଜିଲ୍ଲା ବାହାରୁ ଆସି ଦୀର୍ଘଦିନ ଧରି ଫିରିଙ୍ଗିଆ ବ୍ଲକର ଫିରିଙ୍ଗିଆ ଓ ମାଶ୍ରୀପଡ଼ାରେ ଏହି କାମ କରୁଛନ୍ତି। ମାଶ୍ରୀପଡ଼ାରେ ବର୍ଷେ ହେଲା ସୋନପୁର ଜିଲ୍ଲା ତରଭା ବ୍ଲକ ଦେଉଳପଦର ଗାଁର ଅନୀଲ ବାଘ ନାମକ ବାଦ୍ୟ କାରିଗର ଏହି କାମ କରୁଛନ୍ତି। ନିଜସହ ଆଉ ୩ ଜଣ କାରିଗରକୁ ମଧ୍ୟ ରୋଜଗାର ଯୋଗାଇବା ସହ ଏହି କାମରେ ଲଗାଇଛନ୍ତି। ଫିରିଙ୍ଗିଆ ବ୍ଲକରେ ଅଧିକ ବାଦ୍ୟ ମରାମତି ଓ ବିକ୍ରି ହେଉଥିବାରୁ ଭଲ ଦୁଇ ପଇସା ରୋଜଗାର ହେଉଥିବା କହିଛନ୍ତି କାରିଗର ଅନିଲ ବାଘ। ଅଧିକ ବିକ୍ରି ହେବା ଆଶାରେ ନୂତନ ଖୋଳ ଅଧିକ ପରିମାଣରେ ଆଣି ରଖିଛନ୍ତି ଏବଂ ପୁରୁଣା ଖୋଳ ମଧ୍ୟ ମରାମତି ପାଇଁ ଆସୁଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ଭଲ ରୋଜଗାର ହେଉଥିବା ବେଳେ ଆଗାମୀ ଦିନରେ ଅଧିକ ବିକ୍ରି ହେବା ସହ ଅଧିକ ରୋଜଗାର ହୋଇପାରିବ ବୋଲି ବାଦ୍ୟ ନିର୍ମାଣ କାରିଗର ଅନିଲ ବାଘ ଆଶା ରଖିଛନ୍ତି।

## ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୨୫ ।୧୦(ସମିସ): ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ



ଭାବେ ଶନିବାର ଡାକ୍ତର ଅଲେଖ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ ଏବଂ ସିଟି ମେଡିକାଲରେ ବରିଷ୍ଠ ଡାକ୍ତର ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ମଧ୍ୟ ବରିଷ୍ଠ ଶିଶୁ ବିଶେଷଜ୍ଞ ଭାବେ କାର୍ଯ୍ୟ କରିଥିଲେ। କାର୍ଯ୍ୟରେ ଯୋଗଦେବା ପରେ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି କରିବା ସହିତ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସ୍ୱଚ୍ଛତା ଓ ବିଶେଷ କରି ଚିକିତ୍ସାଳୟକୁ ଆସୁଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ମାନଙ୍କୁ ଉଚିତ୍ ବ୍ୟବହାର ଓ ଉଚିତ୍ ସେବା ପ୍ରଦାନ କରିବାରେ ବିଶେଷ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ପୂର୍ବରୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଅଧୀକ୍ଷକ ଭାବେ କାର୍ଯ୍ୟ କରୁଥିବା ଡାକ୍ତର ପ୍ରଶାନ୍ତ କୁମାର ପାତ୍ରଙ୍କୁ ରାଉରକେଲା ବଦଳି ହୋଇଯିବା ପରେ ଚିକିତ୍ସାଳୟର ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ସୁଦର୍ଶନ ସାହୁ ଦାୟିତ୍ୱ ନେଇଥିଲେ।

# ମଥା ନଇଁଲାଣି ପାଚିଲା ଧାନ; 'ମନ୍ଥା' ପାଇଁ ଛନକା

ପୋଲସରା,୨୫ ।୧୦(ସମିସ)



ବିଲରେ ମଥା ନଇଁଲାଣି ପାଚିଲା ଧାନ। ବାତ୍ୟା 'ମନ୍ଥା' ନାଁ ଶୁଣି ଏବେ ଚାଷୀ ମନରେ ଛନକା ପଶିଲାଣି। ଧାନ ପାଚିଥିବାବେଳେ ଦିନ କେଇଟା ପରେ ଅମଳ ହୋଇ ଘରକୁ ଆଣିବାକୁ ଚାଷୀ ସଜବାଜ ହେଉଛି। ବର୍ଷସାର ଖାଇବା ପାଇଁ ରଖିବା ସହ ବଳକା ଧାନକୁ ବିକ୍ରି ଭଲ ଦି ପଇସା ରୋଜଗାର ଆଶା ରଖିଛି। କିନ୍ତୁ ପାଣିପାଗ ବିଭାଗ ପକ୍ଷରୁ ଦକ୍ଷିଣ ଓଡ଼ିଶାରେ ବାତ୍ୟା 'ମନ୍ଥା'ର ବିଶେଷ ପ୍ରଭାବ ନେଇ ପୂର୍ବାନୁମାନ ପରେ ଅଞ୍ଚଳର ଚାଷୀ ମନରେ ଏବେ ଛନକା ପଶିଲାଣି। ପୋଲସରା ସହର ଓ ଏହାର ଆଖପାଖ ଅଞ୍ଚଳରେ କୋଉଠି ଧାନ ପାଚିଗଲାଣି ତ ଆଉ କୋଉଠି ଅଧା ପାଚିବା ଅବସ୍ଥାରେ ରହିଛି। ଚଳିତ ବର୍ଷ ସଅଳ ମୌସୁମୀ ଆସିଥିବାରୁ ଚାଷ କାମ ସୁରୁଖୁରୁରେ ସରିଥିଲା। ଏପରିକି ଦୁଇ ପଇସା ସଞ୍ଚୟ କରିବାକୁ ଭଲ ଫସଲ ଆଦାୟ ଲକ୍ଷ୍ୟରେ ଚାଷୀ ଧାର କରଜ କରି ଚଢ଼ା ଦରରେ ସାର ପିଢ଼ିଆ କିଣି ଉପଯୁକ୍ତ ସମୟରେ ବିଲରେ ପକାଇଥିଲା। ସେହି ଅନୁପାତରେ ଫସଲ ମଧ୍ୟ ଭଲ ହୋଇଛି। ସୁନାର ଫସଲ ଉପରେ ଏବେ ପ୍ରକୃତି ଦାଉ ସାଧିବାକୁ ବସିଲାଣି। ପାଣିପାଗର ପୂର୍ବାନୁମାନ ମୁତାବକ ମାସ ଶେଷ ବେଳେକୁ ଦୁଇ ଦୁଇଟା ଲଘୁଚାପ ଓ ପରବର୍ତ୍ତୀ ସମୟରେ ବାତ୍ୟାର ରୂପନେବ ବୋଲି ସତର୍କ ସୂଚନା ଜାରୀ ପରେ ଫସଲ ଅମଳ ଆଶା ଏବେ ମଉଳି ଯାଇଛି। ଯଦି ବି ଓଡିଶା ଉପରେ ଏହାର ପ୍ରଭାବ କମ୍ ରହିବ ତଥାପି ହାଲୁକା ପବନରେ ଗଛ ନଇଁ ପଡ଼ିବା ସମ୍ଭାବନା ଅଧିକ। ତେଣୁ ପାଚିଲା ଧାନକୁ ବିଲରୁ କିଭଳି ଘରକୁ ଅଣାଯିବ ତାକୁ ନେଇ ଚାଷୀ ଚିନ୍ତାରେ। ପୋଲସରା ବ୍ଲକ ଓ ଏନ୍ଏସି ଅଞ୍ଚଳରେ ଚଳିତ ବର୍ଷ ପାଖାପାଖି ୩୭,୩୧୧,୨୧୨ ଏକର ବା ୯୦୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ସୂଚନା ମିଳିଛି। ଯଦି ପୂର୍ବାନୁମାନ ସତ ହୁଏ ତାହାଲେ ଫସଲ ଉଜୁଡିବା ସହ ଲକ୍ଷାଧିକ ଟଙ୍କାର ଋଣବୋଝରୁ ଗରିବ ଚାଷୀ କେମିତି ମୁକୁଳିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ବାତ୍ୟା ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ସଜାଗ

ଆସିକା,୨୫ ।୧୦(ସମିସ): ଆସୁଛି ବାତ୍ୟା 'ମୋନ୍ଥା'। ପାଣି ପାଗ ବିଭାଗ ପକ୍ଷରୁ ଘନ ଘନ ସତର୍କ ସୂଚନା ଜାରି କରାଯାଇଛି। ସେପଟେ ବାତ୍ୟା ହେଉ କିମ୍ବା ପବନ ବର୍ଷା ହେଲେ ଚାଷୀ ମେରୁଦଣ୍ଡ ଦୋହଲିଯିବ। ବାତ୍ୟାର ମୁକାବିଲା ପାଇଁ ଆସିକା ଅଗ୍ନିଶମ ବାହିନୀର ପ୍ରସ୍ତୁତି ରହିଥିବା ବେଳେ ଆସିକା ଅଗ୍ନିଶମ ଅଧିକାରୀ କୈଳାଶ ଚନ୍ଦ୍ର ସାହୁ, ଆଗ୍ନିକ ଅଶୋକ କୁମାର ବାରିକ, ସନ୍ତୋଷ ନାୟକ, ଜଟ କିଶୋର ହାତୀ, ରଞ୍ଜନ କିଶୋର ଭୋଇ, ବାବୁଲା ଗୌଡ଼, ସୁଶାନ୍ତ ବେହେରା, ଶୁଭଜିତ ସାହୁ ପ୍ରମୁଖ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ କରି ରଖା ଯାଇଥିବା ଯନ୍ତ୍ର ଚଳିତ ବୋଟ, ରବର ବୋଟ,କଟର ମେସିନ, ବିଦ୍ୟୁତ ବନ୍ଦ ହେଲେ ଆଲୁଅ ସହ ଯୋଗାଣ ବ୍ୟବସ୍ଥାର ଡେମୋ ଦେଖାଇଥିଲେ। ପ୍ରଶାସନ ତରଫରୁ ବାତ୍ୟାର ପ୍ରଭାବକୁ ଦେଖି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ବାତ୍ୟା ଆଶ୍ରୟ ସ୍ଥଳୀକୁ ପ୍ରସ୍ତୁତ ରଖାଯାଇଥିବା ଜଣାପଡିଛି।

## ଶୋଇଥିବା ବେଳେ ଦଳିଦେଲା ହାତୀ

ଭଞ୍ଜନଗର,୨୫ ।୧୦(ସମିସ): ଘର ବାରଣ୍ଡାରେ ଶୋଇଥିବା ବେଳେ ଜଣକୁ ଦଳି ମାରିଦେଲା ହାତୀ। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ମୁଜାଗଡ ବନାଞ୍ଚଳର ବେଲାଟୁଣ୍ଡ ଗାଁରେ ଘଟିଛି ଏଭଳି ଘଟଣା। ମୃତକ ହେଲେ ସେହି ଗାଁର ବିକ୍ରମ ନାୟକ। ବେଲାଟୁଣ୍ଡ ଗାଁ ଠାରୁ କିଛି ଦୂରରେ ରହିଥିବା ଏକୁଟିଆ ଏକ ଘର ବାରଣ୍ଡାରେ ବିକ୍ରମ ଶୋଇଥିଲେ। ଏହି ସମୟରେ ୪ ଟିକିଆ ହାତୀପଲ ସେଠାକୁ ଫସଲ ଖାଇବାକୁ ଯାଇଥିଲେ। ହାତୀପଲର ଗର୍ଜନ ଶୁଣି ବିକ୍ରମ ନିଦରୁ ଉଠି ଦୌଡିଥିଲେ। ଏହି ସମୟରେ ହାତୀପଲ ତାଙ୍କୁ ଗୋଡ଼ାଇ ଗୋଡ଼ାଇ, ପାଖ ଚାଷ ଜମିରେ ଦଳି ମାରି ଦେଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ଅନୁସନ୍ଧାନ କରିବା ସହ ଭଞ୍ଜନଗର ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରିବା ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ, ମୃତକଙ୍କ ସମ୍ପର୍କୀୟଙ୍କୁ ଯଥାଶୀଘ୍ର କ୍ଷତିପୂରଣ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି।

## ଟ୍ରେନ ଧକ୍କାରେ ମହିଳା ମୃତ

ଛତ୍ରପୁର,୨୫ ।୧୦(ସମିସ): ଟ୍ରେନ ଧକ୍କାରେ ଜଣେ ମହିଳା ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତ୍ରପୁର ବ୍ଲକ ସାନ ଆର୍ଯ୍ୟପଲ୍ଲୀ ଗ୍ରାମର ବି. ଦାନାମ୍ମା (୫୬)। ଦାନାମ୍ମା ଛତ୍ରପୁରରୁ ବାଲୁଗାଁ ମାଛ ବିକ୍ରି କରିବାକୁ ଯିବାକୁ ଛତ୍ରପୁର ଷ୍ଟେସନ ଆସିଥିବା ବେଳେ ପଛପଟୁ ଏକ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ରେଲୱେ ପୁଲିସ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ସେ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ କ୍ଷତିପୂରଣ ପ୍ରଦାନ ପାଇଁ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ଯୁବନେତା ଏନ. ଦୀନବନ୍ଧୁ, ପି. ରାମବାବୁ ଓ କେ. ଦାଶରଥିଙ୍କ ସମେତ ଗ୍ରାମବାସୀ ଓ ପରିବାରବର୍ଗ ଦାବି କରିଛନ୍ତି।

## ସ୍ତ୍ରୀ'ଙ୍କୁ ହତ୍ୟା ଉଦ୍ୟମ; ପ୍ରାଣୀଧନ ନିରୀକ୍ଷକ ଗିରଫ

ଦିଗପହଣ୍ଡି,୨୫ ।୧୦(ସମିସ): ସ୍ତ୍ରୀ'ଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୁଲିସ ଦିଗପହଣ୍ଡି ପଶୁ ଚିକିତ୍ସାଳୟର ପଶୁଧନ ନିରୀକ୍ଷକ ଶୁଭକାନ୍ତ ରାଉତଙ୍କୁ ଗିରଫ କରିଛି। ଗିରଫ ଶୁଭକାନ୍ତଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ଥାନା ବଡ଼ପଲି ଗ୍ରାମରେ ହୋଇଥିବା ବେଳେ ସେ ଗୋକର୍ଣ୍ଣପୁର ଗ୍ରାମରେ ଏକ ଭଡ଼ାଘରେ ରହୁଥିଲେ। ବାହାଘର ପରେ ବିଭିନ୍ନ ସମୟରେ ଶୁଭକାନ୍ତ ମାରପିଟ୍ କରୁଥିବା ସ୍ତ୍ରୀ ତଅପୋଇ ଲିଖିତ ଅଭିଯୋଗ କରିବା ସହ ପୂର୍ବରୁ ମଧ୍ୟ ସମାନ ଘଟଣାରେ ମହାକାଳପଡ଼ା ଥାନାରେ ଉଭୟଙ୍କ ମଧ୍ୟରେ ମିଳାମିଶା ହୋଇଥିବା ଜଣାପଡ଼ିଛି।

ତଅପୋଇ ଓ ତାଙ୍କ ଏକମାତ୍ର ଝିଅର ଆବଶ୍ୟକ ଯତ୍ନ ନେଇ ଖୁସିରେ ରଖିବାକୁ ରାଜିନାମା ସ୍ୱାକ୍ଷରିତ ହୋଇ ଶୁଭକାନ୍ତ ଓ ତଅପୋଇ କିଛିଦିନ ଭଲରେ ରହିବା ପରେ ଶୁକ୍ରବାର ଗୋକର୍ଣ୍ଣପୁର ଭଡ଼ାଘରେ ପୁଣି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ପୁଲିସ ଏକ ମାମଲା ରୁଜୁ କରିବା ସହ ଶୁଭକାନ୍ତଙ୍କୁ ଗିରଫ କରି ଶନିବାର ଅପରାହ୍ନରେ ତଦନ୍ତକାରୀ ଅଧିକାରୀ ଏସ୍ଆଇ ସୋଫିଆ ମିଶ୍ର କୋର୍ଟଚାଲାଣ କରିଛନ୍ତି। ସେଠାରେ ତାଙ୍କର ଜାମିନ ଆବେଦନ ଖାରଜ ହେବାରୁ ଗିରଫ ଶୁଭକାନ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ଛତ୍ରପୁର,୨୫ ।୧୦(ସମିସ): ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ନିକଟ ନୟାରା ପେଟ୍ରୋଲ ପମ୍ପ ପାଖରେ ଶନିବାର ଏକ ମିନି ବସ୍ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ବ୍ରହ୍ମପୁରରୁ ପୁରୁଷୋତ୍ତମପୁର ଅଭିମୁଖେ ଯାଉଥିବା ବାବା ବିଘ୍ନରାଜ ନାମକ ଏକ ଘରୋଇ ମିନିବସ୍ ଏକ ବାଇକକୁ ଧକ୍କା ଦେଇଥିଲା। ମିନି ବସ ଚାଳକ ମଦ୍ୟପାନ କରି ଗାଡି ଚଲାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଗୁରୁତର ବ୍ୟକ୍ତିଙ୍କୁ ନିକଟସ୍ଥ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ବାଇକ୍ ଚାଳକ ଲାଞ୍ଜିପଲୀ ଅଞ୍ଚଳର ବୋଲି ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ କରୁଛି।



# ବିଭିନ୍ନ ସ୍ଥାନରେ ନାଗ ଚତୁର୍ଥୀ

ଖଲ୍ଲିକୋଟ,୨୫ ।୧୦(ସମିସ): ଖଲ୍ଲିକୋଟରେ ଆଜି ନାଗ ଚତୁର୍ଥୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାବା ବରାଳ ବାଲୁଙ୍କେଶ୍ୱର ମନ୍ଦିରରେ ଭକ୍ତ ମାନେ ନାଗ ଚତୁର୍ଥୀ ରେ ନାଗ ଦେବତାଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ବାବା ବରାଳ ବାଲୁଙ୍କେଶ୍ୱର ପୀଠରେ ନାଗ ଚତୁର୍ଥୀ ପୂଜା କରିବା ପାଇଁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ସନ୍ତାନ ଏବଂ ଐଶ୍ୱର୍ଯ୍ୟପ୍ରାପ୍ତି କାମନା କରି ମହିଳା ମାନେ ଏହି ନାଗଚତୁର୍ଥୀ ବ୍ରତ ପାଳନ କରିଥାନ୍ତି। ସାଧାରଣତଃ କିଛି ମହିଳା ଏକତ୍ରିତ ହୋଇ ଏହି ବ୍ରତକୁ ଏକ ଓଷାଭାବେ ପାଳନ କରିଥାନ୍ତି। ପୁରୋହିତ ତମ୍ବା, ପିତଳ, ସୁନା, ରୁପା ଇତ୍ୟାଦି ଧାତୁ ନିର୍ମିତ ନାଗ ମାନଙ୍କୁ ହଳଦୀ ପାଣିରେ ସ୍ନାନ କରାଇ ଆସ୍ଥାନ ଉପରେ ନୂତନବସ୍ତ୍ର ଉପରେ ସ୍ଥାପନ କରିଥାନ୍ତି। ସର୍ପ ମାନଙ୍କୁ ଫୁଲ ଚନ୍ଦନ ସିନ୍ଦୁର ଲଗାଇ ବେଶ କରାଯାଏ। ଆସ୍ଥାନ ନିକଟରେ ଉଈହୁଙ୍କା ଖଣ୍ଡେ ରଖି ତାକୁ ଚନ୍ଦନ, ସିନ୍ଦୂର, ଫୁଲ ଦେଇ ପୂଜାର୍ଚ୍ଚନା କରାଯାଇଥାଏ।



ରମ୍ଭା: ରମ୍ଭା ସହର ସମେତ ପାରିପାଶ୍ୱିର୍କ ଅଞ୍ଚଳରେ ନାଗ ପଞ୍ଚମୀ ପାଳିତ ହୋଇଯାଇଛି। ପ୍ରାୟତଃ ତେଲୁଗୁ ସମ୍ପ୍ରଦାୟ ମାନେ ପାଳନ କରିବା ଦେଖାଯାଇଥାଏ। ସମ୍ପ୍ରତି ଏହି ପୂଜା ପଦ୍ଧତିକୁ ଓଡ଼ିଆ ମାନେ କ୍ରମାଗତ ଭାବେ ଆପେଣେଇଥିବା ଲକ୍ଷ କରାଯିବା ସହ ପରିବାରର ଛୋଟ ପିଲାଙ୍କ ସକାଶେ ମଙ୍ଗଳ କାମନା କରି ଏହି ପୂଜା କରାଯାଏ ବୋଲି ପ୍ରକାଶିତ। ସାଧାରଣତଃ ଏହି ପୂଜା ବଡ ବଡ ଉଈ ହୁଙ୍କା ଗାତ ନିକଟରେ ଦୀପ ଜାଳି ଚୁଡା, ଆଖୁ, କଦଳୀ ଓ କ୍ଷୀର ଭୋଗ ଦେଇ ପୂଜା କରୁଥିବା ବେଳେ ଅନ୍ୟ କେତେକ ଚାଉଳ ଚୁନା ସାଲପିଣ୍ଡିରେ ନାଗ ନାଗୁଣୀ ତିଆରି କରି ଗୁଡରାଶି ପ୍ରଭୃତି କୁଟି ଲଡୁ ତିଆରି କରି ଭୋଗ ଦେବା ସଙ୍ଗେ ସଙ୍ଗେ ହୁଙ୍କାରେ ଅଣ୍ଡା କ୍ଷୀର ପକାନ୍ତି। ବେଲପତ୍ର ଓ ଗୟସ ଫୁଲ ମୁଖ୍ୟତଃ ବ୍ୟବହୃତ ହୋଇଥାଏ। ଛୋଟ ପିଲାଙ୍କର କାନରୁ ପୂଜପାତି ବାହାରିଲେ ନାଗ ଚତୁର୍ଥୀ ପୂଜା କରିବା ଦ୍ୱାରା ତାହା ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ରକ୍ତହୀନତା ମୁକ୍ତ ପଞ୍ଚାୟତ ପାଇଁ ପ୍ରଶିକ୍ଷଣ

ଖଲ୍ଲିକୋଟ,୨୫ ।୧୦(ସମିସ): ଆନାମିଆ ବା ରକ୍ତ ହୀନତା ମୁକ୍ତ ପଞ୍ଚାୟତ ପାଇଁ ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପିଇଓଙ୍କ ସହିତ ଆଶାକର୍ମୀ, ଅଙ୍ଗନବାଡି, ଏଏନଏମ, ସିଆରପି ଓ ଏମବିକେ ମାନେ ଉପସ୍ଥିତ ଥିଲେ। ରିସର୍ଚ୍ଚ ପର୍ସନ ସ୍ନିଗ୍ଧା ତ୍ରିପାଠୀ ରକ୍ତହୀନତା ଓ ଏହାର ନିରାକରଣ ସମ୍ପର୍କରେ ବୁଝାଇଥିଲେ। ନିୟମିତ ହିମୋଗ୍ଲୋବିନ ପରୀକ୍ଷା, ଟୀକାକରଣ ଏବଂ ବ୍ୟାପକ ଜନ ସଚେତନତା ଦ୍ୱାରା ହିଁ ରକ୍ତହୀନତା ରୋଗକୁ ଦୂର କରାଯାଇ ପାରିବ ବୋଲି କହିଥିଲେ।

● ଗଣପତି ହତ୍ୟାକାଣ୍ଡ ଘଟଣା

## ୧୪ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

କୋଦଳା,୨୫ ।୧୦(ସମିସ): ଦୀର୍ଘ ୧୪ବର୍ଷ ପରେ ଏକ ସଂଘବଦ୍ଧ ହତ୍ୟା ମାମଲାର ଶୁଣାଣି କରି ୧୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି କୋର୍ଟ। କୋଦଳା ଅତିରିକ୍ତ ଜିଲ୍ଲା ଦୌରାଜଜ ବିଶ୍ୱ ରଞ୍ଜନ ବେହେରା ଶନିବାର ଏହି ରାୟ ଶୁଣାଇଛନ୍ତି। ଅତିରିକ୍ତ ପିପି ରଶ୍ମିରାଣୀ ବଳବନ୍ତରାୟ ଓ ସୁବାସ ଚନ୍ଦ୍ର ସାହୁଙ୍କ ସୂଚନା ପ୍ରକାରେ, ମୋଟ ୧୮ ଅଭିଯୁକ୍ତଙ୍କ ମଧ୍ୟରୁ ୪ଜଣ ମୃତ୍ୟୁବରଣ କରିଥିବା ବେଳେ ଆଉ ୧୪ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ କୋଦଳା ଉପ କାରାଗାରରେ ରଖାଯାଇଛି। ଆସନ୍ତା ୨୭ରେ ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୪ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ହେବ।

ସୂଚନା ଅନୁଯାୟୀ, ଗତ ୨୬ ଜୁନ୍ ୨୦୧୧ରେ କୋଦଳା ବାଉରିସାହିରେ ଗଣପତି ଦାସଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ସ୍ୱର୍ଗତ ଗଣପତି ଦାସଙ୍କ ପୁଅ ରଙ୍କନିଧି ଦାସଙ୍କ ଅଭିଯୋଗ ଆଧାରରେ କୋଦଳା ଥାନାରେ ଏନେଇ ହତ୍ୟା ମାମଲା ରୁଜୁ ହୋଇଥିଲା। ମୋଟ ୧୮ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ବର୍ତ୍ତମାନ ୪ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୪ ଅଭିଯୁକ୍ତଙ୍କୁ ଆଜି କୋଦଳା ଅତିରିକ୍ତ ଜିଲ୍ଲାଜଜ୍ ବିଶ୍ୱ ରଞ୍ଜନ ବେହେରା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଦଣ୍ଡ ଶୁଣାଇଛନ୍ତି। ଆଗାମୀ ୨୭ ତାରିଖରେ ଅଭିଯୁକ୍ତଙ୍କ ଦଣ୍ଡାଦେଶ ଘୋଷଣା କରିବେ କୋର୍ଟ।

● ୨୦୦୮ ବିପିନ ଭୋଳ ହତ୍ୟା ଘଟଣା

## ବିକ୍ରମ ମଲ୍ଲିକ ନିର୍ଦ୍ଦୋଷରେ ଖଲାସ

ଭଞ୍ଜନଗର,୨୫ ।୧୦(ସମିସ): ବହୁଚର୍ଚ୍ଚିତ ଆସିକା ବିପିନ ଭୋଳ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ କୁହାଯାଉଥିବା ବିକ୍ରମ ମଲ୍ଲିକ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ଏହି ରାୟ ପ୍ରକାଶ ପାଇଛି। ଗତ ୧୮ ଜୁନ୍ ୨୦୦୮ରେ ଭଞ୍ଜନଗର ଥାନା ଆଗରେ ବିପିନଙ୍କୁ ହତ୍ୟା କରାଯାଇଥିଲା। ସେହି ସମୟରେ ଭଞ୍ଜନଗର ଥାନାରେ ବିକ୍ରମ ମଲ୍ଲିକଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ୨୦୨୨ରୁ ମାମଲାର ବିଚାରଣ ଆରମ୍ଭ ହୋଇଥିଲା। ତେବେ ୧୦ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ମାମଲାର ଶୁଣାଣି କରି, ବିକ୍ରମଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ଅଦାଲତ। ମୁଦାଲାଙ୍କ ପକ୍ଷରୁ ଆସିକାର ବରିଷ୍ଠ ଆଇନଜୀବୀ ଅଜିତ୍ ଚୌଧୁରୀ ମାମଲା ପରିଚାଳନା କରୁଥିଲେ।



## କିଆଫୁଲ ଚାଷୀଙ୍କ ଦୁଃଖ ବଢୁଛି

## ସଂଗ୍ରହ ହୋଇପାରୁନି, ଗଛରୁ ଝଡ଼ି ନଷ୍ଟ ହେଉଛି



ବ୍ରହ୍ମପୁର,୨୫ ।୧୦(ସମିସ): ଗଞ୍ଜାମ ଜିଲ୍ଲାର କିଆଫୁଲ ଚାଷୀଙ୍କ ଦୁଃଖ ଦିନକୁ ଦିନ ବଢ଼ିବାରେ ଲାଗିଛି। ମାତ୍ର ଦୁଃଖ ଲାଘବ ପାଇଁ ପ୍ରଶାସନ ପକ୍ଷରୁ ଆନ୍ତରିକତା ନଥିବା ଅଭିଯୋଗ ହୋଇଛି। ଅନ୍ୟ ରାଜ୍ୟରୁ ଆସି ଏଠାରେ ଭାଟି ସଂସ୍ଥାପନ କରିଥିବା ମାଲିକମାନେ ସମ୍ପ୍ରତି ଭାଟି ବନ୍ଦ କରିଦେଇଥିବା ବେଳେ କିଆଫୁଲ ସଂଗ୍ରହ ହେଉନି। ଅନେକ ଚାଷୀଙ୍କ ଫୁଲ ଗଛରେ ହିଁ ନଷ୍ଟ ହୋଇଯାଉଛି। ଫଳରେ ଚାଷୀକୂଳ ହତାଶ ହୋଇଛନ୍ତି। ଦୀର୍ଘଦିନରୁ ବାଡ଼ ସଜାଡ଼ି ଗଛ ଓ ଫୁଲକୁ ସୁରକ୍ଷା ଦେଇଥିବା ବେଳେ ଏବେ ଫୁଲ ବିକ୍ରିବଟା ନହୋଇ ନଷ୍ଟ ହେଉଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ପ୍ରଶାସନ ସହଯୋଗରେ ଉକ୍ତ ଭାଟି ଗୁଡ଼ିକ ଖୋଲିଲେ ଚାଷୀ ବେଶ୍ ଦୁଇପଇସା ରୋଜଗାର କରିପାରନ୍ତେ। କିନ୍ତୁ ତାହା ହେଉନଥିବା ଚାଷୀକୂଳ ଅଭିଯୋଗ କରିଛନ୍ତି। ଏନେଇ ଉକ୍ତ ଅଞ୍ଚଳର ଜନ ପ୍ରତିନିଧିମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଫଳରେ ଛତ୍ରପୁର, ରଙ୍ଗେଇଲୁଣ୍ଡା, ଚିକିଟି ଆଦି ଉପକୂଳରେ ଥିବା କିଆଫୁଲ ଚାଷୀମାନଙ୍କ ଦୁଃଖ ବୃଦ୍ଧି ପାଇଛି। ତୁରନ୍ତ ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଦାବି ହୋଇଛି।

ସୂଚନାଯୋଗ୍ୟ ଯେ, ଗଞ୍ଜାମର କିଆଫୁଲ ବିଶ୍ୱସ୍ତରରେ ବେଶ୍ ଆଦୃତ। ଏଠାରେ ଉତ୍ପାଦିତ ଫୁଲ ଭାଟି ଜରିଆରେ ମାଲିକମାନେ କିଣୁଛନ୍ତି। କିଆଫୁଲରୁ ବିଭିନ୍ନ କିସମର ଦ୍ରବ୍ୟ ତିଆରି କରି ବିଶ୍ୱସ୍ତରକୁ ରପ୍ତାନୀ ମଧ୍ୟ କରନ୍ତି। କିନ୍ତୁ ଚଳିତର ଦୀପାବଳି ପୂର୍ବରୁ ଭାଟି ବନ୍ଦ ସହ ସ୍ୱଳ୍ପ ମାତ୍ରାରେ ଚାଲୁଥିବାରୁ ଚାଷୀଙ୍କ ଫୁଲ ବିକ୍ରି ହେଉନଥିବା ଅଭିଯୋଗ ହୋଇଛି।

# ସରକାରୀ ଜମିକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ

ସାନଖେମୁଣ୍ଡି,୨୫ ।୧୦(ସମିସ)



ଧାନ ଜମିରେ ଗୋରୁ ଛାଡ଼ିଲେ

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ତହସିଲ ଅଧିନସ୍ଥ ପାଟପୁର ଥାନା ସାମନ୍ତରାପୁର ଓ ବତାଗଡ଼ ଗ୍ରାମବାସୀ ସରକାରୀ ଜମିକୁ ନେଇ ମୁହାଁମୁହିଁ ହୋଇଛନ୍ତି। ସାମନ୍ତରାପୁର ଗ୍ରାମରେ ଆଜକୁ ବହୁ ବର୍ଷ ଧରି ନିଜ ଗ୍ରାମ ମୌଜାରେ ୨୫ ଏକର ସରକାରୀ ଜମି ରହିଥିଲେ ମଧ୍ୟ ସେହି ଜମିକୁ ନେଇ ଉଭୟ ଗ୍ରାମ ମଧ୍ୟରେ ତିକ୍ତତା ଲାଗି ରହିଛି। ଏନେଇ ସାମନ୍ତରାପୁର ଗ୍ରାମବାସୀ ବହୁବାର ସାନଖେମୁଣ୍ଡି ତହସିଲ ପ୍ରଶାସନ ଓ ପୁଲିସ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସାମନ୍ତରାପୁର ମୌଜାରେ ଥିବା ଉକ୍ତ ଜମିରେ ପୋଡ଼ାମାରି ପଞ୍ଚାୟତର ବତାଗଡ଼ ଓ ପୋଡ଼ାମାରି ଗ୍ରାମର କିଛି ପରିବାର ଚାଷ କରି ଆସୁଥିଲେ। କିନ୍ତୁ ସାମନ୍ତରାପୁର ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏମିତିକି ଗତ କିଛିବର୍ଷ ପୂର୍ବେ ଉକ୍ତ ସରକାରୀ ଜମିକୁ ନେଇ ସାମନ୍ତରାପୁର ଗ୍ରାମବାସୀ କୋର୍ଟରେ ମଧ୍ୟ ଅଭିଯୋଗ କରିଛନ୍ତି। ପରେ କୋର୍ଟ ଉଭୟ ଗ୍ରାମବାସୀଙ୍କ ଯିବା ଉପରେ କଟକଣା ଲଗାଇଥିଲେ। ସାମନ୍ତରାପୁର ଗ୍ରାମବାସୀଙ୍କ କହିବା ହେଲା ଯେ, ଉକ୍ତ ସରକାରୀ ଜମି ଯେକୌଣସି ସରକାରି କାର୍ଯ୍ୟରେ ଲାଗିବା ଦରକାର ନଚେତ୍ ଉକ୍ତ ଜମି ଗୋଚର ହୋଇ ରହିଲେ ଗୋରୁ ଗାଈ ଚରିବା ପାଇଁ ସୁବିଧା ହେବ। ଗତବର୍ଷ ସେହି ଜମିରେ ପୋଡ଼ାମାରି ଓ ବତାଗଡ଼ ଗ୍ରାମର କିଛି ଲୋକ ଧାନ ଚାଷ କରିଥିଲେ। ହେଲେ ଧାନ ଅମଳ ହେବା ପରେ ସାମନ୍ତରାପୁର ଗ୍ରାମର ଲୋକ ଧାନ କାଟି ନେଇଥିଲେ। ଏନେଇ ଉଭୟ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଉଭୟ ପକ୍ଷଙ୍କୁ ବୁଝାସୁଝା କରିବା ପରେ କେହି ବି ସରକାରୀ ଜମିରେ ଚାଷ କରିବେ ନାହିଁ ବୋଲି କହିଥିଲେ। କିନ୍ତୁ ଚଳିତବର୍ଷ ପୁଣି ପୋଡାମାରି ଓ ବତାଗଡ଼ ଗ୍ରାମର କିଛି ଲୋକ ସେହି ଜମିରେ ଚାଷ କରିଥିଲେ।

ହେଲେ ଏହାକୁ ସାମନ୍ତରାପୁର ଗ୍ରାମବାସୀ ବିରୋଧ କରିଥିଲେ। କୌଣସି ସୁଫଳ ନମିଳିବାରୁ ଶନିବାର ସାମନ୍ତରାପୁର ଗ୍ରାମବାସୀ ନିଜର ଗୋରୁ, ଗାଈ ଉକ୍ତ ଚାଷ ଜମିକୁ ଛାଡ଼ି ଦେଇଥିଲେ। ଫଳରେ ଏନେଇ ଉଭୟ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା, ଶେରଗଡ଼ ଥାନା ଅଧିକାରୀ ବିରେନ୍ଦ୍ର ସିଆଲ, ପାଟପୁର ଥାନା ଏସଆଇ ଶ୍ରୀନିବାସ ଦାସ, ଏଏସଆଇ ସନ୍ତୋଷ କୁମାର ମିଶ୍ର, ରମାକାନ୍ତ ଶବର ସହ ପୁଲିସ କର୍ମଚାରୀ ଓ ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ଦୀଲିପ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ। ଆଇନକୁ ହାତକୁ ନ ନେଇ ବିବାଦୀୟ ଜମିକୁ ନ ଯିବାକୁ କହିଥିଲେ ପ୍ରଶାସନିକ ଅଧିକାରୀ। ଅପରପକ୍ଷେ ବିବାଦୀୟ ଜମିରେ ୧୬୩ ବିଏନଏସ ଲାଗୁ କରାଯିବ ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ଜେନା କହିଛନ୍ତି।

● ରାଜ୍ୟସ୍ତରୀୟ ପ୍ରତିଯୋଗିତା

## କରପଡ଼ା ଟିମ୍‌କୁ ଦ୍ୱିତୀୟ ପୁରସ୍କାର



ଗଞ୍ଜାମ,୨୫ ।୧୦(ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଓଡିଶା ଅଗ୍ନିଶମ ଓ ବିପର୍ଯ୍ୟୟ ପ୍ରଶିକ୍ଷଣ ଏକାଡେମିରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ବ୍ଲକର ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ କରପଡ଼ା ଟିମ୍ ଯୋଗଦେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସମ୍ପାଦକ ରାମଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଉତ୍ତମ ପ୍ରଦର୍ଶନ କରିବାରୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଟିମ୍‌ର ସମ୍ପାଦକ ତଥା କରପଡ଼ା ଅଞ୍ଚଳର ଯୁବ ସମାଜସେବୀ ରାମଚନ୍ଦ୍ର ନାୟକ ଓ ନୋଡାଲ ପ୍ରତିନିଧି ଟୁନା ମହାରଣାଙ୍କ ନେତୃତ୍ୱରେ ମିନାକ୍ଷୀ ନାୟକ, ସ୍ମୃତି ଚର୍ଚ୍ଚି, ଶ୍ରଦ୍ଧାଞ୍ଜଳି ଚୌଧୁରୀ, ରିତୁନ କୁମାର ମହାପାତ୍ର, ମୋହନ ନାୟକ, ଶଙ୍କର ନାୟକ, ରୁଦ୍ର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଟିମ୍‌କୁ ଅଞ୍ଚଳବାସୀ ତଥା ପ୍ରଶାସନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ସହିଦ ଷ୍ଟାଡିୟମ୍ ସମ୍ପୂର୍ଣ୍ଣ ହେବ କେବେ?



**ଶିଳାନ୍ୟାସକୁ ୭ ବର୍ଷ; ପାଚେରି ଅଧାଗଢ଼ା**

**କ୍ରୀଡ଼ାମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଭିତ୍ତିଭୂମିର ଚିତ୍ର**

ଅସୁରାଳି, ୨୫।୧୦(ସମିସ)

ଅସୁରାଳି ଗ୍ରାମର ମାଟିରେ ଅନେକ ଆଶା ଓ ଉତ୍ସାହ ନେଇ ଶିଳାନ୍ୟାସ ହୋଇଥିବା ସହିଦ୍ ଷ୍ଟାଡିୟମ୍ ଆଜି ଅଧୁରା ଅବସ୍ଥାରେ ପଡ଼ି ରହିଛି। ୨୦୧୯ ଫେବୃଆରୀରେ ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, କ୍ରୀଡ଼ାମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଯେଉଁ ଷ୍ଟାଡିୟମର ଶିଳାନ୍ୟାସ ହୋଇଥିଲା, ତାହାପରେ କିଛି ଦିନ ମାପଚୁପ ଓ ପାଚେରି ନିର୍ମାଣ ହେଲେ ମଧ୍ୟ ନିର୍ବାଚନ ପରେ କାର୍ଯ୍ୟ ବନ୍ଦ ହୋଇ ରହିଛି। ଏହା ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ ନିରାଶା ଦେଖାଦେଇଛି। ଏହି ଷ୍ଟାଡିୟମ ନିର୍ମାଣ ଅସୁରାଳି ସହିତ ପାଖପାଖ ୫ଟି ପଞ୍ଚାୟତର ଯୁବକ, ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ ଓ ସାମାଜିକ ସଂଘଗୁଡ଼ିକୁ ଉପକୃତ କରିପାରିଥାନ୍ତା। ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ଅସୁରାଳି ଉଚ୍ଚବିଦ୍ୟାଳୟ, ଆଇଟିଆଇ, ଶିଶୁ ମନ୍ଦିର ଓ ବେଷ୍ଟ ଇଞ୍ଜିନିୟରିଂ ସ୍କୁଲ ଭଳି ଅନେକ ଶିକ୍ଷାନୁଷ୍ଠାନ ଏହାଦ୍ୱାରା ଉପକୃତ ହୋଇ ପାରିଥାନ୍ତେ। ଏବେ ଷ୍ଟାଡିୟମ ପରିସରରେ କୌଣସି ସୂଚନାଫଳକ ନାହିଁ। ନା କୌଣସି ଠିକାଦାର ବା ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତି ପରିଲକ୍ଷିତ ହେଉଥିବା ବେଳେ ଦୁଇଟି ପାଚେରି ମାତ୍ର ଏହାର ପୂର୍ଣ୍ଣାଙ୍ଗ ରୂପରେଖ ଉପରେ ଉପହାସ କରୁଛି। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ କ୍ରୀଡ଼ା ମନ୍ତ୍ରୀ ହେବା ପରେ ଏହି ଷ୍ଟାଡିୟମ୍‌ର ପୁନରୁଦ୍ଧାର ପାଇଁ ଲୋକଙ୍କ ମଧ୍ୟରେ ଆଶା ଉଜ୍ଜିବିତ ହୋଇଥିଲ୍ ମାତ୍ର ସେହି ଆଶା ଆଶାରେ ରହି ଯାଇଛି। ଏହି ଅବସ୍ଥା ଦେଖି ଅଞ୍ଚଳର କ୍ରୀଡାପ୍ରେମୀ ଜନସାଧାରଣ ବ୍ଲକ୍ ପ୍ରଶାସନ ଓ ରାଜ୍ୟ ସରକାର ସମ୍ମୁଖରେ ଦାବି ରଖିଛନ୍ତି। ଏହି ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟକୁ ପୁନଃ ଆରମ୍ଭ କରାଯାଉ ବୋଲି ଏବେ ଦାବି ଜୋର୍ ଧରିଛି। ଏହି ଷ୍ଟାଡିୟମ ଅନେକ ସ୍ୱପ୍ନ, ଆଶା ଓ ଅନୁଭୂତିର ପ୍ରତୀକ। ଏହା ଅଧୁରା ରହି ବହୁ ଯୁବକଙ୍କ ଆଶାକୁ ଧୂଳିସାତ୍ କରୁଛି। ଯେଉଁଠି ଷ୍ଟାଡିୟମ୍ ଏହି ଅଞ୍ଚଳର ଯୁବ ପିଢି ପାଇଁ ଏକ ଅବସର ଓ ଗର୍ବର ଅନୁଭୂତି ହେବ କଥା ଆଜି ସେଇ ଷ୍ଟାଡିୟମ୍ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। କ୍ରୀଡ଼ା ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ କ୍ରୀଡ଼ାର ବିକାଶ ପାଇଁ ଭିତ୍ତିଭୂମିର ଏପରି ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶୀଘ୍ର ନିଷ୍ପତ୍ତି ନେବା ସହ ଷ୍ଟାଡିୟମକୁ ପୂର୍ଣ୍ଣାଙ୍ଗ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଜେଜେମା' ଶୁଦ୍ଧିକ୍ରିୟା ତୁଠରେ ଗଲା ନାତିଙ୍କ ଜୀବନ

**ଧାମନଗର, ୨୫।୧୦(ସମିସ):** ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତ ଇଛଦା ଗ୍ରାମର ଘଟିଛି ଏକ ଅଭାବନୀୟ ଘଟଣା। ଖବର ନେବାରୁ ଯାହା ଜଣାଯାଏ, ଜେଜେମା'ଙ୍କ ଶୁଦ୍ଧିକ୍ରିୟା ବେଳେ ତୁଠରେ ତଥା ରେବ ନଦୀରେ ଗୋଡ଼ ଖସିଯିବା ଫଳରେ ବୁଡ଼ିଯାଇ ନାତିଙ୍କ ଗଲା ଜୀବନ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏଭଳି ଘଟଣା ଘଟିଛି ଧାମନଗର ଥାନା ଅନ୍ତର୍ଗତ ଇଛଦା ଗ୍ରାମ ପାଣିସାହିରେ। ଅଞ୍ଜନ ପାଣିଙ୍କ ୨୧ ବର୍ଷୀୟ ପୁତ୍ର ପ୍ରକାଶଙ୍କ ଅକାଳ ବିୟୋଗ ଘଟିଛି। ଗତ ୧୬ ତାରିଖ ଗୁରୁବାର ହୃଦଘାତରେ ପ୍ରକାଶଙ୍କ ଜେଜେମା' ତୁଳସୀ ପାଣିଙ୍କ ପରଲୋକ ଘଟିଥିଲା।



ଶନିବାର ୧୦ ଦିନରେ ଶୁଦ୍ଧି ହୋଇ ନିକଟସ୍ଥ ରେବ ନଦୀରେ ସ୍ନାନ କରିବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଘଟଣାସ୍ଥଳରେ ଧାମନଗର ଦମକଳବାହିନୀ ନଦୀରୁ ପ୍ରକାଶଙ୍କୁ ଉଦ୍ଧାର କରିଥିବା ବେଳେ ତୁରନ୍ତ ତାଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା; ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପ୍ରକାଶ ଭୁବନେଶ୍ୱରର ଏକ ଅନୁଷ୍ଠାନରେ ବିଟେକ ଛାତ୍ର ଥିଲେ। ଖବର ପାଇ ଧାମନଗର ପୁଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପାଠାଇଛି।

## ବେଆଇନ ଗଛକଟା ନେଇ ତହସିଲଦାରଙ୍କୁ ଅଭିଯୋଗ

**ବନ୍ତ/ଆଗରପଡ଼ା,୨୫।୧୦(ସମିସ):** ବନ୍ତ ତହସିଲ ଅଣିଜୋ ଆରଆଇ ସର୍କଲ ଅନ୍ତର୍ଗତ ଭଗାରାମ ଗ୍ରାମର ପୂର୍ଣ୍ଣିମା ବାରିକଙ୍କ ବ୍ୟକ୍ତିଗତ ଜାଗାକୁ ଲାଗି ଏକ ସରକାରୀ ଜାଗା



(କିସମ-ଗୋଚର) ରହିଛି। ଉକ୍ତ ଜାଗାରେ ବହୁବର୍ଷ ଧରି କିଛି କିଛି ଗଛ ରହିଛି। ଗତ ଶୁକ୍ରବାର ପୂର୍ଣ୍ଣିମାଙ୍କ କିଛି ପଡ଼ୋଶୀ ସେଥିରୁ ତିନିଟି ଗଛ କାଟି ଗଡ଼ାଇ ଦେଇଛନ୍ତି। ତାଙ୍କ ଜାଗାକୁ ଲାଗିଥିବାରୁ ଏସବୁକୁ ବାରଣ କରିବାରୁ ସେମାନେ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଦେବା ସହ ମାରିବାକୁ ଉଦ୍ୟତ ହେବାନେଇ ସେ ବନ୍ତ ତହସିଲଦରଙ୍କଠାରେ ଅଣିଜୋ ରାଜସ୍ୱ ନିରୀକ୍ଷକଙ୍କ ମାଧ୍ୟମରେ ଅଭିଯୋଗ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ଗଛର କଟାଗଣ୍ଡି ସବୁ ପଡ଼ି ରହିଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗର ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି।

**ସମ୍ଭାବ୍ୟ ବାତ୍ୟା ପାଇଁ ଭଦ୍ରକ ଜିଲ୍ଲା ପ୍ରସ୍ତୁତ**

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ

ଭଦ୍ରକ, ୨୫।୧୦(ସମିସ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁଁ ଆସନ୍ତା ଦିନଗୁଡିକରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ଉପଲକ୍ଷେ ଶନିବାର ଭଦ୍ରକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଓସୱାନ୍ ଭିଡିଓ କନଫରେନ୍ସି ମାଧ୍ୟମରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳମାନେ ଓ ଜିଲ୍ଲା ଜରୁରିକାଳୀନ ଅଧିକାରିଣୀ ସହ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ସେହିପରି ସମସ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀ ନିଜ ନିଜ ବ୍ଲକ୍ ଭିସି କକ୍ଷରୁ ବୈଠକରେ ଯୋଗାଯୋଗ କରିଥିଲେ।

ସମ୍ଭାବ୍ୟ ବାତ୍ୟାର ସଫଳ ମୁକାବିଲା ପାଇଁ ଜିଲ୍ଲା ପରିସ୍ଥିତିର ସମୀକ୍ଷା ଓ ପ୍ରସ୍ତୁତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଯେ ତଳିଆ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ସମୟରେ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଉ। ତାଙ୍କ ପାଇଁ ଆବଶ୍ୟକ ଖାଦ୍ୟ, ପାଣି, ଆଲୋକ ଓ ସ୍ୱାସ୍ଥ୍ୟ ସୁବିଧା ସୁନିଶ୍ଚିତ କରାଯାଉ। ସେହିପରି, ଉଦ୍ଧାର ଓ ରିଲିଫ କାର୍ଯ୍ୟ ସଂପର୍କରେ ସମସ୍ତ ବିଭାଗର ସମନ୍ୱୟ ଓ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାପାଳ ଉଲ୍ଲେଖ କଲେ ଯେ ଜନସାଧାରଣଙ୍କୁ ଭୟଭୀତ ହେବାକୁ ନୁହେଁ, ବରଂ ସଚେତନ ଓ ସତର୍କ ରହିବାକୁ ପଡ଼ିବ। ସେ ଶୂନ୍ୟ ଅଘଟଣ ଲକ୍ଷ୍ୟ ସାଧନ ପାଇଁ ସମସ୍ତ ବିଭାଗକୁ ସମନ୍ୱିତ ଭାବେ ସୁନିଶ୍ଚିତ କରିବା ପାଇଁ କାମ କରିବାକୁ ଆହ୍ୱାନ କରିଥିଲେ।

## ବାତ୍ୟା-ବର୍ଷା ଆଶଙ୍କା; ଫିକାପଡ଼ିବ କାଳୀପୂଜା

**ବାରିକପୁର,୨୫।୧୦(ସମିସ):** ବାତ୍ୟା ଓ ବର୍ଷା ଆଶଙ୍କା ମଧ୍ୟରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ କାଳୀ ପୂଜା ମଣ୍ଡପଗୁଡିକ ଆଜି ଜନଗହଳିଶୂନ୍ୟ ଦେଖାଯାଇଛି। ଅପରାହ୍ନ ଗୋଟାଏ ପରେ ବ୍ଲକ ଅଞ୍ଚଳରେ ପାଗର ପରିବର୍ତ୍ତନ ଦେଖାଦେଇଥିବା ବେଳେ ଆକାଶ ମେଘାଚ୍ଛନ୍ନ ହୋଇଥିଲା। ଏପରିକି ମାଳଦା, ରହଣିଆ, ଷୋଳମପୁର, ବାଲିପୋଖରୀ, ସରସଦା ପ୍ରମୁଖ ସ୍ଥାନରେ ହାଲୁକା ପବନ ସହିତ ବର୍ଷା ମଧ୍ୟ ହୋଇଥିଲା। ଯଦିଓ ବର୍ଷା



ପରେ ପରେ ପାଗର କିଛିଟା ପରିବର୍ତ୍ତନ ହୋଇଥିଲା କିନ୍ତୁ ବଜାର ଘାଟରେ ସେତଟା ଲୋକ ସମାଗମ ଦେଖିବାକୁ ମିଳି ନଥିଲା। ଏପରିକି ଭଣ୍ଡାରିପୋଖରୀ ସାପ୍ତାହିକ ହାଟରେ ମଧ୍ୟ ବ୍ୟବସାୟୀଙ୍କ ସଂଖ୍ୟା କମ ରହିଥିଲା। ଏହାଛଡା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କାଳୀ ପୂଜା ମଣ୍ଡପଗୁଡିକରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ହ୍ରାସ ପାଇଥିଲା। ପୂର୍ବ ସନ୍ଧ୍ୟାଗୁଡ଼ିକ ଅପେକ୍ଷା ଆଜି ସନ୍ଧ୍ୟାରେ ପୀଠରେ ଜନସମାଗମ ହ୍ରାସ ପାଇଥିଲା। ବ୍ଲକର ମଞ୍ଜୁରୀରୋଡ, ଖପୁରିଆପଦା ଓ ଭଣ୍ଡାରିପୋଖରୀ ଥାନା ଛକଠାରେ ପୂଜା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଯଦି ଅନବରତ ବର୍ଷା ହୁଏ ତାହେଲେ ଏହା କେତେକାଂଶରେ ଫିକା ପଡିବ ବୋଲି କୁହାଯାଇଛି।

## ଭୂତକୋଠି ପାଲଟିଛି ପାନୀୟ ଜଳଯୋଗାଣ ଗୃହ

ବାରିକପୁର,୨୫।୧୦(ସମିସ)



ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ନିର୍ମିତ ହୋଇଥିବା ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଗୃହ ଗୁଡିକ ଏବେ ଭୂତକୋଠିରେ ପରିଣତ ହୋଇଛି। ଜିଲ୍ଲା ଜଳ ଯୋଗାଣ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ପର୍ଯ୍ୟାୟ କ୍ରମେ ଅଗଭୀର ନଳକୂପ ବା ବୋରୱେଲ ଖନନ ହୋଇଥିଲା। ପ୍ରକଳ୍ପଟି ପ୍ରାୟ ୪୦ରୁ ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ନଳକୂପ ଖନନ ହେବାପରେ ସେଠାରେ ପାଣିମୋଟର ଗୃହ, ବିଦ୍ୟୁତ୍ ସଂଯୋଗ ଓ ପାଚେରୀ ନିର୍ମାଣ ମଧ୍ୟ କରାଯାଇଥିଲା। ଏହାଛଡା ପ୍ରକଳ୍ପ ସଂଲଗ୍ନ ଗାଁ ଗୁଡିକରେ ଟ୍ୟାପ ନିର୍ମାଣ ସହିତ ଜଳ ଯୋଗାଣ ପାଇଁ ପାଇପ ସଂଯୋଗ ହୋଇଥିଲା। ହେଲେ ଲୋକେ ପାଣି ପାଇନଥିଲେ। ପ୍ରକଳ୍ପ ନିର୍ମାଣର କିଛି ଦିନ ପରେ ପରିଚାଳନା ତ୍ରୁଟି ଯୋଗୁଁ କେଉଁଠି ମାଟି ତଳେ ପଡିଥିବା ପାଇପ ଫାଟି ଗଲାଣି ତ ଅନ୍ୟ କେଉଁଠି ପାଣି ଟ୍ୟାପ ଭାଙ୍ଗି ନଷ୍ଟ ହୋଇଗଲାଣି। କେତେକ ଯାଗାରେ ପାଚେରୀ ମାଟିରେ ମିଶି ଯାଇଥିବା ଜଣାପଡିଛି। ଏପଟେ ଲୋକେ ପ୍ରକଳ୍ପରୁ ପାଣି ନପାଇଲେ ମଧ୍ୟ ବିଦ୍ୟୁତ୍ ଦେୟ ବାବଦକୁ ପଞ୍ଚାୟତ ଠାରୁ ଲକ୍ଷାଧିକ ଟଙ୍କା ଆଦାୟ ହେଉଥିବା ଜଣାପଡ଼ିଛି। ଆଜି ସୁଦ୍ଧା ଲୋକେ କ୍ଷୁଦ୍ର ନଳକୂପ ଉପରେ ଭରସା କରୁଛନ୍ତି। ଏହାଛଡା ବିଭିନ୍ନ ସ୍ଥାନରେ ନିର୍ମିତ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ମଧ୍ୟ ଦିଗ ହରାଇଥିବା ଅନୁମେୟ ହେଉଛି। ବ୍ଲକର ଷୋଳମପୁର, ସରସଦା, ପାଟୁଳି, ରଣଜିତ୍, ନପଙ୍ଗ, ରାମଚନ୍ଦ୍ରପୁର, କେସିଙ୍ଗା, ବିଷ୍ଣୁପୁର, ରହଣିଆ, କୋରି ଗାଁ, ମାଳଦା, ନିର୍ଗୁଣ୍ଡି, ନାଆମୀ, ବନ୍ଧାଳ ମଢିଆଳୀ, ଝୁଟଣା ଆଦି ୨୩ଟି ପଞ୍ଚାୟତରେ ନିର୍ମାଣଧୀନ ପ୍ରକଳ୍ପ ଗୁଡ଼ିକର ଅବସ୍ଥା ସମାନ ରହିଛି। ସରକାର, ଅମଲାତନ୍ତ୍ର ଓ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

## ୪ ବର୍ଷ ଧରି ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି କାଦମ୍ବିନୀ

ଅସୁରାଳି, ୨୫।୧୦(ସମିସ)



ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତର କଲ୍ୟାଣୀ ଗ୍ରାମର କାଦମ୍ବିନୀ ବେହେରା (୩୦)। ସ୍ୱାମୀ ଅନନ୍ତ କିଶୋର ବେହେରା (୩୫ ବର୍ଷ) ୪ ବର୍ଷ ତଳେ କୁଆଡେ ଯାଇଛନ୍ତି ଯେ ଘରକୁ ଆଜି ଯାଏଁ ଫେରିନାହାନ୍ତି। ତାଙ୍କ ଅନୁପସ୍ଥିତି ଏବେ ଏକ ଅନ୍ତହୀନ ଅପେକ୍ଷା ଓ ଦୁଃଖର ଅନୁଭୂତି ହୋଇଯାଇଛି। କାଦମ୍ବିନୀଙ୍କ ଗୋଟିଏ ଝିଅ ଅଛି। ୮ ବର୍ଷ ବୟସର। ଦ୍ୱିତୀୟ ଶ୍ରେଣୀର ଛାତ୍ରୀ। ନା ଅଛି ଖଣ୍ଡେ ଆବାସ, ନା ମିଳୁଛି ଆର୍ଥିକ ସହାୟତା। ଓଳିଏ ଖାଇଲେ ଓଳିଏ ଉପାସ। ରାସନ କାର୍ଡରେ ମିଳୁଥିବା ଅଳ୍ପ ଚାଉଳ ଦ୍ୱାରା ମା'ଝିଅର ଗୁଜୁରାଣ ମେଣ୍ଟୁଛି। ପର ଘରରେ ମୂଲ ଲାଗିଲେ ପେଟକୁ ଗଣ୍ଡେ ମିଳୁଛି; ତଥାପି ଅନନ୍ତଙ୍କ ବାଟକୁ ଆଜିଯାଏଁ ଚାହିଁ ବସିଛନ୍ତି କାଦମ୍ବିନୀ। ପ୍ରଶ୍ନ ଉଠୁଛି, କେବେ ପଡିବ ପ୍ରଶାସନର ଦୃଷ୍ଟି? କେବେ ଦୂର ହେବ ଏହି ମା' ଓ ଝିଅଙ୍କ ଦୁଃଖ? ସ୍ଥାନୀୟ ପ୍ରଶାସନ, ବ୍ଲକ ବିକାଶ କାର୍ଯ୍ୟାଳୟ, ଓ ମହିଳା ଓ ଶିଶୁ ବିକାଶ ବିଭାଗ ପାଖରେ ଏହି ଅନୁରୋଧ ରହିଛି ଯେ କାଦମ୍ବିନୀଙ୍କ ପାଇଁ ଆବାସ ଯୋଜନା, ଆର୍ଥିକ ସହାୟତା, ଓ ଝିଅଙ୍କ ଶିକ୍ଷା ପାଇଁ ଉଚିତ ବ୍ୟବସ୍ଥା କରାଯାଉ।

## ଦୁର୍ଘଟଣାରେ ଯୁବକ ମୃତ

**ବାଲିବନ୍ଧ, ୨୫।୧୦ (ସମିସ):** ଝୁମ୍ପୁରା ଥାନାଞ୍ଚଳ ଜାତୀୟ ରାଜପଥ ପାତ୍ରସାହି ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ପାତ୍ରସାହିର ବଗ ମୁଣ୍ଡାଙ୍କ ସାନପୁଅ ବିକାଶ (୧୮)। ଘଟଣାସ୍ଥଳରୁ ଧକ୍କା ଦେଇ ଗାଡ଼ି ଫେରାର ହୋଇଯାଇଛି। ଶୁକ୍ରବାର ରାତି ୧୦ଟା ୩୦ରେ ବିକାଶ ଶୌଚ ପାଇଁ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଗାଡ଼ି ଧକ୍କା ଦେବାରୁ ରାସ୍ତା ଉପରେ ସେ ଛିଟିକି ପଡ଼ି ଚିତ୍କାର କରୁଥିବା ବେଳେ ଦୀପକ ମୁଣ୍ଡା ସେଠାରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିକାଶଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବିକାଶକୁ ପରିବାର ଲୋକେ ଝୁମ୍ପୁରା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା ପରେ ବିକାଶଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁକରି ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇଛି।

## ମଉସୁଧା ହାଇସ୍କୁଲର ରୌପ୍ୟଜୟନ୍ତୀ ଲୋଗୋ ଉନ୍ମୋଚିତ

**ଭଦ୍ରକ, ୨୫।୧୦(ସମିସ):** ମଉସୁଧା ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ସବିତା ଜେନାଙ୍କ ସଭାପତିତ୍ୱ ଏବଂ ସହକାରୀ ଶିକ୍ଷକ ତୁଷାରକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆସନ୍ତା ୨୦୨୫-୨୬ ଶିକ୍ଷାବର୍ଷରେ ପାଳିତ ହେବାକୁ ଥିବା ରୌପ୍ୟଜୟନ୍ତୀ ପ୍ରସ୍ତୁତି ବୈଠକରେ ଲୋଗୋ ଉନ୍ମୋଚନ କରାଯାଇଛି। ଉତ୍ସବକୁ ସୁଚାରୁରୂପେ ପରିଚାଳନା କରିବାକୁ ଉପଦେଷ୍ଟା ରୂପେ ଗୌଡୁଣୀପୋଖରୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ଯେନା ଆଲୋଚନା କରିଥିଲେ। ୧୯୯୨ରୁ ୨୦୨୫ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ସହଯୋଗ ଓ ପ୍ରଚେଷ୍ଟାରେ ପ୍ରସ୍ତୁତି ବୈଠକଟି ସଫଳ ହୋଇଥିଲା। ବିଶେଷ କରି ଏହି ଉତ୍ସବ କିପରି ସଫଳ ହେବ ତାହାର




ଦାୟିତ୍ୱ ପୂର୍ବତନ ପ୍ରଧାନଶିକ୍ଷକ ରବିନାରାୟଣ ପଣ୍ଡାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏଥିରେ ବିଦ୍ୟାଳୟର ସହକାରୀ ଶିକ୍ଷକ କିଶୋରଚନ୍ଦ୍ର ନାୟକ, ଅଶୋକ କୁମାର ମିଶ୍ର, ତାପସ କୁମାର ଦାସ, ମନୀନ୍ଦ୍ର କୁମାର ନାୟକ ଓ ବଟକୃଷ୍ଣ ଶତପଥୀ ସୁଚିନ୍ତିତ ମତ ବ୍ୟକ୍ତ କରିଥିଲେ। ଅନିରୁଦ୍ଧ ପାତ୍ର, ସୁବାସଚନ୍ଦ୍ର ପଟ୍ଟନାୟକ ଓ ସୁଶାନ୍ତ କୁମାର ପଣ୍ଡା ସହଯୋଗ କରିଥିଲେ। ସମସ୍ତ ଶିକ୍ଷାର୍ଥୀ, ଶିକ୍ଷକ ଓ ପ୍ରଧାନଶିକ୍ଷକ ଓ ଅତିଥିଙ୍କ ଉପସ୍ଥିତିରେ ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ ହୋଇଯାଇଛି।

## ବାଲି ବୋଝେଇ ହାଇୱା ଜବତ; ମାଫିଆଙ୍କ ଛତ୍ରଭଙ୍ଗ

**କେନ୍ଦୁଝର,୨୫।୧୦(ସମିସ):** ଜାତୀୟ ରାଜପଥ ୨୦ରେ ଏକ ଚୋରା ବାଲି ବୋଝେଇ ହାଇୱା ଗାଡ଼ି କେନ୍ଦୁଝର ଅଭିମୁଖେ ଆସୁଥିବାର ସୂଚନା ପାଇ ଲଘୁ ଖଣିଜ ସ୍କ୍ୱାଡ୍ ଶୁକ୍ରବାର ରାତିରେ ପିଛା କରି ବଡପଶିଠାରେ ଅଟକାଇବାକୁ ଚେଷ୍ଟା କରିଥିଲେ। ଗାଡିଟି ଦ୍ରୁତ ଗତିରେ ଯାଉଥିଲା ଏବଂ ଏହା ପଛରେ କିଛି ମାଫିଆ ଗାଡିକୁ ସୁରକ୍ଷା ଦେଉଥିଲେ। ଟାଉନ ପୁଲିସ ପାଟ୍ରୋଲିଂ ଦଳ ଘଟଣାସ୍ଥଳରେ ପହଞ୍ଚିବାରୁ ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ରାତି ୮ ଟା ବେଳେ ଓଡି ୦୯ ଏଜି-୧୦୦୫ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱାକୁ ଜାମୁନାଳିଆଠାରେ ଜବତ କରି ନରଣପୁରସ୍ଥିତ ଲଘୁ ଖଣିଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହି ସ୍କ୍ୱାଡରେ ୪ ଜଣ ଜୁନିୟର ମାଇନିଂ ଅଫିସର ଥିଲେ। ଜାତୀୟ ରାଜପଥ ୨୦ ବର୍ତ୍ତମାନ ବାଲି ଚୋର ମାନଙ୍କର ଭୂସ୍ୱର୍ଗ ପାଲଟିଛି। ହାଟଡିହି ଏବଂ ଆନନ୍ଦପୁର ଅଞ୍ଚଳରୁ ରାଜନୈତିକ ଛତ୍ରଛାୟା ତଳେ ଶହ ଶହ ଟ୍ରିପ ବାଲି ପ୍ରତିଦିନ ଚୋରୀ କରି କେନ୍ଦୁଝର ଚାଲାଣ ହେଉଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ତେଲନଟିରେ ଯୋଗ ଶିବିର ଉଦ୍‌ଘାଟିତ



**ବନ୍ତ/ଆଗରପଡ଼ା,୨୫।୧୦(ସମିସ):** ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ଅନ୍ତର୍ଗତ ତେଲନଟି ଗ୍ରାମରେ ସାମାଜିକ ସଙ୍ଗଠନ ଆନୁକୂଲ୍ୟରେ ଯୋଗ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଆଗରପଡ଼ା ଥାନା ଅଧିକାରୀ ଦେବରାଜ ଜେନା, ସମ୍ମାନିତ ଅତିଥି ବାଲିପୋଖରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ଦିପ୍ତୀମୟୀ ବେହେରା, ତେଲନଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପବନ୍ଧୁ ଜେନା, ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ସନାତନ ସେଠୀ, କାହ୍ନୁଚରଣ ଜେନା, ଶ୍ରୀକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ଜିଲ୍ଲା ଯୋଗଗୁରୁ ତଥା ପତଞ୍ଜଳୀ ଯୋଗ ସମିତି ଜିଲ୍ଲା ସଂଯୋଜକ ଧରଣୀଧର କର, କୃଷକ ପ୍ରଭାରୀ ସଞ୍ଜୀବ କୁମାର ନାୟକ, ସୋସିଆଲ ମିଡ଼ିଆ ପ୍ରଭାରୀ ଶ୍ରୀବାସ୍ତ କର, ଯୋଗ ଶିକ୍ଷକ ରବୀନ୍ଦ୍ର ସେଠୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ଆଶାରାଣୀ ମୁଦୁଲି, ମଳୟ ରାଉଳ ପ୍ରମୁଖ ଯୋଗ ଶିକ୍ଷା ଦେଇଥିଲେ। ସଙ୍ଗଠନ ସଭାପତି ଜୟଦେବ ସାହୁ, ସହ ସମ୍ପାଦକ ଗଜେନ୍ଦ୍ର ଜେନା, କୋଷାଧ୍ୟକ୍ଷ ସୁଦର୍ଶନ ଜେନା, ସଦସ୍ୟ ବନମାଳୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରହସନ ପାଲଟିଛି ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ

ବନ୍ତ/ଆଗରପଡ଼ା,୨୫।୧୦(ସମିସ)





ଅସ୍ତିତ୍ୱ ହରାଇଲାଣି ଫଳକ

ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣକୁ ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। କାର୍ଯ୍ୟସ୍ଥଳୀ ନିକଟରେ ନିର୍ମିତ ଫଳକ ଗଡ଼ିପଡ଼ିବା ସହ ତାର ଅସ୍ତିତ୍ୱ ହରାଇବାରେ ଲାଗିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତର ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିର୍ମିତ ଗୋଷ୍ଠୀ ପରିମଳ କେନ୍ଦ୍ର ପାଇଁ ୩ ଲକ୍ଷ ବ୍ୟୟ କରାଯାଇଛି। ନିର୍ମିତ ଗୋଷ୍ଠୀ ପରିମଳ କେନ୍ଦ୍ର କାମରେ ନ ଲାଗିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ୨୦୨୦-୨୧ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ଗରିବ ରୋଜଗାର ଯୋଜନାରେ ଗୋଷ୍ଠୀ ପରିମଳ କେନ୍ଦ୍ରମାନ ନିର୍ମାଣ କରାଯାଇଥିଲା। ଏବେ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରୁ ନଥିବାରୁ ଉକ୍ତ ଯୋଜନାର ସଫଳ ରୂପାୟନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ କାର୍ଯ୍ୟସ୍ଥଳୀ ନିକଟରେ ନିର୍ମିତ ଫଳକ ଗଡ଼ିପଡ଼ି ତଳେ ପଡ଼ିବା ପୂର୍ବରୁ ଏକ ଗଛ ଉପରେ ଶୋଇ ରହିଛି ଏବଂ ତାର ସୂଚନା ସବୁ ଲିଭିଯାଇଛି। ତେଣୁ ଗୋଷ୍ଠୀ ପରିମଳ କେନ୍ଦ୍ରଟି କାର୍ଯ୍ୟକ୍ଷମ ହେବା ପୂର୍ବରୁ ସୂଚନାଫଳକ ତାର ଅସ୍ତିତ୍ୱ ହରାଇବସିଛି। ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ ପ୍ରହସନରେ ପରିଣତ ହୋଇଛି। ସେହିପରି କାଦବରାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ, ପୁରୁଷଣ୍ଡ ପଞ୍ଚାୟତର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ନିକଟରେ, ଓଡ଼ଙ୍ଗ ପଞ୍ଚାୟତର ସତୀସାବିତ୍ରୀ ଉଚ୍ଚବିଦ୍ୟାଳୟ ସମ୍ମୁଖରେ ଏହିପରି ବିଭିନ୍ନ ସ୍ଥାନରେ ନିର୍ମିତ ଗୋଷ୍ଠୀ ପରିମଳ କେନ୍ଦ୍ରମାନ କାର୍ଯ୍ୟକ୍ଷମ ଅପେକ୍ଷାରେ ରହିଛି। ସେହିପରି ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଆଗରପଡ଼ା ବଜାରରେ ବିଟିପୁର ପଞ୍ଚାୟତ ପକ୍ଷରୁ ନିର୍ମାଣ ହେଉଥବା ଗୋଷ୍ଠୀ ପରିମଳ କେନ୍ଦ୍ରର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ବନ୍ଦ ହୋଇପଡ଼ିଥିବା କେନ୍ଦ୍ରଗୁଡ଼ିକ କିପରି ବ୍ୟବହାର ହୋଇପାରିବ ଏବଂ ଅସଫଳ ଯୋଜନା କିପରି ସଫଳ ହୋଇପାରିବ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଜିଲ୍ଲା ସ୍ୱତନ୍ତ୍ର ସ୍କ୍ୱାଡ୍ ନିଷ୍କ୍ରିୟ

# ବାଙ୍ଗରକୋଟାରେ ବାଲିମାଫିଆ ସକ୍ରିୟ

ଦାନଗଦି,୨୫।୧୦(ସମିସ):



ଦାନଗଦି ତହସିଲ ଅନ୍ତର୍ଗତ ବାଙ୍ଗରକୋଟା ପଞ୍ଚାୟତ ସଂଲଗ୍ନ ବିଭିନ୍ନ ସ୍ଥାନରେ ପୁଣି ଥରେ ବାଲିମାଫିଆଙ୍କ ଦୋରାତ୍ମ୍ୟ ଆରମ୍ଭ ହୋଇଯାଇଛି। ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରିପ୍ ବାଲି ଲୁଟ୍ ଚାଲିଛି। ସ୍ଥାନୀୟ ପୁଲିସ, ତହସିଲଦାର ଓ ଜିଲ୍ଲା ଲଘୁ ଖଣିଜ ବିଭାଗକୁ ମୋଟା ଅଙ୍କରେ ବଟିଦେଇ ଏଭଳି ଲୁଟ ଚାଲିଥିବା ଗ୍ରାମବାସୀ କହିଛନ୍ତି। ଲଘୁ ଖଣିଜ ସମ୍ପଦର ସୁରକ୍ଷା ପାଇଁ ସରକାର ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରିଛନ୍ତି। ହେଲେ ଏହି ସ୍କ୍ୱାଡ କୌଣସି ସ୍ଥାନରେ ଖବର ପାଇ ପହଞ୍ଚିବା ପୂର୍ବରୁ ସେମାନଙ୍କ ଡ୍ରାଇଭର ସମେତ କିଛି କର୍ମଚାରୀ ବାଲିମାଫିଆଙ୍କୁ ଫୋନ ଯୋଗେ ସତର୍କ କରାଇ ଦେଉଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ବାଲି ମାଫିଆଙ୍କ ଠାରୁ ମୋଟା ଆକାରରେ ମାଲ ନେଇ ଏଭଳି ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଥିବା ଜଣାପଡିଛି। ଯାଜପୁର ଜିଲ୍ଲା ଲଘୁ ଖଣିଜ ସମ୍ପଦ କାର୍ଯ୍ୟାଳୟ ଓ ସ୍ୱେଶାଲ ସ୍କ୍ୱାଡର ନିଷ୍କ୍ରିୟତା ପାଇଁ ଗତ କିଛି ଦିନ ତଳୁ କୁଶେଇ ନଦୀରୁ ବେଧଡ଼କ ବାଲି ଲୁଟ୍ ଆରମ୍ଭ ହୋଇଛି। ପ୍ରତି ରାତିରେ ମାଫିଆ ଗୋଷ୍ଠୀ ୩୦ରୁ ଅଧିକ ଟ୍ରାକ୍ଟର ଯୋଗେ ବାଲି ଚୋରି କରି ନିୟମିତ ବିକ୍ରି କରି ଆସୁଛନ୍ତି। ବିଳମ୍ବିତ ରାତିରେ ନଦୀରୁ ବାଲି ଉଠାଉଥିବା ଟ୍ରାକ୍ଟର ଗୁଡିକ ଯାଜପୁର ଜିଲ୍ଲା ସୀମାନ୍ତ ଗ୍ରାମ ବାଙ୍ଗରକୋଟାରେ ୫ଟି ପୃଥକ୍ ପୃଥକ୍ ଜାଗାରେ ପାହାଡ଼ ପ୍ରାୟ ଗଚ୍ଛିତ କରି ରଖୁଛନ୍ତି। ଖୋଦ୍ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ପଷ୍ଟ ଦିନ ଆଲୁଅରେ ଏହି କାରବାର ଚାଲିଥିଲେ ମଧ୍ୟ ଏହି ପ୍ରସଙ୍ଗରେ ତାଙ୍କ ନିରବତା ଚତୁରେ ଚତୁରେ କୋଳାକୋଳି ଆଡ଼କୁ ଇଙ୍ଗିତ କରୁଛି। ବାଲି ଲୁଟ୍ ପାଇଁ ସବୁ ଦଳର ସମର୍ଥକମାନେ ଏଠାରେ ମେଳି କରିଥିବା ଦେଖିବାକୁ ମିଳିଛି। ତେଲିବେଡ଼ା ନିକଟରୁ ବାଙ୍ଗରକୋଟାର ନିର୍ଦ୍ଦିଷ୍ଟ ଲୁଟିଆ ଗୋଷ୍ଠୀ ବର୍ଷ ବର୍ଷ ଧରି ଦିନରାତି ଏକକରି ବେଧଡ଼କ ବାଲି ଲୁଟ୍ କରି ଚାଲିଛନ୍ତି। ଆଖପାଖର ସମସ୍ତ ଟ୍ରାକ୍ଟର ଦ୍ୱାରା ନଦୀରୁ ବାଲି ଉଠାଇବା ପରେ ଗ୍ରାମର ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖୁଛନ୍ତି। ପରେ ସେଗୁଡିକୁ ଉଚ୍ଚ ମୂଲ୍ୟରେ ହାଇୱା ଯୋଗେ ବାହାରକୁ ଚାଲାଣ କରାଯାଉଛି। କଂକ୍ରିଟ ପାଇଁ ଯୋଗ୍ୟ ଏଠାକାର ବାଲିର ଚାହିଦା ରହିଥିବାରୁ ଏକ ବୃହତ୍ତ ଠିକାସଂସ୍ଥା ବିପୁଳ ପରିମାଣର ବାଲି ନେବାକୁ ସ୍ଥାନୀୟ ମାଫିଆମାନଙ୍କ ସହିତ ଚୁକ୍ତି କରିଥିବା ଜଣାପଡିଛି। ଦୈନିକ ଲକ୍ଷାଧିକ ଟଙ୍କାର ବାଲି ଲୁଟ ହେଉଥିଲେ ମଧ୍ୟ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଦାନଗଦି ତହସିଲ କର୍ତ୍ତୃପକ୍ଷ ମଧ୍ୟ ପୂର୍ବରୁ ଏହି ଘାଟକୁ ନିଲାମ ଡାକିବାକୁ କେବେ ମଧ୍ୟ ଆଗେଇ ଆସିନାହାନ୍ତି। ଲଘୁ ଖଣିଜ ସମ୍ପଦ ବିଭାଗ ମଧ୍ୟ ସମାନ ବାଟରେ ରହିଛି। ତେଣୁ ନଦୀରେ ଜଳସ୍ତର କମିବା ପରେ ପୁଣି ମାଫିଆ ଗୋଷ୍ଠୀ ସକ୍ରିୟ ହୋଇ ବ୍ୟାପକ ଅଯୋଜନରେ ଲୁଟ୍ ଆରମ୍ଭ କରିଛନ୍ତି। ତୁରନ୍ତ ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## 'ସଚେତନ ହେଲେ ସାଇବର କ୍ରାଇମ ରୋକିହେବ'



ସିଂହପୁର,୨୫।୧୦(ସମିସ): ରାଜ୍ୟରେ ବଢିଚାଲିଥିବା ସାଇବର କ୍ରାଇମକୁ ନିୟନ୍ତ୍ରଣ କରିବା ପାଇଁ ଯାଜପୁର ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ବିଞ୍ଝାରପୁର ଥାନା ଅଞ୍ଚଳର ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର ବଜାର ଆଦି ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଖରସ୍ରୋତା ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧିକାରୀ ଶୀତିକଣ୍ଠ କାନୁନଗୋ, ଏସ୍‌ଡିପିଓ ପ୍ରଶାନ୍ତ ମାଝୀ, ଡିଏସ୍‌ପି ବାମଦେବ ନନ୍ଦ, ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ, ନିରଞ୍ଜନ ବେଉରିଆ, ଅଧ୍ୟକ୍ଷ ବ୍ରଜକିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଇବର କ୍ରାଇମ ରୋକିବା ଦିଗରେ ପୁଲିସ ପକ୍ଷରୁ ଏକ ଶପଥ ପାଠ କରାଯାଇଥିଲା। ସେହିପରି ସିଂହପୁର ବଜାର ଠାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ନାରୀନେତ୍ରୀ ବବିତା ମଲ୍ଲିକ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ସୁଶାନ୍ତ କୁମାର ନାୟକ, ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନଗୋ, ଏସ୍‌ଡିପିଓ ପ୍ରଶାନ୍ତ ମାଝୀ, ଡିଏସ୍‌ପି ବାମଦେବ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନରେ ଅଳକୁଣ୍ଡ ଥାନା ପକ୍ଷରୁ ଥାନା ଅଧିକାରୀ ଦେବାଶିଷ ଶତପଥୀଙ୍କ ନେତୃତ୍ୱରେ ଅଳକୁଣ୍ଡ ଠାରେ ଏହି ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିଜିଟାଲ ଆରେଷ୍ଟ, ଅଜଣା ଲିଙ୍କ୍, ଲୋଭଦାୟକ ଅଫର ଜରିଆରେ ସାଇବର ଠକ ମାନେ ଅଭିନବ ଉପାୟରେ ଠକେଇ କରୁଛନ୍ତି। ତେଣୁ ଏସବୁରୁ ଦୂରେଇ ରହିବା ସହ ଯଦି ଏଭଳି କିଛି କଲ କିମ୍ବା ଠକାମିର ଶିକାର ହେଉଛନ୍ତି; ତେବେ ତୁରନ୍ତ ୧୯୩୦କୁ କଲ୍ କରି ସହାୟତା ନେବା ପାଇଁ ଜନସାଧାରଣଙ୍କୁ ଆଇଆଇସି ସୂଚନା ଦେଇଥିଲେ।

## କର୍କଟ ପୀଡ଼ିତା ମହିଳାଙ୍କ ମୃତ୍ୟୁ

ବଡ଼ଚଣା,୨୫।୧୦(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ଗ୍ରାମର ସିପ୍ରା ମହାନ୍ତି (୪୬)ଙ୍କ କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଛନ୍ତି। ସେ କର୍କଟରେ ପୀଡ଼ିତ ହୋଇ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ନିମୋନିଆରେ ଆକ୍ରାନ୍ତ ହୋଇପଡ଼ି ଆଇସିୟୁରେ ୧୨ ଦିନ ଧରି ରହିଥିଲେ। ହେବା ଅବସ୍ଥାରେ ବିୟୋଗ ହୋଇ ଥିଲା। ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ବଞ୍ଚାଇ ପାରିନଥିଲେ। ସେ ଚଣ୍ଡିତଳ ଗ୍ରାମପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଓ ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ଚିନ୍ମୟ ମହାନ୍ତିଙ୍କ ଭାଇବୋହୂ। ମୃତ୍ୟୁ ସମୟରେ ସ୍ୱାମୀ ତନ୍ମୟ ମହାନ୍ତି, ପରିବାରର ସମସ୍ତ ସଦସ୍ୟ, ବନ୍ଧୁ ପରିଜନ ଓ ଗ୍ରାମବାସୀଙ୍କ ଉପସ୍ଥିତ ଥିଲେ। ସମଗ୍ର ଚଣ୍ଡିତଳ ଗ୍ରାମ ପଞ୍ଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥଲା। ମରଶରୀରକୁ ଗ୍ରାମ ପରିକ୍ରମା କରି ସତ୍କାର କରାଯାଇଥିଲା। ପରିବାରର ଏକମାତ୍ର ପୁତ୍ର ବ୍ରହ୍ମତୋଷ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁଖବର ପାଇବା ପରେ ବଡ଼ଚଣାର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ପଞ୍ଚାୟତ ସମିତିର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ପ୍ରହ୍ଲାଦ ନନ୍ଦ, ସ୍ଥାନୀୟ ସରପଞ୍ଚ ସାଗରିକା ବିହାରୀ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ବେହେରା, ବଡ଼ଚଣା ସେବା ସମବାୟ ସମିତିର ସଭାପତି ବୈକୁଣ୍ଠ ବରାଳ, ଭାଗ୍ୟଧର ରାଉତ, ବଡ଼ଚଣା ବ୍ଲକ ଶିକ୍ଷକ ସଂଘର ସଂପାଦକ ପ୍ରଶାନ୍ତ ବେହେରା ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ନିର୍ମଳ ଚନ୍ଦ୍ର ମିଶ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।



# ଜଳେଶ୍ୱର ଗାଁକୁ ହେଲା କଂକ୍ରିଟ ରାସ୍ତା

ଧର୍ମଶାଳା,୨୫।୧୦(ସମିସ): ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତର ଜଳେଶ୍ୱରପୁର ଗ୍ରାମକୁ ଭଲ ରାସ୍ତାଟିଏ ନଥିବା ବେଳେ ଏବେ ଏହି ଗ୍ରାମକୁ ନୂତନ କରି କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି। ଜଳେଶ୍ୱରପୁରକୁ ସଂଯୋଗ କରୁଥିବା ଏହି ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିଲା। ବର୍ଷା ଦିନରେ କାଦୁଅ ପଚପଚ ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଥିଲା। ଏହି ଗାଁରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଥିବା ବେଳେ ଗାଁକୁ ଭଲ ରାସ୍ତାଟିଏ ନଥିଲା। ଗାଁରେ କାହାର ସ୍ୱାସ୍ଥ୍ୟ ସମସ୍ୟା ହେଲେ ଆମ୍ବୁଲାନ୍ସ ଆସି ଦୂରରେ ରହୁଥିଲା ଏବଂ ରୋଗୀକୁ ଟେକି ନେଇ ଗାଡ଼ିରେ ଭର୍ତ୍ତି କରିବାକୁ ପଡୁଥିଲା। ସେହିପରି ଛୋଟ ଛୋଟ ପିଲାମାନେ ମଧ୍ୟ ସ୍କୁଲ ଓ ଟ୍ୟୁସନ୍ ଯିବା ବେଳେ ପାଣି କାଦୁଅରେ ପଶି ଯିବାକୁ ପଡୁଥିଲା। ଅନେକ ସମୟରେ କାଦୁଅ ରାସ୍ତାରେ ଗୋଡ଼ ଖସି ପଡି ଲୋକେ ଖଣ୍ଡିଆ ଖାବରା ହୋଇ ମେଡିକାଲ ଯିବାର ନଜିର ରହିଛି। ବର୍ଷା ଦିନେ ରାସ୍ତାରେ ପାଣି ଜମି ରହୁଥିବାରୁ ଲୋକଙ୍କୁ ଥଣ୍ଡା ଜ୍ୱର ଭଳି ରୋଗ ଲାଗିରହୁଥିଲା। କେବଳ ଏତିକି ନୁହେଁ; ମଶା, ମାଛି ଓ ସରୀସୃପଙ୍କ ପାଇଁ ସନ୍ଧ୍ୟା ହେଲେ ଘର କବାଟ ପକେଇ ଘରେ ରହିବାକୁ ପଡୁଥିଲା। ଏ ବିଷୟରେ ଅନେକ ଥର ଗାଁ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଦୀର୍ଘ ବର୍ଷ ପରେ ଗାଁକୁ ରାସ୍ତା ହୋଇଥିବା ଗାଁର ଶୁକଦେବ ବେହେରା, ସାନନ୍ଦ ସାହୁ, ପ୍ରହ୍ଲାଦ ସ୍ୱାଇଁ ଓ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ କହିଛନ୍ତି।



## ଶ୍ରୀକ୍ଷେତ୍ର ସଂକୀର୍ତ୍ତନ ପଦଯାତ୍ରୀଙ୍କୁ ସ୍ୱାଗତ



ପାଣିକୋଇଲି,୨୫।୧୦(ସମିସ): କେନ୍ଦୁଝର ଜିଲ୍ଲା ଦେଓଗାଁରୁ ଶ୍ରୀକ୍ଷେତ୍ର ସଙ୍କୀର୍ତ୍ତନ ପଦଯାତ୍ରା ଆରମ୍ଭ ହୋଇଛି। ବାବା ଉଦୟନାଥ ପର୍ବତଙ୍କ ନେତୃତ୍ୱରେ ଶତାଧିକ ସାଧୁସନ୍ଥ ଓ ସଂକୀର୍ତ୍ତନ ପ୍ରେମୀଙ୍କୁ ନେଇ ଏହି ପଦଯାତ୍ରୀ ଦଳ ସଂକୀର୍ତ୍ତନ କରି ପଦଯାତ୍ରାରେ ବାହାରିଛନ୍ତି। ୨୩ ତାରିଖରୁ ଏହି ପଦଯାତ୍ରା ବାବା କୁଶଳେଶ୍ୱର ମନ୍ଦିର ଠାରୁ ବାହାରିଛି ଓ ୩୧ ତାରିଖ ସକାଳୁ ଶ୍ରୀକ୍ଷେତ୍ରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହି ପଦଯାତ୍ରୀ ଦଳଙ୍କୁ ଆଜି ପାଣିକୋଇଲି ମା' ମହାଲକ୍ଷ୍ମୀ ପୀଠକୁ ସ୍ୱାଗତ କରାଯାଇଥିଲା। ପୀଠ ପକ୍ଷରୁ ଗାୟତ୍ରୀ ରାୟ ସେମାନଙ୍କୁ ବନ୍ଦାପନା କରି ପୀଠରେ ପ୍ରବେଶ କରାଇଥିଲେ। ମଧ୍ୟାହ୍ନରେ ପ୍ରସାଦ ସେବନ ପରେ ଅପରାହ୍ନରେ ପୁଣି ପଦଯାତ୍ରା ଆରମ୍ଭ ହୋଇଥିଲା। ସଂକୀର୍ତ୍ତନ କରି ପାଦରେ ଚାଲି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବାକୁ କୀର୍ତ୍ତନ ପ୍ରେମୀ ମାନେ ଏଠାରେ ଯୋଗଦେଇଥିଲେ। ଏହି ସକୀର୍ତ୍ତନ ଦଳରେ ସୋତି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ କୀର୍ତ୍ତନ ପ୍ରେମୀ ଯୋଗଦେଇଥିଲେ।

## ଶିଶୁ ସ୍ୱାସ୍ଥ୍ୟ ଶିବିର



ଶଙ୍ଖଚିଲା,୨୫।୧୦(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ଶିଶୁ ବିଦ୍ୟାମନ୍ଦିର ଠାରେ କୋରେଇ ଉନ୍ନୟନ ପରିଷଦ ତରଫରୁ ଏକ ଶିଶୁ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହେଇଯାଇଛି। ଏଥିରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବିଶ୍ୱନାଥ ଦାସ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଅମୀୟ କୁମାର ସାହୁ ସହଯୋଗ କରିଥିଲେ। ପରିଷଦର ସଭାପତି ଶ୍ରୀଧର ଦାସ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱାସ୍ଥ୍ୟଶିବିର କାର୍ଯ୍ୟକ୍ରମରେ ଉପସଭାପତି ଅମୂଲ୍ୟ ଦାଶ, ସମ୍ପାଦକ ଆଲୋକ କୁମାର ଦାଶ, କୋଷାଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଶରତ କୁମାର ପୃଷ୍ଟି, ସୂର୍ଯ୍ୟମଣି ମହାପାତ୍ର, ଦୀପକ ମହାପାତ୍ର, ମଣିଚରଣ ପଣ୍ଡା, ମିଡିଆ ସଂଯୋଜକ ଶ୍ରୀକାନ୍ତ ମହାନ୍ତି, ପ୍ରଭାକର ସାହୁ, ନିରୁପମା ମଳିକ ସମେତ ସରସ୍ୱତୀ ଶିଶୁମନ୍ଦିରର ସମ୍ପାଦକ ବିଦ୍ୟାଧର ସାହୁ, ପ୍ରଧାନ ଆଚାର୍ଯ୍ୟା ରୀନବାଳା ବେହେରା, ଆଚାର୍ଯ୍ୟ ନାରଣ ପାଣିଗ୍ରାହୀ ସମେତ ସମସ୍ତ ଗୁରୁଜୀ, ଗୁରୁମା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଏହି ସ୍ୱାସ୍ଥ୍ୟଶିବିରରେ ଏଥିରେ ଅନେକ ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ।

### ■ ଜାତୀୟ ରାଜପଥ ଅବରୋଧ ଘଟଣା

# ରାସ୍ତାରୁ ସଫା ହେଲା ବାଲି

ମଙ୍ଗଳପୁର,୨୫।୧୦(ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଗେଟ୍ ସମ୍ମୁଖରେ ଜାତୀୟ ରାଜପଥକୁ ଅବରୋଧ କରୁଥିବା ବାଲି ଆଜି ସଫା ହୋଇଛି। ବାତ୍ୟା ଆଶ୍ରୟସ୍ଥଳି ନିର୍ମାଣ କରୁଥିବା ଠିକାଦାର ଜଣକ ଗତ ୧ ମାସରୁ ଊର୍ଦ୍ଧ୍ୱ ହେବ ବାଲି ଜମା କରି ରଖିଥିଲେ। ଜାତୀୟ ରାଜପଥ ଉପରେ ବାଲି ଜମା ହୋଇ ରହିବା ଫଳରେ ଅନେକ ସମୟରେ ବାଇକ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଥିଲେ। ଏଥିନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁ ଓ ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କରଙ୍କ ନିର୍ଦ୍ଦେଶ ପରେ ଆଜି ଖାନନଗର ଆର୍‌ଆଇ ସଂଗ୍ରାମ କେଶରୀ ନାୟକଙ୍କ ଉପସ୍ଥିତିରେ ଜାତୀୟ ରାଜପଥ ଉପରେ ଅବରୋଧ ହୋଇ ରହିଥିବା ବାଲିକୁ ଠିକାଦାର ଉଠାଇ ଦେଇଥିବା ଦେଖିବାକୁ ମିଳିଛି। ଜନସାଧାରଣଙ୍କ ଅଭିଯୋଗକୁ ଜିଲ୍ଲାପାଳ, ତହସିଲଦାର ଓ ମଙ୍ଗଳପୁର ଥାନା ଅଧିକାରୀ ଗୁରୁତ୍ୱ ଦେବାସହ ଠିକାଦାରଙ୍କୁ ତୁରନ୍ତ ରାସ୍ତାରୁ ବାଲି ଉଠେଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନିକ ଅଧିକାରୀମାନଙ୍କ ନିର୍ଦ୍ଦେଶ ଅନୁଯାଇ ଆଜି ଜାତୀୟ ରାଜପଥ ଉପରୁ ଠିକାଦାର ବାଲି ଉଠେଇ ନେବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଶଶୀଭୂଷଣ ବିଶ୍ୱାଳ, ଗୌରାଙ୍ଗ ନାୟକ, କୟାଁ ପୂର୍ବାଞ୍ଚଳ ବିକାଶ ମଞ୍ଚର ସଭାପତି ଜୟପ୍ରକାଶ ନାୟକ, ବୈଦ୍ୟନାଥ ସାହାଣୀ, ଚୌବନ ବାରିକ, ଗଙ୍ଗାଧର ଯେନା, ଦିଲୀପ କୁମାର ନାୟକ ପ୍ରମୁଖଙ୍କ ସମତେ ଶତାଧିକ ଜନସାଧାରଣ କୃତଜ୍ଞତା ଜଣେଇଛନ୍ତି।




### ଅଧିକାରୀଙ୍କ ନିକଟରେ ନାହିଁ ଖବର

# ବିନା ଅନୁମତିରେ ଭଙ୍ଗାଗଲା ସରକାରୀ ଘର

କବାଟବନ୍ଧ,୨୫।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପୁରୁଣାବଉଳମାଳ ପଞ୍ଚାୟତର ଏକ ସରକାରୀ ଘରକୁ ବିନା ଅନୁମତିରେ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହେଉଛି। ସରକାରୀ ବ୍ୟବସ୍ଥାରେ ଏଭଳି ବେଆଇନ କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ମଧ୍ୟ ହେଉଛି। ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କୌଣସି ରେଜୁଲେସନ କିମ୍ବା ନୋଟିସ୍ ମଧ୍ୟ ହୋଇ ନଥିବା ଜଣାପଡିଛି। ମାତ୍ର ଉକ୍ତ ପଞ୍ଚାୟତର କନିଷ୍ଠଯନ୍ତ୍ରୀ ରାତିରେ ଘର ମନକୁ ମନ ଗଳି ପଡିଥିବା କହିଛନ୍ତି। ଉକ୍ତ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଡ୍ରିଲ୍ କରାଯାଇ ପ୍ରଥମେ ଛାତ ଏବଂ ପରେ ସ୍ପଷ୍ଟ ଦିବାଲୋକରେ ଲୋକଙ୍କ ଉପସ୍ଥିତରେ ଜେସିବି ମେସିନ ସାହାଯ୍ୟରେ ଘର ଭଙ୍ଗା ଯାଉଥିବାର ଚିତ୍ର ଏବଂ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ଏହା ସହିତ ଭାଙ୍ଗିବା ସମୟର ଫେସବୁକ ଲାଇଭ ଭିଡିଓ ଥାଇ ମଧ୍ୟ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଘଟଣାକୁ ଏଡ଼ାଇବା ଏବଂ ସମ୍ପୂର୍ଣ୍ଣ ମିଛ କହିବାକୁ ଚେଷ୍ଟା କରୁଥିବା ସ୍ପଷ୍ଟ ଭାବରେ ଜଣାପଡିଛି।

ପ୍ରାପ୍ତ ଖବର ଅନୁସାରେ ପୁରୁଣା ବଉଳମାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ପରିତ୍ୟକ୍ତ ଘର ଅନେକ ଦିନ ବ୍ୟବହାର ହେଉ ନଥିଲା। ନୂତନ ଘର ହେବା ପରେ ଉକ୍ତ ଘରଟି ବ୍ୟବହାର ନ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଏହାକୁ ଭାଙ୍ଗିବା ପାଇଁ ଏକ ସରକାରୀ କଟକଣା ଏବଂ ନୀତିନିୟମ ରହିଛି। ମାତ୍ର ଉକ୍ତ ଘରକୁ ବଳପୂର୍ବକ ଏକ ଜେସିବି ମେସିନ ସାହାଯ୍ୟରେ ଭାଙ୍ଗି ଦିଆଯାଇଥିବା ବେଳେ କୌଣସି ସରକାରୀ ନିୟମକୁ ପାଳନ କରାଯାଇନାହିଁ। ବିନା ଅନୁମତିରେ ଭଙ୍ଗା ଯାଇଥିବା ଏହି ଘର ସମ୍ବନ୍ଧରେ ସବିଶେଷ ସୂଚନା ସରକାରୀ ଅଧିକାରୀ ତଥା ଉକ୍ତ ପଞ୍ଚାୟତ ଦାୟିତ୍ୱରେ ରହିଥିବା କନିଷ୍ଠଯନ୍ତ୍ରୀଙ୍କ ପାଖରେ ମଧ୍ୟ ନାହିଁ ଏବଂ ଏ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭାବେ ଅବଗତ ନଥିବା ପ୍ରକାଶ କରିଛନ୍ତି। ପ୍ରଥମେ ଏହି ଘର ଭାଙ୍ଗିବା ପାଇଁ ପ୍ରକ୍ରିୟା ଆରମ୍ଭ କରି କମ୍ପ୍ରେସର ଡ୍ରିଲ୍ କରାଯାଇ ଉକ୍ତ ଘରର ଛାତକୁ ଭାଙ୍ଗି ଦିଆଯିବା ପରେ ଗତ ପ୍ରାୟ ୯ ଦିନ ତଳେ ଏକ ଜେସିବି ମେସିନ ସାହାଯ୍ୟରେ ଉକ୍ତ ଘର ଭଙ୍ଗାଯାଇଥିଲା। ଅଦ୍ୟାବଧି ଉକ୍ତ ଘର କାହିଁକି ଭଙ୍ଗା ଗଲା ଏବଂ ଏହାର ଅନୁମତି ସମ୍ବନ୍ଧରେ କୌଣସି ସଠିକ ସୂଚନା ମିଳୁନାହିଁ। ତେବେ ଏ ସମ୍ବନ୍ଧରେ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ଦାୟିତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ ସ୍ମୃତିରେଖା ଧଡ଼ାଙ୍କୁ ପଚାରିବାରୁ ସେ ଘର ଜରାଜୀର୍ଣ୍ଣ ଥିଲା ଏବଂ ଏହା ମନକୁ ମନ ରାତିରେ ଭାଙ୍ଗି ଯାଇଛି ବୋଲି ସେ ଶୁଣିଥିବା ପାଇଥିବା କହିଛନ୍ତି। ଯଦି ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଖରେ ସଠିକ ଖବର ଏବଂ ସନ୍ତୋଷ ଜନକ ଉତ୍ତର ନାହିଁ; ତେବେ ଭିତରେ କାଗଜପତ୍ରରେ କେତେ ସ୍ୱଚ୍ଛତା ରହିଥିବା ତାହା ବେଶ ଅନୁମାନ କରାଯାଉଛି। ଏହାର ଏକ ତଦନ୍ତ ପାଇଁ ଲୋକେ ଦାବି କରିଛନ୍ତି।



## ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ଯାଜପୁର,୨୫।୧୦(ସମିସ): ସଦର ଥାନା ଅନ୍ତର୍ଗତ ମହେଶ୍ୱରପୁର- ପାଣିକୋଇଲି ରାସ୍ତାରୁ ମହିଳାଙ୍କ ବେକରୁ ସୁନା ଚେନ୍ ଟାଣି ନେଲେ ଦୁର୍ବୃତ୍ତ। ଘଟଣାରୁ ପ୍ରକାଶ ଯେ ଆଜି ସକାଳ ୧୦.୪୫ ମିନିଟ୍ ସମୟରେ ସାନ ଭୁବନପୁର ଗ୍ରାମର ବିନୟ ଭୂଷଣ ବିଶ୍ୱାଳ ପତ୍ନୀ ସ୍ମରଣିକା ପ୍ରଧାନଙ୍କ ସହ ଏକ ସ୍କୁଟିରେ ଜହଳ ଘାଟ ସ୍ଥିତ ଶଶୁର ଘରକୁ ଯାଉଥିଲେ। ବାଟରେ ମହେଶ୍ୱରପୁର ଗ୍ରାମ ନିକଟରେ ପଛପଟୁ ଏକ କଳାରଙ୍ଗର ପଲ୍ସର୍ ମଟର ସାଇକଲରେ ଦୁର୍ବୃତ୍ତ ଜଣକ ଆସି ସ୍କୁଟି ପଛରେ ବସିଥିବା ମହିଳାଙ୍କ ବେକରୁ ୨୦ ଗ୍ରାମ ଓଜନର ଏକ ସୁନାଚେନ୍ ଛିଣ୍ଡେଇ ନେଇ ଜହଳ ଘାଟ ଆଡକୁ ଦ୍ରୁତ ଗତିରେ ପଳାଇଯାଇଥିଲେ। ସଙ୍ଗେ ସଙ୍ଗେ ସଦର ଥାନାରେ ଅଭିଯୋଗ କରିବାରୁ ଥାନା ପୁଲିସ ତତ୍‌କ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ଯାଇ ଅନୁସନ୍ଧାନ କରିବା ସହ କିଛି ସିସିଟିଭି ଯାଞ୍ଚ କରିଥିବା ଜଣାପଡିଛି। ତେବେ ଦୁର୍ବୃତ୍ତର କୌଣସି ସନ୍ଧାନ ପାଇନଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ତେବେ ସଦର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି, ଛିନ୍‌ତାଇ ଓ ବିଭିନ୍ନ ପ୍ରକାରର ଅସାମାଜିକ କାର୍ଯ୍ୟ ଘଟୁଥିବା ଅଭିଯୋଗ ହେଉଛି। ସଦର ଥାନା ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ସାଧାରଣରେ ଦାବି ହେଉଛି।

A-748

GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NABARANGPUR IRRIGATION DIVISION
NABARANGPUR,DIST-NABARANGPUR(ODISHA)
Email ID- senidivision@gmail.com

E-PROCUREMENT NOTICE
BID IDENTIFICATION NO-SE-NID- 04 /2025-26 (01-06)

1. Nature of the work – Construction of Trough wall & Renovation of canal syphon.
2. Total Nos. of works – 06 (Six) Nos.
3. Tender cost of the works–From Rs.7.53 lakhs to Rs.6.71 lakhs (excluding GST)
4. Class of Contractor – 'D'& 'C' Class
5. Period of completion-01(One) Month
6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-04 /2025-26(01-06) | 27.10.2025 (10.00AM) | 10.11.2025 (up to 05.00 PM) | 30.10.2025 up to 5.00 PM | 11.11.2025 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government web site www.tendersodisha.gov.in
Addendum/Corrigendum/Cancellation if any required will be published in Govt.website only.

Superintending Engineer
Nabarangpur Irrigation Division
Nabarangpur

OIPR-32361/11/0018/2526

## ଖରସ୍ରୋତାରେ ପୁଣି କୁମ୍ଭୀର ଆତଙ୍କ

ବିଞ୍ଝାରପୁର,୨୫।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ସଂଲଗ୍ନ ଖରସ୍ରୋତା ନଦୀରେ ଶନିବାର ସକାଳେ ଏକ କୁମ୍ଭୀର ବୁଲୁଥିବାର ଦେଖିବାକୁ ମିଳିଛି। ଖବର ମୁତାବକ ନଦୀର ଶନିମନ୍ଦିର ଘାଟରେ ସ୍ଥାନୀୟ ବାସିନ୍ଦା ଗାଧୋଇବାକୁ ଆସି ନଦୀରେ କୁମ୍ଭୀର ବୁଲୁଥିବାର ଦେଖିବାକୁ ପାଇଥିଲେ। ଏହା ଜଣାପଡିବା ପରେ କୁମ୍ଭୀରକୁ ଦେଖିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଭିଡ଼ ଜମିଥିଲା। ଗତ କିଛି ଦିନ ପୂର୍ବରୁ ଖରସ୍ରୋତା ନଦୀର କନ୍ତିଆ ତୁଠରେ ଜଣେ ମହିଳା ଶୌଚ ହେବା ସମୟରେ କୁମ୍ଭୀର ଟାଣି ନେଇଯାଇଥିଲା। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ହବିଷ୍ୟାଳି ପାହାନ୍ତି ସ୍ନାନ ପାଇଁ ଖରସ୍ରୋତା ନଦୀକୁ ଆସିଥାନ୍ତି। ଏଣୁ ଖୁବଶୀଘ୍ର ଏଠାରୁ କୁମ୍ଭୀରକୁ ତଡ଼ିବା ପାଇଁ କଲ୍ୟାଣପୁର ପୂର୍ବତନ ସରପଞ୍ଚ କାଳୀପ୍ରସନ୍ନ ଦାସ, ଉମେଶ ବାରିକ, ଅକ୍ଷୟ ଲେଙ୍କା, ଗିରିଧାରୀ ଦାସ ପ୍ରମୁଖ ବନ ବିଭାଗ ନିକଟରେ ଦାବି କରିଛନ୍ତି।

O-1128

No.4070, Dated 23.10.2025
Government of Odisha "e" procurement Notice
Bid Identification No. TENDER ONLINE SNPR- 07 OF 2025-26

1. Name of the work : Building Works as per DTCN available in the website. www.tendersodisha.gov.in
2. Total No. of Work : 64(Sixty four)Nos.
3. Approximate Estimated Cost : Vary from Rs. 1.68 lakh to Rs. 8.40 lakh
4. Period of Completion : 2 (Two Calendar months)
5. Period and time of availability of bid document in the portal for bidding : 29.10.2025 at 11.00AM to 11.11.2025 up to 5.00 PM
6. Date and time of opening of Tender : 12.11.2025 at 11.00AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W.Division. Sonepur
(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0041/2526

O-1174

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, MALKANGIRI
Letter No. 3917/RWD-II/Dated- 24.10.2025
1st CORRIGENDUM
TO E-TENDER CALL NOTICE
BID-IDENTIFICATION NO.09/2025-26/LTR NO.3577/Dt. 24.09.2025

The Tender for the works invited under Bid Identification 09/2025-26 is here by modified and read as below:-

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability to Tender online for bidding | Dt. 17.10.2025 at 11.00 A.M. to Dt.31.10.2025 Up to 5.30 P.M. | Dt.05.11.2025 at 11.00 to Dt 15.11.2025 Up to 5.30 P.M. |
| 2 | Date & time of seeking tender clarification if any | Dt.30.10.2025 Up to 3.00 P.M. | Dt.14.11.2025 Up to 3.00 P.M |
| 3. | Date & time of Opening of tender (Price Bid) | Dt.01.11.2025 Up to 11.00 A.M. | Dt.17.11.2025 Up to 11.00 A.M |

1. All other terms and conditions of the bids will remain unchanged.

Supertintending Engineer
Rural Works Division-II,
Malakngiri

OIPR-25079/11/0036/2526

୨୫/୧୦/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୨୦,୪୩,୭୦୦/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





■ ଚନ୍ଦନପୁର ଥାନା ବାବୁ

## ଏସ୍‌ପିଙ୍କୁ ଫେରାଦ୍ ହେଲେ ଆକ୍ରମଣର ଶିକାର ଦମ୍ପତି

ପୁରୀ,୨୫।୧୦(ସମିସ): ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଲାଗି ସବୁ ଥାନାକୁ ନିର୍ଦ୍ଦେଶ ରହିଛି। ହେଲେ ବିଭିନ୍ନ ସମୟରେ ଥାନାରୁ ନ୍ୟାୟ ମିଳୁନାହିଁ। ଶେଷରେ ଅଭିଯୋଗକାରୀ ଏସ୍‌ପିଙ୍କୁ ଫେରାଦ୍ ହେଉଛନ୍ତି। ପୁରୀ ଜିଲ୍ଲା ଚନ୍ଦନପୁର ଥାନାରେ ଏମିତି ଏକ ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଥିବା ଦମ୍ପତି ପ୍ରଥମେ ଥାନାରେ ଅଭିଯୋଗ କରିଥିଲେ। ସମସ୍ତ ତଥ୍ୟ ପ୍ରମାଣ ଆଧାରରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଯେଉଁଭଳି ଭାବେ ତଦନ୍ତରେ ଦେଖାଇବା କଥା ଦେଖାଇନାହିଁ। ଥାନା ବାବୁ ତାଙ୍କ ମାମଲାକୁ ଗୁରୁତ୍ୱ ଦେଉ ନ ଥିବାରୁ ଶେଷରେ ଏସ୍‌ପିଙ୍କୁ ଫେରାଦ୍ ହୋଇଛନ୍ତି ଏଥିସହ ଗ୍ରାମର ସୂର୍ଯ୍ୟନାରାୟଣ ପ୍ରଧାନ ଏବଂ ତାଙ୍କ ପତ୍ନୀ।

ସୂର୍ଯ୍ୟନାରାୟଣଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୧ ତାରିଖ ଅପରାହ୍ନ ପ୍ରାୟ ୧ଟା ୪୦ରେ ସେମାନେ ଘରେ ରୋଷେଇ କରୁଥିଲେ। ଏହି ସମୟରେ ପ୍ରଫୁଲ୍ଲ ପ୍ରଧାନ ଓ ତାଙ୍କ ସ୍ତ୍ରୀ ୨୦/୨୫ ଜଣଙ୍କୁ ଧରି କବାଟ ଭାଙ୍ଗି ତାଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସ୍ୱାମୀ, ସ୍ତ୍ରୀ ଦୁହିଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ସ୍ତ୍ରୀ ପିନ୍ଧିଥିବା ଏକ ସୁନାହାର, ହାତରେ ପିନ୍ଧିଥିବା ସୁନାଖଡୁ ଓ ଘର ଖଟ ଉପରେ ମନିପର୍ସରେ ଥିବା ୨୨ହଜାର ଟଙ୍କା, ରୁପା ଗୋଡ଼ ଖଡୁ ୨ ହଳ, ପାଉଜି, ସୁନା କାନଫୁଲ ହଳେ, ୩ଟି ସୁନାମୁଦି ଓ ରୁପା ବ୍ରେସଲେଟ ନେଇଯାଇଥିଲେ। ଏଥିସହ ଘରର ସମସ୍ତ ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ କରିଦେଇଛନ୍ତି। ଜୀବନ ବଞ୍ଚାଇବାକୁ ଆକ୍ରାନ୍ତ ଦମ୍ପତି ଘରୁ ବାହାରି ପଳାଇ ଯାଇଥିଲେ। ଏହାପରେ ସେମାନେ ୧୧୨କୁ ଫୋନ୍ କରିଥିଲେ। ପୁଲିସ କର୍ମଚାରୀ ପହଞ୍ଚି ସବୁ ଦେଖିଥିଲେ। ହେଲେ ଅଭିଯୋଗ ପରେ ପୁଲିସ ଯେଉଁଭଳି ଭାବେ ପଦକ୍ଷେପ ନେବା କଥା ନେଇନାହିଁ। ସେମାନେ ଭୟରେ ବାହାରେ ରହୁଛନ୍ତି ବୋଲି ସୂର୍ଯ୍ୟନାରାୟଣ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଭୁବନାନନ୍ଦ ସାମନ୍ତରାୟଙ୍କୁ ପଚାରିବାରେ, ଏହି ଘଟଣାରେ ସୂର୍ଯ୍ୟନାରାୟଣ ପ୍ରଧାନ ଏବଂ ପ୍ରଫୁଲ୍ଲ ପ୍ରଧାନ ପରସ୍ପର ଏତଲା ଦେଇଛନ୍ତି। ଏତଲା ଆଧାରରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରାଯାଇଛି। ଉଭୟଙ୍କ ମଧ୍ୟରେ ପୁରୁଣା ବିବାଦ ଯୋଗୁଁ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ଦିଗରେ ତଦନ୍ତ ଚାଲିଛି ବୋଲି କହିଛନ୍ତି।

● ନାବାଳିକାକୁ ଗଣଦୁଷ୍କର୍ମ ମାମଲା

## ଦୁଇ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ

ପୁରୀ,୨୫।୧୦(ସମିସ): ଚନ୍ଦନପୁର ଥାନା ଅନ୍ତର୍ଗତ ବୀରନରସିଂହପୁର ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ହୋଇଥିଲା। ଏହି ମାମଲାରେ ପୁଲିସ ଅଟକ ରଖିଥିବା ସମ୍ପର୍କୀୟ ଦାଦା-ପୁତୁରାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଆଲୋକ ଭୋଇ ଓ ପବିତ୍ର ଭୋଇ। ଏମାନେ ନାବାଳିକାର ପଡ଼ୋଶୀ ତଥା ସମ୍ପର୍କୀୟ ଦାଦା ଓ ଭାଇ ହେବେ। ଅନ୍ୟପକ୍ଷରେ ପୁଲିସ ନାବାଳିକାର ଡାକ୍ତରୀ ମାଇନା କରାଇଥିବାବେଳେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖ ରାତିରେ କାଳୀପୂଜା ଭସାଣି ଚାଲିଥିଲା। ନାବାଳିକାର ପରିବାର ଲୋକେ ଭସାଣି ଦେଖିବାକୁ ଯାଇଥିଲେ। ଘରେ ନାବାଳିକା ଓ ତାଙ୍କ ଭଉଣୀ ଶୋଇଥିଲେ। ବିଳମ୍ବିତ ରାତିରେ ପଡ଼ୋଶୀ ଘରର ଦାଦା ଓ ପୁତୁରା ଦୁହେଁ ଘରେ ପଶି ବଳପୂର୍ବକ ନାବାଳିକାକୁ ଦୁଷ୍କର୍ମ କରିଥିଲେ। କାହା ଆଗରେ କିଛି ନ କହିବାକୁ ତାଗିଦ୍ କରି ଉଭୟେ ପଳାଇ ଯାଇଥିଲେ। ପରିବାର ଲୋକେ ପହଞ୍ଚିବା ପରେ ନାବାଳିକା ଜଣକ ଘଟଣା ବିଷୟରେ କହିଥିଲେ। ହେଲେ ଅଭିଯୁକ୍ତଦ୍ୱୟ ଗୁଣ୍ଡାଶ୍ରେଣୀୟ ଲୋକ ହୋଇଥିବାରୁ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଥାନାକୁ ଯିବାକୁ ଦେଇ ନ ଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଘଟଣାକୁ ଚାପିବା ପାଇଁ ନାବାଳିକା ପରିବାର ଉପରେ ମଧ୍ୟ ଚାପ ପ୍ରୟୋଗ କରିଥିଲେ। ଏଥିପାଇଁ ଗୋଟିଏ ଦିନ ବିଳମ୍ବରେ ଅର୍ଥାତ୍ ଶୁକ୍ରବାର ନାବାଳିକା ତାଙ୍କ ମାଆଙ୍କ ସହିତ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପୁଲିସ ସଙ୍ଗେ ସଙ୍ଗେ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦାଦା, ପୁତୁରାଙ୍କୁ ଉଠାଇ ଆଣିଥିଲା। ଉଭୟଙ୍କୁ ପଚରାଉଚରା କରାଯିବା ପରେ ଶନିବାର ଦୁଇଜଣଙ୍କୁ କୋର୍ଟଚାଲାଣ କରିଛି। ଏଥିସହ ନାବାଳିକା ପୀଡ଼ିତାର ଡାକ୍ତରୀ ମାଇନା କରାଯାଇଥିବା ଆଇଆଇସି ଭୁବନାନନ୍ଦ ସାମନ୍ତରାୟ କହିଛନ୍ତି।

**ପୀଡ଼ିତାର ହେଲା ଡାକ୍ତରୀ ମାଇନା**

● ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

# ୩୦ ପର୍ଯ୍ୟନ୍ତ ଅଧିକାରୀ, କର୍ମଚାରୀଙ୍କ ଛୁଟି ବାତିଲ୍

ପୁରୀ,୨୫।୧୦(ସମିସ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର ସନ୍ଧ୍ୟାରେ ଆଭାସୀ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବାତ୍ୟା ଦ୍ୱାରା ଯେପରି ଧନଜୀବନ ହାନୀକୁ ରୋକାଯାଇ ପାରିବ ସେଥିପ୍ରତି ପ୍ରତ୍ୟେକ ସତର୍କ ରହିବାକୁ ଜିଲ୍ଲାପାଳ ଶ୍ରୀ ପରିଡ଼ା ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାଣିପାଗ ବିଭାଗର ବର୍ତ୍ତମାନ ସୁଦ୍ଧା ପୂର୍ବାନୁମାନ ଅନୁଯାୟୀ ଏହି ବାତ୍ୟା ଓଡ଼ିଶାରେ ଲ୍ୟାଣ୍ଡଫଲ୍‌ର ଆଶଙ୍କା ନ ଥିବାବେଳେ ଏହା ପ୍ରଭାବରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ତେଣୁ ଆମକୁ ଅଧିକ ସତର୍କ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରି ଧନଜୀବନ ହାନୀକୁ ରୋକିବାରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସମସ୍ତ ବିଡିଓ, ତହସିଲ୍‌ଦାର ସେମାନଙ୍କ ଅଞ୍ଚଳର ଖାଲୁଆ ଓ ତଳିଆ ଅଞ୍ଚଳକୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଚ୍ଚା ଘର, ଚାଳ ଓ ମାଟି ଘରର ଲୋକମାନଙ୍କୁ ମଧ୍ୟ ନିରାପଦ ସ୍ଥାନକୁ ନେବାକୁ ଓ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକମାନଙ୍କ ରହିବା ଉପଯୋଗୀ କରିବାକୁ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ଜିଲ୍ଲା ପ୍ରଶାସନ ସମସ୍ତ କାର୍ଯ୍ୟକୁ ଅତି ଗୁରୁତ୍ୱର ସହ ପରିଚାଳନା କରୁଛନ୍ତି। ଜନସାଧାରଣ ସତର୍କ ଓ ସଚେତନ ରହିବା ସହ ଅଯଥା ଭୟଭୀତ ନ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ବାତ୍ୟା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବାତିଲ୍ କରାଯାଇଛି। କେହି ସଦର ମହକୁମା ନ ଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମୁଦ୍ରସ୍ନାନ ଉପରେ ଲାଗିଛି ରୋକ୍। ପର୍ଯ୍ୟଟକଙ୍କୁ ସମୁଦ୍ର ମଧ୍ୟକୁ ପ୍ରବେଶ କରିବା ପାଇଁ ବାରଣ କରାଯାଇଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

- ● ସଦର ମହକୁମା ନ ଛାଡ଼ିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ
- ● ସବୁ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକଙ୍କ ରହିବା ଉପଯୋଗୀ କର
- ● ସମୁଦ୍ରସ୍ନାନ ପାଇଁ ପର୍ଯ୍ୟଟକଙ୍କୁ ବାରଣ

ସେହିପରି ପର୍ଯ୍ୟାପ୍ତ ପଲିଥିନ୍, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ଔଷଧ, ଗୋ-ଖାଦ୍ୟ ଇତ୍ୟାଦି ମହଜୁଦ୍ ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟାରେ ଗଛ ଭାଙ୍ଗି ରାସ୍ତା ଅବରୋଧ କଲେ ତୁରନ୍ତ ତାହାକୁ ଅପସାରଣ କରିବା, ବନ୍ୟା ହେଲେ ଲୋକଙ୍କୁ ସହାୟତା କରିବା ପାଇଁ ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ କର୍ମଚାରୀ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।

ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ବିଭିନ୍ନ ସୂଚନା ଦେବା ସହ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପରାମର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ସମନ୍ୱୟ ବୈଠକ



ପୁରୀ,୨୫।୧୦(ସମିସ)

ସ୍ଥାନୀୟ ଜଗଦ୍‌ଗୁରୁ କୃପାଳୁଜୀ ଆଶ୍ରମରେ ଶନିବାର ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ଷଷ୍ଠ ସମନ୍ୱୟ ବୈଠକ କମିଟି ଅଧ୍ୟକ୍ଷ ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ସନ୍ତୋଷ କୁମାର ମହାନ୍ତିଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଓ ପୂର୍ବ ବୈଠକରେ ପ୍ରଦର୍ଶିତ ହୋଇଥିବା ମଙ୍ଗଳା ନଦୀ ଓ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସମ୍ବଳିତ ଡକ୍ୟୁମେଣ୍ଟାରୀ ଉପରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର, ସୁଧାଂଶୁ ଶେଖର ରାଜଗୁରୁ, ଡ. ମହେଶ୍ୱର ଦାଶ, ଡ. ହରିହର ହୋତା, ପ୍ରଫେସର ଡ. ପ୍ରଭାତ ରଞ୍ଜନ ମହାପାତ୍ର, ପ୍ରଫେସର ଡ. ମନୋଜ କୁମାର ସାମନ୍ତରାୟ, ଡ. ସୁରତ କୁମାର ସ୍ୱାଇଁ, ଡ. ବିଶ୍ୱନାଥ ବଳିୟାରସିଂହ ଓ ପ୍ରଫେସର ଡ. ନାରାୟଣ ପତି ସାମିଲ୍ ହୋଇଥିଲେ। ଆସନ୍ତା ଡିସେମ୍ବର ମାସରେ ୧୦ ହଜାର ଲୋକଙ୍କୁ ନେଇ ପରିବେଶ ସଚେତନତା ଓ ମଙ୍ଗଳା ନଦୀକୁ ରିଭର ଫ୍ରଣ୍ଟ ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟରେ ସାମିଲ୍ କରିବା ପାଇଁ ଏକ ସଦ୍‌ଭାବନା ପଦଯାତ୍ରାର ବ୍ୟବସ୍ଥା କରାଯାଇ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିରେ ମଙ୍ଗଳା ନଦୀ ଆଖପାଖ ଗ୍ରାମର ମୁଖ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ପିଏମ୍ ଆବାସ ଯୋଜନାରେ ଅଙ୍ଗୀକାର ଗୃହ ପ୍ରବେଶ ଉତ୍ସବ

ପୁରୀ,୨୫।୧୦(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ରେ ଅଙ୍ଗୀକାର ଗୃହ ପ୍ରବେଶ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ସଦ୍‌ଭାବନା ସଭାଗୃହଠାରେ ପୁରୀ ପୌରପାଳିକା ପକ୍ଷରୁ ପ୍ରଦତ୍ତ କାର୍ଯ୍ୟାଦେଶ ଆଧାରରେ ନିର୍ମାଣ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ମାଧ୍ୟମରେ ୧୦ ଜଣ ହିତାଧିକାରୀଙ୍କୁ ଗୃହ ପ୍ରବେଶ ପାଇଁ ଚାବି କାଠି ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ ନିଜର ଘରଟିଏ ସମସ୍ତଙ୍କ ସ୍ୱପ୍ନ ଥାଏ। ଏଥିରେ ସରକାର ସହଯୋଗ କରୁଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀରେ କାର୍ଯ୍ୟାଦେଶ ପାଉଥିବା ହିତାଧିକାରୀମାନେ ନିଷ୍ଠା ଓ ପରିଶ୍ରମର ସହ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ଆହ୍ୱାନ ଦେଇଥିଲେ। ଯେଉଁମାନେ ଗୃହ ପ୍ରବେଶ କରୁଛନ୍ତି ସେମାନେ ତାହାର ଯତ୍ନ ନେବା ସହ ସ୍ୱଚ୍ଛ ରଖିବାକୁ ଶ୍ରୀ ମହାନ୍ତି ପରାମର୍ଶ ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ



ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ କରି ପ୍ରୋତ୍ସାହନ ରାଶି ହାସଲ ପାଇଁ ଲକ୍ଷ୍ୟ ରଖିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଉପସ୍ଥିତ ଥିଲେ। ଗୋଷ୍ଠୀ ସଂଗଠକ ରେଶମା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ୱାର୍ଡ ନମ୍ବର ୧୨ର ଗୋବିନ୍ଦ ଜେନା, ୧୮ ନମ୍ବର ୱାର୍ଡର କଲ୍ୟାଣୀ ମୈତ୍ର, ୨୫ ନମ୍ବର ୱାର୍ଡର ଚନ୍ଦନ ନାୟକ ଓ ରଶ୍ମିବାଳା ନାୟକ, ୨୬ ନମ୍ବର ୱାର୍ଡର ଆର୍. ଶ୍ରୀନୁ ସେଠୀ, ଭଗବତୀ ବେହେରା, ୟୁ. ରମେଶ, ୟୁ. ଲକ୍ଷ୍ମୀ, ବି. ଜଗନ୍ନାଥ ରେଡ୍ଡୀ ଓ ଲକ୍ଷ୍ମୀ ମାଳୀଙ୍କୁ ଗୃହଗୁଡ଼ିକ ପୂର୍ଣ୍ଣାଙ୍ଗ କରିସାରିଥିବାରୁ ଗୃହ ପ୍ରବେଶର ଚାବିକାଠି ହସ୍ତାନ୍ତର କରିଥିଲେ। ଶେଷରେ ସାବିତ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିରରେ ମହିଳା ସ୍ୱେଚ୍ଛାସେବୀଙ୍କୁ ଦୁର୍ବ୍ୟବହାର

ପୁରୀ, ୨୫।୧୦ (ସମିସ): ଶ୍ରୀମନ୍ଦିର ପରିସରରେ ଜଣେ ମହିଳା ସ୍ୱେଚ୍ଛାସେବୀଙ୍କୁ ଦୁର୍ବ୍ୟବହାର କରାଯାଇଛି। ଜେଟିପି ତାଙ୍କୁ ଦୁର୍ବ୍ୟବହାର କରିଥିବା ସମ୍ପୃକ୍ତା ମହିଳା ସ୍ୱେଚ୍ଛାସେବୀ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଏ ନେଇ ମାମଲା ରୁଜୁ ହୋଇ ନ ଥିବାବେଳେ ଏହାର ଆପୋଷ ସମାଧାନ ହୋଇଥିବା ସୂଚନା ମିଳିଛି। ହବିଷ୍ୟାଳିଙ୍କୁ ଦର୍ଶନ କରାଇବା ଲାଗି ନିୟୋଜିତ ଜଣେ ମହିଳା ସ୍ୱେଚ୍ଛାସେବୀ ଶନିବାର ଅପରାହ୍ଣ ୩ଟାରେ ମନ୍ଦିରରେ ପହଞ୍ଚିଥିଲେ। ସେ ହବିଷ୍ୟାଳିଙ୍କ ପାଇଁ ଉଦ୍ଦିଷ୍ଟ ପ୍ରବେଶ ପଥ ଦେଇ ଭିତରକୁ ଯିବାକୁ ଚାହିଁଥିଲେ। ଏହି ସମୟରେ ସେଠାରେ ଜେଟିପି ମୁତୟନ ଥିଲେ। ମନ୍ଦିରରେ ଭିଡ଼ ଥିବାରୁ ସେ ମନା କରିଥିଲେ। ଏହି ବାଟ ଦେଇ ଏବେ କାହାରିକୁ ଛଡ଼ାଯିବ ନାହିଁ ବୋଲି କହିଥିଲେ। ଏହାକୁ ନେଇ ସେମାନଙ୍କ ଭିତରେ ଯୁକ୍ତିତର୍କ ହୋଇଥିଲା। ଏହାରି ଭିତରେ ସମ୍ପୃକ୍ତ ଜେଟିପି ତାଙ୍କ ପ୍ରତି ଅସଦ୍ ବ୍ୟବହାର କରିଥିବା ମହିଳା ସ୍ୱେଚ୍ଛାସେବୀ ଜଣକ ଥାନାରେ ଜଣାଇଥିଲେ। ଏହାପରେ ଘଟଣା ବିଷୟରେ ଶ୍ରୀମନ୍ଦିର ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଥିଲା। ପୁଲିସ ୨ ଜଣ ଜେଟିପିଙ୍କୁ ଧରି ଥାନାରେ ଅଟକ ରଖିଥିଲା। ଏହାପରେ ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ ଆରମ୍ଭ ହୋଇଥିଲା ଅନୁସନ୍ଧାନ। ଏ ସମ୍ପର୍କରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ କହିଛନ୍ତି, ଯେଉଁ ମହିଳା ସ୍ୱେଚ୍ଛାସେବୀ ଥାନାରେ ଅଭିଯୋଗ କରିଥିଲେ ତାଙ୍କର ଗତ ୩ ବର୍ଷ ହେଲା ଜେଟିପିଙ୍କ ସହ ଝଗଡ଼ା ହେଉଛି। ଶନିବାର ସେହି ମହିଳା ସ୍ୱେଚ୍ଛାସେବୀଙ୍କ ସାଥିରେ କୌଣସି ହବିଷ୍ୟାଳି ମା' ନ ଥିଲେ। ସେ କିନ୍ତୁ ହବିଷ୍ୟାଳିଙ୍କ ଲାଗି ଉଦ୍ଦିଷ୍ଟ ବାଟ ଦେଇ ଭିତରକୁ ଯିବାକୁ ଚାହିଁଥିଲେ। ସେଠାରେ ଡ୍ୟୁଟିରେ ଥିବା ଜେଟିପି ତାଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସମ୍ପୃକ୍ତା ମହିଳା ସ୍ୱେଚ୍ଛାସେବୀ ସେହି ବାଟଦେଇ ଯିବାକୁ କହିବାବେଳେ ଅନ୍ୟ ସାଧାରଣ ଭକ୍ତ ବି ସେହି ବାଟ ଦେଇ ଯିବାକୁ ପହଞ୍ଚିଥିଲେ। ଫଳରେ ସେଠାରେ ଗହଳି ଏବଂ ଠେଲାପେଲା ହୋଇଥିଲା। ଜେଟିପି ଦ୍ୱାରରେ ହାତ ଦେଇ ଅଟକାଇଥିଲେ। ଏହି ସମୟରେ ପଛରୁ ଠେଲାପେଲା ଭିତରେ ମହିଳା ସ୍ୱେଚ୍ଛସେବୀ ଜଣକ ଆଗକୁ ଠେଲି ହୋଇଯାଇଥିଲେ। ଏହାକୁ ନେଇ ସେ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚରୁ ସେମିତି କିଛି ଜଣାପଡ଼ି ନ ଥିଲା। ଉଭୟଙ୍କୁ ଡକାଯାଇ ଆପୋଷ ସମାଧାନ କରାଯାଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଶ୍ରୀ ପାଢ଼ୀ।

**ଜେଟିପି ଦୁର୍ବ୍ୟବହାର କରିଥିବା ଅଭିଯୋଗ**

■ ବାଉଁଶ ଚିତ୍ରକଳା ଶିବିର

## ଆକର୍ଷଣୀୟ ସାଜିଲା ବାଉଁଶ ନିର୍ମିତ ସାମଗ୍ରୀ

ପୁରୀ,୨୫।୧୦(ସମିସ): ଗୋରୁଆଳ ନୂଆପାଟଣାସ୍ଥିତ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଶନିବାର ଏକଦିବସୀୟ ବାଉଁଶ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଉଁଶରେ ନିର୍ମିତ ବିଭିନ୍ନ ପ୍ରକାର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏଥିରେ ବାଉଁଶ ନିର୍ମିତ ବ୍ୟାଗ୍, ବୋତଲ, ପାଣି ଝରି, ଗ୍ଲାସ୍,



ଫୁଲଦାନି, ଚାଙ୍ଗୁଡ଼ି, ଶଗଡ଼ ଗାଡ଼ି, ଧନୁ-ଶର, ବୋଇତ, ବନ୍ଧୁକ, ଲାଇଟ୍ ଷ୍ଟାଣ୍ଡ, ମୋବାଇଲ୍ ଷ୍ଟାଣ୍ଡ, ବତୀଘର, ଘର, ରିକ୍ସା, ଗାର୍ଡେନ ଲାଇଟ୍, ବାସ୍କେଟ୍, ଝୁମର, ବାଦ୍ୟଯନ୍ତ୍ର, ବୀଣା, କେନ୍ଦେରା, ବଂଶୀ, ଭ୍ୟାନିଟି, ଜାହାଜ, ପେନ୍‌ଷ୍ଟାଣ୍ଡ, ଲକ୍ଷ୍ମୀ ମୂର୍ତ୍ତି ଭଳି ପ୍ରାୟ ୫୦ଟି ଭିନ୍ନ ଭିନ୍ନ ବାଉଁଶରେ ନିର୍ମିତ ସାମଗ୍ରୀ ଏଥିରେ ସ୍ଥାନ ପାଇଥିଲା, ଯାହା ବେଶ୍ ଆକର୍ଷଣୀୟ ସାଜିଥିଲା।

ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଡ. ବିଶ୍ୱନାଥ ମିଶ୍ର, ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ର, ଅଧ୍ୟାପକ ଉଦ୍ଧବ ନାୟକ, ଅନନ୍ତ ପ୍ରଧାନ, ଅଧ୍ୟାପିକା ତୃପ୍ତିରେଖା ମିଶ୍ର, ଭବାନୀ ଶଙ୍କର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାମାଧବ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୫୦ଜଣ ଚିତ୍ରଶିଳ୍ପୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଫେସର ମହାପାତ୍ର ମହାବିଦ୍ୟାଳୟରେ ଅନୁଷ୍ଠିତ ବାଉଁଶ ନିର୍ମିତ କଳାକୁ ଭୂରି ଭୂରି ପ୍ରଶଂସା କରିଥିଲେ। ପ୍ଲାଷ୍ଟିକ୍ ପରିବର୍ତ୍ତେ ଏହିଭଳି ସାମଗ୍ରୀକୁ ବ୍ୟବହାର କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରିଶେଷରେ କାର୍ଯ୍ୟକାରୀ ସଭାପତି ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ସାଇବର ଠକେଇ ସଚେତନତା 'ୱାକାଥନ୍'**

## 'ସଚେତନତା ହିଁ ଠକେଇରୁ ବର୍ତ୍ତିବାର ଶକ୍ତିଶାଳୀ ଅସ୍ତ୍ର'

ପୁରୀ,୨୫।୧୦(ସମିସ)




ପୁରୀ ପୁଲିସ ପକ୍ଷରୁ ଶନିବାର ବଡ଼ଦାଣ୍ଡରେ ସାଇବର ଠକେଇ ସଚେତନତା 'ୱାକାଥନ୍' ଅନୁଷ୍ଠିତ ହୋଇଯାଇଛି। ଗୁଣ୍ଡିଚା ମନ୍ଦିରଠାରୁ ଟାଉନ୍ ଥାନା ପର୍ଯ୍ୟନ୍ତ ଏହି ୱାକାଥନ୍ କରାଯାଇଥିଲା। ଏହାକୁ ବିଧାୟକ ସୁନୀଲ ମହାନ୍ତି ଏବଂ ଏସ୍‌ପି ପ୍ରତୀକ ସିଂହ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏସ୍‌ପି ଶ୍ରୀ ସିଂ କହିଥିଲେ ଯେ ପୁରୀକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣଙ୍କୁ ସାଇବର ଠକେଇ ବିଷୟରେ ସଚେତନ କରିବା ହେଉଛି ଏହି ୱାକାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ। ସଚେତନତା ହିଁ ସାଇବର ଠକେଇରୁ ବର୍ତ୍ତିବା ପାଇଁ ଶକ୍ତିଶାଳୀ ଅସ୍ତ୍ର। ଅଜଣା ଫୋନ୍ କଲ୍, ଲିଙ୍କ୍ କିମ୍ବା ମେସେଜରେ ବିଶ୍ୱାସ ନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିଭଳି ଓଟିପି, ବ୍ୟାଙ୍କ ତଥ୍ୟ କାହାକୁ ନ ଦେବାକୁ କହିଛନ୍ତି। ଅନ୍‌ଲାଇନ୍‌ରେ ଠକେଇର ଶିକାର ହେବା ମାତ୍ରେ ହେଲ୍ପ ଲାଇନ୍ ନମ୍ବର ୧୯୩୦ କିମ୍ବା ୮୨୮୦୪୯୧୩୦୦ରେ କଲ୍ କରି ଜଣାନ୍ତୁ। ଏହାବ୍ୟତୀତ ସୋସିଆଲ ମିଡିଆରେ ନକଲି ଆକାଉଣ୍ଟ, ସନ୍ଦିଗ୍ଧ ପୋଷ୍ଟ ଦେଖିବା ମାତ୍ରେ ତୁରନ୍ତ ଥାନାକୁ ଜଣାଇବାକୁ ପରାମର୍ଶ ଦେଇଛନ୍ତି। 'ସଚେତନତା ହିଁ ସୁରକ୍ଷା' ମନ୍ତ୍ରକୁ ଅନୁସରଣ କରିବାକୁ ଏସ୍‌ପି ନିବେଦନ କରିଛନ୍ତି।

ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଡିଏସ୍‌ପି ସଦର ରବିନାରାୟଣ ଭଞ୍ଜ, କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ, ସାଇବର ଥାନାଧିକାରୀ ସଂଘମିତ୍ରା ନାୟକ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ଇନ୍ସପେକ୍ଟର ବାସୁଦେବ ପାଣିଗ୍ରାହୀ ପ୍ରମୁଖ ୱାକାଥନ୍‌ର ନେତୃତ୍ୱ ନେଇଥିଲେ। ଏଥିରେ ୫୦୦ରୁ ଅଧିକ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। 'ସାଇବର ସଚେତନ ହୁଅନ୍ତୁ, ଠକାମୀର ଶିକାରରୁ ବଞ୍ଚନ୍ତୁ' ସ୍ଲୋଗାନ ସହ ବଡ଼ଦାଣ୍ଡରେ ପଦଯାତ୍ରା କରିଥିଲେ। ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ସେବାୟତ, ସ୍ଥାନୀୟ ନାଗରିକ ଓ ଭକ୍ତ ଏଥିରେ ଯୋଗଦେଇ ସାଇବର ଠକେଇରୁ ବର୍ତ୍ତିବା ନେଇ ଧାରଣା ନେଇଥିଲେ।

## ଶିଶୁ ଶ୍ରମିକ ପ୍ରଥା ବନ୍ଦ ପାଇଁ ଆହ୍ୱାନ



ପୁରୀ,୨୫।୧୦(ସମିସ): ହରିହର ବିହାରସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ଦି ମିରର୍ କାର୍ଯ୍ୟାଳୟରେ ଶନିବାର ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରୋଧୀ ମଞ୍ଚର ପୁନଃଗଠନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଶ୍ରମିକ ପ୍ରଥାର ବିଲୋପ ନିମନ୍ତେ କାର୍ଯ୍ୟ କରୁଥିବା ଅନୁଷ୍ଠାନ କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲ୍ଡ ଲେବରର କ୍ଷେତ୍ରୀୟ ସଂଯୋଜକ ନକୁଳ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଶିଶୁମାନଙ୍କର ବିକାଶ ନିମନ୍ତେ କାର୍ଯ୍ୟ କରୁଥିବା ଅନୁଷ୍ଠାନର କର୍ମୀମାନେ ଯୋଗଦେଇଥିଲେ। ଅନୁଷ୍ଠାନର ରାଜ୍ୟ ସମ୍ପାଦକ ସୁକାନ୍ତ କୁମାର ନାଏକ ଯୋଗଦେଇ ଶିଶୁ ଶ୍ରମିକ ପ୍ରଥାର ବିଲୋପ ନିମନ୍ତେ ଅନୁଷ୍ଠାନର କାର୍ଯ୍ୟ, ସଂଗଠନ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଆଲୋଚନାରେ ଭାଗନେଇ ସ୍ୱାଦ ଅନୁଷ୍ଠାନର ମୁଖ୍ୟ ବୀଣାପାଣି ମିଶ୍ର, ଦି ମିରର୍‌ର ସଭାପତି ସଞ୍ଜୟ କୁମାର ପ୍ରଧାନ ଓ ସିଏସ୍‌ଡବ୍ଲ୍ୟୁଆର୍‌ସିର ସମୀର କୁମାର ପଟ୍ଟନାୟକ ଶିଶୁ ଶ୍ରମିକ ପ୍ରଥାକୁ ବନ୍ଦ କରିବା ଲାଗି ସରକାରୀସ୍ତରରେ ନିୟମ ପ୍ରଣୟନ ହେବା ଦରକାର ବୋଲି କହିଥିଲେ। ଏହି ଅବସରରେ ପୁରୀ ଜିଲ୍ଲା ଶିଶୁ ଶ୍ରମିକ ନିରୋଧ ସ୍ୱେଚ୍ଛାସେବୀ ସମନ୍ୱୟ ମଞ୍ଚର ଜିଲ୍ଲା ଆବାହକ ରୂପେ ନକୁଳ ଚନ୍ଦ୍ର ସ୍ୱାଇଁ ଓ ସହ ଆବାହକ ରୂପେ ପ୍ରଦୀପ ମହାରଣାଙ୍କୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ଦାଶ ଓ ଭାସ୍କର ଚନ୍ଦ୍ର ପଲେଇ ପରିଚାଳନା କରିଥିଲେ।

ସକାଳ THE SAKALA



**୧୭ ବର୍ଷ ପରେ ବି ବଦଳିଲାନି ପରିସ୍ଥିତି**

# ପ୍ରତି ୧ ହଜାର ପୁଅରେ ୮୧୭ ଝିଅ

ନୟାଗଡ଼,୨୫।୧୦(ସମିସ)

ନୟାଗଡ଼ ଜିଲ୍ଲାରେ ପୁଅ ତୁଳନାରେ ଝିଅ ସଂଖ୍ୟାକୁ ଲକ୍ଷ୍ୟ କଲେ ସାଂଘାତିକ ସ୍ଥିତି ସୃଷ୍ଟି ହେଉଥିବା ଅନୁମାନ ହେଉଛି। ଜିଲ୍ଲାରେ ପ୍ରତି ୧ ହଜାର ପୁଅ ଜନ୍ମ ତୁଳନାରେ ୮୧୭ ଝିଅ ଜନ୍ମ ହେଉଥିବା ଜଣାପଡ଼ିଛି। ଗତ ୯ ମାସର ସ୍ଥିତି ଏହାକୁ ସ୍ପଷ୍ଟ କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଶା ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଛି। ନୟାଗଡ଼ ଜିଲ୍ଲାରେ ବିଗତ ୯ ମାସ ତଥା ଜାନୁଆରୀ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ୩୭୨୨ ପୁଅ ଜନ୍ମ ହୋଇଥିବା ବେଳେ ୩୦୩୦ ଝିଅ ଜନ୍ମ ହୋଇଥିବା ଜଣାପଡ଼ିଛି। ସେଥି ମଧ୍ୟରେ ଜାନୁଆରୀ ମାସରେ ୪୧୫ ପୁଅ ଜନ୍ମ ହୋଇଥିବା ବେଳେ ୩୧୩ ଝିଅ ଜନ୍ମ ହୋଇଛନ୍ତି। ଫେବୃଆରୀ ମାସରେ ୩୭୨ ପୁଅ ଓ ୨୮୧ ଝିଅ, ମାର୍ଚ୍ଚ ମାସରେ ୩୮୧ ପୁଅ, ୩୨୭ ଝିଅ, ଅପ୍ରେଲ ମାସରେ ୩୭୫ ପୁଅ, ୩୦୨ ଝିଅ, ମେ' ମାସରେ ୪୬୧ ପୁଅ ଓ ୪୨୫ ଝିଅ, ଜୁନ ମାସରେ ୪୫୩ ପୁଅ ଓ ୩୬୭ ଝିଅ, ଜୁଲାଇ ମାସରେ ୪୦୧ ପୁଅ ଓ ୨୮୨ ଝିଅ, ଅଗଷ୍ଟ ମାସରେ ୩୬୪ ପୁଅ ଓ ୩୫୩ ଝିଅ, ସେପ୍ଟେମ୍ବର ମାସରେ ୫୦୦ ପୁଅ ୩୯୦ ଝିଅ ଜନ୍ମ ହୋଇଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଭାପୁର ବ୍ଲକରେ ୯ ମାସରେ ୧୭୪ ପୁଅ ୧୩୮ ଝିଅ, ଦଶପଲ୍ଲା ବ୍ଲକରେ ୨୨୩ ପୁଅ ଓ ୨୨୫ ଝିଅ, ଗଣିଆ ବ୍ଲକରେ ୬୯ ପୁଅ ଓ ୪୮ ଝିଅ, ଖଣ୍ଡପଡ଼ା ବ୍ଲକରେ ୨୯୨ ପୁଅ ଓ ୨୩୬ ଝିଅ, ନୟାଗଡ଼ରେ ୨୧୮୦ ପୁଅ ୧୭୬୪ ଝିଅ, ନୂଆଗାଁରେ ୧୧୬ ପୁଅ ଓ ୯୪ ଝିଅ, ଓଡ଼ଗାଁରେ ୧୯୬

- ୯ ମାସରେ ୩୭୨୨ ପୁଅ ଓ ୩୦୪୦ ଝିଅ ଜନ୍ମ
- ସଚେତନତା କେବଳ ଲୋକଦେଖାଣିଆ

ପୁଅ ଓ ୧୪୫ ଝିଅ, ରଣପୁରରେ ୪୭୨ ପୁଅ ଓ ୩୯୦ ଝିଅ ଜନ୍ମ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନ୍ମ ତଥ୍ୟକୁ ନେଇ ଏହା ଜଣାପଡ଼ିଛି। ଏହି ତଥ୍ୟକୁ ଲକ୍ଷ୍ୟ କଲେ ନୟାଗଡ଼ ଜିଲ୍ଲା ଭିନ୍ନ ସ୍ତରକୁ ଯାଉଥିବା ଅନୁମାନ ହେଉଛି। ଝିଅ ପ୍ରତି ଅନାଗ୍ରହ ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ୨୦୦୮ ମସିହା କନ୍ୟା ଭ୍ରୂଣ ହତ୍ୟା ପାଇଁ ସାରା ଦେଶରେ ନୟାଗଡ଼ ଜିଲ୍ଲା ଚର୍ଚ୍ଚାରେ ରହିଥିଲା। ଏହା ପରେ ନୟାଗଡ଼ ବାସୀଙ୍କ ମନରେ ଝିଅ ପ୍ରତି ରହିଥିବା ଅନାଗ୍ରହତା ଦୂର କରିବା ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ୧୭ ବର୍ଷ ପରେ ବି ଏହି ପରିସ୍ଥିତିରେ ସୁଧାର ନଆସିବା ପ୍ରଶାସନର ଆଭିମୁଖ୍ୟ ଓ କୋହଳ ମନବୃତ୍ତିକୁ ସାମ୍ନାକୁ ଆଣିଛି। ସରକାରଙ୍କ ଅର୍ଥ ଶ୍ରାଦ୍ଧ କରି ଶିଶୁ ସୁରକ୍ଷା ବିଭାଗ କେବଳ ସ୍ୱାର୍ଥ ସାଧନ କରୁଥିବା ବେଳେ ଫଳ ଶୂନ ବୋଲି ଆଲୋଚନା ହେଉଛି। ସଚେତନତା ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଉଥିବା ବେଳେ ବାସ୍ତବତା ନାହିଁ ବୋଲି ଅନେକ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଜିଲ୍ଲା ପ୍ରଶାସନ, ରାଜନେତା, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଶିଶୁ ସୁରକ୍ଷା ବିଭାଗ ଝିଅକୁ ନେଇ ଲୋକଙ୍କ ମନରେ ରହିଥିବା ମାନସିକତାକୁ ଦୂର କରିବା ପାଇଁ ବଳିଷ୍ଠ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ନତୁବା ନୟାଗଡ଼ ଜିଲ୍ଲା ଭବିଷ୍ୟତରେ ସାଂଘାତିକ ସ୍ଥିତିର ସାମ୍ନା କରିବ ବୋଲି ଆଲୋଚନା ହେଉଛି।

## ଚେସ୍‌ରେ ରାଜ୍ୟସ୍ତରକୁ ମନୋନୀତ ଓଏଭି ଛାତ୍ର

ଗଣିଆ,୨୫।୧୦(ସମିସ): ଜିଲ୍ଲା ସ୍ପୋର୍ଟର୍ସ ଆସୋସିଏସନ୍ ତରଫରୁ ବରପଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଚେସ୍ ଟୁର୍ଣ୍ଣାମେଣ୍ଟରେ ଗଣିଆ ବ୍ଲକ ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ନୀତିନଜିତ୍ ସାହୁ ଯୋଗ ଦେଇଥିଲେ। ତେବେ ଏହି ପ୍ରତିଯୋଗିତାରେ ସେ ଉନ୍ନତ ଖେଳ ପ୍ରଦର୍ଶନ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ଏହି ସଫଳତାରେ ଆଦର୍ଶ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ବିଦ୍ୟାଳୟ ତରଫରୁ କୃତି ଛାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିବା ଜଣାପଡ଼ିଛି। ରାଜ୍ୟସ୍ତରରେ ଉନ୍ନତ ଖେଳ ପ୍ରଦର୍ଶନ କରିବାକୁ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରକାଶ କରିଛନ୍ତି। ଚେସ୍ ଖେଳ ପ୍ରତି ନୀତିନଜିତଙ୍କର ପିଲାବେଳୁ ଆଗ୍ରହ ଥିବା ବେଳେ ପିତା ମାତାଙ୍କ ପ୍ରେରଣା ତାଙ୍କ ପାଇଁ ଆର୍ଶିବାଦ ପାଲଟିଛି ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କ ଘର ଗଣିଆ ବ୍ଲକ କରଡାପଡ଼ା ଗ୍ରାମରେ ବୋଲି ଜଣାପଡିଛି।



**ସୂର୍ଯ୍ୟଘର ଯୋଜନା ନାଁରେ ଭେଲିକି**

## ହିତାଧିକାରୀ ପାଉନାହାନ୍ତି ବଳକା ବିଜୁଳି ଅର୍ଥ

**ଜିଲ୍ଲାରେ ୨୧୨ ଜଣ ଉପକୃତ**

ନୟାଗଡ଼,୨୫।୧୦(ସମିସ): ତିନିଶହ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେବାକୁ କହି ଭେଲିକି ସୃଷ୍ଟି କରିଥିବା ବିଜେପି ସୂର୍ଯ୍ୟଘର ଯୋଜନା ନାଁରେ ଜନଆକ୍ରୋଶରୁ ମୁକ୍ତି ପାଇବାକୁ ବାଟ ଖୋଜୁଛି। ନୟାଗଡ଼ ଜିଲ୍ଲାରେ ସୂର୍ଯ୍ୟଘର ଯୋଜନା କେବଳ ଏକ ଭେଲିକି ସଦୃଶ୍ୟ ହୋଇଛି। ୨୦୨୪ ମସିହା ଫେବୃଆରୀ ମାସରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ଏବେ ସୁଦ୍ଧା ୨୧୨ ଜଣ ହିତାଧିକାରୀ ସାମିଲ ହୋଇଥିବା ବେଳେ ସେମାନେ ବିତରଣ କମ୍ପାନୀ ଦ୍ୱାରା ଠକେଇର ଶୀକାର ହେଉଛନ୍ତି। ନୟାଗଡ଼ ଜିଲ୍ଲା ଦିଶା ବୈଠକରୁ ଏଭଳି ଆଭାସ ମିଳିଛି। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକର ୪୮୭ ଜଣ ହିତାଧିକାରୀ ସୂର୍ଯ୍ୟଘର ଯୋଜନାରେ ସାମିଲ ହେବାକୁ ଅନ୍‌ଲାଇନ ଆବେଦନ କରିଥିବା ଟିପିସିଓଡିଏଲ୍‌ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୨୧୨ ଜଣ ହିତାଧିକାରୀ ଭେଣ୍ଡର ଚୟନ କରି ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ଦଶପଲ୍ଲା ସବଡିଭିଜନରେ ୧୦୧ ଜଣ ଆବେଦନ ମଧ୍ୟରୁ ୪୯ ଜଣ ଉପକୃତ ହୋଇଛନ୍ତି। ଖଣ୍ଡପଡ଼ା ସବଡିଭିଜନ ଅଧୀନରେ ୫୧ ଜଣ ହିତାଧିକାରୀ ଆବେଦନ କରି ୨୧ ଜଣ ସାମିଲ ହୋଇଛନ୍ତି। ଇଟାମାଟି ସବ୍‌ଡିଭିଜନ ଅଧୀନରେ ୬୮ ଜଣ ଆବେଦନକାରୀଙ୍କ ମଧ୍ୟରୁ ୨୭ ଜଣ ସୋଲାର ପ୍ରକଳ୍ପ ଲଗାଇଛନ୍ତି। ନୟାଗଡ଼ ସବଡିଭିଜନ ଅଧୀନରେ ୨୬୭ ଜଣଙ୍କ ମଧ୍ୟରୁ ୧୧୫ ଜଣ ଉପକୃତ ହୋଇଛନ୍ତି। ହିତାଧିକାରୀମାନେ ସୋଲାର ପ୍ରକଳ୍ପ ଲଗାଇ ସୂର୍ଯ୍ୟଘର ଯୋଜନାରେ ସାମିଲ ହୋଇଥିବା ବେଳେ ବିତରଣ କମ୍ପାନୀ ଦ୍ୱାରା ଠକେଇ ଶୀକାର ହେଉଥିବା କଥା ସାମ୍ନାକୁ ଆସିଛି। ଯେଉଁ ହିତାଧିକାରୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ସେମାନେ ନିଜ ଘର ଛାତ ଉପରେ ସୋଲାର ପ୍ରକଳ୍ପ ମାଧ୍ୟରେ ଯେଉଁ ପରିମାଣର ବିଦ୍ୟୁତ୍ ଉତ୍ପାଦନ କରନ୍ତି, ତାହା ତୁଳନାରେ କମ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି। ବଳକା ବିଦ୍ୟୁତ୍ ବିତରଣ କମ୍ପାନୀ ଅନ୍ୟକୁ ବିକ୍ରି କରୁଥିବା ଜଣାପଡ଼ିଛି। ଏହି ବଳକା ବିଦ୍ୟୁତ୍ ବାବଦରେ ହିତାଧିକାରୀ ଟଙ୍କାଟିଏ ମଧ୍ୟ ଲାଭ ପାଇ ପାରିନଥାଏ। ଅନ୍ୟ ରାଜ୍ୟରେ ବଳକା ବିଦ୍ୟୁତ୍ ବାବଦରେ ସୂର୍ଯ୍ୟଘର ହିତାଧିକାରୀ ବିତରଣ କମ୍ପାନୀଠାରୁ ଅର୍ଥ ପାଉଥିବା ବେଳେ ଓଡ଼ିଶାରେ ଏହି ବ୍ୟବସ୍ଥା ନଥିବା ସାଂସଦ ସୂଚନା ଦେଇଥିଲେ। ଯାହା ଫଳରେ ହିତାଧିକାରୀ ଏହି ଯୋଜନାରୁ ଲାଭବାନ ହେବା ପରିବର୍ତ୍ତେ ବିତରଣ କମ୍ପାନୀ ଲାଭବାନ ହେଉଛି। ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସରକାରଙ୍କ ଦୃଷ୍ଟି ଦେବାକୁ ଦାବି ହୋଇଛି।

**ଜରାଜୀର୍ଣ୍ଣ ମିନି ପାର୍କ**

## ଖତ ଖାଉଛି ବ୍ୟାୟାମ ସାମଗ୍ରୀ



ଗଣିଆ,୨୫।୧୦(ସମିସ): ଗଣିଆ ଭଳି ଏକ ଅନୁନ୍ନତ ଅଞ୍ଚଳରେ ପ୍ରାତଃ ଭ୍ରମଣ ତଥା ଆମୋଦ ପ୍ରମୋଦ କରିବା ପାଇଁ କୌଣସି ସୁବିଧା ସୁଯୋଗ ନଥିଲା। ଅବସର ସମୟ ଏକ ସୁନ୍ଦର ପରିବେଶ ମଧ୍ୟରେ ବିତେଇବାକୁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଚାହୁଁଥିଲେ ମଧ୍ୟ ଗଣିଆରେ ସେଭଳି କୌଣସି ସୁବିଧା ନଥିଲା। ଏପରିକି ନିଜକୁ ଫିଟ୍ ରଖିବା ପାଇଁ ତଥା ଶାରୀରିକ ଅଭିବୃଦ୍ଧି ପାଇଁ ଖେଳକୁଦ ତଥା ଆମୋଦ ପ୍ରମୋଦର ସୁଯୋଗ ନଥିଲା। ଗଣିଆରେ କାର୍ଯ୍ୟରତ ପୂର୍ବତନ ବିଡିଓ ସିରିୟାଲ ଶୁଭ୍ର ପଟେଲଙ୍କ ଉଦ୍ୟମରେ ବ୍ଲକ କଲୋନୀ ପରିସରରେ ଏକ ମିନି ପାର୍କ ନିର୍ମାଣ କରାଯାଇଥିଲା। ଅଳିଆ, ଆବର୍ଜନା ଅପରିଷ୍କାର ହୋଇ ପଡି ରହିଥିବା କଲୋନୀକୁ ଏକ ମିନି ପାର୍କରେ ପରିଣତ କରାଗଲା। ପାର୍କ ପରିସରରେ ସୁନ୍ଦର ସୁନ୍ଦର ଗଛ ଲଗାଇବା ସହିତ, ଆଲୋକୀ କରଣ, ବସିବା ପାଇଁ ପାର୍କ ଚାରିପଟେ ସିମେଣ୍ଟ ଚଟାଣ, ଦୋଳି, ବ୍ୟାୟାମ କରିବା ପାଇଁ ବିଭିନ୍ନ ପ୍ରକାରର ଆସବାବପତ୍ର ସହିତ ବ୍ୟାଡମିଣ୍ଟନ ଖେଳିବା ପାଇଁ କୋର୍ଟ ପ୍ରସ୍ତୁତ କରାଗଲା। ଅବ୍ୟବହୃତ ହୋଇ ପଡି ରହିଥିବା କଲୋନୀଟି ଏକ ମିନି ପାର୍କରେ ସଜେଇ ହୋଇ ଆକର୍ଷଣୀୟ ପାଲଟିଗଲା। ସନ୍ଧ୍ୟା ସମୟରେ ରଙ୍ଗିନ ଆଲୋକରେ ଝଲସି ଗଲା ପାର୍କ ପରିସର। ବ୍ଲକ କଲୋନୀରେ ରହୁଥିବା କର୍ମଚାରୀଙ୍କ ସହିତ ଗଣିଆ ଆଖପାଖର ଅନେକ ବୟସ୍କ ମହିଳା, ପୁରୁଷ ଏଠାରେ ପ୍ରାତଃ ଭ୍ରମଣ କରିବାକୁ ଆଗେଇ ଆସିଲେ। ଛୋଟ ଛୋଟ ପିଲାଙ୍କଠାରୁ ଆରମ୍ଭ କରି କଲେଜ ଛାତ୍ରଛାତ୍ରୀଙ୍କର ଏଠାକୁ ସୁଅ ଛୁଟିଲା। କଲୋନୀରେ ଜନ୍ମଦିନଠାରୁ ଆରମ୍ଭ କରି ବିଭିନ୍ନ ଭୋଜିଭାତ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଏଠାରେ ସମ୍ପାଦନ କରାଗଲା। କିନ୍ତୁ ବିଡିଓ ସିରିୟାଲ ଶୁଭ୍ର ପଟେଲଙ୍କର ଅନ୍ୟତ୍ର ବଦଳି ହୋଇଯିବା ପରେ ଏବେ ଏହି ମିନି ପାର୍କଟି ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ପାଲଟି ଯାଇଛି। ଜରି, କାଗଜ, ପତ୍ର ପଡି ଅଳିଆ ଗଦା ପାଲଟି ଯାଇଛି। ପାର୍କ ଚାରିପାଖେ ଅନାବନା ଗଛଲତା ଉଠି କୁଢ଼କୁଢ଼ ଅଳିଆ ଗଦା ହୋଇ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ବ୍ୟାୟାମ ସାମଗ୍ରୀ ଗୁଡିକ ନଷ୍ଟ ହେବାକୁ ବସିଲାଣି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଉକ୍ତ ପାର୍କଟି ଏବେ ଅବହେଳିତ ଅବସ୍ଥାରେ ପଡି ରହିଛି। କଲୋନୀରେ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ବସବାସ କରୁଥିଲେ ମଧ୍ୟ ଏହି ପାର୍କର ଉନ୍ନତି ଦୂରର କଥା ରକ୍ଷଣାବେକ୍ଷଣ ବି କରିବାକୁ କେହି ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଲୋକପ୍ରତିନିଧିମାନଙ୍କ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀମାନେ କେହି ବି ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏହି ପାର୍କଟିର ପୁନରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି।

## ଗାୟତ୍ରୀ ଜ୍ୟୋତି ଓ ଶକ୍ତି କଳସଙ୍କୁ ବନ୍ଦାପନା

ଓଡ଼ଗାଁ,୨୫।୧୦(ସମିସ): ଗାୟତ୍ରୀ ପରିବାର ଦ୍ୱାରା ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଜ୍ୟୋତି ଓ ଶକ୍ତି କଳସ ଯାତ୍ରା ସାରା ଭାରତବର୍ଷ ପରିଭ୍ରମଣ କରୁଛି। ଶନିବାର ଓଡ଼ଗାଁ ବ୍ଲକ ମଶାବାରି ଗାୟତ୍ରୀ ବିଦ୍ୟାମନ୍ଦିରଠାରେ ଜ୍ୟୋତି ଓ ଶକ୍ତି କଳସ ବନ୍ଦାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନୁଷ୍ୟଙ୍କ ମଧ୍ୟରେ ଦେବତ୍ୱ ଭାବର ଉଦୟ, ଧରାକୁ ସ୍ୱର୍ଗର ଅନୁଭବ ଦେବା ସହିତ ଘରକୁ ସ୍ୱର୍ଗରେ ପ୍ରସାର ମାଧ୍ୟମରେ ସମସ୍ତଙ୍କ ମନରେ ସଚେତନତା ସୃଷ୍ଟି କରିବା ଉକ୍ତ ଯାତ୍ରାର ଉଦ୍ଦେଶ୍ୟ ରହିଛି। ଗାୟତ୍ରୀ ବିଦ୍ୟାମନ୍ଦିର ଅଧ୍ୟକ୍ଷ ବିରେନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଜ୍ୟୋତି ଏବଂ ଶକ୍ତି କଳସଙ୍କୁ ସମ୍ମାନ ଜଣାଇ ବନ୍ଦାପନା କରିଥିଲେ। ଓଡ଼ଗାଁ ଗାୟତ୍ରୀ ପରିବାରର ଭାଇ ଓ ଭଉଣୀମାନଙ୍କ ସହିତ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ଓ ଉପସ୍ଥିତ ଅନ୍ୟ



ପରିଣତ କରିବା ଏବଂ ସତ୍ ସାହିତ୍ୟ ପଠନରେ ଜୀବନ୍ତ ଦେବ ପ୍ରତିମାର ଉପଲବ୍ଧ ଆଣିବାର ବାର୍ତ୍ତା ପ୍ରଚାର ମହିଳାମାନେ ବନ୍ଦାପନା ସାରିବା ପରେ ରଥ ଗ୍ରାମ ପରିକ୍ରମା କରି ବିଦ୍ୟାମନ୍ଦିରେ ପହଞ୍ଚିଥିଲା।

## ଉତ୍କଳ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା



ଶରଣକୁଳ,୨୫।୧୦ (ସମିସ): ଶରଣକୁଳ ନିକଟସ୍ଥ ଗୋଡ଼ିପଡ଼ା ଉତ୍କଳ ପବ୍ଲିକ ସ୍କୁଲରେ ଶନିବାର ବିଦ୍ୟାଳୟସ୍ତରୀୟ ପିଲାଙ୍କ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନମେଳାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସମ୍ପାଦକ ଉଦଘାଟନ କରିଥିଲେ। ସର୍ବ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ଏହିପରି ତିନିଗୋଟି ବିଭାଗରେ ମୋଟ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୯ ଟି ପ୍ରକଳ୍ପ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ପ୍ରାଦେଶିକ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ଅପରାହ୍ନରେ ବିଦ୍ୟାଳୟର ସଭାପତି ଶରତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସମାଜସେବୀ ରବୀନ୍ଦ୍ର କୁମାର ଦାଶ ମୁଖ୍ୟଅତିଥି ରୂପେ ଯୋଗ ଦେଇ "ବିଜ୍ଞାନ ମେଳା ଶିଶୁ ମାନଙ୍କ ବିଜ୍ଞତାର ପରିଚୟ ଦେଇଥାଏ' ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଶିକ୍ଷାବିତ ପ୍ରଶାନ୍ତ କୁମାର ଦାଶ, ଗୋଡିପଡା ସିଆରସିସି ବିଜୟ କୁମାର ପୃଷ୍ଟି, ଆଙ୍ଗିସିଙ୍ଗି ସିଆରସିସି ରାଜେଶ କୁମାର ଷଡ଼ଙ୍ଗୀ, ଶିକ୍ଷକ ବ୍ରଜ କିଶୋର ମିଶ୍ର, ନିରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସମ୍ପାଦିକା ତଥା ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ଷଡ଼ଙ୍ଗୀ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ବିବରଣୀ ପ୍ରଦାନ କରିଥିଲେ। ତିନିଗୋଟି ବିଭାଗରୁ ମନୋନୀତ ହୋଇଥିବା ସମସ୍ତ ପ୍ରକଳ୍ପକାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଶ୍ରବଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**● ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

## ଓମ୍‌କାର ଲେଙ୍କାଙ୍କୁ ୯ ୱିକେଟ୍ ସଫଳତା

ଖୋର୍ଦ୍ଧା,୨୫।୧୦(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତାରେ ଓମ୍‌କାର ଲେଙ୍କା ୯ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଛନ୍ତି। କଟକର ବିଡ଼ାନାସୀ ପଡ଼ିଆରେ ଶନିବାର ଖେଳାଯାଇଥିବା ସମ୍ବଲପୁର-ଏ' ବିପକ୍ଷ ମ୍ୟାଚ୍‌ରେ ନୟାଗଡ଼ ପକ୍ଷରୁ ଖେଳୁଥିବା ଓମ୍‌କାର ୧୦ ଓଭର ବୋଲିଂ କରି ୨ଟି ମେଡେନ ସହ ୫୩ ରନ୍ ଦେଇ ୯ଟି ୱିକେଟ ନେଇଛନ୍ତି। ଏହି ସଫଳତା ସତ୍ତ୍ୱେ ତାଙ୍କ ଜିଲ୍ଲା ନୟାଗଡ଼ ୮୨ ରନ୍‌ରେ ସମ୍ବଲପୁରଠାରୁ ପରାଜିତ ହୋଇଛି। ଏହି ମୁକାବିଲାରେ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୩୨.୫ ଓଭରରେ ୧୮୩ ରନ୍ କରିଥିଲା। ଏଥିରେ ଓମ୍‌କାରଙ୍କ ୯ ୱିକେଟକୁ ବାଦ୍ ଦେଲେ ଋତୁରାଜ ମହାନ୍ତିଙ୍କୁ ଅନ୍ୟ ୱିକେଟି ମିଳିଥିଲା। ଜବାବରେ ନୟାଗଡ଼ ୨୯ ଓଭରରେ ୧୦୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବ୍ୟାଟିଂରେ ଓମ୍‌କାର ୨୦ ରନ୍ କରିଥିଲେ ମଧ୍ୟ ଦଳ ହାରିଯାଇଥିଲା। ପିଲାବେଳରୁ କ୍ରିକେଟ ପ୍ରତି ଆଗ୍ରହ ରଖିଥିବା ଓମ୍‌କାର ଏବେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍‌ରେ ଆଲୋକ ମଙ୍ଗରାଜଙ୍କ ନିକଟରୁ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ବୋଲିଂ ସଫଳତା ଲାଗି ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି।



## ସୂଚନାଫଳକ ଭୁଶୁଡ଼ି ନାବାଳକ ମୃତ

ଓଡ଼ଗାଁ,୨୫।୧୦(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରୋହିବାଙ୍କ ପଞ୍ଚାୟତ ନାଉଖାଲ ନୃସିଂହପ୍ରସାଦ ଗ୍ରାମରେ ଉନ୍ନୟନ କାର୍ଯ୍ୟର ଫଳକ ଭୁଶୁଡି ପଡିବାରୁ ଜଣେ ନାବାଳକର ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ ସହଦେବ ମହାଙ୍କୁଡ଼ଙ୍କ ପୁଅ ହିନ ମହାଙ୍କୁଡ(୧୪)। ସେ ନବମ ଶ୍ରେଣୀରେ ପଢୁଥିଲେ। ଘଟଣାରୁ ପ୍ରକାଶ କାର୍ତ୍ତିକ ମାସ ଉପଲକ୍ଷେ ଶନିବାର ସନ୍ଧ୍ୟାରେ ଗାଁର ଯୁବକମାନେ ମେଳହୋଇ ଠାକୁରାଣୀ ମନ୍ଦିର ଚାରିପାଖରେ ନାମ ସଂକୀର୍ତ୍ତନ କରୁଥିଲେ। ତେବେ ହଠାତ୍ ସେଠାରେ ନିର୍ମାଣ ହୋଇଥିବା ସୂଚନା ଫଳକଟି ହଠାତ୍ ଭୁଶୁଡି ପଡ଼ିଥିଲା। ସେହି ସମୟରେ କାର୍ଯ୍ୟ ଫଳକ ଅତିକ୍ରମ କରୁଥିବା ହିନଙ୍କ ଉପରେ କାନ୍ଥଟି ଲଦି ହୋଇ ପଡିଥିଲା। ଫଳରେ ନାବାଳକ ତାର ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା। ଯୁବକମାନେ ତାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ଓଡ଼ଗାଁ ଡାକ୍ତରଖାନାରେ ନେଇଯାଇଥିଲେ। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ତାକୁ ମୃତ ଘୋଷଣା କରିଥିଲେ। ରବିବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

**● ଜିଲ୍ଲାପାଳଙ୍କ ନାମରେ ଫେସ୍‌ବୁକ୍ ଫେକ୍ ଆକାଉଣ୍ଟ**

## ଅର୍ଥ ମାଗୁଛନ୍ତି ସାଇବର ଲୁଟେରା

ନୟାଗଡ଼,୨୫।୧୦(ସମିସ): ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନାମରେ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ ଖୋଲା ଯାଇଛି। ଏହି ଫେସ୍‌ବୁକ୍ ଆଇଡିରୁ ଜିଲ୍ଲାର ବୁଦ୍ଧିଜୀବୀ, ସାମ୍ବାଦିକ ଓ ସରକାରୀ କର୍ମଚାରୀଙ୍କୁ ଫ୍ରେଣ୍ଡ ରିକ୍ୟୁଷ୍ଟ ପଠାଯାଉଛି। ସେମାନଙ୍କ ସହ ବନ୍ଧୁତା କରି ଅର୍ଥ ମାଗୁଛନ୍ତି ସାଇବର ଲୁଟେରା। ଏଭଳି ଫେକ୍ ଆକାଉଣ୍ଟଠାରୁ ନିଜକୁ ଦୂରେଇ ରଖିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। କିଛି ସାଇବର ଲୁଟେରା ଜିଲ୍ଲାପାଳ ସୋସିଆଲ ମିଡିଆର ବିଭିନ୍ନ ସାଇଟ୍‌ରୁ ଫଟୋ ସଂଗ୍ରହ କରି ଏଭଳି ଫେକ୍ ଆଇଡି ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଏପରିକି ଲୁଟେରାମାନେ ବିଭିନ୍ନ ଲୋକଙ୍କ ମୋବାଇଲ ନମ୍ବର ମାଗି ହ୍ୱାଟସ୍‌ଆପ୍ ଜରିଆରେ ମଧ୍ୟ ଟଙ୍କା ମାଗୁଥିବା ଜଣାପଡ଼ିଛି।

**● ଚିଲିକା ଭିତରକୁ ଯାଇପାରୁ ନାହାନ୍ତି ବାଲିପାଟପୁର ପଞ୍ଚାୟତର ମତ୍ସ୍ୟଜୀବୀ**

## ଡଙ୍ଗା ନେବାକୁ ରାଜଦଳ ସାଜିଛି ବାଧକ

ଟାଙ୍ଗୀ,୨୫।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ବାଲିପାଟପୁର ପଞ୍ଚାୟତରେ ରହୁଥିବା ମତ୍ସ୍ୟଜୀବୀମାନେ ଚିଲିକାକୁ ଭାତହାଣ୍ଡି ଭାବେ ବ୍ୟବହାର କରୁଥିଲେ ମଧ୍ୟ ଚିଲିକାରେ ମାଛଧରା ତାଳିପକା କାର୍ଯ୍ୟ କରି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟ ସାରିଦେଉଥିବା ଅଭିଯୋଗ ହେଉଛି। ତେବେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ପ୍ରାୟ ୫ ଗୁଣରୁ ଅଧିକ ରାଜଦଳ ଉପକୂଳକୁ ଆଚ୍ଛନ୍ନ କରି ରଖିଛି।



ଡଙ୍ଗା ବାହିବା ପାଇଁ ରାଜଦଳ ବାଧକ ସାଜିଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ମତ୍ସ୍ୟଜୀବୀ ମହଲରେ ଘୋର୍ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଚିଲିକା ଉପକୂଳରେ ରାଜଦଳ ଜମାହୋଇ ରହିବା ଦ୍ୱାରା ଚିଲିକା ମାଛ ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀମାନେ ଚିଲିକା ଭିତରକୁ ଡଙ୍ଗା ନେବାଆଣିବା କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏହାର ନିରାକରଣ ଦିଗରେ କୌଣସି ସ୍ଥାୟୀ ବ୍ୟବସ୍ଥା କରା ନ ଯାଇ କେବଳ ଡଙ୍ଗା ନେବାଆଣିବା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ବାଲିପାଟପୁର ପଞ୍ଚାୟତର ପ୍ରାୟ ୨ହଜାରରୁ ଅଧିକ ମତ୍ସ୍ୟଜୀବୀ ପରିବାର ବର୍ଗ ୫ ଦିନ ହେଲା ମାଛ ମାରିବାକୁ ଚିଲିକା ଭିତରକୁ ଯାଇପାରୁ ନାହାନ୍ତି। ନିଜ ପାରିବାରିକ ଗୁଜୁରାଣ ମେଣ୍ଟାଇବା ପାଇଁ ମତ୍ସ୍ୟଜୀବୀମାନେ ଏହି ଭାସମାନ ରାଜଦଳକୁ ସଫାକରି ରାସ୍ତା ପରିଷ୍କାର କରିବାରେ ସମସ୍ତ ପ୍ରୟାସ ବିଫଳ ହେବାରେ ଲାଗିଛି। ତେଣୁ ମତ୍ସ୍ୟଜୀବୀଙ୍କ ଜୀବନକୁ ସୁରକ୍ଷିତ କରିବା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ବଡ଼ ଟାସେରାକୁ ପର୍ଯ୍ୟଟନ କ୍ଷେତ୍ର କରିବାକୁ ଦାବି

ଖଣ୍ଡପଡ଼ା,୨୫।୧୦(ସମିସ)

ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକର ଅନେକ ପର୍ଯ୍ୟଟନ ସ୍ଥଳୀ ଚିହ୍ନଟ ହୋଇ ବିଗତ କିଛି ବର୍ଷ ହେଲା ସେଠାରେ ସରକାରଙ୍କ ତରଫରୁ ଅର୍ଥ ବିନିଯୋଗ କରାଯାଇ ପର୍ଯ୍ୟଟକଙ୍କ ପାଇଁ ସୁବିଧା କରାଯାଇଛି। ସେଇଭଳି ଭାବେ ଆଉ କିଛି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନ ରହିଛି ସରକାରଙ୍କ ଦୃଷ୍ଟି ଆଢୁଆଳରେ। ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଂଘାପଡ଼ା ପଞ୍ଚାୟତ ଅଧୀନ ସାରେଣ୍ଡା ନିକଟବର୍ତ୍ତୀ ବଡ ଟାସେରା ଅନେକ ବର୍ଷ ହେବ ଆଲୋଚନାର ସରବ୍ୟ ପାଲଟିଛି। ସିଂଘାପଡ଼ାଠାରୁ ପ୍ରାୟ ୯ କିଲୋମିଟର ଗଲାପରେ ବିସ୍ତୀର୍ଣ୍ଣ ଘଞ୍ଚ ଜଙ୍ଗଲ ଘେରା ପାହାଡ ପାଦ ଦେଶରେ ଏହି ବଡ ଟାସେରା ଅବସ୍ଥିତ। ଯଦି ଏହାର ପୂର୍ବ ଇତିହାସ ଦେଖାଯାଏ ତା'ହେଲେ ଜଣାଯାଏ ଖଣ୍ଡପଡାଗଡ଼ର ରାଜ ପରିବାରର ସଦସ୍ୟମାନେ ବିଭିନ୍ନ ସମୟରେ ବଣ ଭୋଜି କରିବା ପାଇଁ ନିଜର ସୈନ୍ୟ ସାମନ୍ତ ଧରି ଏଠାକୁ ଆସିଥାନ୍ତି। ରାତ୍ରକାଳୀନ ରହଣି



ଉଦ୍ଦେଶ୍ୟରେ ସାଥିରେ ପେଟ୍ରୋଲ ମାକ୍ସ ଲାଇଟି ଆଣିବା ସହ ଖଣ୍ଡପଡାର ଐତିହ୍ୟ ତୁମ୍ପା ସଙ୍ଗୀତର ସଦସ୍ୟମାନେ ରାଜାଙ୍କ ସହ ଆସି ଏଠାରେ ସଙ୍ଗୀତ ପରିବେଷଣ କରି ବଣ ଭୋଜିର ମଜା ନେଇଥାନ୍ତି ବୋଲି ଖଣ୍ଡପଡ଼ା ରାଜା ସ୍ୱର୍ଗତ ଭିଭୁତି ଭୂଷଣ ସିଂହ ମର୍ଦ୍ଦରାଜ ତିନି ବର୍ଷ ତଳେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀ ତଥା ସେତେବେଳେର ଖଣ୍ଡପଡାର ରାଜା ସ୍ୱର୍ଗତ ହରିହର ସିଂହ ଉଭୟେ ଏକତ୍ର ହୋଇ ଏହି ବଡ଼ ଟାସେରାକୁ ପରିଭ୍ରମଣରେ ଆସି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶକୁ ଖୁବ ଉପଭୋଗ କରିଥିଲେ। ପ୍ରାୟ ଦୁଇ ଏକର ପରିମିତ ଏହି ଟାସେରା ପଥର ଉପରେ ଛିଡ଼ା ହୋଇ ଚାରିପଟକୁ ଦେଖିଲେ ବହୁତ ଆନନ୍ଦ ଅନୁଭବ ହୁଏ। ଟାସେରା ଉପରେ ପୁରୁଷ ପୁରୁଷ ଧରି ପୂଜା ପାଉଥିବା ଆଦିବାସୀଙ୍କର ଆରାଧ୍ୟା ଦେବୀ ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିରଟି ଏବେ ଭଗ୍ନ ଅବସ୍ଥାରେ ରହିଛି। ଏଠାରେ ଝରଣା ନଥିଲେ ମଧ୍ୟ ବର୍ଷା ଦିନେ ସୁଉଚ୍ଚ ଟାସେରା ଉପରୁ ବର୍ଷା ଜଳ ତଳକୁ ଖସୁଥିବାର ଦୃଶ୍ୟ ବେସ ଆନନ୍ଦ ଦେଇଥାଏ। ବର୍ତ୍ତମାନ ଜଙ୍ଗଲ ସୁରକ୍ଷା ଏବଂ ଜୀବଜନ୍ତୁଙ୍କ ସୁରକ୍ଷିତ ଜୀବନଯାପନ ପାଇଁ ଜଙ୍ଗଲ ବିଭାଗ ଅହରହ ଏଠାରେ ପାଇଁତରା ମାରୁଥିବାର ଦେଖାଦେଇଛି। ତେବେ ଏହି ଅଞ୍ଚଳର ବୁଦ୍ଧିଜୀବୀ ଓ ଜନପ୍ରତିନିଧିମାନେ ଏହି ସ୍ଥାନଟିକୁ ପର୍ଯ୍ୟଟନସ୍ଥଳୀ ପାଇଁ ଜିଲ୍ଲା ପ୍ରଶାସନ ପରିଦର୍ଶନରେ ଆସି ବିଚାର ବିମର୍ଶ କରିବାକୁ ଦାବି କରି ଆସୁଥିଲେ। ଯଦ୍ୱାରା ଏ ଅଞ୍ଚଳର ବିକାଶ ହେବା ସହ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ଆଉ ଏକ ନାମ ମଧ୍ୟ ଯୋଡି ହୁଅନ୍ତା ବୋଲି ଦାବି କରିଥିଲେ। ୨୦୨୨ ମସିହାରେ ଏକ ବିଶେଷ କାର୍ଯ୍ୟକ୍ରମରେ ଏ ଅଞ୍ଚଳକୁ ପରିଦର୍ଶନରେ ଆସିଥିବା ଜିଲ୍ଲା ପରିଷଦ ସଭ୍ୟ ତଥା ବିଜେଡି ନେତା ରାମେଶ୍ୱର ଶତପଥୀ ଟାସେରାକୁ ଦେଖିବା ପରେ ଅତ୍ୟନ୍ତ ଖୁସିବ୍ୟକ୍ତ କରିବା ସହ ଏହି ସ୍ଥାନର ଉନ୍ନତି ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ। ଏନେଇ ପୂର୍ବରୁ ଦୈନିକ "ସକାଳ'ରେ ଜିଲ୍ଲା ପ୍ରଶାସନ ଓ ଲୋକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିଛିଦିନ ତଳେ ଉକ୍ତ ସ୍ଥାନକୁ ପର୍ଯ୍ୟଟନ କ୍ଷେତ୍ର କରିବା ପାଇଁ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ତାଙ୍କ ପର୍ଯ୍ୟଟନ ପରାମର୍ଶଦାତା ଇଞ୍ଜିନିଅର ସୁଶ୍ରୀ ସୋନାଲି ପଣ୍ଡା ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ଏହା ଯଦି ସମ୍ଭବ ହୁଏ ବଡ଼ ଟାସେରା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବା ସହ ଏଠାରେ ଥିବା ଆଦିବାସୀଙ୍କ ଜୀବନଜୀବିକା ମଧ୍ୟ ପରିବର୍ତ୍ତନ ହୋଇ ପାରନ୍ତା ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସମୀକ୍ଷା ବୈଠକ

# ଉଜୁଡ଼ା ଜଙ୍ଗଲ ପୁନରୁଦ୍ଧାର ଓ ଜୀବନଜୀବିକାକୁ ଗୁରୁତ୍ୱ




ବାରିପଦା, ୨୫ ।୧୦(ସମିସ): ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଶୁକ୍ରବାର ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇଥିଲେ । ବନଖଣ୍ଡ ଅଧିକାରୀ ଶ୍ରୀ ବିଶ୍ୱାଳ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ଉପରେ ନିର୍ଭର କରୁଥିବା ବନ ସୁରକ୍ଷା ସମିତିର ସଭ୍ୟ/ସଭ୍ୟାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଉକ୍ତ ପ୍ରକଳ୍ପ ଜରିଆରେ କିପରି ଉଜୁଡା ଜଙ୍ଗଲର ପୁନରୁଦ୍ଧାର ହେବା ସହ ବନ ସୁରକ୍ଷା ସମିତି ସ୍ତରରେ ଲୋକଙ୍କ ଜୀବନ ଜୀବିକାରେ ଉନ୍ନତି ନେଇ ଗୁରୁତ୍ୱ ଦେଇଥିଲେ । ଏଥିସହ କିପରି ପ୍ରକଳ୍ପ ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶିଳ ଲୋକଙ୍କ ଜୀବନ ଜୀବିକାରେ ଉନ୍ନତି ହୋଇପାରିଛି ଏବଂ ଆହୁରି ଆଗକୁ ହୋଇ ପାରିବ ସେ ନେଇ ଆଲୋଚନା କରିଥିଲେ । ଜଙ୍ଗଲରୁ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟକୁ ସଂଗ୍ରହ କରି ତାହାର ପ୍ରକ୍ରିୟାକରଣ ମାଧ୍ୟମରେ ମୂଲ୍ୟ ଯୁକ୍ତ କରାଇ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ବନ ସୁରକ୍ଷା ସମିତିର ରୋଜଗାର ବଢ଼ାଯାଇପାରିବ । ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ଗାଁର ଲୋକଙ୍କ ଜୀବନ ଜୀବିକାର ଉନ୍ନତି କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ କିପରି ସୁଚାରୁ ରୂପେ ବିଭିନ୍ନ କାମ କରାଯାଇପାରିବ ତାହା ବନ ସୁରକ୍ଷା ସମିତିର ସଦସ୍ୟଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ବାର୍ଷିକ କାର୍ଯ୍ୟ ରିପୋର୍ଟ ଉନ୍ମୋଚନ ହୋଇଥିଲା । ଏହା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରଦର୍ଶନୀ କରାଯାଇଥିଲା । ବୈଠକରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଅନୁସୂଚିତ ଜନଜାତି ଉନ୍ନୟନ ସଂସ୍ଥା, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ କୃଷି ଅଧିକାରୀ, ସହକାରୀ ଉଦ୍ୟାନ ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ । ଶେଷରେ ସହକାରୀ ବନ ସଂରକ୍ଷକ ଶେଖ ମେହେରବାନ ଅଲ୍ଲି ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରକ୍ ମାଲିକ ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ରାଇରଙ୍ଗପୁର, ୨୫।୧୦(ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀ ଅଞ୍ଚଳର ଟ୍ରକ୍ ଓ ଡମ୍ପର ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗୋରୁମହିଷାଣି ଲୌହଖଣି ଏସିଆ ମହାଦେଶର ପ୍ରଥମ । ହେଲେ କମ୍ପାନୀ ଏଠିକାର ଶ୍ରମିକଙ୍କୁ କାମ ଦେଉନାହିଁ । ଫଳରେ ଲୋକେ ରାଜ୍ୟ ବାହାରକୁ ପଳାଉଛନ୍ତି । ଏପରିକି କମ୍ପାନୀ ଟ୍ରକ୍ ଓ ଡମ୍ପରକୁ ମଧ୍ୟ ଲୁହାଖଣିରେ ସ୍ଥାନ ଦେଉନାହିଁ । କାମ ନ ପାଇବାରୁ ଟ୍ରକ୍ ମାଲିକ ବ୍ୟାଙ୍କ କରଜ ପରିଶୋଧ କରିପାରୁନାହାନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଯଦି ଆଗାମୀ ଦିନରେ ଗୋରୁମହିଷାଣୀ ଲୌହଖଣିରେ ଅଞ୍ଚଳର ଟ୍ରକ ଓ ଡମ୍ପରକୁ କାମରେ ନ ଲଗାନ୍ତି ତାହାହେଲେ ସଂଘ ରାଜରାସ୍ତା ଅବରୋଧ କରିବା ସହିତ ଲୌହ ଚାଲାଣକୁ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛି । ଶୁଭ୍ରାଂଶୁ ଶେଖର ମହାନ୍ତ, ନାଗି ମୁର୍ମୁ, ପାରାୱ ମୁର୍ମୁ, ଧିରେନ୍ଦ୍ର ନାଥ ତୁଙ୍ଗ୍, ସୌରଭ ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ରାଜଭଲ୍ଲବ ପାଟବନ୍ଧା, ସରତ ମହାନ୍ତ, କ୍ରିସ୍ ମହାନ୍ତ, ଅନୁଜ୍ କୁମାର ମହାନ୍ତ, ସଞ୍ଜୟ କୁମାର ମହାନ୍ତ, ଧିରେନ୍ଦ୍ର ମହାନ୍ତ, ପଙ୍କଜ ମହାନ୍ତ ଓ ଡମ୍ବରୁଧର ମହାନ୍ତ ପ୍ରମୁଖ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ ।



## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

କୁଆମରା, ୨୫।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ସାପ୍ତାହିକ ହାଟରେ ଜଣେ ଯୁବକଙ୍କୁ ମାଡ ହୋଇଥିବା ନେଇ ଅଭିଯୋଗ ହୋଇଚି । ପୁଲିସ ଏକ ମାମଲା ରୁଜୁ କରିଛି । ବୁଧବାର ଚିଲିମା ଗ୍ରାମର ଗିରିଶ ଚନ୍ଦ୍ର ପରିଡ଼ା ହାଟକୁ ସଉଦା କରିବାକୁ ଆସିଥିବା ବେଳେ ଆଗରପଡ଼ା ଗ୍ରାମର ପ୍ରଦୀପ କୁମାର ସିଂହ ସହିତ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା । ପ୍ରଦୀପ ଉତ୍ତ୍ୟକ୍ତ ହୋଇ ଗିରିଶଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ପ୍ରଥମେ କୁଆମରା ଡାକ୍ତରଖାନା ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

## ଗ୍ରାମୀଣ କ୍ରୀଡ଼ା ଓ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବଡ଼ସାହି, ୨୫।୧୦(ସମିସ): ବଡସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତ ଦରବାରପୁର ଗ୍ରାମରେ ସିନ୍ଦୁରଗୌରା କ୍ଲବ ଆନୁକୂଲ୍ୟରେ ୨୪ତମ ଗ୍ରାମୀଣ କ୍ରୀଡା ଓ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଉନ୍ନତ ଖେଳ ପ୍ରଦର୍ଶନ କରି କାର୍ତ୍ତିକ ଫାଇଟର୍ସ ଓ ବାଲେଶ୍ୱର ସୀମାରୁଆ ଏଫସି ଫାଇନାଲକୁ ଉନ୍ନୀତ ହୋଇଛି । ଫାଇନାଲ ଖେଳରେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ କାର୍ତ୍ତିକ ଫାଇଟାର୍ସ ୭-୬ ଗୋଲରେ ସୀମାରୁଆ ଏଫସିକୁ ହରାଇ ଚଳିତ ବର୍ଷ ଚମ୍ପିଆନ ହୋଇଛି । ସେହିପରି ଆଖପାଖ ଅଞ୍ଚଳର ଛୋଟଛୋଟ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରକାର ଗ୍ରାମୀଣ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ଏହାକୁ ସନାତନ ବେହେରା ଉଦଘାଟନ କରିଥିଲେ । ଉଦଯାପନୀ ଉତ୍ସବରେ କ୍ଲବର ସଭାପତି ଟୁଟୁ ସିଂ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମିନତୀ ସିଂ, ସମ୍ମାନିତ ଅତିଥି ଭାବେ ସରପଞ୍ଚ କୁନି ସିଂ, ପ୍ରକାଶ ଚନ୍ଦ୍ର ଦଳେଇ, ଅନନ୍ତ ପଶା, ସନାନତ ବେହେରା, ପ୍ରୀତିଶ ପ୍ରଧାନ, ଜଗନ୍ନାଥ ବେହେରା ଓ ଅଜିତ କୁମାର ବାରିକ୍ ପ୍ରମୁଖ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ । ସମ୍ପାଦକ ତପନ କୁମାର ମହାନ୍ତ, ବ୍ରଜକିଶୋର ସିଂ, ମନୋଜ ମହାନ୍ତ, ଶ୍ୟାମ ସିଂ, ଜନେ ସିଂ, ଚୈତନ ସିଂ ଓ ପାଗଲୁ ସିଂ ପ୍ରମୁଖ ସହଯୋଗ କରିଥିଲେ ।



## ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

କୁଆମରା, ୨୫।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ ପଶୁଦା ଓ କୁଶଳଦା କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଶୁଦା କ୍ଲଷ୍ଟର ସାନବେଲାକୁଟି କିଷାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି ଷ୍ଟାଲିନ ଦେ'ଙ୍କ ତତ୍ତ୍ୱାବଧାନରେ ତିନି ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କନିଷ୍ଠ ଓ ବରିଷ୍ଠ ବିଭାଗକୁ ନେଇ ପ୍ରତିଯୋଗିତା ହୋଇଥିଲା । କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବେହେରା ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ କାର୍ତ୍ତିକ ଜେନା, ପ୍ରତାପ ନାୟକ, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଭାରତୀମଣୀ ଜେନା, ସାମ୍ବାଦିକ ଶାନ୍ତନୁ କୁମାର ମଡୁଆଳ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷକ ଅନନ୍ତ କେଶରୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ସେହିପରି କୁଶଳଦା କ୍ଲଷ୍ଟରରେ ପଥୁରିକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି କରୁଣାକର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କୃତିତ୍ୱ ହାସଲ କରିଥିବା ଦୁଇ ଛାତ୍ରୀ ଅନୁରାଧା ବେହେରା ଓ ତନୁଶ୍ରୀ ବେହେରା କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସରପଞ୍ଚ ଦିପାଳି ସିଂ, ପ୍ରଧାନ ଶିକ୍ଷକ ଶଶିଧର ବାରିକ, ଅରୁଣ କୁମାର ସାତୁଆ, ନାଏବ ସରପଞ୍ଚ ପରମାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦାଶରଥି ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

**ପୁରୁଣିଆ:** ବେତନଟୀ ବ୍ଲକ ବାଛୁରୀପଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପୁରୁଣିଆ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ବିଦ୍ୟାରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି କବୟିତ୍ରୀ ତୃପ୍ତି ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଭାତ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପ୍ରତିରକ୍ଷା ଓ ଗବେଷଣା ସଂସ୍ଥାର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭୀମଚରଣ ସିଂ, ଅବସରପ୍ରାପ୍ତ ଶିକ୍ଷକ ଅଭୟ କୁମାର ପ୍ରଧାନ, ବିଇଓ ବିପ୍ଳବ କର ଓ ସିଆରସିସି ରାଜେଶ କୁମାର ସାହୁ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ୧୪ଟି ବିଦ୍ୟାଳୟରୁ ବରିଷ୍ଠ ଓ କନିଷ୍ଠ ବିଭାଗରୁ ମୋଟ ୧୪୬ ଜଣ ପ୍ରତିଯୋଗୀ ବକ୍ତୃତା, କୁଇଜ, ସୃଜନଶୀଳ ଲିଖନ, ହସ୍ତାକ୍ଷର, ଚିତ୍ରାଙ୍କନ, ତର୍କ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ସୁଭାଷ ଜେନା, କୃତ୍ତିବାସ ପଡ଼ିଆରୀ, ଚିତ୍ତରଞ୍ଜନ ସାହୁ, ବୀରଭଦ୍ର ମହାନ୍ତ, ତରଣୀସେନ ବାରିକ, ଡମ୍ବରୁଧର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।




## ବିଶ୍ୱ ନବନିର୍ମାଣ ଆଧ୍ୟାତ୍ମିକ ଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ



ବିଶୋଇ, ୨୫ ।୧୦ (ସମିସ): ବିଶୋଇ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶିବଜ୍ୟୋତି ଭବନ ତରଫରୁ ଭବନର ସଞ୍ଚାଳିକା ମାନସୀ ଭଉଣୀଙ୍କ ଅଧ୍ୟକ୍ଷତାରେ ଦ୍ୱିଦିବସୀୟ ଆଧ୍ୟାତ୍ମିକ ଚିତ୍ର ପ୍ରଦର୍ଶନୀ ବ୍ଲକ ଛକରେ ଅନୁଷ୍ଠିତ ହୋଇଯାଇଛି । ଏଥରେ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ବ୍ର.କୁ.ମାନସୀ ଭଉଣୀ ବିଡ଼ିଓ ଶ୍ରୀ ମୁର୍ମୁଙ୍କୁ ଚିତ୍ରପ୍ରଦର୍ଶନୀ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ରହ୍ମାକୁମାରୀଜ ପାଠଶାଳାରୁ ଭାଇଭଉଣୀ ଉପସ୍ଥିତ ରହି ଆଗନ୍ତୁକ ଜିଜ୍ଞାସୁଙ୍କୁ ଚିତ୍ର ମାଧ୍ୟମରେ ପରମାତ୍ମାଙ୍କର ପରିଚୟ, ଦିବ୍ୟ କର୍ତ୍ତବ୍ୟ, ସୃଷ୍ଟି ଚକ୍ର ଓ ଅଷ୍ଟଶକ୍ତି ଆଦିର ଚିତ୍ରକୁ ସ୍ପଷ୍ଟୀକରଣ କରାଇଥିଲେ । ଶେଷରେ ପ୍ରଦର୍ଶନୀକୁ ଆସିଥିବା ସମସ୍ତ ଜିଜ୍ଞାସୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

## ଶିକ୍ଷୟିତ୍ରୀଙ୍କ ଆତ୍ମଦାହ ଘୋଷଣା ନେଇ ଜିଲ୍ଲାବ୍ୟାପୀ ପ୍ରତିକ୍ରିୟା

ମହୁଲଡିହା, ୨୫।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରମିଳା ସାହୁ ନିର୍ଯାତନା ପ୍ରତିବାଦରେ ଆସନ୍ତା ୨୭ ତାରିଖରେ ଆତ୍ମାହୁତି ଘୋଷଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲାବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି । ଭଞ୍ଜସେନା ପକ୍ଷରୁ ରାଜ୍ୟ ସଭାପତି କଳିଙ୍ଗ କେଶରୀ ଜେନା ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଥିବ ଏହା ଏକ ନମୁନା ବୋଲି ପ୍ରକାଶ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ କରି ହସ୍ତକ୍ଷେପ ଲୋଡିଛନ୍ତି । ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇବେ ବୋଲି ଧମକ ଦେଇଛନ୍ତି । ପୂର୍ବତନ ବିଧାୟକ ବିଜୟ ନାଏକ ଏହା ଦୁର୍ଭାଗ୍ୟଜନକ ବୋଲି କହିବା ସହିତ ତୁରନ୍ତ ନ୍ୟାୟ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ସେହିପରି ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜବାମଣି ଟୁଡୁ ପ୍ରମିଳା ସାହୁ ଆରମ୍ଭରୁ ପ୍ରଧାନ ଶିକ୍ଷୟିତ୍ରୀ ଥିଲେ । ତାଙ୍କ ପ୍ରତି ଅତି ଅନ୍ୟାୟ କାରଣରୁ ସେ ଚରମ ନିଷ୍ପତ୍ତି ନେଇଛନ୍ତି । ଅଧିକାରୀ ନ୍ୟାୟ ପ୍ରଦାନରେ ବିଫଳ ହୋଇଛନ୍ତି । ସରକାର ଲୋକଦେଖାଣିଆ କୁମ୍ଭୀର କାନ୍ଦଣା କରୁଛନ୍ତି । ଆତ୍ମାହୁତି ଦେଲେ ସମସ୍ତେ କେବଳ ସଫେଇ ଦେବେ । ତେଣୁ ୨୭ ପୂର୍ବରୁ ଉଚ୍ଚସ୍ତରୀୟ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି । ମୟୂରଭଞ୍ଜ (ପଶ୍ଚିମ) ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁ ସରକାର ୨୭ ତାରିଖ ପୂର୍ବରୁ ଶିକ୍ଷୟିତ୍ରୀଙ୍କୁ ନ୍ୟାୟ ଦେବାରେ ବିଫଳ ହେଲେ ତଥା କୌଣସି ଅଘଟଣ ଘଟିଲେ ଦାୟୀ ରହିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି । ପ୍ରତିକ୍ରିୟା ତୀବ୍ର ହେବାରୁ ଡିଇଓ ଚୁପ ନ ବସି ୨୫ ତାରିଖରେ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ୧୧ ଜଣ କର୍ମଚାରୀଙ୍କୁ ଅଫିସକୁ ଡାକିଛନ୍ତି । ସେହିପରି ୨୪ ତାରିଖରେ ଅନ୍ୟ ଏକ ପତ୍ର ଲେଖି ପ୍ରମିଳା ସାହୁଙ୍କୁ ନିଲମ୍ବନ ବେଆଇନ ଦର୍ଶାଇ ଅଗ୍ରାହ୍ୟ କରିବା ସହ ନିୟମିତ କାର୍ଯ୍ୟ ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଉତ୍କଳ ବନାନୀ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ

ମୋରଡ଼ା, ୨୫।୧୦(ସମିସ): ଶୁଳିଆପଦା ବ୍ଲକ ଅଧୀନ ଚକଶୁଳିଆପଦା ଉତ୍କଳ ବନାନୀ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ହରମୋହନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ଏକ ସଚେତନତା ରାଲିରେ କଲେଜରୁ ବାହାରି ଚକଶୁଳିଆପଦା ଗ୍ରାମ ପରିକ୍ରମା କରିଥିଲେ । ଅଧ୍ୟକ୍ଷ ସଞ୍ଜୟ କୁମାର ସେନାପତି ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସ୍ୱେଚ୍ଛାସେବୀଙ୍କୁ ନିଶା ଠାରୁ ଦୂରେଇ ରହିବା ପାଇଁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ନାରାୟଣୀ ନାଥ ଜ୍ୟୋତିର୍ମୟୀ ପାତ୍ର ଏବଂ ସ୍ମୃତିପ୍ରଭା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଛାତ୍ରୀ ମାଧୁରୀ ଲତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।




## କଂଗ୍ରେସ ପକ୍ଷରୁ କୈଳାଶ ଚନ୍ଦ୍ର ଅଗ୍ରୱାଲଙ୍କୁ ଶ୍ରଦ୍ଧାଞ୍ଜଳି



ରାଇରଙ୍ଗପୁର, ୨୫।୧୦(ସମିସ): ରାଇରଙ୍ଗପୁର ମହୁଲଡିହାଠାରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଭୁବନ ବିହାରୀ ସାହୁଙ୍କ ସଭାପତିତ୍ୱରେ କୈଳାଶ ଅଗ୍ରୱାଲଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ପିସିସି ଜିଲ୍ଲା ପର୍ଯ୍ୟବେକ୍ଷକ ନିରୋଜ ଲୋଚନ ଦାସ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହ୍ଲାଦ ପୂର୍ତ୍ତି, ନୀଳରତନ ସାହୁ, ନାରାୟଣ ମହାପାତ୍ର, ବସନ୍ତ ପଟନାୟକ, ରୂପକ କୁମାର ମହାନ୍ତି, ଅନୁପ ସୋରେନ ପମୁଖ ବହୁ ନେତା ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବୈଠକରେ ଦଳ ପକ୍ଷରୁ 'ଭୋଟ ଚୋର ଗାଦି ଛଡ' ହସ୍ତାକ୍ଷର ଅଭିଯାନର ସମୀକ୍ଷା କରାଯାଇଥିଲା । ଶେଷରେ ରୂପକ କୁମାର ମହାନ୍ତି ଧନ୍ୟବାଦଦେଇଥିଲେ ।

## ଓଡ଼ିଆ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ବାରିପଦା, ୨୫ ।୧୦(ସମିସ): ଶୁକ୍ରବାର ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ନବାଗତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଡ଼ ସାଗରିକା ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠପଢ଼ା ସହିତ ଶୃଙ୍ଖଳାକୁ ନିଜ ଜୀବନଚର୍ଯ୍ୟାର ଅଂଶ ଭାବେ ପରିଣତ କଲେ ଯାଇ ଜଣେ ସୁନାଗରିକ ଭାବରେ ପରିଗଣିତ ହୋଇପାରିବ ବୋଲି ନବାଗତଙ୍କୁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଲମ୍ବୋଦର ନାୟକ ଛାତ୍ରୀମାନଙ୍କୁ ଭଲ ପାଠପଢ଼ି ନିଜ ପରିବାର ସହ ଅଞ୍ଚଳର ଟେକ ରଖିବାକୁ କହିଥିଲେ । ସେହିପରି ସହକାରୀ ପ୍ରଫେସର ଡ଼. ଚନ୍ଦ୍ରଶେଖର ଦାସ ଓ ଡ଼. ମନୋରଞ୍ଜନ ନାଏକ ମଧ୍ୟ ଉପସ୍ଥିତ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀ ପାର୍ବତୀ ମୁଣ୍ଡାଲୋହାର ମଞ୍ଚ ପରିଚାଳନା ଓ ଛାତ୍ରୀ ବର୍ଷା ଦଳେଇ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ହୋ' ଭାଷାକୁ ସାମ୍ବିଧାନିକ ମାନ୍ୟତା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ରାଇରଙ୍ଗପୁର, ୨୫।୧୦(ସମିସ): ନିକଟରେ ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଭୁବନେଶ୍ୱରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ହୋ ଭାଷାକୁ କିଭଳି ଭାବରେ ଭାରତୀୟ ସମ୍ବିଧାନରେ ଅଷ୍ଟମ ଅନୁସୂଚୀତ ସାମିଲ ହୋଇପାରିବ ସେ ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଆସନ୍ତା ୩୧ ଓ ନଭେମ୍ବର ୧ ତାରିଖରେ ଦିଲ୍ଲୀର ଜନ୍ତରମନ୍ତରଠାରେ ହେବାକୁ ଥିବା ଦୁଇ ଦିନିଆ ଧାରଣା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ । ଓଡ଼ିଶା, ଆସାମ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ରୁ ଦୀର୍ଘ ତିରିଶି ବର୍ଷରୁ ଅଧିକ ଏବଂ ୨୦୧୮ ମସିହାରୁ ଲଗାତାର ଭାବରେ ଆନ୍ଦୋଳନକରୀ ଆସୁଥିବା ହୋ ଭାଷାଭାଷୀ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ନିବେଦନ କରିଆସୁଛନ୍ତି । ଏପରିକି ୨୦୧୯ ମସିହାରେ ଓଡ଼ିଶା, ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ସ୍ଥାନରେ ରେଳରୋକ ମଧ୍ୟ ହୋଇଥିଲା । ସେହିପରି ୨୦୨୩ ମସିହାରେ 'ବେଟାନାବୁ ଭୁବନେଶ୍ୱର' ଭୁବନେଶ୍ୱର ଚାଲ ରାଲିରେ ହଜାର ହଜାର ସଂଖ୍ୟାରେ ହୋ ଭାଷା ଆନ୍ଦୋଳନକାରୀ ଯୋଗଦେଇଥିଲେ । ପରେ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ହୋ ଜନଜାତିଙ୍କ ନିଜସ୍ୱ ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ ରହିଛି । ତାହାର ରକ୍ଷଣା ବେକ୍ଷଣା ସରକାରଙ୍କ ଦାୟିତ୍ୱ ବୋଲି ସମିତିର ସଦସ୍ୟମାନେ ଅଭିଯୋଗ କରିଥିଲେ । ହୋ ଭାଷା ଜନଜାତିର ପରିଚୟ ଓ ଆତ୍ମାର ସ୍ୱର । ଏହି ଭାଷାର ଲିପି ସ୍ରଷ୍ଟା ପଣ୍ଡିତ ଲାକୋ ବଦରାଙ୍କ ଦ୍ୱାରା 'ୱାରାଂ ଚିତି' ଲିପି ଉଦ୍ଭାବିତ ହୋଇଥିଲା । ଏହା ହୋ ଜନଜାତିର ପ୍ରତୀକ ଏହି ଭାଷାରେ ବର୍ତ୍ତମାନ ବିଭିନ୍ନ ପାଠ୍ୟ ପୁସ୍ତକ, ସାହିତ୍ୟ ଓ ଡିଜିଟାଲ ଉପକରଣ ତିଆରି ହେଉଛି । ନୂତନ ଶିକ୍ଷାନୀତି ଅନୁସାରେ ଭାଷା ଭିତ୍ତିକ ଶିକ୍ଷ୍ୟା ଜୋର୍ ଧରୁଛି । ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳିଲେ ଶିକ୍ଷା, ନିଯୁକ୍ତି, ଆତ୍ମନିଯୁକ୍ତି, ଓ ଆର୍ଥିକ ସ୍ତରରେ ହୋ ଯୁବପିଢ଼ି ପାଇଁ ନୂଆଁ ଦୁଆର ଖୋଲିବ । ତେଣୁ କେନ୍ଦ୍ରୀୟ କାର୍ଯ୍ୟକାରୀ ସଭାପତି ସୁରା ବିରୁଲି, ଉପସଭାପତି ଚନ୍ଦ୍ରମୋହନ ହାଇବ୍ରୁ, ସାଧାରଣ ସମ୍ପାଦକ ଦମ୍ବୁରଧର ଜାମୁଦା, ସମ୍ପାଦକ ଗୋମେୟା ଅମ୍ପ, କୋଷାଧ୍ୟକ୍ଷ କ୍ଷିରୋଦ ହେମ୍ବ୍ରମ, ଦିଲ୍ଲୀ ଚାଲ ଷ୍ଟିୟରିଂ କମିଟି ସଦସ୍ୟ ଗିରିଶ ଚନ୍ଦ୍ର ହେମ୍ବ୍ରମ, ସିଦାହରା ସୁସାର ଆକାଳାର ରାଜ୍ୟ ସଭାପତି ମଧୁସୂଦନ ଜାରିକା ଏବଂ ସିବିଲ ସାଗାଇ ହୋ ମହିଳା ସଂଘର ମହିନୀ କଲୁଣ୍ଡିଆ, ପଦ୍ମିନୀ ହାଇବ୍ରୁ ସମେତ ବହୁ ନେତ୍ରୀ ଯୋଗଦେଇଥିଲେ ।

## ଇତିହାସ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

ବଡ଼ସାହି, ୨୫।୧୦(ସମିସ): ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ମୁଖ୍ୟ ସୁକାନ୍ତ କୁମାର ଦାଶ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ଦାସ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଫକିରଚରଣ ସାହୁ, ଡ. ଜୀବନ କୁମାର ପଣ୍ଡିତ ଓ ଅଧ୍ୟାପିକା ମିରାକିଲ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ । ଅଧ୍ୟାପକ ଶ୍ରବଣ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରସିଦ୍ଧ କାଳୀପୂଜା ଓ ମେଳାରେ ପ୍ରବଳ ଜନଗହଳି

## ଘରକରଣା ଜିନିଷ କିଣା ଏବଂ ଫୁଡ୍‌ଷ୍ଟଲରେ ଭିଡ଼





କେନ୍ଦୁଝର, ୨୫।୧୦(ସମିସ):

କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ମେଳା ପାଇଁ ପ୍ରବଳ ଜନଗହଳି ଦେଖାଯାଉଛି । ବିଭିନ୍ନ ମେଢ଼ର ଶ୍ରଦ୍ଧାଳୁଙ୍କ ଭିଡ଼ ମେଳା ମାହୋଲକୁ ଆହୁରି ସରଗରମ କରୁଛି । ଗତ ମଙ୍ଗଳବାର ସଂଧ୍ୟାରୁ ଆରମ୍ଭ ହୋଇଥିବା ଏହି ମେଳା ମିନାବଜାର ସାଙ୍ଗକୁ ସହରସାରା ଆଲୋକରେ ଦୀପାବଳି ପର୍ବକୁ ବ୍ୟାପକ କରିଛି ।

ଶନିବାର ବିଭିନ୍ନ ମଣ୍ଡପରେ ବିଶେଷ ପୂଜାନୀତି ଅନୁଷ୍ଠିତ ହୋଇଥିଲା । ବେଳାରୁ ଅନେକ ଶ୍ରଦ୍ଧାଳୁ ମେଳାକୁ ଆସୁଥିବା ଲକ୍ଷ୍ୟ କରାଯାଇଛି; ଯାହା ଆଗାମୀଦିନରେ ଜାରି ରହିବ ବୋଲି ଆଶା କରାଯାଉଛି । ବିଶେଷ କରି ଶନିବାର ଓ ରବିବାର ସଂଧ୍ୟାରେ ସହର ତଥା ସହର ବାହାରୁ କାଳୀପୂଜା ଓ ମେଳା ଦେଖିବାକୁ ଅଧିକ ଜନଗହଳିକୁ ଅନୁମାନ କରି କମିଟି ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି । କେନ୍ଦୁଝର କାଳୀମେଳା ରାଜାରାଜୁଡା ଅମଳରୁ ଖ୍ୟାତି ଅର୍ଜନ କରିଥିବାବେଳେ କାଳୀତୀର୍ଥରେ ମା' କାଳୀଙ୍କର ପୂଜା ଅନୁଷ୍ଠିତ ହେଉଛି । ଏବର୍ଷ ମେଳାକୁ ଅନେକ ଦୋକାନବଜାର ଆସିବା ସହ ୨ୟ ପର୍ଯ୍ୟାୟରେ ଅପେରା ସୋ ଆରମ୍ଭ ହୋଇଛି । ପୁଲିସ ପ୍ରଶାସନ ତରଫରୁ ଟ୍ରାଫିକ ପରିଚାଳନା, ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ମେଳାରେ ମେଳାରେ ଲୁଚାଛପାରେ ନିଶାଦ୍ରବ୍ୟ ବିକ୍ରୟ ଉପରେ କଡା ନଜର ରଖାଯାଇଛି । ଅପେରା ଶୋ' ଆରମ୍ଭ ହୋଇଯାଇଥିବାରୁ ଭିଡ଼ ବଢ଼ିବାରେ ଲାଗିଛି । ରାତ୍ରିରେ ମଧ୍ୟ ଦର୍ଶକଙ୍କ ନିମନ୍ତେ ସାଇକଲ/ମଟର ସାଇକଲ ଷ୍ଟାଣ୍ଡ ବ୍ୟବସ୍ଥା କରାଯାଇଛି । ସେହିପରି ବିଭିନ୍ନ ରୋଡକୁ ନୋ ଏଣ୍ଟ୍ରି କରାଯାଇଛି ।

ଚଳିତବର୍ଷ କାଳୀତୀର୍ଥ କେନ୍ଦୁଝର କାଳୀପୂଜା ୮୫ ବର୍ଷରେ ପଦାର୍ପଣ କରିଛି । ଟେଲିଫୋନ୍ ଏକ୍ସଚେଞ୍ଜ ଛକ କାଳୀପୂଜା ଚଳିତ ବର୍ଷ ୫୭ ବର୍ଷରେ ପଦାର୍ପଣ କରିଥିବାବେଳେ କାଳୀପଡିଆରେ ପ୍ରଥମ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଅପେରା ଆୟୋଜନ କରାଯାଉଛି । କେନ୍ଦୁଝର ସହରର ଥାନା ଛକଠାରୁ ଚର୍ଚ୍ଚ ଛକ, ଏକ୍ସଚେଞ୍ଜ ଛକରୁ ପାର୍କଲାଇନ, ଏକ୍ସଚେଞ୍ଜ ଛକରୁ ଟେଲିଫୋନ ଅଫିସ ଗଳି, ନଗରଭବନ ରାସ୍ତାକଡ଼, କାଳୀତୀର୍ଥ, ସିନେମା ହଲ ସମ୍ମୁଖ ଯେଉଁ ଆଡେ ଦେଖିଲେ ମୀନାବଜାର ସାଙ୍ଗକୁ ବିଭିନ୍ନ ଘରକରଣା ସାମଗ୍ରୀ ଦୋକାନ ଲୋକଙ୍କୁ ବିଶେଷ ଆକୃଷ୍ଟ କରିପାରିଛି । ଜନଜାତି ସାଧନ କେନ୍ଦ୍ର ସମ୍ମୁଖରେ ଭଳିକି ଭଳି ଖାଦ୍ୟଷ୍ଟଲ, କାଳୀମେଳା ପ୍ରବେଶ ପଥର ଡାହାଣ ପଟ ଖାଦ୍ୟଷ୍ଟଲ ମେଳା ଏବଂ ମେଢ ଦେଖିବାକୁ ଆସୁଥିବା ଲୋକଙ୍କ ପାଇଁ ଖାଦ୍ୟର ମଜା ଉଠାଇବା ସ୍ଥାନ ହୋଇଥିବାରୁ ସେହି ଷ୍ଟଲଗୁଡ଼ିକରେ ବିଶେଷତଃ ମହିଳା ଏବଂ ଛୋଟ ପିଲାମାନଙ୍କର ପ୍ରଥମରୁ ଭିଡ଼ ପରିଲକ୍ଷିତ ହେଉଛି । ଜେଲ ଛକ ନିକଟରେ ରାସ୍ତାକଡରେ ହସ୍ତତନ୍ତ, ଏମଏସଏମଇ ବିଭାଗର ପ୍ରାୟୋଜନରେ ହସ୍ତଶିଳ୍ପ ଷ୍ଟଲ ଲୋକଙ୍କ ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । କାଶୀପୁରଠାରେ ଶ୍ମଶାନ କାଳୀଙ୍କ ପୂଜା ଧୂମାଧାମରେ ପାଳିତ ହେଉଛି । ଏଥିସହ ମାଇନିଂଠାରେ କାଳୀପୂଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହରରେ କାଳୀପୂଜା ମାହୋଲକୁ ଅଧିକ ରୁଦ୍ଧିମନ୍ତ କରୁଛି ।

## କାଳୀପୂଜାରେ କଳିକାପ୍ରସାଦ ଉତ୍ସବମୁଖର



ଚମ୍ପୁଆ, ୨୫।୧୦ (ସମିସ): ଚମ୍ପୁଆ ବ୍ଲକ କଳିକାପ୍ରସାଦ ଗ୍ରାମବାସୀବୃନ୍ଦ ଓ କାଳୀପୂଜା କମିଟି ଆନୁକୂଲ୍ୟରେ ସାର୍ବଜନୀନ ମା' କାଳୀଙ୍କ ପୂଜା ଉତ୍ସବ ସହ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେବେନ କୁମାର ସାହୁ, ପ୍ରଭାସ ନଳିନୀକାନ୍ତ ମହାପାତ୍ର, ସଞ୍ଜୀବ କୁମାର ଘଡେଇ, ବିପିନ ବାରିକ, ସିଥିକାନ୍ତ ସାହୁ ଓ କମିଟି ସଦସ୍ୟବୃନ୍ଦ ସହଯୋଗ କରିଥିଲେ । ମୁଖ୍ୟଅତିଥି ଭାବେ ଚମ୍ପୁଆ ନିର୍ବାଚନମଣ୍ଡଳୀର ଲୋକପ୍ରିୟ ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ ତ୍ରିପାଠୀ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ବାର ଆସୋସିଏସନ ସଭାପତି ତଥା ବିଜେପି ବରିଷ୍ଠ ନେତା ରମେଶ କୁମାର ପ୍ରଧାନ ପ୍ରମୁଖ ଅତିଥି ଯୋଗ ଦେଇଥିଲେ । ଏହି ଅବସରରେ ଆମ ଗାଁ ଯାତ୍ରାର ପ୍ରଥମ ରଜନୀରେ "ମଝି ନଈରେ ଜୀବନ ଡଙ୍ଗା' ମଞ୍ଚସ୍ଥ ହୋଇଥିଲା । ଆଖପାଖ ଅଞ୍ଚଳରୁ ଦର୍ଶକଙ୍କ ଭିଡ଼ ଲାଗିଥିଲା ।

## ଚମ୍ପୁଆ କୃଷି ବିଭାଗକୁ ଆସିନି ଚଣା ବିହନ; ଚାଷୀ ନିରାଶ

ଚମ୍ପୁଆ, ୨୫।୧୦(ସମିସ): ଚମ୍ପୁଆ କୃଷି ବିଭାଗ ଅଧୀନରେ ରହିଥିବା ଗୋଧୂଳି ଗ୍ରାମ ଚଣା ଚାଷ ପାଇଁ ନିଜ ପରିଚୟ ସୃଷ୍ଟି କରିଥିବା ବେଳେ ଚଳିତବର୍ଷ ଚଣା ବିହନ ପାଇଁ କୃଷି କାର୍ଯ୍ୟାଳୟକୁ ଦୌଡି ଦୌଡି ଚାଷି ହତାଶ ହେଉଥିବା ଦେଖିବାକୁ ମିଳିଛି । ଏନେଇ କୃଷି ଜିଲ୍ଲା ଅଧିକାରୀ ସତ୍ୟବାନ ସୋରେନ କହିଛନ୍ତି ଯେ ଚଳିତ ବର୍ଷ ଚଣା ଫସଲ ପାଇଁ ଅନୁକୂଳ ପାଗ ହୋଇଥିବା ତଥା ଅଧିକ ବର୍ଷା ହୋଇଥିବାରୁ ଡିପା ଜମିଗୁଡିକରେ ଧାନ ଫସଲ ଭଲ ହୋଇଛି । ଚାଷୀ ଧାନ ଓ ମକା ଚାଷ ଉଠାଇ ସାରିଲେଣି, ଚଣା ବିହନ ବୁଣିବାର ସମୟ ବି ଆସିଗଲାଣି । ପ୍ରାୟ ଗୋଟେ ସପ୍ତାହ ମଧ୍ୟରେ ସରକାରୀ ଚଣା ବିହନ ପହଞ୍ଚିବାର ସମ୍ଭାବନା ରହିଛି । ବିହନ ଆସିଲେ ଚଣା ଚାଷୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଚଣା ବିହନ ଯୋଗାଇ ଦିଆଯିବ ।

ସୂଚନା ଅନୁସାରେ, ଗୋଧୂଳିରେ ପ୍ରାୟ ୯୦ ଭାଗ ଲୋକ ଏହି ଚାଷ ଉପରେ ନିର୍ଭର କରନ୍ତି । ମକା ଓ ଧାନ ପରେ ଚଣା ଏମାନଙ୍କର ପ୍ରମୁଖ ଚାଷ ଭାବରେ ଗଣାଯାଇଛି । ଗୋଧୂଳି ଗ୍ରାମର ଚାଷୀ ଛତ୍ରପତି ନାଏକ, ସତ୍ୟବାନ ନାଏକ, ରାଜେନ୍ଦ୍ର ନାଏକ, ରୁତୁରାଜ ନାଏକଙ୍କ କହିବାନୁଯାୟୀ ପାଗ ବର୍ତ୍ତମାନ ଆସିଯାଇଛି । ସରକାରୀ ବିହନରେ ଆମେ ସବ୍‌ସିଡି ପାଇବା ସହିତ ଅଧିକ ଅମଳ କରିଥାଉ; ମାତ୍ର ବର୍ତ୍ତମାନ ସୁଦ୍ଧା ଚଣା ଚାଷ ପାଇଁ ଜମି ପ୍ରସ୍ତୁତ କରିସାରିଥିଲେ ମଧ୍ୟ ସରକାରୀ ବିହନ କାର୍ଯ୍ୟାଳୟକୁ ଆସିନାହିଁ । ଅନ୍ୟପକ୍ଷରେ ଡିପା ଜମିରେ ଜଳସେଚନର ସୁବିଧା ନଥିବା ଏବଂ ମକା ଚାଷ ଉଠିବା ପରେ ଜମି ସନ୍ତସନ୍ତିଆ ରହିଥାଏ । ଏହି ସମୟରେ ଯଦି ଚଣା ବୁଣା ନଯାଏ ପର ମୁହୂର୍ତ୍ତରେ ଏହି ଜମିଗୁଡିକରେ ଜଳାଭାବ ଦେଖାଦେଇଥାଏ । ଚାଷୀ ବାଧ୍ୟ ହୋଇ ବଜାରରୁ ଅଧିକ ଦରରେ ବିନା ସବ୍‌ସିଡିଯୁକ୍ତ ବିହନ କିଣୁଛନ୍ତି ।

## କିଡନୀ ରୋଗାକ୍ରାନ୍ତ ରମାକାନ୍ତଙ୍କ ଚିକିତ୍ସାରେ ଅର୍ଥାଭାବ ବାଧକ



ତୁରୁମୁଙ୍ଗା, ୨୫।୧୦(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ କଇଣ୍ଡା ଗ୍ରାମର ରମାକାନ୍ତ ଦେହୁରୀ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଏବେ ବିଛଣାରେ ପଡିରହିଛନ୍ତି । ଗୋଟିଏ କିଡନୀ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଥିବା ବେଳେ ଆଉ ଏକ କିଡନୀ ମଧ୍ୟ ଆକାନ୍ତ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଛି । ପରିବା ବିକ୍ରି କରି ଘର ପରିବାର ଚଳାଉଥିବା ରମାକାନ୍ତଙ୍କ ପକ୍ଷରେ ଏବେ ଚିକିତ୍ସା ପାଇଁ ଅର୍ଥାଭାବ ବାଧକ ସାଜିଛି । ପ୍ରଥମେ ଦେହ ଖରାପ ହେବାରୁ ଡାକ୍ତର ଦେଖାଇଥିଲେ । ପାଖରେ ଯାହା ଟଙ୍କା ପଇସା ଥିଲା ସେଥିରେ ଚିକିତ୍ସା ହେଉଥିଲେ କିନ୍ତୁ ଏବେ ଆଉ ଏକ କିଡନୀ ମଧ୍ୟ ଖରାପ ହେବାକୁ ଯାଉଥିବା ଜଣାପଡିଛି । କିଡନୀ ଟ୍ରାନ୍ସପ୍ଲାଣ୍ଟ ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି । ସେଥିପାଇଁ ଦରକାର ଲକ୍ଷାଧିକ ଟଙ୍କା । ଘରେ ଯାହା ଥିଲା ଗାଈ ଗୋରୁ ବିକି ସାରିଲେଣି । ଏବେ ଭଲ ହେବାପାଇଁ ଦରକାର ଲକ୍ଷ ଲକ୍ଷ ଟଙ୍କା । ସମ୍ବଳ କହିଲେ କିଛି ନାହିଁ । ସହାୟତା ପାଇଁ ନିବେଦନ କରିଛନ୍ତି ରମାକାନ୍ତ । କେହି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ସାହାଯ୍ୟର ହାତ ବଢ଼ାଇଲେ ସେ ଭଲ ହୋଇ ପାରନ୍ତେ ବୋଲି ଆଶା ବାନ୍ଧିଛନ୍ତି । ତାଙ୍କୁ ସାହାଯତା ଦେବାକୁ ଚାହୁଁଥିଲେ ବ୍ୟାଙ୍କ ଓଫ ଇଣ୍ଡିଆ ଚିଲିଦା ଶାଖାର ଆଇଏଫ୍ଏସ୍‌ସି କୋଡ ବିକେଆଇଡି୦୦୦୫୪୨୮ ଏକାଉଣ୍ଟ ନମ୍ବର ୫୪୨୮୧୦୧୧୦୦୦୩୫୭୯ କିମ୍ବା ଫୋନ ପେ ନମ୍ବର ୯୭୭୮୦୩୯୦୨୪ରେ ସହାୟତା ପ୍ରଦାନ କରିପାରିବେ ।

## ଗଛରେ ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା, ୨୫।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବଡଜାମୁପଶି ଗ୍ରାମର ବିଲ ଭିତରେ ଥିବା ଏକ ଜାମୁ ଗଛରୁ ଶନିବାର ବିଧବା ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ପତ୍ନୀ ରାସମଣି (୫୭) । ସେ ବେକରେ ରଶି ଏବଂ ଧୋତି ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି । ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ପାଟଣା ଥାନାରେ ୩୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତକ ରାସମଣି ମାନସିକ ବିକାରଗ୍ରସ୍ତ ଥିବା ସାନଭାଇ ଘନଶ୍ୟାମ ମହାନ୍ତ କହିଛନ୍ତି ।

## ମହିଳାଙ୍କ ଝୁଲନ୍ତା ଶବ ଜବତ: ସ୍ୱାମୀ ଗିରଫ

ତୁରୁମୁଙ୍ଗା, ୨୫।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା କୁଣ୍ଡୁଳା ଗ୍ରାମରେ ଜଣେ ବିବାହିତା ମହିଳା ଶୁକ୍ରବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇ ଶନିବାର ସକାଳୁ ପାଟଣା ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରିଛି । ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତକ ହେଲେ ଗ୍ରାମର ରାହୁଲ ଦାସଙ୍କ ପତ୍ନୀ ତପସ୍ୱିନୀ (୨୪) । ରାହୁଲ ଦୁଇ ବର୍ଷ ପୂର୍ବରୁ ତୁରୁମୁଙ୍ଗା ଥାନା ଡଳଙ୍ଗ ଗ୍ରାମର ପୁରୁଷୋତ୍ତମ ନାଏକଙ୍କ ଝିଅ ତପସ୍ୱିନୀଙ୍କୁ ପ୍ରେମ ବିବାହ କରିଥିଲେ । ତାଙ୍କ ଝିଅକୁ ଜ୍ୱାଇଁ ଯୌତୁକ ନିର୍ଯାତନା ଦେଉଥିବାରୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୁଲିସ ସ୍ୱାମୀ ରାହୁଲ ଦାସକୁ ହତ୍ୟା କରିଥିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ପାଟଣା ଥାନାରେ ୫୭/୨୫୭ରେ ମାମଲା ରୁଜୁ କରାଯାଇଥିବା ପାଟଣା ଥାନାଧିକାରୀ କହିଛନ୍ତି ।

## ଗାଡ଼ି ଧକ୍କାରେ ଯୁବକ ମୃତ

ବାଲିବନ୍ଧ, ୨୫।୧୦ (ସମିସ): ଝୁମ୍ପୁରା ଥାନାଞ୍ଚଳ ୨୦ନମ୍ବର ଜାତୀୟ ରାଜପଥ ପାତ୍ରସାହି ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ଝୁମ୍ପୁରା ପାତ୍ରସାହିର ବଗ ମୁଣ୍ଡାଙ୍କ ସାନପୁଅ ବିକାଶ (୧୮) । ଘଟଣାସ୍ଥଳରୁ ଧକ୍କା ଦେଇ ଗାଡ଼ି ଫେରାର ହୋଇଯାଇଛି । ଶୁକ୍ରବାର ରାତି ପ୍ରାୟ ୧୦ଟା ୩୦ରେ ବିକାଶ ଶୌଚ ହେବା ଲାଗି ରାସ୍ତା ଅତିକ୍ରମ କରୁଥିବା ଏକ ଗାଡ଼ି ଧକ୍କା ଦେଇଥିଲା । ରାସ୍ତା ଉପରେ ସେ ଛିଟିକି ପଡ଼ି ଚିତ୍କାର କରିଥିଲେ । ପାଟି ଶୁଣି ଦୀପକ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିକାଶଙ୍କୁ ରାସ୍ତା ଉପରୁ ଉଠାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବିକାଶକୁ ପରିବାର ଲୋକେ ଝୁମ୍ପୁରା ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା ପରେ ବିକାଶଙ୍କୁ ମୃତ ଘୋଷଣା କରିଥିଲେ । ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁକରି ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇଛି ।

## ବାଲି ବୋଝେଇ ହାଇୱା ଜବତ; ମାଫିଆଙ୍କ ଛତ୍ରଭଙ୍ଗ

କେନ୍ଦୁଝର,୨୫।୧୦(ସମିସ): ଜାତୀୟ ରାଜପଥ ୨୦ରେ ଏକ ଚୋରା ବାଲି ବୋଝେଇ ହାଇୱା ଗାଡ଼ି କେନ୍ଦୁଝର ଅଭିମୁଖେ ଆସୁଥିବାର ସୂଚନା ପାଇ ଲଘୁ ଖଣିଜ ସ୍କ୍ୱାଡ୍ ଶୁକ୍ରବାର ରାତିରେ ପିଛା କରି ବଡପଶିଠାରେ ଅଟକାଇବାକୁ ଚେଷ୍ଟା କରିଥିଲେ । ଗାଡିଟି ଦ୍ରୁତ ଗତିରେ ଯାଉଥିଲା ଏବଂ ଏହା ପଛରେ କିଛି ମାଫିଆ ଗାଡିକୁ ସୁରକ୍ଷା ଦେଉଥିଲେ । ଟାଉନ ପୁଲିସ ପାଟ୍ରୋଲିଂ ଦଳ ଘଟଣାସ୍ଥଳରେ ପହଞ୍ଚିବାରୁ ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ । ରାତି ୮ଟା ବେଳେ ଓଡି ୦୯ ଏଜି-୧୦୦୫ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱାକୁ ଜାମୁନାଳିଆଠାରେ ଜବତ କରି ନରଣପୁରସ୍ଥିତ ଲଘୁ ଖଣିଜ କାର୍ଯ୍ୟାଳୟକୁ ଅଣାଯାଇଥିଲା । ଏହି ସ୍କ୍ୱାଡରେ ୪ ଜଣ ଜୁନିୟର ମାଇନିଂ ଅଫିସର ଥିଲେ । ଜାତୀୟ ରାଜପଥ ୨୦ ବର୍ତ୍ତମାନ ବାଲି ଚୋର ମାନଙ୍କର ଭୂସ୍ୱର୍ଗ ପାଲଟିଛି । ହାଟଡିହି ଏବଂ ଆନନ୍ଦପୁର ଅଞ୍ଚଳରୁ ରାଜନୈତିକ ଛତ୍ରଛାୟା ତଳେ ଶହ ଶହ ଟ୍ରିପ ବାଲି ପ୍ରତିଦିନ ଚୋରୀ କରି କେନ୍ଦୁଝର ଚାଲାଣ ହେଉଛି । ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

## ବାଲି ଲୁଟ୍ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ



ହାଟଡ଼ିହୀ,୨୫।୧୦(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ ଅଧୀନ ବୈତରଣୀ ନଦୀ ଶଯ୍ୟାରୁ ରୀତିମତ ବେଆଇନ୍ ଭାବେ ବାଲି ଲୁଟ୍ ହେଉଥିବା ଦେଖିବାକୁ ମିଳିଛି । ଏଥିନେଇ ସେମାନେ ପ୍ରଶାସନଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ସବୁଠି ଗୁହାରି କରିଥିଲେ ବି କିଛି ସୁଫଳ ମିଳି ନଥିବା କହିଛନ୍ତି । ଏପରିକି ଗତ ୨ ଦିନ ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ଧାରଣାରେ ବସିବା ପରେ ବି ବାଲି ଲୁଟ୍ ହେଉଥିବାରୁ ସେମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବାଲି ଲୁଟ୍ ସମ୍ପର୍କରେ ଅଭିଯୋଗ ଜଣାଇଛନ୍ତି । ସେହିପରି ଖଣିମନ୍ତ୍ରୀ ସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗ ଜଣାଇଛନ୍ତି କରଗୋଳା ଗ୍ରାମବାସୀ । ଅତିଶୀଘ୍ର ନିଲାମ୍ ପ୍ରକ୍ରିୟାରେ ତାହାକୁ ସାମିଲ କରାଯିବ ବୋଲି ଖଣିମନ୍ତ୍ରୀ କହିଥିବା ବେଳେ ଉକ୍ତ ପ୍ରସଙ୍ଗକୁ ଅନୁଧ୍ୟାନ କରାଯିବ ବୋଲି ନବୀନ ପଟ୍ଟନାୟକ ଗ୍ରାମବାସୀଙ୍କୁ କହିଥିବା ସେମାନେ ପ୍ରକାଶ କରିଛନ୍ତି । ଅଭିଯୋଗ ସମୟରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଗ୍ରାମବାସୀଙ୍କ ସହ ସାମିଲ ଥିଲେ ।

## ହାଟଡ଼ିହୀ ବିଇଓଙ୍କ ବିରୋଧରେ ଅସନ୍ତୋଷ

ହାଟଡ଼ିହୀ,୨୫।୧୦(ସମିସ): ହାଟଡ଼ିହୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କଲେ ସେ ଫୋନ୍ କଲ୍ ଗ୍ରହଣ କରୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ବିଇଓ ରାଜୀବ କୁମାର ଦଳେଇ ଅନେକ ସମୟରେ ମିଟିଂ, ବିଭିନ୍ନ ତଦନ୍ତ ପ୍ରକ୍ରିୟା ଏବଂ ଫିଲଡ ଭିଜିଟ୍ ଭଳି କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଅଫିସରେ ତାଙ୍କୁ ପାଇବା କଷ୍ଟକର ହୋଇପଡୁଛି । ବିଇଓଙ୍କ ଅନୁପସ୍ଥିତି ସମୟରେ ଅଭିଭାବକଙ୍କଠାରୁ ଆରମ୍ଭ କରି ଲୋକ ପ୍ରତିନିଧିମାନେ କୌଣସି କାମରେ ତାଙ୍କୁ ଫୋନ୍ କଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରିପାରୁ ନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ହାଟଡ଼ିହୀ ଶିକ୍ଷାମଣ୍ଡଳଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଜିଲ୍ଲା ସହ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ହାଟଡ଼ିହୀ ଶିକ୍ଷାମଣ୍ଡଳରେ ଏଯାଏଁ ଅଳ୍ପ କିଛି ସ୍କୁଲର ପିଲାଙ୍କୁ ଡ୍ରେସ୍ ବଣ୍ଟନ କରାଯାଇଥିବା ବେଳେ ଅନେକ ସ୍କୁଲର ଛାତ୍ରଛାତ୍ରୀଙ୍କୁ ଏଯାଏଁ ମିଳିପାରିନାହିଁ । ନିକଟ ଅତୀତରେ ଜଣେ ଲୋକପ୍ରତିନିଧିଙ୍କ ଏକ ଜରୁରୀ କାର୍ଯ୍ୟକୁ ନେଇ ବିଇଓ ଶ୍ରୀ ଦଳେଇ ଫୋନ୍ କଲ୍ ଗ୍ରହଣ ନକରିବାରୁ ସେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି । ବିଭିନ୍ନ ସମୟରେ ସ୍କୁଲଗୁଡ଼ିକର ସମସ୍ୟାକୁ ନେଇ କେହି ଗଣମାଧ୍ୟମ ପ୍ରତିନିଧି ଯୋଗାଯୋଗ କଲେ ବି ସେ ଆଦୌ ଫୋନ୍ କଲ୍ ଗ୍ରହଣ କରୁ ନଥିବାରୁ ସାମ୍ବାଦିକଙ୍କ ମହଲରେ ବିଇଓଙ୍କ ଏଭଳି କାର୍ଯ୍ୟକୁ ନାପସନ୍ଦ କରାଯାଇଛି । ଏପରିସ୍ଥଳେ ଜରୁରୀ ସମୟରେ ଏବିଇଓ ତଥା ବିଆରସି ପ୍ରମୋଦ କୁମାର ନାୟକ ମଧ୍ୟ ଅନେକ ସମୟରେ ଫୋନ୍ କଲ୍ ଗ୍ରହଣ କରନ୍ତି ନାହିଁ । ଏଭଳି ସମସ୍ୟା ନେଇ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସହ ଯୋଗାଯୋଗ କରିବାରୁ, ଉପଯୁକ୍ତ ତଦନ୍ତ ସହ ଏହାର ସ୍ଥାୟୀ ସମାଧାନ ଖୁବ୍ ଶୀଘ୍ର କରିବେ ବୋଲି କହିଛନ୍ତି ।

## ବ୍ୟାଙ୍କ ଜମାରାଶି ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର



କେନ୍ଦୁଝର, ୨୫।୧୦(ସମିସ): ଭାରତ ସରକାରଙ୍କ ଅର୍ଥ ସେବା ବିଭାଗ ପକ୍ଷରୁ ଶୁକ୍ରବାର କେନ୍ଦୁଝର ପାର୍କଲାଇନସ୍ଥିତ ସେଲ ଅଡିଟୋରିୟମରେ 'ଆପଣଙ୍କ ପୁଞ୍ଜି: ଆପଣଙ୍କ ଅଧିକାର' ଶୀର୍ଷକ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କର ବରିଷ୍ଠ ଅଧିକାରୀ ରିତେଶ କୁମାର ପାତ୍ର, କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ବ୍ୟାଙ୍କ ଅଫ ଇଣ୍ଡିଆର ଉପ ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ ବେହେରା, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ୟୁକୋ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଏନ ନାଗେଶ୍ୱର ରାଓ, ଅଗ୍ରଣୀ ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ ହୀରଲାଲ ମହାମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଦୀର୍ଘ ବର୍ଷ ଧରି କାରବାର ହେଉ ନଥିବା ବ୍ୟାଙ୍କ ଖାତା କିମ୍ବା ଜମାରାଶିର ତଥା ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହ ବ୍ୟାଙ୍କଗୁଡ଼ିକରେ ଦାବିହୀନ ଖାତାରେ ଜମା ଥିବା ପୁଞ୍ଜି କିପରି ଖାତାଧାରକ କିମ୍ବା ମୃତବ୍ୟକ୍ତିଙ୍କ ପରିବାରବର୍ଗ ଫେରିପାଇବେ ସେ ବିଷୟରେ ସୂଚନା ଦେଇଥିଲେ । ଏନେଇ ସତର୍କତା ଅବଲମ୍ବନ, ପ୍ରତି ଦଶବର୍ଷରେ ଥରେ କେୱାଇସି କରାଇବା ଆଦି ନିୟମ ବିଷୟରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ ଓ ଅନ୍ୟାନ୍ୟ ସରକାରୀ ବ୍ୟାଙ୍କର ମିଳିତ ସହଯୋଗରେ କରାଯାଇଥିବା ବେଳେ ଆର୍ଥିକ କ୍ଷେତ୍ରରେ ଦାବି କରାଯାଇ ନଥିବା ସମ୍ପତ୍ତିର ଦକ୍ଷ ଏବଂ ଶୀଘ୍ର ବିନିଯୋଗକୁ ସହଜ କରିବା ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଲୋକେ ନିଜର ଜମାରାଶି ସହଜରେ ଫେରି ପାଇପାରିବେ ବୋଲି ଲକ୍ଷ୍ୟ ରହିଛି ।

## ମହେଶ୍ୱରପୁରରେ ବାନ୍ଦନା ପରବ୍ ଭେଟ୍‌ଘାଟ ଓ ଝୁମର ସନ୍ଧ୍ୟା

ଚମ୍ପୁଆ, ୨୫।୧୦(ସମିସ):

ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ କୁଡୁମୀ ମହାନ୍ତଙ୍କ ମୁଖ୍ୟ କୃଷିଭିତ୍ତିକ ପର୍ବ ବାନ୍ଦନା ପର୍ବ ରୀତିନୀତି ଅନୁଯାୟୀ ତିନିଦିନ ଧରି ପାଳିତ ହୋଇଯାଇଛି । ଗ୍ରାମର କରମ ରାଜା କଲଚରାଲ କ୍ଲବ ଆନୁକୂଲ୍ୟରେ ବାନ୍ଦନା ପରବ ଭେଟଘାଟ ଓ ଝୁମର ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ମୁଖ୍ୟବକ୍ତା ଭାବେ ଓଡ଼ିଶା କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ, ଚମ୍ପୁଆ ଓକିଲ ମହାସଂଘର ସଭାପତି ରମେଶଚନ୍ଦ୍ର ପ୍ରଧାନ, ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ମଚାରୀ ପ୍ରକାଶଚନ୍ଦ୍ର କୁଣ୍ଡୁ, ସାମ୍ବାଦିକ ପବିତ୍ର କୁମାର ନାୟକ, ସାମାଜିକ କର୍ମୀ ଅଜୟ କୁମାର ଦାସ,



ବଡ଼ବିଲ ପୌର ପରିଷଦ ବିଜୁ ଜନତା ଦଳର ସଭାପତି ସଞ୍ଜୟ କୁମାର ନାଏକ, ସାମାଜିକ କର୍ମୀ ରବିକାନ୍ତ ମହାକୁଡ଼, କୁଡୁମୀ ସେନା କେନ୍ଦୁଝର ଜିଲ୍ଲା ଉପସଭାପତି ଶୁଭେନ୍ଦୁ କୁମାର ମହାନ୍ତ, ଗ୍ରାମର କୁଡୁମୀ ସଂଗଠକ ଉଗ୍ରସେନ ମହାନ୍ତ ମଞ୍ଚାସୀନ ଥିଲେ । କ୍ଲବର ସଭାପତି ଶିକ୍ଷକ ଯଦୁମଣି ମହାନ୍ତ ବନ୍ଦନା ପର୍ବର ଆଭିମୁଖ୍ୟ କଥନ କରିଥିଲେ । ଭାସ୍କରଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ । ମନୋହରପୁର (ଝାରଖଣ୍ଡ)ର ରଞ୍ଜିତ ମାହତୋଙ୍କ ଜୁନୁନ ରସିକିଆ ଝୁମର ଦଳ ସାଂସ୍କୃତିକ ଝୁମର ନୃତ୍ୟ ପରିବେଷଣ କରିଥିଲେ । ଶୁଭାଶିଷ ମହାନ୍ତ, ସତ୍ୟଜିତ ମହାନ୍ତ, ଚନ୍ଦ୍ରଶେଖର ମହାନ୍ତ, ଜତିନ ମହାନ୍ତ, ଜୟନ୍ତ ମହାନ୍ତ, ସନ୍ତୋଷ ମହାନ୍ତ, ରବିନ ମହାନ୍ତ, ହେମନ୍ତ ମହାନ୍ତ, ସୁଧାଂଶୁ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ଲକ୍ଷ୍ମଣ ମହାନ୍ତ, ଶିବା ଲୋହାର, ମଙ୍ଗଳ ଲୋହାର, ଦୀପକ ମହାନ୍ତ, ଆଲୋକ ମହାନ୍ତ, ମଣ୍ଟୁ ମହାନ୍ତ, ଧର୍ମେନ୍ଦ୍ର ମହାନ୍ତ, ସଞ୍ଜୟ ମହାନ୍ତ, ମାଗୁଣି ମହାନ୍ତ, ମିଟକୁ ମହାନ୍ତ ପ୍ରମୁଖ କ୍ଲବର ସଭ୍ୟମାନେ ସହଯୋଗ କରିଥିଲେ ।

## ବାୟାକୁମୁଟିଆ ପଞ୍ଚାୟତରେ ଆଞ୍ଚଳିକ ଚକ୍ଷୁ ପରୀକ୍ଷା ଶିବିର




କେନ୍ଦୁଝର, ୨୫।୧୦(ସମିସ): ଶୁକ୍ରବାର ବାଂଶପାଳ ବ୍ଲକର ବାୟାକୁମୁଟିଆ ପଞ୍ଚାୟତଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ରୋଟାରୀ କ୍ଲବ କେନ୍ଦୁଝର, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, ଓସ୍କା, ବାୟାକୁମୁଟିଆ ପଞ୍ଚାୟତ ଓ ଭୂମିକା ଚିକିତ୍ସାଳୟ, କେନ୍ଦୁଝର ମିଳିତ ସହଯୋଗରେ ଆୟୋଜିତ ଏହି ଆଞ୍ଚଳିକ ଶିବିରକୁ ତେଲକୋଇ ବିଧାୟକ ଡ ଫକିର ମୋହନ ନାଏକ ଉଦଘାଟନ କରିଥିଲେ । ବରିଷ୍ଠ ସମାଜସେବୀ ଭକ୍ତବତ୍ସଳ ମହାନ୍ତିଙ୍କ ସଂଯୋଜନାରେ ରୋଟାରୀ କ୍ଲବ କେନ୍ଦୁଝରର ସଭାପତି ରୋଟାରିୟାନ୍ ହରିହର ମହାନ୍ତଙ୍କ ତତ୍ତ୍ୱାବଧାନରେ ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝର ଜୋନାଲ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନା, ଅପଟମ ସୟନ ସୁନ୍ଦର ମାଇତି, ଭିଜନ ଟେକ୍ନିସିଆନ୍ ଲାଲିମା ଜେନା, ପୂଜାରାଣୀ ମହାନ୍ତ, ସ୍ୱାସ୍ଥ୍ୟ ସେବିକା ସବିତା ନାୟକ ଓ ମଧୁସ୍ମିତା ବେହେରା ପ୍ରମୁଖ ୧୦୭ ଜଣ ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଓସ୍କାର ସଂପାଦିକା ଧରିତ୍ରୀ ରାଉତ, ରୋଟାରିୟାନ୍ ରାଜଲକ୍ଷ୍ମୀ ସ୍ୱାଇଁ, ସୁନିତା ମହାନ୍ତି, ସୁରେଶଚନ୍ଦ୍ର ଖଟୋଇ, ଡା ସଂଜୀବ ଓତା, ବାୟାକୁମୁଟିଆ ସରପଞ୍ଚ ମିତ୍ରଭାନୁ ମହାନ୍ତ ଶିବିର ପରିଚାଳନା କରିଥିଲେ ।

## ବରେଇପାଲିରେ ଉଚ୍ଛେଦ ହେଲା, ବ୍ୟବସ୍ଥା ହେଲାନି

# ଡ୍ରେନ୍ ପାଣି ଘେରରେ ୧୦ ଘର

**ସମ୍ବଲପୁର, ୨୫।୧୦(ସମିସ)**

ବରେଇପାଲିରୁ ଡେଙ୍ଗସର୍ଗି ଆଡ଼କୁ ରାସ୍ତା ଚଉଡ଼ା ହେବ। ଏଥିପାଇଁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଗତ ଶୁକ୍ରବାର ଦିନ ଜବରଦଖଲ ହଟାଯାଇଛି। ରାସ୍ତାକୁ ମାଡ଼ି ଆସିଥିବା ଦୋକାନ, ଘର ସବୁ ଭଙ୍ଗା ଯାଇଛି। ବରେଇପାଲି ପୁଲିସ ଟିମ୍ ଓ ଏସଏମ୍‌ସି ପକ୍ଷରୁ ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲକାରୀଙ୍କୁ ଉଠାଯାଇଛି। କାହାର ଦୋକାନ ଭଙ୍ଗାଯାଇଛି ତ, କାହାର ଦୁଇମହଲା ଘରର କିଛି ଅଂଶ କଟାଯାଇଛି।କିନ୍ତୁ ଉଚ୍ଛେଦ ପରେ ସେମାନଙ୍କ ଦୁଃଖ ବଢ଼ିଯାଇଛି।ଭଙ୍ଗା କିଛି ଅଂଶ ଡ୍ରେନରେ ପଡ଼ି ଜାମ ହୋଇଯାଇଛି। ଯାହାଫଳରେ ଡ୍ରେନର ଅପରିଷ୍କାର ପାଣି ବର୍ତ୍ତମାନ ରାସ୍ତା ଉପରେ। ପ୍ରାୟ ୧୦ ଘର ସମ୍ମୁଖରେ ଡ୍ରେନ ପାଣି ଲହଡି ମାରୁଛି। ମହାନଗର ନିଗମ ଉଚ୍ଛେଦ ପ୍ରକ୍ରିୟାରୁ ତ୍ୱରାନ୍ୱିତ କରିଲା, କିନ୍ତୁ ଲୋକଙ୍କ ପାଇଁ କୌଣସି ସୁବିଧା କରିନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ସହରରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି।ଜବରଦଖଲକାରୀଙ୍କୁ ନୋଟିସ ଦେଇ ଉଚ୍ଛେଦ ପାଇଁ ଆଗୁଆ ସୂଚନା ମଧ୍ୟ ଦିଆଯାଉଛି।ସହରର ବିଭିନ୍ନ ସ୍ଥାନରେ ରାସ୍ତା ସମ୍ପ୍ରସାରଣ ହେବା ସହ ମାଷ୍ଟର ଡ୍ରେନ ପ୍ଲାନ ରହିବ।ବର୍ଷା ହେଲେ ଡ୍ରେନ ପାଣି କିମ୍ବା ବର୍ଷା ପାଣି ଲୋକଙ୍କ ଘରେ ପଶିବ ନାହି ଏହାକୁ ନଜରରେ ରଖି ଏସ୍‌ଏମ୍‌ସି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ବରେଇପାଲିରୁ ଡେଙ୍ଗସର୍ଗି ଆଡ଼କୁ ଯାଇଥିବା ରାସ୍ତା ମଧ୍ୟ ସମ୍ପ୍ରସାରଣ ହେବ। ରାସ୍ତାକୁ ଲାଗି ଡ୍ରେନ ବ୍ୟବସ୍ଥା ରହିବ। ବରେଇପାଲି ଛକରୁ ଡେଙ୍ଗସର୍ଗି ଆଡ଼କୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ରହିଥିଲା। ସ୍ଥାନୀୟ ଲୋକେ ରାସ୍ତାକୁ ମାଡି ବସିଥିଲେ। ଘର, ଦୋକାନ କରି ରାସ୍ତାକୁ ଏକ ପ୍ରକାରର ସଂକିର୍ଣ୍ଣ କରିଥିଲେ। କିଛିମାସ ପୂର୍ବରୁ ଉଚ୍ଛେଦ ପାଇଁ ଜବରଦଖଲକାରୀଙ୍କୁ ନୋଟିସ ମଧ୍ୟ କରାଯାଇଥିଲା। ରାସ୍ତାକୁ ମାପି କେତେ ଜାଗା ଛାଡ଼ିବାକୁ ମଧ୍ୟ କୁହାଯାଇଥିଲା। ନିଜେ ନିଜର ଜାଗା ଛାଡ଼ିବାରୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଲୋକେ ଜବରଦଖଲରୁ ହଟିନଥିଲେ। ଗତ ଶୁକ୍ରବାର ଦିନ ପୁଲିସ ଉପସ୍ଥିତିରେ ଏହା ହୋଇଥିଲା। ରାସ୍ତା ସମ୍ପ୍ରସାରଣକୁ ସ୍ଥାନୀୟ ମହଲରେ ସ୍ୱାଗତ କରାଯାଇଛି। କିନ୍ତୁ ବର୍ତ୍ତମାନ ଡ୍ରେନର ଦୁର୍ଗନ୍ଧପାଣିରେ ୧୦ ଘର ବସବାସ କରୁଛନ୍ତି। ଡେଙ୍ଗସର୍ଗୀ ଆଡ଼କୁ ପ୍ରତିଦିନ ବହୁଳ ମାତ୍ରାରେ ଟ୍ରକ ଯିବା ଆସିବା କରିଥାଏ। ଛକରେ ଡ୍ରେନ ପାଣି ଜମା ହୋଇଥିବାରୁ ରାସ୍ତାରେ ଗାଡ଼ି ଗଲାବେଳେ ଘରକୁ ଛିଟିକି ପଡୁଛି। ଉଚ୍ଛେଦ ପରେ ଡ୍ରେନ ପାଣି ସମସ୍ୟାକୁ ଏସଏମ୍‌ସି ଗୁରୁତ୍ୱ ଦେଇନଥିବା ଅଭିଯୋଗ ହୋଇଛି।ଯାହା ଫଳରେ ସ୍ଥାନୟ ଲୋକ ଯନ୍ତ୍ରଣା ଭୋଗୁଥିବା କହିଛନ୍ତି। ତେଣୁ ମାଷ୍ଟର ଡ୍ରେନ ନିର୍ମାଣ ହେବା ପୂର୍ବରୁ ବର୍ତ୍ତମାନ ଅସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

**ଦୁର୍ଗନ୍ଧରେ ଫାଟି ପଡୁଛି ରାସ୍ତା**

## ଶିକ୍ଷକ ଦାବିରେ ସ୍କୁଲରେ ତାଲାପକାଇ ଧାରଣା



**ଜମନକିରା, ୨୫।୧୦(ସମିସ):** ଜମନକିରା ବ୍ଲକ କୁତବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଦାବିରେ ଆଜି ସ୍କୁଲ ଗେଟରେ ତାଲା ପକାଇ ବାହାରେ ଧାରଣାରେ ବସିଛନ୍ତି ଅଭିଭାବକ ଓ ଛାତ୍ରଛାତ୍ରୀ। କୁତବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ମୋଟ ୪୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ହେଲେ ଏବେ ୨ ଜଣ ଶିକ୍ଷକ ଶିକ୍ଷା ଦାନ କରୁଛନ୍ତି। ଫଳରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏନେଇ କୁତବ ଗ୍ରାମବାସୀ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେଇଥିବା ବେଳେ ଜମନକିରା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ।ହେଲେ ଦାବି ଜଣାଇବା ଦୀର୍ଘ ଦିନ ପରେ ମଧ୍ୟ ଶିକ୍ଷକ ନିଯୁକ୍ତି ହୋଇପାରିନାହିଁ। ଏହାକୁ ନେଇ ଗତ ସପ୍ତାହରେ ବିଇଓଙ୍କୁ ପୁନଃ ଦାବିପତ୍ର ଦେବା ସହିତ ଏକ ସପ୍ତାହର ସମୟ ଦେଇଥିଲେ। ସମୟସୀମା ମଧ୍ୟରେ କୌଣସି ସମାଧାନ ନହେବା ଫଳରେ ବାଧ୍ୟ ହୋଇ ଆଜି ସ୍କୁଲରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ବାହାରେ ଧାରଣାରେ ବସିଥିଲେ। ଖବର ପାଇ ଜମନକିରା ଏବିଇଓ ଦେବକୀ ନାଏକ ପହଞ୍ଚି ଅନ୍ୟ ଏକ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନ ବଦଳି କରି ଦେବା ସହିତ ଖୁବ ଶୀଘ୍ର ଆଉ ଜଣେ ଶିକ୍ଷକ ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବାପରେ ଅଭିଭାବକମାନେ ତାଲା ଖୋଲିବା ସହିତ ଧାରଣାରୁ ଉଠିଥିଲେ।

## ବ୍ଲାକ୍‌ମେଲିଂ ଓ ଦୁଷ୍କର୍ମ ଉଦ୍ୟମ କରି ଯୁବକ ଗିରଫ

**କୁଚିଣ୍ଡା, ୨୫।୧୦ (ସମିସ):** କୁଚିଣ୍ଡା ବ୍ଲକ ଅର୍ଡାବାହାଲ ଗ୍ରାମର ସମୀର ନାୟକ ନିଜକୁ ସୂଚନା କର୍ମୀ କହି ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟାଳୟରେ ସୂଚନା ଅଧିକାରରେ ତଥ୍ୟ ମାଗି ଅଧିକାରୀ ଓ କର୍ମଚାରୀଙ୍କୁ ବ୍ଲାକ ମେଲିଂ କରି ଅର୍ଥ ଉପାର୍ଜନର ସହଜ ବାଟ ବାଛି ନେଇ ଟଙ୍କା ଉପାର୍ଜନ କରୁଥିଲା। ହେଲେବେଶୀ ଦିନ ତିଷ୍ଠ ପରିଲା ନାହିଁ। ଗତ କିଛି ଦିନ ତଳେ ସେହି ଗ୍ରାମର ଜଣେ ୪୬ ବର୍ଷୀୟା



ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗରେ ନିଜକୁ ସୂଚନା ଅଧିକାର କର୍ମୀ ବୋଲାଉଥିବା ସମୀର ନାୟକଙ୍କ ବିରୋଧରେ ମହୁଲପାଲୀ ଥାନାରେ ଗତ ୨୦ ତାରିଖରେ ମାମଲା ରୁଜୁ ହୋଇଥିଲା। ପୁଲିସ ଶୁକ୍ରବାର ରାତ୍ରିରେ ଗିରଫ କରି ଶନିବାର ଦିନ କୋର୍ଟ ଚାଲାଣ କରିଛି। ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଅର୍ଡାବାହାଲ ଗ୍ରାମର ଜଣେ ମହିଳା ଘରେ ଏକୁଟିଆ ଥିବା ବେଳେ ସୁଯୋଗ ଦେଖି ଗତ ୨୦ ତାରିଖ ଦିନ ସମୀର ତାଙ୍କ ଘରେ ପଶି ତାଙ୍କ ସହିତ ଜୋରଜବରଦସ୍ତି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ତେବେ ମହିଳାଙ୍କ ଜୋରଦାର ପ୍ରତିରୋଧ ଯୋଗୁଁ ସେ ସଫଳ ହୋଇ ନ ପାରିବାରୁ ରାଗିଯାଇ ସମ୍ପୃକ୍ତ ମହିଳାଙ୍କୁ ଲୁହା ଛଡ଼ରେ ନିସ୍ତୁକ ମାଡ ମାରିଥିଲେ। ମାଡ ଖାଇ ମହିଳା ଜଣକ ଜୀବନ ବିକଳରେ ଚିତ୍କାର କରିବାରୁ ପାଟି ଶୁଣି ତାଙ୍କର ଭାଇ ବୋହୂ ଘଟଣାସ୍ଥଳରେ ପହଞ୍ଚି ସମୀରର କବଳରୁ ମହିଳାଙ୍କୁ ରକ୍ଷା କରିବାକୁ ଚେଷ୍ଟାବା ବେଳେ ସମୀର ତାଙ୍କୁ ମଧ୍ୟ ମାଡ ମାରିଥିବା ଅଭିଯୋଗ ହୋଇଛି।ଏ ବାବଦରେ ପିଡୀତା ମହିଳା ଜଣକ ଗତ ୨୦ ତାରିଖ ଦିନ ମହୁଲପାଲୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୧୩୬/ ୨୦୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅନ୍ୟ ପକ୍ଷରେ ମାଡ ଖାଇ ଗୁରୁତର ଆହତ ହୋଇଥିବା ମହିଳା ଜଣକ କୁଚିଣ୍ଡା ଡାକ୍ତରଖାନାରେ ତିନି ଦିନ ଧରି ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ପୁଲିସ ଗତ ଗୁରୁବାର ଦିନ ତାଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରି ଧାରା ୧୬୪ ରେ ବୟାନ ରେକର୍ଡ କରିବା ସହିତ ଗତ ଶୁକ୍ରବାର ଦିନ କୁଚିଣ୍ଡା ଡାକ୍ତରଖାନାରେ ତାଙ୍କର ଡାକ୍ତରୀମାଇନା କରାଇଥିଲ। ଏହା ପରେ ସେହି ଶୁକ୍ରବାର ଦିନ ରାତ୍ରିରେ ହିଁ ଅଭିଯୁକ୍ତ ସମୀରକୁ ଗିରଫ କରି ଶନିବାର ଦିନ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆ ଯାଇଥିଲା। ତେବେ ସମୀର କୁଚିଣ୍ଡା ଏନ୍‌ଏସି ପକ୍ଷରୁ ନିର୍ମାଣ କରାଯାଇଥିବା ଏକ ପାର୍କରୁ ଫେବର ବ୍ଲକ ଚୋରି କରିଥିବା ବାବଦରେ କୁଚିଣ୍ଡା ଏନ୍‌ଏସି ଇ.ଓ ପୂର୍ବରୁ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏ ବାବଦରେ ଥାନାରେ କେସ ନଂ ୨୯୨/୨୦୨୫ ରେ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିଲା। ଶନିବାର କୁଚିଣ୍ଡା ପୁଲିସ ଅଭିଯୁକ୍ତ ସମୀରର ଅର୍ଡ଼ାବାହାଲ ଘରେ ଚଢ଼ାଉ କରି ସେଠାରୁ ୧୫୦ଟି ଫେବର ବ୍ଲକ ଜବତ କରିଛି। ଏହି ଘଟଣା ବର୍ତ୍ତମାନ କୁଚିଣ୍ଡା ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

## ଗଞ୍ଜେଇ ଚାଲାଣ ର୍‍ୟାକେଟ ସକ୍ରିୟ



**ସମ୍ବଲପୁର, ୨୫।୧୦ (ସମିସ):** ପୁଣି ସମ୍ବଲପୁରରେ ଗଞ୍ଜେଇ ଚୋରା ଚାଲାଣ ସକ୍ରିୟ। ପୁଲିସ ଓ ଅବକାରୀ ବିଭାଗର ମିଳିତ ବାରମ୍ବାର ଚଢାଉ ଜାରି ରଖିଥିଲା। ଫଳରେ ଚାଲାଣ ପକ୍ରିୟା ଏକ ପ୍ରକାରର ଠପ ହୋଇଥିଲା। ପୁଣି କିଛି ଦିନ ପରେ ଆଜି ଜିଲ୍ଲା ଅବକାରୀ ଗଞ୍ଜେଇ ଜବତ କରିଛି। ଅଇଁଠାପାଲି ଥାନା ବୈଦାରନୂଆପାଲିରୁ ଏକ ବୋଲେରରୁ ଗଞ୍ଜେଇ ଜବତ କରିଛି। ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ଭୋପାଲ ଜିଲ୍ଲାର ସୁନୀଲ କୁମାର(୩୧) ଓ ଜଗଦୀଶ(୪୫)। ଏକ ବୋଲେର ନଂ ସିଜି୦୪ଏଚଡି-୬୨୮୩ରୁ ୬୦ କେଜି ଗଞ୍ଜେଇ ଜବତ କରିଛି। ଏହା ସହ ମୋବାଇଲ ଫୋନ ମଧ୍ୟ ଜବତ କରିଛି। ସୂଚନା ଅନୁସାରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ସମ୍ବଲପୁର ସହର ଏକ ପ୍ରକାରର ମାଧ୍ୟମ ରହିଥିଲା। ଅଧିକାଂଶ ଗଞ୍ଜେଇ ମାଫିଆ ସହର ଦେଇ ଚୋରା ଚାଲାଣ କରୁଥିଲେ। ବୌଦ୍ଧରୁ ଗଞ୍ଜେଇ ଆଣି ରେଢାଖୋଲ ସମ୍ବଲପୁର ଦେଇ ୟୁପି, ବିହାର ଛତିଶଗଡ଼ ରାଜ୍ୟକୁ ଚାଲାଣ ହେଉଥିଲା।

**୨ ଗିରଫ, ୬୦ କେଜି ଜବତ**

## ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ର ଆହତ

**ସମ୍ବଲପୁର, ୨୫।୧୦(ସମିସ):** କ୍ଷେତରାଜପୁର ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲର ଶିକ୍ଷୟିତ୍ରୀଙ୍କ ମାଡ଼ରେ ବଡବଜାର ଅଞ୍ଚଳର ଚତୁର୍ଥ ଶ୍ରେଣୀରେ ପଢୁଥିବା ଛାତ୍ର ଆହତ ହୋଇଛନ୍ତି। ଶିକ୍ଷୟିତ୍ରୀ



ଜଣଙ୍କ ଛାତ୍ରଙ୍କୁ ମାଡ ମାରିଥିବାରୁ ଦେହରେ ବିଭିନ୍ନ ଦାଗ ରହିଛି। ଯାହାକୁ କ୍ଷୋଭ ପ୍ରକାଶ କରିଛନ୍ତି ଛାତ୍ରଙ୍କ ବାପା। ସଦର ଡାକ୍ତରଖାନା ନେଇ ପୁଅର ଚିକିତ୍ସା କରିଛନ୍ତି। ପରେ କ୍ଷେତରାଜପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମାଡ଼ ପରେ ପୁଅ ଭୟରେ ସ୍କୁଲ ଯିବା ପାଇଁ ଅରାଜି ହେଉଛନ୍ତି। ତେଣୁ ନ୍ୟାୟ ନ ପାଇଲେ ଆଗକୁ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବେ ବୋଲି ଛାତ୍ରଙ୍କ ବାପା କହିଛନ୍ତି।

## ମା’ଙ୍କ କଷ୍ଟ ସହି ନ ପାରି କେନାଲକୁ ଡେଇଁ ଆତ୍ମହତ୍ୟା

**ସମ୍ବଲପୁର, ୨୫।୧୦(ସମିସ):** ସତ ହେଲା ପୁଅର ଶେଷ ମେସେଜ। ରୋଗୀଣୀ ମା’ଙ୍କ କଷ୍ଟ ଦେଖିପାରିଲାନି ପୁଅ। ମାନସିକ ଅବସାଦର ଶେଷ ସୀମା ପାର କରି ପୁଅ ମା’ଙ୍କ ମୋବାଇଲକୁ

**ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର**

**ମା’ଙ୍କୁ ଶେଷ ମସେଜ କରି ନିଖୋଜ ଥିଲେ**

ମେସେଜ କଲା। ମା’ ମୁଁ ତମ ଦୁଃଖ ସହିପାରୁନି, ତେଣୁ କେନାଲରୁ ଡେଇଁ ଆତ୍ମହତ୍ୟା କରିବି। ଏହି ମେସେଜ ମା ପଢ଼ିବା ପରେ ବିଶ୍ୱାସ କରି ପାରିନଥିଲା। କିନ୍ତୁ ଶେଷରେ ଏହି ମେସେଜ ଆଜି ସତ ହୋଇଛି। ଗତ ୨୨ ତାରିଖରୁ ନିଖୋଜ ଥିବା ପୁଅର ମୃତ ଶରୀର ଆଜି ଚିପଲିମା କେନାଲରୁ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ମହାଲକ୍ଷ୍ମୀନଗରପଡ଼ାର ସୌରଭ ସମ୍ବିତ ତ୍ରିପାଠୀ। ସୂଚନା ଅନୁସାରେ ସୌରଭଙ୍କ



ମା’ କିଡନି ଖରାପ ରୋଗରେ ପୀଡିତ ହୋଇ ଭିମସାରରେ ଚିକିସିôତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ପୁଅ ସୌରଭ ସବୁବେଳେ ମା’ଙ୍କ ପାଖରେ ରହି ସେବା କରୁଥିଲେ। କିଛି ଦିନି ତଳେ ଡାକ୍ତର ମା’ଙ୍କ ଦେହ ଭଲ ନଥିବା କହିଥିଲେ। ଏଥିପାଇଁ ସବୁ ବେଳେ ସେ ଚିନ୍ତାଗ୍ରସ୍ତ ରହୁଥିଲେ। ଗତ ୨୨ ଅକ୍ଟୋବର ସନ୍ଧ୍ୟା ସମୟରେ, ସେ ହଠାତ୍ ହସ୍ପିଟାଲରୁ ନିଖୋଜ ହୋଇଯାଇଥିଲେ। ମା’ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ବି କୌଣସି ପତ୍ତା ପାଇନଥିଲେ। କିନ୍ତୁ ତାଙ୍କ ମୋବାଇଲ ଫୋନରେ ଏକ ମେସେଜ ଆସିଥିଲା। ଯାହାକୁ ପଢ଼ି ମା’ ମୁହଁରେ ଲୁହ ଝରି ପଡ଼ିଥିଲା। ଏହି ମେସେଜ ପଢ଼ିବା ପରେ ପରିବାର ସହ ସମଗ୍ର ୱାର୍ଡରେ ଏକ ଦୁଃଖଦ ପରିବେଶ ସୃଷ୍ଟି ହୋଇଥିଲା। ବହୁତ ଖୋଜାଖୋଜି ପରେ ମଧ୍ୟ ସୌରଭଙ୍କ କିଛି ଖବର ମିଳିପାରିନଥିଲା। ତେଣୁ ଶେଷରେ ପରିବାର ପକ୍ଷରୁ ବୁର୍ଲା ଥାନାରେ ଯୁବକ ନିଖୋଜ ଥିବା ନେଇ ଲିଖିତ ଅଭିଯୋଗ କରାଯାଇଥିଲା। ଅଗ୍ନିଶମ ବିଭାଗ ଓ ବୁର୍ଲା ପୁଲିସ ବୁର୍ଲା ପାୱାର କେନାଲ ଓ ନିକଟସ୍ଥ ଅଞ୍ଚଳରେ ସୌରଭଙ୍କ ସନ୍ଧାନ ଜାରି ରଖିଥିଲା। ଆଜି ସକାଳୁ ଚିପଲିମା ପାୱାର କେନାଲରୁ ସୌରଭଙ୍କ ମୃତ ଶରୀର ମିଳିଥିଲା।

## ସ୍କୁଟି ଦୁର୍ଘଟଣାରେ ଜଣେ ଗୁରୁତର

**ରେଢ଼ାଖୋଲ, ୨୫।୧୦(ସମିସ):** ସମ୍ବଲପୁର କଟକ ୫୫ ନଂ ଜାତୀୟ ରାଜପଥର ରେଢ଼ାଖୋଲ ଥାନା ବେତଗଡ଼ ଛକ ନିକଟରେ ଶନିବାର ଏକ ସ୍କୁଟି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ଆଠମଲ୍ଲିକର ସରୋଜ ସାହୁ। ସେ ବୌଦ୍ଧରେ ଏକ କ୍ଲିନିକ୍ ଖୋଲିଛନ୍ତି। ସୂଚନା ଯୋଗ୍ୟ ଯେ ଉକ୍ତ ବ୍ୟକ୍ତି ଜଣଙ୍କ ରେଢ଼ାଖୋଲରୁ ବାମୁର ଅଞ୍ଚଳକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ସ୍କୁଟି ଦୁର୍ଘଟଣା ହୋଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଉକ୍ତ ବ୍ୟକ୍ତି ଜଣଙ୍କୁ ଡାକ୍ତର ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ମହୁମାଛି ଆକ୍ରମଣରେ ବୃଦ୍ଧ ଗୁରୁତର

**କୁଚିଣ୍ଡା, ୨୫।୧୦(ସମିସ):** କୁଚିଣ୍ଡା ଥାନା ଅନ୍ତର୍ଗତ ଖଣ୍ଡୋକଟା ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ ଶନିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଲାଖୋପଡ଼ା ଗ୍ରାମରେ ଥିବା ନିଜ ଚାଷ ଜମିକୁ ଯାଉଥିବା ବେଳେ କୁଞ୍ଜ୍ ବାବା ଙ୍କ ମନ୍ଦିର ପାଖରେ କେଉଁ ଆଡେ ଥିଲେ ମହୁମାଛି ହଠାତ ପ୍ରଫୁଲ୍ଲଙ୍କୁ ଆକ୍ରମଣ କରିଥିଲେ।



ପ୍ରଫୁଲ୍ଲ ମହୁମାଛି ଆକ୍ରମଣରୁ ବଞ୍ଚିବା ପାଇଁ ମୁଣ୍ଡା ଉପରେ ଗାମୁଛା ଘୋଡାଇ ନିକଟରେ ଥିବା ଜୟ ସାହୁଙ୍କ ଘରକୁ ପଶି ଯାଇଥିଲେ। ଉକ୍ତ ଘରେ ପ୍ରଫୁଲ୍ଲଙ୍କୁ ସାମାନ୍ୟ ପ୍ରାଥମିକ ଚିକିତ୍ସା ପରେ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା।କୁଚିଣ୍ଡା ଡାକ୍ତରଖାନାରେ ପ୍ରଫୁଲ୍ଲଙ୍କ ଶରୀରରେ ଲାଗିଥିବା ମହୁମାଛିଙ୍କ ଡ଼ଙ୍କକୁ ବାହାର କରାଯାଇଥିଲା। ବର୍ତ୍ତମାନ କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଗ୍ୟାସ୍ ଟାଙ୍କି ଫାଟି ଘର ଜଳିଗଲା

**ସମ୍ବଲପୁର, ୨୫।୧୦(ସମିସ):** ସମ୍ବଲପୁର ଗୁରୁପଡ଼ାରେ ଲାଗିଲା ନିଆଁ। ସହରରେ ଗ୍ୟାସ ସିଲିଣ୍ଡରଫାଟି ଜଳିଗଲା ଘର। ପଟ୍ଟନାୟକପଡ଼ା ଛକ ନିକଟରେ ଏକ ଘରେ ହଠାତ୍ ଗ୍ୟାସ ସିଲିଣ୍ଡର୍ ଫାଟି ନିଆଁ ବ୍ୟାପି ଯାଇଥିଲା ତେବେ ନିଆଁର ପ୍ରଖର ଏତେ ଅଧିକ ଥିଲାଯେ ନିଆଁକୁ ଆୟତ୍ତ କରିବା ମୁସ୍କିଲ ହୋଇପଡ଼ିଥିଲା।। ନିରଞ୍ଜନ ପଟ୍ଟନାୟକଙ୍କ ଘରେ ନିଆଁ ଲାଗିବା ପରେ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଘରେ ନିଆଁ ଲାଗିଥିଲା। ପୁରୁଣା ଘର ହୋଇଥିବା ବେଳେ କାଠ ବ୍ୟବହାର ହୋଇଥିବାରୁ ନିଆଁ ଜୋରରେ ଲାଗିଥିଲା।ସେପଟେ ଅଗ୍ନିଶମ ବାହିନୀର ଦୁଇଟି ଟିମ୍ ପହଞ୍ଚି ବହୁ ମୁସ୍କିଲରେ ଆୟତ୍ତ କରିଛନ୍ତି। କିନ୍ତୁ ଯେତେବେଳେ ଘରେ ନିଆଁ ଲାଗିଲା ସେହି ସମୟରେ ପରିବାରର ଅନେକ ଲୋକ ଘରେ ଥିଲେ। ନିଆଁକୁ ଦେଖି ବାହାରକୁ ବାହରି ଯିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି। ବିଦ୍ୟୁତ୍ ସଟ୍ ସର୍କିଟ ଯୋଗୁଁ ପ୍ରଥମେ ନିଆଁ ଲାଗିଥିବା ଓ ପରେ ଗ୍ୟାସ ସିଲିଣ୍ଡର ଫାଟିଥିବା ଅଗ୍ନିଶମ ବାହିନୀ ସୂଚନା ଦେଇଛନ୍ତି। କେହି ମୃତାହତ ହୋଇ ନଥିବାବେଳେ ନିଆଁରେ ସମ୍ପୂର୍ଣ୍ଣ ଘର ପୋଡି ଯାଇଛି।



## ଆଇଆଇଏମ୍‌ରେ ବାର୍ଷିକ ବ୍ୟାପାରିକ ସମ୍ମିଳନୀ ‘ମର୍ମଗ୍ୟା’ | ବିକଶିତ ଭାରତ ନେତୃତ୍ୱକୁ ଅଗ୍ରସର କରାଇବା ଲକ୍ଷ୍ୟ

**ସମ୍ବଲପୁର, ୨୫।୧୦(ସମିସ)**

‘ବିକଶିତ ଭାରତ ୨୦୪୭’ ଦୃଷ୍ଟିକୋଣ ସହ ମିଳିତ ଭାବରେ, ଭାରତର ଅଗ୍ରଣୀ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁରରେ ପ୍ରତିଷ୍ଠିତ ବାର୍ଷିକ ବ୍ୟାପାରିକ ସମ୍ମିଳନୀ ‘ମର୍ମଗ୍ୟା’ର ୧୦ତମ ସଂସ୍କରଣ ଆୟୋଜିତ ହୋଇଛି। ଚଳିତ ବର୍ଷ ସମ୍ମିଳନୀ “ପ୍ରବଳ ଅନେକଧ୍ରୁବୀୟ ବିଶ୍ୱରେ ବ୍ୟାପାର ନିର୍ଦ୍ଦେଶନ: ବିକଶିତ ଭାରତ ୨୦୪୭ ପାଇଁ ଭାବନା”ର ବିଷୟବସ୍ତୁକୁ ନେଇ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଭବିଷ୍ୟତ ପାଇଁ ଅନୁକଳନଶୀଳ ଏବଂ ବିଶ୍ୱସ୍ତରୀୟ ନେତୃତ୍ୱ ଦକ୍ଷତା ବିକଶିତ କରିବା ସହିତ ଭାରତର ଉନ୍ନତ ଭବିଷ୍ୟତ ଗଢ଼ିବା।ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଗୁଗୁଲର ଗ୍ଲୋବାଲ୍ ହେଡ୍ ଅଫ୍ ଅପରେସନ୍ସ, ଅଭିଷେକ ନାଇଡୁ; ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ୍ ଅଏଲ୍ ଆଦାନୀ ଭେନଚର୍ସର ସିଓଓ ଅତୁଲ ଖରାଟେ ଏବଂ ମୁଖ୍ୟ ବକ୍ତା ଭାବେ ଇୱାଇର ନିର୍ଦ୍ଦେଶକ ବର୍ଦ୍ଧମାନ ଅଗ୍ରୱାଲ ଯୋଗ ଦେଇଥିଲେ।





ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ବିକଶିତ ଭାରତ ୨୦୪୭ର ସ୍ୱପ୍ନ ପୂରଣ ପାଇଁ ତିନୋଟି ପ୍ରମୁଖ ମଡେଲ୍ ଆବଶ୍ୟକ। ପ୍ରଥମ, ନୋବେଲ୍ ବିଜେତା କ୍ଲୌଡିଆ ଗୋଲ୍ଡିନଙ୍କ (୨୦୨୩) ଅନୁସନ୍ଧାନ ଯେପରି ଦେଖାଏ, ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣ ଅର୍ଥନୈତିକ ବୃଦ୍ଧି ପାଇଁ ଅତ୍ୟାବଶ୍ୟକ। ଦ୍ୱିତୀୟ, ୨୦୨୪ର ନୋବେଲ୍ ବିଜେତା ଡାରନ୍ ଆସେମୋଗ୍ଲୁ, ସାଇମନ୍ ଜନସନ୍ ଏବଂ ଜେମ୍ସ ରବିନସନ୍ ଯେପରି କହିଛନ୍ତି, ସମାବେଶୀ ସଂସ୍ଥା ପ୍ରତ୍ୟେକଙ୍କ ପାଇଁ ସମାନ ସୁଯୋଗ ଦେଉଛି। ତୃତୀୟ, ୨୦୨୫ରେ ଜୋଏଲ୍ ମୋକିର୍, ଫିଲିପ୍ ଆଘିଅନ୍ ଏବଂ ପିଟର୍ ହାଉଇଟ୍ ଯେପରି ଉଲ୍ଲେଖ କରିଛନ୍ତି, ଟେକ୍ନୋଲୋଜି, ନୂତନ ଭାବନା ଏବଂ ସୃଜନାତ୍ମକ ପରିବର୍ତ୍ତନ ଓ ନବୀନତା ଦ୍ୱାରା ପରିଚାଳିତ ବୃଦ୍ଧି ଏକ ସ୍ଥିର ଓ ସ୍ଥାୟୀ ଅର୍ଥନୀତି ନିର୍ମାଣ କରେ। ମୁଖ୍ୟ ଅତିଥି ଅଭିଷେକ ନାଇଡୁ କହିଥିଲେ ଯେ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଅନାନ୍ୟ ଉପେକ୍ଷିତ ସମୁଦାୟରେ ଶିକ୍ଷାକୁ ସଶକ୍ତ କରିପାରେ। ଡାଟା ସାଇନ୍ସ ଏବଂ ଏଆଇକୁ ପ୍ରଥମେ ପାଠ୍ୟକ୍ରମରେ ସମ୍ମିଳିତ କରିବା ପାଇଁ ଆଇଆଇଏମ୍ ସମ୍ବଲପୁରର ଏହି ପ୍ରୟାସ ପ୍ରଶଂସନୀୟ। ସମ୍ମାନିତ ଅତିଥି ଅତୁଲ ଖରାଟେ କହିଥିଲେ, ଆସନ୍ତା ଦଶକରେ, ଭାରତ ଦୁନିୟାର ତୃତୀୟ ସବୁଠୁ ବଡ଼ କ୍ରୁଡ଼ ଅଏଲ୍ ପ୍ରସେସର୍ ଭାବେ ଉଭାହେବାକୁ ଯାଉଛି। ହେଭି ଇଣ୍ଡଷ୍ଟ୍ରି ଏବଂ ସୂକ୍ଷ୍ମ, ଛୋଟ ଏବଂ ମଧ୍ୟମ ଉଦ୍ୟମର ବୃଦ୍ଧି ଏକ ଦୃଢ଼, ସ୍ଥିର ଅର୍ଥନୀତିକୁ ଗଢୁଛି। ମୁଖ୍ୟ ବକ୍ତା ବର୍ଧମାନ ଅଗ୍ରୱାଲ କହିଥିଲେ, ମର୍ମଗ୍ୟା କେବଳ ଏକ ବ୍ୟାପାର ସମ୍ମିଳନୀ ନୁହେଁ, ଏହା ହେଉଛି ନବୀନତ୍ୱ ଏବଂ ସମାବେଶର ଉପରେ ଆଧାରିତ ଏକ ନେତୃତ୍ୱ ପ୍ରଶିକ୍ଷଣ ପ୍ରୟୋଗଶାଳା। ଆଇଆଇଏମ ସମ୍ବଲପୁର କେବଳ ପ୍ରବନ୍ଧକ ସୃଷ୍ଟି କରୁନାହିଁ ବରଂ ରାଷ୍ଟ୍ର ନିର୍ମାତା ମଧ୍ୟ ତିଆରି କରୁଛି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଛାତ୍ର ଓ ଉଦ୍ୟମୀ ସାମିଲ ହୋଇଥିଲେ।ଏହାସହ ଗୁଗୁଲ, ଇୱାଇ, ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେନଚର୍ସ, ଆଦିତ୍ୟ ବିର୍ଲା ଗ୍ରୁପ (ଅଲ୍ଟ୍ରାଟେକ୍ ସିମେଣ୍ଟ), ଏଚସିଏଲ ଟେକ୍, କୁସ୍ମାନ ୱେକଫିଲ୍ଡ ଭଳି ପ୍ରମୁଖ ସଂସ୍ଥାର ପ୍ରମୁଖ ପ୍ରତିନିଧି ଓ ଶିଳ୍ପ ନେତାମାନେ ଯୋଗଦେଇଥିଲେ।

No.4070, Dated 23.10.2025 O-1128

Government of Odisha "e" procurement Notice

Bid Identification No. TENDER ONLINE SNPR- 07 OF 2025-26

1. Name of the work : Building Works as per DTCN available in the website. www.tendersodisha.gov.in
2. Total No. of Work : 64(Sixty four)Nos.
3. Approximate Estimated Cost : Vary from Rs. 1.68 lakh to Rs. 8.40 lakh
4. Period of Completion : 2 (Two Calendar months)
5. Period and time of availability of bid document in the portal for bidding : 29.10.2025 at 11.00AM to 11.11.2025 up to 5.00 PM
6. Date and time of opening of Tender : 12.11.2025 at 11.00AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W.Division. Sonepur

(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0041/2526

GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NABARANGPUR IRRIGATION DIVISION
NABARANGPUR,DIST-NABARANGPUR(ODISHA)
Email ID- seniidivision@gmail.com A-748

E-PROCUREMENT NOTICE

BID IDENTIFICATION NO-SE-NID- 04 /2025-26 (01-06)

1. Nature of the work – Construction of Trough wall & Renovation of canal syphon.
2. Total Nos. of works – 06 (Six) Nos.
3. Tender cost of the works–From Rs.7.53 lakhs to Rs.6.71 lakhs (excluding GST)
4. Class of Contractor – ‘D’& ‘C’ Class
5. Period of completion-01(One) Month
6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-04 /2025-26(01-06) | 27.10.2025 (10.00AM) | 10.11.2025 (up to 05.00 PM) | 30.10.2025 up to 5.00 PM | 11.11.2025 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government web site www.tendersodisha.gov.in
Addendum/Corrigendum/Cancellation if any required will be published in Govt.website only.

Superintending Engineer
Nabarangpur Irrigation Division
Nabarangpur

OIPR-32361/11/0018/2526

GOVERNMENT OF ODISHA O-1174
OFFICE OF THE SUPERINTENDING ENGINEER
RURAL WORKS DIVISION-II, MALKANGIRI
Letter No. 3917/RWD-II/Dated- 24.10.2025
1st CORRIGENDUM
TO E-TENDER CALL NOTICE
BID-IDENTIFICATION NO.09/2025-26/LTR NO.3577/Dt. 24.09.2025

The Tender for the works invited under Bid Identification 09/2025-26 is here by modified and read as below:-

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability to Tender online for bidding | Dt. 17.10.2025 at 11.00 A.M. to Dt.31.10.2025 Up to 5.30 P.M. | Dt.05.11.2025 at 11.00 to Dt 15.11.2025 Up to 5.30 P.M. |
| 2. | Date & time of seeking tender clarification if any | Dt.30.10.2025 Up to 3.00 P.M. | Dt.14.11.2025 Up to 3.00 P.M |
| 3. | Date & time of Opening of tender (Price Bid) | Dt.01.11.2025 Up to 11.00 A.M. | Dt.17.11.2025 Up to 11.00 A.M |

1. All other terms and conditions of the bids will remain unchanged.

Supertintending Engineer
Rural Works Division-II,
Malakngiri

OIPR-25079/11/0036/2526

# ୭୭ ହଜାର ୩୩୩ ଜଣ କରିନାହାନ୍ତି ଇ-କେୱାଇସି ଅପ୍‌ଡେଟ୍

**ଭବାନୀପାଟଣା, ୨୫ ।୧୦(ସମିସ)**

ରାସନକାର୍ଡ ଇ-କେୱାଇସି ଅପଡେଟ ନହେଲେ ଚାଉଳ ନମିଳିବା ଭୟ ସତ୍ତ୍ୱେ କଳାହାଣ୍ଡି ଜିଲ୍ଲାରେ ଏଯାବତ ୭୭ ହଜାର ୩୩୩ ଜଣ ରାସନକାର୍ଡ ହିତାଧିକାରୀଙ୍କ ଇ-କେୱାଇସି ଅପ୍‌ଡେଟ୍ ହୋଇପାରିନାହିଁ।ଅକ୍ଟୋବର ମାସ ଶେଷ ତାରିଖ ସୁଦ୍ଧା ଏହି ଅପଡେଟ କରିବା ଅବଧି ପୂର୍ଣ୍ଣ ହେଉଛି। କିନ୍ତୁ ଜିଲ୍ଲାରେ ବର୍ତ୍ତମାନ ଇ-କେୱାଇସି କରିନଥିବା ଲୋକ ମଧ୍ୟ ଚାଉଳ ପାଉଛନ୍ତି।ଯେଉଁମାନେ ଇ-କେୱାଇସି କରିବେ ନାହିଁ, ସେମାନଙ୍କ ପାଇଁ ଚାଉଳ ପାଇବା ଅସମ୍ଭବ ହୋଇପଡ଼ିବ ବୋଲି କେନ୍ଦ୍ର ସରକାର ଇ-କେୱାଇସିକୁ ନେଇ ବଡ଼ ଘୋଷଣା କରିଛନ୍ତି। ତଥାପି ଯେ କୌଣସି ସ୍ଥାନରେ ବାଦ୍ ପଡ଼ିଥିବା ହିତାଧିକାରୀ ଲିଖିତ ଭାବେ ଜଣାଇଲେ ବିଚାର କରାଯିବା କଥା ଗତ ୧୪ ତାରିଖରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ଜିଲ୍ଲାରେ ଏତେ ସବୁ ନୀତି ନିୟମ କଡାକଡ଼ି ପାଳନ କରି ବ୍ୟବସ୍ଥିତ ଢଙ୍ଗରେ ସମସ୍ତ କାର୍ଯ୍ୟ ହେଉଥିବା କୁହାଯାଉଥିଲେ ମଧ୍ୟ କଲମପୁର ବ୍ଲକରେ ମୃତ ବ୍ୟକ୍ତିଙ୍କ ନାଁରେ ରାସନକାର୍ଡ ଥିବା ବିଷୟ ପଦାକୁ ଆସିଛି। କଲମପୁର ବ୍ଲକର ବନ୍ଧକନା ପଞ୍ଚାୟତରେ ଏକାଧିକ ମୃତ ବ୍ୟକ୍ତିଙ୍କ ନାଁରେ ରହିଛି ରାସନ କାର୍ଡ। ତେବେ ସେ ଚାଉଳ ଯାଉଛି କୁଆଡେ। ଏ ସଂକ୍ରାନ୍ତରେ ପଚାରିଲେ ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଭୂତ କାର୍ଡ ପ୍ରସଙ୍ଗ ଚର୍ଚ୍ଚାର କାରଣ ହେବାପରେ ତଦନ୍ତ ଚାଲିଛି। ଜିଲ୍ଲାର ଅନ୍ୟ ବ୍ଲକ ଗୁଡିକରେ କି ପ୍ରକାର ଅବସ୍ଥା ତାହା ଅନୁଧ୍ୟାନ ସାପେକ୍ଷ। ଇ-କେୱାଇସି ଅପଡେଟ ପ୍ରସଙ୍ଗରେ କୁହାଗଲେ କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକର

**ପଛରେ ପଡ଼ିଛି ଜୁନାଗଡ଼**

**ବ୍ୟବସ୍ଥା ଭିତରେ ବହୁ ଅବ୍ୟବସ୍ଥା**

**ମୃତ ବ୍ୟକ୍ତିଙ୍କ ନାଁରେ ରାସନ କାର୍ଡ: ଭୂତ ଖାଉଛି ଚାଉଳ**

୧୩ ଲକ୍ଷ ୫୨ହଜାର ୩୯୭ ସଦସ୍ୟ ମଧ୍ୟରୁ ଶୁକ୍ରବାର ସୁଦ୍ଧା ୧୨ଲକ୍ଷ ୭୫ହଜାର ୬୪ ଜଣ ଇ-କେୱାଇସି ଅପ୍‌ଡେଟ୍ କରିଥିବା ଜଣାପଡ଼ିଛି। ଅବଶିଷ୍ଟ ୭୭ ହଜାର ୩୩୩ ଜଣ ଅପ୍‌ଡେଟ୍ କରି ନାହାନ୍ତି। ସେଥିମଧ୍ୟରୁ ଜିଲ୍ଲାର ଜୁନାଗଡ଼ ବ୍ଲକରେ ସର୍ବାଧିକ ୯୪୬୨ ଜଣ ହିତାଧିକାରୀ ଇ-କେୱାଇସି କରିନଥିବା ଜଣାପଡ଼ିଛି। ଯାହାକି ଆଶ୍ଚର୍ଯ୍ୟର ବିଷୟ, କାରଣ ଜିଲ୍ଲାର ଥୁଆମୂଳ ରାମପୁର, ଏମ ରାମପୁର ଓ ଲାଞ୍ଜିଗଡ଼ ଭଳି ଦୁର୍ଗମ ଅଞ୍ଚଳରେ ନେଟୱର୍କ ସମସ୍ୟା ଥାଇ ମଧ୍ୟ ଅଧିକ ଲୋକ ଇ-କେୱାଇସି କରି ଥିବା ବେଳେ ଜୁନାଗଡ଼ ଭଳି ଏକ ଅଗ୍ରଣୀ ବ୍ଲକ ଇ-କେୱାଇସି ଅପଡେଟରେ ପଛରେ ପଡ଼ିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହା ପ୍ରକୃତ ହିତାଧିକାରୀଙ୍କ କି କଲମପୁର ଭଳି ଭୂତ ହିତାଧିକାରୀଙ୍କ ତାହାକୁ ନେଇ ଏବେ ସନ୍ଦେହ ପ୍ରକାଶ ପାଇଛି। ବର୍ତ୍ତମାନ ବି ଜିଲ୍ଲାର ପ୍ରତି ଗ୍ରାମରେ ସ୍ଥାନୀୟ ଯୋଗାଣ ସହାୟକମାନେ ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରିବାରେ ଲାଗି ପଡ଼ିଛନ୍ତି। ଫଳରେ ଆସନ୍ତା ୬ ଦିନରେ ଆହୁରି ଅନେକ ଲୋକ ଅପ୍‌ଡେଟ୍‌ରେ ଯୋଡିହେବେ। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୪.୨୮ ଶତକଡା ଇ-କେୱାଇସି ଅପ୍‌ଡେଟ୍ ହୋଇଥିବା ଜଣାପଡ଼ିଛି। ତେବେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଲୋକେ ଉ ପର୍ବତ, ବଡ ପଥର କିମ୍ବା ଗଛ ଉପରକୁ ଚଢି ଇ-କେୱାଇସି ଅପ୍‌ଡେଟ୍ କରୁଥିବା ଦେଖିବାକୁ ମିଳିଥିଲା।ଜିଲ୍ଲାରେ ଥୁଆମୂଳ ରାମପୁର, ଏମ୍‌ରାମପୁର, ଭବାନୀପାଟଣା ଓ ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ୩୨ଟି ପଞ୍ଚାୟତ (ସେଣ୍ଟର) ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ରହିଛି। ସେଠାରେ ନେଟ୍‌ୱର୍କ ପାଇଁ କୌଣସି ଉଚ୍ଚ ସ୍ଥାନ ଉପରକୁ ଚଢି ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରାଯାଉଛି। ଏହି ସମୟରେ ହିତାଧିକାରୀଙ୍କ ରାସନ କାର୍ଡରେ ଥିବା ନାଁ ଓ ଆଧାରକାର୍ଡ ଯାଞ୍ଚ ପରେ ଫିଙ୍ଗରପ୍ରିଣ୍ଟ କିମ୍ବା ଆଇସ୍କାନ୍ କରାଯାଉଛି। ପରିବାରର ଯେଉଁ ସଦସ୍ୟଙ୍କ ନାମରେ ରାସନ ସାମଗ୍ରୀ ମିଳୁଛି ସେମାନଙ୍କର ଯାଞ୍ଚ କରାଯାଉଛି। ପରେ ଇ-କେୱାଇସି ମାଧ୍ୟମରେ ଡିଲର ଅପଡେଟ୍ କରୁଛନ୍ତି। ଜିଲ୍ଲାର ଦୁର୍ଗମ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକର ୨୨ଟି ପଞ୍ଚାୟତରେ ଏହି ସବୁ ସମସ୍ୟା ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସେଠାରେ ୭୫ ହଜାର ୫୪୭ ସଦସ୍ୟ ମଧ୍ୟରୁ ୬୭ହଜାର ୯୧୦ (୮୯.୮୯ ଶତକଡା) ସଦସ୍ୟ ଇ-କେୱାଇସି ଅପ୍‌ଡେଟ୍ କରିଛନ୍ତି। ବର୍ତ୍ତମାନ ଜିଲ୍ଲାର ଅନେକ ବାହାରକୁ ଦାଦନ ଖଟି ଯାଇଥିବା ବେଳେ ଛୋଟ ଓ କେତେକ ବୃଦ୍ଧାବୃଦ୍ଧଙ୍କ ବାୟୋମେଟ୍ରିକ ମଧ୍ୟ ଆସୁ ନ ଥିବାରୁ ଇ-କେୱାଇସି ଅପ୍‌ଡେଟ୍ ହୋଇ ପାରୁନାହିଁ। କଳାହାଣ୍ଡି ଜିଲ୍ଲାରେ ଦାଦନ ଗୋଟେ ବଡ଼ ସମସ୍ୟା ହୋଇରହିଛି।ଘରେ ପିଲାମାନଙ୍କୁ ଛାଡି ଅଭିଭାବକ ଜିଲ୍ଲା ବାହାରେ ରହୁଛନ୍ତି।ସେ କ୍ଷେତ୍ରରେ ଯୋଗାଣ ବିଭାଗ ରାସନ କାର୍ଡ ଅପଡେଟ କରିବାରେ କୋହଳ ନୀତି ଅବଲମ୍ବନ କରୁଥିବା ପ୍ରକାଶ। ତଥାପି ଅଧିକରୁ ଅଧିକ କିପରି ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରାଯାଇପାରିବ ସେ ନେଇ ଚେଷ୍ଟା ଚାଲିଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ରଙ୍କ ଠାରୁ ଜଣାପଡ଼ିଛି।

■ ତେନ୍ତୁଳି ଗଛକୁ ବଜ୍ରପାତ

## ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



**ମ.ରାମପୁର, ୨୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଡ଼ମକର୍ଲ୍ଲକ୍ଷଖୁଣ୍ଟା ଗ୍ରାମରେ ଘଡଘଡି ଶହ ବର୍ଷା ହେବା ସମୟରେ ବିରାଟ କାୟ ତେନ୍ତୁଳି ଗଛକୁ ବଜ୍ରପାତ ଯୋଗୁଁ ଟଳି ପଡ଼ି ଘର ଉପରେ ଗଛ ପଡ଼ିଥିବା ବେଳେ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି ଗୋଟିଏ ପରିବାର। ଡ଼ମ କର୍ଲ୍ଲକ୍ଷଖୁଣ୍ଟା ଗ୍ରାମର ସୁଶାନ୍ତ ଛତ୍ରିଆ ଓ ତାଙ୍କ ସ୍ତ୍ରୀ ଦୁଇଟି ଶିଶୁ ସେହି ଚାଳ ଛପର ଆଜବେଷ୍ଟର ଘରେ ଥିବା ସମୟରେ ପ୍ରବଳ ବର୍ଷା ସମୟରେ ଘର ପାଖରେ ଥିବା ତେନ୍ତୁଳି ଗଛକୁ ବଜ୍ରପାତ ହୋଇଥିଲା ଫଳରେ ଗଛ ଘର ଉପରେ ପଡ଼ିଥିଲା। ଚାଳ ଛପର ଆଜବେଷ୍ଟର ଭାଙ୍ଗି ଯିବା ସହ ଧାନ ଚାଉଳ ଘରର ସମସ୍ତ ସାମଗ୍ରୀନଷ୍ଟ ହେବା ସହ ବହୁ କ୍ଷୟକ୍ଷତି ହୋଇଛି କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଯାଇଛନ୍ତି ସପରିବାର। ଘର ବିଦ୍ୟୁତ ତାର ଯାଇ ଥିବାରୁ ତାହା ମଧ୍ୟ ଛିଣ୍ଡି ଘର ଉପରେ ପଡ଼ିଯାଇଛି।ମ. ରାମପୁର ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିବାରୁ ତୁରନ୍ତ ଆସି ଗଛକୁ କାଟିବାରେ ସଫା କରିବାରେ ଲାଗିଛନ୍ତି।ସରକାର ତୁରନ୍ତ ଅସହାୟ ସୁଶାନ୍ତକୁ ସମସ୍ତ ସରକାରୀ ଯୋଜନାରେ କ୍ଷୟକ୍ଷତିର ଆକଳନ କରି ଆବାସ ଯୋଜନାରେ ଘର ଦେବାକୁ ଦାବି ହେଉଛି।

## ଡକ୍ଟର ବିପି ମିଶ୍ର ସ୍ମୃତି କମିଟିର ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୨୫।୧୦ (ସମିସ):** ସ୍ଥାନୀୟ ସାକ୍ଷୀପଡ଼ାରେ ଡକ୍ଟର ବିପି ମିଶ୍ର ସ୍ମୃତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଆଦିତ୍ୟ ପାଢ଼ୀ, ସମ୍ପାଦକ ପ୍ରଫୁଲ୍ଲ ହୋତା, ଚକ୍ରଧର ମିଶ୍ର, ଉଦ୍ଧବ ମହାପାତ୍ର, ସଞ୍ଜୀବ ମିଶ୍ର, ପ୍ରଦୀପ ପଣ୍ଡା, ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସର୍ବ ସହମତିକ୍ରମେ ଚଳିତ ବର୍ଷ ଓଡ଼ିଶାର ବିଶିଷ୍ଟ ହୃଦୟରୋଗ ବିଶେଷଜ୍ଞ ଡାକ୍ତର ଅକ୍ଷୟ କୁମାର ସାମଲଙ୍କୁ ବିପି ମିଶ୍ର ସମ୍ମାନରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି।

## ରାଧାଗୋବିନ୍ଦ ସଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଦିବସ



**କର୍ଲାମୁଣ୍ଡା, ୨୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଭଟାପଲାରେ ରାଧାଗୋବିନ୍ଦ ସଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଓ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ରାଜ୍ ପ୍ରତାପ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ବୋରପଦର ସରପଞ୍ଚ ସୁବାଷ ସାହୁ, ବିଜେଡି ବ୍ଲକ ସଭାପତି ଯଶୋବନ୍ତ ସାହୁ, ପୂର୍ବତନ ସରପଞ୍ଚ ମାଧବ ସାହୁ, ପୂର୍ବତନ ସମିତି ସଭ୍ୟ ବୈଷ୍ଣବ ସାହୁ, ସାମ୍ବାଦିକ ପ୍ରଦୀପ କୁମାର ସାହୁ, ସାମ୍ବାଦିକ ନବୀନ କୁମାର ସାହୁ, ବନପାଳ ସମ୍ପଦ କୁମାର, ସ୍ଥାନୀୟ ହାଇସ୍କୁଲର ହିନ୍ଦୀ ଶିକ୍ଷକ ବିଶ୍ୱାମିତ୍ର ଭୋଇ, ୱାର୍ଡମେମ୍ବର ଭାସ୍କର ସାହୁ, ମୁକେଶ କୁମାର, ରମେଶ ସାହୁ, ସରୋଜ ସାହୁ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନ ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସଭା କାର୍ଯ୍ୟକ୍ରମକୁ କ୍ଷୀରସାଗର କୁମାର ସଂଯୋଜନା କରିଥିଲେ। ତେବେ ବଲାଙ୍ଗିର ଏଲ ଏକ୍ସ ମ୍ୟୁଜିକ ସୁର ସଙ୍ଗମ କଳାକାରଙ୍କ ଦ୍ୱାରା ପରିବେଷିତ ସଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

## ଟ୍ରେନରୁ ଖସିପଡ଼ି ମହିଳା ଗୁରୁତର

**କେସିଙ୍ଗା, ୨୫ ।୧୦ (ସମିସ):** ଜଣେ ମହିଳା ଟ୍ରେନରୁ ଖସିପଡ଼ି ଗୁରୁତର ଅବସ୍ଥାରେ କେସିଙ୍ଗା ମେଡିକାଲ ରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ଶନିବାରଦିନ ୧୧ ଟା ସମୟରେ ବଲାଙ୍ଗିର ଜିଲ୍ଲା ଖପରାଖୋଲ ବ୍ଲକ ଲହଡୁଙ୍ଗୁରୀ ଗ୍ରାମର ସେବତୀ ଭୋଇ(୪୦)ନାମକ ଜଣେ ମହିଳା ଟ୍ରେନରୁ ପଡ଼ିଯାଇ ଗୁରୁତର ଆହତ ହୋଇ କେସିଙ୍ଗା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଛି। ମହିଳା ଜଣକଙ୍କ ବାମ ହାତର ପାପୁଲି ଓ ଆଙ୍ଗୁଠିରେ ଓ ମୁହଁରେ ଗଭୀର ଆଘାତ ଲାଗିଛି। ମହିଳା ଜଣକ ଟ୍ରେନରୁ କେତେ ବେଳେ ପଡ଼ିଯାଇଛନ୍ତି କିଏ ଜାଣି ନାହାନ୍ତି ପରେ ଜଣେ ସହୃଦୟ ବ୍ୟକ୍ତି କେସିଙ୍ଗାର ବରିଷ୍ଠ ସାମ୍ବାଦିକ ମହମ୍ମଦ ଆଗାଜାନଙ୍କୁ ମହିଳା ବିଷୟରେ ଖବର ଦେବାରୁ ସାମ୍ବାଦିକ ଜଣକ ନିଜର ବୋଲେରୋ ଗାଡ଼ି ନେଇ ଘଟଣା ସ୍ଥଳରେ ପହଞ୍ଚି ଆରପିଏଫର ସହାୟତାରେ ନିଜେ ଷ୍ଟ୍ରେଚର୍‌ରେ ମହିଳାଙ୍କୁ ବୋହି ନିଜ ଗାଡ଼ିରେ ଉକ୍ତ ଆହତ ମହିଳାଙ୍କୁ କେସିଙ୍ଗା ମେଡିକାଲ ରେ ଭର୍ତ୍ତି କରାଇଥିଲେ। ସାମ୍ବାଦିକଙ୍କ ଉକ୍ତ ସାହାଯ୍ୟକୁ ସହରର ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଉଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

**ଜମନକିରା, ୨୫ ।୧୦(ସମିସ):** ଜମନକିରା ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକା ବିଭାଗର ମାଆମାନଙ୍କୁ ନେଇ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମାତୃ କର୍ମଶାଳାରେ ବିଦ୍ୟାଳୟର ସଭାପତି ସାଲେକରାମ ପ୍ରଧାନ ଓ ବିଦ୍ୟାଳୟର ଉପସଭାପତି ଦିଲ୍ଲୀପ ବହିଦାର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରଳୀ ମିଶ୍ର ସ୍ୱଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିଶୁ ବାଟିକା ବିଭାଗର ପ୍ରମୁଖ ତିଲେଶ୍ୱରୀ ଖମାରୀଙ୍କ ତତ୍ତ୍ୱାବଧାନରେ କାଳାଂସ ଗୁଡିକ ଅନୁଷ୍ଠିତ ହୋଇଥିଲା। ଏହି କାଳାଂଶ ଗୁଡିକୁ ନେବା ପାଇଁ ସରସ୍ୱତୀ ଶିଶୁ ମନ୍ଦିର ଭୋଜପୁରୀର ଶିଶୁ ବାଟିକା ପ୍ରମୁଖ ଆରତୀ ବାରିକ ସହଯୋଗ କରିଥିଲେ। ବିଦ୍ୟାଳୟର ଗୁରୁମା' ଛବି ରାଣୀ ଗଡ଼ନାୟକ ଓ ନିରୁପମା ସାହୁ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ଉକ୍ତ ମାତୃ କର୍ମଶାଳାରେ ଶିଶୁ ବାଟିକା ବିଭାଗର ୬୬ଜଣ ମାଆ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ 'ବ୍ୟବସାୟ ଯୋଜନା'ତାଲିମ

**ସମ୍ବଲପୁର, ୨୫ ।୧୦ (ସମିସ):** ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଆନୁକୂଲ୍ୟରେ ଲପଙ୍ଗା ପଞ୍ଚାୟତର ଖଡ଼ିଆପାଲି, ଜଙ୍ଗଲାପଞ୍ଚାୟତର ଜଙ୍ଗଲା ଓ ବୋମାଲୋଇ ପଞ୍ଚାୟତର ତିଳେଇମାଲରେ ତିନି ଦିନ ଧରି 'ବ୍ୟବସାୟ ଯୋଜନା' ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଦିତ୍ୟ ଆଲୁମିନିୟମର ସିଏସଆର୍ ମ୍ୟାନେଜର ରବି ନିବାସ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ଡେପୁଟି ମ୍ୟାନେଜର ମନୋରଞ୍ଜନ ବେହେରା ଉପସ୍ଥିତ ରହି ମହିଳା ଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଦଳରେ ଏକତା, ଆଗ୍ରହ ଓ ଧୈର୍ଯ୍ୟ ରହିଲେ ଯେ କୌଣସି ଦଳ ନିଶ୍ଚୟ ଭଲ ବ୍ୟବସାୟ କରି ଆର୍ଥିକ ଭାବେ ଲାଭବାନ ହୋଇପାରିବେ ବୋଲି କହିଥିଲେ। କେଉଁଝରରୁ ଶିବନାଥ ପଧାନ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ତୃତୀୟ ଦିନରେ ହୀରାକୁଦ ହିଣ୍ଡାଲ୍‌କୋ ସିଏସ୍‌ଆରରୁ ସୁକାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମର ତର୍ଜମା କରିଥିଲେ।ସ୍ୱୟଂ ସହାୟକ ଗୋଷ୍ଠୀର ଭିତିଭୂମିକୁ ନଜରରେ ରଖି ବିଭିନ୍ନ ବ୍ୟବସାୟିକ ଯୋଜନା ଗୁଡିକ ବିଷୟରେ ଗୀତ, ଖେଳ ଓ ଗପ ମାଧ୍ୟମରେ ବୁଝାଯାଇଥିଲା। କିଛି ମହିଳା ମଧ୍ୟ ଛୋଟ ଛୋଟ ବ୍ୟବସାୟ କରୁଛନ୍ତି ବୋଲି ପରିପ୍ରକାଶ କରିଥିଲେ। ଯେପରି ଛତୁ ଚାଷ, ମାଛ ଚାଷ, ପନିପରିବା ଚାଷ, ମାଣ୍ଡିଆ ମିକ୍ସଚର, ଫିନାଇଲ, ଆୟୁର୍ବେଦିକ ଚା ପାଉଡର ଇତ୍ୟାଦି। ଆଉ କିଛି ମହିଳା ଗୋଷ୍ଠୀ ନିକଟ ଭବିଷ୍ୟତରେ ବିଭିନ୍ନ ବ୍ୟବସାୟ କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ।ସିଏସ୍‌ଆର ଟିମ୍‌ରୁ ପୁନମ ଓରାମ, ଦୀପାଳି ମହାନ୍ତି, ପଙ୍କଜିନୀ ଭଦ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଙ୍ଗଲା ପଞ୍ଚାୟତର ସରପଞ୍ଚ ମୁରାରୀ ବିଶ୍ୱାଳ, ବୋମାଲୋଇ ପଞ୍ଚାୟତର ସରସ୍ୱତୀ ପଧାନ, ଖଡିଆପାଲି ଗ୍ରାମର ସଭାପତି ସୁଶାନ୍ତ କୁମାର ବାରିକ ପ୍ରମୁଖ ଯୋଗଦାନ କରିଥିଲେ। ୨୦ଟି ଗ୍ରାମରୁ ୧୫୦ ଜଣ ମହିଳା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମନୋରଞ୍ଜନ ବେହେରା ମହିଳା ଗୋଷ୍ଠୀର ମହିଳାମାନଙ୍କୁ ଆଗାମୀ ଦିନରେ କିପରି ତାଲିମକୁ ଉପଯୋଗ କରି ସକ୍ରିୟ ଭାବେ ବ୍ୟବସାୟ କରି ପାରିବେ ବୁଝାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳାମାନେ ଆଦିତ୍ୟ ଆଲୁମିନିୟମ କାର୍ଯ୍ୟକ୍ରମକୁ ପ୍ରଶଂସାକରିବା ସହିତ ଧନ୍ୟବାଦ ଦେଇଥିଲେ।



ସାପୁଆ କେଳାଙ୍କ କଳାକାରନାମା

# ନକଲି ସୁନା ଦେଇ ୨ଲକ୍ଷ ୧୦ହଜାର ଲୁଟି ନେଲେ

**ଧର୍ମଗଡ଼, ୨୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ଛକ ଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯାଯାବର ବେଶରେ ସାପୁଆକେଳାମାନେ ନକଲି ସୁନା ଦେଇ ୨ଲକ୍ଷ ୧୦ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି।ସୂଚନା ମତେ କିଛିଦିନ ତଳେ ବୃନ୍ଦାବାହାଲ ଛକ ନିକଟସ୍ଥ ଶ୍ରୀରାମପଡ଼ା ଠାରେ ଯାଯାବରମାନେ ତମ୍ବୁ କରି ରହି ଆସୁଥିଲେ। ଗାଁ ଗାଁ ବୁଲି ସାପୁଆକେଳା ବୃତ୍ତି କରି ପେଟପାଟଣା କରୁଥିଲେ ଓ ନିରୀହ ଲୋକ ଦେଖି ଲୁଟୁଥିଲେ ମୋଟା ରକମର ଟଙ୍କା। ଶନିବାର ଦିନ ୨ଜଣ ମହିଳା ଓ ୪ଜଣ ପୁରୁଷ ବୃନ୍ଦାବାହାଲ ଛକ ସ୍ଥିତ ଏକ ସିଏସସି ସେଣ୍ଟରର ମାଲିକ ଗୟାରାମ ବଗର୍ତ୍ତିଙ୍କ ଦୋକାନ ନିକଟକୁ ଆସି ଆମ ପାଖରେ କିଛି ଅର୍ଜିନାଲ ସୁନା ଅଛି।ଗାଁ ଗାଁ ବୁଲୁଥିବା ସମୟରେ ଆମେ କିଛି ସୁନା ଗହଣା ପାଇଛୁ ଏହାକୁ ଆମେ ବିକ୍ରି କରିବାର ଅଛି ବୋଲି କହିଥିଲେ। ୩୫୦ଗ୍ରାମ ସୁନାକୁ ୪ଲକ୍ଷ ୧୦ହଜାର ଟଙ୍କା ରେ ମୁଲଚାଲ କରିଥିଲେ।ଏଥିରେ ଦୋକାନୀ ଜଣକ ୨ଲକ୍ଷ ୧୦ହଜାର ଟଙ୍କା ଦେବା ପାଇଁ କହିବାରୁ ସାପୁଆ କେଳାମାନେ ରାଜି ହୋଇଥିଲେ। ତେବେ ଲୋଭରେ ପଡ଼ି ୨ଲକ୍ଷ ୧୦ହଜାର ଟଙ୍କା ଦୋକାନୀ ଜଣକ ଦେଇ ଦେଇଥିଲେ।ଟଙ୍କା ପାଇବା ମାତ୍ରକେ ସାପୁକା କେଳାଣୀମାନେ ଉକ୍ତ ଜାଗା ଛାଡି ଚାଲିଯାଇଥିଲେ।ପରେ ଦୋକାନୀ ଗୟାରାମ ବଗର୍ତ୍ତି ଉକ୍ତ ସୁନାକୁ ନେଇ ଏକ ସୁନା ଅଳଙ୍କାର ତିଆରି କରୁଥିବା ଏକ ଦୋକାନକୁ ଟେଷ୍ଟିଂ ପାଇଁ ଦେଇଥିଲେ। ତେବେ ସେଠାରେ ସବୁ ସୁନା ଗୁଡିକ ନକଲି ବୋଲି ଜଣାପଡ଼ିଥିଲା। ତେବେ ସବୁ ସୁନା ନକଲି ବୋଲି ଜଣା ପଡ଼ିବା ପରେ ଦୋକାନୀ ଗୟାରାମ ବଗର୍ତ୍ତି ଠକାମୀର ଶିକାର ହୋଇଥିବା ସେ ଜାଣିବାକୁ ପାଇଥିଲେ। ଯାଯାବରମାନେ ତମ୍ବୁ କରି ରହୁଥିବା ସ୍ଥାନକୁ ଯାଇ ଦେଖିବା ବେଳକୁ ଉକ୍ତ ଜାଗା ଛାଡି ଚମ୍ପଟ ମାରିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଗୋଲାମୁଣ୍ଡା ପୁଲିସକୁ ସେ ଜଣାଇଥିଲେ ଘଟଣାସ୍ଥଳକୁ ପୁଲିସ ପହଞ୍ଚିଥିଲା।ପରବର୍ତ୍ତୀ ସମୟରେ ଗୟାରାମ ବଗର୍ତ୍ତି ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ ଦେଇଥିବା ଜଣାପଡ଼ିଛି। ନକଲି ସୁନା ଦେଇ ତାଙ୍କ ଠାରୁ ୧ଲକ୍ଷ ୧୦ହଜାର ଟଙ୍କା ଯାଯାବରମାନେ ଲୁଟି ନେଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ଗାଁ ଗାଁ ରେ ଯାଯାବର ସାପୁଆ କେଳାମାନେ ରହି ସାପ ଖେଳ ଦେଖାଇ ପେଟ ପାଟଣା କରୁଛନ୍ତି। ତେବେ ସାପ ଖେଳାଇବା କେବଳ ଆଳ ଦେଖାଇ ଲୋକଙ୍କୁ ନକଲି ସୁନା ଦେଇ ଲୁଟୁ ଥିବା ଏହି ଘଟଣାରୁ ପ୍ରତିପାଦିତ ହେଉଛି। ପୁଲିସ ଏହି ଘଟଣା ପ୍ରତି ତତ୍ପରତା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମେତ ଯାଯାବରଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

ଏକ ଦିବସୀୟ ମେମୋରିଆଲ ଟୁର୍ଣ୍ଣାମେଣ୍ଟ

## ଲୋକାଲ ଇଲେଭେନକୁ ହରାଇ ହାଡ଼ିପାଲି ଚାମ୍ପିଅନ



**ଜମନକିରା, ୨୫ ।୧୦(ସମିସ):** ଜମନକିରା ବ୍ଲକ ଟିକିଲିପଡ଼ା ଭୀମ ଭୌରବ ଫୁଟବଲ ଟିମ ୧୯୯୮ ବ୍ୟାଚ ଆନୁକୂଲ୍ୟରେ ଏକ ଦିବସୀୟ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଟିକିଲିପଡ଼ା ଫୁଟବଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର ମାଝୀ, ସୁରେନ୍ଦ୍ର ମାଝୀ, ପଙ୍କଜ କାଲୋ, ବିଜୟ ଭୋଇ ଓ ବିଜୟ କିସାନ ଉକ୍ତ ପାଞ୍ଚ ଜଣଙ୍କର ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଖେଳକୁ ମୁଖ୍ୟଅତିଥି ଭାବରେ ଟିକିଲିପଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ରୀନା ନାୟକ ଖେଳକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ଟି ଟିମ୍ ଯୋଗ ଦେଇଥିଲେ। ଫାଇନାଲ ଖେଳ ହାଡ଼ିପାଲି ଓ ଲୋକାଲ ଇଲେଭେନ ମଧ୍ୟରେ ଚିତାକର୍ଷକ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ଥିବା ବେଳେ ଶେଷରେ ଟ୍ରାଇବେକର ସାହାଯ୍ୟ ନିଆ ଯାଇଥିଲା। ଏଥିରେ ଲୋକାଲ ଇଲେଭେନକୁ ହରାଇ ହାଡ଼ିପାଲି ଚାମ୍ପିଅନ ହୋଇଥିଲା।ପୁରସ୍କାର ବିତରଣ ସମୟରେ ମୁଖ୍ୟଅତିଥି ଭାବରେ ଟିକିଲିପଡ଼ା ସରପଞ୍ଚ ଅଜିତ ନାଏକ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଏମ୍‌ଡି କୃଷ୍ଣ ଚନ୍ଦ୍ର ସାହୁ, ଜମନକିରା ସାମ୍ବାଦିକ ୟୁନିଅନ ଓ ୟୁଜେ ସଭାପତି କ୍ଷିତି ରଞ୍ଜନ ପଧାନ, ନବଜିତ୍ ଜୟପୁରିଆ, ସହ ଦୀନବନ୍ଧୁ ବଲୁଆ, ଅନ୍ତ ସା, କ୍ଷମା ସାଗର ପ୍ରଧାନ, ଅଜୟ ପ୍ରଧାନ, ବିନୋଦ ପ୍ରଧାନ, ଦିପନ ପଟେଲ, ଭିମ୍ ସେନ ବେକ ଯୋଗ ଦେଇଥିବା ବେଳେ କାଲଚି ପୁଡ଼ାଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧରଣୀଧର ପ୍ରଧାନ ସଭାପତିତ୍ୟ କରିଥିଲେ। ବିଜୟୀ ଦଳକୁ ମୁଖ୍ୟ ଅତିଥି ଟ୍ରଫି ସହ ୧୨ ହଜାର ଟଙ୍କା ପ୍ରଦାନ କରି ଥିବା ବେଳେ ରନଅପ ଟିମ୍‌କୁ ଟ୍ରଫି ସହ ୮ହଜାର ଟଙ୍କା ପ୍ରଦାନ କରିଥିଲେ। ଖେଳକୁ ରାଜେଶ ଜୟ ପୁରିଆ, ପ୍ରଶାନ୍ତ ମୁଣ୍ଡା, ସୁବାଷ ମୁଣ୍ଡା, ବାପି ବାଗ, ଯଶୋବନ୍ତ ପ୍ରଧାନ ପରିଚାଳନା କରିଥିଲେ। ଟିକିଲିପଡ଼ା ଭୀମ ଭୌରବ ଫୁଟବଲ ଟିମ ୧୯୯୮ ବ୍ୟାଚ୍‌ର ସଭାପତି ନବଜିତ ଜୟପୁରିଆ, ରଞ୍ଜନ ପ୍ରଧାନ, ମୁକ୍ତେ ଶ୍ୱର୍ ପ୍ରଧାନ, ଖିତିଶ କୁମାର ପଟେଲ, କ୍ଷମାନିଧି ପ୍ରଧାନ, ବିକାଶ କାଲୋ, ଶିବାଜୀ ବାଗ, କ୍ଷମା ତାଣ୍ଡି, ଚନ୍ଦନ ପିକ, ରୋଷନ ପଟେଲ ପ୍ରଭୃତି ସହ ଯୋଗ କରିଥିଲେ।

ବିଦ୍ୟାଳୟ ବନ୍ଦ ପରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତ

# ମଣିଷ ହେବାର ଅସୁମାରୀ ସ୍ୱପ୍ନ ଭାଙ୍ଗି ଯାଇଛି

**ସିନାପାଲି, ୨୫ ।୧୦(ସମିସ)**

ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଶିକ୍ଷାର ବିକାଶ ସାଙ୍ଗକୁ ଆଦିବାସୀ ବହୁଳ ଅଞ୍ଚଳକୁ ବିକଶିତ କରାଯିବାକୁ ସରକାର ଅନେକ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ପ୍ରତିଶ୍ରୁତି ପାଳନ କରିବାରେ ସରକାର ଅଦ୍ୟାବଧି ଆଖି ଦୃଶିଆ ପଦକ୍ଷେପ ନେଇନାହାନ୍ତି। ଏପରିକି ନୂଆପଡ଼ା ଜିଲ୍ଲାର ବଣ ପାହାଡ ଦୁର୍ଗମ ଜଙ୍ଗଲ ଘେରା ଅଞ୍ଚଳରେ ଗଢି ଉଠିଥିବା ବିଦ୍ୟାଳୟ ବନ୍ଦ ରହିଥିବା ବେଳେ ଅଞ୍ଚଳର ଜନସାଧାରଣ ଓ ଅଭିଭାବକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଚିନ୍ତିତ ଥିବା ବେଳେ ବିଦ୍ୟାଳୟ ପୁନଃ ଚାଲୁ କରିବା ପାଇଁ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।ନୂଆପଡ଼ା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଅନେକ ଗ୍ରାମ ଦୁର୍ଗମ ଜଙ୍ଗଲରେ ରହିଛି। ସେହି ଅଞ୍ଚଳରେ ଥିବା ଗୋଟିଏ ଗ୍ରାମରୁ ଅନ୍ୟ ଏକ ଗ୍ରାମରେ ଥିବା ବିଦ୍ୟାଳୟକୁ ପାଠପଢ଼ି ଯିବା କାଠିକର ପାଠ। ଘଞ୍ଚ ଜଙ୍ଗଲରେ ଅନେକ ହିଂସ୍ର ଜୀବଜନ୍ତୁ ଭୟ ରହିବା ସହ ଆଜିବି ଅନେକ ନଦୀ ନାଳ ଝରଣା ଅତିକ୍ରମ କରି ଗୋଟିଏ ଗାଁରୁ ଅନ୍ୟ ଏକ ଗାଁକୁ ଯିବାକୁ ପଡୁଛି। ତେବେ ଏଭଳି ପରିସ୍ଥିତି ରେ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଠ ପଢ଼ିବା ରେ ଡୋରି ବନ୍ଧା ହୋଇଯାଇଛି ବୋଲି ଉପାନ୍ତ ଅଞ୍ଚଳର ଜନସାଧାରଣ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।ବନ୍ଦ ହୋଇ ପଡ଼ିଥିବା ଅନେକ ଗ୍ରାମର ବିଦ୍ୟାଳୟ ରେ ତାଲା ଝୁଲୁଥିବା ବେଳେ ସେଠିକାର ଶିଶୁମାନେ ଖେଳକୁଦ ଘରୋଇ କାମ ସାଙ୍ଗକୁ



ଅନ୍ୟାନ୍ୟ କାମରେ ନିୟୋଜିତ ହେଉଛନ୍ତି। ପାଠ ପଢ଼ି ଦିନେ ଭଲ ମଣିଷ ହୋଇ ଦେଶ ମାତୃକା ସେବାରେ ନିୟୋଜିତ କରାଇବର ଯେଉଁ ସ୍ୱପ୍ନ ବାପା-ମାଆ ଦେଖିଥିଲେ ତାହା ଆଜି ମଉଳି ଯାଇଛି।ଶିଶୁ ହସିଲେ ଦେଶ ହସିବା ସହ ଯେଉଁ ଦେଶ ଶିକ୍ଷା କ୍ଷେତ୍ରରେ ଆଗୁଆ ସେହି ଦେଶ ସେତେ ଉନ୍ନତ। ହେଲେ ଆଜି ସରକାରୀ କ୍ଷେତ୍ରରେ ଶିକ୍ଷାକୁ ସେତେଟା ଗୁରୁତ୍ୱ ଦେଉ ନ ଥିବା ଭଳି ମନେ ହେଉଥିବା ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଶିକ୍ଷାର ମାନ ଦିନକୁ ଦିନ ହ୍ରାସ ପାଉଥିବା ବେଳେ ଉପାନ୍ତ ଅଞ୍ଚଳରେ ଶିକ୍ଷା କୁ ଆହୁରି ସୁଦୂର ପ୍ରସାରି କରିବାର ଆବଶ୍ୟକତା ରହିଛି। ଏବେ ସେଠିକାର ପିଲାମାନେ ପାଠ ପଢ଼ିବା ରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନ ବିଦ୍ୟାଳୟ ଗୁଡିକକୁ ପରିଦର୍ଶନ କରିବା ପାଇଁ ଦାବି ହେଉଛି ହେଲେ ଜିଲ୍ଲା ଶିକ୍ଷା ବିଭାଗ ନିରବଦଷ୍ଟା ସାଜିଛି। ଦିନେ କୁନିକୁନି ଛାତ୍ରଛାତ୍ରୀଙ୍କ ଶବ୍ଦରେ ଫାଟି ପଡୁଥିବା ବିଦ୍ୟାଳୟ ଏବେ ଭୂତ କୋଠି ପଲଟିଛି। ଅନେକ ଥର ପ୍ରଶାସନକୁ ଗୁହାରି କଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ ଓ ସ୍ଥାନୀୟ ବାସିନ୍ଦା। କୁନି କୁନି ପିଲାଙ୍କ ଆଖିରେ ଅସୁମାରି ସ୍ୱପ୍ନ, ବିଦ୍ୟାଳୟ ଖୋଲିବ ଏବଂ ସେହି ବିଦ୍ୟାଳୟରେ ପାଠ ପଢ଼ିବେ। ହେଲେ ବନ୍ଦ ପଡ଼ିଥିବା ବିଦ୍ୟାଳୟ ପାଇଁ ମଣିଷ ହେବାର ସ୍ୱପ୍ନ ଭାଙ୍ଗି ଯାଇଛି। ସୂଚନା ଅନୁସାରେ ନୂଆପଡ଼ା ବ୍ଲକରେ ୪୮, କୋମନା ବ୍ଲକରେ ୫୭, ଖଡ଼ିଆଳ ବ୍ଲକରେ୨୨, ବୋଡ଼େନ ବ୍ଲକରେ ୧୦ ଓ ସିନାପାଲି ବ୍ଲକରେ ୨୨ଟି ବିଦ୍ୟାଳୟ ବନ୍ଦ ହୋଇ ପଡ଼ିରହିଛି। ଅନେକ ସମୟରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଶୁଣୁ ନାହାଁନ୍ତି ବୋଲି କହିଛନ୍ତି ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ଜନସାଧାରଣ। ଏ ସମ୍ପର୍କରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ଯାଇଛି ବୋଲି କହୁଥିବା ବେଳେ ବର୍ତ୍ତମାନ ନୂଆପଡ଼ା ଉପନିର୍ବାଚନରେ ନୂଆପଡ଼ାକୁ ବିଭାଗୀୟ ମନ୍ତ୍ରୀ ସମେତ ମୁଖ୍ୟମନ୍ତ୍ରୀ ଗସ୍ତରେ ଅସିଛନ୍ତି। ଭୋଟ ହାତେଇବା ପାଇଁ ଚାଲିଛି ବଳ କଷାକଷି ସମରସଜ୍ୟା କସରତ। ଏହି ଭଳି ସ୍ଥାନୀୟ ସମସ୍ୟା ସରକାର ଭୁଲି ଯାଇଥିବା ବେଳେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍କୁଲ ବ୍ୟବସ୍ଥା ଉପରେ ମୁହଁ ଖୋଲୁ ନାହାନ୍ତି। ତେବେ ଉପାନ୍ତ ଅଞ୍ଚଳର ଶିଶୁଙ୍କ ଭାଗ୍ୟ ବଦଳିବ ନା ଆଉ କଣ ହେବ ତାକୁ ନେଇ ଅପେକ୍ଷା କରିଛନ୍ତି ଉପାନ୍ତବାସୀ।